ନରେନ୍ଦ୍ର ନନ୍ଦନିକା

ନରେନ୍ଦ୍ର ନନ୍ଦନିକା

(ପ୍ରଫେସର ନରେନ୍ଦ୍ରନାଥ ମିଶ୍ର ଅଭିନନ୍ଦନ ଗ୍ରନ୍ଥ)

ସମ୍ପାଦନା

ଡ. ବ୍ରଜନାଥ ରଥ
ଡ. ନିତ୍ୟାନନ୍ଦ ଶତପଥୀ
ଡ. ବସନ୍ତ ପଣ୍ଡା
ଶ୍ରୀ କାଳୀପଦ ପଣ୍ଡା

ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର

Digitized by srujanika@gmail.com

ନରେନ୍ଦ୍ର ନନ୍ଦନିକା

(ପ୍ରଫେସର ନରେନ୍ଦ୍ରନାଥ ମିଶ୍ର ଅଭିନନ୍ଦନ ଗ୍ରନ୍ଥ)

ପ୍ରକାଶକ ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ଶ୍ରୀକଣ୍ଠପୁର, ବାଲେଶ୍ୱର
• ମୋ: ୯୪୩୭୦୮୯୨୪୧ • ପ୍ରଚ୍ଛଦ : ବିଜୟ କୁମାର ପ୍ରଧାନ
• ମୁଦ୍ରଣ : ଗୁରୁପ୍ରସନ୍ନ ପ୍ରେସ, କଟକ • ପ୍ରକାଶ କାଳ : ୧୦ ମଇ -୨୦୧୧
• ମୂଲ୍ୟ : ଟ.୨୦୦/-

NARENDRA NANDANIKA

Publisher : SUBARANASHREE PRAKASHINI, Shreekanthapur, Balasore
• Mob : 9437089241 • **Cover Design** : Bijay Kumar Pradhan
• **Printed at** : Guruprasanna Press, Cuttack • **Date of Publication** : 10th May -2011 • **Price** : Rs. 200 /-

Digitized by srujanika@gmail.com

ପ୍ରଫେସର ନରେନ୍ଦ୍ରନାଥ ମିଶ୍ର ଅଭିନନ୍ଦନ କମିଟି

ସଭାପତି

ଡ. ବ୍ରଜନାଥ ରଥ

କାର୍ଯ୍ୟକାରୀ ସଭାପତି

ଶ୍ରୀ ବାଞ୍ଛାନିଧି ଦାସ

ସଂପାଦକ

ଶ୍ରୀ କାଳୀପଦ ପଣ୍ଡା

ସଦସ୍ୟବୃନ୍ଦ

ଡ. ଶ୍ୟାମସୁନ୍ଦର ମହାପାତ୍ର
ଡ. ଦୁର୍ଗାପ୍ରସନ୍ନ ପଣ୍ଡା
ଡ. ବସନ୍ତ କୁମାର ପଣ୍ଡା
ଡ. ନିତ୍ୟାନନ୍ଦ ଶତପଥୀ
ଡ. ଭାଗୀରଥି ନାୟକ
ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ
ଶ୍ରୀମତୀ ଗୀତା ମିଶ୍ର

Digitized by srujanika@gmail.com

ଗ୍ରନ୍ଥ ସଂପର୍କରେ...

ଭିନ୍ନଭିନ୍ନ ସମୟରେ ବାଲେଶ୍ୱର ଜିଲ୍ଲାରେ ବହୁ ପ୍ରଜ୍ଞାପୁତ୍ର ଜନ୍ମନେଇ ସ୍ୱକୀୟ ପ୍ରତିଭାବଳରେ ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରି ସମଗ୍ର ଉତ୍କଳମାଟିକୁ ଗୌରବାନ୍ୱିତ କରିଛନ୍ତି । ସେହିଭଳି ଜଣେ ସାରସ୍ୱତ ବରପୁତ୍ର ହେଉଛନ୍ତି ଡ. ନରେନ୍ଦ୍ର ନାଥ ମିଶ୍ର । ସ୍ୱାଧୀନତା ଆନ୍ଦୋଳନର ରଣଝଙ୍କାର ଯେତେବେଳେ ସମଗ୍ର ଦେଶରେ ଝଙ୍କୃତ ହେଉଥିଲା, ଠିକ୍ ସେହି ସମୟରେ ୧୯୨୮ ମସିହା ମେ ମାସର ନଅ ତାରିଖରେ ସୋର ନିକଟବର୍ତ୍ତୀ ଗିଲିଦା ଗାଁରେ ଏକ ଐତିହ୍ୟସଂପନ୍ନ ମିଶ୍ର ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ଆଜି ସେ ୮୩ବର୍ଷ ବୟସରେ କ୍ଳାନ୍ତ ପଥିକସମ କାଳାତିପାତ କରୁଛନ୍ତି । ତଥାପି ତାଙ୍କର ଉପସ୍ଥିତି ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ । ପ୍ରଫେସର ମିଶ୍ରଙ୍କ ଭଳି ଜଣେ ସୁସାହିତ୍ୟିକଙ୍କ ଜୀବନ ଓ ସାରସ୍ୱତ କୃତିର ଆକଳନ ଆଜିଯାଏ ହୋଇପାରି ନାହିଁ । ବିଳମ୍ବରେ ହେଲେ ମଧ୍ୟ ତାଙ୍କ ଭଳି ଜଣେ ପ୍ରଚଣ୍ଡ ପ୍ରତିଭାଧରଙ୍କୁ ଉତ୍ତରପିଢ଼ିଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ଏଇମାତ୍ର ଉଦ୍ୟମ ଆରମ୍ଭ ହୋଇଛି ।

ଆଜକୁ ଏକବର୍ଷ ତଳେ ପ୍ରଫେସର ମିଶ୍ରଙ୍କ ପ୍ରତିଭାମୁଗ୍ଧ 'ଇସ୍ତାହାର' ପତ୍ରିକାର ପ୍ରତିଷ୍ଠାତା ସଂପାଦକ ପ୍ରଫେସର ଡ. ନିତ୍ୟାନନ୍ଦ ଶତପଥୀ ଏହାର ଆଦ୍ୟ ଉଦ୍ୟୋକ୍ତା ଭାବେ ସୁଦୂର ଭୁବନେଶ୍ୱରରୁ ଆସି ବାଲେଶ୍ୱଠାରେ ପହଞ୍ଚି ସାହିତ୍ୟିକମାନଙ୍କର ମିଳନସ୍ଥଳ 'ବିଶ୍ୱଶ୍ରୀପ୍ରେସ୍'ରେ କେତେଜଣ ସାହିତ୍ୟିକଙ୍କୁ ଡକାଇ ବିଶିଷ୍ଟ କବି ବ୍ରଜନାଥ ରଥଙ୍କ ପୌରୋହିତ୍ୟରେ **'ପ୍ରଫେସର ନରେନ୍ଦ୍ରନାଥ ମିଶ୍ର ଅଭିନନ୍ଦନ କମିଟି'** ଗଠନ କଲେ; ଯେଉଁଥିରେ ସଭାପତି ଭାବେ କବି ଶ୍ରୀ ବ୍ରଜନାଥ ରଥ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରାବନ୍ଧିକ ଶ୍ରୀ ବାଞ୍ଛାନିଧି ଦାସ, ସଂପାଦକ ଭାବେ ଶ୍ରୀ କାଳୀପଦ ପଣ୍ଡା ତଥା ସଭ୍ୟ ରୂପେ ପ୍ରଫେସର ଡ. ଶ୍ୟାମସୁନ୍ଦର ମହାପାତ୍ର, ପ୍ରଫେସର ଡ. ନିତ୍ୟାନନ୍ଦ ଶତପଥୀ, ଡ. ଦୁର୍ଗାପ୍ରସନ୍ନ ପଣ୍ଡା,

Digitized by srujanika@gmail.com

ଡ. ଭାଗୀରଥି ନାୟକ, ଡ. ବସନ୍ତ କୁମାର ପଣ୍ଡା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଶ୍ରୀମତୀ ଗୀତା ମିଶ୍ର ମନୋନିତ ହୋଇଥିଲେ ।

ଦୀର୍ଘ ଏକବର୍ଷ ବ୍ୟାପି ଉଦ୍ୟମ ପରେ ଆଜି ପ୍ରଫେସର ମିଶ୍ରଙ୍କ କୃତି ଓ ତାଙ୍କ ସହ ଥିବା ପ୍ରତ୍ୟକ୍ଷ ସଂପର୍କର ସ୍ମୃତିଚାରଣ ସମ୍ବଳିତ 'ନରେନ୍ଦ୍ର ନନ୍ଦନିକା'ଗ୍ରନ୍ଥଟି ପ୍ରକାଶ ପାଉଛି । ଏଥିରେ ତାଙ୍କର ସହପାଠୀ, ସହକର୍ମୀ, ଛାତ୍ରଛାତ୍ରୀ ଓ ଆତ୍ମୀୟସ୍ୱଜନ ନିଜନିଜର ଆଲେଖ୍ୟ ପ୍ରଦାନ କରିଛନ୍ତି । ଏହା ପ୍ରଫେସର ମିଶ୍ରଙ୍କୁ ଜାଣିବା ଦିଗରେ ବିଶେଷ ସହାୟକ ହେବ ବୋଲି ଆଶା ।

କବି ବ୍ରଜନାଥ ରଥ ଏହି ଗ୍ରନ୍ଥର ନାମକରଣ କରିବା ସହ ଲେଖା ଗୁଡ଼ିକର ପ୍ରୁଫ୍ ସଂଶୋଧନଠାରୁ ଆରମ୍ଭ କରି ଆବଶ୍ୟକ ସ୍ଥଳେ ସଂପାଦନା ମଧ୍ୟ କରିଛନ୍ତି । ଏ ଦିଗରେ ପ୍ରଫେସର ମିଶ୍ରଙ୍କର ଜାମାତା ଡ. ବସନ୍ତ କୁମାର ପଣ୍ଡା ଏବଂ ପ୍ରଫେସର ଡ. ନିତ୍ୟାନନ୍ଦ ଶତପଥୀ ବିଶେଷ ସହାୟତା ପ୍ରଦାନ କରିଥିଲାବେଳେ ମୁଁ ଏହାର ପ୍ରକାଶନ ଦାୟିତ୍ୱ ବହନ କରିଛି ।

ଯେଉଁ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ସଂପର୍କରେ ମୁଁ କେବେ ଆସିନାହିଁ, ଅଥଚ ତାଙ୍କପାଇଁ ଗୁଣ୍ଡୁଚି ମୂଷାଭଳି ଯତ୍‌ସାମାନ୍ୟ କାର୍ଯ୍ୟ କରିବାର ଅପୂର୍ବ ସୁଯୋଗ ମୋତେ ମିଳିଲା, ସେଥିରେ ମୁଁ ବିହ୍ୱଳିତ ହୋଇଛି । ଗ୍ରନ୍ଥସ୍ଥ ଲେଖାଗୁଡ଼ିକୁ ପଢ଼ିଲାବେଳେ ମୋ ଭିତରେ ଯେଉଁ କଥାଟି ଅଧିକ ରେଖାପାତ କରିଛି ତାହାହିଁ ପ୍ରକାଶ କରିବାକୁ ଉଚିତ ମଣୁଛି ।

ବିଭିନ୍ନ ସମୟରେ ଓଡ଼ିଶାର ବହୁ ବିଜ୍ଞଜନ ନିଜର ଖେଦୋକ୍ତିରେ କହିଛନ୍ତି ଯେ ଓଡ଼ିଶାରେ ପ୍ରତିଭା-ହତ୍ୟା ଅହରହ ଚାଲୁଥିବାରୁ ଆମେ ଆମକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇ ପାରୁନାହୁଁ । ବାସ୍ତବରେ, ଆଜି ନାନାକାରଣରୁ ଯିଏ ଯାହା ନୁହେଁ ତାହାକୁ ଅଧିକଭାବେ ପ୍ରତିଷ୍ଠା ଦେବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ହେଉଥିଲାବେଳେ ଯିଏ ପ୍ରକୃତରେ ଯାହା, ତାହାକୁ ଆମେ ତାହା ବୋଲି କହିବାକୁ ସଦା ପରାଙ୍‌ମୁଖ ।

ପ୍ରଫେସର ମିଶ୍ର ବିପୁଳ ଜ୍ଞାନଭଣ୍ଡାରର ଅଧିକାରୀ । ଜଣେ ତପସ୍ୱୀ ଭଳି ସେ ସଦା ଜ୍ଞାନ ଅନ୍ୱେଷଣରେ ନିମଗ୍ନ ରହୁଥିଲେ । ଗବେଷଣାଲବ୍ଧ ଜ୍ଞାନକୁ ମଧ୍ୟ ବିତରଣ କରିବାରେ ଅଶେଷ ଆନନ୍ଦ ଲଭୁଥିଲେ । ତାଙ୍କ ଲିଖିତ 'ଆଧୁନିକ ଓଡ଼ିଆ କାବ୍ୟଧାରା – ଆଦିଯୁଗ' ଓ 'ନବଜାଗରଣ ଯୁଗ' ଦୁଇଟି ଅନବଦ୍ୟ ଗ୍ରନ୍ଥ । 'ଆଧୁନିକତା ଓ

Digitized by srujanika@gmail.com

ଆଧୁନିକ ସାହିତ୍ୟ', 'ଓଡ଼ିଆ ଭାଷା ଓ ସାହିତ୍ୟ ଏକ ଅଧ୍ୟୟନ' ତାଙ୍କ ସାହିତ୍ୟକୃତିର ଉଜ୍ଜ୍ୱଳତମ ସ୍ମାରକୀ । ସେ ତାଙ୍କର ପ୍ରଣମ୍ୟଗୁରୁ ଲୋକରତ୍ନ କୁଞ୍ଜବିହାରୀ ଦାଶଙ୍କ ସଂପର୍କରେ ଇଂରାଜୀରେ Makers of Indian literature: Lokaratna Kunjabihari Das ଏବଂ ପଣ୍ଡିତ ନୀଳକଣ୍ଠଙ୍କ ଉପରେ Makers of Indian literature: Nilakantha Das ଲେଖିଥିଲେ ଯାହାକୁ କେନ୍ଦ୍ରସାହିତ୍ୟ ଅକାଦେମି ପ୍ରକାଶ କରିଛନ୍ତି । ତାଙ୍କର ପ୍ରଥମ ଆଲୋଚନା ଗ୍ରନ୍ଥ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' ୧୯୫୫ ମସିହାରେ ବିଶ୍ୱଭାରତୀ ପ୍ରକାଶନ ପକ୍ଷରୁ ପ୍ରକାଶ ପାଇଥିଲା ।

(ପ୍ରଫେସର ମିଶ୍ର ଜଣେ ବହୁପାଠୀ ବ୍ୟକ୍ତି । ତାଙ୍କର ଓଡ଼ିଆ, ଇଂରାଜୀ ଓ ବଂଗଳା ଭାଷାରେ ଗଭୀର ପ୍ରବେଶ ରହିଛି । ସଦା ଆତ୍ମପ୍ରଚାରବିମୁଖ, ନିରହଂକାର, ନୀତିନିଷ୍ଠ ଏହି ସାହିତ୍ୟ ତପସ୍ୱୀ ନିରବରେ ସାଧନାର ସୁଉଚ୍ଚ ଶିଖରକୁ ପହଞ୍ଚିଥିଲେ ବି କେବେ ପ୍ରାପ୍ତି ଅପ୍ରାପ୍ତିର ଚିନ୍ତାରେ ଭାଂଗି ପଡ଼ିନାହାନ୍ତି, ବରଂ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛନ୍ତି ।)

ଶାନ୍ତିନିକେତନର ପ୍ରାକୃତିକ ଶୋଭାରାଜିର ଶାନ୍ତସ୍ନିଗ୍ଧ ବାତାବରଣ ମଧ୍ୟରେ ଦୀର୍ଘ ଚାଳିଶବର୍ଷ ବାଣୀସାଧନାରେ ନିମଗ୍ନ ଥାଇ ସମୟ ଅତିବାହିତ କରିଥିବା ପ୍ରଫେସର ମିଶ୍ର ସମ୍ଭବତଃ ଏକମାତ୍ର ଓଡ଼ିଆ ପ୍ରଫେସର ଯେ କି ଏତେ ଦୀର୍ଘକାଳ ନିଜ ସାଧନା ଓ ସିଦ୍ଧିର ଭୂମିରୂପେ ଶାନ୍ତିନିକେତନକୁ ପାଇ ପାରିଥିଲେ । ୧୯୫୦ ମସିହାରେ ପ୍ରଥମେ ବିଶ୍ୱଭାରତୀକୁ ଛାତ୍ରଭାବେ ଯାଇ ବିଶ୍ୱଭାରତୀର ଓଡ଼ିଆ ସ୍ନାତକୋତ୍ତର ଶ୍ରେଣୀର ହୋଇଥିଲେ ପ୍ରଥମ ବର୍ଷର ଛାତ୍ର । ୧୯୬୦ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ହସ୍ତରୁ ସେହିଠାରେ ଗ୍ରହଣ କରିଥିଲେ ପି.ଏଚ.ଡି.ର ଡିଗ୍ରୀ । ଲୋକରତ୍ନ କୁଞ୍ଜବିହାରୀ ଦାଶ ଥିଲେ ତାଙ୍କ ସାଧନାର ମାର୍ଗଦର୍ଶକ । ଏକାଧାରରେ ସେ ଥିଲେ ନରେନ୍ଦ୍ରନାଥଙ୍କ ଗୁରୁ, ସହକର୍ମୀ ଓ ଦିଗ୍‌ଦର୍ଶକ । ପଣ୍ଡିତ ନୀଳକଣ୍ଠ ଦାସଙ୍କର ମଧ୍ୟ ସେ ହୋଇପାରିଥିଲେ ଅଶେଷ ଶ୍ରଦ୍ଧାଶୀଳ ।

ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ନରେନ୍ଦ୍ରନାଥଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ବହୁ ଉତ୍ଥାନ ପତନ ଭିତରେ ସାଂସାରିକ ଜୀବନର ଜଂଜାଳ ମଧ୍ୟରେ ଥାଇ ବି କେବେ ନଇଁପଡ଼ି ଥିଲେ । ସଦା ଜଣେ ସ୍ଥିତପ୍ରଜ୍ଞ ବ୍ୟକ୍ତିର ପରିଚୟ ରଖୁଥିଲେ । କେବେବି କୁସଂସ୍କାରକୁ ପ୍ରଶ୍ରୟ ଦେଉନଥିଲେ । ଆଧୁନିକତା ଭିତରେ ରହି ନୂତନତାକୁ ସ୍ୱାଗତ

Digitized by srujanika@gmail.com

କରୁଥିଲେ । ଅନ୍ୟପ୍ରତି ସଦା ଉଦାରତା ପ୍ରଦର୍ଶନରେ ତାଙ୍କ ମହନୀୟତା ପ୍ରକଟିତ । ଅନ୍ୟକୁ ଯଥାସମ୍ଭବ ସାହାଯ୍ୟ କରିବାରେ ସେ ପାଆନ୍ତି ସବୁଠୁ ବେଶି ଆନନ୍ଦ । କୌଣସି ପରିସ୍ଥିତିରେ ବି ଭାଙ୍ଗି ପଡ଼ନ୍ତି ନାହିଁ । ନଇଁଯାଇ ପୁଣି ସଳଖି ଛିଡ଼ା ହେବାର କଳାଟି ଅନ୍ୟକୁ ଶିଖାନ୍ତି । ଆଲୋଚନା ସମାଲୋଚନାକୁ ଖାତିର ନକରି ସେ ସଦା କର୍ମକ୍ଷମ । ନିନ୍ଦା, ଅପବାଦ, ଯଶ, ଖ୍ୟାତି କେଉଁଥିରେ ବି ଉଦ୍‌ବିଗ୍ନ ନୁହଁନ୍ତି ।

ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କ ସ୍ୱକୀୟତା ଚିରକାଳପାଇଁ ଓଡ଼ିଆ ସାହିତ୍ୟ ଇତିହାସରେ ଅବିସ୍ମରଣୀୟ । ତାଙ୍କର ବହୁ ଶାସ୍ତ୍ରଦର୍ଶିତା, ଉପସ୍ଥାପନରେ ନିଆରାପଣ, ବଳିଷ୍ଠ ବିଚାରବୋଧ ତାଙ୍କୁ ସଦା ସ୍ମରଣ କରାଇବ । ଓଡ଼ିଆ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ସେ ଜଣେ ବିଶିଷ୍ଟ ସମାଲୋଚକର ଆସନରେ ଯେ ଆସୀନ ଏହା ନିଃସନ୍ଦେହରେ କୁହାଯାଇପାରେ । ଏତଦ୍‌ବ୍ୟତୀତ ସେ ଜଣେ ସୃଜନଶୀଳ ସ୍ରଷ୍ଟା । ତାଙ୍କର କବିତା ବେଶ୍ ଭାବଗମ୍ଭୀର ଓ ଚେତନା ଉଦ୍ରେକକାରୀ ।

ପ୍ରଫେସର ମିଶ୍ରଙ୍କ ଛାତ୍ରଜୀବନରେ ଲିଖିତ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' ଗ୍ରନ୍ଥରେ ନୀଳକଣ୍ଠ ଯେଉଁ ଅଭିମତ ଲେଖିଥିଲେ ତାହାହିଁ ନରେନ୍ଦ୍ରଙ୍କ ପ୍ରତିଭାକୁ ସ୍ୱତନ୍ତ୍ର ଆସନକୁ ନେଇଯାଇଛି । ନୀଳକଣ୍ଠ ଲେଖିଥିଲେ -

("ପାଠପଢ଼ା ତଦାନୁଷଙ୍ଗିକ ଆଲୋଚନାରେ ମଧ୍ୟ ତାଙ୍କର ଯଥେଷ୍ଟ ପଟୁତା ପ୍ରକାଶ ପାଇଛି । ଭାଷା ଅତି ସୁନ୍ଦର । ସେଥିରେ ଇଂରାଜୀ ବଂଗଳାର ଅନୁବାଦ ଓ ଅନୁକରଣ ଯଦି କୁତ୍ରାପି ଥାଏ - ତାହା ଆହରଣର ପରିପାଟୀରେ ସ୍ୱାଦ୍ୟ । ଓଡ଼ିଆ ଭାଷାରେ ଏ ଖଣ୍ଡିଏ ବଡ଼ ଉପାଦେୟ ଗ୍ରନ୍ଥ । ଲେଖକଙ୍କର ଏହା ପ୍ରଥମ ଲେଖା ପୁସ୍ତକ । ଏଭଳି ପୁସ୍ତକକୁ ଦେଶରେ ପଢ଼ିବା, ଆଦର କରିବାର ବାୟୁମଣ୍ଡଳ ହୁଏତ ସୃଷ୍ଟି ହୋଇନାହିଁ । କ୍ରମେ ତା ହେଉ ଓ ଓଡ଼ିଆ ସାହିତ୍ୟ ନୂତନ ଆଲୋଚନାର ଶୈଳୀ ଘେନି ଉତ୍ତରୋତ୍ତର ଶ୍ରୀବୃଦ୍ଧି ଲାଭ କରୁ । ଶ୍ରୀମାନ୍ ନରେନ୍ଦ୍ର ଏହି ଉତ୍ତରୋତ୍ତର ଶ୍ରୀବୃଦ୍ଧିରେ ନିଜର ସାହିତ୍ୟ ପ୍ରକାଶ କରି କୃତିତ୍ୱ ଅର୍ଜନ କରନ୍ତୁ ।")

ପରବର୍ତ୍ତୀ ସମୟରେ ପ୍ରଫେସର ମିଶ୍ରଙ୍କ ଗୁରୁ କୁଞ୍ଜବିହାରୀ ଦାଶ "ଆଧୁନିକ ଓଡ଼ିଆ କାବ୍ୟଧାରା" (ଆଦିଯୁଗ) ୧୯୬୪ରେ ପ୍ରକାଶବେଳେ ତାର ମୁଖବନ୍ଧରେ ଲେଖିଥିଲେ - "ଆଧୁନିକ ଓଡ଼ିଆ କାବ୍ୟଧାରା ବହୁ ପ୍ରବନ୍ଧର ଏକ ସୂଚୀପତ୍ର ନୁହେଁ, ସାର ସଂଗ୍ରହ ନୁହେଁ, ଏହା ବହୁଧାରାରେ ଆତ୍ମଧାରାର ଏକ ବିପୁଳ ଯୋଗ । ଗ୍ରନ୍ଥରେ

Digitized by srujanika@gmail.com

ଆମୂଳଚୂଳ କଳାତ୍ମକ ଆନୁପାତିକ ସୌଷ୍ଠବ ସଂରକ୍ଷିତ ହୋଇଅଛି । ତଥ୍ୟ ଆହରଣ ସଂଗେସଂଗେ ପରିବେଷଣରେ ସେ ଅଧିକ କୌଶଳ ପ୍ରଦର୍ଶନ କରିଛନ୍ତି । ଭାଷାର ସ୍ତର ଓ ଆଲୋଚନାର ଭାରସାମ୍ୟ ସୁରକ୍ଷିତ । ମନନର ମୁଦ୍ରା ପ୍ରାୟ ପ୍ରତ୍ୟେକ ପୃଷ୍ଠାରେ ଅଙ୍କିତ ।"

ସେହିପରି ଲଣ୍ଡନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଜନ୍ ବୋଲଟନ୍ ଗ୍ରନ୍ଥଟିକୁ ପାଠକରି ଲେଖିଥଲେ – "ବୋଧ ହେଉଛି ଯେ ଏ ପ୍ରକାର ଗବେଷଣାମୂଳକ ବହି ଓଡ଼ିଆରେ ଆଉ ନାହିଁ ।"

ଶେଷରେ ଏତିକି କୁହାଯାଇପାରେ ଯେ ପ୍ରଫେସର ଡ. ନରେନ୍ଦ୍ରନାଥ ମିଶ୍ର ଜଣେ ସଫଳ ଗଦ୍ୟକାର ଓ ଚିନ୍ତାଶୀଳ ସମାଲୋଚକ । ପ୍ରଚଣ୍ଡ ସାରସ୍ୱତ ପ୍ରତିଭାର ଅଧିକାରୀ ଏହି ଗବେଷକ ତଥା ସମାଲୋଚକଙ୍କ ସୃଷ୍ଟିର ମୌଳିକତା ଓ ମହତ୍ତ୍ୱର ଆକଳନ ଏଯାଏ ହୋଇନାହିଁ । ଅଳ୍ପ କେତୋଟି ଆନୁଷ୍ଠାନିକ ସ୍ୱୀକୃତି ତାଙ୍କ ବିପୁଳ ସାରସ୍ୱତ କୃତିକୁ ମିଳିଥିଲେ ବି ସେସବୁ ତାଙ୍କ ଜୀବନବ୍ୟାପୀ ସାହିତ୍ୟ ସାଧନାର ସାମାନ୍ୟ ସ୍ୱୀକୃତି । ଯେଉଁ ଗୌରବରେ ତାଙ୍କୁ ଭୂଷିତ କରିବା କଥା, ତାହା ମଧ୍ୟ ଆଜିଯାଏଁ ହୋଇପାରି ନାହିଁ । ତଥାପି, ବାଲେଶ୍ୱରଠାରେ ଆରମ୍ଭ ହୋଇଥିବା ଏହି ଉଦ୍ୟମକୁ ଆଧାର କରି ଓଡ଼ିଶାର ବିଜ୍ଞଜନମାନେ ପ୍ରଫେସର ମିଶ୍ରଙ୍କ ସାରସ୍ୱତ କୃତି ସହ ପରିଚିତ ହୋଇ ଅଧିକରୁ ଅଧିକ ତାର ଚର୍ଚ୍ଚା କରିବା ଦିଗରେ ପ୍ରୟାସୀ ହେବେବୋଲି ମୁଁ ଆଶା ରଖୁଛି ।

ବାଲେଶ୍ୱର
ତା ୧୦.୪.୨୦୧୧

ସଂପାଦକ, ପ୍ରଫେସର ନରେନ୍ଦ୍ରନାଥ ମିଶ୍ର ଅଭିନନ୍ଦନ କମିଟି

Digitized by srujanika@gmail.com

ଅଶୀତିପର ବୟସରେ ନରେନ୍ଦ୍ରନାଥ

ପତ୍ନୀ ରତ୍ନମାଳାଙ୍କ ସହିତ ନରେନ୍ଦ୍ରନାଥ

Digitized by srujanika@gmail.com

ପିତା : ଭଗବାନ ମିଶ୍ର

ଦୁଇ ଜ୍ୟେଷ୍ଠ ଭ୍ରାତା : ବାଞ୍ଛାନିଧି ଓ ଚନ୍ଦ୍ରମୋହନ

Digitized by srujanika@gmail.com

ଲୋକରନ୍ କୁଞ୍ଜବିହାରୀ ଦାଶ, ବିଶ୍ୱଭାରତୀ ଓଡ଼ିଆ ବିଭାଗର ଅନ୍ୟାନ୍ୟ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ଗହଣରେ ନରେନ୍ଦ୍ରନାଥ

କବି ବ୍ରଜନାଥ ରଥଙ୍କ 'ମହାଜୀବନ' କାବ୍ୟ ଗ୍ରନ୍ଥକୁ ଉନ୍ମୋଚନ କରୁଛନ୍ତି ପ୍ରଫେସର ନରେନ୍ଦ୍ର ନାଥ ମିଶ୍ର । ପାର୍ଶ୍ୱରେ ଅଛନ୍ତି କବି ସମରେନ୍ଦ୍ର ନାୟକ ଓ ସଂଗୀତଜ୍ଞ ସୁକୁମାର ସାହୁ

Digitized by srujanika@gmail.com

ଶାନ୍ତିନିକେତନର ଉତ୍ତାୟଣରେ ପତ୍ନୀଙ୍କ ସହିତ ଏକ ଅବସର ମୁହୂର୍ତ୍ତରେ

ଶାନ୍ତିନିକେତନର ଓଡ଼ିଆ ବିଭାଗ ପକ୍ଷରୁ କବିତା ଆଲୋଚନାଚକ୍ର ଫେବୃଆରୀ ୨୫ ଓ ୨୬- ୧୯୮୪ (ଚେୟାରରେ ବସିବା) ବାମରୁ ଡାହାଣ : ବ୍ରଜନାଥ ରଥ, ପ୍ରତିଭା ଶତପଥୀ, ଗିରିବାଳା ମହାନ୍ତି, ଲାବଣ୍ୟ ନାୟକ, ପ୍ରଫେସର ଖଗେଶ୍ୱର ମହାପାତ୍ର, ଦୁର୍ଗାମାଧବ ମିଶ୍ର, ..., ..., ପ୍ରଫେସର ଗୋପାଳ ଚନ୍ଦ୍ର ମିଶ୍ର, ପ୍ରଫେସର ନରେନ୍ଦ୍ର ନାଥ ମିଶ୍ର, ..., ...,

Digitized by srujanika@gmail.com

ସୂଚିପତ୍ର

ଅକୃତ୍ରିମ ମିତ୍ର	ସାତକଡ଼ି ହୋତା	୧୧
ନିୟତ ବନ୍ଧୁତା	ପ୍ରଫେସର ଲକ୍ଷ୍ମଣ କୁମାର ମହାପାତ୍ର	୧୪
ମାନିତି ମଇତ୍ର	ଡ. ଖଗେଶ୍ୱର ମହାପାତ୍ର	୧୬
ମୋ ଦୃଷ୍ଟିର ଦର୍ପଣରେ ନରେନ୍ଦ୍ରନାଥ	ଡ. ବ୍ରଜନାଥ ରଥ	୧୮
ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କ ଜୀବନ ଓ ସାଧନା	ଡ. ଶ୍ୟାମସୁନ୍ଦର ମହାପାତ୍ର	୨୪
ସେଇ ଅବିସ୍ମରଣୀୟ ଘଟଣା	ଡ. କୃଷ୍ଣଚନ୍ଦ୍ର ଭୂୟାଁ	୩୪
ବିଶ୍ୱଭାରତୀରେ ଜଣେ ଭଲ ମଣିଷଙ୍କ ସହିତ ବର୍ଷ କେତୋଟି	ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ	୩୭
ନରେନ୍ଦ୍ରନାଥ ମିଶ୍ରଙ୍କ ସଂପର୍କରେ ମୋର ସ୍ମୃତିକଥା	ଆଚାର୍ଯ୍ୟ ଭାବାନନ୍ଦ	୪୪
ମୁଁ, ଶାନ୍ତିନିକେତନ ଏବଂ ପ୍ରଫେସର ନରେନ୍ଦ୍ର ସାର୍	ଡ. ମନୋରମା ବିଶ୍ୱାଳ ମହାପାତ୍ର	୪୭
ପୂଜନୀୟ ନରେନ୍ଦ୍ରସାର୍‌ଙ୍କୁ ଶ୍ରଦ୍ଧପ୍ରଣାମ ସହିତ	ଡ. ସଂଘମିତ୍ରା ମିଶ୍ର	୫୦
ମୋର ଶିକ୍ଷାଗୁରୁ ନରେନ୍ଦ୍ରନାଥ	ଡ. ମଥୁରାନାଥ ହୋତା	୫୩
ମାନବେନ୍ଦ୍ର ନରେନ୍ଦ୍ରନାଥ	ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ	୫୮
ସାହିତ୍ୟ ତପସ୍ୱୀ ନରେନ୍ଦ୍ରନାଥ : କିଛି ଅଭୁଲା ଅତୀତର କଥା	ଡ. ବନମାଳୀ ବାରିକ	୬୬
ସମୀକ୍ଷକ ନରେନ୍ଦ୍ରନାଥ ମିଶ୍ର	ସୁଧୀର ଚନ୍ଦ୍ର ବେହୁରା	୭୧

Digitized by srujanika@gmail.com

ସଚ୍ଚା ଦିଗ୍‌ଦର୍ଶକ ଡ. ନରେନ୍ଦ୍ରନାଥ ମିଶ୍ର	ଡ. ଆଦିକନ୍ଦ ମହାନ୍ତ	୮୨
ପୂଜ୍ୟଗୁରୁ ନରେନ୍ଦ୍ର ସାର୍	ରାଧାଶ୍ୟାମ ପ୍ରଧାନ	୮୫
ନିରହଙ୍କାର, ନିର୍ଲିପ୍ତ ଯଶସ୍ୱୀ ସ୍ରଷ୍ଟା : ଡ. ନରେନ୍ଦ୍ରନାଥ ମିଶ୍ର	ଡ.ବିଜୟାନନ୍ଦ ସିଂହ	୮୭
ବାପା:ଶାନ୍ତିନିକେତନରୁ ବାଲେଶ୍ୱର ଯାଏ	ଡ.ଅଶୋକ କୁମାର ମିଶ୍ର ଓ ଗୀତା ମିଶ୍ର	୧୦୭
ଆମ ବାପା	ଶ୍ରୀମତୀ ମଂଜୁଳା ଆଚାର୍ଯ୍ୟ	୧୧୨
ସ୍ଥିତଧୀଃ ପିତୃଦେବ	ଡ.ମୃଦୁଳା ମିଶ୍ର	୧୧୫
ଶିକ୍ଷାପ୍ରେମୀ ବାପା	ପ୍ରଭାତୀ ନାଥ	୧୨୧
ବିଷାଦ ଓ ବୈଦଗ୍ଧ୍ୟ : ନରେନ୍ଦ୍ରନାଥଙ୍କ ଜୀବନଗାଥା	ଡ. ବସନ୍ତ କୁମାର ପଣ୍ଡା	୧୨୪
ମୋ ଦୃଷ୍ଟିରେ ଗବେଷକ ଡ.ନରେନ୍ଦ୍ରନାଥ ମିଶ୍ର	ଡ.ଦୁର୍ଗାପ୍ରସନ୍ନ ପଣ୍ଡା	୧୫୦
ଅବଜ୍ଞା ଓ ଅବହେଳାର ଶିକାର : ସମାଲୋଚକ ନରେନ୍ଦ୍ରନାଥ ମିଶ୍ର	ଡ. ନିତ୍ୟାନନ୍ଦ ଶତପଥୀ	୧୬୫
ପ୍ରଫେସର ନରେନ୍ଦ୍ରନାଥମିଶ୍ରଙ୍କ ଗବେଷଣା କୌଶଳ	ଡ. କୃଷ୍ଣଚନ୍ଦ୍ର ପ୍ରଧାନ	୧୯୩
ଅସ୍ତାଚଳର ସୂର୍ଯ୍ୟ :ଏକ ପର୍ଯ୍ୟାଲୋଚନା	ବାଞ୍ଛାନିଧି ଦାସ	୨୦୧
ରାଧାନାଥଙ୍କ ଜାତୀୟତାବାଦର ସ୍ୱରୂପ କଳନା ଓ ନରେନ୍ଦ୍ରନାଥ	ଡ. ଗଗନେନ୍ଦ୍ର ନାଥ ଦାଶ	୨୦୬

-: ପରିଶିଷ୍ଟ :-

ବିଶ୍ୱଭାରତୀ ଓଡ଼ିଆ ବିଭାଗ : ସ୍ମୃତି ଓ ପ୍ରତୀତି	ଡ. ନରେନ୍ଦ୍ର ନାଥ ମିଶ୍ର	୨୬୮
ଡ. ନରେନ୍ଦ୍ର ନାଥ ମିଶ୍ରଙ୍କ ଉଲ୍ଲେଖନୀୟ ରଚନାବଳୀ		୨୮୮

Digitized by srujanika@gmail.com

ଅକୃତ୍ରିମ ମିତ୍ର

ସାତକଡ଼ି ହୋତା

୧୯୪୨ ମସିହାର କଥା ମୁଁ ବାରିପଦା ହାଇସ୍କୁଲରେ ପଢ଼ିବାବେଳେ ସ୍ୱରୂପ ନିବାସ ଛାତ୍ରାବାସରେ ରହୁଥିଲି । ଭାଗ୍ୟକୁ ମୋ କୋଠରିରେ ରହୁଥିଲେ ନରେନ୍ଦ୍ର । ଆମେ ସହପାଠୀ ଭାବେ ପରସ୍ପର ଅନୁରକ୍ତ ଥିଲୁ । ସେତେବେଳେ ନରେନ୍ଦ୍ର ଲୁଚାଇ ଲୁଚାଇ କବିତା ଲେଖୁଥିଲେ । ଅଷ୍ଟମ ଶ୍ରେଣୀର ଛାତ୍ର କବିତା ଲେଖିବା ଜାଣିଲେ କାଳେ କେହି ପରିହାସ କରିବ ବା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ପଣ୍ଡିତ ବଳଭଦ୍ର ମିଶ୍ରଙ୍କୁ ଜଣାଇବ ସେଥିପାଇଁ ସେ ଏକାଥିଲାବେଳେ କବିତା ଲେଖୁଥିଲେ । ମୋ ସହିତ ଘନିଷ୍ଠତା ବଢ଼ିବାରୁ ଦିନେ ପଚାରିଲି କଣ ଲେଖୁଛ ? ସେ କହିଲେ କବିତା ଲେଖୁଛି । ସେଇ ପଦକ କଥାରୁ ମୁଁ ଜାଣିଗଲି ଯେ ସେ ଆମ୍ଭମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ । ସେ କହିଲେ ଏଥିରେ କଣ ଅଛି... ତମେ ବି ଲେଖିପାରିବ । ପୃଥିବୀର ସୌନ୍ଦର୍ଯ୍ୟ ଦେଖିବା ପାଇଁ କାହାକୁ ଭଲ ନଲାଗେ ? ଆକାଶର ଶୋଭା, ପୋଖରୀର କଇଁଫୁଲ, ବଣ ଜଙ୍ଗଲର ସବୁଜିମା, ଶିଶୁ ମୁହଁର ଅମୃତସମ ହସ, ସକାଳ ସୂର୍ଯ୍ୟର ରୂପ ଏତେ ଲୋଭନୀୟ ଯେ ଖାତା କଲମ ଧରି ବସିଲେ ଗାରେଇ ହୋଇଯାଏ । ଅଭ୍ୟାସ କରୁକରୁ ହୋଇଯିବ କବି... । ତାଙ୍କୁ ଅନୁସରଣ କରି ମୁଁ ମଧ୍ୟ ଆରମ୍ଭ କଲି । ସେତେବେଳେ କଣ ଆମେ ଜାଣିଥିଲୁ ଯେ, ସେ ଦିନେ ହେବେ ଓଡ଼ିଆ ସାହିତ୍ୟର ଅଧ୍ୟାପକ ଏବଂ ମୁଁ ବି ହେବି ଜଣେ ଲେଖକ ! ଶିକ୍ଷକ ଛାତ୍ରଙ୍କୁ ଖଡ଼ି ଛୁଆଁଇବା ପରି ସେ ମୋତେ ଶିଖାଇଲେ କବିତା ଲେଖା ।

ହାଇସ୍କୁଲ ପାଠ ଶେଷ କରି ମୁଁ ଚାଲିଗଲି ପୁରୀ କଲେଜରେ ପଢ଼ିବା ପାଇଁ । ସେ ବାଲେଶ୍ୱରରେ ରହିଲେ । ତାପରେ ଦୀର୍ଘବର୍ଷ ଆଉ କୌଣସି ସଂଯୋଗ ନଥିଲା ଦୁହିଁଙ୍କ ମଧ୍ୟରେ । ମୁଁ ରେଳବାଇରେ ଯୋଗଦେବା ପରେ ହାଉଡ଼ାଠାରେ ସାଲିମାର ଟରମିନାଲର ଦାୟିତ୍ୱରେ ଥିଲାବେଳେ ଦିନେ ତାଙ୍କଠୁ ଚିଠିଟିଏ ପାଇଲି । ସେ

Digitized by srujanika@gmail.com

ଲେଖିଥିଲେ ଶ୍ରୀନଗରରୁ କାଶ୍ମୀର ଭ୍ରମଣ କରିବା ପାଇଁ ଯାଇଥିଲେ । ଦିନେ ନୈସର୍ଗିକ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବାଟ ଚାଲୁଥିବା ବେଳେ ବର୍ଷା ଆସିଗଲା । ତୁଳା ପରି ବରଫ ପଡ଼ିଲା । ଅଳ୍ପ ସମୟ ମଧ୍ୟରେ ଥଣ୍ଡା ଏତେ ବଢ଼ିଗଲା ଯେ ସେ ଅସୁସ୍ଥ ହୋଇ ପଡ଼ିଲେ । ବନ୍ଧୁମାନେ ତାଙ୍କୁ ଘରକୁ ନେଲେ ଏବଂ ପୋଛାପୋଛି କରି କମ୍ବଳ ଘୋଡ଼ାଇ ଖୁଆଇ ଦେବା ଆଗରୁ ଟିକେ ଔଷଧ ଖାଇବା ପାଇଁ କହିଲେ । ସେଇ ଔଷଧର ଗନ୍ଧରୁ ନରେନ୍ଦ୍ର ବାରି ପାରିଲେ ଯେ ତାହା ଔଷଧ ନୁହେଁ । ପଚାରିବାରୁ ବନ୍ଧୁମାନେ କହିଲେ, ବ୍ରାଣ୍ଡି ମଧ୍ୟ ଔଷଧ ପରି କାମ କରେ ଏପରି ଅବସ୍ଥାରେ । ବ୍ରାଣ୍ଡି ପିଇଥିବାରୁ ନରେନ୍ଦ୍ର ଶୀଘ୍ର ଚଳଚଞ୍ଚଳ ଓ ସୁସ୍ଥ ହୋଇଗଲେ । ସେଇ ଦୁର୍ଲଭ ପଦାର୍ଥ ଶରୀର ଓ ମନକୁ ଅଳ୍ପ କେଇ ମୁହୂର୍ତ୍ତରେ ସତେଜ କଲା ଏଇ ପ୍ରଥମ ଅନୁଭବରୁ ଜାଣିଲେ । ଏସବୁ ଲେଖିଥିଲେ ଚିଠିରେ । ମୁଁ ଚିଠିପଢ଼ି ଉତ୍ତର ଦେଇ ଲେଖିଥିଲି ଯେ ତମର ଜାତିଗଲା ବୋଲି ଭାବିବ ନାହିଁ । ଏଇଟା ଗୋଟେ ନୂତନ ଧାରା ଆଧୁନିକ ଯୁଗର ।

ଶାନ୍ତିନିକେତନ ବୁଲି ଯାଇଥିଲେ ମୋ ସ୍ତ୍ରୀ ଗୀତା । ସାଙ୍ଗରେ ଥିଲେ ଅଧ୍ୟାପିକା ବୀଣା ମହାନ୍ତି । ନରେନ୍ଦ୍ରଙ୍କ ଘରେ ଅତିଥି ହେଲେ । ତାଙ୍କର ଅମାୟିକ ସୌଜନ୍ୟ ଯିଏ ପାଇଛି ସେ ଭୁଲିପାରିବ ନାହିଁ । କଲେଜ ପଢ଼ା ଶେଷ ହେବା ପରେପରେ ଚାକିରିରେ ଜଏନ କଲାରୁ ମୋ କବିତା ଲେଖା ବନ୍ଦ ହୋଇଗଲା । ଦଶବର୍ଷ କିଛି ଲେଖିନାହିଁ । ତାପରେ ଆରମ୍ଭ କଲି କବିତା ନୁହେଁ, ଉପନ୍ୟାସ ।

ନରେନ୍ଦ୍ର ଦୀର୍ଘକାଳ ଅଧ୍ୟାପକ ଭାବେ ରହିଗଲେ ଶାନ୍ତିନିକେତନରେ । ସେଠାରେ ଥିଲାବେଳେ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ପ୍ରବନ୍ଧ ଲେଖିଲେ 'ଝଙ୍କାର' ପ୍ରଭୃତି ପତ୍ରିକାରେ । ପ୍ରଫେସର ଭାବେ ଖ୍ୟାତି ଅର୍ଜନ କଲେ । ନିରହଂକାର ଭଲ ମଣିଷ ଭାବେ ପରିଚିତ ହେଲେ ସମାଜରେ । ଏକାଧିକ ଗ୍ରନ୍ଥର ପ୍ରଣେତା ସେ । ସ୍ନାତକୋତ୍ତର ଛାତ୍ରମାନେ ତାଙ୍କ ବହି ପଢ଼ି ମୁଗ୍ଧ ହୁଅନ୍ତି । ଚାକିରି କଲେ ବି ମୁଁ ପୁଣି ଲେଖାଲେଖି ଆରମ୍ଭ କଲି । ନରେନ୍ଦ୍ର ସବୁ ଖବର ରଖୁଥିଲେ । 'ଝଂକାର', 'ଆସନ୍ତାକାଲି' ପ୍ରଭୃତି ପତ୍ରିକାରୁ ମୋ ଲେଖା ପଢ଼ି ଖୁସି ହେଉଥିଲେ । ପୁଣି ମଝିରେ କେତେବର୍ଷ ବିତିଗଲା । ଶାନ୍ତିନିକେତନର ବରିଷ୍ଠ ଅଧ୍ୟାପକ ଭାବେ ତାଙ୍କ ସୁନାମ ବଢ଼ିଲା । ଓଡ଼ିଆ ସାହିତ୍ୟର ଗବେଷଣା ଦିଗ ପ୍ରସାରିତ ହେଲା । ମୁଁ ତାଙ୍କ ଖବର

Digitized by srujanika@gmail.com

ରଖୁଥାଏ । ଅବସର ନେବା ପରେ ମୁଁ ଭୁବନେଶ୍ୱର ଆସିଲି । ସେ ବି ଅବସର ନେବା ପରେ ଭୁବନେଶ୍ୱର ଆସିଲେ । କଟକରେ ମଧ୍ୟ କେତେବର୍ଷ ରହିଲେ । ଘନିଷ୍ଠତା ବଢ଼ିଲା । ସେ ମୋର ଅକୃତ୍ରିମ ବନ୍ଧୁ । କାହାରି କ୍ଷତି କରିବାକୁ ଚାହାଁନ୍ତିନି ସେ । ସମସ୍ତେ ଯେପରି ତାଙ୍କ ଆତ୍ମୀୟ, ନିଜର ମଣିଷ । ଓଡ଼ିଆ ସାହିତ୍ୟର ସବୁ ବିଭାଗରେ ତାଙ୍କର ଦଖଲ ଅଛି। ଭୁବନେଶ୍ୱରରେ ତାଙ୍କ ଝିଅ ଜ୍ୱାଇଁ (ଅଧ୍ୟାପକ ଡ. ବସନ୍ତ ପଣ୍ଡା)ଙ୍କ ସହିତ କିଛି ସମୟ ରହିବାବେଳେ ମଧ୍ୟେମଧ୍ୟେ ଦେଖା ହେଉଥିଲା । ବୟସ ବଢ଼ିଲେ ମଧ୍ୟ ତାଙ୍କର ବୌଦ୍ଧିକ ଚେତନା ବେଶ ଶାଣିତ । ବନ୍ଧୁପ୍ରିୟ ନରେନ୍ଦ୍ର କାହାରି ଶତ୍ରୁ ନୁହଁନ୍ତି, ସମସ୍ତଙ୍କର ମିତ୍ର । କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ, ଏବଂ ବିଶ୍ୱବିଦ୍ୟାଳୟମାନଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ ଥିଲା । ଅଧ୍ୟୟନ ପାଇଁ ଅଧିକ ସମୟ ଦେଉଥିଲେ । କିଏ କଣ ଲେଖୁଛନ୍ତି ଜାଣୁଥିଲେ । କିନ୍ତୁ ଅନେକ ଅଧ୍ୟାପକ ଥିଲେ ବି ନରେନ୍ଦ୍ରଙ୍କ ପରି ଗଭୀର ଅଧ୍ୟୟନ ନାହିଁ । ଉତ୍ତମ ଅଧ୍ୟାପକ ଭାବେ ସେ ରଖିଥିବା ଦୃଷ୍ଟାନ୍ତ ଏବେ ବି ଅନୁସରଣ କରନ୍ତି ଅନେକେ ।

ମୁଖ୍ୟ-ସଂପାଦକ, 'ସମୟ'
୯, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର

Digitized by srujanika@gmail.com

ନିୟତ ବନ୍ଧୁତା

ପ୍ରଫେସର ଲକ୍ଷ୍ମଣ କୁମାର ମହାପାତ୍ର

ମୋର ପ୍ରିୟ ବନ୍ଧୁ ପ୍ରଫେସର ନରେନ୍ଦ୍ରନାଥ ମିଶ୍ର ମୋର ସମସାମୟିକ । ଛାତ୍ରାବସ୍ଥାରେ ଆମେ ଦୁହେଁ ବାରିପଦା ହାଇସ୍କୁଲରେ ପଢୁଥିଲୁ । ମୁଁ ହଷ୍ଟେଲରେ ରହୁଥିଲି, କିନ୍ତୁ ନରେନ୍ଦ୍ର ବାହାରେ ଥିବାରୁ ବେଶି ଯୋଗଯୋଗ ନଥିଲା । ସୌଭାଗ୍ୟକୁ ଆମେ ଦୁହେଁ ପ୍ରାକ୍ତନ ପ୍ରଫେସର ଲୋକରନ୍ନ୍ କୁଞ୍ଜବିହାରୀ ଦାଶଙ୍କ ସଂସ୍ପର୍ଶରେ ଆସିଥିଲୁ । ସେ ସେତେବେଳେ ବାରିପଦା ହାଇସ୍କୁଲରେ ଶିକ୍ଷକତା କରୁଥିଲେ । ମୁଁ ଗୋଟିଏ କଥା ଲକ୍ଷ୍ୟ କରିଛି ଯେ ସାର୍ (ଡ. ଦାଶ) ଯାହାକୁ ଭଲ ପାଉଥିଲେ, ତାକୁ ଅତି ଆପଣାର୍ କରି ନେଉଥିଲେ । ସେ ଆମ ଦୁଇଜଣଙ୍କୁ ନିଜର ଚିନ୍ତାଧାରା ଓ କର୍ମଧାରା ସହିତ ଜଡ଼ିତ କରାଇଥିଲେ । ଉତ୍କଳ ସମ୍ମିଳନୀର ସେ ଜଣେ ପୁରୋଧା ଥିଲେ । ଆମେ ଯୁବଛାତ୍ର ହିସାବରେ ସେଥିରେ ସାମିଲ ହୋଇଥିଲୁ । ସେଦିଗରେ ସେ ଆମକୁ ଯାହା ଦାୟିତ୍ୱ ଦେଇଥିଲେ ଓ କର୍ମପନ୍ଥାରେ ନିୟୋଜିତ କରିଥିଲେ, ସାର୍‌ଙ୍କ ଅନୁପ୍ରେରଣାରେ ଆମେ ସେଥିରେ ସହଯୋଗ କରୁଥିଲୁ । ମୋର ମନେ ଅଛି, ସାର୍ ମୋତେ ସେତେବେଳେ ଗୋଟିଏ ଡାକ ନାଁ ଦେଇଥିଲେ- 'ଲକ୍ଷ୍ମଣ-ତତକ୍ଷଣ' ।

ହାଇସ୍କୁଲରୁ ପାସ କରିବା ପରେ ମୁଁ ପ୍ରଥମେ ପୁରୀ କଲେଜ ଓ ଛଅମାସପରେ ରେଭେନ୍‌ସା କଲେଜରେ ଆଇ.ଏ. ପଢ଼ିଲି । ସେତେବେଳେ ବନ୍ଧୁ ନରେନ୍ଦ୍ର ବାଲେଶ୍ୱର କଲେଜରେ ପଢୁଥିଲେ । ତେଣୁ ଆମର ବିଶେଷ ଯୋଗାଯୋଗ ନଥିଲା । ୧୯୪୮ରେ ଆଇ.ଏ. ପାସ କରି ମୁଁ କଲିକତା ବିଶ୍ୱବିଦ୍ୟାଳୟରେ ନୃତତ୍ତ୍ୱରେ ଏମ୍.ଏ. ପଢ଼ିଲି ।

ଆମର ଯୋଗାଯୋଗ ପୁନଃସ୍ଥାପିତ ହେଲା ଯେତେବେଳେ ମୁଁ ଶାନ୍ତିନିକେତନ ଭ୍ରମଣ ପାଇଁ ଓ ସମୟେ ସମୟେ ବିଶ୍ୱଭାରତୀର ଶିକ୍ଷା ଓ ଗବେଷଣା କାର୍ଯ୍ୟରେ ଗଲି । ଏଠାରେ ନୃତତ୍ତ୍ୱ ବିଭାଗ ନଥିଲା । କିନ୍ତୁ ପରେ ଏଇ ବିଷୟରେ ଗବେଷଣା କାର୍ଯ୍ୟ ଆରମ୍ଭ ହେଲା । ତେଣୁ ଅନେକ ସମୟରେ ମୋତେ କାର୍ଯ୍ୟାନୁରୋଧରେ

Digitized by srujanika@gmail.com

ସେଠାକୁ ଯିବାକୁ ପଡୁଥିଲା । ଅନେକବର୍ଷ ଧରି ଆମର ହଜି ଯାଇଥିବା ବନ୍ଧୁତ୍ୱ ପୁଣି ଉଦ୍‌ଜୀବିତ ହେଲା ଏବଂ ତାଙ୍କ ପରିବାରର ସମସ୍ତଙ୍କ ସାଙ୍ଗର ଘନିଷ୍ଠତା ବଢ଼ିଲା ।

କିନ୍ତୁ ଗୋଟିଏ ବିଷୟରେ ଆମର ଘନିଷ୍ଠତା ଫଳପ୍ରସୂ ହେଲା । ତାହା ହେଲା ତାଙ୍କର ଛାତ୍ର ନଗେନ୍ଦ୍ରନାଥ ମହାପାତ୍ର ଛଉ ବିଷୟରେ ଗବେଷଣା କରୁଥିଲେ । ନରେନ୍ଦ୍ର ଠିକ୍ କଲେ ଯେ ନୃତାତ୍ତ୍ୱିକକକ ଦିଗରୁ ସେହି କାର୍ଯ୍ୟରେ ଅବଦାନ ମିଳିବ ଯଦି ମୁଁ ତାଙ୍କ ସହିତ ମିଳିତ ହୋଇ ତତ୍ତ୍ୱାବଧାନର ଦାୟିତ୍ୱ ନିଏ । ସେହି କାର୍ଯ୍ୟରେ 'ମୟୂରଭଞ୍ଜ', 'ଷଢ଼େଇକଳା' ଓ 'ପୁରୁଲିଆ'ର ଛଉ ନେଇ ତାତ୍ତ୍ୱିକ ଓ ତୁଳନାତ୍ମକ ଅଧ୍ୟୟନ କରିବାର ସୁଯୋଗ ମିଳିଲା । ସେତେବେଳେ ନୃତତ୍ତ୍ୱବିତ୍ ପ୍ରଫେସର ସୁରଜିତ୍ ସିଂହ ବିଶ୍ୱଭାରତୀର କୁଳପତି ଥିଲେ । ସେ ଏହି ଛଉ ବିଷୟରେ ଗବେଷଣା ସହିତ ସଂଶ୍ଳିଷ୍ଟ ହେଲେ । ତେଣୁ କୁହାଯାଇପାରେ ଆମର ଜୀବନସ୍ରୋତରେ ଯଦିଓ ପରସ୍ପରଠାରୁ ଦୂରେଇ ଯାଇଥିଲୁ, କିନ୍ତୁ ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ଆମର ଯୋଗାଯୋଗ ଓ ସହଯୋଗ ପାଇଁ ଅଭୂତପୂର୍ବ ସୁଯୋଗ ମିଳିଲା ।

ତା'ପରେ ନରେନ୍ଦ୍ର ବାଲେଶ୍ୱରରେ ଗୃହ ନିର୍ମାଣ କଲେ । ତାଙ୍କ କନ୍ୟା ଓ ଜାମାତାମାନେ ଭୁବନେଶ୍ୱରରେ ଥିବାରୁ ସେମାନଙ୍କ ମାଧ୍ୟମରେ ଆମର ସଂପର୍କ ଗତିଶୀଳ ରହିଛି । ମୋ ପୁଅ ଶ୍ରୀମାନ୍ ସୁଜିତ୍‌ର ସ୍ଥାପିତ 'ବକୁଳ' ଅନୁଷ୍ଠାନର ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ରହି ନରେନ୍ଦ୍ର ତାକୁ ଉତ୍ସାହିତ କରିଥିଲେ ।

ସର୍ବଦା ମୁଁ ଖୋଜି ହେଉଛି ତାଙ୍କୁ ଦେଖାଦେବା ପାଇଁ, କିନ୍ତୁ ବାଲେଶ୍ୱର ଯିବା ସମ୍ଭବ ହେଉନାହିଁ । ତାଙ୍କ କଟକ ଘରକୁ ଯାଇ ମୁଁ ମୋର ଝିଅ ବାହାଘରର ନିମନ୍ତ୍ରଣ ଦେଇଥିଲି । ଏବେ ଆଉ ନରେନ୍ଦ୍ର ଭୁବନେଶ୍ୱର ଆସିବା ସହଜ ହେଉନାହିଁ । ମୁଁ ନିକଟ ଭବିଷ୍ୟତରେ ବାଲେଶ୍ୱର ଯାଇ ତାଙ୍କୁ ଦେଖା କରିବାର ଆଶା ରଖି ରହୁଛି ।

୧୬ ସତ୍ୟନଗର, ଭୁବନେଶ୍ୱର

Digitized by srujanika@gmail.com

ମାନିତି ମଇତ୍ର

ଡ. ଖଗେଶ୍ୱର ମହାପାତ୍ର

ଡ. ନରେନ୍ଦ୍ର ନାଥ ମିଶ୍ର ବୟୋଜ୍ୟେଷ୍ଠ ସମ୍ମାନାସ୍ପଦ ମିତ୍ର । ୧୯୫୪ରୁ ଆମର ସଂଯୋଗ । ପ୍ରଥମ ପରୋକ୍ଷ ପରିଚୟ ୧୯୬୨ରୁ ପ୍ରତ୍ୟକ୍ଷ ସଂପର୍କରେ ବିକଶିତ ହେଲା । ତାଙ୍କର ସସ୍ନେହ ଅନୁପ୍ରେରଣା ସତ୍ତ୍ୱେ ବିଶ୍ୱ ଭାରତୀରେ ଛାତ୍ର ସିନା ହୋଇପାରି ନଥିଲି, ପଛକୁ ତାଙ୍କର ଆକର୍ଷଣରେ ସେଠି ଅଧ୍ୟାପକ ହେଲି । ସହକର୍ମୀ ଭାବରେ ଏକତ୍ର ଜୀବନ ଯାପନ କରିବାର ସୁଯୋଗ ପାଇଥିଲୁଁ । ଦୀର୍ଘ ୨୫ବର୍ଷର ସାମାଜିକ ଓ ବୌଦ୍ଧିକ ସମ୍ବନ୍ଧ ଅନେକ ସ୍ମୃତିର ଭଣ୍ଡାର । ସେଥିରୁ କିଛି ପାଛୁଡ଼ି କହିବି ।

'ନନାମି' ଶାନ୍ତ, ସଂଯତ, ସରଳ ଲୋକ । ନିୟମମାନି ପଢ଼ିବା, ପଢ଼ାଇବା, ଖାଇବା, ବୁଲିବା ଆଦି କରନ୍ତି । ଆଦୌ ଫୁଲାଫାଙ୍କିଆ କି ଖାମଖିଆଲି ନୁହଁନ୍ତି । ଶାନ୍ତି ନିକେତନର ଆଶ୍ରମିକ ଜୀବନଧାରାରେ ସାମିଲ ହୋଇ ଚଳନ୍ତି । ଅଧ୍ୟୟନ ଓ ଅଧ୍ୟାପନା ଛଡ଼ା ଫୁର୍ତି କରିବାର ଅଭ୍ୟାସ ନଥାଏ । ଗୃହିଣୀ, ଦୁଇ ପୁଅ ଓ ତିନିଝିଅଙ୍କୁ ନେଇ ତାଙ୍କର ସଂସାର ସୁଖ ସ୍ୱାଚ୍ଛନ୍ଦ୍ୟରେ ଚାଲିଥାଏ । ସମଗ୍ର ଶାନ୍ତିନିକେତନ ଗୋଟିଏ ଗ୍ରାମ ପରିବାର । ତାହା ଭିତରେ ଓଡ଼ିଆମାନେ କୁଟୁମ୍ବୀ ପରିଜନ । ନିଜର ସ୍ୱତନ୍ତ୍ରତା ସହ ବୃହତ୍ ସମାଜର ଏକ ଅଚ୍ଛିନ୍ନ ଓ ସକ୍ରିୟ ଅଂଶ ଭାବରେ କାର୍ଯ୍ୟ କରେ । ଏହି ପ୍ରକ୍ରିୟାର ଜଣେ ନିର୍ବାହୀ ଥିଲେ 'ନନାମି' । କାରଣ, ସେ ଏକା ତିନିପିଢ଼ି- ସେଠିକାର ଛାତ୍ର, ଗବେଷକ, ଅଧ୍ୟାପକ ଓ ସର୍ବୋପରି ବୟୋଜ୍ୟେଷ୍ଠ ଓଡ଼ିଆ ।

ଲେଖାପଢ଼ାରେ ଡ. ମିଶ୍ର ଥିଲେ ସ୍ଥିତଧୀ । ନିଟୋଳ ପାଣ୍ଡିତ୍ୟ ଛଡ଼ା ସେଥିପାଇଁ ଚମକ (ସ୍ଟଣ୍ଟ) ପ୍ରଦର୍ଶନ ଥିଲା ତାଙ୍କର ରୁଚି ବିରୁଦ୍ଧ । ଆଲୋଚ୍ୟ ବିଷୟର ଗୋଟିଏ ଛାଞ୍ଚ ମଧ୍ୟରେ ସେ ବକ୍ତବ୍ୟକୁ ସଂଗଠନ କରିଥାନ୍ତି । ତାଙ୍କର ପ୍ରତିଟି ଆଲୋଚନାତ୍ମକ ପ୍ରବନ୍ଧ ଓ ପୁସ୍ତକ ଏକଏକ ରଚନାଦର୍ଶ । ସେ ତଥ୍ୟାନୁସନ୍ଧାନଠାରୁ ଉପଲବ୍ଧ ଖବରାଖବର ଗୁଡ଼ିକର ନିରପେକ୍ଷ ତର୍ଜମା ପ୍ରତି ଅଧିକ ଆଗ୍ରହୀ ହୋଇଥାନ୍ତି । 'ଆଧୁନିକ ଓଡ଼ିଆ କାବ୍ୟଧାରା'ରେ ଏହା ପ୍ରତିପାଳିତ ।ଏପରିକି ପ୍ରଥମ ବହି 'ବଳରାମ ଦାସ ଓ ଦାଣ୍ଡି

Digitized by srujanika@gmail.com

ରାମାୟଣ’ ସମୟରୁ ଏହି ପ୍ରବୃତ୍ତି ପ୍ରକଟିତ । ଗୁଡ଼ାଏ ଦେଶୀ/ବିଦେଶୀ ସାହିତ୍ୟ ତତ୍ତ୍ୱବିତ୍ ବା ଲେଖକଙ୍କ ଉଦ୍ଧୃତି ଦେଇ ସାକ୍ଷ୍ୟ-ପ୍ରମାଣ ଉପସ୍ଥାପନ କରିବା ତାଙ୍କର ଢଂଗ ନୁହେଁ । ଏସବୁ ଦେଖି ମନେହୁଏ, ସେ ଜଣେ ରକ୍ଷଣଶୀଳ ସମାଲୋଚକ ।

ଶେଷରେ ଗୋଟିଏ ଏକାନ୍ତ ବ୍ୟକ୍ତିଗତ କଥା କହିବାରେ ସଂକୋଚ ନାହିଁ । ମୋର କାର୍ଯ୍ୟପ୍ରଣାଳୀ ଓ ଜୀବନଶୈଳୀ ଟିକିଏ ଭିନ୍ନ । କିନ୍ତୁ କେହି କାହାର କେବେ ପରିପନ୍ଥୀ ନଥିଲୁଁ । ମୁଁ ବିଶ୍ୱଭାରତୀ ଛାଡ଼ି ପ୍ରାୟ ଦଶବର୍ଷ ଦିଲ୍ଲୀରେ ଥିଲାବେଳେ ସେ ହିଁ ଓଡ଼ିଆ ବିଭାଗକୁ ଉଚିତ୍ ଦିଗ୍‌ଦର୍ଶନ ଦେଇ ସମ୍ଭାଳି ଥିଲେ । ମୁଁ ଜାଣେ କିଛିଲୋକ ଆମକୁ ଉସ୍‌କାଇ ଥିଲେ, ଶୀତଳ ସଂଗ୍ରାମର ବାତାବରଣ ସୃଷ୍ଟି କରୁଥିଲେ । କିନ୍ତୁ, ଚରିତ୍ରର ସରଳତା ଓ ସାଧୁତା ହେତୁ ସେ କେବେ ମତେ ସାମନା ସାମନି ପ୍ରତିସ୍ପର୍ଦ୍ଧୀ ପ୍ରକାଶ କରୁନଥିଲେ । ତାଙ୍କର ଯେପରି ମନ୍ତ୍ରଟିଏ ଥିଲା – “Live and Let Live !”

ଦୁଃଖର କଥା, ନରେନ୍ଦ୍ର ବାବୁଙ୍କ ଜୀବନରେ କିଛି ବିପାକ ଲାଗି ରହିଥାଏ । ଯାହେଉ ତିନିଝିଅ, ଭଲରେ ସଂସାର କଲେ । ଦୁଇଟି ପୁଅଙ୍କ ମଧ୍ୟରୁ ମେଧାବୀ ସାନଟି ଅକାଳରେ ସଂସାର ଛାଡ଼ିଲା ଏବଂ ବଡ଼ଟି ସଂସାରରେ ସେପରି ପ୍ରତିଷ୍ଠା ପାଇଲା ନାହିଁ । ପରିଣତ ବୟସବେଳେ ନରେନ୍ଦ୍ରବାବୁଙ୍କ ଗୋଡ଼ ଭାଂଗିଛି, ଜୀବନସାଥୀ ସୁଗୃହିଣୀ ସେପୁରକୁ ଚାଲି ଯାଇଛନ୍ତି । ସେ କିନ୍ତୁ ଅନୁଦ୍‌ବିଗ୍ନ ଅଛନ୍ତି । ଏମିତି ସେ ଆମମାନଙ୍କ ପାଇଁ ରୁହନ୍ତୁ, ବଞ୍ଚିଥାନ୍ତୁ ।

ଭୁବନେଶ୍ୱର

Digitized by srujanika@gmail.com

ମୋ ଦୃଷ୍ଟିର ଦର୍ପଣରେ ନରେନ୍ଦ୍ର ନାଥ

ବ୍ରଜନାଥ ରଥ

ଡ. ନରେନ୍ଦ୍ରନାଥ ମିଶ୍ର ମୋର ଅଗ୍ରଜତୁଲ୍ୟ ସାରସ୍ୱତ ବନ୍ଧୁ । ସେ ମୋଠାରୁ ପାଞ୍ଚବର୍ଷରୁ ସାମାନ୍ୟ ବଡ଼ । ମୁଁ ବାଲେଶ୍ୱର ଜିଲ୍ଲାସ୍କୁଲରେ ପଢୁଥିଲା ବେଳେ ସେ ନବ ପ୍ରତିଷ୍ଠିତ ବାଲେଶ୍ୱର କଲେଜରେ (ଯାହା ପରେ ଫକୀରମୋହନଙ୍କ ପୁଣ୍ୟ ନାମରେ ନାମିତ ହେଲା) ଆଇ.ଏ. ଶ୍ରେଣୀରେ ପଢୁଥିଲେ । ୧୯୪୮ରେ ଅଧ୍ୟାପକ କୁଞ୍ଜବିହାରୀ ଦାଶଙ୍କ ଉଦ୍ୟମରେ 'ଫକୀରମୋହନ ସାହିତ୍ୟ ପରିଷଦ' ଗଢ଼ାଗଲା । ସେ ଥିଲେ କୁଞ୍ଜବାବୁଙ୍କ ଅତି ପ୍ରିୟ ଛାତ୍ର । ନବଗଠିତ ଏହି ସାହିତ୍ୟ ପରିଷଦ ସହ ସେ ଯୋଡ଼ି ହୋଇଗଲେ । ତାଙ୍କରି ପ୍ରେରଣାରେ ସେ ଲେଖାଲେଖି କଲେ । ଏହାର ସ୍ମୃତିଚାରଣ କରି ସେ ଲେଖିଛନ୍ତି- "ଫକୀରମୋହନ ସାହିତ୍ୟ ପରିଷଦର ଆଗୁଆ ବୈଠକ ପାଇଁ ଇତିହାସ ଓ ରାଜନୀତି ଘେନି ମୁଁ ପ୍ରବନ୍ଧ ଲେଖିଥିଲି । ଯେଉଁ ପ୍ରବନ୍ଧର ଭାବ ଓ ରଚନାରୀତି ତାଙ୍କୁ ପସନ୍ଦ ହେଉଥିଲା, ସେ ତାକୁ ନାନା ଭାବରେ ସଂଶୋଧନ କରି ବାରମ୍ବାର ମୋତେ ଲେଖାଉଥିଲେ । ବି.ଏ. ଶ୍ରେଣୀରେ ଛାତ୍ର ଥିବା ସମୟରେ 'ସହକାର' ଭଳି ବିଖ୍ୟାତ ପତ୍ରିକାରେ ମୋର ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ପରେ 'ସହକାର'ରେ ଗଳ୍ପ ଓ କବିତା ତଥା 'ନବଭାରତ'ରେ କବିତା ପ୍ରକାଶ ପାଇଥିଲା ।" (ସୁବର୍ଣ୍ଣ ସ୍ମାରକୀ-ପୃ. ୫୬-୫୭)

ମୁଁ ସ୍କୁଲ ଛାତ୍ର ଭାବେ ଏବଂ ସେ କଲେଜ ଛାତ୍ର ଭାବରେ ବାଲେଶ୍ୱର ଫକୀରମୋହନ କଲେଜ ବିଲ୍ଡିଂର (ଯାହା ସେତେବେଳେ ଜିଲ୍ଲାସ୍କୁଲର ଥିଲା) ଗୋଟିଏ ଛାତ ତଳେ ପଢୁଥିଲୁ । ତେଣୁ ତାଙ୍କୁ ମୁଁ ଚିହ୍ନିଥିଲି । ପୁଣି ମୋର ସାହିତ୍ୟାନୁରାଗ ଯୋଗୁଁ ମୁଁ ଫକୀରମୋହନ ସାହିତ୍ୟ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲି ଆଗ୍ରହରେ । ନରେନ୍ଦ୍ରବାବୁ ଥିଲେ ସାହିତ୍ୟ ପରିଷଦର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ । ସେ ଲେଖିଛନ୍ତି- "ଫକୀରମୋହନ ସାହିତ୍ୟ ପରିଷଦକୁ ଘେନି ତାର ସେଇ ଜନ୍ମଲଗ୍ନରେ ମୋ ଭଳି ତରୁଣମାନଙ୍କ ମନରେ ଅନେକ ସ୍ୱପ୍ନ ଖେଳୁଥିଲା । xxx କିନ୍ତୁ ସ୍ୱପ୍ନର ସମ୍ଭାବନା ଓ ସୀମା କେହି କଳନା କରିପାରେ ନାହିଁ ।" (ସୁବର୍ଣ୍ଣଶ୍ରୀ-

Digitized by srujanika@gmail.com

ପୃ.୩୮) ସେଦିନର ତରୁଣ ନରେନ୍ଦ୍ରନାଥ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା କିନ୍ତୁ ସଫଳ ହୋଇଥିଲା ବୋଲି କୁହାଯାଇପାରେ । ମୁଁ ସେତେବେଳେ ତାଙ୍କୁ ଯାହା ଦେଖିଥିଲି ସେ ଅବଶେଷରେ ଜଣେ ସଫଳ ଗବେଷକ ଓ ସମାଲୋଚକ ଭାବରେ ସ୍ୱପ୍ନର ସମ୍ଭାବନାକୁ ବାସ୍ତବାୟିତ କରି ପାରିଥିଲେ ନିଜର ଦୀର୍ଘ ଜୀବନରେ ।

ବାରିପଦା ହାଇସ୍କୁଲରେ ପଢ଼ି ମେଟ୍ରିକ ପାଶ କରିବା ପରେ ନରେନ୍ଦ୍ରବାବୁ ୧୯୪୬ରେ ଆସି ବାଲେଶ୍ୱର କଲେଜରେ ନାମ ଲେଖାଇଥିଲେ । ସେ ଲେଖିଛନ୍ତି- "ପ୍ରଥମେ କଲେଜରେ ଯୋଗଦେଇ ଅଖିଳ ଓ ମୁଁ ଗୋଲାପୋଖରୀ ପାଖରେ ଏକ ମେସ୍‌ରେ ଥିଲାବେଳେ 'ମୋହନ ସାହିତ୍ୟ ପରିଷଦ' ଗଢ଼ି ସେଥିରେ ଗପ ଓ କବିତା ଲେଖି ପଢୁଥିଲୁଁ । ସେଥିରେ କେହି ଗୁରୁଜନ ବା ଅଧ୍ୟାପକ ଯୋଗ ଦେଉନଥିଲେ । ଆମେ ନିଜନିଜ ରଚନାର ଗୁଣମାନ ଘେନି ଖୁବ୍ ଆଲୋଚନା-ସମାଲୋଚନା କରୁଥିଲୁଁ । ଆମମାନଙ୍କର ଲକ୍ଷ୍ୟ ଥିଲା ସବୁ ଲେଖା ହେବ ନାନ୍ଦନିକ ଓ ଉଚ୍ଚମାନବିକ ଆଦର୍ଶରେ ସମୃଦ୍ଧ । ବଟେଶ୍ୱରର ଏକ ଭଡ଼ାଘରେ କଲେଜର ଏକ ଛାତ୍ରାବାସର ତତ୍ତ୍ୱାବଧାରକ ଥିଲେ ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକ । ତାଙ୍କ କବିତା ଓ ଋଷିସୁଲଭ ଜୀବନ ଆମକୁ ଖୁବ୍ ପ୍ରଭାବିତ କରିଥିଲା ।" (ସୁବର୍ଣ୍ଣଶ୍ରୀ-ଫ.ମୋ.ସା.ପରିଷଦର ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା-୧୯୯୮, ପୃ.୩୭)

ଏହି ଉକ୍ତିରୁ ସ୍ପଷ୍ଟ ହୁଏ ଯେ ନରେନ୍ଦ୍ରବାବୁ ଏବଂ ତାଙ୍କ ବନ୍ଧୁ ଅଖିଳ ଚନ୍ଦ୍ର ପଣ୍ଡା ବାଲେଶ୍ୱରର ଗୋଲାପୋଖରୀ ପାଖ ଏକ ମେସ୍‌ରେ ୧୯୪୬ରେ ରହୁଥିଲାବେଳେ 'ମୋହନ ସାହିତ୍ୟ ପରିଷଦ' ନାମରେ ଯେଉଁ ଛୋଟ ସାହିତ୍ୟାନୁଷ୍ଠାନଟି ଗଢ଼ି ସାହିତ୍ୟାଲୋଚନା କରୁଥିଲେ ତାହାହିଁ ପରେ 'ଫକୀରମୋହନ ସାହିତ୍ୟ ପରିଷଦ'କୁ ଜନ୍ମ ଦେଇଥିଲା । ନରେନ୍ଦ୍ରଙ୍କ ଆଦ୍ୟ ସାରସ୍ୱତ ଜୀବନକୁ କବି କୁଞ୍ଜବିହାରୀ ଦାଶ ଓ ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକ ମୁଖ୍ୟତଃ ପ୍ରଭାବିତ କରିଥିଲେ ଏବଂ ବନ୍ଧୁ ଅଖିଳଚନ୍ଦ୍ର ପଣ୍ଡାଙ୍କ ସାନ୍ନିଧ୍ୟ ମଧ୍ୟ ତାଙ୍କ ସାହିତ୍ୟିକ ଅଭିରୁଚିର ଅନୁକୂଳ ହୋଇଥିଲା । ସେ ଅନ୍ୟତ୍ର ଲେଖିଛନ୍ତି- "ଗାନ୍ଧି ଓ ରବୀନ୍ଦ୍ରଙ୍କ ପ୍ରଭାବ ମୋ ଉପରେ ଥିଲା ଅପ୍ରତିହତ । ମାର୍କସଙ୍କ ମୂଳଲେଖା ସଙ୍ଗେ ରସେଲ, ଟୟନବି ଆଦିଙ୍କ ଦର୍ଶନ ଓ ମାନବବାଦୀ ଆଦର୍ଶ ସମ୍ବଳିତ ନାନା ଲେଖା କଲେଜ ଜୀବନରେ ପଢ଼ିଥିଲି । ଓଡ଼ିଆ ସାହିତ୍ୟ ଓ ଭାଷା ଥିଲା ଆମ୍ଭମାନଙ୍କ ଧ୍ୟାନର ବସ୍ତୁ । xxx ହାର୍ଦ୍ଦିକତା, ବୌଦ୍ଧିକତା ଓ ସାଂସ୍କୃତିକ ସଚେତନତାର ବିକାଶ ପାଇଁ ଛାତ୍ର-ଜୀବନ ଏକାନ୍ତ ଅନୁକୂଳ ଥିଲା । xxx ୧୯୫୯-୬୦ରେ ବର୍ଷକ ପାଇଁ ଫ.ମୋ.କଲେଜରେ ଅଧ୍ୟାପକ ଥିଲି । ବିଜ୍ଞାନଶ୍ରେଣୀରେ

Digitized by srujanika@gmail.com

ସାହିତ୍ୟ ଅଧ୍ୟାପନାର ସୌଭାଗ୍ୟ ମୋର ହୋଇଥିଲା । ତା'ଥିଲା ମୋ ପାଇଁ ଅଧ୍ୟାପନାର ବିରଳ ଅନୁଭୂତି । ସାହିତ୍ୟ-କଳା-ବିଜ୍ଞାନ ସବୁକିଛି ସଂସ୍କୃତିର ଊର୍ଦ୍ଧ୍ୱତନ ବଳୟରେ ମାନବାତ୍ମାର ସତ୍ୟ ଓ ସୌନ୍ଦର୍ଯ୍ୟର ସନ୍ଧାନ କରିଥାଏ । ଉଭୟ ଛାତ୍ର ଓ ଅଧ୍ୟାପକ ଭାବରେ ଫକୀରମୋହନ ମହାବିଦ୍ୟାଳୟ ଥିଲା ମୋ ଜୀବନର ପ୍ରଥମ ସାଧନା ପୀଠ ।" (ସୁବର୍ଣ୍ଣ ସ୍ମାରକୀ-ଫ.ମୋ.କଲେଜ ସୁବର୍ଣ୍ଣଜୟନ୍ତୀ ସ୍ମରଣିକା-୧୯୯୫, ପୃ.୫୭)

ଯେଉଁ ଗୋଟାଏ ବର୍ଷ (୧୯୫୯-୬୦) ସେ ଏଠାରେ ଅଧ୍ୟାପକ ଥିଲେ, ସେତେବେଳେ ତାଙ୍କ ସହ ମୋର ସାରସ୍ୱତ ବନ୍ଧୁତା ନିବିଡ଼ ହୋଇଥିଲା । ତା'ପୂର୍ବରୁ ୧୯୫୭ରେ ଅଗ୍ରଜପ୍ରତିମ କବିବନ୍ଧୁ ଶ୍ରୀଯଦୁନାଥ ଦାଶ ମହାପାତ୍ର (ପରେ ଓଡ଼ିଶାର ଶିକ୍ଷାମନ୍ତ୍ରୀ) ଓ ମୁଁ ଯୁଗ୍ମ ଭାବରେ 'ଧରିତ୍ରୀ' ନାମରେ ଗୋଟିଏ କବିତା ସଂକଳନ ସଂପାଦନା କରି ପ୍ରକାଶ କରିଥିଲୁଁ । ସେଥିରେ ସେତେବେଳର ୩୨ଜଣ ଯୁବ ଓ ତରୁଣକବିଙ୍କ କବିତା ସ୍ଥାନ ପାଇଥିଲା ଏବଂ ଏହାର ବିସ୍ତୃତ 'ମୁଖଶାଳା' ରଚନା କରିଥିଲେ ବିଖ୍ୟାତ କବି ଓ ଆଲୋଚକ ଅଧ୍ୟାପକ ଚିନ୍ତାମଣି ବେହେରା । ନରେନ୍ଦ୍ରବାବୁଙ୍କ ୩ଟି କବିତାକୁ ଆମେ ଏହି ସଂକଳନଭୁକ୍ତ କରିଥିଲୁ- ଯଥା: ଆକାଶ, ଶେଷ ସଂଗ୍ରାମର ସେନା ଓ ଅପରାଜିତ । ପରେ ୨୦୦୮ ମସିହାରେ ପ୍ରକାଶିତ 'ସବୁଜ ଘାସ ଓ ଅସ୍ତାଚଳ ସୂର୍ଯ୍ୟ' କବିତା ଗ୍ରନ୍ଥରେ ନରେନ୍ଦ୍ରବାବୁ ଏହି ୩ଟିକୁ ଅନ୍ତର୍ଭୁକ୍ତ କରିଛନ୍ତି । ସେ ମୁଖ୍ୟତଃ ଜଣେ ଗବେଷକ, ପ୍ରାବନ୍ଧିକ ଓ ଆଲୋଚକ । କବିତା ତାଙ୍କର ରାଜ୍ୟ ନୁହେଁ । କିନ୍ତୁ ତାଙ୍କ ଭିତରେ ଏକ କାବ୍ୟିକ ଆବେଗ ସର୍ବଦା ଭରି ରହିଥାଏ । ସମ୍ବେଦନଶୀଳ ହୃଦୟ ତାଙ୍କୁ ବେଳେବେଳେ କବିତା ଲେଖିବାକୁ ପ୍ରଣୋଦିତ କରିଛି- ଯାହାର ଫଳଶ୍ରୁତି ହେଉଛି ଉକ୍ତ କବିତା ସଞ୍ଚୟନ, ଯାହା ତାଙ୍କ ଜୀବନ ସାୟାହ୍ନରେ ପ୍ରକାଶ ପାଇଛି । ଘାସର ସବୁଜିମା ସହ ଅସ୍ତସୂର୍ଯ୍ୟର ମଳିନ ରକ୍ତିମା ଏହି କବିତାମାନଙ୍କରେ ପ୍ରତିଫଳିତ ।

୨୧-୨-୧୯୫୩ରେ ତାଙ୍କ ରଚିତ ଏକ କବିତା ହେଉଛି- 'ଅପରାଜିତ' । ଏହି କବିତା ରଚନା ପଛରେ ଏକ କରୁଣ ଇତିହାସ ରହିଛି, ଯାହା ସେତେବେଳେ ପୃଥିବୀର ବହୁ ଶାନ୍ତିକାମୀ ମାନବିକ ଚେତନାସଂପନ୍ନ ବ୍ୟକ୍ତିଙ୍କ ହୃଦୟ ଓ ବିବେକକୁ ଚହଲାଇ ଦେଇଥିଲା । ଆମେରିକାର ଦୁଇଜଣ ବୈଜ୍ଞାନିକ ରୋଜେନବର୍ଗ ଦମ୍ପତିଙ୍କୁ ସୋଭିଏତ୍ ରୁଷିଆକୁ ଗୁପ୍ତରେ ଆଣବିକ ତଥ୍ୟ ଯୋଗାଇ ଦେଉଥିବାର ମିଥ୍ୟା ଅଭିଯୋଗରେ ବନ୍ଦୀ କରାଯାଇଥିଲା । ସେମାନଙ୍କ ବିଚାର ପରେ ସେମାନଙ୍କୁ ଦୋଷୀ

Digitized by srujanika@gmail.com

ସାବ୍ୟସ୍ତ କରାଯାଇ ବିଦ୍ୟୁତ୍ ଚେୟାରରେ ବସାଇ ପ୍ରାଣଦଣ୍ଡ ଦିଆଯାଇଥିଲା । ମୃତ୍ୟୁପୂର୍ବରୁ ସେମାନଙ୍କର ଦୁଇଜଣ ନାବାଳକ ପୁତ୍ରଙ୍କୁ ସେମାନେ ଯେଉଁ କରୁଣ ପତ୍ର ସବୁ ଲେଖିଥିଲେ, ତାହା ସେତେବେଳେ 'ରୋଜେନବର୍ଗ ପତ୍ରଗୁଚ୍ଛ' ନାମରେ ପ୍ରକାଶ ପାଇବା ସହ ବିଭିନ୍ନ ଭାଷାରେ ଅନୂଦିତ ହୋଇଥିଲା । ମୃତ୍ୟୁ ପୂର୍ବରୁ ସେହି ଅସହାୟ ଶିଶୁ ସନ୍ତାନ ଦୁଇଟିକୁ ରୋଜେନ୍‌ବର୍ଗ ଦମ୍ପତି ଚିରବିଦାୟ ଦେଉଥିବାର ଫଟୋଚିତ୍ର ଦେଖିବା ପରେ କବି ନରେନ୍ଦ୍ର ମିଶ୍ର ଏହି କବିତାଟି ଲେଖିଥିଲେ । ତାଙ୍କ ସମ୍ବେଦନଶୀଳ କବିଚିତ୍ତର ସଜଳ ଶବ୍ଦରୂପ ହେଉଛି ଏ କବିତା । ମାନସିକ ସ୍ତରରେ ସେ କେତେ ବିଚଳିତ ହୋଇଥିଲେ ତାହା କବିତାର କେତୋଟି ପଙ୍‌କ୍ତିରୁ ଅନୁମେୟ -

"ଧରଣୀର ରୁଦ୍ଧଶ୍ୱାସ ନଭେ ମିଶେ, ମିଶୁ
ଦୁଇଟି ଅବୋଧ ମନ / ଚଉରୋଟି ଅବୁଝା ଆଖି
ପାରେ ନାହିଁ ବୁଝି / କିପରି ବୁଝିବ ତମେ ଅଲିଅଳ ଶିଶୁ ?"

କବିତାର ଶେଷରେ ଏକ ଆଶାବାଦୀ ସ୍ୱର ଝଙ୍କୃତ ହୋଇ ଉଠିଚି-

"ହେ ଶିଶୁ ତମର ହେବ ଜୟ
ତମରି ବିଚିତ୍ର ଦୃଷ୍ଟି କର ସୃଷ୍ଟିମୟ ।
ସମୟର ଶୁଭ୍ରଗଙ୍ଗା / ଛୁଟେ ଯେ ସାଗରେ
ସେ କେବେ ମାନେନା ପରାଜୟ ।"

୧୯୫୧ ଜୁନ୍ ମାସରେ ରଚିତ ତାଙ୍କର ଅନ୍ୟ ଏକ କବିତା ହେଉଛି- 'କବିତା ସଖୀ' । ସେହି ତରୁଣ ଜୀବନରେ କବିତା ରୂପକ ସଖୀଙ୍କୁ ଆବାହନ କରି ସେ ଲେଖିଛନ୍ତି-

"କବିତା ସଖୀ ଗୋ ଆସନାହିଁ କେବେ ଗୋପନେ
ବାତାୟନ ପଥେ ସଧୀର ମଳୟ ପବନେ ।

x x x

ତମେ ଆସଆସ ବନ୍ଧନହୀନା, ଆସଗୋ ମୁକ୍ତ-ଛନ୍ଦିନୀ
ପ୍ରଗତି-ମୁକ୍ତି ବାଣୀ ଘୋଷିଘୋଷି ଖୋଲିଦିଅ ସବୁ ବନ୍ଧନୀ ।
ପରାଣେ ପରାଣେ ସାମ୍ୟ-ମୈତ୍ରୀ ଆସ୍ୱାଦ ଯାଅ ଚଖାଇ
ନିଖିଳ ବିଶ୍ୱେ ଯାଅ ଗୋ କବିତା ସପନର ମଧୁ ମଖାଇ ।
ନିଖିଳ ମାନସେ ବାଣୀମୟୀ ଆଗୋ କବିତା
ଭରିଦିଅ ନିତି ନବ ବର୍ଷ ଅନୁଭବିତା ।

Digitized by srujanika@gmail.com

x x x

ମାନସୀ ଦିଅ ତୁ ମାନସଲୋକର ସ୍ପର୍ଶ ।
ବେଦନା ତିମିରେ ଜଳାଇ ଆଲୋକ ହର୍ଷ ।"

ଡ.ମିଶ୍ରଙ୍କର ପ୍ରଥମ କବିତା ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂପାଦିତ 'ନବଭାରତ' ପତ୍ରିକାରେ 'ସାର୍ଥକ କବିତା' ଶିରୋନାମରେ ପ୍ରକାଶ ପାଇଥିଲା ୧୯୫୧ ମସିହାରେ । ସେହି କବିତାରେ ସେ ଆଶଂକା ପ୍ରକାଶ କରି ଲେଖିଥିଲେ– "ଉନ୍ମୁକ୍ତ ଏ ବାଣୀପଥେ ବୋଲିପାର ମୋତେ ଅନାହୂତ / କିନ୍ତୁ ଯେ ଆହ୍ୱାନ ମୋତେ କରିଅଛି ସଦା ଅଭିଭୂତ । xxx ଜୀବନର ସୁଧା ବୋଲି ନେବ ବରି ମୋଦେଶ ଜନତା / ସାର୍ଥକ ହେବ ମୋ ବାଣୀ ବହ୍ନିମାନ ମୋହର କବିତା ।" କିନ୍ତୁ ଅବଶେଷରେ କବିତା ପ୍ରତି ଯଥେଷ୍ଟ ଅନୁରାଗ ସତ୍ତ୍ୱେ ସେ କବି ନହୋଇ ହେଲେ କବିତାର ବିଦଗ୍ଧ ଆଲୋଚକ ଓ ଗବେଷକ । ଏହାର ଫଳଶ୍ରୁତି ସ୍ୱରୂପ 'ଆଧୁନିକ ଓଡ଼ିଆ କାବ୍ୟଧାରା: ଆଦିଯୁଗ ଏବଂ ଆଧୁନିକ ଓଡ଼ିଆ କାବ୍ୟଧାରା: ନବଜାଗରଣ ଯୁଗ' ନାମକ ଦୁଇଟି ଗବେଷଣାଗ୍ରନ୍ଥ ପ୍ରକାଶ ପାଇ ଆଧୁନିକ ଓଡ଼ିଆ କବିତା ସଂପର୍କରେ ଏକ ସୁବିସ୍ତୃତ ଆଲୋକିତ ମାର୍ଗ ଉନ୍ମୋଚନ କଲା । ଆଧୁନିକ କବିତାର ବିକାଶ ଓ ପରିଣତିର ଅବଧାରଣା ଲାଗି ଏହାର ତୃତୀୟ ଭାଗ 'ଆଧୁନିକ ଓଡ଼ିଆ କାବ୍ୟଧାରା:ସମକାଳୀନ ଯୁଗ' ଗ୍ରନ୍ଥଟି ନିକଟ ଭବିଷ୍ୟତରେ ପ୍ରକାଶିତ ହେବ ବୋଲି ସେ 'ଆଦିଯୁଗ'ର ଦ୍ୱିତୀୟ ସଂସ୍କରଣର 'ନିଜକଥା'ରେ ଆଶା ପ୍ରକାଶ କରିଥିଲେ ମଧ ତାହା ଆଜିସୁଦ୍ଧା ସଫଳ ହୋଇ ପାରିନାହିଁ । ପୁଣି ଭବିଷ୍ୟତରେ ହେବାର ସମ୍ଭାବନା ମଧ ନାହିଁ । କାରଣ ଡ.ମିଶ୍ର ଏବେ ବାର୍ଦ୍ଧକ୍ୟଜନିତ ସ୍ମୃତିଭ୍ରଂଶ ରୋଗରେ ପୀଡ଼ିତ । ତାଙ୍କର ଆଶା ଆଶାରେ ହିଁ ରହିଗଲା । ଏହି ଗ୍ରନ୍ଥଟି ସେ ଲେଖିପାରିଥିଲେ ଆଧୁନିକ ଓଡ଼ିଆ କବିତା ସଂପର୍କରେ ଏକ ଉପାଦେୟ ପୂର୍ଣ୍ଣାଙ୍ଗ ଓ ପ୍ରାମାଣିକ ଗବେଷଣାଗ୍ରନ୍ଥ ଆମେ ପାଇପାରିଥାନ୍ତୁ ।

ଆଜକୁ କୋଡ଼ିଏ ବର୍ଷ ତଳେ ୧୯୯୧ରେ ମୋର ଏକ କବିତା ସଂକଳନ 'ହେ ମହାଜୀବନ !' କଟକର ବିଖ୍ୟାତ ପ୍ରକାଶନ ସଂସ୍ଥା ଫ୍ରେଣ୍ଡସ୍ ପବ୍ଲିଶର୍ସ ଦ୍ୱାରା ପ୍ରକାଶ ପାଇଲା । ସେହି ବର୍ଷ ଜୁଲାଇ ପାଞ୍ଚ ତାରିଖରେ ଆମ ପ୍ରେସରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହେଲା, ଯେଉଁଥିରେ ନରେନ୍ଦ୍ରବାବୁ ଯୋଗଦେଇ ଏହି କବିତା ସଂକଳନଟିକୁ ଉନ୍ମୋଚନ କରିବା ସଙ୍ଗେସଙ୍ଗେ ତା' ଉପରେ ନାତିଦୀର୍ଘ ଉପାଦେୟ ଆଲୋଚନା ମଧ କରିଥିଲେ । ପରେ ସେହି ଆଲୋଚନାଟିକୁ ଲେଖି ମୋତେ ଦେଇଥିଲେ ଏବଂ ତାହା 'ବ୍ରଜନାଥ ସୃଜନାଲୋକ' ଗ୍ରନ୍ଥରେ ସ୍ଥାନିତ ହୋଇଛି । ସେ

Digitized by srujanika@gmail.com

ପ୍ରଥମେ ଯେଉଁ ବିଦଗ୍ଧ ଆଲୋଚନା ମୋ ବହି ସଂପର୍କରେ କରିଥିଲେ, ତାହା ତାଙ୍କର କାବ୍ୟାନୁରାଗ, କାବ୍ୟାନୁଭବ ଓ କାବ୍ୟଦୃଷ୍ଟିର ଗଭୀରତା ସଂପର୍କରେ ସୂଚନା ଦିଏ । ଏଥିପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ ।

୧୯୭୭ ମସିହା ଜାନୁଆରୀ ମାସରେ ଫକୀରମୋହନ ସାହିତ୍ୟ ପରିଷଦର ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେଲା । ସେତେବେଳେ ମୁଁ ଥିଲି ଏହାର ସଭାପତି । ପରିଷଦର ପ୍ରତିଷ୍ଠାତା ସଭାପତି ଭାବରେ ଲୋକରତ୍ନ ଡ. କୁଞ୍ଜବିହାରୀ ଦାଶଙ୍କୁ ସଶ୍ରଦ୍ଧ ନିମନ୍ତ୍ରଣ କରିଥିଲି । ସେ ଆସି ଉତ୍ସବରେ ଯୋଗଦେଇଥିଲେ ଏବଂ ତାଙ୍କ ସହ ତାଙ୍କ ପ୍ରିୟ ଶିଷ୍ୟ ନରେନ୍ଦ୍ରବାବୁଙ୍କୁ ମଧ୍ୟ ସାଂଗରେ ନେଇ ଆସିଥିଲେ । କୁଞ୍ଜବାବୁଙ୍କର ନରେନ୍ଦ୍ର ବାବୁଙ୍କ ପ୍ରତି ସ୍ନେହ ଏବଂ ନରେନ୍ଦ୍ରବାବୁଙ୍କର କୁଞ୍ଜବାବୁଙ୍କ ପ୍ରତି ପ୍ରବଳ ଶ୍ରଦ୍ଧା ମୁଁ ସେତେବେଳେ ଦେଖି ଅଭିଭୂତ ହୋଇଥିଲି ।

'ଆଶାୟୀ' ନାମକ ଗୋଟିଏ ଛୋଟ ଏକପଦୀ କବିତାରେ ନରେନ୍ଦ୍ରବାବୁ ଏକଦା ଲେଖିଥିଲେ-

"ଝରିଥାଏ ଯଦି ଜୀବନ-କୁସୁମ
ବଇଶାଖୀ ଦାବଦାହେ
ଫୁଟିବ ନାହିଁକି ନୂଆରୂପେ ପୁଣି
ଆଷାଢ଼ର ବାରି-ବାହେ ?"

ତାଙ୍କର ଏ ଆଶା ବ୍ୟର୍ଥ ହେବାର ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ଜୀବନ-କୁସୁମ ଦିନେନା ଦିନେ ଝରିଯିବ ବୈଶାଖୀର ଦାବଦାହରେ । ଏ ମହାସତ୍ୟ ନିଦାରୁଣ ହେଲେବି ଅବଧାରିତ । କିନ୍ତୁ ଆଷାଢ଼ର ବାରିବାହରେ ନୂଆରୂପେ ପୁଣି ଫୁଟିବାର ଆଶା କେତେଜଣ କରିପାରନ୍ତି ? ନରେନ୍ଦ୍ରନାଥଙ୍କ ଏହି କାବ୍ୟଦୃଷ୍ଟି ନିଶ୍ଚିତ ଭାବରେ କବିଗୁରୁ ରବୀନ୍ଦ୍ରନାଥଙ୍କ ଅବଦାନ । ଶାନ୍ତିନିକେତନରେ ଦୀର୍ଘ ବର୍ଷ ବିତାଇବା ଅବସରରେ ସେ ଏହି 'ଆଶାୟୀ' ମନ ଓ ଆଶାବାଦୀ ଚିନ୍ତନର ଅଧିକାରୀ ହୋଇପାରିଛନ୍ତି । ସେ ପୁଣି 'ଯାତ୍ରା' କବିତାରେ କହିଛନ୍ତି- "ଘୋର ଅନ୍ଧକାରେ / ଅନ୍ଧାର ପିଣ୍ଡରେ / ଆଲୁଅ ଜଳାଇ ଯିବି ।" ସାରାଜୀବନ ଜ୍ଞାନର ଆଲୋକ ଜାଳିଥିବା ଡ.ନରେନ୍ଦ୍ର ମିଶ୍ର ଏବେ ୮୩ବର୍ଷରେ ପଦାର୍ପଣ କରିଛନ୍ତି । ଅସ୍ତାଚଳର ସୂର୍ଯ୍ୟ ଭଳି ସେ ଏବେ ଏକପ୍ରକାର ନିର୍ବାଣମୁଖୀ । ଏହି ଅବସରରେ ମୁଁ ତାଙ୍କ ସାରସ୍ୱତ ଅବଦାନ ପ୍ରତି ଶ୍ରଦ୍ଧାଜ୍ଞାପନ ପୂର୍ବକ ସୁସ୍ଥ ଜୀବନ କାମନା କରୁଛି ।

ସୁନହଟ, ବାଲେଶ୍ୱର

Digitized by srujanika@gmail.com

ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କ ଜୀବନ ଓ ସାଧନା

ଡ. ଶ୍ୟାମସୁନ୍ଦର ମହାପାତ୍ର

ପବିତ୍ର ଗଙ୍ଗାନଦୀର ଉତ୍ସ ପ୍ରତ୍ୟକ୍ଷ କରିବାକୁ ହେଲେ ପହଞ୍ଚିବାକୁ ହୁଏ ଲୋକଲୋଚନ ଅନ୍ତରାଳରେ ହିମାଳୟର ଗୋମୁଖ ନାମକ ତୁଷାର ଗହ୍ୱର ନିକଟରେ; ଜ୍ଞାନତପସ୍ୱୀ, ମାନବବାଦୀ କବି ଓ ବିଶିଷ୍ଟ ସମାଲୋଚକ ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କ ଜନ୍ମସ୍ଥାନ ଦେଖିବାକୁ ହେଲେ ପହଞ୍ଚିବାକୁ ହୁଏ ବାଲେଶ୍ୱର ଜିଲ୍ଲାର ଖନ୍ତାପଡ଼ା ଅନ୍ତର୍ଗତ ଗିଳିଦା ନାମକ ଅଖ୍ୟାତ ଗାଁରେ । ଗାଁଟିର ଅବସ୍ଥିତି ଓ ଆକର୍ଷଣର ସୂଚନା ଦେଇ ତାଙ୍କର ଜଣେ ଆତ୍ମୀୟ କହନ୍ତି, 'ପାଞ୍ଚ ନମ୍ବର ଜାତୀୟ ରାଜପଥ ସନ୍ନିକଟ ବାହାନଗାରୁ ପୂର୍ବ ପାର୍ଶ୍ୱକୁ ପଡ଼େ, ଗୋପାଳପୁର । ସେଠୁ ଦକ୍ଷିଣକୁ ଢୁଣିଆ ହୋଇ ଯାଗେଶ୍ୱରପଦା ସ୍କୁଲଛକଠାରେ ପୂର୍ବକୁ ପ୍ରାୟ ଚାରି କିଲୋମିଟର ଗଲାପରେ ଗିଳିଦା ଗାଁ ପଡ଼େ । ଘଞ୍ଚ ବୃକ୍ଷରାଜି ମଧ୍ୟରେ ଗାଁଟି ବାହାରକୁ ଦୃଶ୍ୟ ହୋଇନଥାଏ । ଗାଁ ଭିତରକୁ ରାସ୍ତା ଆଗେ ନଥିଲା । ଗୋହିରୀ ଆଉ ଦୁଇକଡ଼େ କିଆବଣ । ଗାଁର ଚାରିଆଡ଼େ ସବୁଜିମା, ଋତୁମାନଙ୍କର ଅହରହ ଲୀଳା । ଗାଁ ସାମନାରେ ଆମ୍ବତୋଟା, ଖରା ବାଧେନାହିଁ ଗାଁ ଲୋକଙ୍କୁ । ବସନ୍ତଋତୁର ଆଗମନୀରେ ଆମ୍ରମଂଜରୀ ଗନ୍ଧରେ ଗାଁଟା ମତୁଆଲା ହୋଇଯାଏ । କୋଇଲିର ମଧୁର ମୂର୍ଚ୍ଛନା ମନରେ ଭାବାନ୍ତର ସୃଷ୍ଟିକରେ । ସୁନେଲି ଧାନକ୍ଷେତ । ବର୍ଷାଦିନେ ଗୋହିରୀରେ ପାଣି ଜମିଗଲେ ବି ସମସ୍ତେ ସେଥିରେ ମଜା ନିଅନ୍ତି । ରାତିରେ ଗାଁଟା ଅନ୍ଧାରରେ ବୁଡ଼ିଗଲା ବେଳେ ଅନତିଦୂରରେ ଥିବା ସମୁଦ୍ରର ଗର୍ଜନ ଶୁଭେ । ଅସରାଏ ବର୍ଷା ହେଲେ ଗାଁ ପୋଖରୀ ଉଛୁଳିପଡ଼ି ଗାଁ-ଦାଣ୍ଡରେ ପାଣିସୁଅ ଛୁଟୁଥିଲା ଓ ଆଣ୍ଠୁଏ ବହଳର ପଙ୍କ କାଦୁଅ ଜମା ହୋଇଯାଉଥିଲା । ପଣସ, ନଡ଼ିଆ, ବଉଳ, ଟଗର, ମାଳତୀ, ସୁଗନ୍ଧରାଜ, ଗଙ୍ଗଶିଉଳି, ଲାଉ, କଖାରୁ, ମୂଳା, ଶାଗ ଗାଁରେ ମିଳୁଥିଲା । ନୁଣିଆଯୋଡ଼ି ପାଣି ଶୁଖେଇ କଉ, ମାଗୁର, ଶିଙ୍ଗି, କେରାଣ୍ଡି ମାଛ ଧରାଯାଉଥିଲା । ପବନରେ ନଇଁ ପଡୁଥିଲା ବାଉଁଶ ଗଛ, ଶୁଖିଲା ପତ୍ରରେ ନେସି ହୋଇଥିବା କଞ୍ଚା ଗୋବର, ବେଙ୍ଗ, ଝିଙ୍କାରି, ଜୁଳୁଜୁଳିଆ

Digitized by srujanika@gmail.com

ପୋକ, ଗାଁ ପୋଖରୀର ଜୋକ, ବୁଲା ଭିକାରୀର ଖଞ୍ଜଣି, ତାଳ ବରଡ଼ାର ଛତା ଧରିଥିବା ଚକୁଳିଆ ପଣ୍ଡାର ଗୀତ, ସତ୍ୟପୀର, ଦୁର୍ଗାପୂଜା, ମାଣବସା, ଖୁଦୁରକୁଣୀ, ବାଟଓଷାରେ ଗାଁର ଛୋଟବଡ଼ ସମସ୍ତେ ମାତିଉଠନ୍ତି । ପୁଣି 'ରାସ୍ତାକଡ଼ ନୁଣିଆଯୋଡ଼ି ପାଣିଧାର କଡ଼େକଡ଼େ କାଶତଣ୍ଡୀ ଫୁଲ ସାଙ୍ଗରେ ଦୂର ଆକାଶର ମିଳନ । ବୈଶାଖର ଝାଞ୍ଜି, ଆଷାଢ଼-ଶ୍ରାବଣର ବନ୍ୟା, ଶୀତଦିନର ପଲାଶ, ଫଗୁଣରେ କୃଷ୍ଣଚୂଡ଼ାର ପସରା ।' ଏଇ ଛୋଟ ଅଥଚ୍ ମାଟିର ବାସ୍ନାରେ ମହକୁଥିବା ଏଇ ଗାଁରେ ନରେନ୍ଦ୍ରଙ୍କ ଜନ୍ମ ୧୯୨୯ ମସିହା ଅକ୍ଟୋବର ୨୩ ତାରିଖରେ । ପିତା ସ୍ୱଗତଃ ଭଗବାନ ମିଶ୍ର ଓ ମାତା ସ୍ୱର୍ଗୀୟା ପାର୍ବତୀ ଦେବୀ । ନରେନ୍ଦ୍ରଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ- ବାଞ୍ଛାନିଧି, ଚନ୍ଦ୍ରମୋହନ ଓ କ୍ଷେତ୍ରମଣି । ନରେନ୍ଦ୍ର ସବା ସାନ ।

ସ୍ୱର୍ଗତଃ ଭଗବାନ ମିଶ୍ର ଉତ୍ତରାଧିକାରୀ ସୂତ୍ରରେ ବାର ଏକର ଜମିର ଅଧିକାରୀ ହୋଇଥିଲେ । ଏହା ବ୍ୟତୀତ ସେତେବେଳେ ବତାଲିରେ କଲିକତାରୁ ତେଜରାତି ଦ୍ରବ୍ୟ ଆଣି ଗାଁରେ ବିକ୍ରୟ କରୁଥିଲେ । ବାଣିଜ୍ୟ ଉପରେ ଲକ୍ଷ୍ମୀଙ୍କର ଶୁଭଦୃଷ୍ଟି ପଡ଼ିଥିଲା । ନରେନ୍ଦ୍ରଙ୍କ ବଡ଼ଭାଇ ବାଞ୍ଛାନିଧି ମଧ୍ୟଇଂରେଜୀ ବିଦ୍ୟାଳୟର ଜଣେ ଆଦର୍ଶ ଶିକ୍ଷକ ଥିଲେ । ଚନ୍ଦ୍ରମୋହନ ବ୍ୟବସାୟରେ ଯଥେଷ୍ଟ ଉନ୍ନତି କରିଥିଲେ । ମିଶ୍ର ପରିବାରର ପୁରୁଷ ଓ ମହିଳା ସମସ୍ତେ ଥିଲେ ଶିକ୍ଷିତ । ଦୁଇଭାଇ ବାଞ୍ଛାନିଧି ଓ ଚନ୍ଦ୍ରମୋହନ ଯାଗେଶ୍ୱର ପଦାରେ ନିଜ ପିତାଙ୍କ ନାମରେ ଭଗବାନ ମିଶ୍ର ସଂସ୍କୃତ ଟୋଲ ପ୍ରତିଷ୍ଠା କରିଥିଲେ । ପରିବାରର କେତେକ ସଦସ୍ୟଙ୍କ ଉଦ୍ୟମରେ ଗାଁରେ ଉଚ୍ଚ ବିଦ୍ୟାଳୟ, ମଧ୍ୟଇଂରାଜୀ ବିଦ୍ୟାଳୟ ଓ କଲେଜ ଗଢ଼ିଉଠିଛି ।

ଖନ୍ତାପଡ଼ା ମଧ୍ୟଇଂରାଜୀ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବାପରେ ନରେନ୍ଦ୍ର ବାରିପଦାର ଏମ୍.କେ.ସି. ହାଇସ୍କୁଲରେ ଅଧ୍ୟୟନ କଲେ । ବାରିପଦାର ବିଜୁଳି ଆଲୁଅ ତାଙ୍କର ଥିଲା ବିଶେଷ ଆକର୍ଷଣ । ଜ୍ଞାନାଲୋକର ନିରନ୍ତର ସନ୍ଧାନ ପାଇଁ ସେ ସେଇଠାରୁ ହିଁ ପ୍ରେରଣା ପାଇଥିଲେ । ସେତେବେଳେ ସେଠାରେ ମହାନ ସାହିତ୍ୟିକ କୁଞ୍ଜବିହାରୀ ଦାଶ ଓ ଗବେଷକ ପ୍ରହ୍ଲାଦ ପ୍ରଧାନ ଶିକ୍ଷକ ଥିଲେ । ବିଶେଷ କରି କୁଞ୍ଜବିହାରୀଙ୍କ କଲ୍ୟାଣକାରୀ ଦୃଷ୍ଟି ତାଙ୍କର ଜୀବନପଥକୁ ପୁଷ୍ପିତ କରିଦେଇଥିଲା । ଖ୍ରୀ. ୧୯୪୬ ରୁ ୧୯୪୯ ପର୍ଯ୍ୟନ୍ତ ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦ ସହ ଯୁକ୍ତ ଥିଲେ । ଏହା ତାଙ୍କୁ ସର୍ଜନଶୀଳ ଓ ସମାଲୋଚନାତ୍ମକ ସାହିତ୍ୟ ସୃଷ୍ଟିର ପ୍ରେରଣା ଯୋଗାଇଥିଲା ।

Digitized by srujanika@gmail.com

ଏହା ବ୍ୟତୀତ କୁଞ୍ଜବିହାରୀଙ୍କ ସାହିତ୍ୟିକ ଓ ବ୍ୟକ୍ତିଗତ ଜୀବନାଦର୍ଶ ଦ୍ୱାରା ସେ ଅନୁପ୍ରାଣିତ ହୋଇଥିଲେ । ନରେନ୍ଦ୍ର ରେଭେନ୍ସା କଲେଜରେ ଇତିହାସରେ ଏମ୍.ଏ. ପଢୁଥିବା ବେଳେ ବିଶ୍ୱଭାରତୀ ଓଡ଼ିଆ ବିଭାଗରେ ଗୋଟିଏ ଗବେଷଣା ସହକାରୀ ପଦ ଖାଲି ପଡ଼ିଲା । କୁଞ୍ଜବିହାରୀଙ୍କ ଆହ୍ୱାନକ୍ରମେ ଇତିହାସ ଏମ୍.ଏ. ପଢ଼ା ଅଧାରୁ ଛାଡ଼ି ନରେନ୍ଦ୍ର ସେଠାରେ ଯୋଗଦେଲେ । ସେଠାରେ ସେ ଗବେଷଣା ସହାୟକ ଭାବରେ ନିଜର ଦାୟିତ୍ୱ ପାଳନ କରିବା ସଙ୍ଗେସଙ୍ଗେ ଓଡ଼ିଆ ଏମ୍.ଏ. ଶ୍ରେଣୀରେ ଯୋଗଦେଲେ । ସେ ହେଲେ ବିଶ୍ୱଭାରତୀ ଓଡ଼ିଆ ବିଭାଗର ପ୍ରଥମ ବ୍ୟାଚ୍‌ର ତିନିଜଣ ଏମ୍.ଏ. ଛାତ୍ରଙ୍କ ଭିତରୁ ଜଣେ । ଏହି ଜ୍ଞାନପିପାସୁ ଛାତ୍ରଟି ପାଇଁ ସେଠାରେ ବିଶ୍ୱ ଜ୍ଞାନଭଣ୍ଡାରର ଦ୍ୱାର ଖୋଲିଗଲା । ଏହି ସମୟର ଗୋଟିଏ ଘଟଣା କହି ଡ. କୁଞ୍ଜବିହାରୀ ଦାଶ ହାସ୍ୟରୋଳ ସୃଷ୍ଟି କରିଥାନ୍ତି । ଥରେ ଗୋଟିଏ ବିଚିତ୍ର ଅଭିଯୋଗ ତାଙ୍କ ନିକଟରେ ପହଞ୍ଚିଲା । ଗୋଟିଏ ଝିଅ(ଗବେଷିକା) ନିଜର ଅସୁବିଧା ଜଣାଇ କହିଲେ ଯେ ସେ ଓ ନରେନ୍ଦ୍ରବାବୁ ଗୋଟିଏ କୋଠରୀରେ ବସି ଗବେଷଣା କରୁଥିଲେ ମଧ୍ୟ ନରେନ୍ଦ୍ର ତାଙ୍କ ସହ ଆଦୌ କଥାବାର୍ତ୍ତା କରୁନାହାନ୍ତି । ଡ.ଦାଶ ତାଙ୍କୁ ବୁଝାଇସୁଝାଇ ପଠାଇଦେଲେ । ସେ ଗବେଷଣା କର୍ମରେ କିଭଳି ଆତ୍ମନିବେଶ କରିଥିଲେ ତାହା ଏଥିରୁ ଜଣାପଡ଼େ ।

୧୯୫୭ ମସିହାରେ ନରେନ୍ଦ୍ର କେଉଁଝର ବିଜ୍ଞାନ କଲେଜରେ ଯୋଗଦେଲେ । ବିଶ୍ୱଭାରତୀ ଗ୍ରନ୍ଥାଗାରରୁ ସଂଗୃହୀତ ତଥ୍ୟ ଭିତ୍ତିରେ ସେଠାରେ ଗବେଷଣା ନିବନ୍ଧଟି ପ୍ରସ୍ତୁତ କରିବାରେ ମନୋନିବେଶ କଲେ । କେଉଁଝର ଛୋଟରାୟ ସାହେବଙ୍କ ବ୍ୟକ୍ତିଗତ ଲାଇବ୍ରେରୀ ଉପଯୋଗ କରିବା ସୁଯୋଗ ସେ ପାଇଥିଲେ । କଲେଜ ଲାଇବ୍ରେରୀରେ ମଧ୍ୟ ବହୁ ସମୟ ବିତାଉଥିଲେ । କେଉଁଝର ରହଣି କାଳରେ ତାଙ୍କ ଥେସିସ୍‌ର ପ୍ରଥମ ଲେଖା ପ୍ରସ୍ତୁତ ହୋଇଗଲା । ୧୯୫୯ ମସିହା ଜୁଲାଇ ମାସ ସେ ଫକୀରମୋହନ କଲେଜର ସ୍ଥାୟୀ ସରକାରୀ ଅଧ୍ୟାପକ ପଦରେ ଯୋଗଦେଲେ । ୧୯୬୦ରେ 'ଆଧୁନିକ ଓଡ଼ିଆ କାବ୍ୟଧାରା-ଆଦିଯୁଗ' ପାଇଁ ପି ଏଚ୍.ଡି. ଡିଗ୍ରୀ ପାଇଲେ । ଓଡ଼ିଆ ସାହିତ୍ୟ ଉପରେ ପ୍ରସ୍ତୁତ ଏହା ପ୍ରଥମ ପି ଏଚ୍.ଡି. ସନ୍ଦର୍ଭ । ସରକାରୀ ନିଯୁକ୍ତି ସତ୍ତ୍ୱେ ସେ ଶାନ୍ତିନିକେତନର ଆକର୍ଷଣ ସତତ ଅନୁଭବ କରୁଥାନ୍ତି । ଏତିକି ବେଳେ ଡ.କୁଞ୍ଜବିହାରୀ ଦାଶ ସେଠାରେ ଏକ ନୂତନ ଅଧ୍ୟାପକ ପଦ ସୃଷ୍ଟି

Digitized by srujanika@gmail.com

କରାଇ ବିଜ୍ଞାପନ ପ୍ରକାଶ କଲେ । ସ୍ୱାଭାବିକ ଭାବରେ ଡ.ମିଶ୍ର ଏଥିପାଇଁ ପ୍ରାର୍ଥୀ ହେଲେ । ସାତ ଆଠଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସେ ନିର୍ବାଚିତ ହୋଇ ଓଡ଼ିଶାର ସରକାରୀ ଚାକିରି ଛାଡ଼ି ୧୯୬୦ ମସିହା ଅପ୍ରେଲ ଦୁଇ ତାରିଖରେ ବିଶ୍ୱଭାରତୀ ଓଡ଼ିଆ ବିଭାଗର ଅଧ୍ୟାପକ ଭାବରେ ଯୋଗ ଦେଲେ । ୧୯୬୧ ମସିହାରେ ଡ.କୁଞ୍ଜବିହାରୀ ଦାଶ ରେଭେନ୍ସା କଲେଜକୁ ଫେରିଆସିବାରୁ ଡ.ମିଶ୍ରଙ୍କୁ ବିଭାଗର ଦାୟିତ୍ୱ ତୁଲାଇବାକୁ ପଡ଼ିଲା । ୧୯୭୦ ମସିହା ଡିସେମ୍ବର ମାସରେ ସେ ରିଡ଼ର ଓ ବିଭାଗମୁଖ୍ୟ ହୋଇଥିଲେ । ଅବଶେଷରେ ୧୯୮୩ ମସିହାରୁ ପ୍ରଫେସର ହୋଇ ୧୯୮୯ ସେପ୍ଟେମ୍ବର ମାସରେ ବିଶ୍ୱଭାରତୀରୁ ଅବସର ଗ୍ରହଣ କଲେ । ଏହାପରେ ପୁନର୍ନିଯୁକ୍ତି ପାଇ ସେ ସେଠାରେ କର୍ମରତ ରହିଲେ ଓ ୧୯୯୪ ମସିହାରେ ସଂପୂର୍ଣ୍ଣ ଅବସରପ୍ରାପ୍ତ ହେଲେ । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଦଶଜଣ ଛାତ୍ର ତାଙ୍କ ତତ୍ତ୍ୱାବଧାନରେ ପିଏଚ୍.ଡି. ଉପାଧି ଲାଭ କରିଥିଲେ ।

ଡ. ମିଶ୍ର ରତନ୍‌ପଲ୍ଲୀର ୧୮ ନମ୍ବର ବିଶ୍ୱଭାରତୀ କ୍ୱାର୍ଟର୍ସରେ ରହୁଥିଲେ । ଘରଟି ଓଡ଼ିଶା ସରକାରଙ୍କ ଅନୁଦାନରେ ନିର୍ମିତ ହୋଇଥିଲା । ତାଙ୍କ ପୂର୍ବରୁ ଏହିଘରେ ଡ.କୁଞ୍ଜବିହାରୀ ଦାଶ ରହୁଥିଲେ । ଘର ପଛପଟେ ବାଡ଼ଦେଇ ଡ.ମିଶ୍ର ପନିପରିବା ଚାଷ କରିଥାନ୍ତି । ତାଙ୍କ ବଗିଚାରେ ମିଠା ଆମ୍ବ ଫଳୁଥିଲା । ସେ ଯତ୍ନନେଇ ପ୍ରଚୁର ଲେମ୍ବୁ ମଧ୍ୟ ଫଳାଇ ପାରୁଥିଲେ । ତାଙ୍କର ସହକର୍ମୀ, ଗବେଷକ ଛାତ୍ର ଓ ନିକଟତମ ଓଡ଼ିଆ ପ୍ରତିବେଶୀ ଭାବରେ ମୁଁ ତାଙ୍କ ବଗିଚାର ଆମ୍ବ ଓ ଲେମ୍ବୁର ଭାଗୀଦାର ହେଉଥିଲି । କେବଳ କୃଷି ନୁହେଁ, ଡ. ମିଶ୍ର ସୁଷମ ଖାଦ୍ୟ ସମ୍ପର୍କରେ ମଧ୍ୟ ପରୀକ୍ଷା ନିରୀକ୍ଷା କରୁଥିଲେ । ଅନ୍ୟମାନଙ୍କ ପାଇଁ ତାହା ରୁଚିକର ହେଉନଥିଲେ ମଧ୍ୟ ନିଶ୍ଚିତଭାବରେ ପୁଷ୍ଟିକର ହେଉଥିଲା । ସୁସ୍ୱାସ୍ଥ୍ୟ ସଂପର୍କରେ ସେ ବିଭିନ୍ନ ଇଂରାଜୀ ବହିରୁ ତଥ୍ୟ ସଂଗ୍ରହ କରିଥାନ୍ତି । ସେ କୁଆଡ଼େ କିଛିଦିନ ହୋମିଓପ୍ୟାଥିକ ଚିକିତ୍ସା ବିଷୟରେ ଚର୍ଚ୍ଚା କରିଥିଲେ । ବିଭିନ୍ନ ରୋଗର ଆଧୁନିକତମ ଚିକିତ୍ସା ସମ୍ପର୍କରେ ସେ ଅବହିତ ଥିଲେ । ଆୟୁର୍ବେଦିକ ଚିକିତ୍ସା ଉପରେ ବି ତାଙ୍କର ଆସ୍ଥା ଥିଲା । ସାନ୍ଧ୍ୟ ଭ୍ରମଣ ସମୟରେ ଆଶ୍ରମ ବାଟିକାରୁ ହରିଡ଼ା, ବାହାଡ଼ା ଓ ଅଁଳା ସଂଗ୍ରହ କରି ଚ୍ୟବନପ୍ରାସ ପ୍ରସ୍ତୁତ କରୁଥିଲେ । ନାନା ବିଷୟରେ ବିଜ୍ଞାନ ବହି ଓ ପତ୍ରିକା ପଢ଼ିବାରେ ମଧ୍ୟ ତାଙ୍କର ଆଗ୍ରହ ଥିଲା ।

Digitized by srujanika@gmail.com

ମିତବ୍ୟୟିତା ଡ.ମିଶ୍ରଙ୍କର ଗୋଟିଏ ବିଶେଷ ଗୁଣ । ଖାଦ୍ୟ ବା ପୋଷାକରେ ତାଙ୍କର ବିଶେଷ ଖର୍ଚ୍ଚ ନଥିଲା । କିନ୍ତୁ ଉପାଦେୟ ଗ୍ରନ୍ଥ ପାଇଁ ଖର୍ଚ୍ଚ କରିବାରେ ତାଙ୍କର କୁଣ୍ଠା ନଥିଲା । ସେ ସବୁବେଳେ ସଞ୍ଚୟର ପକ୍ଷପାତୀ ଥିଲେ । କିନ୍ତୁ ଅନ୍ୟର ସମ୍ପଦ ଉପରେ ତାଙ୍କର ଲୋଭ ନଥିଲା । ଆଜିକାଲି ବହୁ ଅଧ୍ୟାପକ ଛାତ୍ରଛାତ୍ରୀଙ୍କୁ ଶୋଷଣ କରୁଥିବା କଥା ଶୁଣାଯାଏ । କିନ୍ତୁ ସେଭଳି ଅପବାଦ ଡ.ମିଶ୍ରଙ୍କ ନାମରେ ନାହିଁ । ଛାତ୍ରଛାତ୍ରୀଙ୍କୁ ଶିକ୍ଷାକ୍ଷେତ୍ରରେ ପ୍ରୋତ୍ସାହନ ଦେବା ତାଙ୍କର ଅଭ୍ୟାସଗତ । ସେଥିପାଇଁ ସେ ଆର୍ଥିକ ସହଯୋଗିତାର ହାତ ବଢ଼ାଇଦେବାକୁ ପଛାନ୍ତିନାହିଁ । ଥରେ ଗୋଟିଏ ସେମିନାରରେ ଯୋଗ ଦେବାପାଇଁ ମୋର ଟରଣ୍ଟୋ ଯିବାର ଥିଲା । ଆର୍ଥିକ ଅନଟନ କଥା ଜାଣି ଡ.ମିଶ୍ର ସ୍ୱତଃ ପ୍ରବୃତ୍ତ ଭାବରେ ଆବଶ୍ୟକ ଅର୍ଥ ଧାର ସୂତ୍ରରେ ଦେଇଥିଲେ ।

ଡ. ମିଶ୍ରଙ୍କ ସ୍ତ୍ରୀ ରତ୍ନମାଳା(ଅପା) ଅତ୍ୟନ୍ତ ସ୍ନେହଶୀଳା ଥିଲେ । ତାଙ୍କ ବସାକୁ ଗଲେ ନିଜ ହାତ ତିଆରି କିଛି ଅବଶ୍ୟ ଖୁଆଇଥାନ୍ତି । ତାଙ୍କ ପିଲାମାନେ ମଧ୍ୟ ମୋତେ ଆପଣାର କରି ନେଇଥିଲେ । ସ୍କୁଲରେ ମୋର ଗଣିତ ଭଲ ହେଉଥିଲା ବୋଲି ଶୁଣିବା ପରେ ମୁଁ ଯିବାବେଳକୁ ଗଣିତର ସମସ୍ୟାମାନ ବାଛିବାଛି ରଖିଥାନ୍ତି । ବଡ଼ପୁଅ ଅଶୋକ ଓଡ଼ିଆ ବିଭାଗର ଛାତ୍ର ଥିଲା । ସାନପୁଅ ବୀତଶୋକ ବିଜ୍ଞାନ ପଢୁଥିଲା । ପିଲାଟି ଯେପରି ସୁଧାର ସେହିପରି ମେଧାବୀ । ସେ ବଙ୍ଗଳାରେ କବିତା ଲେଖୁଥିଲା । ରକ୍ତକର୍କଟ ରୋଗରେ ଆକ୍ରାନ୍ତ ହୋଇ ସେ ଅକାଳରେ ଚାଲିଗଲା । ଓଡ଼ିଆରେ ଅନୂଦିତ ତାର ଗୋଟିଏ କବିତାର କେତୋଟି ପଙ୍କ୍ତି ମନେପଡ଼େ-

ଜୀବନର ମରୁ-ଉଦ୍ୟାନରେ
ପ୍ରସ୍ଫୁଟିତ ଫୁଲଟିର ନାମ ଯୌବନ
ଯାହା ଦିନେ ଝଡ଼ିଯାଇପାରେ ।
ହୃଦୟର ନିର୍ଜନ ଶାଖାରେ
କ୍ରନ୍ଦନରତ କପୋତୀର ନାମ ମନ
ଯାହା ଦିନେ ମରିଯାଇପାରେ ।

ତାର ମୃତ୍ୟୁ ଡ.ମିଶ୍ରଙ୍କ ପାଇଁ ଥିଲା ଗୋଟିଏ ବିରାଟ ଧକ୍କା, ଯାହାକୁ ସେ ନିର୍ବିକାର ଭାବରେ ସହିଯାଇଥିଲେ । ଡ.ମିଶ୍ର ବିଶ୍ୱଭାରତୀ ଛାଡ଼ିବା ପୂର୍ବରୁ ତାଙ୍କର

Digitized by srujanika@gmail.com

ତିନି ଝିଅ ବିବାହ କରିଯାଇଥିଲେ । ତାଙ୍କର ଦୁଇ ଜ୍ୱାଇଁ ଥିଲେ ବିଶ୍ୱଭାରତୀ ଓଡ଼ିଆ ବିଭାଗର ଛାତ୍ର; ଏବେ ବିଭିନ୍ନ କଲେଜର ଅଧ୍ୟାପକ । ଦ୍ୱିତୀୟା କନ୍ୟା ମୃଦୁଳା ମଧ୍ୟ ଅଧ୍ୟାପିକା । ସାନ ଜ୍ୱାଇଁ ଭୁବନେଶ୍ୱର ଗୋଟିଏ ପ୍ରତିଷ୍ଠିତ ବ୍ୟବସାୟୀ ପରିବାରର ।

ଡ.ମିଶ୍ର ଶାନ୍ତିନିକେତନ ସହ ଏକାତ୍ମ ହୋଇଯାଇଥିଲେ । ଶାନ୍ତିନିକେତନର ଆଶ୍ରମିକ ଜୀବନଯାପନ-ପ୍ରଣାଳୀ ଓ କାବ୍ୟିକ ପରିବେଶ ତାଙ୍କ ରୁଚିର ଏକାନ୍ତ ଅନୁକୂଳ ଥିଲା । ସେ ପରମ ରବୀନ୍ଦ୍ରଭକ୍ତ । ବହୁ ପଠନ ଅଭ୍ୟାସ ଭିତରେ ସେ ରବୀନ୍ଦ୍ର ସାହିତ୍ୟରେ ମଧ୍ୟ ଅବଗାହନ କରିଥିଲେ । ରବୀନ୍ଦ୍ରନାଥ ପରିବର୍ତ୍ତେ ସେ 'ଗୁରୁଦେବ' କହିଥାନ୍ତି । ବୁଧବାର ଦିନ ବ୍ରାହ୍ମ-ଉପାସନା ମନ୍ଦିରକୁ ସେ ଖଦଡ଼ କନାର ପତଲୁନ୍, ପଞ୍ଜାବୀ ପିନ୍ଧି, ବେକରେ ଶାନ୍ତିନିକେତନ ସ୍କାର୍ଫ ପକାଇ ଅବଶ୍ୟ ଯିବେ । ସେଠାରେ ସ୍କୁଲ ଛାତ୍ରଙ୍କର ସମବେତ ରବୀନ୍ଦ୍ର ସଂଗୀତ ଗାନ, ରବୀନ୍ଦ୍ର ରଚନାରୁ ପାଠ ଓ ବିଶିଷ୍ଟ ଅଧ୍ୟାପକଙ୍କ ଦ୍ୱାରା ପରିବେଷିତ ପ୍ରବଚନ ତାଙ୍କର ଅତି ପ୍ରିୟ । ସନ୍ଧ୍ୟାବେଳେ ନୃତ୍ୟଗୀତ ମୁଖରିତ ନାଟ୍ୟଘରେ ସସ୍ତ୍ରୀକ ଦେଖିବାକୁ ମିଳନ୍ତି । ଅଗଷ୍ଟ ପନ୍ଦର, ଜାନୁଆରୀ ଛବିଶ ପରି ପବିତ୍ର ଜାତୀୟ ଅନୁଷ୍ଠାନରେ ଡ.ମିଶ୍ର ଯଥା ସମୟରେ ଅବଶ୍ୟ ପହଞ୍ଚିବେ ।

ଡ. ମିଶ୍ର ବହୁଦିନ ଧରି ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦର ସଭାପତି ଥିଲେ । ପରିଷଦର କାର୍ଯ୍ୟକ୍ରମରେ ବିଶେଷ ହସ୍ତକ୍ଷେପ ନକରି ମୁଖ୍ୟତଃ ଛାତ୍ରଙ୍କ ଉପରେ ତାର ଦାୟିତ୍ୱ ନ୍ୟସ୍ତ କରୁଥିବାରୁ ଛାତ୍ରମାନେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏଥିରେ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ସୁଚାରୁ ରୂପରେ ପରିଚାଳନା କରୁଥିଲେ । ତାଙ୍କ ସମୟରେ ପରିଷଦ ବିଶ୍ୱଭାରତୀର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କର ଏକ ସୌହାର୍ଦ୍ଦ ପୂର୍ଣ୍ଣ ମିଳନକ୍ଷେତ୍ରରେ ପରିଣତ ହୋଇଥିଲା । ଉତ୍କଳ ଦିବସ, ପଣା ସଂକ୍ରାନ୍ତି, ସରସ୍ୱତୀ ପୂଜା, ଗଣେଶ ପୂଜା, ବଣଭୋଜି ଆଦି ବଡ଼ ଆନନ୍ଦମୁଖର ପରିବେଶରେ ପାଳିତ ହେଉଥିଲା । ସାହିତ୍ୟ ପରିଷଦ ମାଧ୍ୟମରେ ପ୍ରକାଶିତ 'ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା' ସଂକଳନ ଓ ସଂପାଦନାରେ ଡ.କୁଞ୍ଜବିହାରୀ ଦାଶଙ୍କ ସହ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ପ୍ରତ୍ୟେକ ସଭାରେ ଡ.ମିଶ୍ର ସାରଗର୍ଭକ ବକ୍ତୃତାମାନ ଦେଇଥାନ୍ତି । ବେଳେବେଳେ ତାଙ୍କର ବକ୍ତୃତା ଏତେ ଦୀର୍ଘ ହୋଇଯାଏ ଯେ ପରବର୍ତ୍ତୀ କାର୍ଯ୍ୟକ୍ରମକୁ ସଂକ୍ଷିପ୍ତ କରିବାକୁ ପଡ଼େ ।

Digitized by srujanika@gmail.com

ମୋର ପି.ଏଚ୍.ଡି. ଗବେଷଣା ବେଳର କଥା ମନେପଡ଼େ । ଡ.ମିଶ୍ର ଗବେଷକଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥାନ୍ତି । କାମରେ ହସ୍ତକ୍ଷେପ କରନ୍ତି ନାହିଁ । ଗବେଷକ ନିଜେ ଚିନ୍ତାକରୁ, ଅନୁସନ୍ଧାନ କରୁ, ପଢୁ- ଏହାହିଁ ତାଙ୍କର ଉଦ୍ଦେଶ୍ୟ । ଦରକାର ହେଲେ କିଛି ସହାୟକ ଗ୍ରନ୍ଥର ସୂଚନା ଦେଇଥାନ୍ତି । ମୋ ପିଏଚ୍.ଡି. ସଂଦର୍ଭଟିକୁ ଇଂରାଜୀରେ ଲେଖିବାପାଇଁ ସେ ପରାମର୍ଶ ଦେଇଥିଲେ । ତାଙ୍କର ପ୍ରେରଣାରେ ପରବର୍ତ୍ତୀ ସମୟରେ ମୁଁ କେତେଗୁଡ଼ିଏ ଇଂରେଜୀ ପ୍ରବନ୍ଧ ଲେଖି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରିଥିଲି । ଡ.କୁଞ୍ଜବିହାରୀ ଦାଶଙ୍କ ସହ ଡ.ମିଶ୍ର ଓଡ଼ିଶାର ବିଭିନ୍ନ ସ୍ଥାନକୁ ଗସ୍ତକରି ଲୋକସାହିତ୍ୟ ସଂଗ୍ରହ କରିଥିଲେ । ଲୋକସାହିତ୍ୟ ସଂପର୍କରେ ସେ କିଛି ପ୍ରବନ୍ଧ ମଧ୍ୟ ଲେଖିଥିଲେ । ଏହି ଅଭିଜ୍ଞତା ମୋ କାମରେ ଲାଗିଥିଲା । ଗଦ୍ୟଶୈଳୀ ସଂପର୍କରେ ସେ ଅତ୍ୟନ୍ତ ସଚେତନ ଥିଲେ । ମୁଁ ପୂର୍ବରୁ ଇଂରାଜୀ ଗଦ୍ୟଶୈଳୀ ପ୍ରସଙ୍ଗରେ ଉପଯୁକ୍ତ ଶବ୍ଦଚୟନ ଓ ପ୍ରଭାବଶାଳୀ ବାକ୍ୟ ଗଠନର ସୂତ୍ର ସମ୍ପର୍କରେ ଅବହିତ ହୋଇଥିଲେ ମଧ୍ୟ ସେ ଓଡ଼ିଆ ରଚନା କ୍ଷେତ୍ରରେ ଏହା ପ୍ରୟୋଗ କରୁଥିବାର ଦେଖି ପ୍ରଭାବିତ ହୋଇଥିଲି । ଡ.ମିଶ୍ର କହନ୍ତି, 'ପ୍ରାକୃତ, ଜୀବନ୍ତ ଗତିଶୀଳ ଓଡ଼ିଆ ଭାଷାର ସ୍ୱାଭାବିକ ବିକାଶ ପାଇଁ ଆମ୍ଭେମାନେ ସମସ୍ତେ ସ୍ୱପ୍ନ ଦେଖୁଥିଲୁ । ମାତୃଭାଷାକୁ ନିଜସ୍ୱ ମହିମାରେ ମହିମାନ୍ୱିତ କରିବାପାଇଁ ଗଭୀର ଅନ୍ତର୍ଦୃଷ୍ଟି ଦେଇ ଧ୍ୟାନ କରୁଥିଲୁ । ଗୋଟିଏ ଗୋଟିଏ ଶବ୍ଦଚୟନ ଓ ବାକ୍ୟରଚନା ପାଇଁ ଆମର ଥିଲା ଦୃଢ଼ ସଂକଳ୍ପ' ।

ଥରେ ଡ. କୁଞ୍ଜବିହାରୀ ଦାଶ ଛାତ୍ର ନରେନ୍ଦ୍ରଙ୍କୁ ଲେଖିଥିଲେ, 'ଯାହା କର, ଅସଲ ଲକ୍ଷ୍ୟ ଧ୍ରୁବତାରାଟିକୁ ଭୁଲିଯିବନାହିଁ । ଦେହ ବିନାଶିବା ଆତ୍ମହତ୍ୟା ନୁହେଁ, ଏହାକୁ ହିଁ ଯଥାର୍ଥ ଆତ୍ମହତ୍ୟା କହନ୍ତି'- ଏହି ଗୁରୁବାକ୍ୟକୁ ଛାତ୍ର ଜଣକ କେବେ ହେଲେ ଭୁଲିନଥିଲେ । ଜୀବନର ନାନା ପ୍ରତିକୂଳ ପରିସ୍ଥିତିରେ ବି ସେ ଅସଲ ଲକ୍ଷ୍ୟରୁ ବିଚ୍ୟୁତ ହୋଇନଥିଲେ । ତାହା ହେଲା ମୌଳିକ ଗବେଷଣା ।

ଡ.ମିଶ୍ର ପ୍ରାଦେଶିକ ଓ ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥାଇ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଳନ କରିଛନ୍ତି, ତାର ଏକ ସଂକ୍ଷିପ୍ତ ବିବରଣୀ 'ସବୁଜ ଘାସ ଓ ଅସ୍ତାଚଳ ସୂର୍ଯ୍ୟ' କବିତା ସଂକଳନଟିର ପୃଷ୍ଠବନ୍ଧରେ ପ୍ରକାଶ ପାଇଛି । ତା'ରି ଭିତ୍ତିରେ ଏଠାରେ କେତେକ ତଥ୍ୟ ପରିବେଷିତ ହେଲା :-

ଡ. ମିଶ୍ର ୧୯୭୦ରୁ ୧୯୮୦ ଭିତରେ ଭାରତୀୟ ଜ୍ଞାନପୀଠ ଓଡ଼ିଆ ଉପଦେଷ୍ଟା ସମିତିର ଆବାହକ ଥିଲେ । ବିଶ୍ୱଭାରତୀ ପ୍ରାକ୍ତନୀ, ଉତ୍କଳ ସାହିତ୍ୟ ସମାଜ, ଓଡ଼ିଆ ଗବେଷଣା ପରିଷଦ ଆଦିର ଆଜୀବନ ସଦସ୍ୟ । ଲେନିନ୍ ଶତବାର୍ଷିକୀ ଓ ରବୀନ୍ଦ୍ର ଶତବାର୍ଷିକୀ ସହିତ ଅନ୍ୟାନ୍ୟ ବହୁ ଜାତୀୟ ପାଠଚକ୍ରରେ ପ୍ରବନ୍ଧ ପାଠ କରିଛନ୍ତି । ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗ ଓ ୟୁନିଅନ ପାବ୍ଲିକ୍ ସର୍ଭିସ୍ କମିଶନର ଓଡ଼ିଆ ଭାଷା ଓ ସାହିତ୍ୟର ଅନ୍ୟତମ ବିଶେଷଜ୍ଞ ଭାବରେ କାର୍ଯ୍ୟ କରିଛନ୍ତି । ଅବସର ଗ୍ରହଣ ପରେ ଆସାମ ଦିବ୍ରୁଗଡ଼ ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବରେ ଯୋଗଦେଇ ଅଧ୍ୟାପନା କରିଛନ୍ତି ଓ ପୂର୍ବଭାରତର ରାମାୟଣ ପରମ୍ପରା ବିଷୟରେ ଜାତୀୟ ସଂପାନରେ ସଭାପତିତ୍ୱ କରିଛନ୍ତି । ଓଡ଼ିଆ ଭାଷା-ସାହିତ୍ୟର ଜଣେ ଏକନିଷ୍ଠ ଗବେଷକ, ପଥିକୃତ୍ ସମାଲୋଚକ ଓ ବୈଶିଷ୍ଟ୍ୟପୂର୍ଣ୍ଣ ବଳିଷ୍ଠ ଗଦ୍ୟଲେଖକ ଭାବରେ ସୁପରିଚିତ । ଦେଶ ଓ ବିଦେଶର ବହୁ ପତ୍ରିକାରେ ତାଙ୍କର ପ୍ରବନ୍ଧମାନ ଇଂରେଜୀ, ହିନ୍ଦୀ ଓ ବଙ୍ଗଳାରେ ପ୍ରକାଶିତ ।

ଡ. ମିଶ୍ରଙ୍କ ରଚନାବଳୀ ମଧ୍ୟରେ ନିବନ୍ଧ ଓ ସମାଲୋଚନା, କବିତା, ଭ୍ରମଣକାହାଣୀ, ଜୀବନୀ ଓ ଅନୁବାଦ ରହିଛି । ବିଶ୍ୱଭାରତୀ ଗବେଷଣା ବିଭାଗ ପ୍ରକାଶିତ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ'(୧୯୫୫), 'ଆଧୁନିକ ଓଡ଼ିଆ କାବ୍ୟଧାରା-ଆଦିଯୁଗ' (୧୯୬୪), 'ଆଧୁନିକ ଓଡ଼ିଆ କାବ୍ୟଧାରା-ନବ ଜାଗରଣ ଯୁଗ' (୧୯୭୮), ଓଡ଼ିଆ ସମାଲୋଚନା ସାହିତ୍ୟକୁ ତାଙ୍କର ବିଶେଷ ଅବଦାନ । ଓଡ଼ିଶା ସରକାରଙ୍କ ପ୍ରୌଢ଼ଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ 'ଓଡ଼ିଆ ଜ୍ଞାନକୋଷ' (୧୯୫୭), ରାଜହଂସ (କଟକ)ଙ୍କ ଦ୍ୱାରା ପ୍ରକାଶିତ 'ଶୈଳ ଓ ସୀମାନ୍ତ' (୧୯୫୮), ଫ୍ରେଣ୍ଡସ୍ ପବ୍ଲିସର୍ସ (କଟକ) ପ୍ରକାଶିତ 'ଆଧୁନିକତା ଓ ଆଧୁନିକ ସାହିତ୍ୟ' (୧୯୭୨), ଜଗନ୍ନା ରଥ (କଟକ)ଙ୍କ ପ୍ରକାଶିତ 'ଓଡ଼ିଆ ଭାଷା ଓ ସାହିତ୍ୟ: ଏକ ଅଧ୍ୟୟନ' (୧୯୬୮), ଓଡ଼ିଶା ସାହିତ୍ୟ ଏକାଡେ଼ମୀ ପ୍ରକାଶିତ 'ଆଧୁନକ କଥାସାହିତ୍ୟ-ଉପନ୍ୟାସ' (୧୯୮୨, ୨୦୦୪) ତାଙ୍କର ଅନ୍ୟ କେତୋଟି ଉପାଦେୟ ଆଲୋଚନା ଗ୍ରନ୍ଥ । ଭ୍ରମଣ କାହାଣୀ ମଧ୍ୟରେ ରହିଛି ପୁସ୍ତକ ଭଣ୍ଡାର (ବ୍ରହ୍ମପୁର) ପ୍ରକାଶିତ 'କଳାପାଣି' (୧୯୮୨), ଜୀବନୀ ମଧ୍ୟରେ ରହିଛି ନୀଳକଣ୍ଠ ସ୍ମୃତି ସମିତି ପ୍ରକାଶିତ 'ପଣ୍ଡିତ ନୀଳକଣ୍ଠ : ଜୀବନୀ ଓ କୃତୀ'(୧୯୮୩) ଓ କେନ୍ଦ୍ର ସାହିତ୍ୟ ଅକାଦେମୀ ଦ୍ୱାରା ପ୍ରକାଶିତ 'Makers of Indian Literature : Nilakantha Das' (1998),

ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ 'ଲୋକରତ୍ନ କୁଞ୍ଜବିହାରୀ ଦାଶ' (୨୦୦୬) ଓ କେନ୍ଦ୍ର ସାହିତ୍ୟ ଅକାଦେମୀ ପ୍ରକାଶିତ 'Makers of Indian Literature : Lokaratna Kunjabihari Das' (2009) । ଅନୁବାଦ ମଧ୍ୟରେ ରହିଛି ନ୍ୟାସନାଲ ବୁକ୍‌ଟ୍ରଷ୍ଟ ଅଫ୍ ଇଣ୍ଡିଆଙ୍କ ଦ୍ୱାରା ପ୍ରକାଶିତ 'ବଙ୍ଗୀୟ ଲୋକସଂସ୍କୃତି' (୧୯୯୫) ଓ 'ସାହିତ୍ୟର ସଂକଟ' (୧୯୯୯)। କବିତା ସଂକଳନର ରହିଛି 'ସବୁଜ ଘାସ ଓ ଅସ୍ତାଚଳ ସୂର୍ଯ୍ୟ'(୨୦୦୮) ।

ନିଜ କବିତା ସଂପର୍କରେ 'ସବୁଜ ଘାସ ଓ ଅସ୍ତାଚଳ ସୂର୍ଯ୍ୟ'ର ମୁଖବନ୍ଧରେ ଡ.ମିଶ୍ର କହନ୍ତି, '୧୯୬୦ରେ ମୁଁ ବିଶ୍ୱଭାରତୀ ଓଡ଼ିଆ ବିଭାଗରେ ଅଧ୍ୟାପକ ହେଲି । ସେତେବେଳେ ଜଣେ ଫରାସୀ ବିଦ୍ୱାନ ଶାନ୍ତିନିକେତନରେ ଆଗ୍ରହୀମାନଙ୍କୁ ଫରାସୀ ସାହିତ୍ୟ ଅତି ଆଗ୍ରହର୍ ସହିତ ପଢ଼ାଉଥିଲେ । ମୁଁ ବିଶ୍ୱଭାରତୀରେ ଗବେଷକ ଥିଲାବେଳେ ଫ୍ରେଞ୍ଚ୍ ସାର୍ଟିଫିକେଟ କୋର୍ସ କରୁଥିଲି । ଫ୍ରେଞ୍ଚ ସାହିତ୍ୟ ପଢ଼ିବାରେ ଆଗ୍ରହ ବଢ଼ିଲା । କଲିକତାର ଗୋଟିଏ ବଡ଼ ଫରାସୀ ଭାଷା ବହି ଦୋକାନରୁ ସ୍ୱଳ୍ପ ମୂଲ୍ୟରେ ମିଳୁଥିବା ଅନେକ ଗୁଡ଼ିଏ କବିତା ଓ ଗଳ୍ପବହି, ଉତ୍କୃଷ୍ଟ ଅଭିଧାନ ଆଦି କିଣିଲି । ସେଇ ସମୟରେ ଫରାସୀ ସାହିତ୍ୟର ପ୍ରଭାବରେ ମୁଁ ଅନେକ କବିତା ରଚନା କରିଥିଲି ।

ମୋର ଦୀର୍ଘ ଅର୍ଦ୍ଧଶତାବ୍ଦୀ ରହଣି କାଳରେ ନାନା ଭାଷାରେ ନାନା ଗ୍ରନ୍ଥପାଠ ହିଁ ଥିଲା ଜୀବନର ମୁଖ୍ୟ ସାଧନା । କବିଗୁରୁ ରବୀନ୍ଦ୍ରନାଥଙ୍କ କାବ୍ୟାଦର୍ଶରେ ପ୍ରାଣିତ ଓ ବିଶ୍ୱବିଦ୍ୟା ତୀର୍ଥ ପ୍ରାଙ୍ଗଣ ଶାନ୍ତିନିକେତନରେ ରଚିତ ଏହି କବିତାଗୁଡ଼ିକ ତରୁଣ ତଥା ପ୍ରାଜ୍ଞ ପାଠକଙ୍କ ମନରେ କିଞ୍ଚିତ ମାନବତା ଓ ବିଶ୍ୱଭାବର ସ୍ପର୍ଶ ଦେବବୋଲି ଆଶା କରୁଛି । ସମୟର ଦୀର୍ଘ ବ୍ୟବଧାନ ପରେ ଏହି ସୃଷ୍ଟି ସକଳ ଶ୍ରଦ୍ଧାର ସହିତ ଗୃହୀତ ହେବ ବୋଲି ଆଶା ପୋଷଣ କରୁଛି ।

ଭ୍ରମଣ କାହାଣୀ 'କଳାପାଣି' ସମ୍ପର୍କରେ ମୋର ଅଭୁଲା ସ୍ମୃତି ରହିଛି । ଡ.ମିଶ୍ରଙ୍କ ଆଣ୍ଡାମାନ ଯାତ୍ରାରେ ତାଙ୍କ ପରିବାର ସହ ମୁଁ ସପରିବାର ଯୋଗ ଦେଇଥିଲି । ଆଣ୍ଡାମାନରୁ ଫେରିବାପରେ ମୁଁ 'ପାଣି ଓ ପଥରର ସଂଗୀତପୁରୀ' ଶୀର୍ଷକ ଛୋଟ ଲେଖାଟିଏ ପ୍ରକାଶ କରିଥିଲି । କିନ୍ତୁ ଡ.ମିଶ୍ର ମାତ୍ର ଚାରି ଦିନର ଭ୍ରମଣ ଅନୁଭୂତିକୁ ନେଇ ଲୋଭନୀୟ ବହି ଖଣ୍ଡିଏ ଲେଖି ପକାଇଲେ । ବାଲେଶ୍ୱରରୁ ଆସି ଆଣ୍ଡାମାନରେ

ଉଚ୍ଚ ପଦବୀରେ କାମ କରୁଥିବା କେତେଜଣ ଅଫିସରଙ୍କ ସହ ଡ. ମିଶ୍ର ଯୋଗାଯୋଗ କରିପାରିଥିବାରୁ ଆମର ଆଣ୍ଡାମାନ ଯାତ୍ରା ବଡ଼ ଆମୋଦଦାୟକ ହୋଇଥିଲା । ଡ. ମିଶ୍ରଙ୍କର ଓଡ଼ିଆ ସାହିତ୍ୟକୁ ମୁଖ୍ୟ ଅବଦାନ ତାଙ୍କର ଗଦ୍ୟକୃତି ସମୂହ । ଉଭୟ ମୌଳିକ ଦୃଷ୍ଟିଭଙ୍ଗୀ ଓ ପ୍ରଭାବଶାଳୀ ଗଦ୍ୟଶୈଳୀ ପାଇଁ ସେଗୁଡ଼ିକ ଆଦୃତ । ଡ. କୁଞ୍ଜବିହାରୀ ଦାଶଙ୍କ ଭାଷାରେ 'ଡ.ନରେନ୍ଦ୍ର ନୀଳକଣ୍ଠଙ୍କ ପ୍ରସିଦ୍ଧ ବିଦ୍ୱତ୍ ଗୋଷ୍ଠୀର ଜଣେ- ବୋଧେ ଶେଷ ଜଣକ' ।

ଡ. ମିଶ୍ରଙ୍କର ଜୀବନ ଓ ସାଧନା ଉଭୟ ଆଦର୍ଶ ସ୍ଥାନୀୟ । ନାନା ଜଟିଳ ବ୍ୟକ୍ତିଗତ ସମସ୍ୟାର ଧୈର୍ଯ୍ୟର ସହ ମୁକାବିଲା, ନିରହଙ୍କାର ବ୍ୟକ୍ତିତ୍ୱ, ସମସ୍ତ ପ୍ରତିକୂଳତା ଭିତରେ ଏକାଗ୍ର ସାଧନା, ସର୍ବୋପରି ତାଙ୍କର ଶାନ୍ତ, ସରଳ, ନିଷ୍ପାପ ଜୀବନଶୈଳୀରୁ ଜୀବନପଥର ଯେକୌଣସି ନୂତନ ଯାତ୍ରୀ ପ୍ରେରଣା ପାଇବ । ତାଙ୍କ ଜୀବନର ବଳିଷ୍ଠ ଆଶାବାଦ 'ସବୁଜଘାସ ଓ ଅସ୍ତାଚଳ ସୂର୍ଯ୍ୟ'ର କେତୋଟି ମନୋଜ୍ଞ ପଙ୍କ୍ତିରେ ନିହିତ :-

ଝରିଯାଏ ଯଦି ଜୀବନ-କୁସୁମ
ବଇଶାଖୀ ଦାବ-ଦାହେ
ଫୁଟିବ ନାହିଁକି ନୂଆ ରୂପେ ପୁଣି
ଆଷାଢ଼ର ବାରିବାହେ ?

(କବିତା କଣିକା)

ମେଘାସନ ଗଡ଼, ବାଲିଆ, ବାଲେଶ୍ୱର

ସେଇ ଅବିସ୍ମରଣୀୟ ଘଟଣା

ଡ. କୃଷ୍ଣଚନ୍ଦ୍ର ଭୂୟାଁ

ତିନି ଦଶକରୁ ଉର୍ଦ୍ଧ୍ୱକାଳ ନରେନ୍ଦ୍ର ନାଥ ମିଶ୍ରଙ୍କ ସହିତ ମୋର ପରିଚୟ । କୋଲକାତାରେ କେତେବେଳେ ଅନ୍ନଦା ଶଙ୍କର ରାୟଙ୍କ ଘରେ, କେତେବେଳେ ଆର୍ଯ୍ୟସମାଜର ଅତିଥିଶାଳାରେ ତାଙ୍କ ସହିତ ଦେଖା ହେଉଥିଲା । ପୁଣି କେତେବେଳେ ଟିଟାଗଡ଼ର ଉପେନ୍ଦ୍ରଭଂଜ ବିଦ୍ୟାପୀଠର ଅଧିବେଶନରେ ବା ବିଶ୍ୱବିଦ୍ୟାଳୟର ଆଲୋଚନାଚକ୍ରରେ ଭେଟ ହେଉଥିଲା । ମୋତେ ଶାନ୍ତିନିକେତନ ଯିବାକୁ ହେଉଥିଲା ବିଶ୍ୱଭାରତୀର ପରୀକ୍ଷା କାମରେ କିମ୍ବା ଆଲୋଚନାଚକ୍ରରେ ଯୋଗଦେବାକୁ । ସେତେବେଳେ ବି ତାଙ୍କ ସହିତ ଦେଖା ହେଉଥିଲା ।

ମୋ ଜାଣିବାରେ ନରେନ୍ଦ୍ରବାବୁ ସବୁଠାରୁ ବେଶି ସମ୍ମାନ ଦେଉଥିଲେ ଓ ଭକ୍ତି କରୁଥିଲେ ଅନ୍ନଦାଶଙ୍କର ରାୟ ଓ କୁଂଜବିହାରୀ ଦାଶଙ୍କୁ । ସେମାନେ ମଧ୍ୟ ନରେନ୍ଦ୍ର ବାବୁଙ୍କୁ ଖୁବ୍ ସ୍ନେହ ଆଦର କରୁଥିଲେ । କରିବା ସ୍ୱାଭାବିକ, କାରଣ ନରେନ୍ଦ୍ର ବାବୁ ଜଣେ ଅତି ସରଳ, ନିରାଡ଼ମ୍ବର, ଅମାୟିକ, ବିନୟୀ, ସ୍ନେହବତ୍ସଳ ଓ ଛାତ୍ରବତ୍ସଳ ବ୍ୟକ୍ତି । ତାଙ୍କର କୃତିତ୍ୱ ପାଇଁ ଓ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ସେ କେବେହେଲେ ଗର୍ବବୋଧ କରନ୍ତି ନାହିଁ । ତାଙ୍କର ଅହଂଭାବ ମୁଁ କେବେ ଲକ୍ଷ୍ୟ କରିନାହିଁ । ନିଜକୁ ପରିଚିତ, ପ୍ରତିଷ୍ଠିତ, ବିଜ୍ଞାପିତ କରିବାର ଲାଳସା ଥିବାର ମୁଁ ଜାଣିନାହିଁ । ଶାନ୍ତି ନିକେତନରେ ଥିଲାବେଳେ ତାଙ୍କର କେହି ଶତ୍ରୁ ନଥିଲେ କିମ୍ବା ସେ କାହାର ଶତ୍ରୁ ନଥିଲେ । ବିଶ୍ୱବିଦ୍ୟାଳୟର ଛାତ୍ର, ଅଧ୍ୟାପକ, ପ୍ରଶାସକ ଓ ଶିକ୍ଷାକର୍ମୀମାନଙ୍କ ନିକଟରେ ସେ ଥିଲେ ଶ୍ରଦ୍ଧେୟ ଓ ସମ୍ମାନନୀୟ । ତାଙ୍କର ସମସାମୟିକ ଥିଲେ ଅଧ୍ୟାପକ ଖଗେଶ୍ୱର ମହାପାତ୍ର, ଅଧ୍ୟାପକ ଶ୍ରୀନିବାସ ମିଶ୍ର, ଅଧ୍ୟାପକ ଶ୍ୟାମସୁନ୍ଦର ମହାପାତ୍ର । ସମସ୍ତେ ଥିଲେ ସମ୍ମାନିତ ଓ ସୁଯୋଗ୍ୟ ଅଧ୍ୟାପକ । ଅଧିକନ୍ତୁ ଅଧ୍ୟାପକ ଖଗେଶ୍ୱର ମହାପାତ୍ର ଥିଲେ ବିଦ୍ୟା ଭବନର ପ୍ରଥମ ଓଡ଼ିଆ ଅଧ୍ୟକ୍ଷ । ଏବେ ସେମାନେ ସମସ୍ତେ ଅବସରପ୍ରାପ୍ତ ।

ସେତେବେଳେ ଅବସର ପରେ ଜନ୍ମମାଟି ବାଲେଶ୍ୱରରେ ଅବସ୍ଥାନ କରିବାକୁ ନରେନ୍ଦ୍ର ବାବୁ ପ୍ରସ୍ତୁତ ହେଉଥିଲେ । ସେଥିପାଇଁ ଶାନ୍ତିନିକେତନରୁ ବାଲେଶ୍ୱର ସେ ଘନଘନ ଯାଉଥିଲେ । ଠିକ୍ ସେତିକିବେଳେ ତାଙ୍କ ପୁଅ ବୀତଶୋକ ଗୁରୁତର ଭାବରେ ଅସୁସ୍ଥ ହେଲା । ବୀତଶୋକ ରସାୟନ ବିଜ୍ଞାନରେ ଏମ.ଏସ୍‌ସି. ପାସ କରି ଗବେଷଣା କାମରେ ଯୁକ୍ତ ଥାଏ । ଅସୁସ୍ଥ ହେବାରୁ ନରେନ୍ଦ୍ରବାବୁ ଚିକିତ୍ସା ପାଇଁ ତାକୁ କୋଲକାତା ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତିକରି ମୋ ସହିତ ଯୋଗାଯୋଗ କରିଥିଲେ । ତା'ପରଠାରୁ ସେ ମୋର ଓ ମୋ ସ୍ତ୍ରୀଙ୍କ ଦାୟିତ୍ୱରେ ରହିଥିଲା । ପୁଅ ରକ୍ତକର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲା । ସେହି ୱାର୍ଡ଼ରେ ଆହୁରି କେତେଜଣ କର୍କଟ ରୋଗରେ ପୀଡ଼ିତ ରୋଗୀ ଥିଲେ । ସେମାନଙ୍କ ମଧ୍ୟରୁ କେତେଜଣ ଶିକ୍ଷିତ ଓ ସଚେତନ ବ୍ୟକ୍ତି ଥିଲେ । ସେମାନେ ରକ୍ତକର୍କଟ ରୋଗ ସଂପର୍କରେ ବିଭିନ୍ନ ତଥ୍ୟ, ବାଖ୍ୟା, ଅନୁଶୀଳନ, ଏହି ରୋଗର ଭୟାବହତା ଚିକିତ୍ସା ଓ ପରିଣତି ବିଷୟରେ ଅଜ୍ଞାତ ନଥିଲେ । ନରେନ୍ଦ୍ର ବାବୁଙ୍କ ସାନପୁଅ ବୀତଶୋକ ସମେତ ସେହି ରୋଗୀମାନଙ୍କ ମନରେ ବାହାରକୁ ଦୁଶ୍ଚିନ୍ତା, ଭୟ,ଅସ୍ଥିରତା ଥିବା ଭଳି ଜଣା ପଡୁନଥିଲେ ହେଁ ଯେତେବେଳେ ରୋଗର ଜଟିଳତା ଦେଖା ଦେଉଥିଲା ସେତେବେଳେ ସେମାନଙ୍କ ମନର ଦୃଢ଼ତା ଭାଙ୍ଗି ପଡୁଥିଲା । ସେମାନଙ୍କ ତୁଳନାରେ ବୀତଶୋକର ବୟସ ଥିଲା ଖୁବ୍ କମ, ସେ ଥିଲା ଜଣେ ଯୁବକ । ସେ ମଧ୍ୟ ଥିଲା ଖୁବ୍ ଶାନ୍ତ, ସରଳ, ସ୍ଥିର, ଅମାୟିକ । ନରେନ୍ଦ୍ରବାବୁଙ୍କର ଗୁଣ ସେ ଆଣିଥିଲା । ତାହାଠାରୁ ଅନେକ, ଅନେକ ବେଶି ମହତ ଗୁଣର ସେ ଅଧିକାରୀ ଥିଲା । ସେଭଳି ପିଲା ମୁଁ ଆଗରୁ ଦେଖି ନଥିଲି, ତା' ପରଠାରୁ ମଧ୍ୟ ଦେଖିନାହିଁ । ସେ ଥିଲା ଦେବ ତୁଲ୍ୟ । ଯେତେବେଳେ ତା'ର ଅବସ୍ଥାର ପତନ ଘଟୁଥିଲା ସେତେବେଳେ ମୁଁ ତାହାର ଶାନ୍ତ, ସରଳ ମୁହଁଟିକୁ ଚାହିଁ ପାରୁନଥିଲି, ହୃଦୟ ମୋର ଜଳିପୋଡ଼ି ଯାଉଥିଲା । ଆମେ ସକାଳ ସନ୍ଧ୍ୟା ପାଳି କରି ଯାଉଥିଲୁ ତା' ନିକଟକୁ । ଯେଉଁ ଜିନିଷ ସେ ଖାଇବାକୁ ଭଲ ପାଉଥିଲା ତାହା କହୁଥିଲା ଏବଂ ମୋ ସ୍ତ୍ରୀ ତାହା ନେଇ ଯାଉଥିଲେ । ଏକ ଆତ୍ମୀୟତା ବନ୍ଧନରେ ବାନ୍ଧି ହୋଇ ପଡ଼ିଥିଲୁ ଆମେ ତା' ସହିତ ।

ନରେନ୍ଦ୍ରବାବୁ ମଝିରେ ମଝିରେ ଆସି ଖବର ନେଉଥିଲେ । ତାଙ୍କ ସ୍ତ୍ରୀ ମଧ୍ୟ ପୁଅକୁ ଦେଖିବାକୁ ଆସିଥିଲେ ଏବଂ ଖଗେଶ୍ୱର ବାବୁ ଓ ଅନ୍ୟ ବନ୍ଧୁମାନେ ପୁଅକୁ

ଦେଖିବାକୁ ଆସିଥିଲେ । କ୍ରମଶଃ ତା'ର ଅବସ୍ଥାର ଅବନତି ହେଲା । ତାକୁ ଆଉ ବଞ୍ଚେଇ ହେଲାନାହିଁ । ସେଦିନ ରାତି ବୋଧହୁଏ ୮ଟା ୧୫ ମିନିଟ୍‌ରେ ସେ ଚିରଦିନ ପାଇଁ ବିଦାୟ ନେଲା । ମୃତ୍ୟୁର ଠିକ୍ ପୂର୍ବ ମୁହୂର୍ତ୍ତରେ ଭାଗ୍ୟର ଡ଼ୋରି କି ରକ୍ତର ଆକର୍ଷଣ ନରେନ୍ଦ୍ରବାବୁଙ୍କୁ ଟାଣି ଆଣିଲା ସେହି ସ୍ଥାନକୁ । ତାହା ପରଦିନ ଆମେ କେଇଜଣ ନିମତଲା ଶ୍ମଶାନଘାଟରେ ଶବ ସତ୍କାର କରି ନିଜନିଜ ଘରକୁ ଫେରି ଆସିଲୁ । ମୋ ଜୀବନରେ ଏ ଏକ ବଡ଼ ଘଟଣା, ଏକ ଅବିସ୍ମରଣୀୟ ଘଟଣା ହୋଇ ରହିଗଲା । ବାହାରକୁ ନରେନ୍ଦ୍ରବାବୁ ନିର୍ଲିପ୍ତ, ନିର୍ବିକାର, ନିର୍ବାକ ମନେ ହେଉଥିଲେ ହେଁ ତାଙ୍କ ଅନ୍ତରର ବେଦନା ମୁଁ ଅନୁଭବ କରୁଥିଲି । ଅକାଳରେ ଜଣେ ପିତାଙ୍କର ପୁତ୍ରର ମୃତ୍ୟୁ ଘଟଣାରେ ଯାହା ହେବାର କଥା ତାହା ହୋଇଥିଲା ।

ଓ-୧୨, କ୍ଲଷ୍ଟର-୩, ପୂର୍ବାଚଳ, ସଲ୍ଟଲେକ
କୋଲକାତା-୭୦୦୦୯୭

ବିଶ୍ୱଭାରତୀରେ ଜଣେ ଭଲ ମଣିଷଙ୍କ ସହିତ ବର୍ଷ କେତୋଟି

ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ

'ବିଶ୍ୱଭାରତୀ'ରେ ଯୋଗଦେଲି ୧୯୭୪ରେ । ଡକ୍ଟର ନରେନ୍ଦ୍ରନାଥ ମିଶ୍ର ସେତେବେଳକୁ ପ୍ରଫେସର ହୋଇନଥାନ୍ତି, କିନ୍ତୁ ରିଡ଼ର ଭାବେ ବିଭାଗୀୟ ମୁଖ୍ୟ ଥାନ୍ତି । ଓଡ଼ିଆ ବିଭାଗରେ ପ୍ରଫେସର ପଦ ବି ନଥିଲା । ଗୋଟିଏ ପ୍ରଫେସର ପଦ ସୃଷ୍ଟି ହେବାରୁ ବିଭାଗ ପୂର୍ଣ୍ଣତା ପାଇଲା ତାଙ୍କ ସମୟରେ । ଏଥିପାଇଁ କର୍ତ୍ତୃପକ୍ଷଙ୍କ ସହ ଯେଉଁ ସଂଘର୍ଷ, ତାର ନେତୃତ୍ୱ ନେଇଥିଲେ ସେ । ମୁଁ ଯୋଗଦେବା ଦିନଠୁ ପ୍ରଫେସର ମିଶ୍ରଙ୍କ ବିଦାୟ ପର୍ଯ୍ୟନ୍ତ ତାଙ୍କର ଦୁଃଖ ଓ ସୁଖର ସାଥୀ ହୋଇ ରହିଥିଲି । କେବେ ସାମୟିକ ଭାବେ ବି ଦୂରେଇ ଯାଇନି । କାରଣ ତାଙ୍କ ଭଳି ଭଲମଣିଷଠୁ ଦୂରେଇ ରହିବା ବି ସମ୍ଭବ ନଥିଲା । ଯଦି ମତେ ଏଠି କିଛି ଶ୍ରେୟ ମିଳିଛି, ସେ ସବୁ ମୂଳରେ ରହିଛି ତାଙ୍କର ଆନ୍ତରିକ ପ୍ରେରଣା ଓ ଆଶୀର୍ବାଦ ।

ଏଠିକି ଆସିବା ପୂର୍ବରୁ ମୁଁ କିନ୍ତୁ ତାଙ୍କୁ ଜାଣିଥିଲି । ଦେଖିଥିଲି ବି ଥରେ । ବି.ଏ.ଅନର୍ସ ଏବଂ ଏମ୍.ଏ ଶ୍ରେଣୀର ଛାତ୍ର ଥିଲାବେଳେ ତାଙ୍କର 'ବଳରାମ ଦାସ ଓ ଦାଣ୍ଡୀ ରାମାୟଣ' ଏବଂ 'ଆଧୁନିକ ଓଡ଼ିଆ କାବ୍ୟଧାରା' ଆଦି ପଢ଼ିଥିଲି । ଏମ୍.ଏ. ପଢ଼ିଲାବେଳେ ଉତ୍କଳ ସାହିତ୍ୟ ସମାଜର ରଜତ ଜୟନ୍ତୀ ଉତ୍ସବରେ ତାଙ୍କୁ ପ୍ରଥମଥର ପାଇଁ ଦେଖିଥିଲି । ତାଙ୍କର ପତଳା, ଅନାଡ଼ମ୍ବର ଚେହେରା ସହିତ ତାଙ୍କ ଲେଖା ମୋଟାବହି ଭିତରେ କିଛି ସାମଞ୍ଜସ୍ୟ ପାଇଲିନି ।

୧୯୭୪ ମସିହାରେ ଆସିଥିଲି ଅଧ୍ୟାପକ ଚାକିରିର ସାକ୍ଷାତକାର ଦେବାକୁ । ଚାକିରି ପାଇବା ଇଚ୍ଛା ଅପେକ୍ଷା ବିଶ୍ୱଭାରତୀ ଗସ୍ତ ଖର୍ଚ୍ଚରେ ଥରେ ଶାନ୍ତିନିକେତନ ବୁଲିଯିବା ଇଚ୍ଛାଟି ଥିଲା ମୁଖ୍ୟ । ଗେଷ୍ଟ ହାଉସ୍‌ରେ ରହିଲି ପୂର୍ବଦିନ । ମୋର ଜଣେ ଅନର୍ସ ବେଳର ଛାତ୍ର କହିଲେ- "ନରେନ୍ଦ୍ର ସାର୍‌ଙ୍କର ଜଣେ ପ୍ରିୟ ଛାତ୍ର ଆସିଛନ୍ତି । ତାଙ୍କୁ ମୁଁ ସାର୍‌ଙ୍କ ଘରେ ଦେଖିଲି । ତେଣୁ ଆପଣଙ୍କର ହେବା ଆଶା କମ୍ ।" ମୁଁ କହିଲି- "କିଛି ବ୍ୟସ୍ତ ହେବା ଦର୍‌କାର ନାହିଁ । ମୋର ମୂଳଉଦ୍ଦେଶ୍ୟ ଶାନ୍ତିନିକେତନ

ବୁଲିଯିବା । ମୁଁ ତ ଗୋଟିଏ ବଡ଼ ସରକାରୀ କଲେଜରେ ଅଧ୍ୟାପକ । ସେଠା ଅପେକ୍ଷା କ'ଣ ଏଠି ମୋତେ ଅଧିକା ଆନନ୍ଦ ମିଳିବ ?" ଭାଗ୍ୟବଶତଃ ବିଷୟ ବିଶେଷଜ୍ଞ, ଅଧ୍ୟକ୍ଷ ଓ ଉପାଚାର୍ଯ୍ୟ (ଭାଇସ୍ ଚାନ୍‌ସେଲର) ଏବଂ ମୁଖ୍ୟ ଅଧ୍ୟାପକ ସମସ୍ତଙ୍କ ପ୍ରଶ୍ନର ଉତ୍ତର ମୁଁ ସୁନ୍ଦର ଭାବେ ଦେଇପାରିଥିଲି । ପ୍ରଶ୍ନକର୍ତ୍ତାମାନଙ୍କ ମୁହଁର ପ୍ରସନ୍ନତା ଏବଂ ଉପାଚାର୍ଯ୍ୟ ମହାଶୟଙ୍କ ଅନୁକୂଳତାସୂଚକ ମନ୍ତବ୍ୟ ମୋତେ ଉଲ୍ଲସିତ କଲା । ତତ୍‌କ୍ଷଣାତ୍ ମୋର ଶିକ୍ଷାଗୁରୁ ଡ. କାହ୍ନୁଚରଣ ମିଶ୍ର ପ୍ରଗଳ୍‌ଭ ହୋଇ କହିଲେ- 'ଅତି ମେଧାବୀ ଛାତ୍ର । ପ୍ରତିଷ୍ଠିତ ପତ୍ରିକାମାନଙ୍କରେ କବିତା ଲେଖେ ।' ସେତିକିବେଳେ ବିଭାଗୀୟ ମୁଖ୍ୟ ଡ.ମିଶ୍ର ମୋର ଦୁଇଟି ମାତ୍ର ପ୍ରକାଶିତ ବହିକୁ (ଗୋଟିଏ ସମାଲୋଚନା ବହି- 'ସମାଲୋଚନା ଦୃଷ୍ଟିରୁ', ଆଉ ଗୋଟିଏ କବିତାବହି- 'ପାହାଚ') ଆଗ୍ରହର ସହ ଦେଖୁଥାନ୍ତି । ମୋ ମନରେ ଚାକିରି ହୋଇଯିବାର ଆଶା ନିଶ୍ଚିତ ହୋଇଗଲା । ମୁଁ ଆଶ୍ଚର୍ଯ୍ୟ ହୋଇଥିଲି ଡ. ମିଶ୍ର ମୋତେ କୌଣସି ବିଷୟଗତ ପ୍ରଶ୍ନ ପଚାରିନଥିଲେ । କିନ୍ତୁ ପରେ ଜାଣିଲି, ସେ ମୋର ଉଜ୍ଜ୍ୱଳ ଏକାଡେମିକ୍ କ୍ୟାରିୟର୍‌ରେ ଏତେ ପ୍ରଭାବିତ ହୋଇଥିଲେ ଯେ, ପ୍ରଶ୍ନ ପଚାରି ମୋତେ ଜାଣିବା ଆବଶ୍ୟକ ମଣି ନଥିଲେ । ଆଶ୍ଚର୍ଯ୍ୟଜନକ ଭାବେ ହଠାତ୍ ସନ୍ଧ୍ୟାବେଳେ ଗେଷ୍ଟ୍ ହାଉସରେ ଡ.ମିଶ୍ର ଦୁଇ ସତୀର୍ଥ ଗଗନେନ୍ଦ୍ର ନାଥ ଦାଶ ଓ ଶ୍ୟାମସୁନ୍ଦର ମହାପାତ୍ରଙ୍କ ସହ ଆସି ଉପସ୍ଥିତ ହେଲେ ଏବଂ ମୋତେ ଶୁଭ ସମ୍ବାଦ ଦେଲେ । ମୋତେ କହିଲେ- "ଆପଣ ଭଲ ଛାତ୍ର, ସେଥିପାଇଁ ଆମେ ଆପଣଙ୍କୁ ମନୋନୀତ କରିଛୁ । ଆପଣ ଯଥାଶୀଘ୍ର ଆସି ଜଏନ୍ କରିଯାନ୍ତୁ ।" ମୁଁ କହିଲି- "ମୁଁ ସେଠି ବହୁତ ପିଲାଙ୍କୁ ପଢ଼ାଏ, ଏଠି ଆସି ଏତେ କମ୍ ପିଲାଙ୍କୁ ପଢ଼ାଇଲେ ମୋତେ ଭଲ ଲାଗିବନି । ତେଣୁ ମୁଁ ଏଠିକି ଆସିବି ନାହିଁ । ଶାନ୍ତିନିକେତନ ବୁଲିଯିବା ହିଁ ଥିଲା ମୋର ମୂଳ ଉଦ୍ଦେଶ୍ୟ ।" ଏକଥା ଶୁଣି ବଡ଼ ଦୁଃଖିତ ହେଲେ ସେ । ମୋତେ ପ୍ରରୋଚିତ କଲେ, କହିଲେ - "ଏ ଏକ ସେଣ୍ଟ୍ରାଲ ୟୁନିଭରସିଟି- ଏଠି ଆପଣଙ୍କ ଭବିଷ୍ୟତ ଉଜ୍ଜ୍ୱଳ ।" ମୁଁ ମୂର୍ଖ କିନ୍ତୁ ବୁଝି ନଥିଲି ସେଣ୍ଟ୍ରାଲ୍ ୟୁନିଭରସିଟିର ଅର୍ଥ । ସରକାରୀ କଲେଜର ଅଜସ୍ର ଛାତ୍ରଛାତ୍ରୀଙ୍କ ଆଗ୍ରହଭରା ମୁହଁ ମୋତେ ମୋହଗ୍ରସ୍ତ କରିଥାଏ । ରେଭେନ୍‌ସା କଲେଜ, ଭଦ୍ରକ କଲେଜ ତୁଳନାରେ ଏହାକୁ ମହତ୍ତର ବୋଲି ଭାବି ନଥିଲି, ମୁଁ ଫେରିଗଲି । ନରେନ୍ଦ୍ରବାବୁ ମୋତେ ଦୁଇ ତିନିଥର ଚିଠି ଲେଖିଛନ୍ତି ବିଶ୍ୱଭାରତୀର ମହତ୍ତ୍ୱ ବୁଝାଇ । ଦୁଇଥର ରିମାଇଣ୍ଡର ଦେଇ ମୋତେ ପାଞ୍ଚମାସ ଅପେକ୍ଷା କରିବା ପରେ ବିଶ୍ୱଭାରତୀ ମୋର ନିଯୁକ୍ତିକୁ ବାତିଲ୍ କଲା ।

ମୋର ବନ୍ଧୁମାନେ ମୋର ମୂର୍ଖତାରେ ଦୁଃଖିତ ହେଲେ । ସରକାରୀ କଲେଜରେ ମୋର ଭବିଷ୍ୟତ ଯେ ଅନ୍ଧକାରମୟ ତାହା ବୁଝାଇଲେ । ମୁଁ ଶେଷରେ ବଡ଼ ବ୍ୟଥିତ ହେଲି କାଞ୍ଚନକୁ କାଚ ଭାବି ଫୋପାଡ଼ି ଦେଇଥିବାରୁ । ଶେଷ ଉପାୟ ସ୍ୱରୂପ ଗୋଟିଏ ଚିଠି ଲେଖିଲି ବିଶ୍ୱଭାରତୀ ଭାଇସ୍ ଚାନ୍‌ସେଲର ନରେନ୍ଦ୍ରବାବୁଙ୍କ ମତାମତ ଚାହିଁଲେ । ନରେନ୍ଦ୍ରବାବୁ ତତ୍‌କ୍ଷଣାତ୍ ଅନୁକୂଳ ମତ ଦେଇଦେଲେ । ଦ୍ୱିତୀୟଥର ନିଯୁକ୍ତି ପତ୍ରର ବ୍ୟବସ୍ଥା ସଂଭବ ହେଲା । ଏସବୁ ଜାଣିବା ପରେ ନରେନ୍ଦ୍ରବାବୁଙ୍କ ଉଦାରତା ନିକଟରେ ନତମସ୍ତକ ହେଲି । ତାଙ୍କର ଯେ ମୂଲ୍ୟବୋଧ ପ୍ରତି ଦୃଢ଼ ଆସ୍ଥା ରହିଛି, ତାହାହିଁ ମୋତେ ବିଶେଷ ପ୍ରଭାବିତ କରିଥିଲା । କାରଣ ସେ ସମୟରେ ଦେଖିଛି ବହୁ ଓଡ଼ିଆ ପ୍ରଫେସର ମୂଲ୍ୟବୋଧକୁ ଏକ ଗୁରୁତ୍ୱହୀନ ଜିନିଷ ଭାବି ଅଳିଆଗଦାକୁ ଫୋପାଡ଼ି ଦେଇଥିଲେ ।

ମୁଁ ବିଶ୍ୱଭାରତୀରେ ଯୋଗଦେବା ପରେ ସମସ୍ତଙ୍କର ପ୍ରିୟ ହୋଇଉଠିଲି । ଛାତ୍ରଛାତ୍ରୀମାନେ ମୋର ବନ୍ଧୁ ହୋଇଗଲେ । ଦେଖିଲି ଏ ଗୁରୁଛାତ୍ର ବନ୍ଧୁଭାବ ଆଗରୁ ଚଳି ଆସୁଛି । ଛାତ୍ରଛାତ୍ରୀମାନେ ଅଧ୍ୟାପକମାନଙ୍କ ପରିବାରର ଅଂଶ ବୋଲି ମନେ କରୁଥିଲେ । ସମସ୍ତଙ୍କର ସବୁବେଳେ ପ୍ରତ୍ୟେକ ଅଧ୍ୟାପକଙ୍କ ଘରକୁ ଅବାଧ ଗତି ଥିଲା । ଛାତ୍ରମାନେ କେବେ କୌଣସି ଅଧ୍ୟାପକ ବିରୋଧରେ କହିବା ବା ନିନ୍ଦା କରିବା ଶୁଣିନାହିଁ । ସମସ୍ତେ ତ ନିଜର । ଏହ ଭାବନାଟି ବଞ୍ଚି ରହିଥିଲା କେବଳ ଆମ ବିଭାଗର ଅଭିଭାବକ ପ୍ରଫେସର ଡ.ମିଶ୍ରଙ୍କ ସ୍ନେହ, ସୌହାର୍ଦ୍ଦ୍ୟ, ଉଦାରତା ଓ ସାରଲ୍ୟ ଯୋଗୁଁ । ବିଭାଗ ପୂର୍ଣ୍ଣତା ଲାଭ ନ କରିବା ପର୍ଯ୍ୟନ୍ତ ସଂକୀର୍ଣ୍ଣତା ପଶି ନଥିଲା । ଏବେ ଏସବୁ ସ୍ୱପ୍ନପ୍ରାୟ ଲାଗୁଛି । ବିଭାଗର ଚାରି ଅଧ୍ୟାପକ ନରେନ୍ଦ୍ରନାଥ ମିଶ୍ର, ଗଗନେନ୍ଦ୍ର ନାଥ ଦାଶ, ଶ୍ୟାମସୁନ୍ଦର ମହାପାତ୍ର, ଆଉ ମୁଁ- ଆମେ ନିଜକୁ ଚାରିଭାଇ ବୋଲି ମନେ କରୁଥିଲୁ । ଆମର ଜ୍ୟେଷ୍ଠଭ୍ରାତା ଥିଲେ ଧର୍ମରାଜ ଯୁଧିଷ୍ଠିର ନରେନ୍ଦ୍ରବାବୁ, ଯାହାଙ୍କୁ କପଟତା ସ୍ପର୍ଶ କରିନଥିଲା । ସେଥିପାଇଁ ବୋଧହୁଏ ଆମେ ଏତେ ସୁଖରେ ଥିଲୁ । ସୁଖରେ ଥିଲେ ଆମର ଛାତ୍ରଛାତ୍ରୀ । ଆମେ ସକାଳେ ପାଠ ପଢ଼ାଇଦେଇ ଏକାଠି ବସୁଥିଲୁ ହେଡ୍‌ଙ୍କ ରୁମରେ । ସେଠି ବସି ଅଫିସିଆଲ କାମ କରୁଥିଲୁ, ଗଳ୍ପ କରୁଥିଲୁ । ତା'ପରେ ଗୃହାଭିମୁଖୀ ହେଉଥିଲୁ । ବାଟରେ ଛାଡ଼ି ଦେଉଥିଲୁ ନରେନ୍ଦ୍ରବାବୁଙ୍କୁ ତାଙ୍କ ରତନପଲ୍ଲୀ ଘରେ । ତାପରେ ଆମେ ତିନିଜଣ ଯାଉ ପୂର୍ବପଲ୍ଲୀରେ ପାଖାପାଖି ଥିବା ଆମର ବସାଘର ଗୁଡ଼ିକୁ । ପିଲାମାନେ ସନ୍ଧ୍ୟାରେ

ଆସି ଆମ ସାଙ୍ଗରେ ମିଶୁଥିଲେ, ଆମ ଘରମାନଙ୍କରୁ ବାହାରୁଥିଲୁ । ନରେନ୍ଦ୍ରବାବୁ ଥିଲେ କବିପ୍ରାଣ ଓ ଭ୍ରମଣପ୍ରିୟ । ଏ ସାନ୍ଧ୍ୟ ଭ୍ରମଣରୁ ସେ ଆନନ୍ଦ ପାଉଥିଲେ । ପ୍ରତି ମଙ୍ଗଳବାର ଦିନ ସନ୍ଧ୍ୟାବେଳେ ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦର ସାହିତ୍ୟ ଆସର ବସୁଥିଲା ତାଙ୍କ ସଭାପତିତ୍ୱରେ । ସମସ୍ତେ ଆଗ୍ରହର ସହିତ ଯୋଗ ଦେଉଥିଲେ । ପଢ଼ିବା ଲେଖିବା ପାଇଁ ସେ ସବୁବେଳେ ଉତ୍ସାହ ଦେଉଥିଲେ ।

ମୋତେ ଗବେଷଣା ଉପରେ ଗୁରୁତ୍ୱ ଦେବାକୁ ନରେନ୍ଦ୍ରସାର୍ ବାରବାର ପ୍ରେରଣା ଦେଇଛନ୍ତି । ମୁଁ କିନ୍ତୁ ପ୍ରଥମେ ପ୍ରଥମେ ତାଙ୍କ କଥାକୁ ଚିନ୍ତା ଭିତରକୁ ନେଇନାହିଁ । ଏବେ ଭାବୁଛି ଯଦି ନେଇଥାନ୍ତି, ବହୁତ ଭଲ ହୋଇଥାନ୍ତା । ସେ ପର୍ଯ୍ୟନ୍ତ ନରେନ୍ଦ୍ରବାବୁଙ୍କ ଜ୍ଞାନ ଓ ଚିନ୍ତାଶୀଳତା ସଂପର୍କରେ ମୋର ଧାରଣା ଥିଲେ ମଧ୍ୟ ତାଙ୍କ ଭାଷାର ସ୍ୱତନ୍ତ୍ରତା ସଂପର୍କରେ ସଚେତନ ହୋଇପାରିନଥିଲି । ମୋର ବାବା କିଛିଦିନ ପାଇଁ ଶାନ୍ତିନିକେତନ ଆସି ମୋ ପାଖରେ ଥିଲେ । ବହିପଢ଼ିବା ନିଶା ତାଙ୍କର ପ୍ରବଳ । କିଛି ନ ମିଳିଲେ ଷ୍ଟେଟସ୍‌ମ୍ୟାନ୍‌ର ସବୁ ପୃଷ୍ଠା ପଢ଼ିଯାଆନ୍ତି । ତାଙ୍କ ପାଇଁ ଓଡ଼ିଆ, ଇଂରେଜୀ ଓ ବଙ୍ଗଳା ଭାଷାର ଭଲଭଲ ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ କବିତା ବହି ଲାଇବ୍ରେରୀରୁ ଖୋଜି ଆଣେ, ସେ ରାତି ଅନିଦ୍ରା ହୋଇ ପଢ଼ନ୍ତି । ଗଦ୍ୟ ପଢ଼ିବାରେ ତାଙ୍କର ଆଗ୍ରହ ବେଶି । ମୋ ବହିଆଲମିରାରେ ଥିବା ନରେନ୍ଦ୍ର ମିଶ୍ରଙ୍କର ଦୁଇଟି ବହି 'ଓଡ଼ିଆ ସାହିତ୍ୟ ଓ ଭାଷା: ଏକ ଅଧ୍ୟୟନ', 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' ପଢ଼ିବାପରେ ଆଶ୍ଚର୍ଯ୍ୟ ହୋଇ ସେ ମୋତେ କହିଲେ- ନରେନ୍ଦ୍ରବାବୁ ଏତେ ସାଧାରଣ ଦିଶୁଛନ୍ତି, କିନ୍ତୁ ଯେଉଁ ଗଦ୍ୟ ଲେଖୁଛନ୍ତି ତା' ଚମତ୍କାର, ଠିକ୍ ପଣ୍ଡିତ ନୀଳକଣ୍ଠଙ୍କ ଗଦ୍ୟ ପରି ବୋଧ ହେଉଛି । ସେଇଦିନଠୁ ତାଙ୍କର ଯଥାର୍ଥ ମହତ୍ତ୍ୱ ଉପଲବ୍ଧି କଲି ।

ଗଦ୍ୟରଚନାରେ ନରେନ୍ଦ୍ରବାବୁଙ୍କର ଯଥେଷ୍ଟ ପରିମିତିବୋଧ ଥିଲେ ବି ବକ୍ତୃତା ଦେଲାବେଳେ ତାଙ୍କର ସେ ବୋଧଟି ନଥାଏ, ବେଳେବେଳେ ସେ ଜାଣିପାରନ୍ତି ନାହିଁ କେତେବେଳେ ଶେଷ କରିବାକୁ ହେବ, କେଉଁଠି ଶେଷ କରିବାକୁ ହେବ । ସବୁବେଳେ ତ ବସି ପଢୁଥାନ୍ତି । ସାହିତ୍ୟକୁ ଛାଡ଼ି କେତେବେଳେ ଇତିହାସ ତ କେତେବେଳେ ବିଜ୍ଞାନ । ବିଭିନ୍ନ ପୁସ୍ତକ ପଢ଼ି ଅର୍ଜିଥିବା ଜ୍ଞାନକୁ ସମସ୍ତଙ୍କ ଆଗରେ କହିଦେବାକୁ ଚାହାନ୍ତି ପ୍ରାସଙ୍ଗିକତା ନଥିଲେ ମଧ୍ୟ । ତାଙ୍କର ଉଦ୍ଦେଶ୍ୟ, ବାହାରର ଜ୍ଞାନଜଗତ ସହିତ ଛାତ୍ର ଓ ଅଧ୍ୟାପକମାନେ ପରିଚିତ ହୁଅନ୍ତୁ ।

ମୁଁ ସେତେବେଳେ ପିଲାମାନଙ୍କୁ ନେଇ ନାଟକ କରାଉଥାଏ । ଏଥିରେ କେବଳ ଓଡ଼ିଆ ବିଭାଗ ନୁହେଁ, ଅନ୍ୟ ବିଭାଗର ପିଲାମାନେ ମଧ୍ୟ ଅଂଶଗ୍ରହଣ କରୁଥାନ୍ତି । ନରେନ୍ଦ୍ରବାବୁ ବେଶ୍ ଉତ୍ସାହ ଦେଖାଉଥାନ୍ତି । ଦିନେଦିନେ ଆସି ବହୁ ସମୟ ରିହର୍ସାଲ ଦେଖନ୍ତି । ତାଙ୍କ ମନକୁ କିଛି ଆସିଲେ କହନ୍ତି । ଆମ ନାଟ୍ୟଦଳ ସହିତ ଥରେ କଲିକତା ବି ଯାଇଥିଲେ । ଥରେ ମୋ ନାଟକର ରିହର୍ସାଲ୍ ଦେଖୁଦେଖୁ ଏତେ ଉତ୍ସାହିତ ହୋଇପଡ଼ିଲେ ଯେ ଗୋଟିଏ ଡାଇଲଗ୍ କହି ଉପରକୁ ଡେଇଁ ପଡ଼ିଲେ । ସମସ୍ତେ ହସି ପକେଇଲେ ବଡ଼ ମଣିଷଙ୍କର ସ୍ୱତଃସ୍ଫୂର୍ତ୍ତ ବାଲ୍ୟ ଚପଳତାରେ ।

ବର୍ଷେ ଦିବର୍ଷ ଚାଲିଯିବା ପରେ ମୁଁ ଗବେଷଣା ସଂପର୍କରେ ସଚେତନ ହେଲି । ତାଙ୍କ ଉତ୍ସାହକ୍ରମେ ଅଳ୍ପ କେତୋଟି ପ୍ରବନ୍ଧ ଲେଖି ସେମିନାର୍‌ରେ ପଢ଼ିଲି ଓ ପତ୍ରିକାରେ ଛାପିଲି । ମୋର କିନ୍ତୁ ଗୋଟିଏ ବଡ଼ ଦୋଷ ଥିଲା ପଲ୍ଲବନ ଓ ଦୀର୍ଘବାକ୍ୟ ଲେଖିବା । ମୋର ପିଏଚ୍.ଡ଼ି.ଥେସିସ୍ (ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି) ମୁଁ ଏଇଭଳି ଲେଖିଥିଲି । ଶେଷରେ ମୋ ଥେସିସ୍‌ର ଏଇ ଦୋଷକୁ ସଂଶୋଧନ କରିଦେବାକୁ ପ୍ରଫେସର ମିଶ୍ରଙ୍କୁ ଅନୁରୋଧ କଲି । ସେ ଆଗ୍ରହରେ ନେଲେ ଏବଂ ପରଦିନ ମୋତେ ଫେରାଇଦେଲେ । ମୁଁ ଆଶ୍ଚର୍ଯ୍ୟ ହେଲି ଯେ ସେ ରାତି ଅନିଦ୍ରା ହୋଇ ଥେସିସ୍‌ଟି ପଢ଼ି ଦେଇଛନ୍ତି ଏବଂ ମୂଳରୁ ଶେଷ ପର୍ଯ୍ୟନ୍ତ ଦୀର୍ଘ, ପଲ୍ଲବିତ ଓ ପୁନରୁଲ୍ଲିଖିତ ବାକ୍ୟଗୁଡ଼ିକ ତଳେ ସବୁଜଗାର ଟାଣି ଦେଇଛନ୍ତି । ସ୍ଥାନ ବିଶେଷରେ ଶବ୍ଦର ପରିବର୍ତ୍ତନ କରିଛନ୍ତି । କେତେକ କ୍ରିୟାଯୁକ୍ତ ବାକ୍ୟକୁ କ୍ରିୟାହୀନ ବାକ୍ୟରେ ପରିଣତ କରିଛନ୍ତି । ଅନେକ ବାକ୍ୟର କ୍ରିୟାତଳେ ଗାର ପକାଇ ଦେଇଛନ୍ତି । ମୋର ମନ କୃତଜ୍ଞତାରେ ଭରିଗଲା । ମୁଁ କିଛିଦିନ ଲାଗି ତାଙ୍କ ପ୍ରଦର୍ଶିତ ସମସ୍ତ ବାକ୍ୟକୁ ସଜାଡ଼ି ନେଲି । ସମଗ୍ର ଲେଖାଟି ସଂକ୍ଷିପ୍ତ, ସୁନ୍ଦର ଓ ସୁଖପାଠ୍ୟ ହୋଇଗଲା । ଯାପରେ ମୁଁ ଯାହା ଲେଖିଛି, ସଂଯତ ଭାବେ ହିଁ ଲେଖିଛି । ଗବେଷଣା କ୍ଷେତ୍ରରେ ପଲ୍ଲବିତ, ଦୀର୍ଘ, ନିର୍ଦ୍ଦିଷ୍ଟ ଅର୍ଥରହିତ କାବ୍ୟିକ ବାକ୍ୟ ଏବଂ ଅସଂଲଗ୍ନ ଦୀର୍ଘ ଉପକ୍ରମଣିକା ଯେ ଅନାବଶ୍ୟକ, ତାହା ଅନୁଭବ କରିଛି । ମୋର ବାକ୍ୟଗୁଡ଼ିକୁ ଅର୍ଥବହ ଓ ଯୁକ୍ତିକ୍ଷମ କରିବାକୁ ଚେଷ୍ଟା କରିଛି । ମୋର ଛାତ୍ରଛାତ୍ରୀମାନଙ୍କ ବାକ୍ୟଗୁଡ଼ିକୁ ନାରେନ୍ଦ୍ରିକ ଶୈଳୀରେ ସଜାଡ଼ିଛି । କିଛିଦିନ ପରେ ନରେନ୍ଦ୍ର ବାବୁଙ୍କର ମୋ ଲେଖାଶୈଳୀ ଉପରେ ଏତେ ବିଶ୍ୱାସ ହୋଇଗଲା ଯେ ତାଙ୍କର 'ନୀଳକଣ୍ଠ ଜୀବନୀ' ଓ 'କଳାପାଣି' ଲେଖା ଚାଲିଥିଲା ବେଳେ ପାଣ୍ଡୁଲିପିର ବିଭିନ୍ନ ଅଂଶକୁ ଭିନ୍ନଭିନ୍ନ ସମୟରେ ମୋ ପାଖକୁ ଭାଷା ସଜାଡ଼ିବା

ପାଇଁ ପଠାଇ ଦେଉଥିଲେ । ସେ ଥିଲେ ଗୁଣଗ୍ରାହୀ, ରସିକ ଗ୍ରାହକ । ଥରେ ରେଡ଼ିଓରୁ ମୋର 'ମଧପାତ୍ର' ନାଟକ ଶୁଣି ଏତେ ମୁଗ୍ଧ ହୋଇଗଲେ ଯେ ତା ପରଦିନ ସକାଳେ ହେଉଥିବା ବିଭାଗୀୟ ସେମିନାର୍‌ରେ ସ୍ୱତଃସ୍ଫୂର୍ତ୍ତ ଭାବେ ମୋର ନାଟକର ଭାବବସ୍ତୁ ଓ ସଂଳାପ ସଂଯୋଜନାକୁ ବିଶ୍ଳେଷଣ କରି ଉଚ୍ଚପ୍ରଶଂସାମୂଳକ ଏକ ଭାଷଣ ଦେଇଦେଲେ ଏବଂ ମୋତେ ଅନୁରୋଧ କଲେ ପରବର୍ତ୍ତୀ ସେମିନାର୍‌ରେ ନାଟକଟିକୁ ପଢ଼ି ସମସ୍ତଙ୍କୁ ଶୁଣାଇବା ଲାଗି । ମୁଁ ତାଙ୍କୁ ଅନୁରୋଧ ନକରୁଣୁ ସେ ନାଟକଟି ଉପରେ ଏକ ସୁନ୍ଦର ମୁଖବନ୍ଧ ଲେଖି ଆଣିଥିଲେ, ଯାହାକି ପରେ ନାଟକର ପ୍ରକାଶକାଳରେ ସଂଯୋଜିତ ହୋଇଥିଲା । ଥରେ ଘରକୁ ଆସିଥିଲା ବେଳେ ମୁଁ ମୋର ସଦ୍ୟ ପ୍ରକାଶିତ 'ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା' ବହିଟି ତାଙ୍କୁ ଉପହାର ଦେଲି । ସଙ୍ଗେସଙ୍ଗେ ସେ ପ୍ରସ୍ତାବ ଦେଲେ ବହିଟିକୁ ଡି.ଲିଟ୍. ଡିଗ୍ରୀ ପାଇଁ ବିଶ୍ୱବିଦ୍ୟାଳୟରେ ଦାଖଲ କରିବାକୁ । ସେ ପ୍ରଧାନ ଅଧ୍ୟାପକ ଥାଆନ୍ତି, ତେଣୁ ଆନୁଷଙ୍ଗିକ ବିଭାଗୀୟ କାର୍ଯ୍ୟଗୁଡ଼ିକ ସହଜ ଓ ସୁଗମ ହେଲା । ଫଳରେ ଖୁବ୍ କମ୍‌ଦିନ ଭିତରେ ମୋତେ ଡି.ଲିଟ୍. ଡିଗ୍ରୀଟାଏ ମିଳିଗଲା । ବହିଟି ଅବଶ୍ୟ ପରେ ଅଧ୍ୟାପକ, ଗବେଷକ, ବିଦ୍ୱାନପାଠକ ଓ ଛାତ୍ରମାନଙ୍କ ଦ୍ୱାରା ବହୁଭାବେ ପ୍ରଶଂସିତ ହୋଇଛି । ଡ. ମିଶ୍ର ମୂଲ୍ୟବାନ ଗବେଷଣା ପୁସ୍ତକ ଲେଖି ଏକ ଅପ୍ରକାଶ୍ୟ କାରଣରୁ ଡି.ଲିଟ୍ ପାଇ ପାରିନଥିଲେ । ତାଙ୍କର ଅବସୋସ ଥିଲା । ମୋତେ ଡି.ଲିଟ୍ ଡିଗ୍ରୀଟାଏ ଦିଆଇ ବୋଧହୁଏ ମନ ଭିତର ଦୁଃଖକୁ କିଛି ପରିମାଣରେ ହ୍ରାସ କରାଇଲେ ।

ଗୋଟିଏ ବଡ଼ଗୁଣ, ମନରେ ତାଙ୍କର ଅସହିଷ୍ଣୁତା ନଥିଲା; ଅନ୍ୟକୁ ପ୍ରେରଣା ଦେବାରେ କାର୍ପଣ୍ୟ ନଥିଲା । ଲୋକଙ୍କୁ ସାହାଯ୍ୟ କରିବାପାଇଁ ସେ ଥିଲେ ଆଗଭର । ମୋତେ ବାରମ୍ବାର କହନ୍ତି- ଆପଣ ଇଂରାଜୀରେ ଲେଖନ୍ତୁ । ଇଂରେଜୀରେ ଲେଖିବା ବଡ଼ ଦରକାର । ମୁଁ ମୋର ଅସହାୟତା ପ୍ରକାଶ କରି କହେ- ଡିଗ୍ରୀ କଲେଜ ପରଠୁ ଇଂରେଜୀ ସହିତ ମୋର ସଂପର୍କ ତୁଟି ଯାଇଛି । ଓଡ଼ିଆରେ ପଢ଼ିଲି । ଏତେ ବର୍ଷଧରି ଓଡ଼ିଆ ଭାଷାରେ ଅଧ୍ୟାପନା କଲି । ଇଂରେଜୀରେ ଲେଖାଲେଖି କରିବା ବଡ଼ କଷ୍ଟ । ସେ କହନ୍ତି- ଆପଣ ମୂଳରୁ ଜଣେ ଭଲ ଛାତ୍ର, ଚେଷ୍ଟା କଲେ ନିଶ୍ଚୟ ଲେଖିପାରିବେ । ଅଭ୍ୟାସ ନାହିଁ ବୋଲି ଡରୁଛନ୍ତି । ଲେଖନ୍ତୁ, ମୁଁ ବରଂ ସଂଶୋଧନ କରିଦେବି । ଏମିତି ଉତ୍ସାହ ଭିତରେ ମୋର ଇଂରାଜୀରେ ପ୍ରବନ୍ଧ ଲେଖିବାର ଇଚ୍ଛା ହେଲା । ମୋର ପ୍ରଥମ ପ୍ରବନ୍ଧକୁ ସେ ସଂଶୋଧନ କରି ଦେଇଥିଲେ । ତାପରେ ଧୀରେ

ଧୀରେ ଲେଖୁଲେଖୁ ସାହସ ହୋଇଗଲା ଇଂରେଜୀରେ ଲେଖିବା ପାଇଁ । ମନେହେଲା ଯେମିତି ଗୋଟାଏ ଅସମ୍ଭବ କଥା ସମ୍ଭବ ହେବାକୁ ଯାଉଛି । ଆଜିବି କିଛି ଇଂରାଜୀରେ ଲେଖିଲାବେଳେ ତାଙ୍କ କଥା ମନେପଡୁଛି ।

ପ୍ରଫେସର ମିଶ୍ର କେବେ ନିଜ କ୍ଷମତାର ଅପବ୍ୟବହାର କରିନାହାନ୍ତି । କାହାପାଇଁ ଅନ୍ୟାୟ କରିନାହାନ୍ତି । ପିତଳକୁ ସୁନାକରି ଚଳାଇନାହାନ୍ତି । ସୁନାକୁ ସୁନାବୋଲି ହିଁ ଚିହ୍ନାଇଛନ୍ତି । ଯଥାର୍ଥ କୃତିତ୍ୱ ଥାଇ ବି ନିଜର କୃତିତ୍ୱକୁ ବିରାଟ କରି କହି ଢେଙ୍ଗୁରା ପିଟି ନାହାନ୍ତି । ତାଙ୍କର ଯଥାର୍ଥ କୃତିତ୍ୱକୁ କିଏ ପ୍ରଚାର କରୁ ବୋଲି ଚାହିଁ ନାହାନ୍ତି । ସବୁବେଳେ ନିଜ ସଂପର୍କରେ ଉଦାସୀନ, ଆତ୍ମମୁଖୀ । ଏଭଳି ଲୋକଙ୍କର ଭକ୍ତ ଆସିବେ କୁଆଡୁ ଏ କାର୍ଯ୍ୟଘେନା ପ୍ରୀତିର ଜଗତରେ ? ମୁଁ ଯେତିକି ବର୍ଷ ବିଭାଗୀୟ ମୁଖ୍ୟ ଥିଲି, ସେତିକି ବର୍ଷ ତାଙ୍କୁ ଯଥୋଚିତ ସମ୍ମାନ ଓ ପ୍ରାଧାନ୍ୟଦେବାକୁ ଚେଷ୍ଟା କରିଛି । ତାଙ୍କ ପାଇଁ କେହି ଅଭିନନ୍ଦନ ଗ୍ରନ୍ଥଟିଏ କରିବେ ନାହିଁ ବୋଲି ଭାବି ମୁଁ ଅଭିନନ୍ଦନ ଗ୍ରନ୍ଥଟିଏ 'ଆଧୁନିକ ଓଡ଼ିଆ ସାହିତ୍ୟର ବର୍ଣ୍ଣବିଭା' ସଂପାଦନା କରିଥିଲି ଏବଂ ଓଡ଼ିଶା ବୁକ୍ ଷ୍ଟୋର୍‌କୁ ପ୍ରଭାବିତ କରି ଛପାଇ ପାରିଥିଲି । ବହିଟିର ପ୍ରଚ୍ଛଦପଟ୍ଟରେ ତାଙ୍କର ଗୋଟିଏ ବଡ଼ ଆଲୋକଚିତ୍ର ରହିଥିଲା । ଏ ମୋ ପାଇଁ ଥିଲା ଗୋଟିଏ ଗର୍ବର ବିଷୟ ।

ଏଇପରି ଅନେକ ସ୍ମୃତି, ସବୁତ ମନେପଡୁଛି । ଯେତିକି ମନେପଡ଼ିଲା, ସେତିକିମାତ୍ର ଲେଖିଲି । କିନ୍ତୁ ବହୁ ସମୟରେ ତାଙ୍କର ନିରଂହକାରତା, ଆଡମ୍ବର ଶୂନ୍ୟତା, ଉଦାର ମାନବିକତା ଓ ସରଳତା, ମୂର୍ତ୍ତିମନ୍ତ ହୋଇ ଠିଆ ହୁଏ ସ୍ମୃତିପଟରେ । ଆଜିର ନିର୍ମମ ବାସ୍ତବତା ଭିତରେ ଶ୍ୱାସରୁଦ୍ଧ ହୋଇ ଯାଉଥିବା ବେଳେ, ସେ ସମୟର ଆନନ୍ଦମୟ ମୁହୂର୍ତ୍ତଗୁଡ଼ିକ ମନେପଡୁଛି । ବଡ଼ ଦୁଃଖ ଆସୁଛି ମନରେ । ସେ ସବୁ ଅତୀତ, ଭାବି ଲାଭନାହିଁ । ଅତୀତ କଣ କେବେ ଫେରେ ? ବୃଥା ହାହାକାର ମାତ୍ର !

ଅବସରପ୍ରାପ୍ତ ଅଧ୍ୟକ୍ଷ, ଭାଷାଭବନ, ବିଶ୍ୱଭାରତୀ
ଶାନ୍ତିନିକେତନ-୭୩୧୨୩୫

ନରେନ୍ଦ୍ର ନାଥ ମିଶ୍ରଙ୍କ ସଂପର୍କରେ ମୋର ସ୍ମୃତିକଥା

ଆଚାର୍ଯ୍ୟ ଭାବାନନ୍ଦ

୧୯୫୮ ମସିହା ଜୁଲାଇ ମାସରେ ମୁଁ ଶାନ୍ତିନିକେତନରେ ପହଞ୍ଚିଲି । ସେତେବେଳକୁ ନରେନ୍ଦ୍ରବାବୁ ଶାନ୍ତିନିକେତନର ଜଣେ ଗବେଷକ ଭାବେ କାର୍ଯ୍ୟ କରୁଥିଲେ ଏବଂ ପିଏଚ୍.ଡି. ନିବନ୍ଧ ପ୍ରସ୍ତୁତିରେ ଲାଗିଥିଲେ । ତାର କିଛି ମାସ ପରେ ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ ଦ୍ୱାରା ମନୋନୀତ ହୋଇ ଫକୀରମୋହନ କଲେଜରେ ଜଣେ ଓଡ଼ିଆ ଅଧ୍ୟାପକ ରୂପେ ଯୋଗଦେଲେ । ଏଇ ଅଳ୍ପ କେତେ ମାସ ମଧ୍ୟରେ ତାଙ୍କ ସାଙ୍ଗରେ କୁଞ୍ଜବାବୁଙ୍କ ଘରେ ଦେଖା ସାକ୍ଷାତ ହେଉଥିଲା । ବେଳେବେଳେ ସେ ଆମ ସହିତ ସାନ୍ଧ୍ୟ ଭ୍ରମଣରେ ଯୋଗ ଦେଉଥିଲେ ।

ସେତେବେଳେ ଶାନ୍ତିନିକେତନରେ ଅନ୍ନଦା ଶଙ୍କର ରାୟ ଓ ତାଙ୍କ ସ୍ତ୍ରୀ ଲୀଳା ରାୟ ରହୁଥାନ୍ତି । ନରେନ୍ଦ୍ରବାବୁ ଲୀଳା ରାୟଙ୍କ ସହିତ ମଝିରେ ମଝିରେ ଓଡ଼ିଆରୁ ଇଂରାଜୀ ଅନୁବାଦ କାର୍ଯ୍ୟ କରୁଥାନ୍ତି । ସେ ଫକୀରମୋହନ କଲେଜରେ ଯୋଗଦେଲା ପରେ ଆମ ସହିତ ଆଉ ବିଶେଷ ସଂପର୍କ ରହିଲା ନାହିଁ । କିନ୍ତୁ ସେ ସମୟରେ ଯେଉଁମାନେ ଓଡ଼ିଆ ସମାଲୋଚନା ସାହିତ୍ୟ ଲେଖୁଥିଲେ ସେମାନଙ୍କ ଦୃଷ୍ଟିକୋଣଠାରୁ ନରେନ୍ଦ୍ରବାବୁଙ୍କର ଦୃଷ୍ଟିକୋଣ ସଂପୂର୍ଣ୍ଣ ଭିନ୍ନ ଥିଲା । ଓଡ଼ିଆ ସମାଲୋଚନା ପ୍ରବନ୍ଧ ଲେଖିଲା ବେଳେ ସେ ବିଶ୍ୱ ସାହିତ୍ୟର ଇତିହାସର ପରିପ୍ରେକ୍ଷୀରେ ବିଷୟ ଉପସ୍ଥାପନା କରିବା ଦିଗରେ ବୋଧହୁଏ ପ୍ରଥମ ସମାଲୋଚକ ।

ଦଶହରା ଛୁଟିରେ ମୁଁ ଗାଁକୁ ଫେରିଲି । ଗାଁରେ ହଠାତ୍ ଜଣଙ୍କ ଘରକୁ ବୁଲି ଯାଇଥିଲି । ସେଠାରେ ଦେଖିଲି କିଛି ସ୍ତ୍ରୀଲୋକ ଗୁଡ଼ିଏ ପୁରୁଣା ପତ୍ରିକା ଚିରି ଗୁଣ୍ଡି ମସଲା ଶୁଖାଉଥାନ୍ତି । ଦେଖିଲି-ସେଗୁଡ଼ିକ 'ଉତ୍କଳ ସାହିତ୍ୟ'ର ପ୍ରାଚୀନ ସଂଖ୍ୟା । ସେଗୁଡ଼ିକ ସଂଗ୍ରହ କରି କୁଞ୍ଜବାବୁଙ୍କୁ ଚିଠି ଲେଖିଲି । କୁଞ୍ଜବାବୁଙ୍କ ଠାରୁ ଉତ୍ତର ପାଇଲି- "ପତ୍ରିକାଗୁଡ଼ିକ ନେଇ ଆସ । ଶାନ୍ତିନିକେତନକୁ ଫେରିଲା ବେଳେ ନରେନ୍ଦ୍ରର ଥେସିସ୍ କାର୍ଯ୍ୟରେ ସାହାଯ୍ୟ କରିବାକୁ ବାଲେଶ୍ୱର ହୋଇ ଆସିବ ।"

ତେଣୁ 'ଉତ୍କଳ ସାହିତ୍ୟ' ପତ୍ରିକା ତକ ବେତପେଡ଼ିରେ ପୂରାଇ ବାଲେଶ୍ୱରରେ ନରେନ୍ଦ୍ରବାବୁଙ୍କ ଘରେ ପହଞ୍ଚିଲି । ସେଠାରେ ମୋର କାର୍ଯ୍ୟକ୍ରମ ଥିଲା- ତାଙ୍କ ଥେସିସ୍ ପାଇଁ ଉପାଦାନ ସଂଗ୍ରହ କରିବା ଓ ତାଙ୍କୁ ଲେଖିବା ପାଇଁ ଯୋଗାଇଦେବା । ମୁଁ ତାଙ୍କ ଘରେ ରହିଥିଲି ଓ ଭାଉଜ (ତାଙ୍କ ସ୍ତ୍ରୀ) ପ୍ରତିଦିନ ସକାଳୁ ପ୍ରସ୍ତୁତ କରୁଥିବା ପରଟା, ଭଜା, ମୋହନଭୋଗ ଜଳଖିଆ ଖାଇ କାମରେ ଲାଗୁଥିଲି । ନରେନ୍ଦ୍ରବାବୁ କଲେଜ କାମ ସାରି ଫେରିଲେ ପୁଣି ତାଙ୍କ ଥେସିସ୍ କାର୍ଯ୍ୟରେ ବସୁଥିଲି । କାରଣ ବିଶ୍ୱଭାରତୀ ତାଙ୍କୁ ସେ ବର୍ଷ ଡିସେମ୍ବର ସୁଦ୍ଧା ଥେସିସ୍ ଦାଖଲ କରିବାକୁ ଶେଷ ନିର୍ଦ୍ଦେଶ ଦେଇଥାନ୍ତି । 'ଉତ୍କଳ ସାହିତ୍ୟ' ପତ୍ରିକା ଖୋଲାଇ ଖୋଲାଇ ଅନେକ ଗୁଡ଼ିକ ଗୌଣ କବିଙ୍କର ତାଲିକା ଓ ତାଙ୍କ କୃତି ସଂପର୍କରେ ଉପାଦାନ ମିଳିଲା । ତେଣୁ ନରେନ୍ଦ୍ରବାବୁ ତାଙ୍କ ନିବନ୍ଧରେ ଏହି ଗୌଣ କବିମାନଙ୍କର କୃତି ସଂପର୍କରେ ଏକ ପରିଚ୍ଛେଦ ଲେଖିଥିଲେ । ପୂଜାଛୁଟି ସରିବା ପୂର୍ବରୁ ମୁଁ ଶାନ୍ତିନିକେତନ ('ଉତ୍କଳ ସାହିତ୍ୟ' ପତ୍ରିକା ସହ) ଫେରିଲି ।

ନିର୍ଦ୍ଧାରିତ ସମୟ ମଧ୍ୟରେ ନରେନ୍ଦ୍ରବାବୁ ଥେସିସ୍ ଦାଖଲ କଲେ ଓ ପିଏଚ୍.ଡି. ଯଥା ସମୟରେ ପାଇଲେ । ଦାଖଲ କରିବାକୁ ଯାଇ ସେ ଶାନ୍ତିନିକେତନରେ କିଛିଦିନ ରହିଲେ । ସେତେବେଳେ ମୁଁ 'କୁଞ୍ଜବାବୁଙ୍କ ପରାମର୍ଶରେ 'ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା' ପାଇଁ ପାଣ୍ଡୁଲିପି ପ୍ରସ୍ତୁତ କରୁଥାଏ । ସେହି କାର୍ଯ୍ୟରେ ଆମକୁ ବିଭିନ୍ନ ପ୍ରକାର ପରାମର୍ଶ ଦେଉଥାନ୍ତି ଓ ମୋ ଲିଖିତ ପ୍ରବନ୍ଧ ସଂଶୋଧନ କରୁଥାନ୍ତି ।

କିଛିଦିନ ପରେ ସେ ଶାନ୍ତିନିକେତନରେ ଅଧ୍ୟାପକ ପଦ ପାଇଁ ଦରଖାସ୍ତ କଲେ । ଡି.ପି.ଆଇ. ବାମାଚରଣ ଦାସ ତାଙ୍କ ଦରଖାସ୍ତ ଫରୱାଡ଼ କରିବାକୁ ମନା କଲେ । କାରଣ ଶାନ୍ତିନିକେତନର ଦରମା ହାର ଓଡ଼ିଶା ସରକାରଙ୍କ ଦରମା ହାରଠାରୁ କମ୍ ଥିଲା । ମୋର ଯାହା ମନେ ପଡୁଛି- ଶାନ୍ତିନିକେତନର କମ ଦରମା ହାର ଗ୍ରହଣ କରିବାକୁ ରାଜି ଅଛନ୍ତି ବୋଲି ନରେନ୍ଦ୍ରବାବୁ ଜଣାଇଦେଲେ । ପରବର୍ତ୍ତୀ କାଳରେ ସେ ଓଡ଼ିଶା ସରକାରଙ୍କ ଚାକିରି ଛାଡ଼ି ଶାନ୍ତିନିକେତନରେ ଯୋଗଦେଲେ । ସେତେବେଳକୁ ମୁଁ ଶାନ୍ତିନିକେତନ ଛାଡ଼ିଥାଏ ।

ଅନ୍ୟାନ୍ୟ କାରଣ ଯୋଗୁଁ (ଉପାଚାର୍ଯ୍ୟ ସୁଧୀରଞ୍ଜନ ଦାସଙ୍କ ଅବିଚାର) ମୋର ଶାନ୍ତିନିକେତନ ଚାକିରି ନୋହିଲା । ଏହାପରେ ନରେନ୍ଦ୍ରବାବୁଙ୍କ ସହିତ ମୋର ବିଶେଷ ଯୋଗସୂତ୍ର ନଥିଲା । 'ଡଗର' ପତ୍ରିକା ପ୍ରକାଶନ କ୍ଷେତ୍ରରେ ମୁଁ କାର୍ଯ୍ୟଭାର ନେବା

ପୂର୍ବରୁ ବହୁ ଶାନ୍ତିନିକେତନ ଛାତ୍ର ଅକ୍ଳାନ୍ତ ପରିଶ୍ରମ କରିଥିଲେ, ଯଥା-କୃଷ୍ଣଚରଣ ବେହେରା, ବିନୋଦ ରାଉତରା, ନରେନ୍ଦ୍ର ନାଥ ମିଶ୍ର, ନରନ୍ଦ୍ର ବେହେରା, ଦୁର୍ଗାଚରଣ ପରିଡ଼ା ।

ମୁଁ ଆମେରିକାରେ ଥିଲାବେଳେ ମଝେମଝେ ତାଙ୍କ ସହିତ ପତ୍ର ଯୋଗେ ଯୋଗାଯୋଗ ରଖୁଥିଲି । ଆମେରିକାରୁ ଶାନ୍ତିନିକେତନର ପ୍ରାଧ୍ୟାପକ ଚାକିରି ପାଇଁ ନରେନ୍ଦ୍ରବାବୁଙ୍କ ପ୍ରତିଯୋଗୀ ଥିଲି । ଆମେରିକାରୁ ଫେରିବା ପରେ କେବଳ ନରେନ୍ଦ୍ରବାବୁ ହିଁ ଶାନ୍ତିନିକେତନରେ ବକ୍ତୃତା ଦେବାପାଇଁ ମୋତେ ପ୍ରଥମେ ଡାକିଥିଲେ । ଭୁବନେଶ୍ୱର ଆସିଲେ ସେ ବେଳେବେଳେ ମୋର ଅତିଥି ହେଉଥିଲେ । ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ସହିତ ମୁଁ ଯେତେବେଳେ ନିବିଡ଼ ଭାବେ ସଂପୃକ୍ତ ହେଲି, ସେତେବେଳେ ମୁଁ ନରେନ୍ଦ୍ରବାବୁଙ୍କୁ ନୀଳକଣ୍ଠଙ୍କ ଉପରେ ଯୋଡ଼ିଏ ପୁସ୍ତକ ଲେଖିବା ପାଇଁ ବ୍ୟବସ୍ଥା କରି ଦେଇଥିଲି । ଫଳରେ ନୀଳକଣ୍ଠ ସ୍ମୃତି ସମିତି ତାଙ୍କ ରଚିତ 'ପଣ୍ଡିତ ନୀଳକଣ୍ଠ : ଜୀବନ ଓ ବୃତ୍ତି' ଓ ଇଂରାଜୀରେ 'ପଣ୍ଡିତ ନୀଳକଣ୍ଠ' (ଲୀଳା ରାୟଙ୍କ ସହ) ଦୁଇଟି ବହି ପ୍ରକାଶ କରିଥିଲେ ।

ମଝେ ମଝେ ଶାନ୍ତିନିକେତନର ବିଭିନ୍ନ ସଂସ୍ଥାନ ଓ ପିଏଚ୍.ଡି. ଥେସିସ୍‌ର ପରୀକ୍ଷକ ଭାବେ ଗଲାବେଳେ ତାଙ୍କ ସହିତ ଆଳାପ ଆଲୋଚନା ହେଉଥିଲା ।

ଭୁବନେଶ୍ୱର

ମୁଁ, ଶାନ୍ତିନିକେତନ ଏବଂ ପ୍ରଫେସର ନରେନ୍ଦ୍ର ସାର୍

ଡ. ମନୋରମା ବିଶ୍ୱାଳ ମହାପାତ୍ର

ଶାନ୍ତିନିକେତନ ସଂପର୍କରେ କେତେ ଭଲଭଲ କଥା ପ୍ରଫେସର ବେହେରା ଏବଂ କବି କମଳାକାନ୍ତ ଲେଙ୍କାଙ୍କ ଠାରୁ ଶୁଣିଶୁଣି ଆମ ମନ ସେଇ ସୁଦୂର ଶାନ୍ତିନିକେତନ ପ୍ରତି ଆକର୍ଷିତ ହୋଇଯାଉଥିଲା । ସ୍ୱପ୍ନରାଜ୍ୟ ପରି ଲାଗୁଥିଲା । ଗଛମୂଳରେ ପାଠପଢ଼ା, ବର୍ଷାରେ ଭିଜିଭିଜି ରବୀନ୍ଦ୍ର ସଂଗୀତ ଗାଇବା, ସର୍ବୋପରି ରାତିଦିନ ଖୋଲା ରହୁଥିବା ଲାଇବ୍ରେରୀରେ ଥିବା ପୁସ୍ତକର ଆକର୍ଷଣ, ଖୁବ୍ ବଡ଼ କଥା ଥିଲା ମୋ ପାଇଁ । ମୋର ଏଇ ଇଚ୍ଛା ଅଧିକ ବଳବତ୍ତର ହୋଇଯାଇଥିଲା, ଯେତେବେଳେ ପ୍ରଫେସର ମିଶ୍ର ସପରିବାର ଖରାଛୁଟିରେ ଆସି ଭଦ୍ରକ କଲେଜର ଅତିଥିଭବନରେ ରହୁଥିଲେ ଏବଂ ଆମ ଓଡ଼ିଆ ବିଭାଗ ଲାଇବ୍ରେରୀରେ ବିରଳ ପୁସ୍ତକ ଭିତରେ ନିଜକୁ ହଜାଇ ଦେଉଥିଲେ । ସେତେବେଳେ ମୁଁ ଭଦ୍ରକ କଲେଜ, ଓଡ଼ିଆ ଅନର୍ସର ଛାତ୍ରୀ । ପ୍ରଫେସର କୃଷ୍ଣଚରଣ ବେହେରା ଆମ ବିଭାଗୀୟ ମୁଖ୍ୟ । ସାର୍ କହନ୍ତି, ଓଡ଼ିଆ ଅନର୍ସ ନେଇ ଯେଉଁ ପିଲାମାନେ ପଢ଼ିବେ; ସେମାନେ ତିନୋଟି ଭାଷାରେ ଧୂରୀଣ ହେବା ଦରକାର । ତାହାହେଲା ବଂଗଳା, ହିନ୍ଦି ଏବଂ ଇଂରାଜୀ । କାରଣ କେବେଳ ଓଡ଼ିଆ ପଢ଼ିଲେ ଚଳିବ ନାହିଁ । ଓଡ଼ିଆ ଅଧ୍ୟାପକମାନଙ୍କ ମନରେ ହୀନମନ୍ୟତା ସୃଷ୍ଟି ହେବା ମାତୃଭାଷା ପ୍ରତି କ୍ଷତିକାରକ । ଆଜି ଦୀର୍ଘ ପଇଁଚାଳିଶ ବର୍ଷ ତଳର ସ୍ମୃତି ରୋମନ୍ଥନ କଲେ ମନେପଡୁଛି ଭଦ୍ରକ କଲେଜର ଆମ୍ରକୁଞ୍ଜ ଭିତରେ ପ୍ରଫେସର ବେହେରାଙ୍କ କ୍ୱାଟର । ସେଠାରେ ରବୀନ୍ଦ୍ର କବିତା ଆବୃତି କରୁଥିବା ସାନଝିଅଟିଏ ମଂଜୁଳା, ନରେନ୍ଦ୍ର ସାରଙ୍କ ବଡ଼ଝିଅ । ଏବଂ ଆମେ କେତେଜଣ ମୁଗ୍ଧ ହୋଇ ଶୁଣୁଥାଉ ତା କବିତା ଆବୃତ୍ତି ।

ମୁଁ କୃତିତ୍ୱର ସହ ବି.ଏ.ପାସ କଲାପରେ ବାପା ପ୍ରଫେସର ବେହେରାଙ୍କ ସହିତ ଆଲୋଚନା କରି ସ୍ଥିର କଲେ ମୋର ଶାନ୍ତିନିକେତନରେ ଏମ.ଏ. ପଢ଼ିବା ବିଷୟରେ । ମୋର ସ୍ୱପ୍ନ ସାର୍ଥକ ହେଲା । ମୁଁ ଗୋଏଙ୍କା ହଷ୍ଟେଲରେ ରହି

ଶାନ୍ତିନିକେତନର ପାଠପଢ଼ା ସହିତ ସୀତାର ମଧ୍ୟ ଶିଖିଲି ଅବସର ସମୟରେ । ଏମ୍.ଏ.ରେ ମୋର ସ୍ପେଶାଲ ପେପର ଥିଲା ଲୋକସାହିତ୍ୟ । ଲୋକସାହିତ୍ୟ ମୋତେ ପ୍ରଫେସର ନରେନ୍ଦ୍ର ସାର୍ ପଢ଼ାଉଥିଲେ । ସେତେବେଳେ ଲୋକସାହିତ୍ୟର ଗବେଷକ ଭାବରେ ପ୍ରଫେସର ଭାଗଗ୍ରାହୀ ମିଶ୍ର ଆମେରିକା ସ୍ଥିତ ଇଣ୍ଡିଆନ୍ ୟୁନିଭରସିଟି ବ୍ଲୁମିଂଟନ୍‌ରେ ଅବସ୍ଥାପିତ ଥାଆନ୍ତି । ନରେନ୍ଦ୍ର ସାର୍ କହୁଥିଲେ ମୁଁ ମଧ୍ୟ ଶାନ୍ତିନିକେତନରୁ ଯାଇ 'ଇଣ୍ଡିଆନା'ରେ ଲୋକସାହିତ୍ୟ ଗବେଷଣାରେ ମନଦିଏ । ଲୋକସାହିତ୍ୟ ପଢ଼ାଇଲା ବେଳେ ମୁଁ ମୁଗ୍ଧ ହୋଇ ଯାଉଥିଲି । ଖୋଲା ଆକାଶ ତଳେ, ବଉଳ ଗଛ କି କଦମ୍ବ ଗଛ ମୂଳରେ ଆମର କ୍ଲାସ ହେଉଥିଲା । ନରେନ୍ଦ୍ର ସାର୍ ତାଙ୍କର ସରଳ, ନିଷ୍କପଟ ବ୍ୟବହାର ପାଇଁ ଛାତ୍ରଛାତ୍ରୀମାନଙ୍କ ପାଖରେ ଅତ୍ୟନ୍ତ ପ୍ରିୟ ଥିଲେ ।

ଶାନ୍ତିନିକେତନ ଥିଲା ସରଳ ଏବଂ ନିରାଡ଼ମ୍ବର ଠିକ୍ ପ୍ରଫେସର ମିଶ୍ରଙ୍କ ପରି । ପୃଥିବୀର ବିଭିନ୍ନ ପରିବର୍ତ୍ତନ ଭିତରେ ଶାନ୍ତିନିକେତନ ମଧ୍ୟ ପରିବର୍ତ୍ତିତ ହୋଇଯାଇଛି ଆଜି । ସାର୍‌ଙ୍କ ଭିତରେ କୌଣସି ଛଳନା କିମ୍ବା ଅନ୍ୟମାନଙ୍କୁ ପ୍ରତାରିତ କରିବାର ଅଭିପ୍ରାୟ କେବେ ନଥିଲା । ଜଣେ ପ୍ରକୃତ ଶିକ୍ଷକର ଯେଉଁ ଉଦାରତା ରହିବା କଥା ତାଙ୍କଠାରେ ତାହା ଭରପୂର ହୋଇ ରହିଥିବାର ଆମେ ଲକ୍ଷ୍ୟ କରିଛୁ । ତାଙ୍କର ଏହି ସରଳ ସ୍ୱଭାବ ନିମନ୍ତେ ବହୁ କୁଉଦ୍ଦେଶ୍ୟ ପ୍ରଣୋଦିତ ବ୍ୟକ୍ତି ବିଶେଷଙ୍କର ଯାତନାର ଶିକାର ହୋଇଛନ୍ତି ସତ ତଥାପି ଶୁଦ୍ଧ ସୁବର୍ଣ୍ଣ ପରି ତାଙ୍କ ବ୍ୟକ୍ତିତ୍ୱ ଅଧିକ ଔଜଲ୍ୟତାରେ ଦୀପ୍ତିମନ୍ତ ହୋଇ ଉଠିଛି । ବେଳେବେଳେ ସାର୍‌ଙ୍କ ମନରେ ସେଥିପାଇଁ ଅଭିମାନ ଏବଂ ଦୁଃଖ ଆସିଛି । ସେ ତାଙ୍କ ନିଜ ସଂପର୍କରେ କେତୋଟି କଥା ହୁଏତ କ୍ଷୋଭର ସହ ପ୍ରକାଶ କରିଛନ୍ତି । "ପ୍ରବାସରେ ଏକ ବିଶ୍ୱବିଦ୍ୟାଳୟର କ୍ଷୁଦ୍ର ଗଣ୍ଡି ମଧ୍ୟରେ ନିଜକୁ ବନ୍ଦୀ କରି ରଖିଥିବାରୁ ଲୋକ ଚରିତ୍ର ଅଧ୍ୟୟନ ଓ ବୃହତ୍ତର ସମାଜରେ ନିଜକୁ ଖାପଖୁଆଇ ଚଳିବାର ଯୋଗ୍ୟତା ମୁଁ ହରାଇ ବସିଥିବାରୁ ମୋ ପରିବାର ଅନିଶ୍ଚିତତା ମଧ୍ୟରେ ଦିସାହରା ହୋଇ ପଡ଼ିଛନ୍ତି । ସାଧାରଣ ସଂସାରୀ ଦୃଷ୍ଟିରେ ମୁଁ ଏକାନ୍ତ ନିର୍ବୋଧ ଓ ଅପଟୁ ବିବେଚିତ ହୋଇଛି । ମୋର ପରମ ସୁଖ, ବିଶ୍ୱଭାରତୀରେ ମୋର କର୍ମ ଜୀବନରେ ମୁଁ ସଂପଦ ବିପଦ, ଲାଭ କ୍ଷତି, ନିନ୍ଦା ଓ ଅପମାନକୁ ଭ୍ରୁକ୍ଷେପ ନକରି ଯଥା ସମ୍ଭବ ଅନାସକ୍ତ ଓ ନିର୍ଲିପ୍ତ ଭାବରେ ମୋର କର୍ତ୍ତବ୍ୟସାଧନ ପାଇଁ ପ୍ରୟାସ କରିଛି ।"

ଆଜି ସାର୍ ତାଙ୍କର ପ୍ରିୟ ଶାନ୍ତିନିକେତନ ଛାଡ଼ି ନିଜଜିଲ୍ଲା ବାଲେଶ୍ୱରଠାରେ ଅବସ୍ଥାନ କରୁଛନ୍ତି । ଜଣେ ପ୍ରକୃତ ଶିକ୍ଷକ ଗବେଷକଙ୍କର ଅବସର କେବେ ନଥାଏ । ସେ ଏବେ ମଧ୍ୟ ସେହି ବହିମାନଙ୍କ ଗହଣରେ, ପ୍ରିୟ ଛାତ୍ରଛାତ୍ରୀମାନଙ୍କ ଗହଣରେ ରହିବାକୁ ଅଧିକ ଆନନ୍ଦ ମଣୁଛନ୍ତି । ଅଭିମାନରେ ଯାହା କହିଲେ ମଧ୍ୟ ସେ ଆମ ସମସ୍ତଙ୍କର ପ୍ରିୟ ମଣିଷ, ପ୍ରିୟ ପ୍ରଫେସର ନରେନ୍ଦ୍ର ସାର୍ । ଆଜି ତାଙ୍କର ଦୁଇ ସୁକନ୍ୟା ମଂଜୁଳା ଏବଂ ମୃଦୁଳା ବିଜ୍ଞାନ ଏବଂ ସାହିତ୍ୟର ବିଭିନ୍ନ ବିଭାଗରେ ନିଜର ପାରଦର୍ଶିତା ପ୍ରତିପାଦନ କରି ସାର୍‌ଙ୍କ ସ୍ୱପ୍ନକୁ ସାକାର କରିପାରିଛନ୍ତି । ଦୁଇ ଜାମାତା ଡ. ବସନ୍ତ ପଣ୍ଡା ଏବଂ ପ୍ରଫେସର ଫକୀର ଆଚାର୍ଯ୍ୟ ମଧ୍ୟ ଓଡ଼ିଆ ଭାଷା ସାହିତ୍ୟର ଦୁଇ ଉଲ୍ଲେଖନୀୟ ବ୍ୟକ୍ତିତ୍ୱ । ସାର୍‌ଙ୍କ ପରି ମୂଲ୍ୟବାନ ସ୍ୱର୍ଣ୍ଣମଣି ସଂସ୍ପର୍ଶରେ ଆସି ପାରିଥିବାରୁ ନିଜକୁ ଧନ୍ୟ ମନେକରୁଛି ।

୧୨୫, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

ପୂଜନୀୟ ନରେନ୍ଦ୍ରସାର୍‌ଙ୍କୁ ଶ୍ରଦ୍ଧପ୍ରଣାମ ସହିତ

ଡ. ସଂଘମିତ୍ରା ମିଶ୍ର

ପ୍ରଫେସର ନରେନ୍ଦ୍ରନାଥ ମିଶ୍ର । ଆମ ସମସ୍ତଙ୍କର ପ୍ରିୟ ନରେନ୍ଦ୍ର ସାର୍ । ଏଇ ଘରି ଛଅ ମାସ ତଳେ ବାଲେଶ୍ୱର ଯାଇଥିଲି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କର ଡି.ଲିଟ୍‌ର ପରୀକ୍ଷକ ହୋଇ । ବହୁତ ଥର ସାର୍ ପଛରେ ଖବର ପାଆନ୍ତି, ଆଉ ମନ ଖରାପ କରନ୍ତି ମୁଁ ତାଙ୍କୁ ଭେଟୁନି ବୋଲି । ମୋର ପ୍ରିୟ ଛାତ୍ର କିଶୋର ଏକଥା ମୋତେ କହନ୍ତି । ତେଣୁ ସେଥର ମୁଁ ଗଲି ତାଙ୍କୁ ଭେଟିବାକୁ । ସାଙ୍ଗରେ ଗଲେ ଡ. ମନ୍ମଥ କୁମାର ପ୍ରଧାନ ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ । କିଶୋର ମଧ୍ୟ ପହଞ୍ଚିଲେ । କିନ୍ତୁ ମୁଁ ସେଠାରେ ନରେନ୍ଦ୍ରସାର୍‌ଙ୍କୁ ଦେଖିବା ପରେ ମନ ଖୁବ୍ କଷ୍ଟ ହେଲା । ସେ ଶାଳପ୍ରାଂଶୁ ଶରୀର, ସିଧା ଚାଲି, ଦେହରେ ବିଭିନ୍ନ ଛିଟା ଥିବା ସାର୍ଟ ସଦା ହସହସ ମୁହଁ, କୁଆଡ଼େ ଗଲା ସତରେ ! ମଣିଷ ବୁଢ଼ା ହେବ, ଏକଥା ନିଶ୍ଚିତ । କିନ୍ତୁ ତାଙ୍କ ଭଳି ଅନେକ ଦୁଃଖକୁ ଆତ୍ମସ୍ଥ କରି ମଧ୍ୟ ସେ ହସୁଥିଲେ । ସେ ଯେ ମୋତେ ଚିହ୍ନିପାରିବେନି, କିଛି ପଛକଥା ମନେପକାଇ ପାରିବେନି, ଏକଥା ଭାବି ବେଶ୍ କିଛିଦିନ ମୁଁ ଦୁଃଖ କରିଛି । ସାର୍‌ଙ୍କୁ ନେଇ ଅନେକ କଥା ଲେଖାଯାଇପାରେ । ରିଫ୍ରେସର କୋର୍ସକୁ ସାର୍ ଆସନ୍ତି । ଆମ ସେମିନାରରେ ମଧ୍ୟ ଭାଷଣ ଦିଅନ୍ତି । ଆଧୁନିକ ଓଡ଼ିଆ କବିତା ସଂପର୍କୀୟ ତାଙ୍କର ଗବେଷଣା ଗ୍ରନ୍ଥ ତ ଆଜି ବି ଅନତିକ୍ରମ୍ୟ । ଆଧୁନିକ ଓଡ଼ିଆ ସାହିତ୍ୟର ଏମିତି କେହି ଗବେଷକ ନାହାନ୍ତି ଯିଏ ସେ ପୁସ୍ତକଟି ନ ପଢ଼ିଛନ୍ତି । ସରଳ ଭାବରେ ଯେଉଁ ଦୃଷ୍ଟିକୋଣ ସେ ଉପସ୍ଥାପନ କରିଛନ୍ତି ତାହା ସତରେ ପାଠକକୁ ଚକିତ କରେ ।

ସାର୍ ଥିଲେ ମୋର ଡି.ଲିଟର୍ ବାହ୍ୟ ପରୀକ୍ଷକ । ଅନ୍ୟ ଜଣେ ଥିଲେ ୰ପ୍ରାଣବନ୍ଧୁ କର ମହାଶୟ । ସାର୍ ରିପୋର୍ଟ ଦେଇଦେଲେ, ଆଉ ମୌଖିକ ପରୀକ୍ଷା ଦରକାର ନାହିଁ ବୋଲି ମଧ୍ୟ ଲେଖିଦେଲେ । ପ୍ରାଣବନ୍ଧୁ ସାର୍ ଜିଦ୍ ଧରିଲେ ଅଲବତ ମୌଖିକ୍ ପରୀକ୍ଷା ହେବ । " ଆମେ କ'ଣ ତାକୁ ଡି.ଲିଟ୍ ଦେବାନିକି, ହେଲେ ସେ

ଭାଇଭା ଦେବନି କାହିଁକି ?" ଏହା ସେ ମୋ ଗାଇଡ଼ ପ୍ରଫେସର କୃଷ୍ଣଚରଣ ସାହୁଙ୍କୁ କହିଲେ । ସାର୍ ନରେନ୍ଦ୍ର ସାର୍‌ଙ୍କୁ ଯୋଗାଯୋଗ କରିବା ବେଳକୁ ସେ ଶାନ୍ତିନିକେତନ ଚାଲି ଯାଇଥିଲେ । ପୁଣି ଫେରିଲେ ଭାଇଭା ହେବ ବୋଲି ଅପେକ୍ଷା କରିବାକୁ ହେଲା । ସାର୍ ନିର୍ଦ୍ଦିଷ୍ଟ ଦିନ ଆସି ପହଞ୍ଚିଲେ । ସାର୍‌ମାନେ ଭିତରେ ବସି ଆଲୋଚନା କରୁଥାଆନ୍ତି । ମୁଁ ବାହାରେ ଥାଏ । ମୋର ଜଣେ ଛାତ୍ର ଚାହା କି କଫି ନେଇ ଭିତରକୁ ଗଲା । ଫେରିବା ପରେ ସେ ହସିହସି ଗଡ଼ିଯାଉଥାଏ । କଥା କ'ଣ ପଚାରି ଜାଣିଲି ଯେ ନରେନ୍ଦ୍ର ସାର୍ କହୁଛନ୍ତି, "ସେ ତ ଦଶବର୍ଷ ବାଣୀବିହାରରେ ରହିଲାଣି ! ତା'ପାଖରେ ପାଞ୍ଚ ଛଜଣ ପିଲା ଡକ୍ଟରେଟ୍ କଲେଣି । ତାକୁ କି ପ୍ରଶ୍ନ ପଚାରିବ ?" ପ୍ରାଣବନ୍ଧୁ ସାର୍‌ଙ୍କ ମତ ହେଲା, 'ନିହାତି ପ୍ରଶ୍ନ ପଚାରିବା ନା । ନହେଲେ ସେ ମୁହଁ ବଢ଼ିଆ ହୋଇଯିବନି ?" ଏମିତି ବେଳେ ମୋତେ ଡାକରା ଆସିଲା । ମୋତେ ପ୍ରଶ୍ନ ପଚାରିଲେ ଆଉ ମୁଁ ଯଥାସମ୍ଭବ ଉତ୍ତର ଦେଲି । ସାର୍‌ଙ୍କ ସାଙ୍ଗରେ ସେଦିନ ଆସିଥିଲେ ତାଙ୍କର ପ୍ରିୟ ଜାମାତା ଡ.ବସନ୍ତ କୁମାର ପଣ୍ଡା ଓ ତାଙ୍କ ପୁଅ । ସାର୍ ସେଦିନ ସେ ପିଲାଟିକୁ କେତେକ ଶ୍ଳୋକ ଶିଖାଉ ଥାଆନ୍ତି । କେତେ ଭଲ କଥା କହୁଥାଆନ୍ତି । ମୋର ମନେ ହୋଇଥିଲା ଏମିତି ଜ୍ଞାନୀ ପଣ୍ଡିତ ଯାହାର ଅଜା, ସେ ପିଲା କେଡ଼େ ଭାଗ୍ୟବାନ୍ ସତେ ! ସତରେ ବି ସେ ପିଲାଟି ଖୁବ୍ ଭଲ ମଣିଷ ହୋଇଛି ।

କେନ୍ଦ୍ର ସାହିତ୍ୟ ଅକାଦେମୀ ସହଯୋଗରେ ବାଣୀବିହାରର ସ୍ନାତକୋତ୍ତର ଓଡ଼ିଆ ବିଭାଗ କରୁଥାଆନ୍ତି ମାନସିଂହ ଶତବାର୍ଷିକୀ ସେମିନାର । ସାର୍ ଆସିଥାଆନ୍ତି ଅତିଥି ହୋଇ । ତାଙ୍କ ପାଖରେ ଗୋଟିଏ ମଞ୍ଚରେ ବସିବାର ସୁଯୋଗ ହୋଇଥିଲା ସେଦିନ, କାରଣ ଉଦ୍ୟୋକ୍ତା ଭାବରେ ମୋର ଧନ୍ୟବାଦ ଦେବାର ଥିଲା । ସେଠି ସାର୍‌ଙ୍କ ଭାଷଣ ବହୁ ପ୍ରଶଂସିତ ହୋଇଥିଲା, କିନ୍ତୁ ସେତେବେଳକୁ ତାଙ୍କର ତେଜ ଊଣା ହୋଇ ଆସିଥିଲା ଓ ସେ ଖୁବ୍ କ୍ଲାନ୍ତ ଦିଶୁଥିଲେ । ସାର୍‌ଙ୍କ କଟକ ଘରକୁ ଯାଇଛି ଥରେ । ଡା. ଜେ.ପି. ଦାସଙ୍କ ଘରପାଖରେ ମହାନଦୀ ବିହାରରେ ସେ ରହୁଥାଆନ୍ତି । ମାଉସୀ ଥିଲେ ସାଙ୍ଗରେ । ମାଉସୀଙ୍କ ଦେହାନ୍ତ ପରେ ସାର୍ ପୂରା ଭାଙ୍ଗି ପଡ଼ିଲେ । ପ୍ରାୟ ଆସି ବସନ୍ତବାବୁଙ୍କ ଘରେ ରହନ୍ତି । ଥରେ ଅଧେ ଦେଖା ହୋଇଥିବ ।

ଏବେ ପ୍ରାୟ ଦୁଇବର୍ଷ ତଳେ ରୁଦ୍ରାଣୀ ମହାନ୍ତିଙ୍କ ପିଏଚ୍.ଡ଼ି ମୌଖିକ ପରୀକ୍ଷା ଦିନ ସାର୍ ଯାଉଥିଲେ । କହିଲେ, "ସଂଘମିତ୍ରାଙ୍କୁ ଦେଖି ବହୁତ ପୁରୁଣା କଥା ମନେ ପଡୁଛି ।" କେଉଁ ପୁରୁଣା କଥା ପଚାରିପାରିଲିନି । ତାପରେ ସେ ରୁଦ୍ରାଣୀଙ୍କୁ ଗାଳି

ଦେଲେ ଏତେ ଦୀର୍ଘଦିନ ଧରି ପିଏଚ୍.ଡି. କାମ ନ ସାରିଥିବାରୁ । ମୁଁ କହିଲି ଯେ ଏବେ ଜଣେ ଗବେଷିକା ସତେଇଶି ବର୍ଷ ପରେ ଥେସିସ୍ ସବ୍‌ମିଟ୍ କଲେ । ସାର୍ ହସିପକାଇଲେ ଓ ରୁଦ୍ରାଣୀ ମ୍ୟାଡାମ୍ ଆଶ୍ୱସ୍ତ ହେଲେ ମୋ କଥା ଶୁଣି ।

ନରେନ୍ଦ୍ରସାର୍‌ଙ୍କ ଭଳି ଆଜୀବନ ସାରସ୍ୱତ ସାଧକଙ୍କ ପାଇଁ ଅଭିନନ୍ଦନ ଗ୍ରନ୍ଥଟିଏ ପ୍ରକାଶିତ ହେବା ଖୁବ୍ ଆନନ୍ଦର କଥା । ତାଙ୍କ ସମ୍ମାନାର୍ଥେ ପ୍ରକାଶିତ ହେବାକୁ ଯାଉଥିବା ମୂଲ୍ୟବାନ ଗ୍ରନ୍ଥରେ ମୋର କ୍ଷୁଦ୍ର ନିବନ୍ଧଟିଏ ସ୍ଥାନିତ ହେବ ଓ ସେଥିପାଇଁ ମୋତେ ଅନୁରୋଧ ପତ୍ରଟିଏ ଆସିବ, ଏହା ମୋ ପାଇଁ ସୌଭାଗ୍ୟର କଥା । ଏଥିପାଇଁ ମୁଁ କର୍ମକର୍ତ୍ତାମାନଙ୍କ ନିକଟରେ କୃତଜ୍ଞ । ନରେନ୍ଦ୍ର ସାର୍‌ଙ୍କ ଶ୍ରେଣୀ ଗୃହରେ ବସିବାର ସୌଭାଗ୍ୟ ମୋର ହୋଇନାହିଁ ମାତ୍ର 'ସାର୍' ହେବାର ସମସ୍ତ ଯୋଗ୍ୟତା ଯେ ତାଙ୍କର ଥିଲା ଏକଥା ମୁଁ ଅନେକ ଥର ଅନୁଭବ କରିଛି । ବିଶ୍ୱସାହିତ୍ୟ ସଂପର୍କରେ ତାଙ୍କର ଯେଉଁ ବ୍ୟାପକ ତଥା ଗଭୀର ଅଧ୍ୟୟନ ଥିଲା ତାହା ପରପିଢ଼ିର କୌଣସି ଓଡ଼ିଆ ଅଧ୍ୟାପକଙ୍କ ପାଖରେ ଥିବ କି ନାଁ ସନ୍ଦେହ । ମୋ ସାର୍ ନହୋଇ ମଧ୍ୟ ସେ ମୋର ସାର୍ ପାଲଟି ଯାଇଛନ୍ତି କେଉଁକାଳରୁ ।

ସେ ସୁସ୍ଥ ଓ ନିରାମୟ ଜୀବନ ଯାପନ କରନ୍ତୁ । ତାଙ୍କର ଲେଖନୀଚାଳନା ଅବ୍ୟାହତ ରହୁ । ତାଙ୍କର ସାରସ୍ୱତ ପରିବାର ଆହୁରି ପରିବ୍ୟାପ୍ତ ହେଉ, ଯେଉଁ ପରିବାରରେ ଆମେମାନେ ଆଗ୍ରହ ସହିତ ସାମିଲ ହୋଇ କହିପାରିବୁ "ଦେଖ, ଏ ଆମ ନରେନ୍ଦ୍ର ସାର, ଆଧୁନିକ ଓଡ଼ିଆ ସାହିତ୍ୟକୁ ଚିହ୍ନି ବୁଝି ପରଖିବାର ଚାବିକାଠିଟିଏ ଯେ ପରମ ଶ୍ରଦ୍ଧା ଓ ବିଶ୍ୱାସ ସହିତ ତୋଳି ଦେଇଛନ୍ତି ଆଉ ହାତକୁ ।"

ଓଡ଼ିଆ ଭାଷା-ସାହିତ୍ୟ ବିଭାଗ

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୪

ମୋର ଶିକ୍ଷାଗୁରୁ ନରେନ୍ଦ୍ରନାଥ

ଡ. ମଥୁରାନାଥ ହୋତା

ବିଶ୍ୱଭାରତୀରେ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଅଧ୍ୟୟନ କାଳରେ (୧୯୭୬-୭୮) ମୋର ଗୁରୁ ଥିଲେ ପ୍ରଫେସର ନରେନ୍ଦ୍ରନାଥ ମିଶ୍ର । ସେତେବେଳେ ସେ ଥିଲେ ବିଭାଗୀୟ ମୁଖ୍ୟ । ତାଙ୍କର ଶିକ୍ଷକ ସୁଲଭ ଅତ୍ୟନ୍ତ ସରଳ ବ୍ୟବହାର ଓ ପ୍ରଜ୍ଞାଶୀଳ ମୁଖ ଆମକୁ ସଦାବେଳେ ଅନୁପ୍ରାଣିତ କରୁଥିଲା । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ଏଇ ବିଶ୍ୱଭାରତୀ ପରବର୍ତ୍ତୀ କାଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିଲେବି ମୂଳତଃ ଏହା ଥିଲା ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କ ସାଧନା ପୀଠ । ସେହି ଆଦର୍ଶକୁ ଭିତ୍ତି କରି ସେଠାରେ ରବୀନ୍ଦ୍ରନାଥ ଗଢ଼ିଥିଲେ ଆଶ୍ରମ ବିଦ୍ୟାଳୟ 'ବିଶ୍ୱଭାରତୀ' । ଉପନିଷଦର ଭାଷାରେ ସେହି ସ୍ଥାନଟିକୁ ତେଣୁ କୁହାଯାଏ- 'ଯତ୍ର ବିଶ୍ୱ ଭବତ୍ୟେକ ନୀଡ଼ଂ' । ବିଶ୍ୱଭାରତୀର ପ୍ରସାରିତ ଅଙ୍ଗସୌଷ୍ଠବରେ ଏହି ଚେତନା ଆଜିବି ସଂକ୍ରମିତ । ତେଣୁ ଏଠାରେ ଅଧ୍ୟାପନା କରିବା ଓ ବିଦ୍ୟାର୍ଥୀ ହେବା ବଡ଼ ଗୌରବର ବିଷୟ । ସେଥିପାଇଁ ଆଶ୍ରମବାସୀମାନେ ଶ୍ରଦ୍ଧାରେ ଗାଆନ୍ତି 'ଓ ଆମାଦେର ଶାନ୍ତିନିକେତନ/ସେ ଯେ ସବ ହତେ ଆପନ ।' ସେଠାକୁ ଯେଉଁମାନେ ନିଃସ୍ୱ ହୋଇ ଯାଇଥାନ୍ତି, ସେମାନେ ଅତି ସମୃଦ୍ଧ ହୋଇ ଫେରନ୍ତି। ଆମର ଶ୍ରଦ୍ଧେୟ ଶ୍ୟାମସାର୍ (ପ୍ରଫେସର ଶ୍ୟାମସୁନ୍ଦର ମହାପାତ୍ର) ସଦାବେଳେ ପରିହାସରେ କହୁଥିଲେ, ଏଠାକୁ ଆସିଲେ ଅ-କବିମାନେ କବି ହୁଅନ୍ତି, ଆଉ କବିମାନେ ମହାକବି ହୁଅନ୍ତି । ସେହି କ୍ରମରେ ଅଲେଖକମାନେ ଲେଖକ ଓ ଲେଖକମାନେ ମହାଲେଖକ ହୁଅନ୍ତି । ସାହିତ୍ୟ ସଂଗୀତ, କଳା ଓ ନୃତ୍ୟ ପାଇଁ ଏହି ବିଶ୍ୱବିଦ୍ୟାଳୟ ଆନ୍ତର୍ଜାତୀୟ ସ୍ୱୀକୃତି ପାଇସାରିଛି ।

ବିଶ୍ୱଭାରତୀରେ ମୋର ଦୁଇବର୍ଷର ଅବସ୍ଥାନ ଥିଲା ଖୁବ୍ ଆନନ୍ଦପ୍ରଦ । ଏଠାକାର ଅଧ୍ୟାପକମାନଙ୍କ ସହ ପିଲାମାନଙ୍କର ଥିଲା ପାରିବାରିକ ସଂପର୍କ । ଗୁରୁପତ୍ନୀଙ୍କୁ ଆମେ 'ଅପା' ବୋଲି ସମ୍ବୋଧନ କରୁଥିଲୁ । ସାର୍ ଓ ଅପାମାନଙ୍କ ସ୍ନେହସ୍ପର୍ଶରେ ଆମର ଘରକଥା ବି ମନେ ପଡୁନଥିଲା । ନରେନ୍ଦ୍ର ସାର୍‌ଙ୍କ ବ୍ୟତୀତ ଯେଉଁ ବରେଣ୍ୟ

ଅଧ୍ୟାପକମାନେ ଆମକୁ ଅଧ୍ୟାପନା କରୁଥିଲେ, ସେମାନେ ହେଲେ ଡ.ଗଗନେନ୍ଦ୍ର ନାଥ ଦାଶ (ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଷାତତ୍ତ୍ୱ ବିଭାଗରେ ପ୍ରଫେସର ଥାଇ ଅବସର ଗ୍ରହଣ କଲେ), ଡ.ନୀଳାଦ୍ରି ଭୂଷଣ ହରିଚନ୍ଦନ (ବିଶ୍ୱଭାରତୀର ବରିଷ୍ଠ ପ୍ରଫେସର ତଥା ବିଦ୍ୟାଭବନର ସମ୍ମାନନୀୟ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ), ଡ.ଶ୍ୟାମସୁନ୍ଦର ମହାପାତ୍ର (ପ୍ରଫେସର ଭାବରେ ଅବସର ପ୍ରାପ୍ତ), ଡ.ବନମାଳୀ ରଥ (ଗଗନସାରଙ୍କ ପରେ ସେଠାରେ ପ୍ରାୟ ଚାରିବର୍ଷ ଅଧ୍ୟୟନ କରି ପୁନଶ୍ଚ ସରକାରୀ କଲେଜର ଅଧ୍ୟକ୍ଷ ଭାବରେ ଅବସର ଗ୍ରହଣ କରିସାରିଛନ୍ତି) । ସମସ୍ତେ ସେତେବେଳକୁ ପ୍ରତିଷ୍ଠିତ ସାହିତ୍ୟିକ ଓ ଗବେଷକ । ସେମାନଙ୍କ ସାନ୍ନିଧ ଓ ପରାମର୍ଶରେ ମୁଁ ନାନାଭାବରେ ଉପକୃତ ହୋଇଛି ।

ନରେନ୍ଦ୍ର ସାର୍ ଥିଲେ ବିଶ୍ୱଭାରତୀର ଛାତ୍ର । ସେତେବେଳେ ତାଙ୍କର ଗୁରୁ ଥିଲେ ଡ.କୁଞ୍ଜବିହାରୀ ଦାଶ । ପ୍ରହ୍ଲାଦ ପ୍ରଧାନଙ୍କ ପରେ ସେହିଁ ଥିଲେ ବିଶ୍ୱଭାରତୀ ଓଡ଼ିଆ ବିଭାଗର ପ୍ରତିଷ୍ଠାତା । ସେଠାରୁ ସ୍ନାତକୋତ୍ତର ଉପାଧି ହାସଲ କରିବା ପରେ ନରେନ୍ଦ୍ର ସାର୍ ଓଡ଼ିଶାର ସରକାରୀ କଲେଜରେ କିଛିକାଳ ଅଧ୍ୟାପନା କରିଥିଲେ । ଧରଣୀଧର କଲେଜ, କେନ୍ଦୁଝର ଓ ଫକୀରମୋହନ କଲେଜ, ବାଲେଶ୍ୱରରେ ଅଧ୍ୟାପନା ପରେ ସେ ପୁଣି ଅଧ୍ୟାପକ ଭାବରେ ଶାନ୍ତିନିକେତନ ଫେରିଯାଇଥିଲେ । ଗବେଷଣା ଓ ଅଧ୍ୟାପନା ଭିତରେ ବୁଡ଼ିରହି ସେ ପ୍ରଚୁର ଆନନ୍ଦ ପାଉଥିଲେ । ଓଡ଼ିଆ ସମାଲୋଚନା ସାହିତ୍ୟ ଓ ପ୍ରବନ୍ଧ ସାହିତ୍ୟକୁ ତାଙ୍କର ଦାନ ଅନନ୍ୟ ।

ସାର୍ ଜଣେ ନିରବ ସାଧକ, ଆତ୍ମପ୍ରଚାର ବିରୋଧୀ । ବ୍ୟବହାରରେ ଅତ୍ୟନ୍ତ ଅମାୟିକ, ପୋଷାକ ପରିଚ୍ଛଦ ଅତି ସାଧାରଣ । ତାଙ୍କର ବିନୟୀ ସ୍ୱଭାବ ଆମକୁ ବେଶ୍ ପ୍ରଭାବିତ କରୁଥିଲା । ପ୍ରତ୍ୟହ ସାନ୍ଧ୍ୟଭ୍ରମଣ ସାରଙ୍କର ଏକ ଅଭ୍ୟାସ ଥିଲା । ମୁଁ ଓ ମୋର ସାଙ୍ଗମାନେ ବେଳେବେଳେ ସାରଙ୍କ ସହ ଯୋଗ ଦେଉଥିଲୁ । ସାର୍ ଅନେକ କଥା ଗପନ୍ତି । ବିଶ୍ୱଭାରତୀର ଇତିହାସ ଠାରୁ ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ବହୁତ କଥା ଗପ ପରିସରକୁ ଆସେ । ସବୁ କିଛି ଶିକ୍ଷଣୀୟ । ସବୁ ସାରଙ୍କ ସହ ଆମେ ଥିଲୁ ଅତି ଅନ୍ତରଙ୍ଗ । ଗୁରୁ-ଶିଷ୍ୟଙ୍କର ବ୍ୟବଧାନ ଆଦୌ ନଥିଲା । ଆମର ଏମ୍.ଏ. ପରୀକ୍ଷାଖାତାକୁ ଦୁଇ ପ୍ରକାର ପରୀକ୍ଷକଙ୍କ (ଆଭ୍ୟନ୍ତରୀଣ ପରୀକ୍ଷକ ଓ ବହିଃପରୀକ୍ଷକ) ଦ୍ୱାରା ମୂଲ୍ୟାଙ୍କନ କରାଯାଉଥିଲା । ଆମର ସାର୍‌ମାନେ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ କରୁଥିଲେ ମଧ୍ୟ ଆମେ ଦିନେ ମଧ୍ୟ ସାହସ କରି ମାର୍କ ସଂପର୍କରେ ପଚାରି ପାରୁ ନଥିଲୁ । କାରଣ ସେମାନଙ୍କ ପାଖରେ ଥିଲା ଅଧ୍ୟାପକ ସୁଲଭ ଗାମ୍ଭୀର୍ଯ୍ୟ ଏବଂ

ଆମ ପାଖରେ ଥିଲା ଛାତ୍ରସୁଲଭ ସ୍ୱାଭିମାନ । ସେମାନଙ୍କର ନିରପେକ୍ଷ ବିଚାର ଉପରେ ଆମର କେବେବି ସନ୍ଦେହ ନଥିଲା ।

ଓଡ଼ିଆରେ ଆଲୋଚନାମୂଳକ ବା ଗବେଷଣାତ୍ମକ ପ୍ରବନ୍ଧ ରଚନାର ଶୈଳୀ ମୋତେ ଜଣାନଥିଲା, ଅଥଚ ଲେଖିବାର ଆଗ୍ରହ ଥିଲା ପ୍ରବଳ । ନରେନ୍ଦ୍ର ସାର ଓ ନୀଳାଦ୍ରି ସାର୍ ମୋତେ ସେ କୌଶଳ ଶିଖାଇଛନ୍ତି । ମୁଁ ଆଜି ତାହାକୁ କୃତଜ୍ଞତାର ସହ ସ୍ମରଣ କରୁଚି । ବିଶ୍ୱଭାରତୀର ବିଶାଳ ପାଠାଗାର ଅତ୍ୟନ୍ତ ଆକର୍ଷଣୀୟ । ତା' ଭିତରେ ପଶିଗଲେ ମୁଁ ସବୁ ଭୁଲିଯାଏ । ସେଠାରେ ଯେଉଁସବୁ ବହି ମୁଁ ପଢ଼ିଥିଲି, ଓଡ଼ିଶାରେ ଏକତିରିଶ ବର୍ଷର ଅଧ୍ୟାପନା ଭିତରେ ସେଗୁଡ଼ିକ ଆଉଥରେ ଦେଖିବାକୁ ପାଇନାହିଁ । ଥରେ ନରେନ୍ଦ୍ରସାର୍ କହିଲେ 'ଚଣ୍ଡିପୁରାଣ' (ସାରଳା ଦାସଙ୍କ କୃତି) ଉପରେ ପ୍ରବନ୍ଧଟିଏ ରଚନା କରିବା ପାଇଁ । ଲାଇବ୍ରେରୀରେ ପଶି ବହିତ ପଢ଼ିଲି ଓ ରାତି ଅନିଦ୍ରା ହୋଇ ପ୍ରବନ୍ଧଟିଏ ପ୍ରସ୍ତୁତି କଲି । ମନେମନେ ସନ୍ତୁଷ୍ଟ ହେଲି ଭାବିଲି ସାର୍ ନିଶ୍ଚୟ ପ୍ରଶଂସା କରିବେ । ପ୍ରବନ୍ଧଟି ଦେଖି ସାର୍ ଖୁସିହେଲେ ଏବଂ ନାଲି କଲମରେ ସାଙ୍ଗେସାଙ୍ଗେ ସଂଶୋଧନ ଆରମ୍ଭ କରିଦେଲେ । ପ୍ରତିଟି ଶବ୍ଦକୁ ପରୀକ୍ଷା ନିରୀକ୍ଷା କରିବା ସହିତ ବ୍ୟାକରଣ ଗତ ତ୍ରୁଟି ବିଚ୍ୟୁତି ଦର୍ଶାଇ ସମଗ୍ର ଲେଖାଟିକୁ ସେ ସଂଶୋଧନ କଲେ । ପ୍ରବନ୍ଧଟି ମୋର ରକ୍ତିମବର୍ଣ୍ଣ ଧାରଣ କଲା । ମୁଁ ଯୁଗପତ୍ ଲଜ୍ଜିତ ଓ ଆନନ୍ଦିତ !! ଲଜ୍ଜିତ ହେଲି ଏଇଥିପାଇଁ ଯେ ମୋ ଭିତରେ ଏତେ ସବୁ ତ୍ରୁଟି ରହିଚି, ଅଥଚ କୌଣସି ଶିକ୍ଷକ ମୋତେ ଏଯାବତ୍ ସଚେତନ କରିନାହାନ୍ତି । ଆନନ୍ଦିତ ହେଲି ସାରଙ୍କ ପରାମର୍ଶ ଶୁଣି ଓ ଜ୍ଞାନର ଗଭୀରତା ଦେଖି । ମୋର ହୃଦବୋଧ ହେଲା, ପ୍ରବନ୍ଧ ରଚନା ଏଡ଼େ ସହଜ ବ୍ୟାପାର ନୁହେଁ । ସେହିଦିନ ଠାରୁ ମୁଁ ସାରଙ୍କ ଲେଖାକୁ ନିବିଷ୍ଟ ଚିତ୍ତରେ ପଢ଼େ, ଅନୁଶୀଳନ କଲେ । କି ସୁନ୍ଦର ଗଦ୍ୟ ଲେଖନ୍ତି ସାର, ମୁଁ ଅଭିଭୂତ ହୁଏ । ନିରର୍ଥକ / ଅନାବଶ୍ୟକ ଶବ୍ଦଟିଏ ସାରଙ୍କ ଲେଖାରୁ ପାଇବା ଅସମ୍ଭବ । ଗବେଷଣାତ୍ମକ ଲେଖାରେ ସାର୍ ଯେଉଁ ତଥ୍ୟମାନ ବ୍ୟବହାର କରିଛନ୍ତି, ସେସବୁ ଓଜନଦାର୍ । 'ଆଧୁନିକ ଓଡ଼ିଆ କାବ୍ୟଧାରା' (ଆଦିଯୁଗ), 'ଆଧୁନିକ ଓଡ଼ିଆ କାବ୍ୟଧାରା' (ନବଜାଗରଣ ଯୁଗ), 'ବଳରାମ ଦାସ ଓ ଦାଣ୍ଡି ରାମାୟଣ' ଗ୍ରନ୍ଥଗୁଡ଼ିକୁ ଅଧ୍ୟୟନ କଲେ ଏହାର ସତ୍ୟତା ଜଣାପଡ଼େ । ସ୍ୱଚ୍ଛତା ଓ ସାବଲୀଳତା ସାଙ୍ଗକୁ ତଥ୍ୟର ନିର୍ଦ୍ଦିଷ୍ଟତା ତାଙ୍କର ଲେଖାକୁ କରିଛି ସୁନ୍ଦର । ଓଡ଼ିଶାର ବହୁ ଲେଖକ ଓ ଅଧ୍ୟାପକଙ୍କ ଠାରୁ ମୁଁ ଏକଥା ଶୁଣି ଆନନ୍ଦିତ ହୋଇଛି । ଏସବୁ ସଫଳତା ପାଇଁ ନରେନ୍ଦ୍ର ସାର୍ ତାଙ୍କର ଗୁରୁ ସ୍ୱର୍ଗତ ପ୍ରଫେସର କୁଞ୍ଜବିହାରୀ ଦାଶଙ୍କୁ

ଅଧିକ ଶ୍ରେୟ ଦିଅନ୍ତି । ଆମ ସମୟରେ କୁଞ୍ଜସାର୍ ବିଶ୍ୱଭାରତୀରେ ଏକବର୍ଷ ପାଇଁ ମଧ୍ୟ ଭିଜିଟିଂ ପ୍ରଫେସର୍ ଥିଲେ । ନରେନ୍ଦ୍ର ସାରଙ୍କୁ ସେ ଭାରି ସ୍ନେହ କରୁଥିଲେ ଓ ଆମକୁ ମଧ୍ୟ ଲେଖାଲେଖି କରିବା ପାଇଁ ମୂଲ୍ୟବାନ ପରାମର୍ଶ ଦେଉଥିଲେ । ଆମର ଷଷ୍ଠ ବର୍ଷ ଶେଷବେଳକୁ ଡ.ଖଗେଶ୍ୱର ମହାପାତ୍ର ପ୍ରଫେସର ହୋଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆସିଲେ ଏବଂ ବହୁ ବର୍ଷ ଧରି ସେଠାରେ ଅଧ୍ୟାପନା ଓ ପ୍ରଶାସନ କାର୍ଯ୍ୟ କରୁଥିଲେ ।

ଓଡ଼ିଆ ଗବେଷଣା ପ୍ରକଳ୍ପର ତତ୍ତ୍ୱାବଧାରକ ଭାବରେ ସାର୍ ତାଙ୍କ ଅଧ୍ୟାପନା କାଳରେ ଅନେକ ଗବେଷକଙ୍କୁ ସାହାଯ୍ୟ କରିଛନ୍ତି । ଓଡ଼ିଆ ସାହିତ୍ୟର ବିଭିନ୍ନ ଗବେଷଣା-ନିବନ୍ଧ ପ୍ରସ୍ତୁତ କରେଇଛନ୍ତି । ସେଗୁଡ଼ିକ ମଧ୍ୟରୁ କେତେଖଣ୍ଡି ପୁସ୍ତକ ଆକାରରେ ମଧ୍ୟ ପ୍ରକାଶିତ ହୋଇ ସାରିଛି ।

ବିଶ୍ୱଭାରତୀରେ ସବୁଦିନ ସନ୍ଧ୍ୟାରେ କିଛିନା କିଛି ଆଲୋଚନାଚକ୍ର ବା ମନୋରଞ୍ଜନ କାର୍ଯ୍ୟକ୍ରମ ଥାଏ । ସାର୍ ଆମମାନଙ୍କୁ ଉତ୍ସାହିତ କରନ୍ତି ଏ ସବୁଥିରେ ଯୋଗଦେବା ପାଇଁ । ନିଜେବି ସେ ଅନ୍ୟ ସାର୍‌ମାନଙ୍କ ସହ ଯାଆନ୍ତି । ବିଭାଗରେ ପ୍ରତି ସପ୍ତାହରେ ଗୋଟିଏ ଦିନ ପାଠଚକ୍ର ହୁଏ । କେଉଁଦିନ ପିଲାମାନେ ତ କେଉଁଦିନ ଅଧ୍ୟାପକମାନେ ପ୍ରବନ୍ଧ ପାଠ କରନ୍ତି । ଖୁବ୍ ସୁନ୍ଦର ଆଲୋଚନା ହୁଏ । ଅନ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସରମାନେ ପ୍ରାୟତଃ ଭାଷଣ ଦେବାକୁ ଆସନ୍ତି । ବିଶ୍ୱଭାରତୀର ଅନ୍ୟ ସାହିତ୍ୟ ବିଭାଗର ପ୍ରଫେସରମାନେ ବିଭିନ୍ନ ବିଷୟରେ ଆଲୋଚନା କରି ଆମର ଜ୍ଞାନକୁ ପରିବର୍ଦ୍ଧିତ ଓ ପରିମାର୍ଜିତ କରୁଥିଲେ । ବିଶ୍ୱଭାରତୀର ରହଣି ସମୟରେ ମୁଁ ପ୍ରାୟ ପାଞ୍ଚଟି ପ୍ରବନ୍ଧ ଲେଖିଥିଲି ଏବଂ ସବୁଯାକ ପାଠଚକ୍ରରେ ଉପସ୍ଥାପନ କରିଥିଲି । ପ୍ରଥମ ପ୍ରବନ୍ଧପରେ ମୋର ଉନ୍ନତି ଦେଖି ସାର୍‌ମାନେ ବହୁତ ପ୍ରଶଂସା କରିବା ଆଜିବି ମନେ ପଡୁଛି । ବିଶେଷକରି ରାଜ୍ୟସ୍ତରୀୟ ମାୟାଧର ମାନସିଂହ ପୁରସ୍କାର ପାଇବାରେ ନରେନ୍ଦ୍ର ସାର୍ ଓ ଅନ୍ୟ ସାର୍‌ମାନେ ଖୁବ୍ ଖୁସି ହୋଇଥିଲେ । ଏଇ ଧାରା ରକ୍ଷାକରି-ପ୍ରତିବର୍ଷ ବିଶ୍ୱଭାରତୀ ଓଡ଼ିଆ ବିଭାଗର ପିଲାମାନେ ପ୍ରାୟତଃ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ହାସଲ କରିଥାଆନ୍ତି । ଏହି ସଫଳତାର ଗୌରବ ପ୍ରକୃତରେ ସେଠାକାର ଅଧ୍ୟାପକ ମାନଙ୍କର ପ୍ରାପ୍ୟ ।

ନରେନ୍ଦ୍ର ସାର୍ ଜଣେ ବହୁପାଠୀ ବ୍ୟକ୍ତି । ଶ୍ରେଣୀଗୃହରେ ଅଧ୍ୟାପନା କାଳରେ ସେ ଆମକୁ ନେଇଯାଆନ୍ତି ଇଂରାଜୀ ସାହିତ୍ୟ, ଫରାସୀ ସାହିତ୍ୟ, ସଂସ୍କୃତ, ହିନ୍ଦୀ ଓ

ବଙ୍ଗଳା ସାହିତ୍ୟର ବିସ୍ତୃତ କ୍ୟାନ୍‌ଭାସ୍ ମଧ୍ୟକୁ । ଆମେ ଚମତ୍କୃତ ହେଉ । ନରେନ୍ଦ୍ର ସାର୍ ନିୟମିତ ଭାବରେ ବଙ୍ଗଳା ସ୍ନାତକୋତ୍ତର ବିଭାଗକୁ ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ ଅଧ୍ୟାପନା କରିବାକୁ ଯାଉଥିଲେ । ସେ ସେମାନଙ୍କୁ ବଙ୍ଗଳା ଭାଷାରେ ପଢ଼ାଉଥିଲେ । ବଙ୍ଗାଳୀ ପିଲାମାନେ ତାଙ୍କୁ 'ନରେନ୍‌ଦା' ବୋଲି ସମ୍ବୋଧନ କରୁଥିଲେ । ବିଭିନ୍ନ ସେମିନାର୍‌ରେ ଇଂରାଜୀରେ ସାର୍‌ଙ୍କର ଭାଷଣ ବିଶେଷ ପ୍ରଭାବଶାଳୀ ହେଉଥିଲା ।

ବିଶ୍ୱଭାରତୀରେ ଓଡ଼ିଆମାନଙ୍କର ଏକ ସଂଗଠନ ଅଛି । ଏଇ ସଂଗଠନ (ଓଡ଼ିଆ ପରିଷଦ) ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ କରିସାରିଛି । ମୁଁ ୧୯୭୭-୭୮ରେ ଏହାର ସଂପାଦକ ଥିଲି । ସେହିବର୍ଷ ବାର୍ଷିକ ଉତ୍ସବ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଥିଲା । ନରେନ୍ଦ୍ର ସାରଙ୍କ ନେତୃତ୍ୱରେ ଆମେ ସବୁ ଲାଗି ପଡ଼ିଥିଲୁ ଉତ୍ସବର ସଫଳତା ପାଇଁ । ସବୁ ଠିକ୍‌ଠାକ ହେଲା । ମାତ୍ର ସାରଙ୍କ ସହ ଟିକିଏ ଭୁଲ ବୁଝାମଣା ହୋଇଗଲା । ପରେ ମୁଁ ମୋର ଭୁଲ ବୁଝିପାରି ସାର୍‌ଙ୍କଠାରୁ କ୍ଷମା ପ୍ରାର୍ଥନା କରିଥିଲି । ସାର୍ ମୋତେ ଘରକୁ ଡକାଇ ପିଠି ଆପୁଡ଼ାଇ ମୋର ଦୁର୍ବିନୀତ ଆଚରଣକୁ କ୍ଷମା କରିଦେଇଥିଲେ । ମୋର ଗବେଷଣା କାଳରେ ସାରଙ୍କ ପରାମର୍ଶ ଓ ପ୍ଲାନିଂ ପ୍ରଭୃତ ସାହାଯ୍ୟ କରିଥିଲା । ମୋର ଗବେଷଣା-ନିବନ୍ଧ 'କବି ସଚ୍ଚିରାଉତରାୟଙ୍କ 'ପାଣ୍ଡୁଲିପି' : ଏକ ନୂତନ ଯୁଗର ପ୍ରସ୍ତୁତି'ରେ ମୁଁ ତାହା ସ୍ୱୀକାର କରିଛି ।

ସାର୍‌ଙ୍କୁ ଏବେ ଅଶି ଛୁଇଁଲାଣି । ଅବସର ପରେ ସେ କଟକରେ କିଛି କାଳ ଅବସ୍ଥାନ ପରେ ଏବେ ନିଜ ଜିଲ୍ଲା ବାଲେଶ୍ୱରରେ ନିଜ ଘରେ ଅବସ୍ଥାନ କରୁଛନ୍ତି । ଅପା ବିଦାୟ ନେଲେଣି । ବାଲେଶ୍ୱରର କିଛି ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ତାଙ୍କୁ ସମ୍ବର୍ଦ୍ଧନା ଦେବାର ଯେଉଁ ଆୟୋଜନ କରୁଛନ୍ତି, ତାହା ଏକାନ୍ତ ସ୍ୱାଗତଯୋଗ୍ୟ । ଅନ୍ୟମାନଙ୍କ ପରି ସାରଙ୍କ ବ୍ୟକ୍ତିଗତ ଦୁଃଖ ଅନେକ । ସେସବୁକୁ ନୀଳକଣ୍ଠଙ୍କ ପରି ହଜମ କରିବା ସାରଙ୍କ ପକ୍ଷେ ସମ୍ଭବ ହୋଇପାରିଛି । ସବୁ ଦୁଃଖକଷ୍ଟ ସହି ଓଡ଼ିଆ ସାହିତ୍ୟ ପାଇଁ ସେ ଯେତିକି ଦେଇ ପାରିଛନ୍ତି, ତାହା ତାଙ୍କୁ ସ୍ମରଣୀୟ କରି ରଖିବ । ପୁନଶ୍ଚ, ଛାତ୍ରଛାତ୍ରୀଙ୍କ ପ୍ରାଣରେ ସେ ଯେଉଁ ଜ୍ଞାନଲିପ୍‌ସା ସୃଷ୍ଟି କରିଥିଲେ ତାହା ଆଜି ତୃତୀୟ ପିଢ଼ିକୁ ସଂକ୍ରମିତ ହୋଇପାରିଛି । ଏହାହିଁ ସାର୍‌ଙ୍କ ଜୀବନର ସଫଳତା । ଈଶ୍ୱର ତାଙ୍କୁ ନିରୋଗ ଓ ଦୀର୍ଘାୟୁ କରନ୍ତୁ, ଏତିକି ପ୍ରାର୍ଥନା ।

ପ୍ରାଧ୍ୟାପକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ

ମାନବେନ୍ଦ୍ର ନରେନ୍ଦ୍ରନାଥ

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ

ବିଦ୍ୟାଭବନ ହଷ୍ଟେଲରୁ 'ତ୍ରୟୀ'କୁ ଚାଲିଚାଲି ଯିବା ପାଇଁ ହେଲେ ଗଳି ରାସ୍ତାଟିଏକୁ ଅତିକ୍ରମ କରିବାକୁ ପଡ଼େ । ରାସ୍ତାଟି ସିଧା ନୁହେଁ । ତା ଭିତରେ ପାଞ୍ଚଛଅଟା ବାଙ୍କ । ରାସ୍ତାଟା ଏତେ ଅଣଓସାରିଆ ଯେ ଜଣାପଡ଼େ ଯେମିତି ଦୁଇପାଖରୁ ଘରଗୁଡ଼ାକ ରାସ୍ତାଟିକୁ ଷଣ୍ଢୁଆସି ପରି ଚପି ଧରିଛି । ସେଇ ରାସ୍ତାଟିକୁ ପାରହେଲେ ପଛପଟଦେଇ 'ତ୍ରୟୀ'ବଜାରକୁ ପଶିହୁଏ । 'ତ୍ରୟୀ' ବଜାର କହିଲେ ଗୋଟିଏ ଜଳଖିଆ ଦୋକାନ, ଗୋଟିଏ ପରିବା ସହିତ ତେଜରାତି ଦୋକାନ, ଗୋଟିଏ ଖାତାବହିର ଦୋକାନ - ଏଇମିତି ଚାରିପାଞ୍ଚୋଟି । ତାହାରି ପାଖକୁ ଲାଗି ଯେଉଁ ଏକମହଲା ଘରଟିଏ ପିଜୁଳିଗଛର ଛାଇରେ ମୁଣ୍ଡଥାପି ଠିଆହୋଇଛି, ସେଇଟା ଶାନ୍ତିନିକେତନରେ ଥିଲା ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କର ବାସସ୍ଥାନ । ତାଙ୍କୁ ଭେଟିବା ପାଇଁ ଆମେ ଏହି ଗଳିବାଟଟିକୁ ହିଁ ଅବଲମ୍ବନ କରିଥାଉ । ଏଇ ଗଳିରେ ପଶିଲାବେଳେ ମନକୁ ଆସେ ଦେବତା ହୁଅନ୍ତୁ ବା ମହାପୁରୁଷ ହୁଅନ୍ତୁ, ସେମାନଙ୍କୁ ଭେଟିବାକୁ ହେଲେ ଏହିପରି କଠିନମାର୍ଗକୁ ହିଁ ଅବଲମ୍ବନ କରିବାକୁ ପଡ଼ିଥାଏ ।

ମୋର ଗୁରୁଦେବ ହେଲେ ପ୍ରଫେସର ନରେନ୍ଦ୍ରନାଥ ମିଶ୍ର । ତାଙ୍କ ଗୁରୁଦେବ ହେଲେ ଲୋକରତ୍ନ କୁଞ୍ଜବିହାରୀ ଦାଶ । ଗୁରୁଙ୍କର ଗୁରୁ ହୋଇଥିବାରୁ କୁଞ୍ଜବିହାରୀ ଦାଶ ଆମର ଅଜା ଲେଖା ହେବା କଥା । ସେଇ ସମ୍ପର୍କକୁ ଅନୁସରଣ କରି ଆମେ ତାଙ୍କୁ କୁଞ୍ଜ ଅଜା ବୋଲି ହିଁ ଡାକୁଥିଲୁ । 'କୁଞ୍ଜ ଅଜା' ବୋଲି ମୁଁ ଗୋଟିଏ କବିତା ମଧ୍ୟ ଲେଖିଥିଲି, ତାହାକୁ ନିଜେ ନେଇ ସେ 'ଡଗର'ରେ ଛପାଇ ଦେଇଥିଲେ । ଶାନ୍ତିନିକେତନରେ ମୁଁ ଛାତ୍ର ଥିଲାବେଳେ କୁଞ୍ଜଅଜା ସେଠାକୁ ଭିଜିଟିଂ ପ୍ରଫେସର ହୋଇ ଆସିଥିଲେ । ସେତେବେଳେ ଓଡ଼ିଆ ବିଭାଗର ମୁଖ୍ୟ ଥିଲେ ନରେନ୍ଦ୍ରନାଥ ମିଶ୍ର । କୁଞ୍ଜବାବୁଙ୍କୁ ପରିଦର୍ଶୀ ପ୍ରଫେସର କରି ଆଣିବାରେ ହୁଏତ ତାଙ୍କର କିଛି ଭୂମିକା ଥାଇପାରେ । ମାତ୍ର ଆମେ ଏପରି ଜଣେ ସ୍ରଷ୍ଟାପୁରୁଷଙ୍କୁ ପାଖରେ ପାଇ

କୃତାର୍ଥ ହେଲୁ, ସମ୍ପର୍କାନ୍ୱିତ ହେଲୁ ଓ ପ୍ରଭାବିତ ବି ହେଲୁ । କୁଞ୍ଜବାବୁ ଓ ନରେନ୍ଦ୍ରବାବୁଙ୍କ ଭଳିଆ ଗୁରୁ ଓ ଛାତ୍ର ଆଜିକାଲି ବିରଳ । ନରେନ୍ଦ୍ରବାବୁଙ୍କର ଜୀବନର ଯାବତୀୟ ଉନ୍ନତି ପଛରେ ରହିଛି କୁଞ୍ଜବାବୁଙ୍କର ଆଶିଷ । କୁଞ୍ଜବାବୁଙ୍କର ସଂସାର ଭିତରେ ଯେଉଁ ଶ୍ରଦ୍ଧା ଭାବଟିଏ ଆସନପାତି ବସିରହିଥିଲା ସେ ଶ୍ରଦ୍ଧାସନଟି ନରେନ୍ଦ୍ରବାବୁଙ୍କର । କୁଞ୍ଜବାବୁଙ୍କୁ ରାମକୃଷ୍ଣ ଓ ନରେନ୍ଦ୍ରବାବୁଙ୍କୁ ବିବେକାନନ୍ଦ ବୋଲି ସୁଧୀସମାଜରେ କୁହାକୁହି ହେଉଥିଲେ । ସେମାନଙ୍କର ପରବର୍ତ୍ତୀ ପୁରୁଷ ଭାବରେ ମୁଁ ସବୁବେଳେ ମନେମନେ ଭାବୁଥିଲି ପରବର୍ତ୍ତୀ ସମୟରେ ନରେନ୍ଦ୍ରବାବୁଙ୍କୁ ରାମକୃଷ୍ଣ ଓ ମୋତେ ବିବେକାନନ୍ଦ ବୋଲି କହିବାର ଶୁଣନ୍ତି କି ! ଯୋଗକୁ ନରେନ୍ଦ୍ରନାଥ ମିଶ୍ର ରାମକୃଷ୍ଣ ହୋଇପାରିଲେ, ମାତ୍ର ମୁଁ ବିବେକାନନ୍ଦ ହୋଇପାରିଲି ନାହିଁ ।

ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କଲାବେଳେ ନରେନ୍ଦ୍ରନାଥ ବଳରାମ ଦାସଙ୍କ ରାମାୟଣ ଉପରେ ଚର୍ଚ୍ଚା ଆରମ୍ଭ କରିଥିଲେ । ଓଡ଼ିଶାର ସମସ୍ତ ରାମାୟଣକୁ ଅଧ୍ୟୟନ ଓ ତର୍ଜ୍ଜମା କରି ବଳରାମ ଦାସଙ୍କୁ ତା'ଭିତରେ ଗୌରବୋଜ୍ଜ୍ୱଳ କରି ସଜାଇ ଛାତ୍ରଟିଏ କେମିତି କେତେ ଅଧ୍ୟାପକଙ୍କର ଆଖିକୁ ଚମକାଇ ଦେଇପାରିଲା, ତାହା ଅନୁଭବ କଲେ ମୋତେ ଆଶ୍ଚର୍ଯ୍ୟ ଲାଗେ । ପରବର୍ତ୍ତୀ କାଳରେ ଏହି ଗବେଷଣାତ୍ମକ ଗ୍ରନ୍ଥଟି 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' ନାମରେ ବିଶ୍ୱଭାରତୀରୁ ପ୍ରକାଶିତ ହୋଇଥିଲା । 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' ଗବେଷଣାତ୍ମକ ଗ୍ରନ୍ଥ ହେଲେ ମଧ୍ୟ ଏହାକୁ ସେ ପିଏଚ୍.ଡି. ଉପାଧି ପାଇବା ପାଇଁ ପ୍ରସ୍ତୁତ କରିନଥିଲେ । ପିଏଚ୍.ଡି. ପାଇଁ ପ୍ରସ୍ତୁତ ହୋଇଥିବା ଗ୍ରନ୍ଥଟିର ନାମ ଥିଲା 'ଆଧୁନିକ ଓଡ଼ିଆ କାବ୍ୟଧାରା : ଆଦିଯୁଗ' । ୧୯୬୦ ମସିହା ବେଳକୁ ଏହା ବିଶ୍ୱଭାରତୀରେ ଥେସିସ୍ ରୂପେ ଗୃହୀତ ହୋଇସାରିଥିଲା ଏବଂ ୧୯୬୪ ବେଳକୁ ପରିମାର୍ଜ୍ଜିତ ଓ ପରିବର୍ଦ୍ଧିତ ହୋଇ ବିଶ୍ୱଭାରତୀ ଗବେଷଣା ଗ୍ରନ୍ଥମାଳାରେ ପ୍ରକାଶିତ ମଧ୍ୟ ହୋଇସାରିଥିଲା । ୧୯୬୦ ମସିହା ବେଳକୁ ସମଗ୍ର ଓଡ଼ିଶାରେ ମାତ୍ର ତିନୋଟି ଥେସିସ୍ ଉପାଧି ପ୍ରାପ୍ତ ପାଇଁ ଲିଖିତ ହୋଇଥିଲା ବୋଲି 'ଆଧୁନିକ ଓଡ଼ିଆ କାବ୍ୟଧାରା'ର ନବଜାଗରଣ ଯୁଗ ମୁଖବନ୍ଧରେ ନିଜେ ନରେନ୍ଦ୍ରନାଥ ମିଶ୍ର ଉଲ୍ଲେଖ କରିଛନ୍ତି । ସେ ତିନୋଟି ମଧ୍ୟରେ ଗୋଟିଏ ହେଲା ଚର୍ଯ୍ୟାପଦ ଉପରେ କରୁଣାକର କରଙ୍କର ଉତ୍କଳ ବିଶ୍ୱବିଦ୍ୟାଳୟରେ ଡିଲିଟ୍ ଉପାଧି ପାଇଁ ପ୍ରଦତ୍ତ ଥେସିସ୍, ଅନ୍ୟ ଗୋଟିଏ ହେଲା କୁଞ୍ଜବିହାରୀ ତ୍ରିପାଠୀଙ୍କ ଓଡ଼ିଆ ଭାଷା ଓ ଲିପିର ବିବର୍ତ୍ତନ ବିଷୟରେ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି. ଉପାଧି ପାଇଁ

ପ୍ରଦତ୍ତ ଥେସିସ୍ ଓ ତୃତୀୟଟି ହେଲା କୁଞ୍ଜବିହାରୀ ଦାଶଙ୍କର ପିଏଚ୍.ଡି. ଉପାଧି ପ୍ରାପ୍ତି ପାଇଁ ବିଶ୍ୱଭାରତୀରେ ପ୍ରଦତ୍ତ ଲୋକସାହିତ୍ୟ ବିଷୟକ ଥେସିସ୍ । ତା'ପରେ ହିଁ ବିଶ୍ୱଭାରତୀରେ ପ୍ରଦତ୍ତ ହୋଇଥିଲା ନରେନ୍ଦ୍ରନାଥ ମିଶ୍ରଙ୍କର ଥେସିସ୍ । ଏତେ ଅଳ୍ପ ବୟସରେ ଏପରି ବିଦଗ୍ଧ ଆଲୋଚନା କିପରି ସମ୍ଭବ ହୋଇପାରିଲା ବିଶ୍ୱଭାରତୀରେ ତୁଣ୍ଡରୁ ତୁଣ୍ଡକୁ ଗଡ଼ିଗଡ଼ି ନରେନ୍ଦ୍ରନାଥ ମିଶ୍ରଙ୍କ ସମ୍ପର୍କରେ ମଜାକଥାଟି ଆମ କାନ ପର୍ଯ୍ୟନ୍ତ ବୋହି ହୋଇ ଆସିଥିଲା । ତାହା ହେଲା- ନରେନ୍ଦ୍ରନାଥ ମିଶ୍ର ଯେତେବେଳେ ପ୍ରଥମେ ବିଶ୍ୱଭାରତୀରେ ଗବେଷଣା କାର୍ଯ୍ୟରେ ଯୋଗ ଦେଇଥିଲେ, ସେତେବେଳେ ସେଠାରେ ଝିଅଟିଏ ମଧ୍ୟ ଗବେଷଣା କରିବା ପାଇଁ ଉପସ୍ଥିତ ହୋଇଥିଲା । ଉଭୟ ବସୁଥିଲେ ଗୋଟିଏ କୋଠରିରେ । ଏହିପରି ଛଅମାସ ବିତିଗଲା, ମାତ୍ର ନରେନ୍ଦ୍ରନାଥ ପଦୁଟିଏ କଥା କହିନଥିଲେ ସେଇ ଝିଅଟି ସହିତ । ଅଳ୍ପ ବୟସରେ ବୈଦଗ୍ଧ୍ୟରେ ପରିପୂର୍ଣ୍ଣ ହୋଇଯିବାର ମୂଳକଥାଟି ଏହିଠାରେ ଲୁଚି ରହିନାହିଁ ତ ! ନିଜର କର୍ତ୍ତବ୍ୟକୁ ସେ ଶ୍ରେଷ୍ଠ ବୋଲି ମନେକରୁଥିଲେ । ଜ୍ଞାନ ଆହରଣରେ ରୁଚି ପ୍ରସଙ୍ଗରେ ସେ ତୁଚ୍ଛ ମଣୁଥିଲେ ମାୟାକବଳିତ ସମଗ୍ର ସାମାଜିକ ସମ୍ପର୍କକୁ । ସେଇ ତୁଚ୍ଛ ମଣିବା ଭିତରେ ଲୁଚି ରହିଥିଲା ଗୋଟିଏ ଅହେତୁକ ଭଲ ପାଇବା । ସେଇ ଭଲ ପାଇବା ଭିତରୁ ବିନ୍ଦୁଏ ବି ଯିଏ ପାଇଛି ସିଏ ମଣିଷ ହୋଇଯାଇଛି । ଓଡ଼ିଶାର ସାରସ୍ୱତ ରାଜ୍ୟରେ କେବଳ ଜଣକୁ ଛାଡ଼ି ସେ ଜଣକ ହେଉଛି ମୁଁ । ତାଙ୍କର ଭଲ ପାଇବା ପାଇଛି, ମାତ୍ର ମଣିଷଟିଏ ହୋଇପାରି ନାହିଁ ।

ଦୀର୍ଘଦିନ ଧରି ବିଶ୍ୱଭାରତୀର ଓଡ଼ିଆ ବିଭାଗର ମୁଖ୍ୟ ହିସାବରେ ରହିଥିଲେ ପ୍ରଫେସର ନରେନ୍ଦ୍ରନାଥ ମିଶ୍ର । ମାତ୍ର ସେତେବେଳ ଯାଏ ପ୍ରଫେସର ପୋଷ୍ଟଟିଏ ଓଡ଼ିଆ ବିଭାଗରେ ନଥିଲା । ବୋଧହୁଏ ୧୯୭୯ରେ ପ୍ରଫେସର ପୋଷ୍ଟରେ ରହିବା ପାଇଁ ଆବେଦନ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଭାରତୀରୁ ନରେନ୍ଦ୍ରନାଥ ମିଶ୍ର ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବରେ ଅବସ୍ଥାପିତ ଥିବା ଡ. ଖଗେଶ୍ୱର ମହାପାତ୍ର । ଖଗେଶ୍ୱର ବାବୁ ଥିଲେ ନରେନ୍ଦ୍ରବାବୁଙ୍କ ଠାରୁ କିଛି ବର୍ଷ ସାନ । ସାନ ହୋଇଥିଲେ ବି ଖଗେଶ୍ୱର ବାବୁ ପ୍ରଫେସର ପୋଷ୍ଟ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ଓ ଦିଲ୍ଲୀ ତ୍ୟାଗକରି ବିଶ୍ୱଭାରତୀ ଓଡ଼ିଆ ବିଭାଗର ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କଲେ । ସମସାମୟିକ ସାମାଜିକ ବାୟୁମଣ୍ଡଳର ବିକୃତିଗ୍ରସ୍ତ ମାନସିକ ଭାବ ଦ୍ୱାରା ପ୍ରଭାବିତ ହୋଇ ଆମେ ଛାତ୍ରଗଣ କିଛି ଶଙ୍କା କରିବାରେ ଲାଗିଲୁ ।

ଶଙ୍କା ଥିଲା ଏଇମିତି- 'ସାନ ହେଲେ ବଡ଼ ଓ ବଡ଼ ହେଲେ ସାନ । ଏବେ ନିଶ୍ଚୟ କିଛି ଘଟିବ ଅଘଟଣ । ଏବେ ବିଭାଗରେ ଚାଲିବ ବାକ୍‌ବିତଣ୍ଡା । ବୋଲା ହେବ ଅସମ୍ମାନର ରଙ୍ଗ । ପାଠପଢ଼ା ହେବ କ୍ଷତିଗ୍ରସ୍ତ ।' ମାତ୍ର ସେପରି କିଛି ଘଟିଲା ନାହିଁ । ଆମର ଚିନ୍ତାଧାରା ବିକାରଗ୍ରସ୍ତ ବୋଲି ପ୍ରମାଣିତ ହୋଇଗଲା । ଖଗେଶ୍ୱର ବାବୁ ନିଜର କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିବା ସହିତ ନରେନ୍ଦ୍ରବାବୁଙ୍କୁ ସମ୍ମାନ ପ୍ରଦର୍ଶନ କରିବାରେ ଅବହେଳା ପ୍ରଦର୍ଶନ କଲେନାହିଁ । ସବୁକାମରେ ଆଗ ନରେନ୍ଦ୍ରବାବୁ ହିଁ ଖୋଜା ପଡ଼ିଲେ । ନରେନ୍ଦ୍ରନାଥ ବି ନିର୍ବିକାର ମଣିଷ । କାନ୍ଧରେ ଶାନ୍ତିନିକେତନୀ ଝୁଲା ପକାଇ, ସାଇକେଲ ଧରି ନିୟମିତ ସମୟାନୁବର୍ତ୍ତୀ ହୋଇ ଆସୁଥିଲେ ଶିକ୍ଷାଦାନ ପାଇଁ । ଯେମିତି କିଛି ହଜାଇ ନାହାନ୍ତି ବରଂ କିଛି ପାଇଛନ୍ତି- ଏଇ ଭାବରେ ତାଙ୍କର ମୁଖମଣ୍ଡଳ ପ୍ରସନ୍ନ ଦିଶୁଥିଲା । ଏ ହେଲା ମହତ୍ ଲୋକମାନଙ୍କର ବ୍ୟବହାର । ସାଧୁଜନମାନଙ୍କର ଚିନ୍ତନ । ସେହି ମହାଜନ ଓ ସାଧୁଜନମାନଙ୍କର ସଂସ୍ପର୍ଶରେ ଯିଏ ଆସେ ସେ ମାନସିକ ସ୍ତରରେ ଉର୍ଦ୍ଧ୍ୱଗତି ପ୍ରାପ୍ତ ହୋଇଥାଏ । ବେଳେବେଳେ ହିଁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ । ଯେମିତି ଘଟିଛି ମୋ କ୍ଷେତ୍ରରେ । ମୁଁ ସେହି ମହାଜନମାନଙ୍କର ସଂସ୍ପର୍ଶରେ ଆସିଥିଲେ ମଧ୍ୟ ମାନସିକ ସ୍ତରରେ ମୋର ଗତି ନିମ୍ନତର ହୋଇଛି ।

ଶାନ୍ତିନିକେତନରେ ଅଧ୍ୟୟନ କରୁଥିବା ସମୟରେ ଡ.ମିଶ୍ରଙ୍କର ରଚିତ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' ଗ୍ରନ୍ଥ ଅଧ୍ୟୟନ କରିବାର ସୁଯୋଗ ପାଇଥିଲି । ମାତ୍ର ତା' ଭିତରେ ଏକାତ୍ମ ହୋଇନଥିଲି । ପରବର୍ତ୍ତୀ ସମୟରେ ମୋର ପତ୍ନୀ ରାମାୟଣ ସମ୍ପର୍କିତ ଗବେଷଣା କଲାବେଳେ ଏହି ଗ୍ରନ୍ଥକୁ ମୁଁ ଅକ୍ଷରାକ୍ଷର ଅଧ୍ୟୟନ କରି ଅଭିଭୂତ ହେଲି । ତାଙ୍କର ଅନନ୍ୟ ପ୍ରତିଭାର ଅତୁଳନୀୟ ଧୀଶକ୍ତିକୁ ଅନୁଭୂତିରେ ଆଣିଲି । ମାତ୍ର ବିଶ୍ୱଭାରତୀରେ ପଢ଼ିଲାବେଳେ 'ଆଧୁନିକ ଓଡ଼ିଆ କାବ୍ୟଧାରା'ର ଆଦିଯୁଗ ଓ ନବଜାଗରଣ ଯୁଗକୁ ପଢ଼ିସାରିଥିଲି । ତାହା ଥିଲା ଆଧୁନିକ ଓଡ଼ିଆ ସାହିତ୍ୟର ସମ୍ଭବତଃ ପ୍ରଥମ ଗବେଷଣା ଗ୍ରନ୍ଥ । ଓଡ଼ିଆ ଆଧୁନିକ ସାହିତ୍ୟକୁ ତର୍ଜମା କଲାବେଳେ ସେଥିରେ ତୁଳନାତ୍ମକ ଭାବରେ ପାଶ୍ଚାତ୍ୟ ସାହିତ୍ୟର ଆଧୁନିକଧାରାକୁ ପର୍ଯ୍ୟାଲୋଚନା କରାଯାଇଥିଲା । ସବୁ ପରିଚ୍ଛେଦର ପ୍ରାରମ୍ଭରେ ଥିଲା ପରିଚ୍ଛେଦର ସାରକଥାକୁ ପ୍ରତିପାଦିତ କରିପାରୁଥିବା କୌଣସି ଜଣେ ପାଶ୍ଚାତ୍ୟ ମନୀଷୀଙ୍କର ଆପ୍ତବାକ୍ୟ । ପ୍ରବନ୍ଧର ଭାଷା ଏମିତି ହେବ ବୋଲି ଆମ ମନଭିତରେ ଯେଉଁ

ଧାରଣା ଥିଲା ଆଧୁନିକ ଓଡ଼ିଆ କାବ୍ୟଧାରାର ଭାଷା ଥିଲା ତା'ଠାରୁ ଭିନ୍ନ । ଶବ୍ଦଗୁଡ଼ିକ ଏମିତି ଖଞ୍ଜା ହୋଇଥିଲା ଯେ, ଲାଗୁଥିଲା ମିଠାଦୋକାନ ଭିତରେ କିଏ ଯେମିତି ରସଗୋଲା ଖଞ୍ଜି ଦେଇଛି । ବାକ୍ୟସବୁ ପଢ଼ିଲାବେଳେ ଲାଗୁଥିଲା କବିତା ପଢ଼ିବା ପରି । ପ୍ରବନ୍ଧର ଭାଷାକୁ ଯେ କବିତ୍ୱମୟ କରାଯାଇପାରେ ଏମିତି ଏକ ଅନୁଭୂତି ମୁଁ ସେଇ ଗ୍ରନ୍ଥରୁ ହିଁ ପ୍ରାପ୍ତହେଲି । ମୂଳତଃ ସେ ଯେ ଜଣେ କବି ତାଙ୍କ ପ୍ରବନ୍ଧ ପଢ଼ିଲାବେଳେ ଜଣେ ରସିକପାଠକ ନିଶ୍ଚୟ ଉପଲବ୍ଧି କରିପାରିବ । ସେ କେମିତିକା କବି ସେକଥା ପରକୁ ଆସିବି । ମାତ୍ର ଏବେ ଆସିବି ତାଙ୍କର ପରବର୍ତ୍ତୀ ପ୍ରବନ୍ଧରଚନା ନିକଟକୁ । ଆଧୁନିକ ଓଡ଼ିଆ କାବ୍ୟଧାରାର ନବଜାଗରଣ ଯୁଗରେ ସେ କୁନ୍ତଳାକୁମାରୀ ସାବତଙ୍କ ପର୍ଯ୍ୟନ୍ତ କବିଙ୍କର କବିତାକୁ ଆଲୋଚନାର ପର୍ଯ୍ୟାୟକୁ ଆଣିଛନ୍ତି । ତାଙ୍କର ପରବର୍ତ୍ତୀ କବି ବିଶେଷ କରି ସବୁଜ ଯୁଗ ଓ ସମସାମୟିକ କବିମାନଙ୍କର କବିତାକୁ ଆଲୋଚନା କରିବାକୁ ତାଙ୍କ ବିଶେଷ ଆଗ୍ରହ ରହିଥିଲା । କାହିଁକି ନା ସବୁଜ ଯୁଗ ଓ ସମସାମୟିକ କବିମାନଙ୍କ ଭିତରେ ତାଙ୍କର ଗୁରୁ କୁଞ୍ଜବିହାରୀ ଦାଶ ଅନ୍ତର୍ଭୁକ୍ତ ଥିଲେ । ଏ ଯୁଗର ସାରସ୍ୱତ ରାମକୃଷ୍ଣଙ୍କର କବିତାକୁ ଆଲୋଚନା କରିବା ପାଇଁ ଏ ଯୁଗର ସାରସ୍ୱତ ବିବେକାନନ୍ଦଙ୍କର ଥିଲା ପ୍ରବଳ ଆଗ୍ରହ ଓ ଆସକ୍ତି । କିନ୍ତୁ ତାହା ସଫଳ ହୋଇପାରୁନଥିଲା, କାହିଁକି ନା ସାମାଜିକ ଜଞ୍ଜାଳ ଭିତରେ ପେଷିହୋଇ ତାଙ୍କର ହାତ ଆଉ ମନର ବୋଲ ମାନୁନଥିଲା । କେହି ଜଣେ ଲେଖି ଦିଅନ୍ତାକି-ମୁଁ ଡାକି ଦିଅନ୍ତି ମୋର ଗବେଷଣା ପରିପୂର୍ଣ୍ଣ ତତ୍ତ୍ୱକଥାକୁ- ଏହିପରି ଏକ ଭାବ ତାଙ୍କ ମନ ମଧ୍ୟରେ ଉଙ୍କିମାରୁଥିଲା । ତାଙ୍କର ମନର ଭାବକୁ ମୁଁ ପଢ଼ିପାରିଲି । ଦିନେ ଯାଇ ପହଞ୍ଚିଲି ସାର୍‌ଙ୍କ କୋଠରି ନିକଟରେ । କଲମ ଓ ଖାତାଧରି ଲେଖିବାକୁ ବସିଗଲି ଗଣେଶଙ୍କ ପରି । ସାର୍ ଅନର୍ଗଳ କଣ୍ଠରୁ ନିସୃତ କଲେ କୁନ୍ତଳାକୁମାରୀଙ୍କ ପରବର୍ତ୍ତୀ କବିମାନଙ୍କର କଥା ବ୍ୟାସଦେବଙ୍କ ପରି । ସାର୍‌ଙ୍କର ପ୍ରବନ୍ଧର ଧାଡ଼ିମାନ ଥିଲା କବିତା ପରି କାରୁକାର୍ଯ୍ୟ ମଣ୍ଡିତ ଓ ଲଳିତ । ଯେମିତିକା ଫୁଟିଥିବା ସୋରିଷ କ୍ଷେତରେ ଆସ୍ତେକରି ପବନ ଲେସି ହୋଇଯାଏ । ଯେମିତିକା ଅଗଭୀର ସମୁଦ୍ରରେ କୂଳଯାଏ ମାଡ଼ିଆସେ ଆସ୍ତେ କରି ସବୁଜେଢ଼ଉ ସମୁଦ୍ରର ପାଣି । ସବୁଦିନ, ପ୍ରାୟ ସବୁଦିନ ମୁଁ ଯାଉଥିଲି ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କର 'ତ୍ରୟୀ' ନିକଟସ୍ଥ ସେଇ ଏକ ମହଲା କୋଠରିକୁ । ଖାତା ଓ କଲମଧରି ବସିଯାଉଥିଲି ଲେଖିବାକୁ ଗଣେଷଙ୍କ ପରି । ସାର୍ ଅନର୍ଗଳ ଡାକିଚାଲିଥିଲେ ବ୍ୟାସଦେବଙ୍କ ପରି । ମହାଭାରତ ରଚନା କଲାବେଳେ

ଗଣେଶଙ୍କ ଗୋଟିଏ ସର୍ତ୍ତ ଥିଲା ଯେ ସେ ଲେଖିଲାବେଳେ ଯେମିତି ସବୁ ବୁଝିବୁଝି ଯାଉଥିବେ । ଯେଉଁଠି ନ ବୁଝିପାରିବେ ସେଇଠି ଅଟକିବେ । କିନ୍ତୁ ମୁଁ ଲେଖିଲାବେଳେ ସେପରି କିଛି ସର୍ତ୍ତ ନଥିଲା । ବ୍ୟାସଦେବ ଯେମିତି ଡାକି ଚାଲିଥିଲେ ମୁଁ ବୁଝିପାରେ ବା ନବୁଝିପାରେ ସେମିତି ଲେଖିଚାଲିଥିଲି । କାହିଁକିନା ସାର୍‌ଙ୍କର ଯେଉଁ କଥାକୁ ମୁଁ ବୁଝିପାରୁ ନଥିଲି ତାହାକୁ ବୁଝିବା ପାଇଁ ମୋ ପାଖରେ ବୌଦ୍ଧିକ ସାମର୍ଥ୍ୟ ମଧ୍ୟ ନଥିଲା ।

ଏବେ କବିତା ପାଖକୁ ଆସିବି । ସାର୍‌ଙ୍କର ଗୋଟେ କବିତା ସଂକଳନ 'ସବୁଜ ଘାସ ଓ ଅସ୍ତାଚଳ ସୂର୍ଯ୍ୟ' ପ୍ରକାଶ ପାଇଛି ୨୦୦୮ ମସିହାରେ । ସେଥିରେ ୮୨ ଗୋଟି କବିତା ସ୍ଥାନିତ ହୋଇଛି । ସେସବୁଗୁଡ଼ିକ କବିତା ଦୀର୍ଘଦିନ ତଳର । ତନ୍ମଧ୍ୟରୁ ଅନେକ କବିତା ଛଦ୍ମନାମରେ ଲେଖାଯାଇଛି । 'ନନାମି' ନରେନ୍ଦ୍ରନାଥ ମିଶ୍ରର ସଂକ୍ଷିପ୍ତ ରୂପ । ଅର୍ଥାତ୍ 'ନ'ରେ ନରେନ୍ଦ୍ର 'ନା'ରେ ନାଥ ଓ 'ମି'ରେ ମିଶ୍ର । 'ନନାମି' ବ୍ୟତୀତ 'ମାନବେନ୍ଦ୍ର' ଛଦ୍ମନାମରେ ବି ସେ ଅନେକ କବିତା ରଚନା କରିଛନ୍ତି । 'ମାନବେନ୍ଦ୍ର'ର ଅର୍ଥ ହେଲା ଶ୍ରେଷ୍ଠ ମାନବ । ଅର୍ଥାତ୍ ତାଙ୍କ କବିତା ସମୂହର ଭାବରାଜ୍ୟରେ ସାଧାରଣ ମଣିଷ ଯେ ରାଜତ୍ୱ କରୁଛନ୍ତି ଏହା ସହଜରେ ବୁଝାପଡ଼ିଯାଉଛି । ମଣିଷ ତାଙ୍କ ପାଇଁ ସ୍ୱର୍ଗର ଶିଶୁ । ଏଇ ସ୍ୱର୍ଗର-ଶିଶୁ ପାଇଁ ସେ ଅନେକ କଥା କହିବାକୁ ଚାହିଁଛନ୍ତି । କହିଛନ୍ତି -

କହିବାର କଥା କେତେ ଯେ ରହିଚି
ମଣିଷର ମନେ ଭରି
କହିପାରିନି ସେ ସ୍ୱର୍ଗର ଶିଶୁ
ନର୍କେ ପଡ଼ିଚି ଟଳି,
ତାକୁ ଯଦି ଦିଏ ଭାଷା
କୋଟି ବଞ୍ଚିତ ଦଳିତର ବୁକେ ଜୀବନର ନୂଆ ଆଶା ।

ଫଳରେ ଭରିଗଲେ ଗଛ ଯେମିତି ଲାଗିଥାଏ, ତାଙ୍କ କବିତାସବୁ ସେମିତି ଲାଗେ ଛନ୍ଦଫଳରେ ଭରି ହୋଇଗଲା ପରି । ତାଙ୍କ ଆଲୋଚନା ଗ୍ରନ୍ଥକଥା ଉଲ୍ଲେଖ କଲାବେଳେ କହୁଥିଲି ନା ବାକ୍ୟସବୁ କେମିତି ତାଙ୍କର କବିତାର ପଙ୍‌କ୍ତି ପରି ଲାଗିଥାଏ । ଓଡ଼ିଶା ଯାହାକୁ 'ନରେନ୍ଦ୍ରନାଥ ମିଶ୍ର' ବୋଲି କହୁଛି ସେଇ ପତଳା

ମଣିଷଟିକୁ ମୁଁ ଅତି ନିକଟରେ ଲଭିବାର ସୌଭାଗ୍ୟ ପାଇଛି । ତାଙ୍କ ପେଟ ଭିତରେ ପଶି ହୃଦୟ ନିକଟକୁ ଯାଇଛି । ଦେଖିଛି ଗୋଟିଏ ଜୀବନ । କେତେବେଳେ ତହତହ ତ କେତେବେଳେ ଛନଛନ । କେତେବେଳେ ମୃଦୁ ହିଲ୍ଲୋଳ ତ କେତେବେଳେ ପ୍ଲାବନ ।

ଗୁରୁଦେବ ରବୀନ୍ଦ୍ରନାଥଙ୍କର ଶାନ୍ତିପୀଠ ଶାନ୍ତିନିକେତନର ତ୍ରୟୀ ପାଖରେ ସେଇ ଯେଉଁ ଏକମହଲା କୋଠାଘରଟି ରାତି ଆକାଶର ଗୋଟେ ତାରା ଭଳି ଦିକିଦିକି ହୋଇ ଜଳୁଥିଲା, ସେଇ ଘରଟିରେ ହିଁ ବସାବାନ୍ଧିଥିଲେ ମୋ ଗୁରୁଦେବ ନରେନ୍ଦ୍ରନାଥ ମିଶ୍ର । ଘର ଆଗରେ ଥିଲା ଏକାଧିକ ପିଜୁଳି ଗଛ । ପିଜୁଳି ଗଛରେ ପିଜୁଳି ଭରିଗଲେ ତାକୁ ଖାଇବାର ଲୋଭ ମୋତେ ଓ ମୋର ବନ୍ଧୁମାନଙ୍କୁ ପ୍ରତି ଅପରାହ୍ଣରେ ସେଠାକୁ ଟାଣି ନେଇଯାଏ । ପିଜୁଳିମାନ ଛନଛନ ଓ ସ୍ୱାଦଯୁକ୍ତ, ମୋ ଗୁରୁଦେବଙ୍କ ପରିବାରବର୍ଗଙ୍କ ହୃଦୟ ପରି । ଗୁରୁଦେବଙ୍କର ତିନିଗୋଟି କନ୍ୟା । ସାନ ଲକ୍ଷ୍ମୀ ଜଣେ ଡାକ୍ତରଙ୍କର ହାତଧରି ଓଡ଼ିଶା ବାହାରେ ପତିଙ୍କର ଚାକିରି ସ୍ଥଳରେ ଅବସ୍ଥାନ କରୁଥିଲା । ମଝିଆଁ ମୃଦୁଳା ଗ୍ରହଣ କରିନେଇଥିଲେ ମୋର ପ୍ରିୟତମ ବନ୍ଧୁ ବସନ୍ତ କୁମାର ପଣ୍ଡାଙ୍କର ପାଣି । ଆଉ ବଡ଼ ମଞ୍ଜୁଳା ଫକୀର ଭାଇନାଙ୍କୁ ପତି ଭାବରେ ଆପଣେଇ ନେଇଥିଲେ । ଗୁରୁଦେବଙ୍କର ଦୁଇଗୋଟି ପୁତ୍ର । ସାନ ବୀତଶୋକ ଅକାଳରେ ଆରପୁରକୁ ବାଟକାଟିଲା ଶୋକକୁ ଉପବୀତ ପରି ପିନ୍ଧାଇ ଦେଇ । ବଡ଼ ଅଶୋକ ଓ ପୁତ୍ରବଧୂ ଗୀତା ହିଁ ସାର୍‌ଙ୍କର ଏବେ ସୁଖଦୁଃଖର ସାଥୀ ଏବଂ ହସକାନ୍ଦର ସହଭାଗୀ । ଏବେ ସଭିଏଁ ବାଲେଶ୍ୱରର ସହଦେବଖୁଣ୍ଟାରେ । ଅଳ୍ପ କିଛି ବର୍ଷ ପୂର୍ବରୁ ଗୁରୁପତ୍ନୀ ମଧ୍ୟ ମର୍ତ୍ତ୍ୟଧାମରୁ ହୋଇଛନ୍ତି ଅନ୍ତର୍ହିତ । ସାର୍ ଯେଉଁଠାରେ ରହିଛନ୍ତି ସେଇ ସ୍ଥାନ ବାଲେଶ୍ୱର ବସ୍‌ଷ୍ଟାଣ୍ଡର ନିକଟତର । ସେପଟେ ଜନଗହଳି, ଏପଟେ ନିସ୍ତବ୍ଧତା । ସେପଟରେ କୋଳାହଳ, ଏପଟରେ ଗଭୀର ନିରବତା ।

ଥରେ ସାର୍‌ଙ୍କୁ ଡାକି ନେଇଯାଇଥିଲି ଆମ ଗାଆଁକୁ । ଗାଆଁରେ ଥିଲା ଆମର ଛୋଟ ମାଟିଘର ଖଣ୍ଡେ । ନଥିଲା ବିଜୁଳି କି ପାଇଖାନା । ତଥାପି ସାର୍ ରହିଥିଲେ ଦୁଇ-ତିନି ଦିନ । ଆମେ ଗାଆଁର ଲୋକମାନଙ୍କ ସହିତ ମିଶିଥିଲୁ । କୈବର୍ତ୍ତମାନଙ୍କ ସହିତ ମିଶିଥିଲୁ । ଗୀତ ଶୁଣିଥିଲୁ । ଶାନ୍ତିନିକେତନର ପ୍ରଫେସର ମୋ ଝାଟିମାଟିର କୁଡ଼ିଆରେ ଏହା ଭାବିଦେବା ବେଳକୁ ମୋର ବକ୍ଷ ବାରମ୍ବାର ସ୍ଫୀତ ହୋଇଯାଉଥିଲା । ଆଜି ଗାଆଁରେ ମାଟିଘର ବଦଳିଯାଇ ପକ୍‌କା ଘର ହୋଇ

ସାରିଲାଣି । ବାଲେଶ୍ୱରଠାରେ ବି ଜାଗାଖଣ୍ଡିଏ କିଣି ଅନେକ ଦିନରୁ ପକ୍‌କା ଘରଟିଏ ନିର୍ମାଣ କରିସାରିଛି । ସାର୍ ଯେଉଁଠାରେ ରହୁଛନ୍ତି ମୋ ଘରଟା ସେଠାରୁ ବେଶିଦୂର ନୁହେଁ । ଅଥଚ ସାର୍‌ଙ୍କୁ ଥରେ ମୋ ଘରକୁ ଡାକିଆଣି ପାରିନାହିଁ । ଜିଇବାର ଏକ ନୂଆ ରାହା ନେଇ, ଯୁଝିବାର ଏକ ନୂଆପଣ ନେଇ ଆମେ ଏକୁଟିଆ ଆଗେଇ ଚାଲିଛୁ । ସାର୍‌ଙ୍କ ଭାଷାରେ-

"ଜିଇବାର ପାଇଁ ଯୁଝିବାର ନୂଆପଣ
କଳାର ରାଇଜେ କୁତ୍ସିତ ବୋଲି ତୁମେ ଯଦି ତାହା ଗଣ,
ନିଜ ନିନ୍ଦାରେ ନିନ୍ଦିତ ହେବ ତୁମେ
ତୁମ ନିନ୍ଦା ମୋ ଲେଖନୀର ଜୟ, ଜନତାର ସଂଗ୍ରାମେ ।"

ଗୁରୁଦେବଙ୍କ ଭଳିଆ ମହାପୁରୁଷମାନେ ହିଁ ଏପରି ଲେଖା ଲେଖିପାରନ୍ତି । ମୋ ଭଳିଆ ସ୍ୱାହାପୁରୁଷମାନେ ଏଭଳି ଲେଖାର ଭାବଧାରା ଠାରୁ ଅନେକ ଦୂରରେ ।

ଷ୍ଟେଟ୍‌ବ୍ୟାଙ୍କ ସାଂଧ ଶାଖା,
ମୋତିଗଞ୍ଜ, ବାଲେଶ୍ୱର

ସାହିତ୍ୟ ତପସ୍ୱୀ ନରେନ୍ଦ୍ର ନାଥ : କିଛି ଅଭୁଲା ଅତୀତର କଥା

ଡ. ବନମାଳୀ ବାରିକ

ମୋର ଶାନ୍ତିନିକେତନ ରହଣି ଦୁଇବର୍ଷ । ପ୍ରଥମ ବର୍ଷ (୧୯୬୯-୭୦) ଓଡ଼ିଆ ବିଭାଗରେ ଚାରିଜଣ ଶିକ୍ଷକ ଥିଲେ । ଶ୍ରୀଯୁକ୍ତ ଶ୍ରୀନିବାସ ମିଶ୍ର ରିଡର ଓ ବିଭାଗୀୟ ମୁଖ୍ୟ, ଡକ୍ଟର ନରେନ୍ଦ୍ର ନାଥ ମିଶ୍ର, ଶ୍ରୀଯୁକ୍ତ ଖଗେଶ୍ୱର ମହାପାତ୍ର ଓ ଶ୍ରୀଯୁକ୍ତ ଗଗନେନ୍ଦ୍ର ନାଥ ଦାଶ - ୩ଜଣ ଅଧ୍ୟାପକ । ଦ୍ୱିତୀୟ ବର୍ଷ (୧୯୭୦-୭୧) ପ୍ରାରମ୍ଭରେ ଶ୍ରୀଯୁକ୍ତ ମିଶ୍ର ତାଙ୍କ ସରକାରୀ ଚାକିରିକୁ ପ୍ରତ୍ୟାବର୍ତ୍ତନ କଲେ ଓ ରେଭେନ୍ସା କଲେଜର ରିଡର ହେଲେ । ଡ. ନରେନ୍ଦ୍ର ନାଥ ମିଶ୍ର ଓଡ଼ିଆ ବିଭାଗର ରିଡର ଓ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କଲେ । ଶ୍ରୀଯୁକ୍ତ ଖଗେଶ୍ୱର ମହାପାତ୍ର ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ (ଆଧୁନିକ ଭାରତୀୟ ଭାଷା ବିଭାଗ) ରୂପେ ଯୋଗଦେଲେ ।

ମୋର ପରମ ସୌଭାଗ୍ୟ ଯେ ଡ. ନରେନ୍ଦ୍ର ନାଥ ମିଶ୍ରଙ୍କ ଭଳି ଜଣେ ବିଶିଷ୍ଟ ସାହିତ୍ୟିକ ଓ ପ୍ରବୀଣ ଗବେଷକଙ୍କ ଛାତ୍ର ହେବାର ସୁଯୋଗ ମିଳିଥିଲା । ଆଜି ୪୦ବର୍ଷ ପରେ ବିଗତ ଦିନର ସ୍ମୃତି ରୋମନ୍ଥନ କଲେ ଅପାର ଆନନ୍ଦରେ ପ୍ରାଣ ଉଲ୍ଲସିତ ହୋଇ ଉଠୁଛି । ପ୍ରଥମତଃ ଡ. ମିଶ୍ରଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଗଭୀର ନିଷ୍ଠା କଥା ଭାବିଲେ ଆମକୁ ବିସ୍ମିତ ହେବାକୁ ପଡ଼େ । ଏମ୍.ଏ. ଶ୍ରେଣୀର ଛାତ୍ର ଥିଲାବେଳେ ସେ ଲେଖିଥିଲେ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' । ଏବେବି ସେ ଗ୍ରନ୍ଥଟି ଓଡ଼ିଆ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ଏକ ଅନନ୍ୟ ରଚନା । ତାପରେ 'ଆଧୁନିକ ଓଡ଼ିଆ କାବ୍ୟଧାରା' (ଆଦିଯୁଗ) ସନ୍ଦର୍ଭ ଲେଖି ବିଶ୍ୱଭାରତୀରୁ, ପି ଏଚ.ଡି. ଲାଭ କଲେ । ଏହାର କିଛିବର୍ଷ ପରେ 'ଆଧୁନିକ ଓଡ଼ିଆ କାବ୍ୟଧାରା' (ନବଜାଗରଣ ଯୁଗ D.Lit. ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଉପସ୍ଥାପିତ ହୋଇଥିଲା । ସାକ୍ଷାତ୍‌କାର ପୂର୍ବରୁ ଜଣେ ପରୀକ୍ଷକଙ୍କ ଆକସ୍ମିକ ବିୟୋଗ ଯୋଗୁଁ ତାହା ବିଶ୍ୱବିଦ୍ୟାଳୟଦ୍ୱାରା ଗୃହୀତ ହେଲାନାହିଁ ।

କିନ୍ତୁ ବିଶ୍ୱଭାରତୀ ଗବେଷଣା ଗ୍ରନ୍ଥମାଳାରେ ସ୍ଥାନ ପାଇଲା । ସାହିତ୍ୟାନୁରାଗୀ ପାଠକ ଓ ଗବେଷକମାନେ ତାଙ୍କୁ ସଶ୍ରଦ୍ଧ ସମ୍ମାନ ଜଣାଇଲେ । ତାଙ୍କର ଅନ୍ୟ ଏକ ସମାଲୋଚନା ସଂକଳନ ହେଉଛି 'ଶୈଳ ଓ ସୀମାନ୍ତ' । ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ଘୋର ଅଭାବ ସମୟରେ ଉପରୋକ୍ତ ଚାରିଖଣ୍ଡ ବହି ଆମକୁ ବେଶ୍ ଉତ୍ସାହିତ କରିଥିଲା । ପରବର୍ତ୍ତୀକାଳରେ ସେ ବହୁ ପ୍ରବନ୍ଧ ଗ୍ରନ୍ଥ ଲେଖିଛନ୍ତି । ଅନେକ ଗବେଷଣା ପ୍ରକଳ୍ପର ନିର୍ଦ୍ଦେଶନା ଦେଇଛନ୍ତି । ଲୋକସାହିତ୍ୟ ଚର୍ଚ୍ଚାରେ ତାଙ୍କର ସ୍ୱତନ୍ତ୍ର ରୁଚି ରହିଛି । ଓଡ଼ିଆ ସାହିତ୍ୟ ସମାଲୋଚନା ଓ ଗବେଷଣା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ଭାରତୀୟ ବିଦ୍ୱାନ ମଣ୍ଡଳୀଙ୍କ ସ୍ୱୀକୃତି ହାସଲ କରିଛି । ମୋର ସହପାଠୀ ଭରତଚନ୍ଦ୍ର ପାତ୍ର 'ପ୍ରୟୋଗବାଦୀ ଆଧୁନିକ ଓଡ଼ିଆ କବିତା' ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରି ଉଚ୍ଚତର ଉପାଧି ପାଇଛନ୍ତି । ଅଧ୍ୟାପକ ଶ୍ୟାମସୁନ୍ଦର ମହାପାତ୍ର ଡ.ମିଶ୍ରଙ୍କ ତତ୍ତ୍ୱାବଧାନରେ 'Oriya Folk Ballads' ନିବନ୍ଧ ଲେଖି ପିଏଚ.ଡି. ହାସଲ କରିଛନ୍ତି । ବିଷୟବସ୍ତୁ ଦୃଷ୍ଟିରୁ ସବୁଗୁଡ଼ିକ ନୂତନ ଚିନ୍ତା ଓ ଚେତନାର ସ୍ପର୍ଶ ବହନ କରେ । ଏସବୁ ଆମ ସମୟର କଥା । ପରବର୍ତ୍ତୀକାଳରେ ବହୁ ଗବେଷକ ତାଙ୍କର ପରାମର୍ଶ ଓ ସାନ୍ନିଧ ଲାଭ କରି ଧନ୍ୟ ହୋଇଛନ୍ତି ।

ତାଙ୍କର ଅନ୍ୟ ଏକ ସାହସିକ ପଦକ୍ଷେପ ହେଲା ସେକାଳର ସରକାରୀ ଚାକିରି ଛାଡ଼ି ଶାନ୍ତିନିକେତନରେ ଯୋଗଦେବା । ଆଜି ଅବଶ୍ୟ ସରକାରୀ ଚାକିରିର ଆକର୍ଷଣ କମିଛି । ବଦଳି ବ୍ୟାପରରେ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ନୀତି ନାହିଁ । ସରକାରୀ ଚାକିରିରେ କୌଣସି ଗୋଟିଏ ଜାଗାରେ କେଉଁଠି କେତେଦିନ କଟିବ ତାର ଠିକଣା ନଥାଏ । (କେତେଜଣ ଭାଗ୍ୟଶାଳୀ ଲୋକଙ୍କ କଥା ଅଲଗା) । ସେଥିପାଇଁ ସାହିତ୍ୟ ଚର୍ଚ୍ଚା/ଗବେଷଣା କାର୍ଯ୍ୟରେ ମନୋନିବେଶ କରିବା ଦୁରୂହ କଥା । ତେଣୁ ଅନେକ କଲେଜ ଚାକିରି ଛାଡ଼ି ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ସଂସ୍ଥାକୁ ଡେଇଁ ପଡ଼ନ୍ତି । କିନ୍ତୁ ନରେନ୍ଦ୍ର ସାର୍ ସରକାରୀ ଚାକିରିର ଉଚ୍ଚ ବେତନ (ମାସକୁ ୨୪୦)ଛାଡ଼ି ହସିହସି କମ ଦରମାରେ (ବୋଧହୁଏ ଟ ୧୮୦/-) ଶାନ୍ତିନିକେତନ ଯାଇଥିଲେ । ଏଥିରୁ ତାଙ୍କର ସାହିତ୍ୟ ପ୍ରତି ଗଭୀର ଆସକ୍ତି ଓ ଶାନ୍ତିନିକେତନ ପ୍ରତି ଗଭୀର ଶ୍ରଦ୍ଧା ଲକ୍ଷ୍ୟ କରାଯାଇପାରେ ।

ଆମର ଏମ୍.ଏ. ଦ୍ୱିତୀୟ ବର୍ଷ ଆରମ୍ଭ ହେଲା 'ଶାନ୍ତିନିକେତନ' ଭବନରେ । ଦୁଇ ମହଲା ବିଶିଷ୍ଟ ଏଇ କୋଠାଟି ସେଠାକାର ସବୁଠାରୁ ପୁରୁଣା କୋଠା । ଅଦୂରରେ ବ୍ରାହ୍ମ ପ୍ରାର୍ଥନା ମନ୍ଦିର । ମହର୍ଷି ଦେବେନ୍ଦ୍ର ନାଥ -କବିଗୁରୁ ରବୀନ୍ଦ୍ରନାଥ,

ତାଙ୍କ ବହୁ ସହଯୋଗୀ, ଭକ୍ତ ଓ ଶିଷ୍ୟମାନଙ୍କର ପଦରେଣୁ ସ୍ପର୍ଶରେ ପବିତ୍ରିତ, ପ୍ରାର୍ଥନା ଧ୍ୱନିରେ ବିମନ୍ତିତ ବ୍ରାହ୍ମ ଉପାସନାରେ ମହିମାନ୍ୱିତ ଏଇ ପ୍ରାର୍ଥନା ମନ୍ଦିରର ମର୍ଯ୍ୟାଦା ସ୍ୱତନ୍ତ୍ର । ଶାନ୍ତିନିକେତନ ଭବନର ଉପର ମହଲାରେ 'ଓଡ଼ିଆ ବିଭାଗ' ଓ ତଳ ମହଲାରେ 'ଇତିହାସ ବିଭାଗ' ସ୍ଥାନିତ ଥିଲା । ଏତେଦିନ ପରେ ଆମକୁ କ୍ଲାସ୍‌ରୁମ୍ ମିଳିଲା, ଅଧ୍ୟାପକମାନଙ୍କ ପାଇଁ କକ୍ଷ ମିଳିଲା, ବିଭାଗୀୟ ଅଫିସ୍ ମିଳିଲା, ପୋଥିଘର ମିଳିଲା । (ଆଗରୁ ଗୋଟିଏ କକ୍ଷରେ ଶିକ୍ଷକମାନେ ବସୁଥିଲେ । କ୍ଲାସ ସବୁ ଗଛମୂଳରେ ହେଉଥିଲା) ଦିନେ ଆମେ ବିଭାଗରେ ଅଛୁ ଶିକ୍ଷାଭବନରେ (ଡିଗ୍ରୀ କଲେଜ) ବୋମା ଫୁଟିବାର ଶବ୍ଦ ଶୁଣିବାକୁ ପାଇଲୁ । କିଛିଲୋକ ଏହା କିପରି ହେଲା ବୋଲି ଭାବି ଆଶ୍ଚର୍ଯ୍ୟ ହେଲେ । କିଛି ଲୋକ ଶିକ୍ଷାଭବନ ଆଡ଼େ ଦୌଡ଼ିଲେ । ଦେଖିଲେ କିଛି ନିଆଁ, କିଛି ଧୂଆଁ, କିଛି ପୋଡ଼ା କାଗଜପତ୍ର । ସବୁଆଡ଼େ ଚର୍ଚ୍ଚା ଆରମ୍ଭ ହୋଇଗଲା- ନକ୍ସଲ ନକ୍ସଲ ନକ୍ସଲ । ଏଠିସେଠି ଦେଖିବାକୁ ମିଳିଲା କିଛି ପୋଷ୍ଟର । ଖବର କାଗଜରୁ କାନୁସାନ୍ୟାଲ ଓ ଚାରୁ ମଜୁମ୍‌ଦାରଙ୍କ ଆନ୍ଦୋଳନ ସଂପର୍କିତ ଖବର ପଢ଼ିଥିଲୁ । ଏବେ ଆଖି ସାମ୍ନାରେ ଦେଖିଲୁ ନକ୍ସଲ ଆନ୍ଦୋଳନର ନଗ୍ନ ରୂପ ।

କିଛିଦିନପରେ ହଷ୍ଟେଲମାନଙ୍କରେ ସେଇ ଚର୍ଚ୍ଚା ହେଲା । କାନ୍ଥରେ ଲେଖାହେଲା – 'Power comes out of the barrel of the gun' 'ମାଓ ସେ ତୁଙ୍ଗ ଜିନ୍ଦାବାଦ' 'ଦିୱାଲ ମୁଛଲେ (କାନ୍ଥଲେଖା) ପିଠେର ଚାମଡ଼ା ତୋଲେନେବୋ' । ଏକପ୍ରକାର ଭୟର ବାତାବରଣ । ସବୁଆଡ଼େ ଆଲୋଚନା, ମିଟିଂ, ପ୍ରତିବାଦ ସଭା । ଶାନ୍ତିନିକେତନରେ ଅଶାନ୍ତିର ପ୍ରଥମ ଅନୁଭବ । ପ୍ରଥମ ଆଲୋଡ଼ନ ।

୧୯୭୦-୭୧ରେ ଭାରତ ପାକିସ୍ଥାନ ଯୁଦ୍ଧର ସମୟ । ପୂର୍ବ ପାକିସ୍ଥାନରେ ମୁକ୍ତିଯୁଦ୍ଧର ତରଙ୍ଗ । ଶାନ୍ତିନିକେତନ ଆମ୍ରକୁଂଜରେ ସଭା ପରେ ସଭା ଚାଲୁଥାଏ । ବଂଗବନ୍ଧୁ ମୁଜିବୁର ରହମାନଙ୍କ ନେତୃତ୍ୱରେ ଆନ୍ଦୋଳନରେ ଗୁରୁତର ଅବସ୍ଥା । ପୂର୍ବ ପାକିସ୍ଥାନର ନେତାମାନେ ଅଗ୍ନିବର୍ଷୀ ଭାଷଣମାନ ଦେଉଥାନ୍ତି । ଆମର ନେତାମାନେ ତାଙ୍କ ସମର୍ଥନରେ ମାତି ଉଠିଥାନ୍ତି । ପୂର୍ବ / ପଶ୍ଚିମ ବଂଗଳାର ଅଧିବାସୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ, ପ୍ରବଳ ଉନ୍ମାଦନା । ପାକିସ୍ଥାନ ସମର୍ଥନରେ ଆମେରିକୀୟ ନୌଭେଳା ବଂଗୋପସାଗର ଆଡ଼କୁ ଆସୁଥିଲାବେଳେ ଭାରତ ସମର୍ଥନରେ ଋଷୀୟ ନୌଭେଳା ଆଗେଇ ଆସିଲା । ଶେଷରେ ପାକିସ୍ଥାନର ସେନାବାହିନୀ ଆତ୍ମସମର୍ପଣ କଲେ । ଇନ୍ଦିରାଗାନ୍ଧିଙ୍କର ଜୟ ଜୟକାର । ବଂଗବନ୍ଧୁ

ହେଲେ ବାଂଲାଦେଶର ପ୍ରେସିଡେଣ୍ଟ । ମୁସଲମାନବହୁଳ ଦେଶ ହେଲେ ବି ଉର୍ଦ୍ଦୁ ପରିବର୍ତ୍ତେ ବଂଗଳା ହେଲା ବାଂଲାଦେଶର ରାଷ୍ଟ୍ରଭାଷା ।

ଥରେ ନରେନ୍ଦ୍ର ସାର୍ କହିଲେ - ବଂଗଳା ଭାଷାର ମର୍ଯ୍ୟାଦା ବଢ଼ିଗଲା । ତାଙ୍କୁ ଗୋଟିଏ ରାଷ୍ଟ୍ରଭାଷାର ମାନ୍ୟତା ମିଳିଗଲା । କେମିତି ହୁଅନ୍ତା ଆଉ ଗୋଟିଏ 'ଓଡ଼ିଆ ଦେଶ' କଲେ ? ଆମେ ସେତେବେଳେ କଥାଟିକୁ ନାପସନ୍ଦ କରିଥିଲୁଁ । ଏହି ବିଭାଜନ ଅସମ୍ଭବ ପ୍ରସଂଗ । ସେ କିନ୍ତୁ କହୁଥିଲେ ଆଉ ଗୋଟିଏ ରାଷ୍ଟ୍ର, ଆଉ ଜଣେ ପ୍ରଧାନମନ୍ତ୍ରୀ, ଆଉ ଗୋଟିଏ ରାଷ୍ଟ୍ରଭାଷା । ବୁଝିପାରୁଛ ତାର ଗୁରୁତ୍ୱ ? ଭାବି ପାରୁଛ ତାର ଆବଶ୍ୟକତା ? କଳ୍ପନା କରି ପାରୁଛ ତାର ଭାଷା ସାହିତ୍ୟର ବିକାଶ ?

ଗୋଟିଏ ରାଜ୍ୟ ଯେ ଚିରଦିନ ଗୋଟିଏ ହୋଇ ରହିବ ତାହା ଭାବିବା ଭୁଲ । ବିରାଟ ଋଷର ବିରାଟ ଭୂଭାଗ ଆଖି ସାମ୍ନାରେ ଖଣ୍ଡଖଣ୍ଡ ହୋଇଗଲା । ବର୍ତ୍ତମାନ ତେଲେଙ୍ଗାନା ଆନ୍ଦୋଳନ ପାଇଁ ସମସ୍ତେ ବିବ୍ରତ । ପଶ୍ଚିମବଂଗରେ ଗୁର୍ଖାଲ୍ୟାଣ୍ଡ ଆନ୍ଦୋଳନ, ମହାରାଷ୍ଟ୍ରରେ ବିଦର୍ଭ ଆନ୍ଦୋଳନ, କର୍ଣ୍ଣାଟକରେ ବେଲଗାଓଁ ଆନ୍ଦୋଳନ, ଉତ୍ତର ପ୍ରଦେଶରେ ହରିତ ପ୍ରଦେଶ ଆନ୍ଦୋଳନ ଏସବୁ ଆଜିର ଡାକ, ଆଜିର ସମସ୍ୟା, ଆଜିର ଆଂଚଳିକ ଆହ୍ୱାନ ।

ମଝିରେ ମଝିରେ ଡ. କୁଂଜବିହାରୀ ଦାଶ ଶାନ୍ତିନିକେତନ ଆସନ୍ତି । ଆଗରୁ ତାଙ୍କର କବିତା ସହିତ ପରିଚିତ ଥିଲି । ଏମ୍.ଏ. କ୍ଲାସରେ ଲୋକସାହିତ୍ୟ (ସ୍ୱତନ୍ତ୍ର ପତ୍ର) ଓ ଆଧୁନିକ ଓଡ଼ିଆ ସାହିତ୍ୟ ଜରିଆରେ ତାଙ୍କ କୃତିତ୍ୱ ସହ ବିଶେଷଭାବେ ପରିଚୟ ସୃଷ୍ଟି ହେଲା । ନରେନ୍ଦ୍ର ସାର୍‌ଙ୍କ ଘରେ ତାଙ୍କୁ ଭେଟିଲି । ସହପାଠୀ ରବୀନ୍ଦ୍ର ନାଥ ସାହୁ କୁଂଜବାବୁଙ୍କ ଆସିବା ଖବର ପାଇ ଆନନ୍ଦରେ ଗଦ୍‌ଗଦ୍ ହୋଇଯାଉଥାଏ । ସେହି ଦୀର୍ଘବପୁ ଜ୍ଞାନବନ୍ତ ସୁପୁରୁଷଙ୍କୁ ଦେଖି ଆପେଆପେ ଭକ୍ତିରେ ମୋର ଶିର ନଇଁଗଲା । ଦେଖିଲି ନରେନ୍ଦ୍ର ସାର୍‌ଙ୍କ ଅତୁଳନୀୟ ଗୁରୁଭକ୍ତି । ସେବାରେ ଚର୍ଚ୍ଚାରେ ତାଙ୍କର ସାମାନ୍ୟ କାର୍ପଣ୍ୟ ନଥାଏ । କୁଂଜବାବୁ କହୁଥାନ୍ତି ନରେନ୍ଦ୍ର ଭଳି ପିଲା ଆଉ ମିଳିବେ ନାହିଁ । ଶୁଣିଛି ବହୁ ଛାତ୍ର, ଅଧ୍ୟାପକ ତାଙ୍କର ସାନ୍ନିଧ ଲାଭକରି ଜୀବନକୁ ଧନ୍ୟ କରିଛନ୍ତି । କିନ୍ତୁ ନରେନ୍ଦ୍ର ସାର୍‌ଙ୍କ ସହ କୁଂଜବାବୁଙ୍କ ସଂପର୍କ ଅନନ୍ୟ ।

ଅଧିକାଂଶ ଦିନ ନରେନ୍ଦ୍ର ସାର୍ ଆମକୁ ସାଂଧ୍ୟଭ୍ରମଣରେ ସଂଗୀ କରୁଥିଲେ । ବହୁକଥା ଚର୍ଚ୍ଚା ହେଉଥିଲା । ଗାଁରୁ ଗାଁକୁ ବୁଲି ପୋଥି ସଂଗ୍ରହ, ବୃଦ୍ଧବୃଦ୍ଧାଙ୍କଠାରୁ ଲୋକଗୀତ, ଲୋକଗପ ସଂଗ୍ରହ ପାଇଁ ଉତ୍ସାହିତ କରୁଥିଲେ । ଛୁଟିରେ ଗାଁକୁ ଆସିଲେ ଆମେ ସେଇକାମରେ ଲାଗି ପଡୁଥିଲୁ । କେତେବେଳେ କୁପାଇ ନଦୀଆଡ଼େ ଯାଉଥିଲୁଁ

ତ କେତେବେଳେ ବୋଲପୁର ବଜାର ରାସ୍ତାରେ ଯାଉଥିଲୁଁ । କେତେବେଳେ ତାଙ୍କ ଅଫିସରେ ବସିଥିଲା ବେଳେ ଡାଏରୀରୁ କବିତା ପଢ଼ି ଶୁଣାନ୍ତି । ଆମ ମୁଣ୍ଡରେ ସାହିତ୍ୟ ସମାଲୋଚକ / ଗବେଷକ ନରେନ୍ଦ୍ରନାଥ ଆସ୍ଥାନ ଜମାଇ ବସିଥାନ୍ତି । ତାଙ୍କ ମୁହଁରେ କବିତା ଅଡୁଆ ଅଡୁଆ ଲାଗେ । ଅବସର ନେବାର ବହୁବର୍ଷ ପରେ ତାଙ୍କର ଖଣ୍ଡିଏ କବିତା ସଂକଳନ ପ୍ରକାଶ ପାଇଲା । ବନ୍ଧୁ ଡ. ବସନ୍ତ କୁମାର ପଣ୍ଡା ଖଣ୍ଡିଏ ବହି ମତେ ଦେଲେ । କହିଲେ - ପଢ଼ନ୍ତୁ, ଯଦି ଭଲ ଲାଗିବ କିଛି ଲେଖିବେ । ସେଥିରୁ ଜାଣିଲି ତାଙ୍କର ଫରାସୀ ଭାଷା ଓ ସାହିତ୍ୟ ପ୍ରତି ଗଭୀର ଶ୍ରଦ୍ଧା । ଏଇ ଶ୍ରଦ୍ଧାରୁ ସେ ଏକଦା French Certificate Couresରେ ମଧ୍ୟ ଯୋଗ ଦେଇଥିଲେ ।

ଥରେ ଅଧ୍ୟାପକ ଚାକିରି ପାଇଁ ଇଣ୍ଟରଭ୍ୟୁ ଦେବାକୁ ଶାନ୍ତିନିକେତନ ଯାଇଥିଲି । କାଲି ଇଣ୍ଟରଭ୍ୟୁ । ଆଜି ସଂଧ୍ୟାରେ ସାର୍ ମୋ ସହିତ ବୁଲି ବାହାରିଲେ । ପୁରୁଣା ଅଭ୍ୟାସ । ଅନେକ କଥା ପଡ଼ିଲା । କହୁକହୁ କହିଲେ - ଆଉ କିଛି ଭଲ ପ୍ରବନ୍ଧ ଲେଖ । ମୁଁ ଜାଣିଗଲି - ଏଥର ନୁହେଁ । କିନ୍ତୁ ବହୁଦିନ ଆମର ପତ୍ରାଳାପ ଚାଲିଥିଲା । ସାର ସବୁପତ୍ରର ଉତ୍ତର ଦେଉଥିଲେ ।

୧୯୮୦ ମସିହାରେ ମୋର ପ୍ରଥମ କବିତା ସଂକଳନ 'କସ୍ତୁରୀ ନଦୀର ଗନ୍ଧ' ପ୍ରକାଶ ପାଇଲା । ସଂକଳନର ପ୍ରାୟ ସମସ୍ତ କବିତା 'ଧରିତ୍ରୀ' ରବିବାର ସାହିତ୍ୟ ସଂଖ୍ୟାରେ ବାହାରିଥିଲା । ୮୧-୮୨ ବେଳର କଥା । ଦିନେ ନରେନ୍ଦ୍ର ସାର୍ ଆମ ଘରେ ପହଞ୍ଚିଲେ । (ରାଜମହଲ ଛକ ସରକାରୀ ବାସଭବନ) ବହି ଖଣ୍ଡିଏ ଦେଲି । ସାର୍ ଖୁବ୍ ଖୁସି ହେଲେ । ପ୍ରାୟ ଘଣ୍ଟାଏ କାଳ ରହିଲେ । ବହି ଓଲଟାଇଲେ । ଗପ ଚାଲିଥାଏ । ତାପରେ କହିଲେ - ମୋତେ ଭଲ ଲାଗୁଛି । କାଗଜ କଲମ ଆଣ । ମୁଁ ଡାକୁଛି ଲେଖ । ସଂଗେସଂଗେ ଦୁଇ ପୃଷ୍ଠାର ଅନୁଭବ ବଖାଣି ଗଲେ । କହିଲେ - ମୁଁ ଦସ୍ତଖତ କରିଦେଉଛି । ଯେଉଁଠି ପାଇବ ଛାପିବ । ମୁଁ ଭାବିଲି, ନିଜର ପ୍ରଶଂସା କେଉଁଠି ଛାପିବି । ଲେଖାଟି ମୋ ଫାଇଲରେ ରହିଛି ।

ସାର୍ଙ୍କ ସହ ଓ ତାଙ୍କ ପରିବାର ସହ ଆମର ଶାନ୍ତିନିକେତନ ଦିନଗୁଡ଼ିକ ନିବିଡ଼ ମମତାରେ ସଂପର୍କିତ । ସେଥିରେ ଲାଭକ୍ଷତିର ଗନ୍ଧ ନଥିଲା । ସାହିତ୍ୟର ନିଶା, ଭଲପାଇବାର ନିଶା ଓ ପଢ଼ିବାର ନିଶା, ବଢ଼ିବାର ନିଶା ଆମ ଯାତ୍ରାପଥର ଲକ୍ଷ୍ୟ ଥିଲା । ଆଉ କଣ ସେଦିନ ଫେରିବ ?

ପ୍ଲଟ୍ ନଂ - ୫୯୯ (ପି)

ଲକ୍ଷ୍ମୀସାଗର (ଉପରସାହି), ଭୁବନେଶ୍ୱର - ୬

ସମୀକ୍ଷକ ନରେନ୍ଦ୍ରନାଥ ମିଶ୍ର

ସୁଧୀର ଚନ୍ଦ୍ର ବେହୁରା

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିବାରେ ଉଚ୍ଚତର ଶିକ୍ଷା ସହ ସଂପୃକ୍ତ ଓଡ଼ିଆ ଭାଷା-ସାହିତ୍ୟର ଅଧ୍ୟାପକମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ଛାତ୍ର-ଶୁଶ୍ରୁଷା ଲକ୍ଷ୍ୟରେ ଟୀକା ଟିପ୍‌ପଣୀ ସର୍ବସ୍ୱ, ପାସ୍ ଲକ୍ଷ୍ୟ ଲାଞ୍ଛିତ, ପାଠ୍ୟସହାୟକ ପୁସ୍ତକଠାରୁ ଆରମ୍ଭ କରି ଗବେଷଣା ଡିଗ୍ରୀ ପାଇଁ ବା ଧଥ୍ୟାନୁସନ୍ଧାନ ନିମନ୍ତେ ଉଦ୍ଦିଷ୍ଟ ସମୀକ୍ଷାଗ୍ରନ୍ଥ ଯାଏଁ ରଚନା କରି ଆବଶ୍ୟକତା ଓ ଆଗ୍ରହର ପରିପୂର୍ତ୍ତି କରିଛନ୍ତି ସେମାନେ । ପରିମାଣ ଦିଗରୁ ଅଗ୍ରଣୀ ଓ ଗୁଣ ଦିଗରୁ ପାଶ୍ଚାତ୍‌ପଦ ବୋଲି ସେହି ସମୀକ୍ଷା ସମ୍ବନ୍ଧରେ ଯେତେ ବିରୁଦ୍ଧ ମନ୍ତବ୍ୟ ପ୍ରକାଶ ପାଇଲେ ବି ସେହିମାନଙ୍କ ଶ୍ରଦ୍ଧାକୁ ସମ୍ବଳ କରିବାକୁ ପଡ଼ିଛି ଆଜିର ସମାଲୋଚନା-ସାହିତ୍ୟକୁ । ଅବଶ୍ୟ ଯେଉଁମାନେ କେବଳ ବିଷୟନିଷ୍ଠ ହୋଇଛନ୍ତି, ସେମାନେ ଦୃଷ୍ଟିନିଷ୍ଠ ସମୀକ୍ଷାକୁ ଆପଣା ଜୀବନର ବ୍ରତ କରି ସାହିତ୍ୟ-ଗବେଷଣାର ଗୁଣାତ୍ମକ ବିକାଶରେ ନିୟୋଜିତ ହୋଇଛନ୍ତି ଓ ଆଶାନୁରୂପ ସିଦ୍ଧିର ଅଧିକାରୀ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଡକ୍ଟର ନରେନ୍ଦ୍ରନାଥ ଅନ୍ୟତମ ।

ନରେନ୍ଦ୍ରନାଥ (୧୯୨୯) ଆଜନ୍ମ ଆଲୋକ-ସନ୍ଧାନୀ ଦୃଷ୍ଟିର ଅଧିକାରୀ । ନିମ୍ନ ମଧ୍ୟବିତ୍ତ ପରିବାରର ସନ୍ତାନ, ସ୍ୱଳ୍ପ ସମ୍ବଳ.., ତଥାପି ବିଜୁଳିବତି ସନ୍ଦର୍ଶନର ଅଭୀପ୍‌ସା ନେଇ ଯେଉଁ ଛାତ୍ର ଜଣକ ୧୯୪୩ ମସିହାରେ ନିଜ ଜିଲ୍ଲାର ବାଲେଶ୍ୱର ଜିଲ୍ଲାସ୍କୁଲ ଛାଡ଼ି ସୁଦୂର ବାରିପଦା ହାଇସ୍କୁଲକୁ ଯାଇଥିଲେ ମାଟ୍ରିକ୍ ପାଠ ପଢ଼ିବା ପାଇଁ, ସେହି ଆଭିମୁଖ୍ୟରେ ଆଲୋକକୁ ସେ ସାରାଜୀବନ ଜଳାଇ ରଖି ପାରିଲେ । ହାଇସ୍କୁଲର ଛାତ୍ର ଥିଲାବେଳେ ଶିକ୍ଷକ-ସାହିତ୍ୟିକ କୁଞ୍ଜବିହାରୀ ଦାଶ ଓ ପ୍ରହ୍ଲାଦ ପ୍ରଧାନଙ୍କ ସାନ୍ନିଧ୍ୟ ଲଭିଲେ । ୧୯୪୬ରୁ ୧୮୪୯ ପର୍ଯ୍ୟନ୍ତ ବାଲେଶ୍ୱରର ଫକୀରମୋହନ କଲେଜରେ ଇତିହାସ ଅନର୍ସ ଛାତ୍ର ଥିବା ସମୟରେ କବି ଅଧ୍ୟାପକ ବୈକୁଣ୍ଠନାଥ ପଟ୍ଟନାୟକଙ୍କ ସାନ୍ନିଧ୍ୟ ଓ ନବଗଠିତ 'ଫକୀରମୋହନ ସାହିତ୍ୟ

ପରିଷଦ'ରୁ ପ୍ରେରଣା ଲଭି ସେ ଆପଣାର ସାହିତ୍ୟ-ରୁଚି ଗଠନ କରିଥିଲେ । ସେହି ସମୟରେ ତାଙ୍କର 'ବିଶ୍ୱ ସମସ୍ୟା ସମାଧାନରେ ଐତିହାସିକ ଦୃଷ୍ଟିକୋଣ' ପ୍ରବନ୍ଧ 'ସହକାର'ରେ ପ୍ରକାଶ ପାଇ ଶୁଭେଚ୍ଛୁ ଅଧ୍ୟାପକଗଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସାହିତ୍ୟିକ ଅଭୀପ୍ସା ଯେତେବେଳେ ଦାନା ବାନ୍ଧ ଆସୁଥିଲା, ସେତେବେଳେ ଶୁଭେଚ୍ଛୁ ଅଧ୍ୟାପକ କୁଞ୍ଜବିହାରୀ ଦାଶଙ୍କ ଡାକରା ପାଇ ରେଭେନ୍‌ସା କଲେଜରୁ ଇତିହାସ ସ୍ନାତକୋତ୍ତର ଶିକ୍ଷା ଅପୂର୍ଣ୍ଣ ରଖି, ଶାନ୍ତିନିକେତନସ୍ଥ ବିଶ୍ୱଭାରତୀରେ ଓଡ଼ିଆ ବିଭାଗର ଗବେଷଣା ସହକାରୀ ଭାବରେ ଯୋଗଦାନ କଲେ । ଗବେଷଣା ସହକାରୀ ଓ ଏମ୍.ଏ.ଛାତ୍ର ଭାବରେ ଯେଉଁ କେତୋଟି ବର୍ଷ ସେ ଶାନ୍ତିନିକେତନରେ ରହିଥିଲେ, ତାହା ତାଙ୍କ ଗବେଷକ ଜୀବନର ପ୍ରସ୍ତୁତି ପର୍ବ । ସେତେବେଳେ ସେ ବିଶ୍ୱଭାରତୀଙ୍କର ବନ୍ଦନା ପାଇଁ ସୁଯୋଗ ଲଭି ଆପଣା ଜ୍ଞାନର ଦିଗ୍‌ବଳୟ ସଂପ୍ରସାରିତ କଲେ । ଅଧ୍ୟାପକ କୁଞ୍ଜବିହାରୀ ଦାଶଙ୍କ ପ୍ରେରଣାଦାୟୀ ବ୍ୟକ୍ତିତ୍ୱର ପ୍ରଭାବ ଓ ସାହିତ୍ୟ ଦିଗ୍‌ଦର୍ଶନ ଏବଂ ପରବର୍ତ୍ତୀ ଜୀବନରେ 'ବିଶ୍ୱଭାରତୀ'ରେ ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ଅଧ୍ୟାପନା-ବୃତ୍ତି ତାଙ୍କ ସାହିତ୍ୟ-ନିଷ୍ଠାକୁ ଉଜ୍ଜୀବିତ କରି ରଖିଲା ।

ନରେନ୍ଦ୍ରନାଥ କେତୋଟି ମୌଳିକ କବିତା, ଗଳ୍ପ ଓ ଭ୍ରମଣ କାହାଣୀ 'କଳାପାଣି' (୧୯୮୨) ରଚନା କରିଥିଲେ ହେଁ ସେସବୁ ତାଙ୍କ ସର୍ଜନଶୀଳ ମାନସର ସାମୟିକ ପରିପ୍ରକାଶ । ତାଙ୍କର ପ୍ରାୟ ସମସ୍ତ ଶକ୍ତି ସାହିତ୍ୟ-ସମୀକ୍ଷାରେ ନିୟୋଜିତ । ସମାଲୋଚନା କ୍ଷେତ୍ରରେ ସେ ଆପଣାର ସର୍ଜନଶୀଳତା ଓ ମନନଧର୍ମିତାର ପରିଚୟ ପ୍ରଦାନ କରିଛନ୍ତି । ସାମୟିକ ସାହିତ୍ୟପତ୍ରଗୁଡ଼ିକରେ ପ୍ରକାଶିତ ସାହିତ୍ୟାଲୋଚନାର ସଙ୍କଳନ ଓ ବିଧିବଦ୍ଧ ଗବେଷଣା ଗ୍ରନ୍ଥ ରୂପରେ ଅଦ୍ୟାବଧି ତାଙ୍କର ନ'ଖଣ୍ଡି ସମୀକ୍ଷାଗ୍ରନ୍ଥ ପ୍ରକାଶିତ । ଉକ୍ତ ଗ୍ରନ୍ଥ ସମୂହର ରଚନା ଓ ପ୍ରକାଶ-କାଳ ଷଷ୍ଠ ଦଶକରୁ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟାପ୍ତ । ଦୀର୍ଘ ତିନି ଦଶନ୍ଧିର ତାଙ୍କ ସାଧନାର ସ୍ପଷ୍ଟ ଚିତ୍ର ନ ଜାଣିଲେ, ସିଦ୍ଧି କଳନା କରିବା ଅସମ୍ଭବ ।

"ବଳରାମ ଦାସ ଓ ଓଡ଼ିଆ ରାମାୟଣ" (୧୯୫୫) ଡ.ମିଶ୍ରଙ୍କ ପ୍ରଥମ ସମୀକ୍ଷାଗ୍ରନ୍ଥ । ଆଗରୁ ବିକ୍ଷିପ୍ତ ଭାବରେ ବିଭିନ୍ନ ବିଷୟରେ 'ଉତ୍କଳ ସାହିତ୍ୟ', 'ଝଙ୍କାର' ଆଦିରେ କେତୋଟି ପ୍ରବନ୍ଧ ପ୍ରକାଶିତ ହୋଇଥିଲେ ହେଁ ଉକ୍ତ ଗ୍ରନ୍ଥ ତାଙ୍କର ବିଧିବଦ୍ଧ ଗବେଷଣା ଓ ସାହିତ୍ୟ-ସମୀକ୍ଷାର ପ୍ରଥମ ଫଳଶ୍ରୁତି । ଏହାରି ମାଧ୍ୟମରେ

ଶିକ୍ଷାଗୁରୁ ଡ. କୁଞ୍ଜବିହାରୀ ଦାଶଙ୍କ ପାଖରେ ସାହିତ୍ୟାନୁଶୀଳନର ଶିକ୍ଷାନବୀଶ ହୋଇଛନ୍ତି ନରେନ୍ଦ୍ରନାଥ । ଏହା ତାଙ୍କର ସ୍ନାତକୋତ୍ତର ଶିକ୍ଷାକାଳୀନ ରଚନା । ପରୀକ୍ଷକ ଡ.ଦାଶ ଓ ପଣ୍ଡିତ ନୀଳକଣ୍ଠଙ୍କ ଉଚ୍ଚ ଅଭିମତ ଓ ସୁପାରିଶ୍ ପାଇ ବିଶ୍ୱଭାରତୀର ଗବେଷଣା ଗ୍ରନ୍ଥ ପ୍ରକାଶନ ବିଭାଗ ଆନୁକୂଲ୍ୟରେ ଏହା ପ୍ରକାଶିତ । ଓଡ଼ିଆ ଜଗମୋହନ ରାମାୟଣ ଓ କବି ବଳରାମ ଦାସ ଆଲୋଚନାର କେନ୍ଦ୍ରବିନ୍ଦୁ ହେଲେ ହେଁ ଏହାର ପରିଧି ସମଗ୍ର ଭାରତୀୟ ରାମକଥା-ମୂଳକ ସାହିତ୍ୟ । ଆଧୁନିକ ଭାରତୀୟ ଭାଷା ସମୂହରେ ପ୍ରକାଶିତ ରାମାୟଣକୁ ବିଚାରକୁ ନେଇ ବଳରାମଙ୍କ ସମକାଳୀନ ସମାଜ, ସାହିତ୍ୟ, ଧର୍ମ ଆଦିର ନାନା ଦିଗରୁ ଆଲୋଚନା କରିଛନ୍ତି । ଜଗମୋହନ ରାମାୟଣର ମୂଲ୍ୟ କଳନା କରି ସେ ବଳରାମଙ୍କୁ ଜଣେ ସମର୍ଥ ସ୍ୱତଃସ୍ଫୂର୍ତ୍ତ ମହାକାବ୍ୟକାରର ଗୌରବ ପ୍ରଦାନ କରିଛନ୍ତି । ସେଥିପାଇଁ ତୁଳନାମୂଳକ, ନନ୍ଦନତାତ୍ତ୍ୱିକ ଓ ଐତିହାସିକ ସମୀକ୍ଷା ପଦ୍ଧତିର ଅବଲମ୍ବନ କରିଛନ୍ତି । ସହାୟକ ପୁସ୍ତକ-ନିର୍ଭରତା, ଚିନ୍ତାର ଅସ୍ୱଚ୍ଛତା ଆଦି ଗବେଷକ ଜୀବନର ପ୍ରାଥମିକ ପର୍ଯ୍ୟାୟର ସ୍ୱାଭାବିକ ଦୁର୍ବଳତା ସତ୍ତ୍ୱେ ଏହା ସମୀକ୍ଷକଙ୍କ ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଶ୍ରୁତି ପ୍ରଦାନ କରିଥିଲା ।

ମାତ୍ର ଅଠେଇଶି ପୃଷ୍ଠାର କ୍ଷୁଦ୍ର କଳେବର ବିଶିଷ୍ଟ "ଜ୍ଞାନକୋଷ" (୧୯୫୭) ଆଲୋଚନା ପ୍ରବନ୍ଧଟି ପୁସ୍ତିକା ଆକାରରେ ଓଡ଼ିଶା ସରକାରଙ୍କ ସାମାଜିକ ଶିକ୍ଷା ବିଭାଗ କର୍ତ୍ତୃକ 'ଲୋକକଲ୍ୟାଣ ଗ୍ରନ୍ଥମାଳା'ର ଚତୁର୍ଥ ଖଣ୍ଡ ଭାବରେ ପ୍ରକାଶିତ । ଶିକ୍ଷିତ ଲୋକମାନଙ୍କର ଜ୍ଞାନ-ବିଜ୍ଞାନ ସମ୍ବନ୍ଧୀୟ ଧାରଣାର ବିକାଶ ନିମନ୍ତେ ଆକର-ଗ୍ରନ୍ଥ ଭାବରେ ଏନ୍‌ସାଇକ୍ଲୋପିଡ଼ିଆର ଉପଯୋଗିତା ଓ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହି କୋଷଗ୍ରନ୍ଥ ସଙ୍କଳନର ଇତିହାସ ତଥା ଆଭିମୁଖ୍ୟ ପ୍ରାଞ୍ଜଳ ଭାବରେ ଉକ୍ତ ପ୍ରବନ୍ଧରେ ବର୍ଣ୍ଣିତ ।

"ଶୈଳ ଓ ସୀମାନ୍ତ" (୧୯୫୯) ନଅଟି ଆଲୋଚନା ପ୍ରବନ୍ଧର ଏକ ମନୋଜ୍ଞ ସଙ୍କଳନ । ଆଲୋଚ୍ୟ ବିଷୟର ପରିସର ସମଗ୍ର ପାଞ୍ଚଶହ ବର୍ଷର ପ୍ରାଚୀନ ଓ ଓ ଆଧୁନିକ ଓଡ଼ିଆ ସାହିତ୍ୟ । ନବୀନ ସମୀକ୍ଷକ ଉକ୍ତ ଗ୍ରନ୍ଥରେ ନିଜସ୍ୱ ଦୃଷ୍ଟି ଘେନି ଓଡ଼ିଆ ସାହିତ୍ୟ-ରାଜ୍ୟର 'ଶ୍ରୀ' ସନ୍ଦର୍ଶନ କରିଛନ୍ତି । ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଶାରଳା, ବଳରାମ, ଫକୀରମୋହନ, ଲକ୍ଷ୍ମୀକାନ୍ତଙ୍କ ଭଳି ଉତ୍ତୁଙ୍ଗ ଶୈଳ ସମୂହ ଓ ପଞ୍ଚସଖା, ଆଧୁନିକ କାବ୍ୟ ତଥା ନିବନ୍ଧ ସାହିତ୍ୟ ଭଳି ବିସ୍ତୃତ ସୀମାନ୍ତର ସମୀକ୍ଷା କରିଛନ୍ତି । 'ଆଧୁନିକ ଓଡ଼ିଆ ସାହିତ୍ୟର ଆଧୁନିକତା' ଓ 'ଓଡ଼ିଆ ସାମାଜିକ ଇତିହାସର ଉପାଦାନ' ଉକ୍ତ ସଙ୍କଳନରେ ସଂଯୁକ୍ତ ଦୁଇଟି ଆକର୍ଷଣୀୟ ପ୍ରବନ୍ଧ ।

"ଆଧୁନିକ ଓଡ଼ିଆ କାବ୍ୟଧାରା : ଆଦିଯୁଗ" (୧୯୬୪) ନରେନ୍ଦ୍ରନାଥଙ୍କ ପିଏଚ୍.ଡି. ଡିଗ୍ରୀ ନିମନ୍ତେ ଉଦ୍ଦିଷ୍ଟ ନିବନ୍ଧର ଗ୍ରନ୍ଥରୂପ । ଆଧୁନିକ ଓଡ଼ିଆ ସାହିତ୍ୟ ସମ୍ପର୍କିତ ପ୍ରଥମ ଚର୍ଚ୍ଚା ନିବନ୍ଧ ଭାବରେଏହା ୧୯୬୦ରେ ବିଶ୍ୱଭାରତୀର ଅନୁମୋଦନ ଲାଭ କରିଥିଲା ଏବଂ ପରବର୍ତ୍ତୀ କାଳରେ ବିଶ୍ୱଭାରତୀ ଗବେଷଣା ପ୍ରକାଶନ ସମିତି ଆନୁକୂଲ୍ୟରେ ପ୍ରକାଶ ପାଇଥିଲା । ନରେନ୍ଦ୍ରନାଥଙ୍କ ବିଶ୍ଳେଷଣୀ ବିଶ୍ୱଦୃଷ୍ଟି ଏଥିରେ ସାର୍ଥକ ରୂପ ଲାଭ କରିଥିବାରୁ ଏହା ସଫଳତା ଲାଭ କରିଛି । ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଆଦି ପ୍ରବକ୍ତା ତ୍ରୟୀ ରାଧାନାଥ, ମଧୁସୂଦନ, ଫକୀରମୋହନ ତଥା ତତ୍କାଳୀନ ଗୌଣ କବିଗଣଙ୍କ ବିଶ୍ଳେଷଣ ଏବଂ ଆଧୁନିକତାର ଅଭ୍ୟୁଦୟକାଳୀନ କାବ୍ୟର ସାମଗ୍ରିକ ମୂଲ୍ୟାଙ୍କନ ଏଥିରେ କରାଯାଇଛି ।

ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଓ ଓଡ଼ିଆ ଭାଷା ବିକାଶର କେତେକ ସମସ୍ୟା ଉପରେ ଆଲୋକପାତ ଲକ୍ଷ୍ୟରେ ଲିଖିତ ଏବଂ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ଉଣେଇଶ ଗୋଟି ପ୍ରବନ୍ଧର ସଙ୍କଳିତ ରୂପ "ଓଡ଼ିଆ ଭାଷା ସାହିତ୍ୟ : ଏକ ଅଧ୍ୟୟନ" (୧୯୬୮) । ଏହି ଆଲୋଚନା ଗ୍ରନ୍ଥଟି କଟକର ପ୍ରକାଶନ ସଂସ୍ଥା 'ଜଗନ୍ନାଥ ରଥ' କର୍ତ୍ତୃକ ପ୍ରକାଶିତ । ଏହାକୁ 'ଶୈଳ ଓ ସାମାନ୍ତ' (୧୯୫୫)ର ପରିବର୍ଦ୍ଧିତ ଦ୍ୱିତୀୟ ସଙ୍କଳନ କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିରେ ନବ ସଂଯୋଜିତ ପ୍ରବନ୍ଧଗୁଡ଼ିକକୁ ନରେନ୍ଦ୍ରନାଥଙ୍କ ଦୀକ୍ଷାମାନସର ପରିଚୟ ମିଳେ । ନୀଳକଣ୍ଠ ଓ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପନା-ଗବେଷଣା ସମ୍ପର୍କିତ ପ୍ରବନ୍ଧଗୁଡ଼ିକରୁ ଜଣାପଡ଼େ ଡ.ମିଶ୍ର ଗବେଷଣାକୁ ବୃତ୍ତିର ପୋଷାକ ଭାବେ ଗ୍ରହଣ କରିନାହାନ୍ତି, କରିଛନ୍ତି ଏକ ଜୀବନ-ଦୃଷ୍ଟି । ଓଡ଼ିଆ କାବ୍ୟଧାରାର ନବଜାଗରଣ ପର୍ବ ସଂକ୍ରାନ୍ତ ସନ୍ଦର୍ଭର ପ୍ରସ୍ତୁତି ପର୍ବର ଆଭାସଚିତ୍ର ଉକ୍ତ ସଙ୍କଳନାନ୍ତର୍ଗତ ଆଧୁନିକ କବିତାତତ୍ତ୍ୱ ଓ ଗଙ୍ଗାଧର ପ୍ରତିଭା ସଂକ୍ରାନ୍ତ ଆଲୋଚନାରେ ଅଙ୍କିତ ।

"ଆଧୁନିକତା ଓ ଆଧୁନିକ ସାହିତ୍ୟ" (୧୯୬୬) ଡ.ମିଶ୍ରଙ୍କ ବିଭିନ୍ନ ସମୟରେ ରଚିତ ଉଣେଇଶ ଗୋଟି ସାହିତ୍ୟଲୋଚନାର ସଙ୍କଳିତ ରୂପ । କଟକ ଫ୍ରେଣ୍ଡସ୍ ପବ୍ଲିଶର୍ସ ଏହାର ପ୍ରକାଶକ । ରବୀନ୍ଦ୍ରନାଥ, ନୀଳକଣ୍ଠ ପ୍ରମୁଖ ଏକକ ସାହିତିକ୍ୟଙ୍କ ଆଲୋଚନା କେତୋଟି ବାଦ୍ ଦେଲେ ଅନ୍ୟଗୁଡ଼ିକ ଆଧୁନିକ ଓଡ଼ିଆ କାବ୍ୟଧାରାର ସମକାଳୀନ ସାହିତ୍ୟ ସମ୍ପର୍କିତ । ବୋଧହୁଏ ଏହାରି ମାଧମରେ ସମକାଳୀନ ଯୁଗ ସମ୍ପର୍କିତ ସମୀକ୍ଷାଗ୍ରନ୍ଥର ପ୍ରାକ୍ ପ୍ରସ୍ତୁତି କରିଛନ୍ତି ସମୀକ୍ଷକ । ଆଧୁନିକତା ଓ ସମକାଳୀନ

କବିତାର ଅବବୋଧ ଓ ତତ୍ତ୍ୱାବଗାହନ ନିମନ୍ତେ ଉକ୍ତ ସଂକଳନସ୍ଥ ପ୍ରବନ୍ଧାବଳୀର ଉପଯୋଗିତା ଅନସ୍ୱୀକାର୍ଯ୍ୟ । ଆଧୁନିକ ଓଡ଼ିଆ କବିତାର କ୍ରମ-ବିକାଶର ଇତିହାସ ଅନୁସନ୍ଧିତ୍ସାର ଏକ ସୋପାନ ଭାବରେ ଏହାର ବିଶିଷ୍ଟତା ।

"ଆଧୁନିକ ଓଡ଼ିଆ କାବ୍ୟଧାରା : ଆଦିଯୁଗ"ର ସ୍ୱୀକୃତି ଓ ଗ୍ରାହକତା ଯୋଗୁଁ ଉତ୍ସାହିତ ହୋଇ ଏବଂ ଆଧୁନିକ ସାହିତ୍ୟ ସମ୍ପର୍କରେ ଆପଣାର ଗବେଷଣାଧାରା ନିରବଚ୍ଛିନ୍ନ ରଖିବା ଲକ୍ଷ୍ୟରେ ଡ.ମିଶ୍ର ବିଂଶ ଶତାବ୍ଦୀର ଆଦ୍ୟ ପାଦର ସତ୍ୟବାଦୀ ଗୋଷ୍ଠୀ ଓ ତତ୍‌କାଳୀନ ସାହିତ୍ୟ ସାଧକଙ୍କ କାବ୍ୟ ସୃଷ୍ଟିକୁ ଉପଜୀବ୍ୟ କରି ରଚନା କରିଥିବା ଚର୍ଚ୍ଚା ନିବନ୍ଧର ଗ୍ରନ୍ଥ ରୂପ "ଆଧୁନିକ କାବ୍ୟଧାରା : ନବଜାଗରଣ-ଯୁଗ" (୧୯୭୯) । ଏହା ମଧ୍ୟ ବିଶ୍ୱଭାରତୀ ଗବେଷଣା ପ୍ରକାଶନ ସମିତି କର୍ତ୍ତୃକ ପ୍ରକାଶିତ । ଏକ ସାମଗ୍ରିକ ଦୃଷ୍ଟି ଘେନି ନବଜାଗରଣ ଯୁଗର କବିତାର ମୂଲ୍ୟାୟନ ଉକ୍ତ ନିବନ୍ଧ ରଚନାର ଉଦ୍ଦେଶ୍ୟ । ନବଜାଗରଣ ଯୁଗର କବିଗଣଙ୍କ କେନ୍ଦ୍ର ବିନ୍ଦୁରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଆଲୋଚକ ଅବସ୍ଥାପିତ କରିଛନ୍ତି ।

ଓଡ଼ିଶା ସାହିତ୍ୟ ଏକାଡେମୀ କର୍ତ୍ତୃପକ୍ଷ ରଜତ ଜୟନ୍ତୀ ପାଳନ ଅବକାଶରେ ବହୁ ଭାଗରେ ବିଭକ୍ତ ବିଭାଗୀକୃତ ଓଡ଼ିଆ ସାହିତ୍ୟ ଇତିହାସ ପ୍ରଣୟନର ଯୋଜନା କରିଥିଲେ । ସେହି ଯୋଜନାର ଅଂଶବିଶେଷ ଭାବରେ "ଆଧୁନିକ ଓଡ଼ିଆ କଥା ସାହିତ୍ୟ : ଉପନ୍ୟାସ" (୧୯୮୨) ଗ୍ରନ୍ଥଟି ଡ.ମିଶ୍ରଙ୍କ ଦ୍ୱାରା ରଚିତ ଓ ଓଡ଼ିଶା ସାହିତ୍ୟ ଏକାଡେମୀ କର୍ତ୍ତୃକ ଓଡ଼ିଆ ସାହିତ୍ୟ ଗ୍ରନ୍ଥମାଳାର ଅଷ୍ଟମ ଖଣ୍ଡ ଭାବରେ ପ୍ରକାଶିତ । ଊନବିଂଶ ଶତାବ୍ଦୀର ଶେଷ ପାଦରେ ଉଦ୍ଭୁତ ଏହି ନବ ଗଦ୍ୟ ରୂପର ପୃଷ୍ଠପଟ୍ଟ, ଉନ୍ମେଷ ଓ ଉତ୍ତରଣର ପର୍ଯ୍ୟାଲୋଚନା କାଳରେ ନରେନ୍ଦ୍ରନାଥ, ସଂକ୍ଷିପ୍ତ ପରିସରରେ, ତତ୍ତ୍ୱ ବ୍ୟାଖ୍ୟାନ କରିଛନ୍ତି ଓ ଯୁଗାନ୍ତକାରୀ ଉପନ୍ୟାସ ସମୂହ ସମ୍ପର୍କରେ ସ୍ୱମନ୍ତବ୍ୟ ପ୍ରଦାନ କରିଛନ୍ତି । ଅଭିମୁଖ୍ୟ ଦିଗରୁ ବିଗ୍ଭର ନକରି ଔପନ୍ୟାସିକଙ୍କୁ ଏକକ ଭାବେ ଗ୍ରହଣ କରିଛନ୍ତି । ସୀମାବଦ୍ଧ ସମୟ ଓ ସଂକ୍ଷିପ୍ତ ପରିସର ଉକ୍ତ ଗ୍ରନ୍ଥକୁ ଉପନ୍ୟାସର ପୂର୍ଣ୍ଣାଙ୍ଗ ଇତିହାସ ନକରି 'ଇତିହାସର ଖସଡ଼ା'ରେ ପରିଣତ କରିଛି ବୋଲି ସ୍ୱୟଂ ଲେଖକ ସ୍ୱୀକାର କରିଛନ୍ତି ।

"ପଣ୍ଡିତ ନୀଳକଣ୍ଠ : ଜୀବନୀ ଓ କୃତି" (୧୯୮୩) ଶୀର୍ଷକ ଜୀବନୀ ଗ୍ରନ୍ଥଟି 'ପଣ୍ଡିତ ନୀଳକଣ୍ଠ ସ୍ମୃତି କମିଟି' ଆନୁକୂଲ୍ୟରେ ପ୍ରକାଶିତ । ଏଥିରେ ନୀଳକଣ୍ଠଙ୍କ ଜୀବନର ବହୁ ଆୟାମ ରୂପାୟିତ ହୋଇଛି । ତାଙ୍କର ବହୁମୁଖୀ ପ୍ରତିଭାର କଳନା

ପାଇଁ ଚେଷ୍ଟା କରାଯାଇଛି । ସାହିତ୍ୟିକ ନୀଳକଣ୍ଠଙ୍କୁ ଜାଣିବା ପାଇଁ ଓ ନରେନ୍ଦ୍ରନାଥଙ୍କ କୃତିତ୍ୱ କଳନାପାଇଁ ଏ ଗ୍ରନ୍ଥର ଉପଯୋଗିତା ଯଥେଷ୍ଟ । ଏଥିପାଇଁ ଡ.କୁଞ୍ଜବିହାରୀ ଦାଶ ଏହାର ମୁଖବନ୍ଧରେ ଲେଖିଛନ୍ତି, "ଡ. ନରେନ୍ଦ୍ର ନୀଳକଣ୍ଠଙ୍କ ପ୍ରସିଦ୍ଧ ବିଦ୍ୱତ୍ ଗୋଷ୍ଠୀରୁ ଜଣେ- ବୋଧେ ଶେଷ ଜଣକ । ତାଙ୍କ ବିଦ୍ୱତ୍ ବ୍ୟକ୍ତିତ୍ୱ ଓ ଭୂଇଁ ଫଟାଇ ଉଠିଥିବା ତାଙ୍କ ରଚନା ରୀତିର ଜଣେ ଯୋଗ୍ୟ ସମଝଦାର ଓ ବିଦଗ୍ଧ । ତେଣୁ ନୀଳକଣ୍ଠୀ ମନୀଷାର ଯଥାର୍ଥ ରୂପାୟନ କରିବାକୁ ସେ ସମର୍ଥ ହୋଇଛନ୍ତି ।"

ନରେନ୍ଦ୍ରନାଥ ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟର ପ୍ରଥମ ଅଧ୍ୟାପକ, ଯେ କି ଆଧୁନିକ ଓଡ଼ିଆ ସାହିତ୍ୟ ଚର୍ଚ୍ଚାରେ ମନୋନିବେଶ କରିଛନ୍ତି । ସମସାମୟିକ ବା ତା'ର ନିକଟ ଅତୀତର ସାହିତ୍ୟଠାରୁ ନିରାପଦ ଦୂରତ୍ୱରେ ରହିବାକୁ ଯେତେବେଳେ ଅଧିକାଂଶ ସମୀକ୍ଷକ ଶ୍ରେୟ ମଣୁଥିଲେ, ସେତେବେଳେ ଶ୍ରୀ ମିଶ୍ର ସମସ୍ତ ଅସୁବିଧାକୁ ବରଣ କରି ଆଧୁନିକ ଓଡ଼ିଆ ସାହିତ୍ୟର ଆଦି ପର୍ବକୁ ଆପଣାର ଗବେଷଣା ବିଷୟ ରୂପେ ଗ୍ରହଣ କଲେ । ଯଦିଚ ତାହା ଇତିହାସଧର୍ମୀ ଗବେଷଣା ଥିଲା ଏବଂ ତାହାର ପରିସର ବ୍ୟାପକତର ଥିଲା, ତଥାପି ତାହାର ପୃଷ୍ଠପଟ୍ଟର ପ୍ରକୃତ ଚିତ୍ର ଆଙ୍କିବାରେ ସେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । କୌଣସି ବ୍ୟକ୍ତିବିଶେଷଙ୍କ ନାମରେ ନାମିତ ନକରି ଆଭିମୁଖ୍ୟ ଦୃଷ୍ଟିରୁ, ବିଶେଷ ଯୁକ୍ତିଯୁକ୍ତ ଭାବରେ 'ଆଧୁନିକ ଯୁଗ' ବୋଲି ଗ୍ରହଣ କରିଛନ୍ତି ।

ଆଧୁନିକ ସାହିତ୍ୟ ଗବେଷଣା କରିଥିବାରୁ ସେ ପ୍ରାଚୀନ ସାହିତ୍ୟ ପ୍ରତି ବିମୁଖ ନୁହନ୍ତି । କାରଣ ତାଙ୍କ ମତରେ, "ଅତୀତ ଭିତ୍ତିରେ ବର୍ତ୍ତମାନକୁ ଓ ବର୍ତ୍ତମାନ ଉପରେ ଠିଆ ହୋଇ ଭବିଷ୍ୟତକୁ ପୁରୋଦୃଷ୍ଟିରେ ଦେଖିବା ଏକମାତ୍ର ପନ୍ଥା ।"* ରାଧାନାଥଙ୍କୁ ନ ବୁଝି ଯିଏ ଭଞ୍ଜଙ୍କୁ ବୁଝନ୍ତି ନାହିଁ ଏହିଭଳି ଯୁକ୍ତିଯୁକ୍ତ ଧାରଣାର ବଶବର୍ତ୍ତୀ ହୋଇ ନରେନ୍ଦ୍ରନାଥ ଶାରଳା, ପଞ୍ଚସଖାଙ୍କ ରଚିତ ଓଡ଼ିଆ ସାହିତ୍ୟର ପ୍ରାଚୀନ ସମ୍ପଦ ଓ ରାଧାନାଥ-ମଧୁସୂଦନ-ଫକୀରମୋହନଙ୍କଠାରୁ ଗୋପବନ୍ଧୁ ପ୍ରମୁଖଙ୍କ ପର୍ଯ୍ୟନ୍ତ ସୃଷ୍ଟ ଆଧୁନିକ ଓଡ଼ିଆ ସାହିତ୍ୟର ବିଚାର ଆଲୋଚନା କରିଛନ୍ତି । ଏକ ଦିଗରେ "ବଳରାମ ଦାସ ଓ ଓଡ଼ିଆ ରାମାୟଣ" ଓ ଅନ୍ୟ ଦିଗରେ "ଆଧୁନିକ ଓଡ଼ିଆ କାବ୍ୟଧାରା"ର ବିଶିଷ୍ଟତା ତାଙ୍କ ସବ୍ୟସାଚୀତ୍ୱର ପ୍ରମାଣ ଦିଏ ।

---

*ଓଡ଼ିଆ ଭାଷା ସାହିତ୍ୟ ଓ ଭାଷା : ଏକ ଅଧ୍ୟୟନ (୧୯୬୮)- ପୃ.୧୯୦

ନରେନ୍ଦ୍ରନାଥଙ୍କ ସମୀକ୍ଷା ଗ୍ରନ୍ଥ ସମୂହରେ ବିଶେଷ ଗୁଣମାନ ପରିଲକ୍ଷିତ । ପ୍ରଥମତଃ, ନରେନ୍ଦ୍ରନାଥଙ୍କ ସମାଲୋଚନା ସାହିତ୍ୟର ସର୍ବତ୍ର ଗବେଷକର ଭୂୟୋଦୃଷ୍ଟି ବିରାଜିତ । ବଳରାମ ଦାସଙ୍କ ପୁରାଣ ହେଉ ବା ରାଧାନାଥଙ୍କ କାବ୍ୟକୃତିର ବିଚାର ହେଉ, ସେଥିପାଇଁ ସେ ମୂଳଗ୍ରନ୍ଥ ଓ ତତ୍ ସମ୍ପର୍କିତ ଆଲୋଚନାରାଜି ତନ୍ନତନ୍ନ କରି ଅଧ୍ୟୟନ କରିଛନ୍ତି । ଅଧ୍ୟୟନ ବେଳକୁ ଉପଲବ୍ଧ ସମସ୍ତ ଉପାଦାନକୁ ବିଶ୍ଳେଷଣ କରି ନିରାସକ୍ତ ଭାବରେ ସ୍ୱକୀୟ ମନ୍ତବ୍ୟ ଦେଇଛନ୍ତି । ଫଳରେ, ତାଙ୍କର ପୂର୍ବବର୍ତ୍ତୀ ଦ୍ରଷ୍ଟାମାନଙ୍କ ଦୃଷ୍ଟିର ପରିଧି ଓ ପରିସର ହୋଇଛି ବିସ୍ତାରିତ । କୁଞ୍ଜବିହାରୀ ଦାଶଙ୍କ ଭାଷାରେ କହିଲେ ଘଟିଛି, "ବହୁ ଧାରା ସହ ଆତ୍ମଧାରାର ବିପୁଳ ଯୋଗ ।"

ଆଧୁନିକତା ଓ ରେନେସାଁ ସମ୍ପର୍କରେ ସ୍ପଷ୍ଟ ଧାରଣା ପାଇଁ ଡ. ମିଶ୍ର ଇଂରାଜୀ ଓ ଫରାସୀ ଭାଷାରେ ପ୍ରକାଶିତ ଉଲ୍ଲେଖନୀୟ ଗ୍ରନ୍ଥଗୁଡ଼ିକର ସହାୟତା ନେଇଛନ୍ତି । ଇଉରୋପୀୟ ରେନେସାଁ ଓ ଭାରତୀୟ ରେନେସାଁର ସ୍ୱରୂପ ଓ ପ୍ରକୃତି ମଧ୍ୟରେ ଥିବା ଭେଦାଭେଦ ବ୍ୟକ୍ତ କରିଛନ୍ତି । ଆମେରିକା ବିପ୍ଳବ (୧୭୭୫-୧୭୮୩), ଫରାସୀ ବିପ୍ଳବ (୧୭୮୯-୧୮୧୫), ଲାଟିନ୍ ଆମେରିକ ବିପ୍ଳବ (୧୮୦୦-୧୮୨୫), ମେଧାବିପ୍ଳବ ଓ ଶିଳ୍ପବିପ୍ଳବ ପ୍ରଭାବରେ କିପରି ଆଧୁନିକ ଭାବଧାରାର ସୂତ୍ରପାତ ହେଲା ଏବଂ ତା'ର ଅମୃତମୟୀ ପ୍ରଭାବ କ୍ରମଶଃ ବିଶ୍ୱମୟ ହେଲା, ତା'ର ସ୍ପଷ୍ଟ ଚିତ୍ର ଐତିହାସିକ ଓ ସମାଜତାତ୍ତ୍ୱିକ ଦୃଷ୍ଟିରୁ ବିଚାର କରିଛନ୍ତି । "ସୁନିର୍ବାଚିତ ଉଦ୍ଧୃତି, ସୁଚିନ୍ତିତ ମନ୍ତବ୍ୟ, ସୁବିନ୍ୟସ୍ତ ଭାଷାର ଉପାଦାନରେ ବିଷାଦବିଧୁର, ଆନନ୍ଦଉଜ୍ଜ୍ୱଳ, ଆହରଣ ପୁଷ୍ଟ, ଆବେଦନରେ ଚିରନ୍ତନ, ଆକର୍ଷଣରେ ନିତ୍ୟନୂତନ; ଆଧୁନିକ ଉତ୍କଳର କାବ୍ୟ ଆତ୍ମା ଗ୍ରନ୍ଥଟିରେ ଜୀବନ୍ତ ବିଗ୍ରହ ଲାଭ କରିଅଛି । ... କବିତା ଏକ ସଭ୍ୟ ଜାତିର ସାଂସ୍କୃତିକ ପରମ୍ପରା ଓ ଐତିହାସିକ ମୂଳବୋଧର ଶ୍ରେଷ୍ଠ ନିଦର୍ଶନ । ଆଧୁନିକ କବିତାର କବିମାନେ ଏକ ବିଶ୍ୱଜନୀନ ଦୃଷ୍ଟିର ଅଧିକାରୀ । ଲେଖକ ଆଧୁନିକ ଓଡ଼ିଆ କବିତାର ଅଧ୍ୟୟନ କରିବାକୁ ଯାଇ ଆଧୁନିକ ଜଗତରେ ସାଂସ୍କୃତିକ ପରିପ୍ରେକ୍ଷିତରେ ସ୍ୱଦେଶ ସଂସ୍କୃତିର ଗଭୀର ସମୀକ୍ଷା କରିଛନ୍ତି ।" ସେଥିପାଇଁ ତାଙ୍କୁ ସମୀକ୍ଷା ନିମନ୍ତେ ଇତିହାସ, ମନୋବିଜ୍ଞାନ, ସମାଜବିଜ୍ଞାନ ଆଦି ଆନୁଷଙ୍ଗିକ ବିଦ୍ୟାର ଦ୍ୱାରସ୍ଥ ହେବାକୁ ପଡ଼ିଛି । ସାହିତ୍ୟ ସମୀକ୍ଷାର ଅନ୍ତର୍ବିଦ୍ୟା-ଭିତ୍ତିର ଆଭାସ ତାଙ୍କ ଆଲୋଚନାରୁ ମିଳେ । ସାହିତ୍ୟ ଶୂନ୍ୟରୁ ସମ୍ଭବ ନୁହେଁ । ସାହିତ୍ୟରେ ମାନସଭୂମି ଓ ମନନ ସ୍ଥାନ-କାଳ ପ୍ରଭାବର ଏକ ଫଳଶ୍ରୁତି । ଏହାକୁ ଦେଖାଇବାକୁ ସେ ଉଦ୍ୟମ କରିଛନ୍ତି ।

ଦ୍ୱିତୀୟ ବିଶେଷତ୍ୱ, ନରେନ୍ଦ୍ରନାଥଙ୍କ ମୁକ୍ତ ଦୃଷ୍ଟି । ଏତେ ଅଧ୍ୟୟନ, ଅନୁଶୀଳନ, ତାଙ୍କ ବିଚାରକୁ ପ୍ରଭାବିତ କରି ପାରିନାହିଁ । ଆପଣାର ସୁଚିନ୍ତିତ ମନ୍ତବ୍ୟ, ଯେତେ ରୁକ୍ଷ ହେଲେ ବି, ସେ ଦେବାକୁ ପଛାଇ ନାହାନ୍ତି । ପ୍ରତିଷ୍ଠିତ ମତ ଖଣ୍ଡନ ପାଇଁ କ୍ଷୁରଧାର ମେଧାର ପ୍ରୟୋଗ କରିଛନ୍ତି । କେଉଁଠି କିପରି ଯେ ସେ ପୂର୍ବମତର ପୋଷକତା କରି ନାହାଁନ୍ତି, ଏପରି ନୁହେଁ । ଯେଉଁ ମତ ଗ୍ରହଣ କରିଛନ୍ତି, ଆପଣାର ବିଶ୍ଳେଷଣ ଜରିଆରେ ସବଳିତ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ କେତୋଟି ଅଭିନବ ମନ୍ତବ୍ୟର ଉଲ୍ଲେଖ କରାଯାଇପାରେ :

କ) ସେମାନଙ୍କର (ଊନବିଂଶ ଶତକର ଶେଷପାଦର ଆଧୁନିକ ଲେଖକମାନଙ୍କର) ବାଣୀ ଆରାଧନା ଏକ ମାନସିକ ବିଳାସ ନଥିଲା, ଥିଲା ଜୀବନ ସାଧନାର ଅଙ୍ଗ । (ଆ.କା.ଧା. ଆଦିଯୁଗ, ଦ୍ୱିତୀୟ ସଂସ୍କରଣ / ପୃ.୬୬)

ଖ) ରାଧାନାଥ ଆମ ସାହିତ୍ୟର ବିରାଟ ସମ୍ଭାବନା ଓ ବିପୁଳ ବ୍ୟର୍ଥତାର ମୂର୍ତ୍ତ ପ୍ରତିନିଧି ଥିଲେ (ଏଜନ୍ / ପୃ.୨୦୦)

ଗ) ତାଙ୍କ (ଫକୀରମୋହନଙ୍କ) ଦାନରେ ଓଡ଼ିଆ କାବ୍ୟଧାରା ହୁଏତ କଳା ଦିଗରୁ ସମୃଦ୍ଧ ହୋଇନାହିଁ । ମାତ୍ର କବିତା ଅପେକ୍ଷା ଜୀବନ ମୂଲ୍ୟବାନ । ଏହି ଜୀବନର ଭାସ୍କର ରୂପେ ଫକୀରମୋହନ ମହନୀୟ । (ଏଜନ୍ / ପୃ.୨୧୮)

ଘ) ଏ ଯୁଗରେ (ବିଂଶ ଶତକର ଆଦ୍ୟ ନବଜାଗରଣ ପର୍ବରେ) କବିତା ପ୍ରତି କ୍ୱଚିତ୍ କାହାର ପୂର୍ଣ୍ଣ ନିଷ୍ଠା ଥିଲା । (ଆ.କା.ଧା. ନବଜାଗରଣ ଯୁଗ, ୧୯୭୮- ପୃ.୫୪)

ଙ) ଆଧୁନିକ ଓଡ଼ିଆ କବିତାରେ ସର୍ବଶ୍ରେଷ୍ଠ ସମ୍ମାନିତ କବି ରୂପେ ରାଧାନାଥ, ଗଙ୍ଗାଧରଙ୍କ ସର୍ବପ୍ରଥମ ଲିଖିତ କାବ୍ୟ କବିତାର ବହୁଳ ପ୍ରଶଂସା କରି ନୂତନ କବିଙ୍କୁ ଯେପରି ଉତ୍ସାହିତ କରିଛନ୍ତି, ସେହିପରି ନିଜ କବିଜୀବନର କରୁଣ ଅନୁଭୂତି, ଅନ୍ତରର ଗଭୀର ନୈରାଶ୍ୟବାଣୀ ଶୁଣାଇ ତାଙ୍କୁ କମ୍ ନିରୁତ୍ସାହିତ କରି ନାହାନ୍ତି । ମାତ୍ର ଏହି ନୈରାଶ୍ୟ ମଧ୍ୟରେ ନିଜର ଦୃଢ଼ ମନୋବଳ ଓ ଆଧ୍ୟାତ୍ମିକ ଚେତନା ବଳରେ ଗଙ୍ଗାଧର ଜୀବନରେ ସତତ ଆଶାର ଦୀପ୍ତି ଅନୁଭବ କରିଛନ୍ତି । (ଏଜନ୍ / ପୃ : ୫୭-୫୮)

ଚ) ଗୋପବନ୍ଧୁଙ୍କ କବିତାରେ ଏକ ବଡ଼ ଦୋଷ ବା ଗୁଣ ହେଉଛି, ଏହା ଗଦ୍ୟ ଭଳି ପ୍ରାଞ୍ଜଳ, ଅନେକ ଗଦ୍ୟ ଲକ୍ଷଣାକ୍ରାନ୍ତ ଅଥବା ସ୍ୱଚ୍ଛ ଗଦ୍ୟର ପଦ୍ୟରୂପ ମାତ୍ର । (ଏଜନ୍ / ପୃ.୧୭୫)

ଆପାତ ଦୃଷ୍ଟିରୁ ବିଚାର କଲେ ଉଲ୍ଲିଖିତ ମନ୍ତବ୍ୟଗୁଡ଼ିକରେ 'ସାପ ନ ମରୁ, ବାଡ଼ି ନ ଭାଙ୍ଗୁ' ନୀତି ଅବଲମ୍ବିତ ହୋଇଥିବା ଭଳି ଲାଗିଲେ ବି ଏହା ମୂଳରେ ଆଧୁନିକ ଯୁଗର ଆଲୋଚକଙ୍କ ସ୍ୱଭାବସୁଲଭ ଅସନ୍ତୋଷ ଭାବ ଓ ସମତୁଳ ମନ୍ତବ୍ୟ ଦାନ ପ୍ରବୃତ୍ତିର ସୂଚନା ମିଳେ । ଆଲୋଚକ ଅଯଥାରେ କାହାକୁ ଆକାଶରେ ଉଡ଼ାଇ ନାହାନ୍ତି, କି ସାଗରରେ ବୁଡ଼ାଇ ନାହାନ୍ତି, ସାଧନା ପରଖି ସିଦ୍ଧିର ସୋପାନରେ ସଂସ୍ଥାପନ କରିଛନ୍ତି ।

ତୃତୀୟତଃ ଆହରଣ ଓ ନିଜସ୍ୱୀକରଣରେ ନରେନ୍ଦ୍ରନାଥ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ଆପଣାର ଚର୍ଚ୍ଚା ନିବନ୍ଧର 'ଉପାଦାନ ମୌଳିକ ବା ପ୍ରତ୍ୟକ୍ଷ ନୁହେଁ, ଅପ୍ରତ୍ୟକ୍ଷ, ପର ପ୍ରସାଦ ଗୃହୀତ' ବୋଲି ସ୍ୱୀକାରୋକ୍ତି ପ୍ରକାଶ କରିଥିଲେ ବି କୌଣସିଠାରେ ତାହା ବୟନ ବା ବକ୍ତବ୍ୟକୁ ବିରୂପ କରିନାହିଁ । ପର ପ୍ରସାଦକୁ ଆତ୍ମସ୍ଥ କରି ତା'ର ସାର ନିର୍ଯ୍ୟାସ ଦେବାକୁ ସେ ପ୍ରାୟ ସର୍ବତ୍ର କ୍ଷମ ହୋଇଛନ୍ତି । ଅକ୍ଷମ ହୋଇଥିଲେ, ତାଙ୍କ ସମୀକ୍ଷାଗ୍ରନ୍ଥ ଅଧମ ସମୀକ୍ଷକଙ୍କ ରଚନା ଭଳି ତଥ୍ୟର ଭଣ୍ଡାର ହୋଇଥାନ୍ତା ସିନା ଭାବର ଆଗାର ହୋଇ ପାରିନଥାନ୍ତା । ଏଠାରେ, ଦୃଷ୍ଟାନ୍ତ ସ୍ୱରୂପ, ଦୁଇଟି ଭାବବାହୀ କିନ୍ତୁ ଆହରଣ ପୁଷ୍ଟ ମନ୍ତବ୍ୟର ଉଦାହରଣ ଦିଆଯାଇପାରେ–

"ଅନ୍ୟ ସହିତ ନିଜକୁ ତୁଳନା କରିବା, ଅନ୍ୟର ସହଯୋଗୀ ଭାବରେ କର୍ମକ୍ଷେତ୍ରରେ ଅବତରଣ କରିବା, ବ୍ୟଷ୍ଟି ସହିତ୍ ସମଷ୍ଟିର, ସ୍ୱଦେଶ ସହିତ ସର୍ବ ଦେଶର, ସ୍ୱକାଳ ସହିତ ସର୍ବକାଳର ସମ୍ବନ୍ଧ ସ୍ଥାପନ କରି ଆପେକ୍ଷିକ ଦୃଷ୍ଟିଲାଭ କରିବା, ସତ୍ୟ ସନ୍ଧାନ କରିବା, ଆଦର୍ଶ ସ୍ଥାପନ କରିବା ଓ ଏହି ଆଦର୍ଶର ପ୍ରତିଷ୍ଠା, ସତ୍ୟର ଉପଲବ୍ଧି ପାଇଁ ପ୍ରୟୋଜନ ହେଲେ ଆତ୍ମବଳି ଦେବା ଥିଲା ଏଇ ଜାଗରଣ ଚେତନାର ମର୍ମବାଣୀ ।"

(ଆଧୁନିକ ଓଡ଼ିଆ କାବ୍ୟଧାରା : ନବଜାଗରଣ ଯୁଗ-୧୯୭୮ / ପୃ.୫୪)

"ଆଧୁନିକ ମଣିଷ ବିପଥଗାମୀ, ପଥଶୂନ୍ୟ । ତାହାର ଲଜିକ୍ ହୋଇଛି ଏବ୍‌ସାର୍ଡ, ଫିଜିକ୍ ହୋଇଛି ଏବନରମାଲ୍, ଏଥିକ୍ ହୋଇଛି ଇମ୍‌ମୋରାଲ୍, ଏସ୍‌ଥେଟିକ୍ ହୋଇଛି ଅଗଲି !"

(ଆଧୁନିକତା ଓ ଆଧୁନିକ ସାହିତ୍ୟ - ୧୯୭୬/ପୃ.୭୬)

ଏହିଭଳି ନରେନ୍ଦ୍ରନାଥଙ୍କ ସମାଲୋଚନାର ଭାଷା ଗାମ୍ଭୀର୍ଯ୍ୟପୂର୍ଣ୍ଣ, ସୁବିନ୍ୟସ୍ତ, ସାବଲୀଳ, ପ୍ରସାରଣକ୍ଷମ, ଅବବୋଧ-ଉଦ୍ଦୀପକ । ପ୍ରକାଶ ଭଙ୍ଗୀରେ ଶାଣିତ ମେଧାର ମହନୀୟ ମୁଦ୍ରାଙ୍କ । ଅମୂଳଚୂଳ କଳାତ୍ମକ ସୌଷ୍ଠବ ସୁରକ୍ଷିତ ।

ନରେନ୍ଦ୍ରନାଥଙ୍କ ରଚନାରେ ଶିରୋଭୂଷଣ ଗ୍ରହଣ ଏକ ବିଶେଷ ରୀତି । ପ୍ରାୟ ପ୍ରତ୍ୟେକ ପ୍ରବନ୍ଧରେ, ଏପରିକି ଗବେଷଣା ଗ୍ରନ୍ଥର ପ୍ରତି ଅଧ୍ୟାୟ ଆରମ୍ଭରେ ବକ୍ତବ୍ୟର ପୋଷାକ ଏକ ଉଦ୍ଧୃତି ପ୍ରଦାନ କରି ପାଠ ପ୍ରବେଶ ପୂର୍ବରୁ ପାଠକର ଧ୍ୟାନ ଆକର୍ଷଣ ଓ ବକ୍ତବ୍ୟ ପ୍ରତି ଶ୍ରଦ୍ଧା ଜାଗ୍ରତ କରିବାରେ ଡ.ମିଶ୍ର ସିଦ୍ଧହସ୍ତ । ଅନାବଶ୍ୟକ ଉଦ୍ଧୃତି ଉପଯୋଗରେ ତାଙ୍କ ବକ୍ତବ୍ୟର ପ୍ରଭାବ ଊଣା କରିବାର ଅବକାଶ କୌଣସିଠାରେ ସେ ଦେଇ ନଥାନ୍ତି । ସ୍ୱମତ ମଣ୍ଡନ ପାଇଁ ମୌଳିକ ରଚନାର ଉଦ୍ଧାର ଓ ଅନ୍ୟ ଭାଷାରୁ ଗୃହୀତ ଉଦ୍ଧୃତିକୁ ନିଜ ଶୈଳୀରେ ଅନୁବାଦ କରି ପ୍ରୟୋଗ କରୁଥିବାରୁ ଭାଷାର ସାବଲୀଳତା ସର୍ବତ୍ର ସୁରକ୍ଷିତ ।

ଗବେଷକ ନରେନ୍ଦ୍ରନାଥଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ବିକାଶରେ ଦୁଇ ଜଣଙ୍କ ପ୍ରଭାବ ପରିଲକ୍ଷିତ ହୁଏ । ଜଣେ ଶିକ୍ଷା ଗୁରୁ, କବି ଡ. କୁଞ୍ଜବିହାରୀ ଦାଶ ଓ ଅନ୍ୟ ଜଣକ ପଣ୍ଡିତ ନୀଳକଣ୍ଠ ଦାସ । କୁଞ୍ଜବିହାରୀଙ୍କର ପ୍ରିୟ ଛାତ୍ର ଭାବରେ ସେ ତାଙ୍କଠାରୁ ବ୍ୟକ୍ତିଗତ ଜୀବନରେ ସ୍ନେହ ଶ୍ରଦ୍ଧା, ଗଠନମୂଳକ ପରାମର୍ଶ ଓ ଗବେଷଣା କ୍ଷେତ୍ରରେ ଦିଗ୍‌ଦର୍ଶନ ପାଇଛନ୍ତି ଏବଂ ପ୍ରିୟ ପାଠକ ଭାବରେ ନୀଳକଣ୍ଠଙ୍କ ଅନୁଭବସିଦ୍ଧ ପ୍ରଜ୍ଞାର ଋଜୁପ୍ରକାଶ ଓ ଜାତୀୟ ଜୀବନର ବୌଦ୍ଧିକ ବିକାଶକାରୀ ଲେଖନୀ ପ୍ରତି ତାଙ୍କର ରୁଚିଗତ ଆକର୍ଷଣ ଜାତ ହୋଇଛି । ଏଣୁ ଉଭୟଙ୍କ ସାହିତ୍ୟର ସାର ନିର୍ଯ୍ୟାସ ନରେନ୍ଦ୍ରନାଥଙ୍କ ରଚନାବଳୀରେ ସୁଲଭ । କୁଞ୍ଜବିହାରୀଙ୍କ ରମ୍ୟବୋଧ ଓ ନୀଳକଣ୍ଠଙ୍କ ପ୍ରଜ୍ଞାଦୃଷ୍ଟି ନରେନ୍ଦ୍ରଙ୍କ ସମୀକ୍ଷାର ଆଦର୍ଶ ।

ନରେନ୍ଦ୍ରନାଥଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦିଗ ସେ ଅଳ୍ପରେ ସୁଖୀ ନୁହନ୍ତି । ତାଙ୍କ ବିଚାରରେ ବିଶ୍ୱରେ ଜ୍ଞାନ-ବିଜ୍ଞାନର ଯେଉଁ ପ୍ରଭୂତ ବିକାଶ ସାଧିତ ହୋଇଛି, ତାହା ସହ ପରିଚିତ ହୋଇ ଓଡ଼ିଆ ସାହିତ୍ୟର ଦାରିଦ୍ର୍ୟ ଦୂର କରାଯାଇପାରେ । ଏ ସମ୍ବନ୍ଧରେ ଆପଣା ମାନସିକତାର ସ୍ପଷ୍ଟ ଚିତ୍ର ପ୍ରଦାନ କରି ଡ. ମିଶ୍ର 'ପଣ୍ଡିତ ନୀଳକଣ୍ଠଙ୍କ ସାଧନା' ପ୍ରବନ୍ଧରେ ଲେଖିଛନ୍ତି, "ବ୍ୟକ୍ତି ଜୀବନର ସାହିତ୍ୟ ରୁଚି ଅକସ୍ମାତ ଫୁଟେ ନାହିଁ । ଏହା ଏକ ଆହରଣର କ୍ରମ ପରିଣାମ । ସବୁ କ୍ରମ ପରିଣାମ ସହିତ କିଛି ନା କିଛି ଇତିହାସ ଜଡ଼ିତ । ଓଡ଼ିଆ ସାହିତ୍ୟରେ ମୋର ଏହି ଆହରଣର ଇତିହାସ

କ୍ରମବର୍ଦ୍ଧମାନ ଅସନ୍ତୋଷର ଇତିହାସ ।" ଯାହା ପାଇଛନ୍ତି ତାହା ନ ପଢ଼ି, ଅନେକ କିଛି ବଛାବଛି କରି ସବୁ ଜିନିଷକୁ ତା'ର ଯଥାର୍ଥ ମୂଲ୍ୟରେ ଗ୍ରହଣ କରିବାକୁ ଚାହିଁଥିବାରୁ ତାଙ୍କର ଏ ଅସନ୍ତୋଷ ଭାବ । ଚିନ୍ତା ଓ ଚରିତ୍ରରେ, ଅଭିନବ ଶିଳ୍ପ ସୃଷ୍ଟିରେ ସୁମହାନ ବଳିଷ୍ଠ ଲେଖା ତାଙ୍କର କାମ୍ୟ । ତହିଁରେ ସେ ଏକାଧାରରେ ଦେଖିବାକୁ ଚାହାନ୍ତି, ବିଶ୍ୱଜ୍ଞାନକୋଷର ନିର୍ଯ୍ୟାସ, ସୁଦୂରପ୍ରସାରୀ ପରମ୍ପରାର ପ୍ରବାହ, ସୃଜନଶୀଳ ମନର ଗ୍ରାହିକା ଶକ୍ତିର ପ୍ରକାଶ, ଆଧୁନିକ ଜୀବନର ଛନ୍ଦ ଓ ଗତି । ଏଭଳି ସାଧକଙ୍କ ନିରବଚ୍ଛିନ୍ନ ସାଧନାର ଅଭାବ ଓ ଅପରିଣତ ଅପସାରଣ ତାଙ୍କ ମର୍ମଦାହର କାରଣ । ଏଭଳି ନୈରାଶ୍ୟଜନକ ପରିସ୍ଥିତିରୁ ମୁକ୍ତି ଲଭିବା ପାଇଁ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡ଼ିଆ ଭାଷା-ସାହିତ୍ୟ ଶିକ୍ଷାର ମାନୋନ୍ନତି, ସରକାରୀ ବା ବେସରକାରୀ ଆନୁକୂଲ୍ୟରେ ଗବେଷଣା ଅନୁଷ୍ଠାନ ଗଠନ, ଲାଇବ୍ରେରୀ ଓ ପ୍ରୟୋଗଶାଳା ସଂସ୍ଥାପନ ତଥା ଓଡ଼ିଆ ଭାଷା ପ୍ରତି ଶିକ୍ଷିତ ସମାଜର ଉନ୍ନାସିକ ଭାବ ପରିତ୍ୟାଗ ନିମନ୍ତେ ସେ ମତପୋଷଣ କରନ୍ତି ।

ଏବେ ପ୍ରାୟ ସର୍ବତ୍ର ସାହିତ୍ୟ-ସମାଲୋଚକ ଅଧ୍ୟାପକମାନଙ୍କର ଡିଗ୍ରୀ ଲାଭ କାଳୀନ ସମ୍ବର୍ଦ୍ଧନାର ଉତ୍ତରରେ ଏହି ମର୍ମର ମନ୍ତବ୍ୟ ଶୁଣିବାକୁ ମିଳେ- "ଏହା ମୋ' ପେଟ ପାଟଣା କଥା... ଯାହି ତାହି କ'ଣ କରି ଦେଇଛି । ଏହା ମୋ' ପତ୍ନୀର ନୁଖୁରା କେଶକୁ ନଡ଼ିଆ ତେଲ ଗିନାଏ । ମୋ' ପ୍ରେମିକା ଆଉ ଜଣେ, ତା ଉଜୁଡ଼ା ଜୁଡ଼ା ପାଇଁ ମୁଁ କେତେ ରକମର ବାସନା ତେଲ ରଖିଛି । ପଛରେ ସେ ଶିଶିର ଠିପି ଖୋଲିବି ଯେ ଦେଶ ମହକି ଯିବ ।" କିନ୍ତୁ କେବେ ସେ ଠିପି ଖୋଲେ ନାହିଁ, କି ବାସନା ତେଲରେ ପ୍ରଣୟିନୀର ଉଜୁଡ଼ା ଜୁଡ଼ା ଜୁଡୁବୁଡୁ ହୁଏନାହିଁ, ଅସଜଡ଼ା ହିଁ ରହିଯାଏ । ପ୍ରକୃତରେ ପ୍ରଣୟିନୀ ଥାଏ କି ନାହିଁ, ସନ୍ଦେହ । ଅଧ୍ୟାପକବାବୁ ଜଣକ ଆମର ନା ହୋଇ ପାରନ୍ତି ଯଥାର୍ଥ ପତି ନା ପ୍ରେମିକ । ଏପରି ସ୍ଥଳେ ଆଜିର ସମାଲୋଚନା କ୍ଷେତ୍ରରେ ଅବତୀର୍ଣ୍ଣ ବୃତ୍ତିଧାରୀ ଅଧ୍ୟାପକଙ୍କ ମଧ୍ୟରେ ନରେନ୍ଦ୍ରନାଥ ଜଣେ ସଚ୍ଚୋଟ ଏବଂ ଯଥାର୍ଥ ପ୍ରଣୟୀ ଓ ପରିଣେତା ପରି ପ୍ରତୀୟମାନ ହୁଅନ୍ତି ।

ଗୋକୁଳପୁର, ରାହାଣିଆ, ମାହାଙ୍ଗା, କଟକ

ସଚ୍ଚା ଦିଗ୍‌ଦର୍ଶକ ଡ. ନରେନ୍ଦ୍ରନାଥ ମିଶ୍ର

ଡ. ଆଦିକନ୍ଦ ମହାନ୍ତ

୧୯୮୮ ମସିହା କଥା । ରାଞ୍ଚି ବିଶ୍ୱବିଦ୍ୟାଳୟ ଅଧୀନରେ ମୁଁ 'ଓଡ଼ିଶାର କୁର୍ମାଲୀ ଲୋକଗୀତ' ଉପରେ ଗବେଷଣା କରୁଥାଏଁ । ମୋ ଗବେଷଣା ନିବନ୍ଧ ଉପରେ ସାକ୍ଷାତକାର ପରୀକ୍ଷା (Viva vous Test) କରିବା ସକାଶେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରୁ ଡକ୍ଟର ନରେନ୍ଦ୍ରନାଥ ମିଶ୍ର ଆସିଥାଆନ୍ତି । ରାଞ୍ଚି କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗ କକ୍ଷରେ ଏ ପରୀକ୍ଷା ପାଇଁ ଆୟୋଜନ ହୋଇଥାଏ । ରାଞ୍ଚି ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗାଧକ୍ଷ ଡକ୍ଟର ପ୍ରସନ୍ନ କୁମାର ପ୍ରଧାନ ଉକ୍ତ ଗବେଷଣା ନିବନ୍ଧର ଦିଗ୍‌ଦର୍ଶକ ଭାବେ ସାକ୍ଷାତ୍‌କାର ପରୀକ୍ଷା ପରିଚାଳନା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରୁଥାଆନ୍ତି । ସେ ମୋତେ କହିଥାଆନ୍ତି ଯେ ପ୍ରଫେସର ଡ. ମିଶ୍ର ଜଣେ ଭାଷା-ସାହିତ୍ୟର ପଣ୍ଡିତ ବ୍ୟକ୍ତି । ତାଙ୍କର ପ୍ରଶ୍ନର ଠିକ୍ ଉତ୍ତର ଦେବା ପାଇଁ ସବୁବେଳେ ଚେଷ୍ଟା କରିବ । ଆଜେବାଜେ କଥା କହିବ ନାହିଁ । ତେଣୁ ମୁଁ ଯଥାସମ୍ଭବ ପୂର୍ବ ପ୍ରସ୍ତୁତି ସାରି ବାହାରେ ଅପେକ୍ଷା କରିଥାଏଁ ମୋତେ ସାକ୍ଷାତକାର ପାଇଁ କେତେବେଳେ ଡକାଯିବ । ମନଭିତରେ ଭୟ ଡ.ମିଶ୍ରଙ୍କ ପ୍ରଶ୍ନର ଠିକ୍ ଉତ୍ତର ଦେଇ ପାରିବି କି ନାହିଁ ।

ଭିତରେ ପ୍ରଫେସର ଡ.ମିଶ୍ର ଓ ରାଞ୍ଚି ବିଶ୍ୱବିଦ୍ୟାଳୟର ବଙ୍ଗଳା ଭାଷା ସାହିତ୍ୟ ପ୍ରଫେସର ଡ.ବି.କେ ବାଁଶୋରୀଙ୍କ ଭିତରେ ଓଡ଼ିଆ ଓ ବଙ୍ଗଳା ସାହିତ୍ୟର ଛନ୍ଦ ଉପରେ ଘମାଘୋଟ ଆଲୋଚନା ଚାଲିଥାଏ । ମୁଁ ବାହାରେ ରହି ସେ ଆଲୋଚନା ଶୁଣୁଥାଏ । ଡ.ବାଁଶୋରୀ ବଙ୍ଗଳାରେ କହୁଥାଆନ୍ତି ଆଉ ଡ.ମିଶ୍ର ଓଡ଼ିଆରେ ତାଙ୍କ ଯୁକ୍ତି ଉପସ୍ଥାପନ କରୁଥାଆନ୍ତି । ତେଣୁ ମୁଁ ଭାବିନେଇଥାଏଁ ଡ.ମିଶ୍ର ବୋଧହୁଏ ବଙ୍ଗଳା କହିପାରନ୍ତି ନାହିଁ । ହେଲେ ମୋର ଏ ଧାରଣା ଦୂର ହୋଇଥିଲା ଯେତେବେଳେ ପରୀକ୍ଷା ଶେଷରେ ତାଙ୍କ ସହ ରାଞ୍ଚିର ଦର୍ଶନୀୟ ସ୍ଥାନ ସବୁ ଭ୍ରମଣ କରିବାକୁ ଗଲୁଁ । ରାଞ୍ଚି ଜଗନ୍ନାଥ ମନ୍ଦିର ପରିସରରେ ତାଙ୍କ ଜଣେ ବଙ୍ଗାଳୀ ଆତ୍ମୀୟାଙ୍କ ସହ ସାକ୍ଷାତ

ହେଲା । ସେ ତାଙ୍କ ସହ ସ୍ପଷ୍ଟଭାବେ ବଙ୍ଗଳାରେ କଥାଭାଷା ହେଲେ । ମୋ ମନରେ ପ୍ରଶ୍ନ ଜାଗିଲା ନରେନ୍ଦ୍ରସାର୍ ସ୍ପଷ୍ଟ ବଙ୍ଗଳା କହିପାରୁଥିବାବେଳେ ଡ. ବାଁଶୋରୀଙ୍କ ସହ ଓଡ଼ିଆରେ ଆଲୋଚନା କରୁଥିଲେ କାହିଁକି ? ସେତ ବଙ୍ଗଳାରେ ଆଲୋଚନା କରି ପରିଥାଆନ୍ତେ । ମୋ ଉତ୍ସୁକମନ ଏକଥା ଜାଣିବା ପାଇଁ ବ୍ୟାକୁଳ ହୋଇ ପଡ଼ିଲା ଏହାର କାରଣ ଜିଜ୍ଞାସା କରିବାକୁ । ମୁଁ ତାଙ୍କୁ ପ୍ରଶ୍ନ କଲି "ସାର୍, ଆପଣତ ସ୍ପଷ୍ଟ ବଙ୍ଗଳା କହିପାରୁଛନ୍ତି, ତେବେ ବାଁଶୋରୀ ସାର୍‌ଙ୍କ ସହ ବଙ୍ଗଳାରେ କଥାଭାଷା ହେଉ ନଥିଲେ କାହିଁକି ?"

ସେ ହସିଲେ । କହିଲେ "ବୁଝିଲ ଆଦିକନ୍ଦ, ଯଦି ତୁମ ବାଁଶୋରୀ ସାର୍ ତାଙ୍କ ବଙ୍ଗାଳୀ ଟାଣ ଛାଡ଼ିବେ ନାହିଁ, ତେବେ ମୁଁ ଓଡ଼ିଆ ଟାଣ ଛାଡ଼ିବି କାହିଁକି ? ହଇ ହୋ ତୁମେ ବୁଝିପାରିଲନି, ମୁଁ ଓଡ଼ିଆରେ କହୁଛି ସେ ପୂରା ବୁଝୁଛନ୍ତି । ତାଙ୍କ ଘର ଚକ୍ରଧରପୁର ପାଖ ଏକ ଓଡ଼ିଆ ବସ୍ତିରେ । ତାଙ୍କର ଅଧିକାଂଶ ବନ୍ଧୁବାନ୍ଧବ ଓଡ଼ିଆ । ସେ ସ୍ପଷ୍ଟ ଓଡ଼ିଆ କହିପାରନ୍ତି । ମୁଁ ଓଡ଼ିଆରେ ଆଲୋଚନା କରୁଥିଲି । ସେ ତ ଓଡ଼ିଆରେ କଥାଭାଷା ମୋ ସହ କରିପାରିଥାନ୍ତେ । କାରଣ ମୁଁ ତାଙ୍କ ବିଶ୍ୱବିଦ୍ୟାଳୟ ପାଇଁ ଅତିଥି । ସେ ଯଦି ଓଡ଼ିଆ ବୁଝି ପାରୁନଥାଆନ୍ତେ ମୁଁ ବଙ୍ଗଳାରେ କହିଥାନ୍ତି । ସେ ତ ପୂରାପୂରି ମୋ ଆଲୋଚନା ବୁଝି ତାର ଜବାବ୍ ଦେଉଥାନ୍ତି, ଏ କ୍ଷେତ୍ରରେ ମୁଁ ତାଙ୍କ ସହ ବଙ୍ଗଳାରେ କାହିଁକି କଥାବାର୍ତ୍ତା ହେବି ? ସେ ତାଙ୍କ ଜିଦ୍‌ରେ ଯେମିତି ଅଟଳ ରହିଲେ ମୁଁ ସେମିତି ମୋ ଓଡ଼ିଆ ଟାଣକୁ ବଜାଇ ରଖିଲି ।"

ନରେନ୍ଦ୍ର ସାରଙ୍କ କଥା ଶୁଣି ମୋ ଭିତରେ ଥିବା ଓଡ଼ିଆତ୍ୱ ବହୁଗୁଣିତ ହୋଇ ଜାଗିଉଠିଲା । ସତରେ ଆମେ ଓଡ଼ିଆମାନେ କିପରି ହୀନମନ୍ୟତାର ଶିକାର ହେଉ ଏକଥା ମୁଁ ସ୍ପଷ୍ଟ ଅନୁଭବ କରି ପାରିଲି । ତାଙ୍କ ଭିତରେ ଥିବା ଓଡ଼ିଆ ଭାଷା ଓ ଓଡ଼ିଆ ଜାତିର ଟାଣ କଥା ବୁଝିପାରି ତାଙ୍କ ପାଖରେ ମଥା ନତ ହୋଇଗଲା । ମୁଁ ଅନେକ ସମୟରେ ଟ୍ରେନ୍‌ରେ ପଶ୍ଚିମବଙ୍ଗ ଗଲାବେଳେ ଦେଖିଛି ଆମ ଓଡ଼ିଆଲୋକ ପଶ୍ଚିମବଙ୍ଗ ସୀମା ଛୁଇଁଲା ମାତ୍ରେ ବଙ୍ଗଳାରେ କଥା ଆରମ୍ଭ କରିଦେବେ । ଅନ୍ୟଜଣେ ଓଡ଼ିଆ ବୋଲି ଜାଣିଲେ ବି ତା' ସହିତ ଓଡ଼ିଆରେ କଥା ହେବେ ନାହିଁ । ନରେନ୍ଦ୍ର ସାରଙ୍କ ପରି ଓଡ଼ିଆ ଜାତିଟାଣ ଥିବା ଲୋକହିଁ ଏଇ ହୀନମନ୍ୟ ଓଡ଼ିଆଙ୍କୁ ଠିକ୍ ଜବାବ ଦେଇ ଉଚିତ ଶିକ୍ଷା ଦେଇ ପାରିବେ ବୋଲି ମୋର ଦୃଢ଼ ଧାରଣା ଜନ୍ମିଲା । ଏ ପ୍ରକାର ଦୃଢ଼

ବ୍ୟକ୍ତିତ୍ୱସଂପନ୍ନ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ମୁଁ ନିଜକୁ ଧନ୍ୟମନେ କରିଛି ଓ ତାଙ୍କଠାରୁ ଓଡ଼ିଆପ୍ରେମ ଭାବଧାରା ମୋ ଭିତରେ ଦୃଢ଼ୀଭୂତ ହୋଇଛି ।

ତାଙ୍କ ସହିତ ଅଳ୍ପକ୍ଷଣ ମିଳାମିଶା ଓ କଥାବାର୍ତ୍ତା ଭିତରେ ସେ ମୋତେ ଅତି ଆପଣାର କରିନେଲେ । ମୋତେ ସବୁପ୍ରକାର ସାହାଯ୍ୟ ସହଯୋଗ କରିବାର ପ୍ରତିଶ୍ରୁତି ଦେଲେ । ମୋ ଗବେଷଣାର ଦିଗ୍‌ଦର୍ଶକ ଡ. ପ୍ରସନ୍ନ କୁମାର ପ୍ରଧାନଙ୍କ ବନ୍ଧୁ ହିସାବରେ ମୁଁ ଡ. ନରେନ୍ଦ୍ର ନାଥ ମିଶ୍ରଙ୍କୁ ଟ୍ରେନ୍‌ରେ ବିଦାୟ ଦେବାକୁ ଯାଇ ପ୍ରଣାମ କରିବାକୁ ତାଙ୍କ ପାଦ ଛୁଇଁଲା ବେଳକୁ ସେ ମୋତେ କୁଣ୍ଢେଇ ପକାଇଲେ । ମୋତେ କହିଲେ "ଆଦିକନ୍ଦ, ତୁମେ ପ୍ରସନ୍ନ ବାବୁଙ୍କ ଛାତ୍ର ହୋଇପାର, ହେଲେ ତୁମେ ମୋର କନିଷ୍ଠ ବନ୍ଧୁ (Junior Friend) । ତୁମ ଭିତରେ ଥିବା ପ୍ରତିଭା, ତୁମର କର୍ମନିଷ୍ଠା, ଗବେଷଣା କରିବାର ଧାରାରୁ ମୋର ଅନେକ କିଛି ଶିଖିବାର ଅଛି । ତେଣୁ ମୁଁ ତୁମକୁ ଛାତ୍ର ହିସାବରେ ନୁହେଁ ବନ୍ଧୁ ହିସାବରେ ଗଣ୍ୟ କରିଛି । ତୁମର ଯେତେବେଳେ ଯେଉଁ ବିଷୟରେ ମୋଠାରୁ ଯାହା ସାହାଯ୍ୟ ଦରକାର ହେବ ନିର୍ଭୟରେ ଲେଖିବ । ତୁମେ ଜଣେ ପ୍ରାଥମିକ ଶିକ୍ଷକ । ଆମେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ । ହେଲେ ତୁମେ ତୁମ ଅଧ୍ୟବସାୟ ବଳରେ ଯେଉଁ ଦିଗ ସବୁ ଉନ୍ମୋଚନ କରି ପାରିଛ ଓଡ଼ିଆ ଭାଷା ଓ ସଂସ୍କୃତିର କେତେଜଣ ଅଧ୍ୟାପକ ସେ କାମ କରୁଛନ୍ତି ନା କରିଛନ୍ତି ? ତେଣୁ ସେ ସବୁ ତଥାକଥିତ ଅଧ୍ୟାପକ, ପ୍ରାଧ୍ୟାପକଙ୍କ ବହୁ ଉର୍ଦ୍ଧ୍ୱରେ ତୁମର ସ୍ଥାନ । ମୁଁ ମୋର କେତେକ ସନ୍ଦେହ ମୋଚନ ପାଇଁ ବିଶ୍ୱଭାରତୀ ଫେରିଗଲା ପରେ ତୁମ ସହ ଯୋଗାଯୋଗ କରିବି ।" ଏହା କହି ସେ ଟ୍ରେନ୍‌ରେ ବସି ରାଞ୍ଚି ଛାଡ଼ିଲେ ।

ସତକୁ ସତ ମୁଁ ରାଞ୍ଚି ବିଶ୍ୱବିଦ୍ୟାଳୟର ସମସ୍ତ କାମସାରି ଘରେ ପହଞ୍ଚିଲା ବେଳକୁ ତାଙ୍କ ହସ୍ତଲିଖିତ ପତ୍ର ଘରେ ପହଞ୍ଚିଯାଇଛି । ଏହାପରେ ବିଭିନ୍ନ ବିଷୟରେ ତାଙ୍କ ସହ ପତ୍ର ଓ ଫୋନ୍ ମାଧ୍ୟମରେ ଯୋଗାଯୋଗ ହୋଇଛି । ସବୁ ସମୟରେ ସେ ସ୍ନେହଶୀଳ ଭାବେ ମୋତେ ତାଙ୍କ ପ୍ରେମ ଫାଶରେ ବାନ୍ଧି ରଖିଛନ୍ତି । ଦୀର୍ଘ ସମୟର ବ୍ୟବଧାନ ପରେ ସଂପର୍କରେ ଶିଥିଳତା ଆସିଥାଇପାରେ, ହେଲେ ଅନ୍ତରରେ ଥିବା ଭାବାବେଗ ଆଜି ବି ଅତୁଟ ରହିଛି । ମୁଁ ହୃଦୟ କୋଣରେ ବର୍ତ୍ତମାନ ବି ତାଙ୍କୁ ସବୁ ବିଷୟର ଜଣେ ସଚ୍ଚା ଦିଗ୍‌ଦର୍ଶକ ଭାବେ ସମ୍ମାନ ଦିଏ ।

ଚିତ୍ରଡ଼ା, ମୟୂରଭଞ୍ଜ, ଓଡ଼ିଶା-୭୫୭୦୧୮

ପୂଜ୍ୟଗୁରୁ ନରେନ୍ଦ୍ର ସାର୍

ରାଧାଶ୍ୟାମ ପ୍ରଧାନ

"ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱରଃ
ଗୁରୁସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।"

ଏ ଉକ୍ତିର ଯଥାର୍ଥତାର ଅନ୍ୟତମ ମୂର୍ତ୍ତିମନ୍ତ ପ୍ରତୀକ ନରେନ୍ଦ୍ର ସାର, ଆଉ କେହି ନୁହଁନ୍ତି । ବିଶ୍ୱଭାରତୀ, ଶାନ୍ତିନିକେତନର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପରମପୂଜ୍ୟ ପ୍ରାଧ୍ୟାପକ ଡ.ନରେନ୍ଦ୍ରନାଥ ମିଶ୍ର । ସ୍ନେହୀ-ଦରଦୀ-ଛାତ୍ରବତ୍ସଳ ବ୍ୟକ୍ତିତ୍ୱ ତାଙ୍କର । ତାଙ୍କ କଥା ମନେ ପଡ଼ିଲେ ଅନେକ କିଛି ଅନୁଭୂତି ଓ ଅଭିଜ୍ଞତାର ଝଲକ ମନେପଡ଼େ । ବିଶ୍ୱଭାରତୀ, ଶାନ୍ତିନିକେତନର ଓଡ଼ିଆ ବିଭାଗର ପ୍ରତ୍ୟେକ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଗବେଷକ ପର୍ଯ୍ୟନ୍ତ ସମସ୍ତଙ୍କର ଅତି ପ୍ରିୟ ଶିକ୍ଷକ ଥିଲେ ସେ ।

ଦିନକର ଘଟଣା । ଶାନ୍ତିନିକେତନ ଓଡ଼ିଆ ବିଭାଗର ଛାତ୍ରଭାବେ ମୁଁ ଓଡ଼ିଆ ସାହିତ୍ୟ ଓ ବଙ୍ଗଳା ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ ବିଷୟଟିକୁ ଅନ୍ୟତମ ସ୍ୱତନ୍ତ୍ର ପତ୍ର ଭାବେ ରଖିଥିଲି । ଶୀତଦିନର ସକାଳ । ଅନ୍ୟ ଦିନମାନଙ୍କ ପରି ସେଦିନ ମଧ୍ୟ ମୁଁ ଏହି ତୁଳନାତ୍ମକ ଅଧ୍ୟୟନ ପିରିୟଡରେ ନରେନ୍ଦ୍ର ସାରଙ୍କ ରୁମ୍‌କୁ ଯାଇଥିଲି । ଶାନ୍ତିନିକେତନର କାଚ଼ଘର ନିକଟରେ ଥିବା ଅନ୍ୟତମ ପୁରାତନ ବିଲ୍‌ଡିଂରେ ଓଡ଼ିଆ ବିଭାଗର କାର୍ଯ୍ୟାଳୟ । ଉପର ମହଲାରେ ଏକ ରୁମ୍‌ରେ ପ୍ରଫେସର ନରେନ୍ଦ୍ର ମିଶ୍ର ବସନ୍ତି । ସେହି ରୁମ୍‌ରେ ବସି ସାର୍‌ଙ୍କ ସହ ଅନେକ କିଛି ଆଲୋଚନା କରିବା ପରେ ସେ ମୋତେ ତାଙ୍କ ଆଲମିରାରୁ ଆଣି ବଢ଼ାଇଦେଲେ ଗୋଟିଏ ସନ୍ଦର୍ଭ । ଏହି ସନ୍ଦର୍ଭଟି ଥିଲା- ବିଶ୍ୱଭାରତୀର ପ୍ରାକ୍ତନ ଛାତ୍ର ତଥା ଗବେଷକ ଡ.ହୃଷିକେଶ ପଣ୍ଡାଙ୍କର । ସେଥିରେ ଥିବା କେତେକ ଉପାଦେୟ ବିଷୟ ଉପରେ ଆଖି ପକାଉଥାଏ । ଶୀତଦିନ ଥିବାରୁ, ଆଉ ସେହି ରୁମ୍‌ଟି ବିଶେଷ ଥଣ୍ଡା ଥିବାରୁ ମୁଁ ଇଚ୍ଛା ବିରୋଧରେ ସାର୍‌ଙ୍କର ସମ୍ମୁଖରେ ବସି ସନ୍ଦର୍ଭଟି ଅନୁଧ୍ୟାନ କରୁଥିଲି । ତାହା କିନ୍ତୁ ସାର୍‌ଙ୍କ ଆଖିରେ ଲୁଚି ପାରି

ନଥିଲା । ହଠାତ୍ ସାର ମୋତେ କହିଲେ- "ରାଧାଶ୍ୟାମ ! ତୁମେ ରୁମ୍ ବାହାରେ ଥିବା ବାଲକୋନିକୁ ଯାଅ । ସେଠାରେ ଖରା ପଡ଼ିଛି । ଗୋଟିଏ ଚେୟାର ନେଇ ସେଇଠି ବସି ପଢୁଥାଅ । ପରେ ଆଲୋଚନା କରିବା ।" ମୁଁ ପାଠପଢ଼ାରେ ବ୍ୟସ୍ତ ରହିଲି । କିଛି ସମୟ ପରେ ଦେଖିଲି ସାର ରୁମ୍ ବନ୍ଦ କରି ଚାଲି ଯାଇଛନ୍ତି । ମୁଁ ବାଲକୋନିରେ ଏକାକୀ ବସି ଭାବୁଥାଏ- କ'ଣ କରିବି । ସେହି ସମୟରେ ଦୁଇଜଣ ଇତିହାସ ବିଭାଗର ଅଧ୍ୟୟନରତ ଓଡ଼ିଆ ଛାତ୍ର କଳାଭବନ କ୍ୟାଣ୍ଟିନ୍‌ରୁ ମିଲ ଖାଇ ଫେରୁଥିବା ଦେଖି ତାଙ୍କ ସହାୟତା ନେଇଥିଲି । ସେମାନେ ସାରଙ୍କ ଘରକୁ ଯାଇ ଚାବି ଆଣି ମୋତେ ରୁମ ଖୋଲି ବାହାରକୁ ଆସିବାରେ ସହାୟତା କରିଥିଲେ । ପରେ ମୁଁ ଯେତେବେଳେ ଚାବିନେଇ ସାରଙ୍କ ରତନପଲ୍ଲୀସ୍ଥିତ ବାସଭବନକୁ ଗଲି, ସାର୍ ତ ଦୁଃଖ ପ୍ରକାଶ କଲେ, ହେଲେ ସେହି ହସହସ ବଦନରେ ମାଉସୀଙ୍କୁ ବରାଦ କଲେ- "ରାଧାଶ୍ୟାମ ପାଇଁ ଆଗ ମିଠା ଆଣ । ମୁଁ ଅଜାଣତରେ ତାଙ୍କୁ ଦଣ୍ଡ ଦେଇ ଥିବାରୁ ଆଗ ମିଠା ଖୁଆଇବି ।" କେବଳ ସେ ଦିନକର ଘଟଣା ନୁହେଁ; ଓଡ଼ିଆ ବିଭାଗ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ବିଭାଗର ଯେକେହି ଓଡ଼ିଆ ପିଲା ସାରଙ୍କ ଘରକୁ ଯେଉଁ ସମୟରେ ଗଲେବି ଆଗ ରତନପଲ୍ଲୀ ଦୋକାନର ମିକ୍ସଚର ଓ ଘୋଷଦା' କ୍ୟାଣ୍ଟିନ୍‌ର ମିଠା ଖାଇସାରିବା ପରେ ଆରମ୍ଭ ହୁଏ ଦୁଃଖ ସୁଖ । ଆଜିବି ସେଦିନର କଥା ସବୁ ମନେ ପଡ଼ିଲେ ଆଖିରେ ଜକେଇ ଆସେ ଅଶ୍ରୁ । ସେହିଭଳି ଜଣେ ଦେବପ୍ରତିମ ଗୁରୁଙ୍କ ଶିଷ୍ୟତ୍ୱ ଗ୍ରହଣ କରି ପାଠପଢ଼ା ସହିତ କିଛିଟା ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପାରିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ତେବେ ଏହା କେବଳ ନରେନ୍ଦ୍ର ସାରଙ୍କ କ୍ଷେତ୍ରରେ ନୁହେଁ; ବିଶ୍ୱଭାରତୀର ପ୍ରତ୍ୟେକ ଗୁରୁଙ୍କ ନିକଟରେ ମିଳିଥାଏ ଏହି ପରମ୍ପରାର ସଂକେତ । ଆଜି ଯେଉଁମାନଙ୍କ ସ୍ନେହ ଶ୍ରଦ୍ଧାରେ ମୁଁ ସମାଜରେ ଛିଡ଼ା ହୋଇପାରିଛି ସେହି ମହାନ୍ ପ୍ରେରଣାଦାତା ଗୁରୁମାନଙ୍କର ନୀରାମୟ ଜୀବନ କାମନା କରୁଛି ।

ପ୍ରାକ୍ତନ ଛାତ୍ର, ଶାନ୍ତିନିକେତନ

ପ୍ରତିନିଧି, ଇ.ଟି.ଭି. ନ୍ୟୁଜ, ବାରିପଦା

ନିରହଙ୍କାର, ନିର୍ଲିପ୍ତ ଯଶସ୍ୱୀ ସ୍ରଷ୍ଟା

ଡ. ନରେନ୍ଦ୍ର ନାଥ ମିଶ୍ର

ଡ. ବିଜୟାନନ୍ଦ ସିଂହ

ପ୍ରଫେସର ଡ.ନରେନ୍ଦ୍ରନାଥ ମିଶ୍ର ଜଣେ ସାର୍ଥକ ଗଦ୍ୟ ସ୍ରଷ୍ଟା, ଚିନ୍ତାଶୀଳ ପ୍ରାବନ୍ଧିକ, ବିଶିଷ୍ଟ ସାହିତ୍ୟ ସମାଲୋଚକ ଭାବେ ଖ୍ୟାତିଅର୍ଜନ କରିଛନ୍ତି । ଡ. ମିଶ୍ରଙ୍କ ସୁଖ୍ୟାତି ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ଭିତରେ ସୀମାବଦ୍ଧ ହୋଇ ନାହିଁ । ସେ ମଧ୍ୟ କବି, ଗାଳ୍ପିକ, ଅନୁବାଦକ, ଜୀବନୀ ଲେଖକ, ସୁଯୋଗ୍ୟ ସଂପାଦକ ଭାବରେ ଓଡ଼ିଆ ସାହିତ୍ୟରେ ପରିଚିତ । ଗବେଷଣା କ୍ଷେତ୍ରରେ ପ୍ରଫେସର ମିଶ୍ର ପ୍ରାଚୀନ ସାହିତ୍ୟରେ ଧୁରୀଣତା ପ୍ରକାଶ କରିଛନ୍ତି । ଆଧୁନିକ ସାହିତ୍ୟ ଆଲୋଚନାରେ ମଧ୍ୟ ତାଙ୍କ କୃତିତ୍ୱ ଅନସ୍ୱୀକାର୍ଯ୍ୟ । ସେ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସନ୍ତୋଷ ଲାଭ କରିଥିଲେ ମଧ୍ୟ ତାଙ୍କର ସମସ୍ତ ଶକ୍ତି ସାହିତ୍ୟ ସମାଲୋଚନା ଓ ସମୀକ୍ଷାରେ ଉପଯୋଗ ହୋଇଛି । ସ୍ୱକୀୟ ସୃଜନଶୀଳତା ଓ ସମୀକ୍ଷାର ନୂତନ ଦୃଷ୍ଟିକୋଣରୁ ତାଙ୍କ ସାରସ୍ୱତ କୃତୀ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭକରିଛି । ଡ.ମିଶ୍ରଙ୍କ ଗଭୀର ଅଧ୍ୟବସାୟ ଓ ଅସାଧାରଣ ପ୍ରତିଭାର ପରିଚୟ ଆମେ ତାଙ୍କ ସୃଷ୍ଟି ସମ୍ଭାରରେ ପାଇଥାଉଁ । ଡ.ମିଶ୍ର ଅଧ୍ୟୟନ, ଅଧ୍ୟାପନା, ସାହିତ୍ୟ ସାଧନାରେ ନିମଜ୍ଜିତ ହୋଇ ଏକ ନୂତନ ଭାବଜଗତର ସନ୍ଧାନ ଦେଇଛନ୍ତି । କୋଳାହଳ, ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ବିଭିନ୍ନ ବାଦ ବିସମ୍ବାଦ ଠାରୁ ଦୂରରେ ରହି ନୀରବ ଭାବରେ ସାହିତ୍ୟ କର୍ମ କରିବା ତାଙ୍କ ଜୀବନର ପରମ ଲକ୍ଷ୍ୟ । ପରିମାଣ ନୁହେଁ, ଗୁଣାତ୍ମକ ଦିଗ ପ୍ରତି ସେ ସଦା ସଚେତନ ଅବା ମନେହୁଏ । ନରେନ୍ଦ୍ରନାଥଙ୍କ ଆନ୍ତର୍ବିଦ୍ୟାମୂଳକ ସାହିତ୍ୟ ସମାଲୋଚନାରେ ଓଡ଼ିଆ ସାହିତ୍ୟ ପୁଷ୍କଳ ହୋଇଛି । ସହଜ, ସରଳ ଭାବରେ ଜଟିଳ ତତ୍ତ୍ୱର ଆଲୋଚନା କରିବା ତାଙ୍କର ବୈଶିଷ୍ଟ୍ୟ । ଏହି ସାହିତ୍ୟସ୍ରଷ୍ଟାଙ୍କ କୃତିକୁ ଆକଳନ କଲେ ବାସ୍ତବିକ୍ ଆନନ୍ଦ ମିଳେ । ସେ ଜଣେ ପ୍ରବୀଣ ଅଧ୍ୟାପକ, ଛାତ୍ରଛାତ୍ରୀ

ମାନଙ୍କର ପ୍ରିୟ ସାର୍-ନରେନ୍ଦ୍ର ସାର୍ । ସ୍ନେହ, ଶ୍ରଦ୍ଧା, ଆନ୍ତରିକ ଭାବନାର ସ୍ପଷ୍ଟ ଉଚ୍ଚାରଣ 'ନରେନ୍ଦ୍ରନାଥ ମିଶ୍ର' । ଏହିପରି ପ୍ରତିଭାଦୀପ୍ତ ସାରସ୍ୱତ ସ୍ରଷ୍ଟାଙ୍କ କୃତିକୁ ଅନୁଶୀଳନ କରିବା ପୂର୍ବରୁ ତାଙ୍କ ଜୀବନ ଚରିତ୍ର ଓ ସାଧନାମୟ ଦିଗକୁ ଅନୁଧ୍ୟାନ କରିବା ଆବଶ୍ୟକ । ନରେନ୍ଦ୍ରନାଥ କେତୋଟି ମୌଳିକ କବିତା, ଗଳ୍ପ, ଭ୍ରମଣ କାହାଣୀ 'କଳାପାଣି' (୧୯୮୨) ରଚନା କରିଥିଲେ ହେଁ ସେ ସବୁ ତାଙ୍କ ସର୍ଜନଶୀଳ ମାନସର ସାମୟିକ ପରିପ୍ରକାଶ । ତାଙ୍କର ପ୍ରାୟ ସମସ୍ତ ଶକ୍ତି ସାହିତ୍ୟ ସମୀକ୍ଷାରେ ନିୟୋଜିତ । ସମାଲୋଚନା କ୍ଷେତ୍ରରେ ସେ ଆପଣାର ସର୍ଜନଶୀଳତା ଓ ମନନଧର୍ମିତାର ପରିଚୟ ପ୍ରଦାନ କରିଛନ୍ତି । ସାମୟିକ ସାହିତ୍ୟପତ୍ର ଗୁଡ଼ିକରେ ପ୍ରକାଶିତ ସାହିତ୍ୟାଲୋଚନାର ସଙ୍କଳନ ଓ ବିଧିବଦ୍ଧ ଗବେଷଣା ଗ୍ରନ୍ଥ ରୂପରେ ଅଦ୍ୟାବଧି ୯ ଖଣ୍ଡି ସମୀକ୍ଷା ଗ୍ରନ୍ଥ ପ୍ରକାଶିତ । ଉକ୍ତ ଗ୍ରନ୍ଥ ସମୂହର ରଚନା ଓ ପ୍ରକାଶ କାଳ ଷଷ୍ଠ ଦଶକରୁ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟାପ୍ତ । ଦୀର୍ଘ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ ତାଙ୍କ ସାଧନାର ସ୍ପଷ୍ଟ ଚିତ୍ର ନଜାଣିଲେ ସିଦ୍ଧି କଳନା କରିବା ଅସମ୍ଭବ । ନରେନ୍ଦ୍ରନାଥଙ୍କ ଜୀବନଯାତ୍ରା ଭିତରେ ସାହିତ୍ୟ ମୁଖ୍ୟ ବିଭବ ଭାବେ ଆତ୍ମପ୍ରକାଶ କରିବ ।

ଜୀବନ ପୃଷ୍ଠାରୁ :

ପ୍ରଫେସର ଡ.ନରେନ୍ଦ୍ର ନାଥ ମିଶ୍ର ୧୯୨୯ ମସିହା, ୨୩ ଅକ୍ଟୋବରରେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ଜନ୍ମ ସ୍ଥାନ ବାଲେଶ୍ୱର ଜିଲ୍ଲାର ପ୍ରାକୃତିକ ଶୋଭାରେ ବିମଣ୍ଡିତ ସୋର ନିକଟବର୍ତ୍ତୀ ଗିଳିଦା ଗ୍ରାମ । ପିତାଙ୍କ ନାମ ଭଗବାନ ମିଶ୍ର, ମାତାଙ୍କ ନାମ ପାର୍ବତୀ । ସେ ତାଙ୍କ ପିତା-ମାତାଙ୍କର ସର୍ବ କନିଷ୍ଠ ସନ୍ତାନ । ଜୀବନ ତାଙ୍କର ସଂଘର୍ଷମୟ । ଗ୍ରାମ୍ୟ ଜୀବନ, ଗ୍ରାମ୍ୟ ପରିବେଶ ଭିତରେ ତାଙ୍କ ଜୀବନର ଖଡ଼ିପାଠ ଆରମ୍ଭ ହୋଇଥିଲା । ଗାଁର କୋମଳ ପରିବେଶ, ଶାନ୍ତ ବାତାବରଣ, ତାଙ୍କୁ ପ୍ରେରଣା ଦେଇଥିଲା ଭବିଷ୍ୟତକୁ ଗଢ଼ିବା ପାଇଁ । ନିଜ ଗ୍ରାମ ଗିଳିଦାରେ ପ୍ରତିଷ୍ଠିତ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ବିଦ୍ୟାରମ୍ଭ ହୁଏ । ୧୯୩୮ ମସିହା ପର୍ଯ୍ୟନ୍ତ ସେ ଏଇଠି ଅଧ୍ୟୟନ କରନ୍ତି । ବିଦ୍ୟାଳୟର ପ୍ରଥମ ଅନୁଭୂତି ଏବଂ ମଧୁର ସ୍ମୃତି ପ୍ରଫେସର ଡ.ମିଶ୍ରଙ୍କ ପାଇଁ ଏହିପରି- "ମୋର ପୈତୃକ ଗ୍ରାମ ଗିଳିଦାର ପ୍ରାଥମିକ ବିଦ୍ୟାଳୟରେ ମୋର ବିଦ୍ୟାରମ୍ଭ । ଏହି ସ୍କୁଲରେ ଜଣେ ତରୁଣ ଶିକ୍ଷକ ଆମ୍ଭମାନଙ୍କୁ ଏଭଳି ରୀତିରେ ପଢାଉଥିଲେ ଯେ ଆମର ମନେ ହେଉଥିଲା ସ୍କୁଲଟା ଗୋଟେ ଖେଳଘର । କାଦୁଅରେ ଇଟା କାଟି ଖେଳଘର ତିଆରି

କରିବା, ସ୍କୁଲ ବଗିଚାରେ ଫୁଲ ଓ ଚିନା ବାଦାମ ଚାଷ କରିବା, ପାଖ ଗଛରେ ଝୁଲିବା ଏସବୁ ପାଇଁ ସେ ଉତ୍ସାହିତ କରିଥିଲେ । ଆମେ ଯେ କିଭଳି ଭାବରେ ପାଠ ପଢୁଥିଲୁ, ତାହା ପରୀକ୍ଷା ଫଳରୁ ଜଣା ପଡ଼ିଥିଲା । ନୂଆ କରି ହୋଇଥିବା ସେହି ବିଦ୍ୟାଳୟରେ ମୁଁ ପ୍ରଥମେ ତୃତୀୟ ଶ୍ରେଣୀରେ ବୃତ୍ତି ପାଇଥିଲି ।" ଉଚ୍ଚ ପ୍ରାଥମିକ ଶିକ୍ଷା ପାଇଁ ନିଜ ଗ୍ରାମ ନିକଟସ୍ଥ ତାଳପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନରେନ୍ଦ୍ର ନାଥ ଆସନ୍ତି । ତାଙ୍କ ନିଜ ଭାଷାରେ- "ଉଚ୍ଚ ପ୍ରାଥମିକ ପଢ଼ିଥିଲି ସମୁଦ୍ର କୂଳବର୍ତ୍ତୀ ଗୋଟେ ଗାଁ ତାଳପଦାରେ; ଆମ ଗାଁରେ ସମୁଦ୍ରର ଗର୍ଜନ ଶୁଣିଥିଲି । କିନ୍ତୁ ସମୁଦ୍ରକୂଳିଆ ଗାଁ ତାଳପଦାରେ ସମୁଦ୍ର କୂଳରେ ଖେଳିବା, ନୂଆନଈରେ ଡଙ୍ଗାନାଆରେ ଜୁଆର ଭାଙ୍ଗିବା ଥିଲା ମୋର ପ୍ରିୟ ଖେଳ । ଆମ ଘର ଠାରୁ ପ୍ରାୟ ୩ ମାଇଲ ଦୂର ଗୋପାଳପୁର ମଧ୍ୟଇଂରାଜୀ ବିଦ୍ୟାଳୟରେ ଦୁଇ ବର୍ଷ ପଢ଼ିଥିଲି ।" ନାନା ଅଭାବ ଅସୁବିଧା, ତାଙ୍କ ଉଚ୍ଚାଭିଳାଷକୁ ପଥରୋଧ କରିପାରିଲା ନାହିଁ । ୧୯୪୨ରେ ଗୋପାଳପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ପାଶ୍ କରିସାରିଲା ପରେ ବାହନଗା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ସେ ନାମ ଲେଖାଇଲେ । ବାରିପଦାରେ ପାଠ ପଢ଼ିବା ତାଙ୍କ ଜୀବନର ଏକ ଆକସ୍ମିକ ଘଟଣା । ଯେଉଁ ବାରିପଦା ଦିନେ ଥିଲା ତାଙ୍କ ପାଇଁ ସ୍ୱପ୍ନର ସହର, ତାହା ହେଲା ପୁଣି ବିଦ୍ୟାଭୂମି । ସେ ଏ ସଂପର୍କରେ ଅତି ନିଷ୍କପଟ ଭାବରେ ବର୍ଣ୍ଣନା କରିଛନ୍ତି । "ସେତେବେଳେ ମୋ ପାଇଁ ବାରିପଦା ଥିଲା ଏକ ସ୍ୱପ୍ନପୁରୀ । ବିଜୁଳି ଆଲୁଅ ଦେଖିବା ପାଇଁ ବାରିପଦା ଯାଇଥିଲି । ଭାଗ୍ୟକ୍ରମେ ବାରିପଦା ହାଇସ୍କୁଲରେ ପଢ଼ିବାର ସୁଯୋଗ ମିଳିଗଲା । ବାରିପଦାର ବିରାଟ ରାଜବାଟୀ, ରାଣୀବାଗ, ବଳଙ୍ଗ ନଦୀ, ମଧୁବନ ତୋଟା- ଏସବୁର ଆକର୍ଷଣ ଥିଲା ମୋ ପାଇଁ ଅନେକ ବେଶି । ତାଛଡ଼ା ନିଜର ଅନ୍ନ ସଂସ୍ଥାନ ପାଇଁ ମୋତେ ଅଧିକ କିଛି ପରିଶ୍ରମ କରିବାକୁ ପଡୁଥିଲା । ମୁଁ ନିଜେ ପାଠପଢ଼ି ପିଲାଙ୍କୁ ଟିଉସନ ମଧ୍ୟ କରୁଥିଲି ।" ସାହିତ୍ୟ କେବଳ ସମାଜର ଚିତ୍ର ନୁହେଁ ସ୍ରଷ୍ଟାର ଜୀବନ ସଂପର୍କିତ ପ୍ରତିକ୍ରିୟା ମଧ୍ୟ । ନରେନ୍ଦ୍ରନାଥଙ୍କ ଜୀବନ ବୃତ୍ତାନ୍ତ ଅନୁଶୀଳନ କାଳରେ ତତ୍କାଳୀନ ଅନେକ ଘଟଣା ସଂପର୍କରେ ଅବହିତ ହେବାକୁ ପଡ଼େ । ବାରିପଦାର ସେହି ସ୍କୁଲ ଜୀବନର କଥା କହିବାକୁ ଯାଇ ଡ.ମିଶ୍ର କହିଛନ୍ତି- "ଉଚ୍ଚ ବିଦ୍ୟାଳୟରେ ପଢୁଥିଲା ବେଳେ ଗୋଟିଏ ଘଟଣା ଭାଗ୍ୟ କ୍ରମେ ଘଟିଥିଲା । ସେତେବେଳେ ରାଜବାଟୀର ସମସ୍ତ କାର୍ଯ୍ୟକ୍ରମ ଓ ଉତ୍ସବାନୁଷ୍ଠାନ ମୋର ପ୍ରଧାନ ଆକର୍ଷଣ ଥିଲା । ରାଜାଙ୍କ ଅନୁପସ୍ଥିତିରେ ପ୍ରହରାଜ କାମ ଚଳାଇବା ପ୍ରଥା ଥିଲା । ମୁଁ

ବାରିପଦାର ବାବୁସାହିରେ ଟିଉସନ୍ କରୁଥିଲି । ପ୍ରହରାଜଙ୍କ ପୁଅ ମୋର ସାଙ୍ଗ ଥିଲା । ଦିନେ ଏକ ଉତ୍ସବରେ ରାଜା ଅନୁପସ୍ଥିତ ଥିବାରୁ ପ୍ରହରାଜଙ୍କୁ କାମ ଚଳାଇବାକୁ ହେଲା । ପ୍ରହରାଜଙ୍କ ପୁଅ ସହ ସେହି ଉତ୍ସବରେ ବିରାଟ ଶୋଭାଯାତ୍ରାରେ ହାତୀ ଉପରେ ବସି ମଧୁବନ ତୋଟାକୁ ଯିବାର ସୁଯୋଗ ଜୁଟିଥିଲା । ସେ ଦିନର ସେ ସୌଭାଗ୍ୟ ଆନନ୍ଦକୁ କେବେ ଭୁଲିପାରିବିନି ।" ନରେନ୍ଦ୍ରନାଥଙ୍କ ବିଦ୍ୟାଳୟ ସମୟର ବନ୍ଧୁମାନେ ଏବେ ବି ତାଙ୍କ ସ୍ମୃତିପଟରେ ଉଜ୍ଜୀବିତ । ସ୍ନେହୀ, ପ୍ରେମୀ ଡ. ମିଶ୍ର ସେମାନଙ୍କ କଥା ମନେପକାଇ ଆନନ୍ଦିତ ହୁଅନ୍ତି । ସ୍କୁଲ ଦିନର ଅନେକ ପ୍ରିୟ ବନ୍ଧୁ କେଉଁଠି ହୁଏତ ହଜିଯାଇଛନ୍ତି ବା ଇହଧାମରୁ ବିଦାୟ ନେଇଛନ୍ତି । ସେମାନଙ୍କ ଭିତରେ ଏବେ ଅଛନ୍ତି- ଅବସରପ୍ରାପ୍ତ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଅଖିଳଚନ୍ଦ୍ର ପଣ୍ଡା, ସାହିତ୍ୟିକ ସାତକଡ଼ି ହୋତା, ପ୍ରାକ୍ତନ କୁଳପତି ଲକ୍ଷ୍ମଣ କୁମାର ମହାପାତ୍ର । "ସାତକଡ଼ି ତ ମୋ ରୁମ୍‌ମେଟ୍ ଥିଲେ । ସେ ମୋର ଅତ୍ୟନ୍ତ ପ୍ରିୟ ଥିଲେ । ମନେପଡୁଛି, ଥରେ ସାଙ୍ଗ ମେଳରେ ବୁଲୁବୁଲୁ ଆମେ ଅନେକ ଦୂରକୁ ପଳେଇଥିଲୁ । ଫେରିବା ବେଳକୁ ମୁଁ ଆଉ ଚାଲି ପାରିଲିନି । ସାତକଡ଼ି ଓ ଆଉ କେହିକେହି ମୋତେ କାନ୍ଧେଇ କରି ଆଣିଥିଲେ । ସାର୍ ମାନଙ୍କର ସ୍ନେହ, ଶ୍ରଦ୍ଧା ଓ ପାଠପଢ଼ା ଶୈଳୀ ତ ଭୁଲିବାର ନୁହେଁ । ପ୍ରିୟ ଶିକ୍ଷକ କୁଞ୍ଜ ବିହାରୀ ଦାଶ ତ ମୋ ପ୍ରେରଣାର ଉତ୍ସ, ମୋ ଜୀବନର ଆଦର୍ଶ । ତାଙ୍କ ପିଲାଦିନର ସ୍ମୃତି ୟୁଫ୍ରେଟିସ୍, ଟାଇଗ୍ରୀସ୍ ନଦୀ କୂଳରେ ଥିବା ମାନବ ଇତିହାସର ଶିଳାଲେଖ ବୋଲି ସେ ଉପଲବ୍ଧି କରନ୍ତି ।" ୧୯୪୬ ମସିହାରେ ନରେନ୍ଦ୍ରନାଥ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ବାଲେଶ୍ୱର କଲେଜରେ ଆଇ.ଏ. ଶ୍ରେଣୀରେ ଯୋଗ ଦେଲେ । ୧୯୪୮ ମସିହାରେ ବି.ଏ. ଶ୍ରେଣୀରେ ଅଧ୍ୟୟନ ଆରମ୍ଭ କଲେ । ୧୯୫୦ ମସିହାରେ କୃତିତ୍ୱର ସହ ବି.ଏ. ପାଶ୍‌କଲେ ଫକୀରମୋହନ କଲେଜରୁ । ୧୯୪୬ ରୁ ୧୯୫୦ ପର୍ଯ୍ୟନ୍ତ ବାଲେଶ୍ୱରରେ ତାଙ୍କ କଲେଜ ଛାତ୍ର ଜୀବନ ବିତିଥିଲା । ବିଂଶ ଶତାବ୍ଦୀର ଇତିହାସ ପୃଷ୍ଠାରୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ଧକାର ଦୂର ହୋଇଥିଲା । ଏସିଆ ନବ ଜାଗରଣର ନୂତନ ସୂର୍ଯ୍ୟୋଦୟରେ ଭାରତ ସ୍ୱାଧୀନ ହେଲା । ରେଭେନ୍‌ସା କଲେଜ ଓଡ଼ିଶାର ପ୍ରଥମ ମହାବିଦ୍ୟାଳୟ । ଓଡ଼ିଶାର ଶିକ୍ଷା କ୍ଷେତ୍ରରେ କେବଳ ନୁହେଁ, ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲା । ରେଭେନ୍ସା କଲେଜରେ ଅଧ୍ୟୟନ କରିବା ସେତେବେଳେ ଗୌରବପୂର୍ଣ୍ଣ ଘଟଣା ଥିଲା । ନରେନ୍ଦ୍ରନାଥ ୧୯୫୦ ଜୁଲାଇ ମାସରେ

ଏହି ଐତିହାସିକ ଶିକ୍ଷାନୁଷ୍ଠାନରେ ଇତିହାସରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ । ସେ ବାରିପଦା ବିଦ୍ୟାଳୟରେ ଛାତ୍ର ଥିଲାବେଳେ ଓ ପରବର୍ତ୍ତୀ ସମୟରେ ବାଲେଶ୍ୱର କଲେଜରେ ଅଧ୍ୟୟନ କାଳରେ ଓଡ଼ିଶାରେ ଖ୍ୟାତନାମା ସାରସ୍ୱତ ସ୍ରଷ୍ଟା ପ୍ରଫେସର ଡ.କୁଞ୍ଜ ବିହାରୀ ଦାଶଙ୍କ ସାନ୍ନିଧ୍ୟ ପାଇଥିଲେ । ଛାତ୍ରଭାବେ କୁଞ୍ଜବାବୁ ଲକ୍ଷ୍ୟ କରିଥିଲେ ଏହି ପ୍ରତିଭାଶାଳୀ ଛାତ୍ର ନରେନ୍ଦ୍ର ନାଥଙ୍କୁ । ତାଙ୍କର ନିଷ୍ଠା, ଆଗ୍ରହ, ଆକାଂକ୍ଷା କୁଞ୍ଜବାବୁଙ୍କୁ ମୁଗ୍ଧ କରିଥିଲା । ପୁଣି ସେ ଜାଣିଥିଲେ ଛାତ୍ରଟିର ଆର୍ଥିକ ଦୁଃସ୍ଥିତି, ଅଭାବ, ଅସୁବିଧା, କିନ୍ତୁ ଶ୍ରଦ୍ଧାଭାଜନ ଅଧ୍ୟାପକ ଡ.ଦାଶ ବି.ଏ. ଶେଷବର୍ଷ ଫକୀରମୋହନ କଲେଜ ଛାଡ଼ି ଶାନ୍ତି ନିକେତନ ଚାଲିଗଲେ । ତଥାପି ସେ ସଂପର୍କ ରଖୁଥିଲେ ବିନୟୀ ଛାତ୍ର ମିଶ୍ରଙ୍କ ସହ । ଯେଉଁଠି ଛାତ୍ରଟିର ନିରୁତ୍ସାହ ଓ ଅଧୈର୍ଯ୍ୟଭାବ ଦେଖନ୍ତି- ସେ ଏହିପରି ଚିଠି ଲେଖନ୍ତି- "ସ୍ନେହର ନରେନ୍ଦ୍ର, ମୋର ହୃଦୟଭରା ଆଶୀର୍ବାଦ ଗ୍ରହଣ କରିବ... ଜୀବନରେ ପରୀକ୍ଷାକୁ ତୁମେ ଯେତେ ବଡ଼ ସ୍ଥାନ ଦେଇଛ ତାହା ଯଥାର୍ଥରେ ତାର ପ୍ରାପ୍ୟ ନୁହେଁ । ତୁମ ଦ୍ୱାରା ଭବିଷ୍ୟତରେ ବଡ଼ ବଡ଼ କାର୍ଯ୍ୟ ସାଧିତ ହେବ । ଏ ସାମାନ୍ୟ ବିପଦରେ ଧୈର୍ଯ୍ୟ ହରାଇଲେ ବଡ଼ବଡ଼ କାର୍ଯ୍ୟ ସାଧନ କରିବ କିପରି ? ତମର ହୃଦୟ ଉଚ୍ଚ ଓ ନିର୍ମଳ, ଆକାଂକ୍ଷା ବିରାଟ, ସାଧନା ଓ ଅଧ୍ୟବସାୟ ଅଛି । ତୁମେ ଜଣେ ବଡ଼ ଲୋକ ହେବ । ମୁଁ ଏହା ବାଣୀ ଉଚ୍ଛ୍ୱାସରେ କହୁନାହିଁ । ଅନ୍ତରରେ ଅନୁଭବ କରୁଛି ।" କିନ୍ତୁ ରେଭେନ୍ସା କଲେଜରେ ପାଠପଢ଼ିବା ସମୟର କେତୋଟି ଘଟଣା ତାଙ୍କ ଜୀବନର ଅଭୁଲା ସ୍ମୃତି । ମାତ୍ର କେତୋଟି ମାସ ପାଠ ପଢ଼ିଲା ପରେ ନରେନ୍ଦ୍ରନାଥଙ୍କୁ ରେଭେନ୍ସା କଲେଜ ଛାଡ଼ିବାକୁ ପଡ଼ିଲା । ସେଦିନର କଥା ଆଜିର ଇତିହାସ । ସେ ତେଣୁ ଲେଖିଛନ୍ତି- "ମୁଁ ନୂଆ ହୋଇ ଖୋଲିଥିବା ରେଭେନ୍ସାର ଇତିହାସ ଏମ୍.ଏ. ଶ୍ରେଣୀରେ ପଢ଼ିଲି । ତା ସଙ୍ଗେ ବି.ଏଲ୍.ବି ପଢୁଥାଏ । ଶାସନ ବିଭାଗ ଚାକିରି ପାଇଁ ଆମେ ତିନି ଚାରିଜଣ ବନ୍ଧୁ ଏକାଠି ବସି ପଢ଼ାପଢ଼ି କରୁଥିଲୁ । ଯେଉଁମାନଙ୍କର ଆର୍ଥିକ ଅବସ୍ଥା ଭଲନଥାଏ, ସେମାନେ କୌଣସି ଅଫିସରେ କିରାଣୀ କାମ କରୁଥିଲେ, ବା ଟିଉସନ କରୁଥିଲେ । ବାରିପଦା ସ୍କୁଲ ସାଙ୍ଗ ଓ କଲେଜରେ ମୋର ସହାଧ୍ୟାୟୀ ଅଖିଳଚନ୍ଦ୍ର ପଣ୍ଡା ଅର୍ଥନୀତିରେ ଅନର୍ସ ପାଇ କେବଳ ବି.ଏଲ୍. ପଢୁଥିଲେ । ସ୍କୁଲ ଓ କଲେଜରେ ବକ୍ତା ଓ ଲେଖକ ଭାବରେ ତାଙ୍କର ସୁନାମ ଥିଲା । ତାଙ୍କର ସାର୍‌ଙ୍କ (କୁଞ୍ଜବାବୁଙ୍କ) ସଙ୍ଗେ ପରିଚୟ ଥିଲା । ସେଦିନ ଗୋଟିଏ ଦରଖାସ୍ତ ଲେଖି ଆଣି ମୋତେ କହିଲେ, ତୁମେ ଶାନ୍ତି ନିକେତନରେ

ଗବେଷକ ହୋଇ ଯାଅ । ତାଙ୍କୁ ସାର୍ ଯିବାକୁ ଲେଖିଥିଲେ, ସେ କଟକ ଛାଡ଼ିବାକୁ ରାଜି ନଥିଲେ । କିଛି ନ ଭାବି ତାଙ୍କ କଥାରେ ଦସ୍ତଖତଟିଏ ମାରିଦେଲି । ଓ.ଏ.ଏସ୍. ପରୀକ୍ଷା ପାଇଁ ଲାଗିଗଲି ।" ଏହାର କିଛିଦିନ ପରେ ନରେନ୍ଦ୍ର ବାବୁ ଚିଠିଟିଏ ପାଇଲେ କୁଞ୍ଜବାବୁଙ୍କ ଠାରୁ । ଯେଉଁ ଚିଠିରେ ଥିଲା- ତାଙ୍କ ଗତିପଥ ପରିବର୍ତ୍ତନର ସୂଚନା ମାତ୍ର । ଚିଠିଟି ପଢ଼ି ବିସ୍ମିତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇଗଲେ । ସେ ଗାଁକୁ ଚାଲି ଯାଇଥିଲେ, କାରଣ ସେ ଭାବି ନଥିଲେ ଅବିଳମ୍ବେ କଟକ ଛାଡ଼ି ଶାନ୍ତିନିକେତନ ଯିବାକୁ ପଡ଼ିବ ବୋଲି । ଘରେ ପରାମର୍ଶ କଲାପରେ କେହି ରାଜି ହେଲେନାହିଁ କଟକ ପଢ଼ା ଛାଡ଼ିବା ପାଇଁ । ଉଚ୍ଚଶିକ୍ଷା ଓ ଭବିଷ୍ୟତରେ ଉଚ୍ଚ ସରକାରୀ ଚାକିରି ବା ଓକିଲାତିର ମୋହରେ ସେ ବାନ୍ଧିହୋଇ ତାଙ୍କ ମତାମତ ବନ୍ଧୁବାନ୍ଧବଙ୍କୁ ଜଣାଇଲେ । ତେଣୁ ଗାଁରେ ଥିବା ସମୟରେ କୁଞ୍ଜବାବୁଙ୍କ ଆଉ ଏକ ଚିଠିର କେତୋଟି ଶବ୍ଦ ଭାବପ୍ରବଣ ନରେନ୍ଦ୍ର ବାବୁଙ୍କୁ ଆଲୋଡ଼ିତ କରିଦେଲା । ଚିଠିଟି ଥିଲା ଏହିପରି -

ବିଶ୍ୱଭାରତୀ
ଶାନ୍ତିନିକେତନ, ପଶ୍ଚିମବଙ୍ଗ
ତା.୧୨-୧୦-୧୯୫୦

ସ୍ନେହର ନରେନ୍ଦ୍ର,

୩ଖଣ୍ଡ ପତ୍ର କଟକ ଠିକଣାରେ ଦେଲିଣି, କୌଣସି ଉତ୍ତର ମିଳୁନାହିଁ । ତୁମେ ଗବେଷକ ହିସାବରେ ବିଶ୍ୱଭାରତୀରେ ନିଯୁକ୍ତ ହେଲ । ନିଯୁକ୍ତି ପତ୍ର କଟକ ଠିକଣାରେ ଯାଇଛି । ତୁମ କଥା ଅନୁସାରେ ସବୁ କାର୍ଯ୍ୟ ହୋଇଛି । ତେଣୁ ଯେ କୌଣସି ମତେ ଆସି ଶୀଘ୍ର ଯୋଗଦିଅ । ... ଯଦି ନିତାନ୍ତ ଅସୁବିଧା ଥାଏ ପୂଜାପରେ ନଭେମ୍ବର ୧୫ରେ ଏଠାରେ ଯୋଗଦେବ । ତୁମେ ଯୋଗ ନଦେଲେ ଆମର ଇଜ୍ଜତ ପଦାରେ ପଡ଼ିବ । ଏଠାରେ ରହି ଏମ୍.ଏ. ପରୀକ୍ଷା ଦେବାରେ କୌଣସି ଅସୁବିଧା ନାହିଁ । ଶୀଘ୍ର ଆସ ।

। ଇତି ।
ଶୁଭାକାଂକ୍ଷୀ
କୁଞ୍ଜ ବିହାରୀ ଦାଶ

ଚିଠିଟି ପାଇବା ପରେ ନରେନ୍ଦ୍ର ବାବୁ ଶାନ୍ତିନିକେତନ ଯିବାପାଇଁ ନିଷ୍ପତ୍ତି ନେଲେ । ସେ ଦିନର ଏହି ବିଚିତ୍ର ଅନୁଭବର କଥା ସେ ଅତି ସୁନ୍ଦର ଭାବରେ ଲେଖିଛନ୍ତି-

-"ଚିଠିଟି ପାଇବାପରେ ଭବିଷ୍ୟତ ଲାଭ କ୍ଷତିର କୌଣସି ବିଚାର ନକରି ଶାନ୍ତି ନିକେତନ ଯିବାକୁ ସଂକଳ୍ପ କଲି । ଆମ ଜାତୀୟ ଇଜ୍ଜତ ପଦାରେ ନପଡ଼େ ।" ନରେନ୍ଦ୍ରବାବୁ ଶାନ୍ତିନିକେତନ ଅଭିମୁଖେ ଯାତ୍ରା କଲେ ୧୪-୧୧-୧୯୫୦ଦିନ । ଶାନ୍ତି ନିକେତନର ରତନପଲ୍ଲୀସ୍ଥ ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନଙ୍କ ବସାରେ ପହଞ୍ଚିଲେ ଓ ତା' ପରଦିନ ସେ ଗବେଷଣା କର୍ମୀ ଭାବରେ କାର୍ଯ୍ୟରେ ଯୋଗ ଦେଲେ । "୧୫-୧୧-୧୯୫୦ ସକାଳେ ଅଧ୍ୟକ୍ଷ ଆସି ମୋତେ ଅତିଥିଶାଳାରୁ ସଙ୍ଗରେ ଘେନିଯାଇ କେନ୍ଦ୍ର ଗ୍ରନ୍ଥାଗାର ଉପରେ ଓଡ଼ିଆ ବିଭାଗ, ବିଦ୍ୟାଭବନ ଗ୍ରନ୍ଥାଗାର ଦେଖାଇ ଦେଲେ । ତାଙ୍କ ସଙ୍ଗରେ ଚୀନା ଭବନରେ ଥିବା ଅଫିସକୁ ଗଲି । ବିଦ୍ୟାଭବନର ଏକମାତ୍ର ଅଫିସକର୍ମୀ ଭାରତୀଦା ଗେରୁଆ ପିନ୍ଧା ଜଣେ ସନ୍ୟାସୀ ଭଳି, ସସ୍ନେହ ବ୍ୟବହାର । ମୋ ଠାରୁ କାର୍ଯ୍ୟରେ ଯୋଗଦେବାର ଚିଠି ଲେଖାଇ ନେଲେ । 'ତିନି ସଙ୍ଗୀ'ରେ ଚିତ୍ତବାବୁ ପୂର୍ବରୁ ଯେଉଁ ଘରେ ରହୁଥିଲେ, ସେଇଠି ରହିଲି । ଜୀବନରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା ।" ଓଡ଼ିଆ ବିଭାଗର ବହି ଓ ପତ୍ର-ପତ୍ରିକାର ଯତ୍ନ ନେବା ଓ ସାମୟିକ ଖର୍ଚ୍ଚର ହିସାବ ରଖିବା ଥିଲା ତାଙ୍କର ପ୍ରଧାନ କାମ । କଲିକତା ବିଶ୍ୱବିଦ୍ୟାଳୟରୁ ଘରୋଇ ଭାବେ ଇତିହାସରେ ଏମ୍.ଏ. ପରୀକ୍ଷା ଦେବାପାଇଁ ମନସ୍ଥକରି ପଢ଼ାପଢ଼ି ମଧ୍ୟ କଲେ । ଏ କ୍ଷେତ୍ରରେ ଅଧ୍ୟକ୍ଷ ଡ.ବାଗ୍‌ଚୀ ତାଙ୍କୁ ଖୁବ୍ ଉତ୍ସାହିତ କରୁଥିଲେ । ଏହି ସମୟରେ ଅର୍ଥାତ୍ ୧୯୫୧ରେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପରିଣତ ହେଲା । ସଂସ୍କୃତ, ବଙ୍ଗଳା, ହିନ୍ଦୀ, ଓଡ଼ିଆ, ଇଣ୍ଡୋଲଜି ପ୍ରଭୃତି ବିଷୟରେ ଏମ୍.ଏ. ଶ୍ରେଣୀ ଖୋଲିଲା । ଗବେଷଣାକର୍ମୀ ଓ ଶିକ୍ଷକମାନଙ୍କୁ ଏଥିରେ ଅଧ୍ୟୟନ ପାଇଁ ଉତ୍ସାହିତ କରାଗଲା । ନରେନ୍ଦ୍ର ବାବୁ ସେଥିପାଇଁ ଲେଖିଛନ୍ତି- " ମୁଁ ଓଡ଼ିଆରେ ଏମ୍.ଏ. ପଢ଼ିବାପାଇଁ ସୁଯୋଗ ପାଇଲି । ଇତିହାସ ନ ପଢ଼ି ଓଡ଼ିଆ ପଢ଼ିବା ଫଳରେ ଓଡ଼ିଆରେ କିଛି ମୌଳିକ ରଚନା ଓ ଆଲୋଚନା ଲେଖିବା ସମ୍ଭବ ହେଲା । ସାପ୍ତାହିକ ପାଠଚକ୍ରରେ ଯେଉଁ ପ୍ରବନ୍ଧ ସବୁ ପଢୁଥିଲି ତାହା ପତ୍ର-ପତ୍ରିକାରେ ପ୍ରକାଶିତ ହେଉଥିଲା । କବିତା, ଗଳ୍ପ, ଭ୍ରମଣ ଲେଖା ରଚନାରେ ହାତ ଦେଇ କିଛି ସାଫଲ୍ୟ ଲାଭ କରିଥିଲି । ତେବେ ଇଂରାଜୀରେ ଓଡ଼ିଆ କବିତାର ଅନୁବାଦ ମଧ୍ୟ ପ୍ରକାଶ ପାଇଁ ଚେଷ୍ଟା କରୁଥିଲି । ଇଂରେଜୀ ଆଲୋଚନାତ୍ମକ ପ୍ରବନ୍ଧ ଲେଖି ସାମାନ୍ୟ ଅର୍ଥ ଲାଭ ହେଉଥିଲା । ସେତେବେଳେ ଶାନ୍ତି ନିକେତନ ପ୍ରଥମ ବ୍ୟାଚର ଓଡ଼ିଆ ଏମ୍.ଏ. ଶ୍ରେଣୀରେ ପାଠ୍ୟକ୍ରମ ସଂପର୍କରେ ଆଲୋକପାତ କରିବାକୁ

ଯାଇ ସେ କହିଛନ୍ତି "ଓଡ଼ିଆ ଏମ୍.ଏ.ରେ ଓଡ଼ିଆ ସାହିତ୍ୟ ପାଇଁ ମାତ୍ର ଦୁଇଟି ପତ୍ର ଥିଲା । ଗୋଟିଏ ପ୍ରାଚୀନ ଓ ଅନ୍ୟଟି ଆଧୁନିକ । ଭାଷାତତ୍ତ୍ୱ ଓ ପାଲି ପ୍ରାକୃତ ଦୁଇଟି ପତ୍ର ଏବଂ ଅନ୍ୟଟି ଭାରତୀୟ ଭାଷା ଓ ସାହିତ୍ୟ ଗୋଟିଏ ପତ୍ର । ମୁଁ ହିନ୍ଦୀ ଓ ମୋର ସହାଧ୍ୟାୟୀ ଦୁର୍ଗାଚରଣ ପରିଡ଼ା ଓ ନରେନ୍ଦ୍ର ମୋହନ ବେହେରା ବଙ୍ଗଳା ନେଇଥିଲେ । ତିନିଶହ ନମ୍ବର ଥେସିସ୍ ପାଇଁ ଥିଲା । ମୋର "ବଳରାମ ଦାସ- ଓଡ଼ିଆ ରାମାୟଣ" ଏଇ ପାଠ୍ୟକ୍ରମରେ ଲେଖା ହୋଇଥିଲା । ଏହାର ପରୀକ୍ଷକ ପଣ୍ଡିତ ନୀଳକଣ୍ଠଙ୍କ ମୁଖବନ୍ଧ ଏହାର ମହତ୍ତ୍ୱ ବଢ଼ାଇ ଦେଇଥିଲା ।" ୧୯୫୪ ସାଲରେ ନରେନ୍ଦ୍ର ବାବୁ ଓଡ଼ିଆରେ ଏମ୍.ଏ. କୃତିତ୍ୱର ସହ ପାଶ୍ କଲେ । ଗବେଷଣା କର୍ମୀଭାବରେ ୧୯୫୦-୧୯୫୪ କାର୍ଯ୍ୟ କରିଲା ପରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ 'ବିଶ୍ୱଭାରତୀ' ଓଡ଼ିଆ ସ୍ନାତକୋତ୍ତର ବିଭାଗରେ ଗବେଷକ ଭାବରେ ୧୯୫୪-୧୯୫୭ ପର୍ଯ୍ୟନ୍ତ ରହି ନିଜର କର୍ତ୍ତବ୍ୟନିଷ୍ଠା ପ୍ରମାଣିତ କରିଥିଲେ ।

କର୍ମ ସହ ଜୀବନର ଆଉ ଏକ ଦିଗ :

ବିଦ୍ୟା ଅର୍ଜନ ପରେ ବିଦ୍ୟାଦାନକୁ ଏକ ପବିତ୍ର କାର୍ଯ୍ୟ ରୂପେ ଗ୍ରହଣ କରି କର୍ତ୍ତବ୍ୟ ପଥରେ ନରେନ୍ଦ୍ର ବାବୁ ଆଗୁସାର ହେଲେ । ୧୯୫୭ ମସିହାରେ କେନ୍ଦୁଝର ବିଜ୍ଞାନ କଲେଜରେ ଅଧ୍ୟାପକ ଭାବରେ କାର୍ଯ୍ୟାରମ୍ଭ କଲେ । ସେ ଏହି ସମୟରେ ବିଶ୍ୱଭାରତୀର ଓଡ଼ିଆ ବିଭାଗରେ ଅସ୍ଥାୟୀ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଥିଲେ । କେନ୍ଦୁଝର ବିଜ୍ଞାନ କଲେଜରେ ଏକ ବର୍ଷ ଏଗାରମାସ କାର୍ଯ୍ୟକଲା ପରେ ୧୯୫୯ ମସିହା ଜୁଲାଇ ମାସରେ ନରେନ୍ଦ୍ର ବାବୁ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଯୋଗ୍ୟ ବିବେଚିତ ହୋଇ ଫକୀରମୋହନ କଲେଜ, ବାଲେଶ୍ୱରରେ ଯୋଗ ଦେଲେ । ଇତିମଧ୍ୟରେ 'ବିଶ୍ୱଭାରତୀ' ଓଡ଼ିଆ ବିଭାଗରେ ତୃତୀୟ ଅଧ୍ୟାପକ ପଦ ସ୍ଥାୟୀ ଭାବେ ସୃଷ୍ଟିହୋଇ ସାରିଥିଲା । ଡ.ମିଶ୍ର ଏହି ବିଷୟରେ ଲେଖିଛନ୍ତି "ଇତି ମଧ୍ୟରେ ବିଶ୍ୱଭାରତୀରେ ସାର୍ ତୃତୀୟ ଅଧ୍ୟାପକ ପଦ ସୃଷ୍ଟି କରାଇଥିଲେ । ମୁଁ ଥରେ ନିଯୁକ୍ତି ପାଇ ଏଠି ଯୋଗଦେଇ ନଥିବାରୁ ମୁଁ ପ୍ରାର୍ଥୀ ଥିଲେ ବି ମୋତେ ସାକ୍ଷାତ୍କାର ପାଇଁ ଡକା ହୋଇନଥିଲା । ସେଥିରେ ମାତ୍ର ଦୁଇ ଜଣ ପ୍ରାର୍ଥୀଙ୍କୁ ଡକାଯାଇଥିଲା । କାହାରିକୁ ବଛାଯାଇନଥିଲା । ବାଲେଶ୍ୱରରେ ଥାଇ ମୁଁ ପିଏଚ୍.ଡି. ଥେସିସ୍ ଦେଇ ସାରିଥିଲି । ଦ୍ୱିତୀୟଥର ନିର୍ବାଚନରେ ୭-୮ ଜଣ ପ୍ରାର୍ଥୀଙ୍କୁ ଡକାଯାଇଥିଲା । ମୁଁ ଚାରିଟି ଇନ୍‌କ୍ରିମେଣ୍ଟ ପାଇ ନିର୍ବାଚିତ ହୋଇଥିଲି । ୧୯୬୦

ଏପ୍ରିଲ ଦୁଇ ତାରିଖରେ ଓଡ଼ିଶାରୁ ସରକାରୀ ଚାକିରି ଛାଡ଼ି ବିଶ୍ୱଭାରତୀରେ ଅଧ୍ୟାପକ ଭାବରେ ଯୋଗ ଦେଲି ।" ସେହିଦିନ ଠାରୁ ବିଶ୍ୱଭାରତୀରେ ଆରମ୍ଭ ହେଲା ତାଙ୍କ କର୍ମମୟ ଜୀବନର ଆଉ ଏକ ଅଧ୍ୟାୟ । ୧୯୭୦ ମସିହାରେ ସେ ପ୍ରାଧ୍ୟାପକ ପଦକୁ ଏବଂ ୧୯୮୩ରେ ପ୍ରଫେସର ପଦକୁ ଉନ୍ନିତ ହୋଇ ଓଡ଼ିଆ ବିଭାଗରେ କାର୍ଯ୍ୟ କରି ନିଜର କର୍ତ୍ତବ୍ୟନିଷ୍ଠାର ପ୍ରମାଣ ଦେଲେ । ପ୍ରଫେସର ମିଶ୍ର ତାଙ୍କ କର୍ତ୍ତବ୍ୟପରାୟଣତା ଯୋଗୁଁ ଓଡ଼ିଆ ବିଭାଗର ସମ୍ମାନ ବୃଦ୍ଧି କରିବା ସହିତ ଅଗଣିତ ଛାତ୍ରଛାତ୍ରୀଙ୍କର ପ୍ରିୟ 'ନରେନ୍ଦ୍ର ସାର୍' ହୋଇଗଲେ । ଓଡ଼ିଆ ସାହିତ୍ୟରେ ସୁଖ୍ୟାତ ଗବେଷକ, ପ୍ରାବନ୍ଧିକ ଓ ସମାଲୋଚକ ପ୍ରଫେସର ଡ.ଖଗେଶ୍ୱର ମହାପାତ୍ରଙ୍କ ନିମ୍ନ ଚିଠି ଏହି ସତ୍ୟର ସଙ୍କେତ ବହନ କରେ ।

ପ୍ରିୟ ନରେନ୍ଦ୍ର ବାବୁ,

ବଧାଇ ଆପଣଙ୍କୁ । ଏତେ ଦିନକେ ଆପଣ ଓଡ଼ିଆଙ୍କ ମାନ-ସମ୍ମାନ ସେଠି ରକ୍ଷାକଲେ । ଓଡ଼ିଆ ପ୍ରଫେସର ବିଜ୍ଞାପନ ଦେଖି ଚମକି ପଡ଼ିଲି । ରିଡାର ପଦଟି ଖୋଲିବା ପାଇଁ ସେଦିନ କେତେ କଷ୍ଟ ପଡ଼ି ନଥିଲା । ସେ ତୁଳନାରେ ପ୍ରଫେସର ପଦ ପାଇଁ କେତେ ଯେ ଅଧିକ କାଠଗଡ଼ ପୋଡ଼ିବାକୁ ପଡ଼ିଥିବ, ସେଇକଥା ବିଚାରି ବଧାଇ ଜଣାଇବାକୁ ବେଳ ପାଇଛି । ଛାତ୍ର ସଂଖ୍ୟା ତ କ୍ରମଶଃ ବଢୁଛି । ପ୍ରଫେସର ପଦ ହୋଇଗଲେ ଆଉ କଥା ନାହିଁ । ଯଥାର୍ଥରେ ସେଠି ଓଡ଼ିଆ ଷ୍ଟଡିର ଏକ ଭିଜିବଲ ସେଣ୍ଟାର ପ୍ରତିଷ୍ଠା ପାଇବ । ଆପଣଙ୍କୁ ପିଲାଙ୍କ ପାଇଁ ଗୁଡ଼ାଏ ଭୋଗିବାକୁ ପଡ଼ିଲା । ଭଗବାନ ସେମାନଙ୍କୁ ଭଲରେ ରଖନ୍ତୁ । ମୋ କଥା କଣ ଲେଖିବି । ଜାଣୁଥିବେ ତ 'ଦିଲ୍ଲୀକା ଲଡୁ' ଖାଇଛି ।

ନମସ୍କାର

ଖଗେଶ୍ୱର

୪୭, ଟାଗୋରପଡ଼ା, ନୂଆଦିଲ୍ଲୀ-୨

ଦୀର୍ଘକାଳଧରି ବିଭାଗୀୟ ମୁଖ୍ୟ ଭାବରେ ସେ ବିଶ୍ୱଭାରତୀରେ ଓଡ଼ିଆ ପରମ୍ପରା, ଓଡ଼ିଆ ସଂସ୍କୃତି, ଓଡ଼ିଆ ଭାଷା, ସାହିତ୍ୟର ପ୍ରସାରରେ ବହୁ ପଦ ଗ୍ରହଣ କରିଥିଲେ । ବିଶ୍ୱଭାରତୀରେ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇଥିଲେ । ଓଡ଼ିଆ ବିଭାଗ ବ୍ୟତୀତ ଅନ୍ୟ ବିଭାଗ, ସର୍ବୋପରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା, କର୍ମଚାରୀ, ଶାନ୍ତିନିକେତନର ଅଧିବାସୀମାନେ ନରେନ୍ଦ୍ର ବାବୁଙ୍କୁ ଉଚ୍ଚ ସମ୍ମାନ

ଦେଉଥିଲେ । ଏହି ଯଶସ୍ୱୀ ସାହିତ୍ୟସ୍ରଷ୍ଟାଙ୍କର ସମଗ୍ର ସୃଷ୍ଟିଶୀଳ ଜୀବନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଛାତ୍ର ଓ ଶିକ୍ଷକ ଭାବେ ଅତିବାହିତ । ସେଥିପାଇଁ ଏହି ଅମାୟିକ ବ୍ୟକ୍ତିତ୍ୱଙ୍କର ଷଷ୍ଟି ପୂର୍ତ୍ତି ଉପଲକ୍ଷେ ୧୯୮୯ ମସିହାରେ ଶାନ୍ତିନିକେତନ ଓଡ଼ିଆ ବିଭାଗ ପକ୍ଷରୁ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇ ଡ.ମିଶ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ଏବଂ ପରେ ଏହି ଉଦ୍ଦେଶ୍ୟରେ ଏକ ସୁଦୃଶ୍ୟ ଅଭିନନ୍ଦନ ଗ୍ରନ୍ଥ ତାଙ୍କର ପୂର୍ଣ୍ଣ ଅବସର ଗ୍ରହଣ ଦିବସରେ ପ୍ରକାଶିତ ହୋଇଥିଲା । ୨୩, ଅକ୍ଟୋବର ୧୯୯୪ ମସିହାରେ ସେ ବିଶ୍ୱଭାରତୀର ଓଡ଼ିଆ ବିଭାଗରୁ ପୂର୍ଣ୍ଣ ଅବସର ଗ୍ରହଣ କରିଥିଲେ ।

ସାରସ୍ୱତ ସାଧନାର ନବଦିଗନ୍ତ :

ବହୁ ପ୍ରଖ୍ୟାତ ସାରସ୍ୱତ ସାଧକଙ୍କ ପରି ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କ ସାରସ୍ୱତ ସାଧନା ତାଙ୍କ ଅଜାଣତରେ କବିତାରୁ ହିଁ ଆରମ୍ଭ ହୋଇଥିଲା । ସାହିତ୍ୟରଚନା କରିବାପାଇଁ ସେ କେବେ ଯୋଜନା ପ୍ରସ୍ତୁତ କରି ସାହିତ୍ୟ ଲେଖିନାହାନ୍ତି । ତାହା ସ୍ୱତଃସ୍ଫୂର୍ତ୍ତ । ବାରିପଦା ହାଇସ୍କୁଲରେ ପଢ଼ିଲା ସମୟରେ ତାଙ୍କ ସୃଷ୍ଟିର ପ୍ରଥମ କଦମ୍ବ ପ୍ରସ୍ଫୁଟିତ ହୋଇଥିଲା । ତାଙ୍କରି ଭାଷାରେ- "ବାରିପଦା ହାଇସ୍କୁଲରେ ପଢ଼ିଲାବେଳେ କିଛିକିଛି କବିତା ଲେଖୁଥିଲି । ତାହା 'ଡଗର'ର ନାଗବଛା ବିଭାଗରେ ପ୍ରକାଶିତ ହେଉଥିଲା । କେତେବେଳେ ମୋ ନାମରେ ବା ମୋ ବନ୍ଧୁମାନଙ୍କ ନାମରେ । ଯାହା ମନେ ପଡୁଛି, ମୋର ପ୍ରଥମ କବିତାର ନାମ "ବିକଚୋନ୍ମୁଖ କବିତା- କଳିକା ।" ଲୋକରତ୍ନ ଡଃ କୁଞ୍ଜବିହାରୀ ଦାଶଙ୍କ ସାନ୍ନିଧ ଓ ପ୍ରେରଣା ପାଇ ତାଙ୍କ ସାହିତ୍ୟ-ବୀଜଟିର ଅଙ୍କୁରୋଦ୍‌ଗମ୍ ହେଲା । ବାରିପଦା ହାଇସ୍କୁଲରେ କୁଞ୍ଜବାବୁ ଶିକ୍ଷକ ଥିବା ସମୟରେ ଉଭୟଙ୍କ ସଂପର୍କ ନିବିଡ଼ ହୋଇ ଯାଇଥିଲା । କୁଞ୍ଜବାବୁ ଯେତେବେଳେ ବାରିପଦା ହାଇସ୍କୁଲ ପରିତ୍ୟାଗ କରି ଅନ୍ୟତ୍ର ଗଲେ, ସେତେବେଳେ କିଶୋର ନରେନ୍ଦ୍ରନାଥ ଏକ ଭାବପ୍ରବଣ ମୁହୂର୍ତ୍ତରେ କବିତାଟିଏ ଲେଖିଥିଲେ-

"ସ୍ୱରୂପ ସୁନ୍ଦର ସୁଗୁଣୀ ଦେବତା
ହସି କହୁଥିଲ ଆମ ଆଗେ କଥା ।
ଆଜି ଦୂରଦେଶୁଁ ପାଇଲ ବାରତା
ଚାଲିଗଲ ମନେ ରଖି ମନକଥା ।
କେଉଁ ସୁଖ ଆଉ କିଲାଭ ଆଶିରି
ଚାଲିଗଲ ଆମ୍ଭମାନଙ୍କୁ ପାସୋରି ।"

କବିତା ପରେ କବିତା ସେ ରଚନା କରିଛନ୍ତି ଜୀବନ ସାରା । ୧୯୫୧ରେ 'ଶାନ୍ତିଦୂତ' କବିତା 'ସହକାର'ରେ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ପାଇଥିଲା । ସେହିପରି- 'ପ୍ରଭାତୀ'ରେ ପ୍ରକାଶିତ 'ତୁମକୁ କହିଛି' କବିତା ପାଠକ ହୃଦୟକୁ ସ୍ପର୍ଶ କରିଥିଲା-

"ତୁମକୁ କହିଛି, କହିଛି ଏକଥା
ବାଦଲ ଭେଳାର ଲାଗି ।
ବନ ଓ ସାଗର
କଥା ବି କହିଛି
କହିଛି ତମର କାନେ
ପ୍ରତି ତରଙ୍ଗ ତାଳଧରେ ଯେଉଁ ଗାନେ"

ଏହିପରି ବହୁ କବିତା ବିଭିନ୍ନ ପତ୍ର-ପତ୍ରିକା ପୃଷ୍ଠା ମଣ୍ଡନ କରିଥିଲା । ଜୀବନର ସବୁ ସମୟରେ ସେ କବିତା ଲେଖନ୍ତି । ସେ ଏହି ସଂପର୍କରେ ଦେଇଥିବା ମତକୁ ଉଦ୍ଧାର କରାଯାଇପାରେ । "କବିତା ଲେଖା ଛାଡ଼ିନି । ମନ ଦୁଃଖ ହେଲେ, ମନ ଆନନ୍ଦ ହେଲେ ବା କୌଣସି ଆଶ୍ଚର୍ଯ୍ୟ ବା ସୁନ୍ଦର ପ୍ରାକୃତିକ ଦୃଶ୍ୟରେ ମୁଗ୍ଧ ହେଲେ କବିତା ଲେଖି ପକାଏ । କବିତା ଲେଖି ସାରିଲା ପରେ ମାନସିକ ଶାନ୍ତି ପାଏ । କବିତା ବ୍ୟତୀତ ବହୁ ଗଳ୍ପ ବି ଲେଖିଛି ଓ ତାହା ପ୍ରକାଶିତ ମଧ୍ୟ ହୋଇଛି ।"

କବିତା ନୁହେଁ ପ୍ରବନ୍ଧ :

ସମାଲୋଚନା ଜୀବନର ସଫଳ ଅଭିବ୍ୟକ୍ତି :

କବି ନରେନ୍ଦ୍ରନାଥଙ୍କ ପ୍ରତିଭା କବିତା ଭିତରେ ସୀମିତ ହୋଇନାହିଁ, ତାହା ବିସ୍ତାରିତ ହୋଇଛି ପ୍ରବନ୍ଧ, ସମାଲୋଚନା ଦିଗକୁ । ପ୍ରବନ୍ଧ ସମାଲୋଚନା ଓଡ଼ିଆ ସାହିତ୍ୟର ବେଶ୍ ଉନ୍ନତ ବିଭାଗଟିଏ । ବହୁ ପ୍ରାବନ୍ଧିକ, ସମାଲୋଚକ ଏ ବିଭାଗରେ ଲେଖନୀ ଚାଳନା କରୁଥିଲେ ମଧ୍ୟ ପ୍ରଫେସର ଡ.ନରେନ୍ଦ୍ର ନାଥ ମିଶ୍ରଙ୍କ ସ୍ୱତନ୍ତ୍ରତା ବାରିହୋଇ ପଡ଼େ । ଶୈଳୀ, ବିଚାର, ଚିନ୍ତା ଚେତନାରେ ଓ ସର୍ବୋପରି ଦୃଢ଼ ଯୁକ୍ତି ଓ ମନନଶୀଳତାରେ ନରେନ୍ଦ୍ର ବାବୁଙ୍କ ପ୍ରବନ୍ଧ, ସମାଲୋଚନା ରସୋତ୍ତୀର୍ଣ୍ଣ ହୋଇଛି । ନରେନ୍ଦ୍ର ବାବୁଙ୍କ ପ୍ରବନ୍ଧ ରଚନା ବି କବିତା ରଚନା ପରି ଆକସ୍ମିକ । ଏକ ଘଟଣାର ପ୍ରତିକ୍ରିୟା କରିବାକୁ ଯାଇ ତାଙ୍କର ପ୍ରବନ୍ଧ ରଚନା । ଏହି ପ୍ରଥମ ପ୍ରବନ୍ଧ ତାଙ୍କୁ ସାହିତ୍ୟ ରଚନା କରିବାପାଇଁ ଯଥେଷ୍ଟ ଉତ୍ସାହ ପ୍ରଦାନ କଲା । ଏହି ପ୍ରବନ୍ଧଟି ତାଙ୍କ

ଜୀବନର ଏକ ଉଲ୍ଲେଖଯୋଗ୍ୟ କୃତି କେବଳ ନୁହେଁ, ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସୃଷ୍ଟି । ସେତେବେଳେ ସେ ବାଲେଶ୍ୱର କଲେଜର ଛାତ୍ରଥିଲେ । ସେ ଦିନର ଘଟଣା ଡ.ମିଶ୍ରଙ୍କ ଦ୍ୱାରା ବର୍ଣ୍ଣିତ ହୋଇଛି ସ୍ୱାଧୀନତାର ପ୍ରାକ୍ କାଳରେ । "୧୯୪୭ ଜୁଲାଇ ପହିଲାରେ ସ୍ୱର୍ଗତ କୁଞ୍ଜ ବିହାରୀ ଦାଶ ନୂତନ ଅଧ୍ୟାପକ ଭାବରେ ବାଲେଶ୍ୱର ସରକାରୀ କଲେଜରେ ଯୋଗ ଦେଲେ । ସେ ନିଜେ ଥିଲେ ସ୍ୱନାମଧନ୍ୟ କବି, ଲୋକ ସାହିତ୍ୟ ସଂଗ୍ରାହକ । କିନ୍ତୁ ତାଙ୍କର ଏକ ମହତ ଗୁଣ ଥିଲା- ଅଜ୍ଞାତ ତରୁଣମାନଙ୍କ ମଧ୍ୟରେ ରଚନା-ଶକ୍ତିର ସାମାନ୍ୟ ଇଙ୍ଗିତ ପାଇଲେ ସେ ସେମାନଙ୍କୁ ଆପଣାର କରି ନେଉଥିଲେ, ଲେଖିବା ପାଇଁ ଉତ୍ସାହିତ କରୁଥିଲେ । ସେ ଯେଉଁଠିକି ଯିବେ, ସେଠି ସାହିତ୍ୟସେବା ପାଇଁ ଅନୁଷ୍ଠାନଟିଏ ଗଢ଼ି ଉଠିବ । ୧୯୪୨ରେ ସେ ବାରିପଦା ହାଇସ୍କୁଲରେ ମୋତେ ଅଷ୍ଟମ ଶ୍ରେଣୀରେ ସଂସ୍କୃତ ପଢ଼ାଉଥିଲେ । xxx ଦୀର୍ଘ ପାଞ୍ଚ ବର୍ଷ ପରେ ତାଙ୍କୁ କଲେଜ ହଲ୍‌ରେ ଦେଖି ବିସ୍ମୟ ଓ ଆନନ୍ଦରେ ମନ ଅଧୀର ହୋଇ ଉଠିଲା ।" ସେ ପୁଣି ଲେଖିଛନ୍ତି- "ଫକୀରମୋହନ ସାହିତ୍ୟ ପରିଷଦର ସେହି ପ୍ରଥମ ଦିନ ଉଦ୍‌ଘାଟନ ସଭାରେ ସାର୍ ଜାତୀୟ ଜାଗରଣ ଘେନି ଯେଉଁ ଭାଷଣ ଦେଇଥିଲେ, ସେଇ ବିଷୟରେ ମୋର ପ୍ରତିକ୍ରିୟା ପ୍ରକାଶ କରି ଗୋଟିଏ ସାନ ଲେଖା ଲେଖିଥିଲି । ତାର ପ୍ରଥମ ପଙ୍‌କ୍ତିରେ ଥିଲା- 'ଦେଶପ୍ରେମ, ଜାତୀୟତା ଓ ଜାତୀୟ ପତାକା ମାନବତାର ପ୍ରଧାନ ଶତ୍ରୁ ।' ଅଖିଳ ସେ ଲେଖାକଥା କୁଞ୍ଜବାବୁଙ୍କ କାନକୁ ଆଣିଲେ । ସାର୍ ଲେଖାଟି ଦେଖିବାକୁ ଚାହିଁଲେ । ମୁଁ ବହୁତ ସନ୍ତର୍ପଣରେ ୫/୬ ପୃଷ୍ଠା ଲେଖି ସାରଙ୍କୁ ଦେଲି । ସାରଙ୍କ ଡାକରା ପାଇ ଅଖିଳ ଓ ମୁଁ କସବା ସାଇର ସାରଙ୍କ ବସାରେ ପହଞ୍ଚିଲୁ । ସାର୍ ସାନ୍ଧ୍ୟ ଭ୍ରମଣରୁ ଫେରୁଥିଲେ । ପ୍ରଥମେ ଖେଚୁଡ଼ି ଓ ଆଚାର ଖାଇବାକୁ ମିଳିଲା । ସାର୍ ଲୋକସାହିତ୍ୟ ସଂଗ୍ରହ କରୁଥିଲେ । ଗାଁକୁ ଗଲେ ଆମକୁ ଲୋକ ସାହିତ୍ୟ କିପରି ସଂଗ୍ରହ କରିବାକୁ ହେବ କହିଲେ । ଅସଲ ସଂସ୍କୃତି ଗାଁରେ ଅଛି, ତାକୁ ଜାଣିଲେ ନିଜ ଦେଶ ଓ ସମାଜର ଆତ୍ମାକୁ ଜାଣିହେବ, ମାତୃଭାଷା ସମୃଦ୍ଧ ହେବ ଇତ୍ୟାଦି ବିଷୟରେ ଆଲୋଚନା ଶେଷରେ ସାର୍ ପଢ଼ା ଟେବୁଲରେ ବସିଲେ । ମୁଁ ଭାବୁଥିଲି ସାର୍ ବୋଧହୁଏ ମୋ ଲେଖାକଥା ଭୁଲି ଯାଇଛନ୍ତି ବା ଅସାର ମନେ କରିଛନ୍ତି । ଆମେ ବିଦାୟ ନେଇ ବାହାରିବା ବେଳେ ସାର୍ ମୋ ଲେଖାଥିବା ଖାମ୍‌ଟି ମୋ ହାତକୁ ଦେଇ କହିଲେ, ଅନେକ ଭଲ କଥା ଲେଖିଛ, କିନ୍ତୁ ଓଡ଼ିଆକୁ ଇଂରେଜ କରି ଲେଖିଛ । ଆଉଥରେ ଲେଖିଆଣ । ଏଇ ମନ୍ତବ୍ୟ ସଙ୍ଗେ ଅଳ୍ପ କେତୋଟି

ବାକ୍ୟର ମାତ୍ର ପରିବର୍ତ୍ତନ କରାଯାଇଥିଲା । ସାର୍‌ଙ୍କ ନିର୍ଦ୍ଦେଶ କ୍ରମେ ମୁଁ ଲେଖାଟିକୁ ବହୁତ ଲାଗି ସଜାଡ଼ି ଲେଖିଲି । ସାର୍ ତାକୁ ସେ ସମୟର ବିଖ୍ୟାତ ପତ୍ରିକା 'ସହକାର'କୁ ପଠାଇବାକୁ କହିଲେ । ୧୯୪୯ ଅଗଷ୍ଟ ସଂଖ୍ୟା 'ସହକାର'ରେ ମୋର ପ୍ରଥମ ପ୍ରବନ୍ଧ, "ବିଶ୍ୱ ସମସ୍ୟା ସମାଧାନର ଐତିହାସିକ ବିଚାରକୋଣ" ପ୍ରକାଶ ପାଇଲା । ବାସ୍ତବରେ ଏହି ପ୍ରବନ୍ଧଟି ତାଙ୍କ ପ୍ରତିଭାର ଆଦ୍ୟ ସଙ୍କେତ କେବଳ ନୁହେଁ, ଭବିଷ୍ୟତ ଚେତନାର ସାର୍ଥକ ରୂପରେଖ । ପ୍ରବନ୍ଧଟିରେ ଡ.ମିଶ୍ରଙ୍କ ବଳିଷ୍ଠ ତଥ୍ୟ, ଯୁକ୍ତି ଓ ପ୍ରଜ୍ଞାର ସୁନ୍ଦର ସମନ୍ୱୟ ହୋଇଛି । ଏହି ରଚନାରେ ତାଙ୍କ ବ୍ୟକ୍ତିତ୍ୱର ପ୍ରତିଫଳନ ଘଟିଛି । ସେ ଏହି ପ୍ରବନ୍ଧରେ ଲେଖିଥିଲେ ବିଶ୍ୱର ଅଧୁନାତନ ଜଟିଳ ସମସ୍ୟା ଗୁଡ଼ିକର ସମାଧାନ ପଥରେ ଜାତୀୟତା, ସ୍ୱଦେଶପ୍ରେମ, ଅତୀତ ଇତିହାସର ଗୌରବ- ଏସବୁ ପ୍ରତ୍ୟେକ ଗୋଟିଏ ଗୋଟିଏ ବିରାଟ ପ୍ରତିବନ୍ଧକ ଭାବରେ ଦଣ୍ଡାୟମାନ । ମାନବ ସଭ୍ୟତାର ମୂଳରେ ବ୍ୟକ୍ତି ଓ ସମାଜର ଉନ୍ନତିହିଁ ନିହିତ ଥିଲା । ଏଥିପାଇଁ ତ ଗାନ୍ଧିଜୀ ତାଙ୍କ ରାମରାଜ୍ୟ ପରିକଳ୍ପନାରେ ବ୍ୟକ୍ତିକୁ ନିମ୍ନତମ ଏକକ ବୋଲି ଧରିଥିଲେ ଓ ଏକାଦଶବ୍ରତ ପାଳନ ଦ୍ୱାରା ବ୍ୟକ୍ତିର ଉନ୍ନତି ହେଉ ବୋଲି ଚାହୁଁଥିଲେ । ଏ ନିୟମର ସାର୍ଥକତା ଆଜିବି ରହିଛି ଓ ମାନବ ସଭ୍ୟତା ସହ ଏ ସତ୍ୟର ଯୋଗ ଚିରନ୍ତନ । ଆଜି ଯଦି ଏ ନିୟମକୁ ଭାଙ୍ଗି ଦେଶ, ଜାତି, ଜାତୀୟ ପତାକା ଓ ଜାତୀୟ ଇତିହାସ ନେଇ ମାନବ ବ୍ୟସ୍ତ ରହିବ, ଏ ବ୍ୟକ୍ତିତ୍ୱର ବିକାଶ କଥା ଭୁଲିଯିବ, ତେବେ ତାର ପତନ ଓ ଧ୍ୱଂସ ସୁନିଶ୍ଚିତ ।" "ବିଶ୍ୱ ସମସ୍ୟା ସମାଧାନର ଐତିହାସିକ ବିଚାରକୋଣ", ପ୍ରବନ୍ଧ ନରେନ୍ଦ୍ର ବାବୁଙ୍କ ପ୍ରଥମ ପ୍ରବନ୍ଧ, ଯାହା ତାଙ୍କ ପ୍ରତିଭାର ଆଦ୍ୟ ସଙ୍କେତ ନୁହେଁ, ଭବିଷ୍ୟତର ସାର୍ଥକ ରୂପରେଖ । ଏହାପରେ ସେ ପ୍ରବନ୍ଧ, ସମାଲୋଚନା ଲେଖିବାପାଇଁ ପ୍ରରୋଚିତ ହୋଇଛନ୍ତି ଏପରିକି ତାଙ୍କ ଜୀବନର ଶ୍ରେଷ୍ଠ ସାରସ୍ୱତ କୃତି ଭାବେ ପ୍ରବନ୍ଧ, ସମାଲୋଚନା ସ୍ୱୀକୃତ ହୋଇଛି । ତାଙ୍କର ପ୍ରଥମ ଆଲୋଚନା ଗ୍ରନ୍ଥ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ'(୧୯୫୫) । ଏହି ରଚନାଟି ତାଙ୍କ ସ୍ନାତକୋତ୍ତର ଶିକ୍ଷା ସମୟର । ଏମ୍.ଏ. ପାଠ୍ୟକ୍ରମ ଅନୁସାରେ ଏହା ପରୀକ୍ଷା ପାଇଁ ପ୍ରସ୍ତୁତ ତିନିଶହ ନମ୍ବର ପାଇଁ ଥିସିସ୍ । ଏହାର ପରୀକ୍ଷକ ପଣ୍ଡିତ ନୀଳକଣ୍ଠଙ୍କ ଉଚ୍ଚ ପ୍ରଶଂସା କ୍ରମେ ବିଶ୍ୱଭାରତୀ ଗବେଷଣା ଗ୍ରନ୍ଥ ରୂପେ ମୁଦ୍ରିତ ହୋଇଥିଲା । ଏହା ଡ.କୁଞ୍ଜବିହାରୀ ଦାଶଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ହୋଇଥିଲା । ଏହି ଗ୍ରନ୍ଥଟି ବଳରାମ ଦାସ ଓ ଜଗମୋହନ୍ ରାମାୟଣ ଆଲୋଚନାର ମୁଖ୍ୟ ବିଭବ ହେଲେ ମଧ୍ୟ ଏହା

ବିସ୍ତାରିତ ହୋଇଛି ସମଗ୍ର ଭାରତୀୟ ରାମ-କଥା-ମୂଳକ ସାହିତ୍ୟକୁ । ସର୍ବୋପରି ତୁଳନାତ୍ମକ ଓ ଐତିହାସିକ ସମୀକ୍ଷା, ନନ୍ଦନତାତ୍ତ୍ୱିକ ବିଚାର ପଦ୍ଧତି ମାଧ୍ୟମରେ ଏହାର ମୂଲ୍ୟାୟନ କରିଛନ୍ତି । ବାସ୍ତବରେ ଏହି ଗ୍ରନ୍ଥଟି ନରେନ୍ଦ୍ରନାଥ ମିଶ୍ରଙ୍କୁ ଯଥେଷ୍ଟ ପ୍ରତିଷ୍ଠା ଆଣିଦେଲା । 'ଜ୍ଞାନକୋଷ'(୧୯୫୭) ତାଙ୍କ ଦ୍ୱାରା ରଚିତ ହୋଇ ଓଡ଼ିଶା ସରକାରଙ୍କ ପ୍ରୌଢ଼ଶିକ୍ଷା ବିଭାଗ ଦ୍ୱାରା ଲୋକ କଲ୍ୟାଣ ଗ୍ରନ୍ଥମାଳାର ଚତୁର୍ଥ ଖଣ୍ଡ ଭାବରେ ପ୍ରକାଶିତ ହେଲା । ଏହା ଏକ ସଂକ୍ଷିପ୍ତ ପୁସ୍ତକ । ମାତ୍ର ଅଠେଇଶି ପୃଷ୍ଠାରେ ସୀମିତ । 'ଶୈଳ ଓ ସୀମାନ୍ତ' ପ୍ରଫେସର ମିଶ୍ରଙ୍କର ଆଉ ଏକ ପ୍ରବନ୍ଧ ସଂକଳନ । ଏଥିରେ ନଅଟି ପ୍ରବନ୍ଧ ସ୍ଥାନିତ ହୋଇଛି । "ଆଧୁନିକ ଓଡ଼ିଆ କାବ୍ୟ ଧାରା : ଆଦିଯୁଗ" (୧୯୬୪) ଡ.ମିଶ୍ରଙ୍କର ପିଏଚ.ଡି. ଡିଗ୍ରୀ ପାଇଁ ଲିଖିତ ଯେଉଁ ସନ୍ଦର୍ଭ ଭାବେ ୧୯୫୯ରେ ବିଶ୍ୱଭାରତୀରେ ଉପସ୍ଥାପନ କରାଯାଇଥିଲା । ୧୯୬୦ରେ ଏହା ଡିଗ୍ରୀପାଇଁ ଯୋଗ୍ୟ ବିବେଚିତ ହେଲା । ଆଧୁନିକ ଓଡ଼ିଆ ସାହିତ୍ୟ ସଂର୍ପକରେ ପ୍ରକାଶିତ ଏହା ଦ୍ୱିତୀୟ ଥିସିସ୍ । "ଓଡ଼ିଆ ଭାଷା ସାହିତ୍ୟ : ଏକ ଅଧ୍ୟୟନ" ୧୯୬୮ ମସିହାରେ ପ୍ରକାଶିତ ହେଲା । ଓଡ଼ିଆ ସାହିତ୍ୟର କେତେକ ସମସ୍ୟା ଓ ବିକାଶ ସଂପର୍କିତ ଉଣେଇଶଟି ପ୍ରବନ୍ଧର ମନୋଜ୍ଞ ସମାହାର ଏହି ପୁସ୍ତକଟି ।

"ଆଧୁନିକତା ଓ ଆଧୁନିକ ସାହିତ୍ୟ" ନରେନ୍ଦ୍ର ନାଥଙ୍କ ଆଉ ଏକ ପ୍ରବନ୍ଧ ସଂଚୟନ । ଆଧୁନିକ ଓଡ଼ିଆ କାବ୍ୟଧାରା ସଂପର୍କରେ ସାହିତ୍ୟର ଆଲୋଚନା ଏହି ଗ୍ରନ୍ଥରେ ଗୁରୁତ୍ୱ ଲାଭ କରିଛି । କିନ୍ତୁ 'ଆଧୁନିକ ଓଡ଼ିଆ କାବ୍ୟଧାରା : ଆଦିଯୁଗ'ର ସଫଳତା ଓ ପ୍ରତିଷ୍ଠା ତାଙ୍କୁ ଆକର୍ଷଣ କରିଛି ଏହାର ଦ୍ୱିତୀୟ ଭାଗ ଅର୍ଥାତ୍ ଆଧୁନିକ କାବ୍ୟଧାରା ନବଜାଗରଣ ଯୁଗ' ପର୍ଯ୍ୟାୟ ଲେଖିବା ପାଇଁ । ବାସ୍ତବିକ ତାଙ୍କର ଗବେଷକ ମନୋବୃତ୍ତି, ସତ୍ୟନିଷ୍ଠଭାବେ ଆତ୍ମପ୍ରକାଶ କରିଛି ଏହି ରଚନାରେ । ଡ. ମିଶ୍ରଙ୍କ ସୂକ୍ଷ୍ମ ମନ୍ତବ୍ୟ ଓ ଆଲୋଚନା, ଆଲୋଚକ ଓ ସମୀକ୍ଷକମାନଙ୍କୁ ଅଭିଭୂତ କରିଛି । ତାଙ୍କର "ଆଧୁନିକ ଓଡ଼ିଆ କଥା ସାହିତ୍ୟ: ଉପନ୍ୟାସ" ବହିଟି ୧୯୮୨ରେ ଆତ୍ମପ୍ରକାଶ କରେ । ଆଭିମୁଖ୍ୟ ଦୃଷ୍ଟିରୁ ନୁହେଁ, ଔପନ୍ୟାସିକମାନଙ୍କୁ ଏକକ ଭାବରେ ନେଇ ସେ ଆଲୋଚନା କରିଛନ୍ତି । ଯଥେଷ୍ଟ ପାଠକୀୟ ଆଦର ଲାଭ କରିଥିବା ଉପନ୍ୟାସ ସଂପର୍କରେ ଆଲୋକପାତ କରିବା ପାଇଁ ତତ୍କାଳୀନ ଗଦ୍ୟ ସାହିତ୍ୟକୁ ଆଲୋଚନା କରିଛନ୍ତି । 'ପଣ୍ଡିତ ନୀଳକଣ୍ଠ' ପ୍ରଫେସର ମିଶ୍ରଙ୍କ ସାଧନା ଓ ସିଦ୍ଧିର ଏକ ପ୍ରତିଲିପି । ପଣ୍ଡିତ ନୀଳକଣ୍ଠଙ୍କ ବହୁମୁଖୀ ପ୍ରତିଭାର ପରିଚୟ ଦେବା ପାଇଁ ସେ

ଉଦ୍ୟମ କରିଛନ୍ତି । ଏଣୁ ଏହା ଭିତରେ ସାହିତ୍ୟିକ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ଅଧିକ ଭାବେ ପ୍ରକଟିତ ହୋଇଛି । Makers of Indian Literature ପର୍ଯ୍ୟାୟରେ Nilakantha Das ଗ୍ରନ୍ଥଟି ଡ.ମିଶ୍ରଙ୍କ ଦ୍ୱାରା ରଚିତ ହୋଇ ୧୯୯୮ରେ ସାହିତ୍ୟ ଅକାଦେମୀ ପକ୍ଷରୁ ପ୍ରକାଶ ପାଇଛି ।

ସ୍ୱାଧୀନତା ପରେ ଆଧୁନିକ ଓଡ଼ିଆ ସାହିତ୍ୟର ତଥ୍ୟ ଓ ତତ୍ତ୍ୱଭିତ୍ତିକ ସଫଳ ଆଲୋଚନା ନରେନ୍ଦ୍ରନାଥ ମିଶ୍ରଙ୍କ ସୃଷ୍ଟିରେ ନବରୂପ ଲାଭ କରିଥିଲା । ତାଙ୍କର ଆଲୋଚନାର ସାରାଂଶ ମୌଳିକତାରେ ଭାସ୍ୱର । ଡ.ମିଶ୍ର ଯୁକ୍ତି ଓ ତଥ୍ୟ ଉପସ୍ଥାପନା କରି ଆଲୋଚନା ଜଗତରେ ଏକ ନୂତନ ପ୍ରସ୍ଥର ଭିତ୍ତିସ୍ଥାପନ କଲେ । ସେ ପ୍ରାଚୀନ ସାହିତ୍ୟ ପ୍ରତି ଯେତିକି ଆଗ୍ରହୀ ଓ ସଚେତନ, ସେତିକି ଆଧୁନିକ ସାହିତ୍ୟପ୍ରତି ମଧ୍ୟ ଆଗ୍ରହ ପ୍ରକାଶ କରିଛନ୍ତି । ଗବେଷକର ଅନ୍ୱେଷା, ଅନ୍ତର୍ଦୃଷ୍ଟି, କଳାତ୍ମକ ରୀତିରେ ତାଙ୍କ ସମଗ୍ର ଆଲୋଚନା ଆତ୍ମପ୍ରକାଶ କରିଛି । ବାସ୍ତବିକ୍ ତାଙ୍କର ଅନ୍ତର୍ଦୃଷ୍ଟି ଏକ ନବ୍ୟ ଭାବନାର ଉଜ୍ଜ୍ୱଳ ସ୍ୱାକ୍ଷର । –"ନରେନ୍ଦ୍ର ନାଥଙ୍କ ସମୀକ୍ଷା ଗ୍ରନ୍ଥ ସମୂହରେ ବିଶେଷ ଗୁଣମାନ ପରିଲକ୍ଷିତ । ପ୍ରଥମତଃ ନରେନ୍ଦ୍ର ନାଥଙ୍କ ସମାଲୋଚନା ସାହିତ୍ୟର ସର୍ବତ୍ର ଗବେଷକର ଭୂୟୋଦୃଷ୍ଟି ବିରାଜିତ । ବଳରାମ ଦାସଙ୍କ ପୁରାଣ ହେଉ ବା ରାଧାନାଥଙ୍କ କାବ୍ୟକୃତିର ବିଚାର ହେଉ, ସେଥିପାଇଁ ସେ ମୂଳଗ୍ରନ୍ଥ ଓ ତତ୍‌ସଂପର୍କିତ ଆଲୋଚନା ରାଜି ତନ୍ନତନ୍ନ କରି ଅଧ୍ୟୟନ କରିଛନ୍ତି । ଅଧ୍ୟୟନ ବେଳକୁ ଉପଲବ୍ଧ ସହସ୍ର ଉପାଦାନକୁ ବିଶ୍ଳେଷଣ କରି ନିରାସକ୍ତ ଭାବରେ ସ୍ୱକୀୟ ମନ୍ତବ୍ୟ ଦେଇଛନ୍ତି । ଫଳରେ ତାଙ୍କର ପୂର୍ବବର୍ତ୍ତୀ ଦ୍ରଷ୍ଟାମାନଙ୍କ ଦୃଷ୍ଟିର ପରିଧି ଓ ପରିସର ହୋଇଛି ବିସ୍ତାରିତ । କୁଞ୍ଜବିହାରୀ ଦାଶଙ୍କ ଭାଷାରେ ଘଟିଛି, "ବହୁଧାରା ସହ ଆତ୍ମଧାରାର ବିପୁଳ ଯୋଗ ।" ଡ.ମିଶ୍ରଙ୍କ ଆଲୋଚନା ପ୍ରାଞ୍ଜଳ, ସରଳ, ବୋଧଗମ୍ୟ ପୁଣି ତାହା ମୁକ୍ତ ଓ ସ୍ୱଚ୍ଛ । କାହାର ମତାମତକୁ ଅପେକ୍ଷା କରିନାହାନ୍ତି । ଯାହା ତାଙ୍କର ଅନ୍ତରାତ୍ମା ଉପଲବ୍ଧି କରିଛି, ତାହାକୁ ସେ ନିଷ୍କପଟ ଚିତ୍ତରେ ପ୍ରକାଶ କରିଛନ୍ତି । ବିଚାର ପଦ୍ଧତି ସରଳ, କିନ୍ତୁ ଯୁକ୍ତି, ମତ ଓ ମନ୍ତବ୍ୟ ଅତ୍ୟନ୍ତ ତୀବ୍ର ଓ ଶାଣିତ । "ନରେନ୍ଦ୍ର ନାଥଙ୍କ ମୁକ୍ତଦୃଷ୍ଟି ଏତେ ଅଧ୍ୟୟନ ଅନୁଶୀଳନ, ତାଙ୍କ ବିଚାରକୁ ପ୍ରଭାବିତ କରିପାରିନାହିଁ । ଆପଣାର ସୁଚିନ୍ତିତ ମନ୍ତବ୍ୟ, ଯେତେ ରୁକ୍ଷ ହେଲେବି, ସେ ଦେବାକୁ ପଛାଇନାହାନ୍ତି । ପ୍ରତିଷ୍ଠିତ ମତଖଣ୍ଡନ ପାଇଁ କ୍ଷୁରଧାର ମେଧାର ପ୍ରୟୋଗ କରିଛନ୍ତି । କେଉଁଠି କିପରି ଯେ ସେ ପୂର୍ବମତର ପୋଷକତା କରିନାହାନ୍ତି, ଏପରି ନୁହେଁ । ଯେଉଁ ମତ ଗ୍ରହଣ କରିଛନ୍ତି, ଆପଣାର ମତ କରିଆରେ

ସବଳିତ କରିଛନ୍ତି । ପୁଣି ପ୍ରତ୍ୟେକ ସାରସ୍ୱତ ସ୍ରଷ୍ଟା ଆହରଣ ଓ ନିଜସ୍ୱ ଭାବନା ଉପରେ ନିର୍ଭର କରୁଥିଲେ ମଧ୍ୟ ନରେନ୍ଦ୍ରନାଥ ଏ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ଦୃଷ୍ଟିଭଙ୍ଗୀରେ ଅଭିନବତ୍ୱ, ଆଲୋଚନାରେ ବୌଦ୍ଧିକତା, ଉପସ୍ଥାପନାରେ ଚମତ୍କାର ଶୈଳୀ ତାଙ୍କ ସାରସ୍ୱତ କୃତିର ବୈଶିଷ୍ଟ୍ୟ । ସେଥିପାଇଁ ବିଶିଷ୍ଟ ଗବେଷକ, ସମାଲୋଚକ୍ ଡ.ଅସିତ୍ କବି ଲେଖିଛନ୍ତି "ଡକ୍ଟର ମିଶ୍ର ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ଗବେଷକ । ତାଙ୍କ ବିଷୟ ଉପସ୍ଥାପନା ଓ ପରିବେଷଣ ଚମତ୍କାର । ଭାବଗାମ୍ଭୀର୍ଯ୍ୟ ତାଙ୍କ ଆଲୋଚନାର ଉଲ୍ଲେଖଯୋଗ୍ୟ ଦିଗ । ଡ.ନରେନ୍ଦ୍ର ନାଥ ମିଶ୍ରଙ୍କ ପ୍ରବନ୍ଧ, ସମାଲୋଚନା ଆମ ସାହିତ୍ୟରେ ପ୍ରଜ୍ଞା, ପାଣ୍ଡିତ୍ୟର ମୁଦ୍ରାଙ୍କ ବହନ କରେ । - "ନରେନ୍ଦ୍ର ନାଥଙ୍କ ସମାଲୋଚନାର ଭାଷା, ଗାମ୍ଭୀର୍ଯ୍ୟପୂର୍ଣ୍ଣ, ସୁବିନ୍ୟସ୍ତ, ସାବଲୀଳ, ପ୍ରସାରଣକ୍ଷମ ଓ ଅବବୋଧ-ଉଦ୍ଦୀପକ । ପ୍ରକାଶ ଭଙ୍ଗୀରେ ଶାଣିତ ମେଧାର ମହନୀୟ ମୁଦ୍ରାଙ୍କ । ଆମୂଳଚୂଳ କଳାତ୍ମକ ସୌଷ୍ଠବ ସୁରକ୍ଷିତ । ତାଙ୍କର ବହୁ ପ୍ରବନ୍ଧ ଓ ଆଲୋଚନା ଇଂରାଜୀ ଭାଷାରେ ଲିଖିତ ହୋଇ ବିଭିନ୍ନ ପତ୍ରପତ୍ରିକାର ପୃଷ୍ଠା ମଣ୍ଡନ କରିଛି । ଇଂରାଜୀରେ ରଚିତ ତାଙ୍କ ଆଲୋଚନାରୁ ତାଙ୍କର ଶବ୍ଦ, ଭାବର ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୁଏ ।

ପ୍ରତିଭାର ଅନ୍ୟ ଏକ ଦିଗ :

ପ୍ରବନ୍ଧ, ସମାଲୋଚନା, ଗବେଷଣାରେ ଡ.ମିଶ୍ର ଗଭୀର ମନୋନିବେଶ କରିଥିଲେ ମଧ୍ୟ ସେ ଭ୍ରମଣ ସାହିତ୍ୟ ଓ ଅନୁବାଦ ସାହିତ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କରିଛନ୍ତି । ଏଥିରେ ତାଙ୍କର ସ୍ୱତନ୍ତ୍ର ସ୍ୱର ଉଚ୍ଚାରିତ ହୋଇଛି । ଜୀବନର ସମସ୍ତ ଅନୁଭବକୁ ସେ ସ୍ୱକୀୟ ରଚନା ଶୈଳୀରେ ପରିସ୍ଫୁଟ କରାଇବା ସହିତ ପାଠକର ହୃଦୟକୁ ଛୁଇଁଛୁଇଁ ଯାଇଛନ୍ତି । 'କଳାପାଣି', ତାଙ୍କର ସାର୍ଥକ ଭ୍ରମଣ କାହାଣୀ ଭାବେ ସୁପରିଚିତ । 'କଳାପାଣି' ତାଙ୍କ ଜୀବନାନୁଭୂତିର ଏକ ମୁକ୍ତ ପ୍ରକାଶ । ଭ୍ରମଣ କାହାଣୀ ରଚନା ପ୍ରସଙ୍ଗରେ ସେ ଲେଖିଛନ୍ତି- "ଭ୍ରମଣ ଆଧୁନିକ ସଭ୍ୟ ଜୀବନର ଏକ ଅଙ୍ଗ । ମାନଚିତ୍ର ଖୋଲିଲେ ମନରେ ଭ୍ରମଣନିଶା ଲାଗେ । ମନର ପ୍ରସାର, ମାନବୀୟ ବୈଚିତ୍ର୍ୟ ଓ ଜାତୀୟ ମହାନତା ବିଷୟରେ ପ୍ରତ୍ୟକ୍ଷ ଜ୍ଞାନଲାଭ ପାଇଁ ଭ୍ରମଣ ପ୍ରୟୋଜନ ।" ତାଙ୍କର ସୌନ୍ଦର୍ଯ୍ୟଦୃଷ୍ଟି ଓ ମାନବିକତା ପ୍ରତିଟି ପର୍ଯ୍ୟାୟରେ ଏହି ଗ୍ରନ୍ଥରେ ଉନ୍ମୋଚିତ ହୋଇଛି । ସେହିପରି ଆଶୁତୋଷ ଭଟ୍ଟାଚାର୍ଯ୍ୟଙ୍କର "ବଙ୍ଗୀୟ ଲୋକସଂସ୍କୃତି" ଓ ଅନ୍ନଦାଶଙ୍କର ରାୟଙ୍କ "ସାହିତ୍ୟରେ ସଙ୍କଟ" ଗ୍ରନ୍ଥକୁ ବଙ୍ଗଳା ଭାଷାରୁ ଓଡ଼ିଆ ଭାଷାରେ ଅନୁବାଦ କରି ଯେ ଯଶସ୍ୱୀ ହୋଇଛନ୍ତି । ଏତଦ୍ ବ୍ୟତୀତ

ଡ.ମାୟାଧର ମାନସିଂହଙ୍କ ଇଂରାଜୀରେ ପ୍ରଣୀତ ଓଡ଼ିଆ ସାହିତ୍ୟର ଇତିହାସର ଦ୍ୱିତୀୟ ମୁଦ୍ରଣ ସମୟରେ ଏହାର ସମୀକ୍ଷା ଦାୟିତ୍ୱ ପ୍ରଫେସର ମିଶ୍ରଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମୀ ପ୍ରଦାନ କରିଥିଲେ । କାରଣ ଏହାର ପ୍ରଥମ ପ୍ରକାଶନ କାଳରେ ଯେଉଁ ଆଲୋଚନା, ସମାଲୋଚନାର ସୂତ୍ରପାତ ହୋଇଥିଲା - ତାହାକୁ ଅନୁଧ୍ୟାନ କରିବା ପାଇଁ ଡ.ମିଶ୍ରଙ୍କୁ କୁହାଯାଇଥିଲା । ସେ ଏହାକୁ ଭଲଭାବରେ ଅନୁଶୀଳନ କରି ସ୍ୱ ମତାମତ ଓ ସଂଶୋଧନ ପ୍ରସ୍ତାବ ଏକାଡେମୀ ଓ ଡ.ମାନସିଂହଙ୍କ ନିକଟକୁ ପଠାଇଥିଲେ । ଏହାର ଉତ୍ତର ଡ.ମାନସିଂହ ଲେଖିଥିଲେ- "ଆପଣଙ୍କର ଉପଦେଶପୂର୍ଣ୍ଣ ପତ୍ର ପାଇଁ ବହୁତ ଧନ୍ୟବାଦ । History of Oriya Literature ପାଇଁ ଆପଣଙ୍କର ଶ୍ରଦ୍ଧା ଏତେ ବିଳମ୍ବରେ ଜାଣି ମଧ୍ୟ ପରିତୃପ୍ତି ବୋଧ କରୁଛି ।"

ଗବେଷଣା କ୍ଷେତ୍ରରେ ମଧ୍ୟ ଡ.ମିଶ୍ରଙ୍କ ଅନନ୍ୟ ଅବଦାନ ରହିଛି । ସେ ଗବେଷଣା ମଧ୍ୟରେ ନିଜକୁ ଆବଦ୍ଧ କରିବା ସହିତ ବହୁ ଗବେଷକଙ୍କର ଦିଗ୍‌ଦର୍ଶକ ଭାବରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଛନ୍ତି । ତାଙ୍କ ତତ୍ତ୍ୱାବଧାନରେ ବହୁ ଗବେଷକ ପିଏଚ୍.ଡି ଓ ଡି.ଲିଟ୍ ଡିଗ୍ରୀ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେମାନେଙ୍କ ମଧ୍ୟରେ ଡ.ଶ୍ୟାମସୁନ୍ଦର ମହାପାତ୍ର, ଡ.ଭରତ ଚନ୍ଦ୍ର ପାତ୍ର, ଡ. ଉପେନ୍ଦ୍ର ନାଥ ମହାନ୍ତି, ଡ.ହୃଷୀକେଶ ପଣ୍ଡା, ଡ.ବସନ୍ତ କୁମାର ପଣ୍ଡା, ଡ.ସୃଷ୍ଟିଧର ପଣ୍ଡା ପ୍ରଭୃତିଙ୍କ ନାମ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଏବେ ବି ସେ ବହୁ ଗବେଷକଙ୍କର ମାର୍ଗ ନିର୍ଦ୍ଦେଶକ ।

ତଥାପି ଆଲୋଚନା ଅପେକ୍ଷାରେ :

ଓଡ଼ିଆ ଗବେଷଣା ପରିଷଦ ୧୯୮୭ ମସିହାରେ ପ୍ରଫେସର ଡ.ମିଶ୍ରଙ୍କ ସାହିତ୍ୟ ପ୍ରତି ଗଭୀର ନିଷ୍ଠା ଓ ଅଧ୍ୟବସାୟ, ସାହିତ୍ୟ ସମାଲୋଚନା ଓ ଗବେଷଣା କ୍ଷେତ୍ରରେ ନିରବଚ୍ଛିନ୍ନ ସାଧନା ପାଇଁ "କ୍ଷେତ୍ରବାସୀ ସାହିତ୍ୟ-ବିଦ୍ୟା ପୁରସ୍କାର" ପ୍ରଦାନ କରି ଗୌରବାନ୍ୱିତ ହୋଇଛନ୍ତି । ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମେଳନ ଏହି ବରେଣ୍ୟ ସ୍ରଷ୍ଟାଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରି ପବିତ୍ର କର୍ତ୍ତବ୍ୟ ସଂପାଦନ କରିଛନ୍ତି । କିନ୍ତୁ ଓଡ଼ିଆ ଭାଷା-ସାହିତ୍ୟ ସେବାରେ ନିଜ ଜୀବନକୁ ସମର୍ପିତ କରିଥିବା ଏହି ନିରଳସ ନିଷ୍ଠାପର, ନୂତନ ଶୈଳୀ ଓ ଚିନ୍ତାର ସମ୍ମାନାସ୍ପଦ ଲେଖକଙ୍କ କୃତି ଓ କୀର୍ତ୍ତି ଯେପରି ଆଲୋଚନା ହେବା କଥା, ତାହା ହୋଇନାହିଁ । ଆଲୋଚକ, ସମାଲୋଚକ, ଗବେଷକ କିମ୍ବା

ଓଡ଼ିଶାର ପ୍ରମୁଖ ସରକାରୀ / ବେସରକାରୀ ସାହିତ୍ୟ ଅନୁଷ୍ଠାନ ପ୍ରଫେସର ଡ.ନରେନ୍ଦ୍ର ନାଥ ମିଶ୍ରଙ୍କ ବଳିଷ୍ଠ ସାଧନାପ୍ରତି ସଚେତନ ହୋଇ ନାହାନ୍ତି କିମ୍ବା ନ୍ୟାୟ ପ୍ରଦର୍ଶନ କରିନାହାନ୍ତି ।

ସୁଖ-ଦୁଃଖର ସଂସାର :

ପ୍ରଫେସର ଡ. ନରେନ୍ଦ୍ର ନାଥ ମିଶ୍ରଙ୍କ ଜୀବନର ଗତି ଏକ ଛଳଛଳ ନଦୀପରି । ନଦୀପରି ସେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ନିଷ୍ଠାପର ଉଦ୍ୟମ କରି ଆସୁଛନ୍ତି । କାହାର ପ୍ରତିବନ୍ଧକ ହୋଇନାହାନ୍ତି । ବରଂ ଯେଉଁଠି ପ୍ରତିବନ୍ଧକ ପାହାଡ଼ ପରି ଠିଆହୋଇଛି ସେଇଠି ସେ ପଥ ଖୋଜି ଚାଲିଯାଇଛନ୍ତି । ଜୀବନ ତ ଦୁଃଖ-ସୁଖର ସମାହାର, ତେଣୁ ସ୍ଥିତିପ୍ରଜ୍ଞ ମଣିଷପରି ସବୁକୁ ସେ ସମାନ ମଣି ଜୀବନର ପରମଲକ୍ଷ୍ୟ ଆନନ୍ଦ ଓ ଶାନ୍ତି ପାଇବା ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି । ୧୯୫୦ ମସିହାରେ ତାଙ୍କର ବିବାହ ସଂପନ୍ନ ହୁଏ ସୋର ନିକଟବର୍ତ୍ତୀ ପଣ୍ଡାଶୁଣି ଗ୍ରାମର ଲକ୍ଷ୍ମୀଧର ପଣ୍ଡାଙ୍କ କନ୍ୟା ରତ୍ନମାଳାଙ୍କ ସହ । ସେହିଦିନଠାରୁ ରତ୍ନମାଳା ତାଙ୍କ ସହିତ ରତ୍ନମାଳି ହୋଇ ରହିଆସିଛନ୍ତି । ଜୀବନର ସବୁ ସୁଖ, ଦୁଃଖକୁ ବାଣ୍ଟି ନେଇଛନ୍ତି ଏବଂ ଉପଲବ୍ଧି କରିଛନ୍ତି ଏହି ସୃଷ୍ଟିର ରହସ୍ୟ ପ୍ରକିୟାକୁ । ଜ୍ୟେଷ୍ଠ ପୁତ୍ର ଅଶୋକ ମିଶ୍ର, ଓଡ଼ିଆ ଭାଷା ସାହିତ୍ୟରେ ଜଣେ ଗବେଷକ, ଲେଖକ, ସମାଲୋଚକ, ଭାବରେ ପରିଚିତ । କନିଷ୍ଠ ପୁତ୍ର ବୀତଶୋକ ଯୁବାବସ୍ଥାରେ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ସବୁଦିନ ପାଇଁ ଏ ସଂସାର ତ୍ୟାଗ କରି ଚାଲିଗଲେ । ସେ ବିଶ୍ୱଭାରତୀ ରସାୟନ ବିଭାଗରେ ଗବେଷଣାରତ ଥିଲେ । ତିନି କନ୍ୟା- ମଞ୍ଜୁଳା, ମୃଦୁଳା ଓ ପ୍ରଭାତୀ । ମଞ୍ଜୁଳାଙ୍କ ସ୍ୱାମୀ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରବୀଣ ଅଧ୍ୟାପକ ଶ୍ରୀ ଫକୀରମୋହନ ଆଚାର୍ଯ୍ୟ, ମୃଦୁଳା ସଂପ୍ରତି ପଦାର୍ଥ ବିଜ୍ଞାନର ଅଧ୍ୟାପିକା ଓ ତାଙ୍କ ସ୍ୱାମୀ ଗବେଷକ, ସମାଲୋଚକ, ଓଡ଼ିଆ ବିଭାଗର ଅଧ୍ୟାପକ ଡ.ବସନ୍ତ କୁମାର ପଣ୍ଡା । ପ୍ରଭାତୀଙ୍କ ସ୍ୱାମୀ ଶ୍ରୀକାନ୍ତ ରଥ ଆକାଶବାହିନୀର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଭାବରେ ଦେଶମାତୃକାର ସେବାରେ ନିୟୋଜିତ ।

ଜୀବନ ସାରା ସଂଗ୍ରାମ, ସଂଘର୍ଷ ଭିତରେ ଜୀବନ ବିତାଇଥିବା ଡ.ମିଶ୍ର ସୁଖ-ଦୁଃଖକୁ ସମାନ ମଣି ସାହିତ୍ୟ ଭିତରେ ପୁଣି ଏକ ନୂଆ ଜଗତକୁ ଅନୁସନ୍ଧାନ କରିବାରେ ସଦା ବ୍ୟସ୍ତ ।

ନିରହଙ୍କାର, ନିର୍ଲିପ୍ତ ସ୍ରଷ୍ଟା ସେ :

ହସହସ ମୁହଁ, ସ୍ନେହ, ଶ୍ରଦ୍ଧାର ଆନ୍ତରିକ ଉଚ୍ଚାରଣ ନରେନ୍ଦ୍ର ନାଥ ମିଶ୍ର । ଅହଂକାର ଠାରୁ ଦୂରରେ ସେ । ସେ ପୁଣି ନିର୍ଲିପ୍ତ ପରି ମନେ ହୁଅନ୍ତି । ସାହିତ୍ୟକୁ ନିଜ ଜୀବନର ଏକ ମାଧ୍ୟମ ଭାବରେ ଗ୍ରହଣ କରିନେଇଛନ୍ତି । ସେ ଥରେ ଏହି ସାହିତ୍ୟ ରଚନା କାହିଁକି କରନ୍ତି ପ୍ରସଙ୍ଗରେ କହିଥିଲେ- "ସାହିତ୍ୟର ଅଧ୍ୟାପକ ଭାବରେ ଆମର ପେଷା ହେଉଛି ସାହିତ୍ୟ ପଢ଼ିବା ଓ ପଢ଼ାଇବା । ତା ସହିତ କିଛି ଆବେଗ/ନିଶା ଯଦି ମନଭିତରେ ଉଙ୍କି ମାରିଲା ତାହାକୁ ସର୍ଜନାତ୍ମକ ଭଙ୍ଗୀରେ ପ୍ରକାଶ କରି ସାହିତ୍ୟର ମାନ୍ୟତା ଦେବା ସ୍ୱାଭାବିକ ।" ସେ ଯେ କେବଳ ପ୍ରତିଷ୍ଠିତ ଲେଖକ ହୋଇ ଖ୍ୟାତି ଅର୍ଜନ କରିଛନ୍ତି ତାହା ନୁହେଁ, ସେ ମଧ୍ୟ ଲେଖକମାନଙ୍କର ପ୍ରେରଣା, ଉତ୍ସାହର କେନ୍ଦ୍ରବିନ୍ଦୁ ହୋଇ ପାରିଛନ୍ତି । ସାଂପ୍ରତିକ କାଳର ବିଶିଷ୍ଟ ସାହିତ୍ୟିକ, ସଂପାଦକ ଶ୍ରୀ ସାତକଡ଼ି ହୋତାଙ୍କ ସ୍ୱକୀୟ ମତକୁ ଉଦ୍ଧାର କରାଯାଇପାରେ- "ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିଲା ବେଳେ ନନାଙ୍କ ବିବାହ ଉପଲକ୍ଷେ ଗୋଟିଏ ଗୀତ ଲେଖିବା ପାଇଁ ମଉସା କହିଲେ । ସେଇ ମୋର ପ୍ରଥମ କବିତା (୧୯୪୬) । ସେଇଠୁ ଆରମ୍ଭ । ମୋର ସହପାଠୀ ନରେନ୍ଦ୍ର ମିଶ୍ର (ପରେ ଶାନ୍ତି ନିକେତନର ଓଡ଼ିଆ ଅଧ୍ୟାପକ) ମୋତେ କବିତା ଲେଖିବା ପାଇଁ ଉତ୍ସାହ ଦେଲେ ।" ନିର୍ଲିପ୍ତ, ନିରହଙ୍କାର ଭାବରେ ଜୀବନ ବିତାଉଥିବା ପ୍ରଫେସର ମିଶ୍ରଙ୍କ ଜୀବନ ଏକ ନୀତିପୂର୍ଣ୍ଣ ଆଦର୍ଶର ଜୀବନ । ସତ୍ୟ ପ୍ରତି ତାଙ୍କର ଗଭୀର ଅନୁରକ୍ତି । ଜୀବନରେ ସତ୍ୟହିଁ ପରମ ସୁଖର କାରଣ । ଏହି ବିରାଟ ସଂସାରରେ ଯିଏ ଯେଉଁ କର୍ମ କରିବ ତାହାର ଫଳ ସେହିହିଁ ଭୋଗ କରିବ । ଏ ବିଶ୍ୱାସ ପ୍ରଫେସର ମିଶ୍ରଙ୍କର ଏଯାବତ୍ ରହିଛି । ନିଜ ସ୍କୁଲ ଜୀବନର ଏକ ଘଟଣାର ବର୍ଣ୍ଣନା କରିବାକୁ ଯାଇ ସେ ତେଣୁ ଲେଖିଛନ୍ତି- "ହାଇସ୍କୁଲର ଶେଷବର୍ଷ ଛାତ୍ରାବାସରେ ଥିଲି । ମୋ ସ୍କୁଲଦିନର କେତୋଟି ଘଟଣା- କେବେ ବି ଭୁଲି ପାରିବିନି । ମତେ ସେତେବେଳେ ଆଠ /ନଅ ବର୍ଷ ହୋଇଥାଏ । ଥରେ ଚାରି ପାଞ୍ଚଟି ମାଙ୍କଡ଼ ଘର ଭିତରକୁ ପଶି ଆସିଲେ । ଆମ୍ଭେ ସବୁ ବାଡ଼ି ଖଣ୍ଡେଖଣ୍ଡେ ଧରି ସେମାନଙ୍କୁ ଗୋଡ଼ାଇଥିଲୁ । ମାଙ୍କଡ଼ମାନେ ଡିଆଁମାରି ଏପଟ ସେପଟ ପଳାଉଥାନ୍ତି, ଗୋଟେ ଛୋଟ ମାଙ୍କଡ଼ ଯାଇନପାରି ଘର ଭିତରେ ରହିଯାଇଥାଏ । ମୁଁ ଗୋଡ଼େଇ ଗୋଡ଼େଇ ସେହି ଘର ଭିତରେ ରହିଯାଇଛି, ଆଉ ପିଲାମାନେ କବାଟ ବନ୍ଦ କରିଦେଲେ । ମାଙ୍କଡ଼ଟାବି ଖିଙ୍କାରୀ ଆସୁଥାଏ ମୋ ପାଖକୁ । ସେ ଘର ଭିତରେ

ମାଙ୍କଡ଼ ଆଉ ମୁଁ । ମୋ ହାତରେ ଛୋଟ ବାଡ଼ିଟାଏ ଥାଏ । ମୁଁ ଭୟ କରୁଥିଲେ ବି ଆତ୍ମରକ୍ଷା ପାଇଁ ମାଙ୍କଡ଼ଟିକୁ ସେ ବାଡ଼ିରେ ପାହାରେ ପିଟିଦେଲି । ପାହାରଟା ତା ମୁଣ୍ଡରେ ବସିଲା । ସେ ସେଇଠି ହାତଯୋଡ଼ି ମୋ ପାଦ ପାଖରେ ଟଳିପଡ଼ିଲା । ତା ପରେ ମୋତେ ଏତେ ଖରାପ ଲାଗିଲା, ମୁଁ ନିଜକୁ ଏତେ ଦୋଷୀ ମନେକଲି କହିପାରୁନି । ତାର ଦିନେ ଦି'ଦିନ ପରେ ଆମ ଗାଈକୁ ପେଜ, ତୋରାଣି ନେଇ ଦେଉଛି, (ସବୁଦିନେ ଦିଏ, ସେ କିଛି କରେନା ।) ସେଦିନ ମତେ ତା ଶିଙ୍ଗରେ ଉଠେଇ ଫୋପାଡ଼ି ଦେଲା । ମୁଁ ବାପାଲୋ ବୋଉଲୋ ରଡ଼ିଛାଡ଼ି ଖଣ୍ଡେ ଦୂରରେ ଯାଇ ପଡ଼ିଲି । ମୋ ଛାତିରେ ତା ଶିଙ୍ଗ ପଶି କଣାଟାଏ ହୋଇଥାଏ । ରକ୍ତ ବାହାରୁଥାଏ । ସେ ଚିହ୍ନ ଏବେ ବି ଅଛି । ଏ ଚିହ୍ନ ମୋ ମଲାଯାଏ ରହିବ । ମୁଁ ସେଇଠୁ ଭାବିଲି- ଏଇଟା ମାଙ୍କଡ଼କୁ ବିନା ଦୋଷରେ ଅନ୍ୟାୟରେ ମାରିଥିବାରୁ ଦଣ୍ଡ ମିଳିଲା । ସେହିଦିନରୁ ମୋର ଦୃଢ଼ ବିଶ୍ୱାସ ଯେ ଅନ୍ୟାୟରେ ଯଦି ଯାହାକୁ ମାରିବ ବା କ୍ଷତି କରିବ, ସେ ନିଶ୍ଚେ ଦଣ୍ଡିତ ହେବ ।" ଏହି ଅହଂକାରଶୂନ୍ୟ ଅମାୟିକ ବ୍ୟକ୍ତିତ୍ୱ ପ୍ରଫେସର ମିଶ୍ରଙ୍କ ଜୀବନର ପ୍ରତିଟି ସମୟ-ସାହିତ୍ୟ ପାଇଁ ନିବେଦିତ । ସେ କହିଛନ୍ତି- "ମୁଁ ଯୋଜନା ରଖିଛି ଯେ ମୋର ଗଚ୍ଛିତ ଲେଖାଗୁଡ଼ିକୁ ଏକତ୍ର କରି ବହିସବୁ ପ୍ରକାଶ କରିବି । ମୋର ବହୁ ଇଂରାଜୀ ଲେଖା ଓ ରବୀନ୍ଦ୍ରନାଥଙ୍କ କବିତାର ଅନୁବାଦର ପ୍ରକାଶ ପାଇଁ ପ୍ରୟାସ କରୁଛି । 'ଆଧୁନିକ ଓଡ଼ିଆ କାବ୍ୟଧାରା': ତୃତୀୟ ଭାଗ ପ୍ରକାଶ କରିବାପାଇଁ ଉଦ୍ୟମ କରୁଛି ।" ଜୀବନର ବହୁ ସ୍ୱପ୍ନ ସଂଭାବନାକୁ ସାକାର କରିଥିବା ଏହି ସାହିତ୍ୟ-ବିଭୋର ମଣିଷଙ୍କ ଦୃଷ୍ଟିକୋଣ, ବିଚାରଧାରା ଓ ଭାଷା ପ୍ରୟୋଗରେ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରାଯାଇପାରେ । ଓଡ଼ିଆ ସାହିତ୍ୟର ସେବାରେ ପ୍ରଫେସର ଡ.ନରେନ୍ଦ୍ରନାଥ ମିଶ୍ରଙ୍କ ଜୀବନ ବିତୁ । ସେ ସୁଖ, ଶାନ୍ତି, ସମୃଦ୍ଧିର ଅଧିକାରୀ ହୁଅନ୍ତୁ ।

ଉପନିର୍ଦ୍ଦେଶକ, ସଂସ୍କୃତି ବିଭାଗ

ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର

ବାପା : ଶାନ୍ତିନିକେତନରୁ ବାଲେଶ୍ୱର ଯାଏ-

ଡ. ଅଶୋକ କୁମାର ମିଶ୍ର ଓ ଗୀତା ମିଶ୍ର

(୧)ଅଶୋକଙ୍କ ଦୃଷ୍ଟିରେ :

ଆମ ବାପା ଡକ୍ଟର ନରେନ୍ଦ୍ରନାଥ ମିଶ୍ର ଥିଲେ ବିଶ୍ୱଭାରତୀ-ଶାନ୍ତିନିକେତନର ପ୍ରଫେସର ଓ ବିଭାଗମୁଖ୍ୟ । ମୁଁ (ଅଶୋକ) ତାଙ୍କ ପାଖରେ ଓଡ଼ିଆରେ ଏମ୍.ଏ. ପଢ଼ି ପାଶ୍ କରିଛି । ସେ ଏବେ ୮୩ ବର୍ଷର ବୃଦ୍ଧ । ସବୁ ଦାୟିତ୍ୱ ଆମକୁ ବୁଝିବାକୁ ହେବ । ମୁଁ ବାପାଙ୍କ ବଡ଼ପୁଅ, କିନ୍ତୁ ଦୁର୍ଭାଗ୍ୟକୁ ଭିନ୍ନକ୍ଷମ ହୋଇଥିବାରୁ ବାପାଙ୍କ ପାଇଁ କିଛି କରିପାରିନାହିଁ । ଆମେ ଶାନ୍ତିନିକେତନରେ ଥିଲାବେଳେ ସେଠାକୁ ହଜାରହଜାର ପର୍ଯ୍ୟଟକ ଆସୁଥିଲେ । ଡିଅରପାର୍କ, ଆମାରକୁଟୀର, ନାନୁର, ଶ୍ୟାମଳୀ, କୋନାରକ, ଉଦୀଚୀ, କଳାଭବନ ଓ ରବୀନ୍ଦ୍ର ସଂଗ୍ରହାଳୟ ସେମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ । ମୁଁ (ଅଶୋକ) ସେଠାରେ ଥିଲାବେଳେ ବରାବର ପ୍ରାୟ ବଜାର କରିଯାଉଥିଲି । ବଜାର ମଧ୍ୟରେ ପରିବାପତ୍ର ଓ ମାଛ କିଣିବା ମୁଖ୍ୟ କାମ ଥିଲା । ବାପା ଯେଉଁ ଟଙ୍କା ଦେଉଥିଲେ ମୁଁ ଦୋକାନୀଠାରୁ ଚିଠା ଆଣି ତାଙ୍କୁ ଦେଉଥିଲି ଓ ଅବଶିଷ୍ଟ ପଇସା ଫେରାଉଥିଲି । କିନ୍ତୁ ମୋ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ସ୍ୱର୍ଗତା ମାଆଙ୍କ ପାଖରୁ ବରାବର ଟଙ୍କା ପଇସା ମାଗି ନେଉଥିଲି । ବାପାଙ୍କ ସାଙ୍ଗରେ ମୁଁ ପ୍ରାୟ ପ୍ରାତଃଭ୍ରମଣରେ ଯାଉଥିଲି । ଆମଘରକୁ ମୋ ସ୍ତ୍ରୀ ଗୀତା ବାହାହୋଇ ଆସିବା ପରେ ଅନେକ ଥର ବାପା, ବୋଉ, ଗୀତା ଓ ମୁଁ ସାଂଧ୍ୟ ଭ୍ରମଣରେ ଯାଉଥିଲୁ । ଆମେ ପ୍ରାୟ 'ମେଳାର ମାଠ୍' ଓ ଅରବିନ୍ଦ ଆଶ୍ରମକୁ ଯାଉଥିଲୁ । ବେଳେବେଳେ ହାତୀ ପୋଖରୀ ଯାଏ ବୁଲିଯାଉ । ବେଳେବେଳେ ସଂଧ୍ୟା ଅତିକ୍ରମ କରି ରାତି ଆସି ଯାଉଥିଲେ ବାପା ଆମକୁ ଗ୍ରହ ନକ୍ଷତ୍ର ଆଦି ଦେଖାଉଥିଲେ । ଶାରଦୀୟ ନବାନ୍ନରେ ଥରେ ଋରି ମାଇଲ ଦୂରବର୍ତ୍ତୀ ବିଷ୍ଣୁବାଟିକୁ ବୁଲିଯାଇଥିଲୁ- ସେଠାରେ ଦୁର୍ଗାମୂର୍ତ୍ତି ଓ ମେଢ଼ଥିଲା ଖୁବ୍ ଆକର୍ଷଣୀୟ । ମୁଁ ବାପାଙ୍କ

ପ୍ରେରଣାରେ ଖେଳରେ ବରାବର ଫାଷ୍ଟ ଓ ପଢ଼ାରେ ସେକେଣ୍ଡ ହେଉଥିଲି । ଅନେକ ମେଡ଼ାଲ ଓ କପ୍ ପାଇଥିଲି, ଯାହାକୁ ବାପା ସାଇତି ରଖୁଥିଲେ । ଥରେ ଖରାପ ସାଙ୍ଗଙ୍କ ମେଳରେ ପଡ଼ି ବିଡ଼ି ସହିତ କୌଣସି ଡ୍ରଗ୍ ଖାଇଥିଲି, ଯାହାଫଳରେ ମାନସିକ ରୋଗରେ ଆକ୍ରାନ୍ତ ହୋଇପଡ଼ିଲି । ମୋ ଜୀବନର ସମସ୍ତ ଉନ୍ନତିର ପଥ ରୁଦ୍ଧ ହୋଇଗଲା । ମୋତେ ଅଚେତ ଅବସ୍ଥାରେ ଡାକ୍ତର ପାଖକୁ ନିଆହେଲା । ଡାକ୍ତର ଅସିତ୍ ବରଣ ପାତ୍ର କହିଲେ- ଏହା ସ୍କିଜୋ ଫେନିଆର ଲକ୍ଷଣ ।

୧୯୭୯ରେ ବାପାଙ୍କ ସାଙ୍ଗରେ ପରିଭ୍ରମଣରେ ଆଣ୍ଡାମାନ୍ ନିକୋବରକୁ ଯାଇଥିଲି । ସେଠି ପ୍ରକୃତିର ରୁଦ୍ର ସୁନ୍ଦର ରୂପ ଦେଖି ବାପା ତନ୍ମୟ ହୋଇ ଯାଉଥିଲେ । ସେଲୁଲାର ଜେଲ ବୁଲାବୁଲି କରି ବାପା କଣ ସବୁ ଟିପାଟିପି କରି ଆଣିଥିଲେ- ପରେ 'କଳାପାଣି' ବୋଲି ଯେଉଁ ବହିଟିଏ ଲେଖିଲେ- ତାହା ପାଠକ ମହଲରେ ଆଦୃତ ହୋଇଥିଲା ।

୧୯୮୨ରେ ବାପାଙ୍କ ସାଙ୍ଗରେ ଦକ୍ଷିଣ ଭାରତ ଭ୍ରମଣରେ ଯାଇ ମୀନାକ୍ଷି ମନ୍ଦିର, କୋଡ଼ାଇ କେନାଲ, ଟାର୍‌ନେଲ ଭ୍ୟାଲି, ରାମେଶ୍ୱର ସେତୁବନ୍ଧ, କନ୍ୟାକୁମାରୀ, ତିରୁପତି ଆଦି ସ୍ଥାନ ବୁଲାବୁଲି କରି ଫେରିଥିଲୁ ।

୧୯୮୮ ମସିହାରେ ବାଲେଶ୍ୱରର ଝିଅ ଗୀତା ସହିତ ମୋର ବିବାହ ହେଲା । ବିବାହ ପୂର୍ବରୁ କେହି କାହାକୁ ଦେଖି ନଥିଲୁ କି ଚିହ୍ନି ନଥିଲୁ । ତାଙ୍କର ବାପା ରେଳୱେରୁ ଷ୍ଟେସନ ମାଷ୍ଟର ଭାବେ ଅବସର ନେଇ ମଲ୍ଲୀକାଶପୁରର ପୁରୁଣା ଘରଘରେ ରହୁଥିଲେ । ଖୁବ୍ ବଡ଼ ପରିବାର- ଛ' ଭାଇ ଓ ପାଞ୍ଚଭଉଣୀ । ବିଭାଘର ପାଇଁ କଥା ପଡୁପଡୁ ପ୍ରାୟ ସ୍ଥିର ହୋଇଗଲା କେବଳ ବାପାଙ୍କ ପ୍ରତିଷ୍ଠା ଯୋଗୁ । ମାସକ ଆଗରୁ ମୋର ସାନଭାଇ ବୀତଶୋକ ୨୭ ବର୍ଷ ବୟସରେ ରକ୍ତ କ୍ୟାନସର ରୋଗରେ ମରିଗଲା ତା-୧୩ ଫେବୃଆରୀ ୧୯୮୮ ମସିହାରେ । ତା' ପରମାସରେ ଅର୍ଥାତ୍ ମାର୍ଚ୍ଚ ୧୦ ତାରିଖରେ ଆମର ବାହାଘର । ମୁଁ ଶାନ୍ତିନିକେତନରୁ ଓଡ଼ିଆରେ ପିଏଚ୍.ଡ଼ି କରିଥିଲେ ବି ମୋର ଚାକିରି ବାକିରି ପାଇଁ ସମ୍ଭବତଃ ବାପା ଉଦ୍ୟମ କରୁନଥିଲେ । ତାଙ୍କୁ ସାନପୁଅର ମୃତ୍ୟୁ ଶୋକଛାୟାରେ ଆଚ୍ଛାଦିତ କରି ରଖିଥିଲା । ହଁ ବାପା ବିଶ୍ୱଭାରତୀ ପାଠାଗାରରେ ମୋତେ ଚାକିରିଟିଏ ମିଳିବ ବୋଲି ଉଦ୍ୟମ କରିଥିଲେ । କିନ୍ତୁ ଶେଷକୁ ରଞ୍ଜନବାବୁ ନାମକ ଜଣେ ବଙ୍ଗାଳି ଭଦ୍ରଲୋକ ସେ

ପୋଷ୍ଟଟି ପାଇଲେ । ବାପା ତ ମୂଳରୁ କୁହାବୋଲା ଓ ଧରାଧରି କରିବାରେ ବିଶ୍ୱାସ କରୁନଥିଲେ । ଆଜିପରି ଭିନ୍ନକ୍ଷମମାନଙ୍କ ପାଇଁ ସେତେବେଳେ ଚାକିରିରେ କୋଟା ବ୍ୟବସ୍ଥା ନଥିଲା । ବାପା ଭାବୁଥିଲେ ସେ ପୋଷ୍ଟ ପାଇଁ ମୋ ବ୍ୟତୀତ କେହି ପିଏଚ୍.ଡି. ପ୍ରାର୍ଥୀ ନାହାନ୍ତି, ତେଣୁ ମୁଁ ନିଶ୍ଚୟ ପାଇବି । କିନ୍ତୁ ବଙ୍ଗାଳିମାନଙ୍କ ପ୍ରଭାବକୁ ଅତିକ୍ରମ କରି ପାରିବା ଅସମ୍ଭବ ବ୍ୟପାର ଥିଲା ।

ଓଡ଼ିଶାର ଯେକୌଣସି କଲେଜରେ ଅଧ୍ୟାପନା ପାଇଁ ସୁଯୋଗ ହୁଏତ ଥିଲା । କିନ୍ତୁ ସାନପୁଅର ମୃତ୍ୟୁରେ ବ୍ୟଥିତ ବାପା ମାଆ ସେଦିଗରେ ଆଉ ମନବଳାଇ ନଥିଲେ କିମ୍ବା ମୁଁ କୌଣସି କଲେଜକୁ ଦରଖାସ୍ତ ମଧ୍ୟ କରିନଥିଲି । ମୁଁ ବିଶ୍ୱଭାରତୀର ତରୁଚ୍ଛାୟାଘେରା ଶୀତଳ ରାସ୍ତାରେ ବୁଲାବୁଲି କରି, ପାଖ ଦୋକାନରୁ ଜଳଖିଆ ଓ ବିଡ଼ିପାନ ଖାଇ ସମୟ ବିତାଇବାରେ ଲାଗିଲି । କେହିକେହି ସାଂଗସାଥୀ ଯୁଟିଲେ ଥଟ୍ଟାଟାପରାରେ ସମୟ ଗଡ଼ିଚାଲୁଥିଲା । ଏସବୁ ମୋର ଅଭ୍ୟାସରେ ପରିଣତ ହୋଇଗଲା । ବୋଉ ଥିଲା ମୋ ପ୍ରତି ଅଧିକ ସଦୟ ଓ ସହାନୁଭୂତିଶୀଳ ।

ବାପା ମୋତେ ବର୍ଦ୍ଧମାନର ଆମ୍ରତାଲାଲେନ୍ ମାନସିକ ଆରୋଗ୍ୟ ନିକେତନକୁ ଥରେ ନେଇଯାଇଥିଲେ । ଡକ୍ଟର ଅସିତ ବରଣ ପାତ୍ର କହିଲେ ମୋର ନିର୍ଦ୍ଦିଷ୍ଟ କୌଣସି ରୋଗନାହିଁ । କିନ୍ତୁ ଏହି ରୋଗ ସ୍କିଜୋଫେନିଆର ଲକ୍ଷଣ । ପଢ଼ାପଢ଼ି ପାଇଁ ମୋର ଆଗ୍ରହ ଆସୁ ନଥିଲା । ମୁଁ ବୁଲାବୁଲି କରି ପ୍ରାୟ 'ୱେୱାର୍ଡ଼' ହୋଇଯାଇଥିଲି । ବାପା ଆକଟ କରିବା ପରିବର୍ତ୍ତେ ମୋ ପ୍ରତି ଅଧିକ ସ୍ନେହଶୀଳ ହୋଇ ଉଠିଥିଲେ । ମୋର ଏ ଅବସ୍ଥା ସଂପର୍କରେ ବାଲେଶ୍ୱରରେ କେହି ଜାଣି ନଥିଲେ । ତେଣୁ ବାପାଙ୍କ ପ୍ରତିଷ୍ଠା ଉପରେ ମୋର ବିଭାଘର ହୋଇଥିଲା । ନଚେତ୍ ଗୀତାପରି ସୁନ୍ଦରୀ, ଗୋରୀ ଏବଂ ପରିବାରର ସାନଝିଅକୁ ସେମାନେ ଆମଘରେ କାହିଁକି ଦେଇଥାନ୍ତେ ? ସମ୍ଭବତଃ ଗୀତାର ମତାମତ ନେବା ସେତେ ଜରୁରୀ ନଥିଲା । ସେ ଆମଘର ପାଇଁ ଥିଲା ଈଶ୍ୱରଙ୍କର ଅପାର କରୁଣା ଓ ଆଶୀର୍ବାଦ । ମୋ ପରି ବେରୋଜଗାର ମଣିଷଟିକୁ ଚଳାଇବାଠାରୁ ଏବେ ବାପାଙ୍କ ଅଶୀ-ଉତ୍ତର ବାର୍ଦ୍ଧକ୍ୟରେ ତାଙ୍କର ଯତ୍ନ ନେବାଯାଏ ଗୀତାର ଧୈର୍ଯ୍ୟ ଓ ତିତିକ୍ଷା ଦେଖିଲେ ମୁଁ ବିସ୍ମିତ ହୁଏ; କୃତଜ୍ଞତାରେ ମୋ ମୁଣ୍ଡ ନଇଁଯାଏ ।

(୨) ଗୀତାଙ୍କ ଦୃଷ୍ଟିରେ :

ଏବେ ବାପା ତ ପ୍ରାୟ ଭିନ୍ନ ଜଗତର ମଣିଷ ହୋଇଗଲେଣି। କଥାବାର୍ତ୍ତା, ଆଳାପ ଆଲୋଚନାରେ ଆଉ ସଂଗତି ରହୁନାହିଁ। ଅଇନା ସାମ୍ନାରେ ଠିଆହୋଇ ନିଜ ଛବିକୁ ତାଙ୍କ ମୃତବାପାଙ୍କ ଛବି ଭାବି ଘଣ୍ଟାଘଣ୍ଟା ଧରି ଏଣୁତେଣୁ କଣ ତାଙ୍କୁ ସମ୍ବୋଧନ କରି ଗପୁଛନ୍ତି, ସତେ ଯେପରି ସେ ବକ୍ତୃତା ଦେବାର ଅଭ୍ୟାସ ହିଁ କରୁଛନ୍ତି। ତା' ମଧ୍ୟରେ ତାଙ୍କର ପ୍ରାଣଉଚ୍ଛୁଳା ହସ, ଆବେଗ ଓ ଦୁଃଖ ସବୁକିଛି ପ୍ରକାଶ ପାଉଛି। ଆମେ ଦୁହେଁ- ମୁଁ ଓ ଅଶୋକ ଅସହାୟ ଭାବେ ଏ ଦୃଶ୍ୟ ଦେଖୁଛୁ। କିଛି କରିବାର ଉପାୟ ନାହିଁ। ଆଇନା ଆଗରେ ସେ ବେଳେବେଳେ ତାଙ୍କ ପିଲାଦିନ କଥା କାହାକୁ କହି ଶୁଣାଉଛନ୍ତି। ଥରେ କହିବାର ମୁଁ ଶୁଣିଲି ସେ ଗାଁକୁ ଯାଇଛନ୍ତି। ପିଲାମାନେ ପଥର ହୁଡ଼ା ମାରି ଖେଳୁଥିଲେ , ତାଙ୍କ ଦେହରେ ପଥରଟିଏ ବାଜିଲା ଓ କ୍ଷତ ସୃଷ୍ଟି ହୋଇ ରକ୍ତ ବୋହିଲା। ତାଙ୍କ ବଡ଼ନନା ଡାକ୍ତର ପରି ତାଙ୍କ କ୍ଷତରେ ମଲମ ଲଗାଇ ବ୍ୟାଣ୍ଡେଜ୍ ବାନ୍ଧିଦେଲେ। କିଛିଦିନ ପରେ ଘା' ଭଲ ହୋଇଗଲା। ପୁଣିଥରେ ଯାହା କହୁଥିଲେ ମୁଁ ଶୁଣିଥିଲି - ତାଙ୍କ ସ୍ତ୍ରୀ କଣ ଗୋଟାଏ କହୁଥିବାର ସେ ଶୁଣିଲେ। ଜଣେ ପଡ଼ୋଶିନୀ ତାଙ୍କୁ କହିଲେ - "ତୁମେ ତ ବୁଢ଼ୀ ହେଲଣି।" ସେଇଠୁ ମୋ ଶାଶୁ ଉତ୍ତର ଦେଲେ "ମୁ ବୁଢ଼ୀ ହୋଇଗଲେ କଣ ହେଲା, ମୋ କଥା ତ ଆଉ ବୁଢ଼ୀ ହୋଇନି।" ଏହିପରି ନାନା ଅବାନ୍ତର କଥା ଶଶୁର ଏବେ କହୁଥିବାର ମୁଁ ଶୁଣୁଚି। ପିଲାମାନେ ତାଙ୍କର ଏ କଥାସବୁ ଶୁଣି ଯେତିକି ହସାହସି କରୁଛନ୍ତି ମୁଁ ସେତିକି ଦୁଃଖରେ ଭାଙ୍ଗି ପଡୁଛି। ସେ ସବୁବେଳେ ତାଙ୍କ ମୃତ ବାପାଙ୍କ କଥା ମନେ ପକାଉଥିବାରୁ ମୋ ମନରେ ନାନା ଆଶଙ୍କା ସ୍ୱାଭାବିକ ଦାନା ବାନ୍ଧୁଛି। ତାଙ୍କ ପୁଅ ତ ସବୁକଥାରେ ଅବୁଝା ଓ ନିର୍ବିକାର। କେଉଁକାଳୁ ସେ ସୂକ୍ଷ୍ମ ଅନୁଭବ ହରାଇ ବସିଛନ୍ତି। ବାପ ପୁଅଙ୍କର ଏପରି ଅବସ୍ଥା ମୋତେ କେବଳ ବିଚଳିତ କରିନାହିଁ, ଜାଣିଲି - ଏହାହିଁ ମୋର ନିୟତି। ତାକୁ ବହନ କରି ଶେଷପର୍ଯ୍ୟନ୍ତ ବଞ୍ଚିବାକୁ ହେବ।

ଏବେ ମୋର ଶଶୁରଙ୍କର ସମୟ ଜ୍ଞାନ ମୋତେ ବିସ୍ମିତ କରେ। ଶଯ୍ୟାତ୍ୟାଗ, ଚା'ପିଆ, ଜଳଖିଆ ଖାଇବା ଔଷଧ ଓ ମଧ୍ୟାହ୍ନ ଭୋଜନ ଆଦିରେ ଏତେ ଟିକେ ତ ଓଲମ ବିଲମ ନାହିଁ। ଠିକ୍ ସମୟରେ ତାଙ୍କ କଥା ବୁଝିବାକୁ ହେବ। ନଇଲେ ସେ

ଆସି ରୋଷେଇ ଘର ଦୁଆର ମୁହଁରେ ଠିଆ ହୋଇ ରହିବେ । ମୁଁ ଜାଣିବି ଯେ ତାଙ୍କର ଖାଇବା ବେଳ ହୋଇଗଲା ।

ଠିକ୍ ଏହିପରି ସମୟରେ ଆମର ଭ୍ରାତୃପ୍ରତିମ, ବାପାଙ୍କ ଆଦରର ବନ୍ଧୁ ଓ ଆମ ଗୁରୁଭାଇ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ଆସି ଆମକୁ କହିଲେ ଯେ ଶଶୁରଙ୍କ ଅଶୀପୂର୍ତ୍ତି ପାଇଁ ଅଭିନନ୍ଦନ ଗ୍ରନ୍ଥଟିଏ ପ୍ରକାଶ ପାଇବ ଓ ତାହା ଗୋଟିଏ ଉତ୍ସବରେ ଉନ୍ମୋଚିତ ହେବ । ସେଥିରେ ଆମ ଦୁହିଁଙ୍କୁ କିଛି ଲେଖିବାକୁ ହେବ । ବାପାଙ୍କ ପରି ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ ତାଙ୍କର କେହି ଛାତ୍ର ତାଙ୍କଠାରୁ ଶୁଣି ଲେଖିପାରିଲେ ଅନେକ କଥା ଜଣାପଡ଼ନ୍ତା । ସେ କିନ୍ତୁ କୌଣସି କଥା ସ୍ମରଣ କରି ଏବେ କହିବା ଅବସ୍ଥାରେ ନାହାନ୍ତି । ଆମେ ମଧ୍ୟ ପାରିବାରିକ ବାଧ୍ୟବାଧକତାରୁ ଶାଶୁ ଶଶୁରଙ୍କ ଠାରୁ ପ୍ରାୟ ବାରବର୍ଷକାଳ ଦୂରେଇ ରହିଗଲୁ । ସେ କେବେବି ଆମକୁ ଦେଖିବାକୁ, ଆମ ଅଭାବର ସଂସାର କଥା ବୁଝିବାକୁ ଶାଶୁଙ୍କୁ ଧରି ଏଠାକୁ ଆସୁନଥିଲେ । କେବଳ ଯାହା ଥରେ ତାଙ୍କ ନାତିର ବ୍ରତଘରବେଳେ ଦିନକପାଇଁ ଆସି ପାଖ ହୋଟେଲ୍‌ରେ ରହି ସେଇଦିନହିଁ କଟକ ଫେରିଯାଇଥିଲେ । ମୋତେ ଏହା ବହୁତ ଦୁଃଖ ଦେଲେ ବି ଏହାର ପ୍ରତିକାର ନଥିଲା । କିନ୍ତୁ ଶାଶୁ ଚାରିବର୍ଷ ତଳେ ଚାଲିଗଲାପରେ ଆମେ ତାଙ୍କର ଏକମାତ୍ର ସହାୟ ହୋଇଛୁ । ସେ ଖୁବ୍ ଖୁସିରେ ଥିବାର ଦେଖିଲେ ମୁଁ ଆନନ୍ଦିତ ହେଉଛି । ବାପ ପୁଅ ଡାଇନିଙ୍ଗ୍ ଟେବୁଲ ପାଖରେ କେବେ ବା ଖଟ ଉପରେ ବସି କେତେ ଯେ କଣ ଗପୁଛନ୍ତି ସେ ଦୁହେଁ ହିଁ ତାର ମର୍ମ ବୁଝୁଛନ୍ତି । ମୁଁ ରୋଷେଇ ଘରେ ଥାଇ ସେମାନଙ୍କର ହସାହସି ଶୁଣି ମନେମନେ ଖୁସି ହେଉଛି । ତାଙ୍କ ପେନ୍‌ସନ୍ ଟଙ୍କାରେ ବର୍ତ୍ତମାନ ଆମର ଚଳିବା ଓ ପିଲାଙ୍କ ପଢ଼ାପଢ଼ି ଖର୍ଚ୍ଚ ତୁଲାଇବାକୁ ହେଉଛି । ନାତିନାତୁଣୀଙ୍କ ସହିତ ହସଖୁସିରେ ସେ ଦୀର୍ଘାୟୁ ଥାନ୍ତୁ ଏହାହିଁ ମୋର ଠାକୁରଙ୍କଠାରେ ସବୁଦିନେ ପ୍ରାର୍ଥନା ।

ସହଦେବଖୁଣ୍ଟା, ବାଲେଶ୍ୱର

ଆମ ବାପା

ଶ୍ରୀମତୀ ମଂଜୁଳା ଆଚାର୍ଯ୍ୟ

ବାପା କହିଲେ ଆମ ଆଖି ଆଗରେ ଭାସିଉଠେ - ପତଳା, ଗୌରବର୍ଣ୍ଣ ଚେହେରା, ଚଷମାପିନ୍ଧା, ଗମ୍ଭୀର ମୁଖମଣ୍ଡଳ । ପିଲାଦିନେ ଆମେ ପାଞ୍ଚ ଭାଇ-ଭଉଣୀ ସନ୍ଧ୍ୟାବେଳେ ପଢ଼ି ବସୁଥିଲୁ । ବାପା ଘରେ ନଥିଲେ ଆମର ଖେଳ ଆରମ୍ଭ ହୋଇଯାଉଥିଲା । ବାପା ଘରକୁ ପଶିଲାବେଳେ ପାପୋଛରେ ଜୋରଜୋର ପାଦ ବାଡ଼ାନ୍ତି । ସେଥିରୁ ଆମେ ସତର୍କ ହୋଇଯାଉ । ଖେଳ ସାମଗ୍ରୀ ଲୁଚାଇ ଦେଇ ବହିପତ୍ର ମେଲାଇ ବସୁ । ବାପା ବେଳେବେଳେ ଅକସ୍ମାତ୍ ପାଠ ପଚାରି ଦିଅନ୍ତି । ନ ଆସିଲେ କାନମୋଡ଼ା ଖାଇବାକୁ ପଡ଼େ ।

ଆମେ ପିଲାଦିନେ ଶାନ୍ତିନିକେତନରେ ପଢ଼ାପଢ଼ି କରିଥିଲୁ । ସେଠାରେ ବଂଗଳା ଭାଷାରେ ପଢ଼ିବାକୁ ପଡ଼ିଥିଲା । ବାପା ଆମମାନଙ୍କୁ ଓଡ଼ିଆ ଶିଖାଇବାପାଇଁ ଯଥେଷ୍ଟ ଉଦ୍ୟମ କରିଥିଲେ । ତିନିଗାର ପକା ହସ୍ତଲିପି ଖାତା କଟକରୁ ମଗାଇ ଆମମାନଙ୍କୁ ହସ୍ତାକ୍ଷର ଲେଖିବାକୁ ଦେଉଥିଲେ । ବେଳେବେଳେ ଓଡ଼ିଆ ବହି ପଢ଼ି ଶୁଣାଇବାକୁ କହୁଥିଲେ । ଆଉ ଘରେ ଆମମାନଙ୍କ ସହିତ ସବୁବେଳେ ଓଡ଼ିଆରେ କଥାବାର୍ତ୍ତା କରୁଥିଲେ ।

ଯେତେବେଳେ ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥିଲି ସିଏ ଜଣଙ୍କୁ ଚିଠି ଲେଖିଲେ । ଚିଠିରେ ଗୋଟିଏ ପୃଷ୍ଠା ଖାଲି ପଡ଼ିଲା । ମୋତେ କହିଲେ ଗୋଟିଏ କବିତା ଲେଖି ଦେ । ମୁଁ କହିଲି, ବାପା ମୋତେ କବିତା ଲେଖି ଆସେନାହିଁ । ମୋତେ କହିଲେ - ଯା, ବାହାରେ ଯାହା ଦେଖିବୁ, ଲେଖି ଆଣିବୁ । ମୁଁ ଲେଖିଆଣିଲି - ଟେଲିଫୋନ୍ ତାର ଉପରେ କଙ୍କି ବସିଛି, ଅଁଳା ଗଛରେ ପେନ୍ଥାପେନ୍ଥା ଅଁଳା ଝୁଲୁଛି, ନୀଳ ଆକାଶରେ ଧଳାଧଳା ମେଘ ଭାସି ଯାଉଛି ଇତ୍ୟାଦି । ବାପା ଏସବୁକୁ ମିଶାଇ ବଢ଼ିଆ କବିତାଟିଏ କରିଦେଲେ । ମୁଁ ମୋର ହସ୍ତାକ୍ଷରରେ ସେଇ କବିତାଟି ତାଙ୍କ ଲେଖା ଚିଠିରେ

ଲେଖିଦେଲି । ବାପା ଯେତେବେଳେ ସେଇ ଚିଠିର ଉତ୍ତର ପାଇଲେ, ସେଥିରେ ମୋ ପାଇଁ ମଧ୍ୟ ଦୁଇଧାଡ଼ି ଲେଖାଥିଲା, ଆଉ ମୋତେ 'କବି ମଂଜୁଳା' ବୋଲି ସମ୍ବୋଧନ କରା ହୋଇଥିଲା । ମୁଁ ଖୁସିରେ ଅଧୀର ହୋଇଯାଇଥିଲି ।

ବାପା ଘରେ ହାଟ-ବଜାର ସବୁ କରୁଥିଲେ । ପରେ ଅବଶ୍ୟ ଭାଇ କରୁଥିଲା । ବେଳେବେଳେ ପରିବା କାଟୁଥିଲେ । ମୋତେ କହୁଥିଲେ - ଆ' ଶିଖ୍, କିପରି ଥରକରେ ଚୂନ୍‌ଚୂନ୍ କରି ଥାକେ ପରିବା କାଟି ହେବ । ବାପା ଯୁଆଡ଼େ ବି ଯାଉଥିଲେ National ବା International Seminarକୁ, ସେଠାରୁ ଆସିଲା ପରେ ସେଠି ଶିଖିଥିବା ନୂଆନୂଆ ଡିସ୍ ଘରେ ତିଆରି କରି ଆମକୁ ଖୁଆଉଥିଲେ ।

ବାପା କେବେହେଲେ ତାଙ୍କ ପୁଅ ଝିଅଙ୍କ ଭିତରେ ପାର୍ଥକ୍ୟ କରୁନଥିଲେ । ସିଏ ଆମ ସମସ୍ତଙ୍କୁ ପାଠପଢ଼ି ମଣିଷ ହେବାକୁ ପୂର୍ଣ୍ଣ ସୁଯୋଗ ଓ ସ୍ୱାଧୀନତା ଦେଇଥିଲେ । ତାଙ୍କରି ଇଚ୍ଛାରେ ମୁଁ ଇଂରାଜୀ ସାହିତ୍ୟ ପଢ଼ିଥିଲି । ସିଏ ଆମମାନଙ୍କୁ ପ୍ରତି କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଉଥିଲେ ।

ଥରେ ପିଲାବେଳେ ମୁଁ ସ୍କୁଲରେ ପଢୁଥାଏ । ମୋର ଭୂଗୋଳ ବହିଟି ପାଇଲି ନାହିଁ । ବାପାଙ୍କୁ କହିଲି, ମୋର ପରୀକ୍ଷା ଅଛି, ମୁଁ କିପରି ପଢ଼ିବି ? ବାପା କହିଲେ- ଖାଲି ଟପିକ୍‌ଟା କହ । ଆଉ ଟପିକ୍‌ର ନାଁରୁ ମାନଚିତ୍ର ଧରି ମୋତେ ଏତେ ସୁନ୍ଦର ଓ ସହଜ ଭାବରେ ବୁଝାଇ ଦେଲେ ଯେ ମୋର ଭୂଗୋଳରେ ସବୁଠାରୁ ବେଶି ନମ୍ବର ରହିଲା ।

ବାପାଙ୍କ ସହିତ ଆମେ ଉପରବେଳା ବୁଲି ଯାଉଥିଲୁ । ନାନା ବିଷୟରେ ତାଙ୍କ ସହିତ ଆଲୋଚନା କରୁଥିଲୁ । ଫେରିବା ବାଟରେ ଧଳାଗୋଡ଼ି ସଂଗ୍ରହ କରି ଆଣୁଥିଲୁ । ସେଇ ଗୋଡ଼ି ପକେଇ ଆମ ଘର ବାରନ୍ଦା ତଳକୁ ଗେଟ୍ ପର୍ଯ୍ୟନ୍ତ ଗୋଟିଏ ବଢ଼ିଆ ରାସ୍ତା ତିଆରି କରିଥିଲୁ ।

ବାପା ସବୁବେଳେ ଲେଖାପଢ଼ାରେ ବ୍ୟସ୍ତ ରହୁଥିଲେ । ସିଏ ଇଂରାଜୀ, ଓଡ଼ିଆ, ହିନ୍ଦୀ ଆଦି ବିଭିନ୍ନ ଭାଷାରେ ଲେଖାଲେଖି କରୁଥିଲେ । ଆମଘରେ ବହିପତ୍ର ଭର୍ତ୍ତି ହୋଇଥିଲା । ତେଣୁ ପିଲାଦିନୁ ଯାହା ଯେତେବେଳେ ମନହେଲା, ପଢ଼ିବାର ସୁଯୋଗ ପାଇଥିଲୁ । ଆମ ଘରକୁ ବାପାଙ୍କର ଅନେକ ସାହିତ୍ୟିକ ବନ୍ଧୁ, ତାଙ୍କର ଗୁରୁ ଏବଂ ତାଙ୍କ ଛାତ୍ର-ଛାତ୍ରୀମାନେ ଆସୁଥିଲେ । ଚାରିଆଡ଼େ ସାହିତ୍ୟିକ ବାତାବରଣ ରହୁଥିଲା ।

ବାପା ସହଜରେ ରାଗୁ ନଥିଲେ । କିନ୍ତୁ ବେଳେବେଳେ ଅତି ରାଗି ଯାଉଥିଲେ । ତାଙ୍କ ଚଳଣିରେ ଆମର ସବୁକାମ ଘଣ୍ଟାକଣ୍ଟା ପରି ନିମୟରେ ଗତି କରୁଥିଲା । ସେଇ ନିୟମ ଭାଂଗିବାର ଦୁଃସାହସ ଆମର ନଥିଲା ।

ବାପା ବିଶ୍ୱଭାରତୀ ପରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦରେ ଥିଲେ ମଧ୍ୟ କେବେହେଲେ ଆମମାନଙ୍କୁ ଅବାଟରେ ସାହାଯ୍ୟ କରି ନଥିଲେ । ସିଏ ସତ୍ ପଥରେ ରହି, ପରିଶ୍ରମ କରିବାକୁ ଅନ୍ୟମାନଙ୍କୁ ସବୁବେଳେ କହୁଥିଲେ ।

ବାପା ଖାଇବା ପିଇବାରେ ଯଥେଷ୍ଟ ଯତ୍ନଶୀଳ ଥିଲେ । ଆମ ଦ୍ୱିପ୍ରହର ଖାଇବାରେ ପିତା, ଶାଗ, ଡାଲି, ଦହି, ତରକାରୀ, ଆଇଁଷ ସବୁପ୍ରକାର ରହୁଥିଲା । ଭୋର୍‌ରୁ ଉଠି ପାଠ ପଢ଼ିବାକୁ ସିଏ ଆମମାନଙ୍କୁ କହୁଥିଲେ । ତାଙ୍କ ମତରେ ସକାଳୁ ପଢ଼ିଲେ ପାଠ ଭଲ ମନେରହେ ।

ତାଙ୍କର ଉତ୍ସାହରେ ଆମେ ସେତେବେଳେ ସାଇକେଲ୍ ଚଳାଇବା ଶିଖିଥିଲୁ । ଆମକୁ ପହଁରା ଶିଖାଇବା ପାଇଁ ସୁଇମିଙ୍ଗ୍ ପୋଲ୍‌କୁ ମଧ୍ୟ ଛାଡୁଥିଲେ ।

ସିଏ କହୁଥିଲେ, "ଖା ପିତା, ପଢ଼ ଗୀତା; ତେବେ ତୁ ହୋଇବୁ ଜଗତଜିତା ।"

ଯଦି କେବେ ମନମାରି ବସୁଥିଲି, ବାପା ସୁନ୍ଦର କବିତା ଲେଖି ମୋ ମନ ଦୁଃଖ ଦୂର କରିବାକୁ ଯତ୍ନଶୀଳ ହେଉଥିଲେ । ଯେମିତି ମୋର ମ୍ରିୟମାଣ ଅବସ୍ଥାରେ ସେ ଲେଖିଥିଲେ - "ପିତା ମୋର ଢାଳିଦିଅ ସରଗର ଆଶିଷ, ସହୋଦର ମୋର ପରଶିଦିଅ ସ୍ନେହ ସୁଧାଧାର... ।"

ଏମିତି ବାପାଙ୍କୁ ଆମେ ପାଇଛୁ କେତେ ଭାବରେ । ସବୁବେଳେ, ସବୁକ୍ଷେତ୍ରରେ ବାପାଙ୍କର ସ୍ଥିତି ଆମମାନଙ୍କୁ ସାହସ ଦେଇଛି, ପ୍ରେରଣା ଦେଇଛି, ଦେଇଛି ଦୁଃସମୟକୁ ଜୟ କରିବାର ଶକ୍ତି ।

ଏହିପରି ଆମ ବାପା ଜଣେ ଉଦାରମନା, ଦୂରଦର୍ଶୀ, କର୍ମଶୀଳ, ପରୋପକାରୀ, ଅସୀମ ଜ୍ଞାନ ଭଣ୍ଡାରର ମଣିଷଟିଏ । ଆଜି ଆମ ବାପା ଜୀବନର ସାୟାହ୍ନରେ ପହଞ୍ଚିଲେଣି । ତାଙ୍କର ସୁଦୀର୍ଘ, ନିରୋଗ ଜୀବନ କାମନା କରୁଛି ।

ଅଧ୍ୟକ୍ଷା, ସେଣ୍ଟ ଜେଭିୟର ହାଇସ୍କୁଲ

୨୬-ଲଙ୍ଗିପୁର, ଭୁବନେଶ୍ୱର - ୨

ସ୍ମୃତିଧୀଃ ପିତୃଦେବ

ଡ. ମୃଦୁଳା ମିଶ୍ର

ବାପାଙ୍କ ବିଷୟରେ ଲେଖିବାକୁ ବସିଲେ ଆଖି ସାମନାରେ ଭାସିଉଠେ ଶାନ୍ତିନିକେତନ ସ୍ଥିତ ରତନପଲ୍ଲୀର ସେହି ୧୮ ନମ୍ବର କ୍ୱାର୍ଟରଟି । ଟଗରଫୁଲ ଗଛ ବେଷ୍ଟିତ ତିନି ବଖରା ଘରଟିର ସମ୍ମୁଖରେ ଥିଲା ଗୋଟିଏ ଛୋଟ ବାରଣ୍ଡା । ବାରଣ୍ଡା ସାମନାରେ ନାଲିଗୋଡ଼ିର ରାସ୍ତା । ରାସ୍ତାର ବାମ ପାର୍ଶ୍ୱରେ ପିଜୁଳିଗଛଟିଏ । ଡାହାଣରେ କଞ୍ଚନ ଗଛ, ନିମ୍ବ ଗଛ ଓ କାମିନୀ ଫୁଲ ଗଛ । ଗଛ ସବୁ ବାଡ଼ି ପାଖରେ, ମଝିରେ ଲମ୍ବାଳିଆ ଘାସ-ପଡ଼ିଆ । ଘରର ପଶ୍ଚାତର ଗୋଟିଏ କୋଣରେ କାଜୁବାଦାମ ଗଛ, ଅନ୍ୟ କୋଣରେ ହିମସାଗର ଆମ୍ବ ଗଛ । ମଝିରେ ଅଁଳା ଗଛ । ଘରର ପଶ୍ଚିମ ପାର୍ଶ୍ୱରେ ବଡ଼ ବେଲଗଛଟିଏ ଓ କଞ୍ଚା କଦଳୀ ଗଛର ଝାଡ଼ । କ୍ୱାର୍ଟରଟିର ଦୁଇ ପାଖରେ ପିଚୁରାସ୍ତା ଯାଇଛି । ଆମ ଘର ପଛପଟକୁ ଲାଗି ଗୋଟିଏ ପ୍ରାଇଭେଟ ଘର, ତାକୁ ଲାଗି ରତନପଲ୍ଲୀର ବଜାର । ଆମ ଘର ଓ ବାମପାଖରେ କ୍ୱାର୍ଟରଟି ସେଠାକାର ସବୁଠୁ ପୁରୁଣା କ୍ୱାର୍ଟର । ସେଥିରେ ରହୁଥିଲେ ଇଂରାଜୀ ବିଭାଗର ଅଧ୍ୟାପକ ଶିଶିର କୁମାର ଘୋଷ । ଶୁଣିଛି ମୋ ଜନ୍ମ ପରେ ହିଁ ବାପା-ମାଆ ସେହି ୧୮ ରତନପଲ୍ଲୀ ଘରକୁ ଆସିଥିଲେ, ସେଟା ୧୯୬୦ର କଥା । ତାହା ପୂର୍ବରୁ କେଇ ମାସ ବିଶ୍ୱଭାରତୀରେ ନିଯୁକ୍ତି ପାଇବା ପରେ ପୂର୍ବପଲ୍ଲୀର ଗୋଟିଏ ଭଡ଼ାଘରେ ରହୁଥିଲେ । ବାପା ଅବଶ୍ୟ ଶାନ୍ତିନିକେତନକୁ ଆସିଥିଲେ ଆହୁରି ପୂର୍ବରୁ । ସେ ତାଙ୍କର ସ୍ନାତକୋତ୍ତର ଶିକ୍ଷା ଓ ଗବେଷଣା ମଧ୍ୟ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ କରିଛନ୍ତି ।

ମୋ ଜୀବନର ପ୍ରଥମ ବାଇଶ ବର୍ଷ ବାପା-ମାଆ ଓ ଭାଇ-ଭଉଣୀଙ୍କ ଗହଣରେ ଏକାଦିକ୍ରମେ ଶାନ୍ତିନିକେତନ୍‌ର ସେହି କ୍ୱାର୍ଟରରେ କଟିଛି । ଆମେ ପାଞ୍ଚ ଭାଇ-ଭଉଣୀ ସେଠାକାର ବିଦ୍ୟାଳୟ ପାଠଭବନରେ ପଢୁଥିଲୁ । ମନେଅଛି, ଦିନେ କିଛି ଗୋଟାଏ ଦୁଷ୍ଟାମି କରିଥିବାରୁ ସମସ୍ତଙ୍କ ଉପରେ ଉତ୍ତମ-ମଧ୍ୟମ ହୋଇଥିଲା, ମାତ୍ର ମୁଁ

ଦୁର୍ବଳିଆ ଓ ଶାନ୍ତ ସ୍ୱଭାବର ଥିବାରୁ ମୋତେ ମାଡ଼ ହୋଇ ନଥିଲା । ସନ୍ଧ୍ୟାବେଳେ ଏକାଠି ତଳେ ବସି ପାଠ ପଢୁଥିଲୁ । ବାପା ଆମମାନଙ୍କୁ ଇଂରାଜୀ ଓ ପାଟି ଗଣିତ ବୁଝି ନ ପାରିଲେ ବୁଝାଇ ଦେଉଥିଲେ ।

ବାପାଙ୍କର ଚଳଣି ଥିଲା ସରଳ, ନିଡ଼ାରମ୍ବର । ପୋଷାକ-ପରିଚ୍ଛଦ ପ୍ରତି ତାଙ୍କର ଦୃଷ୍ଟି ନଥିଲା । ମାତ୍ର ପୁଷ୍ଟିକର ଖାଦ୍ୟ ଉପରେ ସେ ସଦାବେଳେ ଗୁରୁତ୍ୱ ଦେଉଥିଲେ । 'Healthy mind, Healthy body' ଶୀର୍ଷକ ଗୋଟିଏ ମୋଟା ବହି ତାଙ୍କର ଆଜୀବନ ସଙ୍ଗୀ । ଏବେ ତାଙ୍କ ବୟସ ଅଶୀ । ସ୍ମୃତି ଜୀର୍ଣ୍ଣ, ବିବର୍ଣ୍ଣ । ଗତ ଖରାଛୁଟିରେ ବାଲେଶ୍ୱରରେ ତାଙ୍କୁ ଯେତେବେଳେ ପଚାରିଲି, ବାପା ଦେହ କେମିତି ଅଛି ? ଉତ୍ତରରେ ଏହି ବହିଟିର ନାଁ ଉଲ୍ଲେଖ କରି କହିଲେ, 'ମୋ ପାଖରେ ଏହା ଅଛି, ମୋର ଦେହ କେବେ ଅସୁସ୍ଥ ହେବ ନାହିଁ ।' ଶାନ୍ତିନିକେତନରେ ଖରାଦିନେ ବେଲ ପାଚିବା ସମୟରେ ମାଆ ଓ ଆମେମାନେ ଯେତେ ବିରକ୍ତ ହେଲେ ବି ଆମମାନଙ୍କୁ ଦେଇ ସେ ନିଶ୍ଚୟ ବେଲ-ପଣା କରାଇବେ, ଦରକାର ହେଲେ ନିଜେ ମଧ୍ୟ କରିବେ, ପିଇବେ ଓ ଆମ ସମସ୍ତଙ୍କୁ ପିଇବା ପାଇଁ ବାଧ୍ୟ କରିବେ । ସେହିପରି ଶାନ୍ତିନିକେତନ ଆଶ୍ରମରୁ ହରିଡ଼ା, ବାହାଡ଼ା, ଅଁଳା ଆଣି ସମସ୍ତଙ୍କୁ କାମରେ ଲଗାଇ ଚ୍ୟବନପ୍ରାଶ୍ ତିଆରି କରିବେ । କମଳାଚୋପା ଶୁଖେଇ, ଗୁଣ୍ଡ କରି ଦାନ୍ତଘଷା ପାଉଡର ତିଆରି ହେବ । ଏହିପରି ଘରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀକୁ ସେ ପ୍ରାତ୍ୟହିକ ଜୀବନରେ ବ୍ୟବହାର କରିବାକୁ ଚାହୁଁଥିଲେ । ରସନାର ପରିତୃପ୍ତି ପ୍ରତି ତାଙ୍କର ଧ୍ୟାନ ନଥିଲା । ସ୍ୱାଦ ପ୍ରତି ସେ ଏତେ ଧ୍ୟାନ ଦେଉ ନଥିଲେ । ମାତ୍ର ଆହାର୍ଯ୍ୟରେ ପ୍ରୋଟିନ, ଶ୍ୱେତସାର, ଭିଟାମିନ୍‌ର ମାତ୍ରା ପ୍ରତି ତାଙ୍କର ନଜର ଥିଲା । ବାର-ତିଥି ମାନି ଆମିଷ ନିରାମିଷ ଖାଦ୍ୟ ଗ୍ରହଣ ପାଇଁ ମାଆ ଚାହୁଁଥିଲା ବେଳେ ବାପା ଏସବୁ କିଛି ମାନୁ ନଥିଲେ । ସାର୍ବଜନୀନ ଦୁର୍ଗାପୂଜା ଅବସରରେ ଅଷ୍ଟମୀ-ନବମୀର ସନ୍ଧିକ୍ଷଣରେ ଦେବୀଙ୍କ ନିକଟରେ ଯେଉଁ ପଶୁବଳି ପ୍ରଥାର ପରମ୍ପରା ଅଛି ତାକୁ ସେ ସମର୍ଥନ କରନ୍ତି । ବାପା କହୁଥିଲେ ବର୍ଷରେ ଥରେ ଅଧେ ଅନ୍ତତଃ ଏହି ସୁଯୋଗରେ ସହର-ଗ୍ରାମାଞ୍ଚଳର ଦରିଦ୍ର ଜନସାଧାରଣ ମାଂସ ଖାଇବାକୁ ପାଇଥାଆନ୍ତି । ତେଣୁ ଏହାକୁ ବନ୍ଦ କରିବା ଉଚିତ ନୁହେଁ ।

ବାପା ନାସ୍ତିକ କି ନୁହନ୍ତି ମୁଁ ଜାଣେ ନାହିଁ । କିନ୍ତୁ ମାଆଙ୍କ ଠାକୁରଙ୍କ ନିକଟରେ ମୁଁ କେବେ ତାଙ୍କୁ ପୂଜା କରିବାରେ ଦେଖିନାହିଁ । ମାତ୍ର ଗୀତା, ଭାଗବତ ପାଠ

କରିବା ବା ଶୁଣିବା ଦେଖିଛି । 'ସମ୍ବାଦ'ରେ 'ଅଳ୍ପ-ଆଳାପ' ସ୍ତମ୍ଭରେ ପ୍ରକାଶିତ ଗୋଟିଏ ସାକ୍ଷାତ୍‌କାରରେ 'ଆପଣ ଭାଗ୍ୟରେ ବିଶ୍ୱାସ କରନ୍ତି କି ?' ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି- 'ମୋ ପକ୍ଷରେ ଭାଗ୍ୟ ଓ ଭଗବାନ ଏକ ଓ ଅଭିନ୍ନ । କିନ୍ତୁ ତାଙ୍କ ଅସ୍ତିତ୍ୱ ସମ୍ପର୍କରେ ମୁଁ ଜାଣେନାହିଁ । ଜୀବନରେ 'ଲ ଅଫ୍ ଅନସର୍ଟେନ୍‌ଟି' କାମ କରୁଛି । ତାକୁ ମାନିବାକୁ ପଡ଼ିବ । ତାକୁ ଯଦି ଆପଣ ଭାଗ୍ୟ ଓ ଭଗବାନ କହିବେ, ମୋର ଆପତ୍ତି ନାହିଁ ।' ସେ ହିନ୍ଦୁଧର୍ମର ତଥାକଥିତ ଆଚାର-ଆଚରଣ ଓ ରୀତି ନୀତିରେ ବିଶ୍ୱାସ କରନ୍ତି ନାହିଁ । ମନେ ଅଛି ଗାଁରେ ଅନୁଷ୍ଠିତ ବଡ଼ ଭାଇଙ୍କ ବ୍ରତଘରେ ବିଭିନ୍ନ ପ୍ରକାର ବିଶୃଙ୍ଖଳା ହୋଇଥିବାରୁ ବାପା ସାନଭାଇର ଉପନୟନ ଆମ ସେହି ଶାନ୍ତିନିକେତନ ଘରେ ସମ୍ପୂର୍ଣ୍ଣ ବୈଦିକ ରୀତିରେ ସେଠାକାର ସଂସ୍କୃତ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ କରିଥିଲେ ।

ବାପାଙ୍କର ସାଂସାରିକ ଜୀବନରେ, କର୍ମକ୍ଷେତ୍ରରେ ବହୁ ଝଡ଼ଝଞ୍ଜା, ବାଧାବିଘ୍ନ ଆସିଛି । ସେ ସବୁକୁ ନିର୍ଲିପ୍ତ ଭାବେ, ଉଦାରତାର ସହ ଆପଣେଇଛନ୍ତି । ସେ ସ୍ଥିତଧୀଃ । "ଦୁଃଖେଷ୍ୱନୁଦ୍ ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ" । ବାପା ପଢ଼ିଲାବେଳେ ଏତେ ଅଭିନିବେଶ ସହ ପଢୁଥିଲେ ଯେ ମୁଁ ପିଲାବେଳେ ଆଶ୍ଚର୍ଯ୍ୟ ହୋଇ ଯାଉଥିଲି । କେତେଥର ଦେଖିଛି ଆମର ସେହି ଶାନ୍ତିନିକେତନ ଘର ସାମନା ବାରଣ୍ଡାରେ ସେ ଖବରକାଗଜ ପଢୁଛନ୍ତି, ତାଙ୍କର କେହି ଛାତ୍ର ଆସି ଛିଡ଼ା ହୋଇଛନ୍ତି- ମାତ୍ର ସେ ଜାଣିପାରୁ ନାହାନ୍ତି । ନିଜର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଲେଖାଲେଖି ସେ ତାଙ୍କର କାର୍ଯ୍ୟାଳୟରେ କରୁଥିଲେ । ଘରେ ମଧ୍ୟ ଅଧ୍ୟାପକ ଓ ଛାତ୍ରଙ୍କ ସହ ସାହିତ୍ୟ ଆଲୋଚନା କରୁଥିଲେ । ତାଙ୍କର ଗଦ୍ୟରଚନା ଶୈଳୀର ଏକ ବୈଶିଷ୍ଟ୍ୟ ହେଲା- ସେ ଇଂରାଜୀ 'And' ଅର୍ଥରେ କେବେ 'ଏବଂ' ବ୍ୟବହାର କରିନାହାନ୍ତି । ତାଙ୍କ ମତରେ 'ଏବଂ'ର ଏହି ପ୍ରୟୋଗ ଶୁଦ୍ଧ ନୁହେଁ । ତାଙ୍କର ପ୍ରିୟ ଶିକ୍ଷକ-ଗୁରୁ କୁଞ୍ଜବିହାରୀ ଦାଶ ଶାନ୍ତିନିକେତନ ଆସି କେତେଥର ଆମର ସେହି ଘରେ ରହିଛନ୍ତି । ସେ ଆସିଲେ ଆମ ଘରେ ଭୋଜି ହେଉଥିଲା । ଅନ୍ନଦାଶଙ୍କର ରାୟ ଓ ଲୀଳା ରାୟ ମଧ୍ୟ ଶାନ୍ତିନିକେତନ ଆସିଲେ ସବୁ ବେଳେ ଆମ ଘରକୁ ଆସୁଥିଲେ । ମନେ ପଡୁଛି ଅନ୍ନଦା ଶଙ୍କରଙ୍କ ଉପରେ ବାପାଙ୍କର ଗୋଟିଏ ଲେଖାର ମୁଁ ବଙ୍ଗଳା ଅନୁବାଦ କରିଥିଲି । ତାଙ୍କର ଶେଷ ବହି 'କୁଞ୍ଜବିହାରୀ ମନୋଗ୍ରାଫ' ରଚନାବେଳେ ମୁଁ ଶ୍ରୁତଲିଖନ କରିଥିଲି ।

ବାପା ସର୍ବଦା ପ୍ରଗତିଶୀଳ, ଆଧୁନିକ ଓ ସୃଷ୍ଟିଶୀଳ । ରବୀନ୍ଦ୍ରନାଥଙ୍କର ଉଦାର ମାନବତାବାଦରେ ଅନୁପ୍ରେରିତ । 'ଚିରସ୍ମରଣୀୟ ଆଦର୍ଶ ଓ ମୋ ଶିକ୍ଷକ ଜୀବନ' ପ୍ରବନ୍ଧରେ ସେ ଲେଖିଛନ୍ତି, "ଭାରତ-ଆତ୍ମାର ଜୀବନ୍ତ ପୀଠ ବିଶ୍ୱକବିଙ୍କ ସ୍ୱପ୍ନତୀର୍ଥରେ ଯୌବନ, ପ୍ରୌଢ଼ ଆଉ ବାର୍ଦ୍ଧକ୍ୟର ଏକାଂଶ ବିତାଇବା ହିଁ ଥିଲା ମୋ ଜୀବନର ସାର୍ଥକତା ।" ବାପାଙ୍କର ଆଉ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ହେଉଛନ୍ତି ଗାନ୍ଧିଜୀ, ଯାହାଙ୍କର ଜୀବନଚର୍ଯ୍ୟାରେ ସେ ବହୁମାତ୍ରାରେ ପ୍ରଭାବିତ । ଗାନ୍ଧିଙ୍କ ବିଷୟରେ ବାପା ଲେଖିଛନ୍ତି, "ମୋର ଛାତ୍ର ଜୀବନରେ ଜଣେ ମହାମାନବ ପ୍ରାଣରେ ଢେଉ ଖେଳାଇ ଦେଉଥିଲେ, ଆଶାର ଆଲୋକରେ ନିଜକୁ ସର୍ବଶକ୍ତିମାନ ମନେ କରୁଥିବା ସମ୍ରାଟଙ୍କ ସାମ୍ରାଜ୍ୟକୁ ଦୋହଲାଇ ଦେଉଥିଲେ ଅନ୍ୟାୟ ଓ ଅନୀତି ପଥରେ ଭ୍ରଷ୍ଟ ନ ହେବାପାଇଁ । ସେ ଥିଲେ ମହାତ୍ମାଗାନ୍ଧୀ ।" ଦୁଇଥର ବାପା ଆମ ସମସ୍ତଙ୍କୁ ନେଇ ଭାରତଭ୍ରମଣରେ ଯାଇଥିଲେ । ଥରେ ଆଣ୍ଡାମାନ ଭ୍ରମଣ । ବାପା ଏହି ଭ୍ରମଣ ବୃତ୍ତାନ୍ତ ତାଙ୍କ 'କଳାପାଣି' ବହିରେ ଲେଖିଛନ୍ତି । ମୁଁ ମଧ୍ୟ ଏଥିରେ ଅନୁପ୍ରାଣିତ ହୋଇ ଗୋଟିଏ କ୍ଷୁଦ୍ର ରଚନା 'ରସ ଆଇଲ୍ୟାଣ୍ଡ' ଲେଖିଥିଲି । ଏହା ବିଶ୍ୱଭାରତୀର ପତ୍ରିକା 'ସପ୍ତପର୍ଣ୍ଣୀ'ରେ ପ୍ରକାଶିତ ହୋଇଥିଲା । ଆଉ ଥରେ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନ ପରିଦର୍ଶନରେ ଯାଇଥିଲୁ । ବାପାଙ୍କର ଦାକ୍ଷିଣାତ୍ୟ ଭ୍ରମଣ କାହାଣୀ ଲେଖିବାର ଅଭୀପ୍ସା ଅସମାପ୍ତ ରହି ଯାଇଛି ।

ମୁଁ ୧୯୮୩ରେ ଶାନ୍ତିନିକେତନ ଛାଡ଼ିଲି । ବାପା ୧୯୯୪ରେ ପୂର୍ଣ୍ଣ ଅବସର ପରେ ୧୯୯୭ରେ ଶାନ୍ତିନିକେତନ ଛାଡ଼ି କଟକରେ ତାଙ୍କ ମହାନଦୀ ବିହାର ସ୍ଥିତ ନିଜ ଘରେ ରହିବାକୁ ଆସିଲେ । ସେତେବେଳକୁ ମୋ ସାନଭାଇ ଆମମାନଙ୍କୁ ସବୁଦିନ ପାଇଁ ଛାଡ଼ି ଚାଲି ଯାଇଥାଏ । ଆମେ ଅନ୍ୟ ଭାଇ ଭଉଣୀ ନିଜର ସାଂସାରିକ ଜୀବନରେ ପ୍ରବେଶ କରି ସାରିଥାଉ । ମାଆ-ବାପାଙ୍କର ଦ୍ୱୈତ ଜୀବନ ସୁଖ-ଦୁଃଖରେ ନିଜ ଘରେ କଟୁଥାଏ । ଭୁବନେଶ୍ୱର-କଟକର ଦୂରତା ଅଧିକ ନଥିବାରୁ ମୁଁ କାରଣେ ଅକାରଣରେ ପ୍ରାୟ କଟକ ଯାଉଥିଲି । ଏଠି ବାପାଙ୍କୁ ସଖ୍ୟ ଦେଉଥିଲେ ସାହିତ୍ୟିକ ସୁରେନ୍ଦ୍ରନାଥ ଶତପଥୀ । ତାଙ୍କ ସମ୍ପାଦିତ ପତ୍ରିକା 'ସହଯୋଗୀ'ରେ ବିଭିନ୍ନ ପ୍ରକାରର ଲେଖାସବୁ ଲେଖୁଥିଲେ । କୁଞ୍ଜବିହାରୀଙ୍କ ଉପରେ ଓଡ଼ିଆ ମନୋଗ୍ରାଫଟି ସେ ଏଠାରେ ଥିଲା- ବେଳେ ଲେଖିଥିଲେ । ବର୍ଷଟିଏ ମହାନଦୀ ବିହାର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷପଦ ତୁଲାଇଥିଲେ । ୮୪୦ ମହାନଦୀ ବିହାରର ଏହି ଏଲ.ଆଇ.ଜି ଘରଟିର ସମ୍ପ୍ରସାରଣ କଲାବେଳେ ଉପର ମହଲାଟି ସେ ତାଙ୍କର ପସନ୍ଦ ଅନୁସାରେ ତିଆରି

କରାଇଥିଲେ । ବହୁ ଝରକା ବିଶିଷ୍ଟ ଗୋଟିଏ ବଡ଼ ପ୍ରକୋଷ୍ଠରେ ସେ ତାଙ୍କର ପଢ଼ା ଟେବୁଲ ରଖି ସମୟ ବିତାଉଥିଲେ । ଗୋଡ଼ ଭାଙ୍ଗିଯିବାରୁ ତିନିମାସ ଶଯ୍ୟାଶାୟୀ ହୋଇଥିଲେ । ଭଲ ହେଲା ପରେ ମଧ୍ୟ ଚାଲିବା ଅସୁବିଧା ଯୋଗୁ ବାହାରକୁ ଯିବା ତାଙ୍କର କମିଗଲା । ଘର ବାହାରର ସବୁ କାମ ମାଆଙ୍କ ଉପରେ ପଡ଼ିବାରୁ ସେ ପ୍ରାୟ ବିରକ୍ତ ହେଉଥିଲେ । ମନେ ପଡୁଛି ଦିନେ ମାଆ ରାଗିକି ଗାଳି କରୁଥାନ୍ତି, ବାପା କିନ୍ତୁ ଟିକିଏ ବି ନ ରାଗି ତାଙ୍କ ସ୍ୱାଭାବିକ ଶୈଳୀରେ କହୁଥାନ୍ତି, "କାହିଁକି ରାଗୁଛ, ମୁଁ ଅନ୍ନପୂର୍ଣ୍ଣାଙ୍କ ଦୁଆରେ ଦୁଇବେଳା ଦୁଇ ମୁଠା ଅନ୍ନର ଭିକାରୀ" । ନିଜ ଘରେ ରହିବାର ଆନନ୍ଦ ସେ କଟକରେ ପାଇଥିଲେ । ମାତ୍ର ବେଶି ଦିନ ଏ ଆନନ୍ଦ ତିଷ୍ଠିଲା ନାହିଁ । ମାଆ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ । ୨୦୦୯ରେ ସେ ଆମମାନଙ୍କୁ ଛାଡ଼ି ଚାଲିଗଲେ । ବାପା ମାଆଙ୍କ ଉପରେ ଏତେ ନିର୍ଭରଶୀଳ ଥିଲେ ଯେ ଦୁଇତିନିଥର କଟକ ଘରେ ଏକୁଟିଆ ରହିବାର ପ୍ରୟାସ କରି ଶେଷରେ ପରାସ୍ତ ହେଲେ । ଏବେ ସେ ବାଲେଶ୍ୱରରେ ରହୁଛନ୍ତି । ବାର୍ଦ୍ଧକ୍ୟର ଭାରରେ ଭାରାକ୍ରାନ୍ତ, ଆଧୁନିକତା ଓ ଅଶିକ୍ଷାର କୋଳାହଳରେ ସେ ନିଃସଙ୍ଗ । ସ୍ମୃତି ବିବର୍ଣ୍ଣ, ବିପର୍ଯ୍ୟସ୍ତ । ଦେଖାହେଲେ ଠିକ୍ ଭାବେ ଚିହ୍ନୁଛନ୍ତି କି ନାହିଁ ଜାଣି ହେଉନାହିଁ । ଏବେ ତାଙ୍କ ଆଶୀର୍ବାଦବାଣୀ ଶୁଣିବା ପାଇଁ ତାଙ୍କ ଚିଠିହିଁ ମୋର ସାହା । ଏପରି ଗୋଟିଏ ଚିଠି ଉଦ୍ଧାର କରି ମୋର ରଚନା ଶେଷ କରୁଛି ।

ସ୍ନେହର ମୃଦୁଳା,   ଅଗଷ୍ଟ ୩୧, ୧୯୯୫

ମାଆ ମନେ ପକାଇଦେଲା ଆଜି ତୋର ଜନ୍ମଦିନ । କି ଉପହାର ଦେବି ? ତୋ ନିଜର ବ୍ୟକ୍ତିତ୍ୱ ଓ ସାଧନା ହିଁ ତୋତେ ବିଶ୍ୱର ସମସ୍ତ ସାର ଓ ସତ୍ୟର ସମ୍ପଦ ଆଣିଦେବ । ତୋତେ ଦେଖିଲେ ହିଁ ମୋର ମନେହୁଏ, ସମସ୍ତ ସାମୟିକ ଦୁଃଖ, ହତାଶା, ବ୍ୟର୍ଥତା ଓ ଅବସାଦବୋଧ ମଧ୍ୟରେ ନିର୍ଲିପ୍ତ ନିସ୍ପନ୍ଦ ଗୋଟିଏ ଉର୍ଦ୍ଧ୍ୱମୁଖୀ ଦୀପଶିଖା- ଯେପରିକି ପ୍ରାର୍ଥନାରତ-

My heart is not haughty
nor my eyes lofty.
Neither do I concern myself

with great matters

(even being engrossed

with great matters in Physics)

nor with things too profound

for me.

Surely, I have calmed and quietend my soul,

like a weaned child with his mother.

ସମସ୍ତଙ୍କୁ ମୋର ଆଶୀର୍ବାଦ ଓ ବୋନିକୁ ଆଦର ଦେବୁ ।

ଇତି ଶୁଭାକାଂକ୍ଷୀ ବାପା ।

୪-ଆର୍-୧୫, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସର

ଭୁବନେଶ୍ୱର-୨୨

ଶିକ୍ଷାପ୍ରେମୀ ବାପା

ପ୍ରଭାତୀ ନାଥ

ଆଜି ଆମ ବାପା ଜୀବନର ଶେଷ ପ୍ରାନ୍ତରେ ଉପସ୍ଥିତ । ତାଙ୍କ କଥା ମନେପଡ଼ିଲେ ଆଖି ଆଗରେ ଭାସିଉଠେ ଚଷମା ପରିହିତ ଗମ୍ଭୀର ମୁଖମଣ୍ଡଳ ଏବଂ ୧୮ ନମ୍ବର ଶାନ୍ତିନିକେତନ ଘରେ ଚେୟାରରେ ବସିବାର ଦୃଶ୍ୟ । ସମ୍ମୁଖ ଟେବୁଲ ଉପରେ ବହିର ସମ୍ଭାର । ହାତ ପାଖରେ ଟାଇପ୍ ରାଇଟର । କେତେବେଳେ ଖଟ୍‌ଖଟ୍ ଟାଇପ୍ ରାଇଟର ଚାଲିବାର ଶବ୍ଦ, ପୁଣି କେତେବେଳେ ନିବିଷ୍ଟ ଚିତ୍ତରେ ଆଖି ଯୋଡ଼ିକ ମୋଟାମୋଟା ବହିରେ ନିବିଦ୍ଧ । ପୁଣି କେତେବେଳେ ମୁଦ୍ରିତ ନୟନରେ ଗଭୀର ଚିନ୍ତାରେ ଆବିଷ୍ଟ । ତାଙ୍କୁ ଦେଖିଲେ ମନେହୁଏ, ବହି ଯେପରି ତାଙ୍କର ପରମ ମିତ୍ର । ବହିର ସଂଯୋଗ ଯେପରି ତାଙ୍କର ଆତ୍ମା ସହିତ । ଘରେ ଥିଲା ବଂଗଳା, ଓଡ଼ିଆ, ହିନ୍ଦୀ, ଇଂରାଜୀ ପ୍ରାୟ ସବୁ ଭାଷାର ବହି । ମୋଟା ମୋଟା ହିନ୍ଦୀ, ଇଂରାଜୀ, ବଂଗଳା, ଭାଷାର ଅଭିଧାନ । ଆଉ ଥିଲା ଅନେକ ଦୁଷ୍ପ୍ରାପ୍ୟ ପତ୍ର-ପତ୍ରିକା । ଯେଉଁଥିରେ ତାଙ୍କର ବହୁଲେଖା ପ୍ରକାଶିତ ହୋଇଥିଲା । ବାପା ବିଶ୍ୱଭାରତୀରେ ପ୍ରଫେସର ପଦରେ ଥିଲାବେଳେ ତାଙ୍କର ବହୁ ସମୟ ବିତୁଥିଲା କେନ୍ଦ୍ରୀୟ ପାଠାଗାରରେ ଏବଂ ଓଡ଼ିଆ ବିଭାଗର ସେମିନାର ପାଠାଗାରରେ । ସିଏ ପ୍ରାୟ ସାହିତ୍ୟର ସବୁଦିଗ ଛୁଇଁବାକୁ ଚେଷ୍ଟା କରିଥିଲେ । ତାଙ୍କର ସମାଲୋଚନା ସାହିତ୍ୟ, ଗବେଷଣା ମୂଳକ ପ୍ରବନ୍ଧ, ଭ୍ରମଣ କଥା, କବିତା ପ୍ରଭୃତି ପାଠକ ସମାଜରେ ବହୁ ଆଦୃତ । ତାଙ୍କର କିଛି ପ୍ରକାଶିତ ବହି ହେଲା 'ବଳରାମ ଦାସ ଓ ଓଡ଼ିଆ ରାମାୟଣ', 'ଆଧୁନିକ କାବ୍ୟଧାରା', 'ଆଧୁନିକ ଓ ଆଧୁନିକତା', 'ଶୈଳ ଓ ସୀମାନ୍ତ', 'କଳାପାଣି', 'ଘାସଫୁଲ' ଇତ୍ୟାଦି ।

ତାଙ୍କର ଓଡ଼ିଆ ବ୍ୟତୀତ ଇଂରାଜୀ, ହିନ୍ଦୀ ଏପରିକି ବଂଗଳା ଭାଷାରେ ମଧ୍ୟ ପାଣ୍ଡିତ୍ୟ ଥିଲା । ସିଏ ଫରାସୀ ଭାଷା ମଧ୍ୟ ଶିଖିବାକୁ ଚେଷ୍ଟା କରୁଥିଲେ । ତାଙ୍କର ଆଦର୍ଶ ଗୁରୁ ଥିଲେ ଲୋକରନ୍ ‌କୁଞ୍ଜବିହାରୀ ଦାଶ । ତାଙ୍କର ପ୍ରେରଣା, ଉପଦେଶ

ଦେଇ ତାଙ୍କୁ ସବୁବେଳେ କିଛି ନା କିଛି କରିବାକୁ ଉତ୍ସାହିତ କରୁଥିଲେ । ସିଏ ତାଙ୍କ ନିକଟକୁ ଅନେକ ପତ୍ର ମଧ୍ୟ ଏଇ ଲେଖାଲେଖି ସଂକ୍ରାନ୍ତରେ ଲେଖୁଥିଲେ ।

ବାପା ଶିକ୍ଷାଲାଭ ପାଇଁ ବହୁ କଷ୍ଟସ୍ୱୀକାର କରିଥିଲେ । ସିଏ ଥିଲେ ଘରର ସାନପୁଅ, ତାଙ୍କ ମା'ଙ୍କର ନୟନ ପିତୁଳା । ପିଲାଦିନେ ସିଏ ବାରମ୍ବାର ଜ୍ୱରରେ ପଡୁଥିଲେ । ତାଙ୍କ ସ୍ୱାସ୍ଥ୍ୟ ମଧ୍ୟ ଦୁର୍ବଳ ଥିଲା । ତଥାପି ସେ ଯୁଗରେ ଶିକ୍ଷାଲାଭ ପାଇଁ, ସିଏ ସାତବର୍ଷ ବୟସରେ ଘର ଛାଡ଼ି, ଜଣକ ପାଖରେ ଗୁମାସ୍ତା କାମ କରିଥିଲେ । ଦିନରେ ପାଠ ପଢ଼ନ୍ତି, ରାତିରେ ହିସାବ ଦେଖନ୍ତି । କଠୋର ଅଧ୍ୟବସାୟ ଓ ନିଷ୍ଠା ଫଳରେ ସିଏ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଗଣିତ, ଇତିହାସ, ଭୂଗୋଳରେ ସିଏ ଖୁବ୍ ଭଲ କରୁଥିଲେ । ପାଟିଗଣିତ ସିଏ ମୁହେଁମୁହେଁ କରିପାରୁଥିଲେ । ଇଂରାଜୀ ଖବରକାଗଜରୁ ଅକ୍ଷର ଦେଖି, ସିଏ ଇଂରାଜୀ ଅକ୍ଷର ଲେଖି ଶିଖିଥିଲେ ପିଲାଦିନେ । ତାଙ୍କ ସମୟରେ ଶିକ୍ଷାର ଏତେ ପ୍ରସାର ନଥିଲା କିମ୍ବା ଶିକ୍ଷାଲାଭର ସୁଯୋଗ ମଧ୍ୟ ନଥିଲା । ବହୁତ ବାଟ ଚାଲି ସିଏ ଚାଟଶାଳୀ ଯାଉଥିଲେ ।

ଶିକ୍ଷା ପ୍ରତି ତାଙ୍କର ଖୁବ୍ ଝୁଙ୍କ୍ ଥିଲା । ତାଙ୍କ ମତରେ ଶିକ୍ଷା ସବୁବେଳେ ଜରୁରୀ । ତାଙ୍କ ବିଚାର ଅନୁସାରେ ପୁଅ ଝିଅ ସମସ୍ତଙ୍କର ଶିକ୍ଷା ପାଇବାର ଅଧିକାର ଅଛି । ତାଙ୍କର ଏଇ ଉଦାର ନୀତି ଯୋଗୁଁ, ଆମେ ତାଙ୍କ ଝିଅମାନେ ଉଚ୍ଚଶିକ୍ଷା ଲାଭ କରିବାର ସୌଭାଗ୍ୟ ପାଇଥିଲୁ । ହାଇସ୍କୁଲ ପାଠ ସରିଲା ପରେ, ବଡ଼ ନାନୀର ବାହାଘର ପାଇଁ ବଡ଼ବାପା ପ୍ରସ୍ତାବ ଦେଇଥିଲେ । କିନ୍ତୁ ବାପା କହିଥିଲେ, ନା ମୋର ଏଇ ଛୋଟ ଝିଅଟିର ମୁଁ ଏତେ ଶୀଘ୍ର ବାହାଘର କରିବି ନାହିଁ । ସିଏ ଆହୁରି ପାଠ ପଢ଼ିବ ।

ବିଭାଗୀୟ ମୁଖ୍ୟ ଥିଲାବେଳେ, ସିଏ ଗରିବ ମେଧାବୀ ଛାତ୍ରମାନଙ୍କୁ ନିଜେ ଚିଠିଲେଖି, ଆଡମିଶନ ପାଇଁ ନିମନ୍ତ୍ରଣ କରୁଥିଲେ । ସେମାନଙ୍କର ପଢ଼ିବା ପାଇଁ ଯାବତୀୟ ସୁବିଧା କରି ଦେଉଥିଲେ । ବାପାଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବାର ସୁଯୋଗ ଥିଲା । ସିଏ ଶାରୀରିକ ଓ ମାନସିକ ଉଭୟ ଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ । ବିଭିନ୍ନ ବିଷୟରେ ତାଙ୍କର ଅସାଧାରଣ ଜ୍ଞାନ ଥିଲା । ଥରେ ବିନା ବହିରେ ବାପାଙ୍କ ଠାରୁ ଭୂଗୋଳ ପଢ଼ି ମୋର ବଡ଼ନାନୀ ସ୍କୁଲରେ ଭୂଗୋଳରେ ସର୍ବୋଚ୍ଚ ନମ୍ବର ରଖିଥିଲେ । କେବଳ ମାନଚିତ୍ର ଧରି ବାପା ସୁନ୍ଦର ଭାବରେ

ଭୂଗୋଳ ପଢ଼ାଉଥିଲେ । କେବଳ ସାହିତ୍ୟ ନୁହେଁ, ବିଜ୍ଞାନରେ ମଧ୍ୟ ତାଙ୍କର ରୁଚି ଥିଲା । ସିଏ ମୋର ବାୟୋ କେମେଷ୍ଟ୍ରି ବହି ଆଗ୍ରହର ସହ ପଢୁଥିଲେ । କିପରି ସୁଷମ ଖାଦ୍ୟ ଖାଇ ସୁସ୍ଥ ରହିହେବ ସେ ସଂପର୍କରେ ଜ୍ଞାନ ଆହରଣ କରୁଥିଲେ । ବାସ୍ତବରେ ମଧ୍ୟ ସିଏ ତାର ପ୍ରୟୋଗ କରୁଥିଲେ ।

ଏଲୋପାଥି ଉପରେ ତାଙ୍କର କିଛିଟା ଜ୍ଞାନ ଥିଲା । ସିଏ ହୋମିଓପାଥି ଓ ପାରିବାରିକ ଚିକିତ୍ସା ବହି ପଢ଼ି ହୋମିଓପାଥି ବିଷୟରେ ମଧ୍ୟ ଜ୍ଞାନ ଲାଭ କରିଥିଲେ । ଗାଁକୁ ଗଲେ, ସେଠାରେ ଲୋକମାନଙ୍କୁ ହୋମିଓପାଥିରେ ଭଲ କରିଦେଉଥିଲେ । ଚ୍ୟବନପ୍ରାସ, ଦାନ୍ତଘଷା ପାଉଡର ଇତ୍ୟାଦି ସିଏ ନିଜ ହାତରେ ତିଆରି କରିବାବେଳେ ଆୟୁର୍ବେଦିକ ପାଠର ପ୍ରୟୋଗ କରୁଥିଲେ । ବିଭିନ୍ନ ପ୍ରକାର ରୋଷେଇ ଶିଖି କରିବାରେ ମଧ୍ୟ ତାଙ୍କର ଆଗ୍ରହ ଥିଲା ।

ବିଭିନ୍ନ ବିଷୟ ଜାଣିବାପାଇଁ ତାଙ୍କର ଅସୀମ କୌତୂହଳ ଥିଲା । ସିଏ ଖୁବ୍ ସ୍ୱାସ୍ଥ୍ୟ ସଚେତନ ଥିଲେ । Healthy body and healthy mind ବହିଟି ତାଙ୍କର ଚିର ସହଚର ପରି ଆଜି ମଧ୍ୟ ତାଙ୍କ ସହିତ ଅଛି । ବେଲ, ତ୍ରିଫଳା, ନିମ୍ବ, ମାଛତେଲ, ଚିରେଇତା ସବୁର ଗୁଣ ସିଏ ଜାଣିଥିଲେ ଏବଂ ସୁସ୍ଥ ରହିବାପାଇଁ ସେସବୁର ଉପଯୋଗ ମଧ୍ୟ କରୁଥିଲେ ।

ଏହିପରି ଭାବରେ ସିଏ ଶିକ୍ଷାବ୍ରତୀ ଥିଲେ । ବହି ସହ ରହି ସିଏ ଯେପରି might mind of old ସହିତ ବିଚରଣ କରୁଥିଲେ । ତାଙ୍କର ଶିକ୍ଷାନୀତିରେ ଆମେ ସମସ୍ତେ ପ୍ରଭାବିତ ହୋଇଥିଲୁ ।

କ୍ୱାଟର ନଂ ୬୬/୧, ଏଆର୍‌ଫୋର୍ସ ଷ୍ଟେସନ
ବ୍ୟାରେକ୍‌ପୁର, ୨୪ ପାରଗୋନା, କୋଲ୍‌କାତା

ବିଷାଦ ଓ ବୈଦଗ୍ଧ୍ୟ : ନରେନ୍ଦ୍ରନାଥଙ୍କ ଜୀବନଗାଥା

ଡ. ବସନ୍ତ କୁମାର ପଣ୍ଡା

ବ୍ୟକ୍ତି ଜୀବକୁ ଉପଜୀବ୍ୟ କରି ଏକ ସତ୍ୟନିଷ୍ଠ ରଚନା ହେଉଛି ଜୀବନୀ ବା ଜୀବନଚରିତ । ଗୋଟିଏ ଉତ୍ତମ ଜୀବନୀ ଜଣେ ବ୍ୟକ୍ତି କିପରି ଜୀବନ ଅତିବାହିତ କରିଛନ୍ତି, ତାହାହିଁ ପ୍ରତିପାଦନ କରେ । ତାହାକୁ ଅଳଙ୍କାର ବା ଅତିଶୟୋକ୍ତିରେ ଭାରାକ୍ରାନ୍ତ କରେନାହିଁ ବା ଦୋଷଦୁଷ୍ଟ କରି ତୁଚ୍ଛ କରେନାହିଁ । ଏଥିରେ ବ୍ୟକ୍ତିଜୀବନର ଭଲମନ୍ଦ-ଉଭୟ ଦିଗକୁ ନିରପେକ୍ଷ ଦୃଷ୍ଟିରେ ସମୁଚିତ ଭାବେ ଉପସ୍ଥାପନ କରାଯାଇଥାଏ । ବର୍ଣ୍ଣିତ ବ୍ୟକ୍ତି ନିଜର ପାରିପାର୍ଶ୍ୱିକ ସମାଜ ସହିତ କିପରି ଚଳୁଥିଲେ, ତାଙ୍କର ଜୀବନପ୍ରତି ଦୃଷ୍ଟିଭଙ୍ଗୀ କିପରି ଥିଲା, କେଉଁ ମୂଲ୍ୟବୋଧ ଘେନି ଜୀବନ ବଞ୍ଚୁଥିଲେ, କେଉଁ ଦିଗରେ ତାଙ୍କର ବୈଶିଷ୍ଟ୍ୟ ଓ ସେଦିଗରେ ତାଙ୍କର ଅବଦାନ କ'ଣ ?- ଏସବୁ ଜୀବନ ଭିତରେ ଆଲୋଚିତ ହୁଏ । ଜୀବନବୃତ୍ତର ବହୁବର୍ଣ୍ଣ ସାଫଲ୍ୟ ଭିତରେ କେବଳ ନୁହେଁ, ଅତି କ୍ଷୁଦ୍ର ସୂକ୍ଷ୍ମ ଘଟଣା ଭିତରେ ବ୍ୟକ୍ତିଚରିତ୍ରଟିର ପ୍ରକୃତ ପରିଚୟ ମିଳେ । ଐତିହାସିକ କାଳାନୁକ୍ରମିକତା, ମନୋବୈଜ୍ଞାନିକ ବିଶ୍ଳେଷଣ, ନୈତିକ, ଆଦର୍ଶ ଓ ନାନ୍ଦନିକ ଅବବୋଧ- ଏଇ ଋରୋଟିର ସୁସମନ୍ୱୟରେ ଜୀବନୀ ହୁଏ ଆକର୍ଷଣୀୟ । ଶୁଷ୍କ ନିଥର ତଥ୍ୟକୁ ସୌନ୍ଦର୍ଯ୍ୟର ସ୍ପର୍ଶ ଦେଇ ମହନୀୟ ସାହିତ୍ୟରେ ପରିଣତ କରାଯାଏ । ମୁଖ୍ୟତଃ ଦୁଇ ପ୍ରକାର ଜୀବନରଚନା ଦେଖାଯାଏ- ପ୍ରଥମଟି

ପ୍ରତ୍ୟକ୍ଷଜ୍ଞାନରୁ ଜୀବନୀ ରଚନା, ଦ୍ୱିତୀୟଟି ଗବେଷଣାତ୍ମକ ଜୀବନ ପ୍ରଣୟନ । ପ୍ରଥମଟିର ପ୍ରତ୍ୟକ୍ଷାନୁଭୂତିର ନିବିଡ଼ତା ତାହାକୁ ଜୀବନ୍ତ କରିଥାଏ । ଦ୍ୱିତୀୟଟିରେ ଗବେଷଣାର ଏକାଗ୍ରତା ତାହାକୁ କରିଥାଏ ସତ୍ୟନିଷ୍ଠ । ମୋର ଏଇ କ୍ଷୁଦ୍ରରଚନାଟିରେ ଦୁଇଧାରାର ସମନ୍ୱୟ ସାଧିତ ହେବ । କିଛି ପ୍ରତ୍ୟକ୍ଷାନୁଭୂତି ଓ ଆଉକିଛି ସଂଗ୍ରହ ଓ ଅଧ୍ୟୟନକୁ ସମନ୍ୱିତ କରି ଜଣେ ସରଳ ସତ୍ୟନିଷ୍ଠ ମଣିଷ, ନିଷ୍ପାପର ଛାତ୍ରବତ୍ସଳ ଅଧ୍ୟାପକ, ବହୁପାଠୀ ଗବେଷକ, ଆତ୍ମମଗ୍ନ ଜୀବନସାଧକ, ଅନଳସ ସାହିତ୍ୟ ତପସ୍ୱୀଙ୍କ ଜୀବନୀ ଓ କୃତୀ ସଂପର୍କରେ କିଛି ଆଲୋକପାତ କରିବାର ପ୍ରୟାସ କରିବି ।

ସମୁଦ୍ରକୂଳର ଅନତିଦୂରରେ ବାଲେଶ୍ୱର ଜିଲ୍ଲାର ବାହାନଗା ଅଞ୍ଚଳରେ ଏକ କ୍ଷୁଦ୍ରପଲ୍ଲୀ ଗାଁ- ନାଁ ତାର ଗିଲିଦା । ସବୁଜ ପ୍ରକୃତି ଘେରା ଏଇ ଗାଁଟିରେ ସବୁଜାତିର ଲୋକେ ବାସ କରନ୍ତି । ବର୍ଷସାରା ପର୍ବପର୍ବାଣୀ, ଲୋକ ସଂସ୍କୃତିର ବହୁବିଧ ଉତ୍ସବାନୁଷ୍ଠାନ ଭିତରେ ଗାଁଟିର ସାମାଜିକ ଜୀବନ ତାଜା ଥାଏ । ବିଂଶ ଶତାବ୍ଦୀର ଦ୍ୱିତୀୟ ତୃତୀୟ ଦଶକରେ ଏଠାରେ ଅକୃତିମ ପରିବେଶ ଓ ନିଷ୍କପଟ ନିଷ୍କଳୁଷ ସମାଜ ନିଶ୍ଚୟ ଆହୁରି ମହତ୍ତ୍ୱପୂର୍ଣ୍ଣ ଥିବ । ପରାଧୀନ ଜନମାନସରେ ସ୍ୱାଧୀନତାର ସ୍ୱାଦ ଚାଖିବାର ଦୁରନ୍ତ ଆଶା ଓ ବିହ୍ୱଳ ଭାବ ଲାଗି ରହିଥିବ । ଗାନ୍ଧି ମହାରାଜାଙ୍କ ଶିଷ୍ୟ ହୋଇ ଭାରତୀୟ ମୁକ୍ତି ସଂଗ୍ରାମରେ ନିଜକୁ ଆଂଶିକଭାବେ ହେଉ ବା ପୂର୍ଣ୍ଣତଃ ହେଉ ଉତ୍ସର୍ଗ କରି ଦେଶଭକ୍ତିର ପୁଣ୍ୟ ଅର୍ଜନ କରିବାର ଉଦଗ୍ର ଉତ୍ସାହ ଲାଗି ରହିଥିବ ସାଧାରଣ ଜନଗଣଙ୍କ ଭିତରେ । ପ୍ରଥମ ବିଶ୍ୱଯୁଦ୍ଧରେ ରକ୍ତକ୍ଷୟୀ ପୀଡ଼ିତ ଆତ୍ମାର ଆର୍ତ୍ତି ଅବିଶ୍ୱ ଶଂସୟର ଝଡ଼ ତୋଳି ସକଳ ପ୍ରତ୍ୟୟକୁ ଛିନ୍ନମୂଳ କରୁଥିଲା ବେଳେ ଭାରତୀୟ ପଲ୍ଲୀରେ ସ୍ୱାଧୀନତା ପାଇବାର ଅନନ୍ତ ଆଶା ଦୃଢ଼ ହୋଇ ଜନସାଧାରଣଙ୍କ ମନରେ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାକୁ ଜାତ ଆସ୍ଥା ଓ ଆଶ୍ୱାସନା ଜାଗରିତ କରୁଥିବ ।

ଏଇଭଳି ଏକ ଦୋଳୟମାନ ପ୍ରତ୍ୟୟିଭୂତ ସମୟରେ ୧୯୨୮ ମସିହା ମେ' ୯ତାରିଖରେ (ବୈଶାଖ ୨୬ ଦିନ ୧୩୩୫ ସାଲ) ଦେଇ ଗିଲିଦା ଗାଁର ସୁପରିଚିତ ଐତିହ୍ୟସଂପନ୍ନ ମିଶ୍ର ବଂଶରେ ନରେନ୍ଦ୍ରନାଥଙ୍କ ଜନ୍ମ । ସଂକ୍ଷିପ୍ତ ଭାବେ ବଂଶ ଲତିକାଟି ଏହିପରି-



ପିତା ଭଗବାନ ଓ ମାତା ପାର୍ବତୀଙ୍କର କୋଡ଼ପୋଛା କନିଷ୍ଠ ସନ୍ତାନ ଥିଲେ ନରେନ୍ଦ୍ରନାଥ । ଆଜନ୍ମ କ୍ଷୀଣ ଶରୀର, ନରମା ତେଣୁ ଅଳୀଅଳର ପାତ୍ର ସମସ୍ତଙ୍କର ସ୍ନେହଭାଜନ । ମନପ୍ରାଣରେ କିନ୍ତୁ ସଦା ଚଞ୍ଚଳ । ବିଶ୍ୱର ବହିଃପ୍ରକୃତି ଓ ମଣିଷ ମନର ଅନ୍ତଃପ୍ରକୃତିକୁ ଚିହ୍ନିବା ଓ ଜାଣିବାପାଇଁ ମନରେ ଅନନ୍ତ କୌତୁହଳ । ବାଲ୍ୟାବସ୍ଥାରୁ ଅନୁକରଣ ପ୍ରିୟ । ଘରେ ତେଜରାତି ଦୋକନଟିଏ ଥାଏ । ଅକ୍ଷର ଶିକ୍ଷା ପୂର୍ବରୁ

ମୌଖିକ ମାନସାଙ୍କ ଓ ବାପାଙ୍କଠାରୁ ସଂସ୍କୃତ ଶ୍ଳୋକ ଶିଖୁଥିଲେ । ଲେଖନୀ ଧରି ଅଭ୍ୟାସ କରିବା ପାଇଁ ପର କଲମରେ ହିସାବଖାତାରେ ଗାରେଇ ଦେବାରୁ ଶୁଣିଥିଲେ ଗାଳି ବଡ଼ଭାଉଜଙ୍କ ଠାରୁ । ତା'ପରେ ଖବରକାଗଜ ଉପରେ ଅକ୍ଷର ଉପରେ ଗାରେଇବା ଅଭ୍ୟାସ କରିଥିବାରୁ ବିଦ୍ୟାଳୟରେ ଅକ୍ଷର ଚିହ୍ନିବା ସହଜ ହୋଇଥିଲା । ବିଦ୍ୟାଳୟରେ ନାମ ଲେଖାଇବା ପୂର୍ବରୁ ଘରେ ଯେଉଁ ଶିକ୍ଷାଲାଭ ତାହା ଥିଲା ଖୁବ୍ ମହତ୍ତ୍ୱପୂର୍ଣ୍ଣ । ସେଥିରେ ନିରକ୍ଷରା ମା'ଙ୍କର ଭୂମିକା ଥିଲା ସବୁଠାରୁ ବେଶି । ସେଦିନର କଥା ସ୍ମରଣ କରି ନରେନ୍ଦ୍ରନାଥ ଲେଖିଛନ୍ତି, "ମା ନିରକ୍ଷର ଥିଲା । ତେବେ ସମସ୍ତଙ୍କଠାରୁ ବେଶି ପଢୁଥିଲା । ଘରେ ପୁରାଣପଣ୍ଡା ପୋଥି ପଢୁଥିଲେ । ମା ସବୁକାମ ଛାଡ଼ି ସ୍ରୋତା ହୋଇ ବସୁଥିଲା । ସେ କଲ୍ୟାଣୀ ଗ୍ରାମର ମକଦ୍ଦମା ଘର ଝିଅ । ଚଲିଚଳଣି, ରନ୍ଧାବଢ଼ା-ସବୁକାମରେ ତା'ର ସୁଗୁଣ ପ୍ରକାଶ ପାଉଥିଲା । ଅଜା ଜଣେ ବଡ଼ କବିରାଜ ଥିଲେ । ମାଆ ଚେରମୂଳି ଯୋଗାଡ଼ କରି ରୋଗ ଭଲକରି ଦେଉଥିଲା । ମୁଖେ ମୁଖେ ସାଧାସିଧା ହିସାବ କରିଦେଇ ପାରୁଥିଲା । ପାଞ୍ଚବର୍ଷ ପର୍ଯ୍ୟନ୍ତ ମତେ କେବେ ପାଖରୁ ଛାଡୁ ନଥିଲା । ତା ପାଖରୁ ଗପ ଓ ଗୀତ ଶୁଣିବାକୁ ପିଲାଏ ଆସି ରୁଣ୍ଡ ହେଉଥିଲେ । ମୁଁ ମୋର କୌତୁହଳ ମେଣ୍ଟାଇବାକୁ ତାକୁ କେତେ କଣ ପଚାରେ । ସେ ଜାଣିଥିଲେ କହେ, ନହେଲେ ମୋତେ କହେ, 'ତୋ ପେଟରେ ଏଇଦିନୁ ବଙ୍କା ଅକ୍ଷର ପଶିଲଣି । ତୋତେ କୌଣସି କଥା ଅଜଣା ରହିବ ନାହିଁ ।"

ନରେନ୍ଦ୍ରଙ୍କର ବଂଶକିଆ ଦଦେଇ ସୋମନାଥ ମିଶ୍ରଙ୍କ ବଡ଼ପୁଅ ଥିଲେ ଜଣେ କଂଗ୍ରେସ ନେତା । ତାଙ୍କରି ଉଦ୍ୟମରେ ଗିଳିଦାରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ତାଳପଦାର ମହୀନ୍ଦ୍ର କବି ଥିଲେ ସେଇ ବିଦ୍ୟାଳୟର ପ୍ରଥମ ଶିକ୍ଷକ । ତାଙ୍କରି ପାଖରେ ପଢୁ ଥିଲେ ନରେନ୍ଦ୍ରଙ୍କ ବଡ଼ ଦୁଇ ଭାଇ ଓ ନାନୀ । ନରେନ୍ଦ୍ରଙ୍କର ବାଲ୍ୟବନ୍ଧୁ ଥିଲେ ଧନାଢ଼୍ୟ ପିତା ହରିହର ପଣ୍ଡାଙ୍କ ଏକମାତ୍ର ପୁତ୍ର ଗଙ୍ଗାଧର । ତାଙ୍କ ମା ଗୌରୀ ମାଉସୀଙ୍କ ଉତ୍ସାହରେ ନରେନ୍ଦ୍ରଙ୍କ ବିଦ୍ୟାରମ୍ଭ ପଥ ସୁଗମ ହୋଇଥିଲା । ମା ସ୍କୁଲ ଛାଡ଼ିବାକୁ ରାଜି ହେଲେ । ବାପାଙ୍କ ସାଙ୍ଗରେ ନୂଆ ସିଲଟ ଖଡ଼ି ସହିତ ଗୁରୁଙ୍କ ପାଇଁ ଛଞ୍ଚା (ଚାଉଳ, ଡାଲି, ପରିବା ଇତ୍ୟାଦି) ଧରି ଯାଇ ନରେନ୍ଦ୍ର ପ୍ରଥମଶ୍ରେଣୀର ବିଦ୍ୟାରମ୍ଭ କଲେ । ଅଳ୍ପକିଛି ଦିନ ଭିତରେ ନିଜ ମେଧାର ପରିଚୟ ଦେଇ ନରେନ୍ଦ୍ର ପ୍ରାଥମିକ ବୃତ୍ତି ପରୀକ୍ଷା ପାଇଁ ପ୍ରସ୍ତୁତ ହେଲେ । ସ୍ନେହଶୀଳ ଶିକ୍ଷକ ଯଦୁନାଥ ଦାଶ ସବୁ ବିଷୟ ରିଭିଜନ୍ କରାଇ ନରେନ୍ଦ୍ରଙ୍କ ବୃତ୍ତିଲାଭକୁ ନିଜ ଶିକ୍ଷକ

ଜୀବନର ପ୍ରଥମ ସଫଳତା ଭାବେ ପ୍ରମାଣିତ କରିବାକୁ ଚାହୁଁଥିଲେ । ଶେଷରେ ତାହା ହେଲା, ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଲୋମହର୍ଷଣକାରୀ ସମ୍ବାଦ ସହିତ ନରେନ୍ଦ୍ରଙ୍କର ବୃତ୍ତି ପାଇବାର ସୁସମ୍ବାଦ ଆସି ପହଞ୍ଚିଲା । ପାଠପଢ଼ା ସହିତ ଗାଁରେ ମନ୍ଦିର ନିର୍ମାଣ ପାଇଁ ଇଟା କାଟିବା, ମାଟିକାମ ଓ ବଗିଚା କରିବା ଇତ୍ୟାଦିରେ ନରେନ୍ଦ୍ରଙ୍କର ଅଦମ୍ୟ ଉତ୍ସାହ ସମସ୍ତଙ୍କୁ ଆନନ୍ଦିତ କରୁଥିଲା ।

ଗାଁରେ ନିମ୍ନ ପ୍ରାଥମିକ ଶିକ୍ଷା ସମାପ୍ତ କରି ଉଚ୍ଚ ପ୍ରାଥମିକ ସ୍କୁଲରେ ପଢ଼ିବା ପାଇଁ ନରେନ୍ଦ୍ର ଗଲେ ତାଳପଦା । ସମୁଦ୍ରକୂଳରେ ଅବସ୍ଥିତ ଗାଁଟିରେ ସ୍କୁଲର ଖେଳ ପଡ଼ିଆଟି ଥିଲା ସମୁଦ୍ର ଉପକୂଳ । ଏଇ ସ୍କୁଲର ପ୍ରଧାନ ଶିକ୍ଷକ ଆସି ଘରୁ ନରେନ୍ଦ୍ରଙ୍କୁ ଘେନିଗଲେ । ମାମୁ ପୁଅ ଭାଇଟିଏ ମଧ୍ୟ ସେଠାରେ ପଢ଼ିବାକୁ ଯାଇଥିଲା । ମାମୁଘରେ କିଛିଦିନ ରହି ଦୁହେଁ ସ୍କୁଲ ଗଲେ । କିନ୍ତୁ ବିଧିର ନିର୍ଦ୍ଦେଶ ଭିନ୍ନ । ସମବୟସୀ ମାମୁପୁଅ ଭାଇଟି ହଠାତ୍ ଅସୁସ୍ଥ ହେଲା ଓ ବହୁ ଚିକିତ୍ସା ସତ୍ତ୍ୱେ ତା'ର ଅକାଳମୃତ୍ୟୁ ଘଟିଲା । ନରେନ୍ଦ୍ରଙ୍କ କୋମଳ ମନ ଉପରେ ଯେପରି କି ସହସା ଇଏ ହେଲା ଏକ ବଜ୍ରାଘାତ, ଜୀବନରେ ମୃତ୍ୟୁ ସହିତ ପ୍ରଥମ ସାକ୍ଷାତ ।

ଏଇ ଘଟଣା ପରେ କଲ୍ୟାଣୀରେ ମାମୁଘରେ ରହିବା ପାଇଁ ଆଉ ମନ ଡାକିଲା ନାହିଁ । କିଛିଦିନ ପରେ ତାଳପଦାରେ ରହିବା ପାଇଁ ବ୍ୟବସ୍ଥା ହେଲା । ଗାଁର ମକଦ୍ଦମ ପରିବାରର ରାଜକିଶୋର ଦାଶ ଥିଲେ ସେଇ ବିଦ୍ୟାଳୟର ଅନ୍ୟତମ ଶିକ୍ଷକ । ତାଙ୍କରି ଘରେ ନରେନ୍ଦ୍ରଙ୍କର ରହିବାର ବ୍ୟବସ୍ଥା ହେଲା । ସେଦିନର ଅବିସ୍ମରଣୀୟ ଅନୁଭୂତି ବର୍ଣ୍ଣନାକରି ସେ ଲେଖିଛନ୍ତି, "ବିତ୍ତଶାଳୀ ଓ ଅଭିଜାତ ପରିବାରର ହୋଇଥିଲେ ବି ରାଜକିଶୋର ଦାଶ ସ୍କୁଲରେ ଶିକ୍ଷକତା କରୁଥିଲେ । ଗାଁରେ ଲୋକଙ୍କ ହାନିଲାଭ ବୁଝୁଥିଲେ । ତାଙ୍କର ଦୀର୍ଘକାୟ, ଗୌରବର୍ଣ୍ଣ ଶରୀର ଓ ପ୍ରସନ୍ନ ମୁହଁରେ ଜଣେ ମହତ ବ୍ୟକ୍ତିଙ୍କ ପରିଚୟ ମିଳୁଥିଲା । ସେ ମୋତେ ତାଙ୍କ ସ୍ତ୍ରୀଙ୍କ ପାଖେ ଛାଡ଼ି କହିଲେ, ଏଇ ପିଲାଟିକୁ ତୁମ ପୁଅଭଳି ପାଳିବ । ସେ ବାପାମାଆଙ୍କୁ ଛାଡ଼ି ଆସିଛି । ସେଥିପାଇଁ ତା ମନରେ ଯେମିତି ଆଦୌ ଦୁଃଖ ନରହେ । ମୋତେ ଯିଏ ସେଦିନ ଆଦରି ନେଲେ ପ୍ରକୃତ ମାଆ ପରି ସେ ମୋତେ ସ୍ନେହ କରୁଥିଲେ । ମୋ ଜୀବନରେ ଏପରି ସୁଖଦିନ କେବେ ଆସିବ ମୁଁ ଭାବୁ ନଥିଲି । ସେଠାରେ ମୋତେ ସ୍ନେହ ସାଙ୍ଗେ ମିଳୁଥିଲା ଅଖଣ୍ଡ ସ୍ୱାଧୀନତା ଯାହା ଆମ ନିଜ ଘରେ ମିଳୁ ନଥିଲା ।" ପୁଣି ସମୁଦ୍ରକୂଳ ପ୍ରାକୃତିକ ପରିବେଶ କଥା ବର୍ଣ୍ଣନା କରି ଲେଖିଛନ୍ତି, "ତାଳପଦା ସମୁଦ୍ରକୂଳିଆ ଗାଁ,

ପାଖରେ ନୂଆ ନଈର କୋଷ୍ଟ କେନାଲ, ସମୁଦ୍ରକୂଳରେ ଗୋଟିଏ ପଙ୍କାଲୁଣ କାରଖାନା ଥିଲା । ନୂଆ ନଈର ଜୁଆର ଭଙ୍ଗା, ସମୁଦ୍ରକୂଳର କାଇଁ ସାରି ନଟା ଓ ବର୍ଦ୍ଧନା ଘାସର ବିରାଟ ବେଳାରେ ମଇଁଷି ଓ ଗୋରୁ ଗୋଠ, ସ୍ଥାନେସ୍ଥାନେ ହରିଣୀ ଦଳ ବୁଲୁଥିଲେ । ଲାଲ କଙ୍କଡ଼ା ବେଳାଭୂମିକୁ ଚିତ୍ରିତ କରୁଥିଲେ । ଖେଳ ଶିକ୍ଷକ ଆମକୁ ସମୁଦ୍ରକୂଳକୁ ବୁଲାଇ ନେଉଥିଲେ ।" ଏଠି ସମୁଦ୍ର ସହିତ ଏକାତ୍ମ ହେବାର ଗଭୀର ଅନୁଭୂତି ପରବର୍ତ୍ତୀ ସମୟରେ ବାରିପଦାରେ ଥିଲାବେଳେ ନରେନ୍ଦ୍ରଙ୍କ ସମୁଦ୍ର ଉପରେ ଦୀର୍ଘକବିତା ରଚନା କରିବା ପାଇଁ ପ୍ରଣୋଦିତ କରିଥିଲା । ଏଇ କବିତା ହିଁ ତାଙ୍କ ଜୀବନର ପ୍ରଥମ ରଚନା । ନିଜର ଶ୍ରେଣୀଶିକ୍ଷା ସହିତ ବାହାର ସାହିତ୍ୟ ବହି ପଢ଼ିବା, ବଙ୍ଗଳା ଶିଖିବା, ହୋମିଓପାଥିକ ଚିକିତ୍ସା ବିଷୟରେ ଜାଣିବା ଓ ନୂଆ ପୋଖରୀରେ ପହଁରା ଶିଖି ପାଣି ପାଇଁ ମନରୁ ଭୟ ଦୂର କରିବା ଥିଲା ଏଇ ସମୟରେ ବିଶେଷ ଅନୁଭୂତି ।

ତାପରେ ଗୋପାଳପୁରରେ ଆରମ୍ଭ ହୋଇଥିବା ନୂତନ ମଧ୍ୟଇଂରାଜୀ ବିଦ୍ୟାଳୟରେ ନରେନ୍ଦ୍ର ଅଧ୍ୟୟନ କଲେ । ଏହି ସ୍କୁଲର ପ୍ରଧାନଶିକ୍ଷକଙ୍କ ପୁତ୍ର ଅନିରୁଦ୍ଧ ଥିଲା ତାଙ୍କର ସହପାଠୀ । ଘରେ କିଛି ଇଂରାଜୀ ପଢ଼ିଥିବାରୁ ଯଥୋଚିତ ଉତ୍ତର ଦେଇ ନରେନ୍ଦ୍ର ପଢ଼ିଲେ ଷଷ୍ଠ ଶ୍ରେଣୀରେ । ଏଠାରେ ତାଙ୍କ ଜୀବନର ଅନୁଭୂତି ଥିଲା ସଂକ୍ଷିପ୍ତ ଅଥଚ ମାର୍ମିକ । ବାସୁଦେବ ମହାପାତ୍ରଙ୍କ 'କର୍ଣ୍ଣ' ବହିଟି ପୁରସ୍କାର ସ୍ୱରୂପ ପାଇ କର୍ଣ୍ଣ ଚରିତ୍ର ଦ୍ୱାରା ପ୍ରଭାବିତ ହୋଇଥିଲା ନରେନ୍ଦ୍ର । କର୍ଣ୍ଣ ଚରିତ୍ରର ସ୍ୱାଭିମାନ ବ୍ୟଞ୍ଜନା, କୁଳ ପାଇଁ ନୁହେଁ, ନିଜର କର୍ମପାଇଁ ବିଖ୍ୟାତ ହେବାର ଆଦର୍ଶ ଶରୀର ଭାବେ ପ୍ରଭାବିତ କରିଥିଲା ।

ବାପା ଋହୁଁଥିଲେ ନରେନ୍ଦ୍ର ଭଲ ସଂସ୍କୃତ ଶିଖନ୍ତୁ, ତେଣୁ ସଂସ୍କୃତ ଟୋଲରେ କିଛିଦିନ ସେ ପଢୁଥିଲେ । ଥରେ ପଣ୍ଡିତ କିଶୋରୀ ମୋହନ ଦ୍ୱିବେଦୀ, ପରିଦର୍ଶନରେ ଆସି ଥାଆନ୍ତି । ପ୍ରଶ୍ନଟିଏ ପଋରିଲେ- 'ଆତ୍ମଭୁ' ଶବ୍ଦର ଅର୍ଥ କଣ ? କେହି ଉତ୍ତର ଦେଇ ପାରିନଥିବା ବେଳେ ନରେନ୍ଦ୍ରଙ୍କଠାରୁ ସଠିକ ଉତ୍ତର ପାଇ ତାଙ୍କୁ ପୁରୀ ଘେନିଯିବା ପାଇଁ ସେ ଇଚ୍ଛୁକ ହୋଇଥିଲେ । କିନ୍ତୁ ବାରିପଦାରେ ବିଜୁଳିବତି ଦେଖିବା ପାଇଁ ଆକୃଷ୍ଟ ହୋଇ ବାରିପଦା ହାଇସ୍କୁଲରେ ପଢ଼ିବାକୁ ଗଲେ ନରେନ୍ଦ୍ର । ରାଜ ପୁରୋହିତ ନବକିଶୋର ଶାସ୍ତ୍ରୀ (ଘନ ପଣ୍ଡିତ)ଙ୍କ ଘରେ ରହି ଆରମ୍ଭ ହେଲା ବାରିପଦା ହାଇସ୍କୁଲରେ ଶିକ୍ଷା । ସେତେବେଳେ ବାରିପଦା ହାଇସ୍କୁଲର ଖୁବ୍ ଖ୍ୟାତି । ବହୁ ଖ୍ୟାତାନାମା

ଉଚ୍ଚଶିକ୍ଷିତ ଶିକ୍ଷକମାନେ ଥିଲେ । ପ୍ରଧାନ ଶିକ୍ଷକ ଥିଲେ ରାୟ ବାହାଦୁର ବିଶ୍ୱନାଥ ମିଶ୍ର । ମଝିରେ ଆର୍ଥିକ ଅନଟନ ପାଇଁ ପଢ଼ାରେ ସମସ୍ୟା ଦେଖାଦେଇଥିଲା । କିନ୍ତୁ ବଡ଼ନନା ବାଞ୍ଛାନିଧି ଚାକିରି ପାଇ ସାହାଯ୍ୟ କରିବାକୁ ପୁଣି ବାରିପଦା ଯାଇ ପାଣ୍ଡୁପଣ୍ଡାଙ୍କ ଘରେ ରହି ଟିଉସନ କରିବା ଓ ପଢ଼ିବା ଚାଲିଲା । କିଛିଦିନ ପଣସ ତଳିଆ ମେସ୍‌ରେ ଓ ଶେଷବର୍ଷ ହଷ୍ଟେଲରେ ରହିଥିଲେ । ସେତେବେଳେ ସହରଠାରୁ ଦୂରରେ ପ୍ରଦୀପ ନିବାସ ଓ ସ୍ୱରୂପନିବାସ ନାମରେ ଦୁଇଟି ନୂଆ ହଷ୍ଟେଲ ତିଆରି ହୋଇଥିଲା । ସ୍କୁଲ ଅନତିଦୂରରେ ଥିଲା ପନୃତତ୍ତ୍ୱବିଦ୍ ପରମାନନ୍ଦ ଆଚାର୍ଯ୍ୟଙ୍କ ଘର ।

ବାରିପଦା ହାଇସ୍କୁଲରେ ବହୁ ବିଦ୍ୱାନ ଓ ଛାତ୍ରବତ୍ସଳ ଶିକ୍ଷକଙ୍କ ସାନ୍ନିଧ ପାଇଥିଲେ ନରେନ୍ଦ୍ର । ସହପାଠୀ ଭାବରେ ସଖ୍ୟ ପାଇଥିଲେ ବହୁ କୃତବିଦ୍ୟ ଛାତ୍ରଙ୍କର । ଏଇମାନଙ୍କ ସହିତ ସଂପର୍କ ଆଜୀବନ ନିବିଡ଼ ଆତ୍ମୀୟତାରେ ପରିଣତ ହୋଇଥିଲା । ଇତିହାସ ଶିକ୍ଷକ ଥିଲେ ସତ୍ୟବାଦୀ ବନବିଦ୍ୟାଳୟରେ ପୂର୍ବତନ ଛାତ୍ର କାଶୀନାଥ ମହାପାତ୍ର । ତାଙ୍କରି ଠାରୁ ନରେନ୍ଦ୍ର ଇଂରାଜୀରେ ପୃଥିବୀ ଇତିହାସ ପଢ଼ି ଇତିହାସ ଅଧ୍ୟୟନ ପ୍ରତି ଆକୃଷ୍ଟ ହୋଇଥିଲେ । ସେତେବେଳେ ଦୁଇଜଣ ଖ୍ୟାତିମାନ ନୂଆ ଶିକ୍ଷକ ଯୋଗଦେଲେ । ଜଣେ ସୁପଣ୍ଡିତ ପ୍ରହଲ୍ଲାଦ ପ୍ରଧାନ ଓ ଅନ୍ୟଜଣକ କବି କୁଞ୍ଜବିହାରୀ ଦାଶ । ୧୯୪୨ରେ କୁଞ୍ଜବିହାରୀ ସେଠାରେ ଯୋଗଦେଇଥିଲେ । ଥିଲେ ମାତ୍ର ଚାରିମାସ ପାଇଁ । କିନ୍ତୁ ତାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ, ଅସାଧାରଣ ଅଧ୍ୟାପନା ଶୈଳୀ, ଅପୂର୍ବ କାବ୍ୟପ୍ରେରଣା ନରେନ୍ଦ୍ରଙ୍କୁ ଏପରିଭାବେ ପ୍ରଭାବିତ କରିଥିଲା ଯେ ପରବର୍ତ୍ତୀ ଜୀବନରେ ସେ ହୋଇଗଲେ କୁଞ୍ଜବିହାରୀଙ୍କ ଭାବଶିଷ୍ୟ । ଜୀବନରେ ଓ ସାହିତ୍ୟରେ ତାଙ୍କର ଅନୁଗାମୀ । ତାଙ୍କର ଛାତ୍ର, ଗବେଷକ, ସହକର୍ମୀ ଓ ସହଧର୍ମୀ । ତାଙ୍କ ବିପୁଳ ସାହିତ୍ୟଜଗତର ଶ୍ରେଷ୍ଠତମ ପାଠକ ଓ ସମୀକ୍ଷକ । ଗୋଟିଏ କଥାରେ କହିଲେ ତାଙ୍କର 'ପ୍ରାଣର ଦୋସର' । ଗୁରୁ-ଶିଷ୍ୟଙ୍କ ଭିତରେ ଥିବା ଏଭଳି ସଂପର୍କ ଆଧୁନିକ ଜଗତରେ ବିରଳ ।

ବାରିପଦା ସ୍କୁଲରେ ନରେନ୍ଦ୍ରଙ୍କର ସହପାଠୀ ବନ୍ଧୁଥିଲେ ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତା, ନୃତତ୍ତ୍ୱବିତ୍ ଲକ୍ଷ୍ମଣ କୁମାର ମହାପାତ୍ର ଓ ଅକ୍ଷୟ କୁମାର ପଣ୍ଡା । ଏଇଠାରେ ହିଁ ସାହିତ୍ୟ ରଚନାର ଭିତ୍ତି ସ୍ଥାପନ । ଏ ବିଷୟରେ ତାଙ୍କର ଉକ୍ତି ସ୍ମରଣୀୟ । ସମୁଦ୍ର ଉପରେ ମୁଁ ଦୀର୍ଘ କବିତାଟିଏ ଲେଖିଥିଲି । ତାହାଥିଲା ମୋ ଜୀବନର ପ୍ରଥମଲେଖା । ଏହିଠାରୁ ମୋ କବିତା ଲେଖିବା ପାଇଁ ଆଗ୍ରହ ଜନ୍ମିଥିଲା ।

ସ୍ପନ୍ଦନ ପାଇଁ ମୋର ଅନ୍ୟତମ ପ୍ରେରଣାର ଉତ୍ସ ଥିଲେ କୁଞ୍ଜବିହାରୀ ଦାଶ । ସେ ମାତ୍ର ବୃତ୍ତ ଛନ୍ଦରେ କିପରି କବିତା ହେବ ତାହା ଦର୍ଶାଉଥିଲେ । ସେତେବେଳେ ଲେଖୁଥିଲି, କିନ୍ତୁ ଛାପିବାକୁ କାହାକୁ ଦେଉନଥିଲି । ମୋର କିଛି କବିତା ଅନ୍ୟମାନଙ୍କ ନାମରେ ମଧ୍ୟ ପ୍ରକାଶ ପାଇଥିଲା । ମୋର ମନେ ନାହିଁ, ସାତକଡ଼ି ଏବେ କହନ୍ତି ଯେ ମୁଁ କୁଆଡ଼େ ତାଙ୍କୁ କବିତା ଲେଖିବାକୁ ମଧ୍ୟ ସେତେବେଳେ ଅନୁପ୍ରାଣିତ କରୁଥିଲି । ତେବେ ବାରିପଦାରେ ହିଁ ମୋର କବିତା ଲେଖିବା ଆରମ୍ଭ ହୋଇଥିଲା । ଦୁଃଖ ହେଲେ ବି ମୁଁ କବିତା ଲେଖୁଥିଲି । ଆନନ୍ଦ ଆସିଲେ ମଧ୍ୟ ମୁଁ କବିତା ଲେଖୁଥିଲି ।”

ବାରିପଦା ହାଇସ୍କୁଲରୁ ସ୍କୁଲଶିକ୍ଷା ସମାପ୍ତ କରି ନରେନ୍ଦ୍ର ବାଲେଶ୍ୱର କଲେଜରେ ଆଇ.ଏ. ପଢ଼ିଲେ । ନୂତନଭାବେ ସ୍ଥାପିତ ହୋଇଥିବା ବାଲେଶ୍ୱର କଲେଜ ସେତେବେଳେ ଜିଲ୍ଲାସ୍କୁଲରେ ସକାଳୁଆ ହେଉଥାଏ । ତାଳପଦାର ସେଇ ରାଜୁମାଷ୍ଟ୍ରଙ୍କର ବାଲେଶ୍ୱରରେ ରହିଥିବା ଗୋଟିଏ ବସାଘରେ ନରେନ୍ଦ୍ରଙ୍କର ରହିବା ବ୍ୟବସ୍ଥା ହୋଇଥିଲା । ତା'ର ଅଦୂରରେ ଗୋଟିଏ ଭଡ଼ାଘରେ ଚାଲିଥିବା କଲେଜ ମେସ୍‌ର ତତ୍ତ୍ୱାବଧାରକ ଥିଲେ ଓଡ଼ିଆ ଅଧ୍ୟାପକ ବିଶିଷ୍ଟ କବି ବୈକୁଣ୍ଠନାଥ ପଟ୍ଟନାୟକ । ସକାଳେ ଭ୍ରମଣ ବେଳେ ତାଙ୍କର ସାନ୍ନିଧ୍ୟ ଲାଭ କରିବା ନରେନ୍ଦ୍ରଙ୍କ ପାଇଁ ଥିଲା ସୌଭାଗ୍ୟ । ପରବର୍ତ୍ତୀ ସମୟରେ ସବୁଜତ୍ରୟୀଙ୍କ କବିତା ଅଧ୍ୟୟନ କଲାବେଳେ ବୈକୁଣ୍ଠନାଥଙ୍କ କବିତାର ସେ ଥିଲେ ଏକାନ୍ତ ଅନୁରାଗୀ । ଭାରତୀୟ ଜ୍ଞାନପୀଠର ଓଡ଼ିଆ ଉପଦେଷ୍ଟା ସମିତିର ଆବାହକ ଥିଲାବେଳେ ସେ ଏକାଧିକବାର ବୈକୁଣ୍ଠନାଥଙ୍କ 'ଉତ୍ତରାୟଣ' କାବ୍ୟଗ୍ରନ୍ଥକୁ ପୁରସ୍କାର ପାଇଁ ସୁପାରିସ୍ କରିଥିଲେ । ବୈକୁଣ୍ଠନାଥଙ୍କ କବିତା ଉପରେ ଗୋଟିଏ ଦୀର୍ଘ ପ୍ରବନ୍ଧ ରଚନା କରିଥିଲେ ।

୧୯୪୬ ରୁ ୫୦ ଏଇ ଚାରିବର୍ଷ ବାଲେଶ୍ୱର କଲେଜରେ ନରେନ୍ଦ୍ରଙ୍କର ଛାତ୍ରଜୀବନର ଅନୁଭୂତି ତାଙ୍କ ବୌଦ୍ଧିକ ଜୀବନର ଭୂୟୋବିକାଶ ଦିଗରେ ସହାୟକ ହୋଇଥିଲା । ସେଇ ସମୟରେ ଅଧ୍ୟକ୍ଷ ଥିଲେ ଯଥାକ୍ରମେ କିଶୋରୀ ମୋହନ ଦ୍ୱିବେଦୀ, ଗିରିଜା ଶଙ୍କର ରାୟ, ଐତିହାସିକ ଘନଶ୍ୟାମ ଦାସ ଓ ଭି.ବି.ଜନ୍ । ଘନଶ୍ୟାମ ଦାଶ ଅଧ୍ୟାପକ ଥିଲାବେଳେ ବାଲେଶ୍ୱର କଲେଜ ଫକୀରମୋହନ କଲେଜ ରୂପେ ନାମିତ ହୋଇଥିଲା । ୧୯୪୭ରେ କବି କୁଞ୍ଜବିହାରୀ ଦାଶ ବାଲେଶ୍ୱର କଲେଜରେ ଅଧ୍ୟାପକ ଭାବେ ଯୋଗଦେବା ପରେ ବାଲେଶ୍ୱର ସାଂସ୍କୃତିକ ଓ ସାହିତ୍ୟିକ ବାତାବରଣରେ ଆଲୋଡ଼ନ ଦେଖାଦେଲା । ଫକୀରମୋହନ ସାହିତ୍ୟ ପରିଷଦର ସେ ହେଲେ ପ୍ରଥମ

ସଭାପତି । ସେଇ ଅନୁଷ୍ଠାନକୁ କର୍ମମୁଖର ରଖି ବାଲେଶ୍ୱରରେ ଫକୀରମୋହନଙ୍କ ଶାନ୍ତିକାନନର ପୁନରୁଦ୍ଧାର, କଲେଜକୁ ଫକୀରମୋହନଙ୍କ ନାମରେ ନାମିତ କରିବା, ସାହିତ୍ୟ ଓ ସଂଗୀତ ସମ୍ମିଳନୀ ଆୟୋଜନ ପ୍ରଭୃତି ପାଇଁ ଛାତ୍ର ଓ ଅଧ୍ୟାପକଙ୍କ ଭିତରେ ଉଦ୍ଦୀପନା ଜାଗ୍ରତ ହେଲା । ଅଧ୍ୟାପକ ଓ ଛାତ୍ରମାନେ ନାନା ପ୍ରକାର ସାହିତ୍ୟରଚନା କରି ନିୟମିତ ପରିଷଦର ସଭାରେ ଉପସ୍ଥାପନ କରୁଥିଲେ । ନରେନ୍ଦ୍ରଙ୍କ ପାଇଁ ତାହା ଥିଲା ଆତ୍ମପ୍ରକାଶର ବଡ଼ ସୁଯୋଗ । ସାହିତ୍ୟ ସଭାରେ କବିତା, ଗଳ୍ପ ଓ ଅନ୍ୟାନ୍ୟ ଲଘୁରଚନା ବେଶି ପଠିତ ହେଉଥିଲା । ଜ୍ଞାନଗର୍ଭକ ପ୍ରବନ୍ଧ ଥିଲା କମ୍ । ତେଣୁ ବୌଦ୍ଧିକ ରଚନାର ସଙ୍କଳ୍ପ ନେଇ ନରେନ୍ଦ୍ର ରଚନା କରିଥିଲେ ପ୍ରଥମ ପ୍ରବନ୍ଧ 'ବିଶ୍ୱସମସ୍ୟା ସମାଧାନର ଐତିହାସିକ ଦୃଷ୍ଟିକୋଣ' । କୁଞ୍ଜବିହାରୀ ଦାଶ ଏଇ ଲେଖାଟିକୁ ଦେଖି 'ସହକାର' ପତ୍ରିକାକୁ ପଠାଇ ଦେଇଥିଲେ । ୧୯୪୯ ମସିହା ଅଗଷ୍ଟ ସଂଖ୍ୟାରେ ଲେଖାଟି ପ୍ରକାଶ ପାଇଥିଲା । ଏହା ଥିଲା ନରେନ୍ଦ୍ରଙ୍କର ପ୍ରଥମ ପ୍ରକାଶିତ ରଚନା । ସେତେବେଳେ ବାଲେଶ୍ୱର କଲେଜର ଅନ୍ୟତମ ଇଂରାଜୀ ଅଧ୍ୟାପକ ସାହିତ୍ୟ ଆଲୋଚକ ତ୍ରିଲୋଚନ ମିଶ୍ର ନିୟମିତ ସାହିତ୍ୟ ପରିଷଦର ସଭାକୁ ଆସୁଥିଲେ । ପରବର୍ତ୍ତୀ ସମୟରେ ନରେନ୍ଦ୍ରଙ୍କ ପ୍ରବନ୍ଧ ରଚନା ସଂପର୍କରେ ସ୍ମୃତିଚାରଣ କରି ସେ ଲେଖିଛନ୍ତି, "ପ୍ରବନ୍ଧ ଲେଖକମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଦୁଇଜଣ- ସର୍ବଶ୍ରୀ ନରେନ୍ଦ୍ରନାଥ ମିଶ୍ର ଓ ଅଖିଳ କୁମାର ପଣ୍ଡା (୧୯୪୮-୫୦ ମସିହାରେ ଯଥାକ୍ରମେ ଇତିହାସ ଓ ଅର୍ଥନୀତି ସମ୍ମାନ ଛାତ୍ର) ନରେନ୍ଦ୍ରବାବୁ ଶାନ୍ତିନିକେତନରେ ଅଧ୍ୟାପକ ଥାଇ ଗବେଷକ ଓ ସାହିତ୍ୟିକ ଭାବରେ ଖ୍ୟାତି ଲାଭ କରନ୍ତି । ଅଖିଳ ଭାବୁ ବିଚାରପତି ପଦ ଅଳଂକୃତ କରନ୍ତି ।"

ବାଲେଶ୍ୱର କଲେଜରେ ଅଧ୍ୟୟନ କାଳରେ ଶିକ୍ଷାମୂଳକ ଭ୍ରମଣର ସୁଯୋଗ ପାଇ ନରେନ୍ଦ୍ର ଅଧ୍ୟାପକ ଶ୍ରୀରାମଚନ୍ଦ୍ର ଦାଶଙ୍କ ସହିତ ଉତ୍ତର ଭାରତ ଓ ତ୍ରିଲୋଚନ ମିଶ୍ରଙ୍କ ସହିତ ଶାନ୍ତିନିକେତନ ଭ୍ରମଣରେ ଯାଇଥିଲେ । ସେତେବେଳେ ବିଶ୍ୱବିଦ୍ୟାତୀର୍ଥ ପ୍ରାଙ୍ଗଣ ଶାନ୍ତିନିକେତନ ତାଙ୍କ ମନକୁ ଆନ୍ଦୋଳିତ କରିଥିଲା । ସେତେବେଳେ ଆଉ ଦୁଇଜଣଙ୍କ ସହିତ ସଂର୍ପକ ନରେନ୍ଦ୍ରଙ୍କ ସ୍ମୃତିରେ ଅପାଶୋରା ହୋଇ ରହିଥିଲା । ଜଣେ ଇତିହାସ ଅଧ୍ୟାପକ ମନ୍ମଥନାଥ ଦାସ ଓ ଆଉଜଣେ ବନ୍ଧୁ ଓ ନେତା ଶ୍ୟାମସୁନ୍ଦର ମହାପାତ୍ର । ମନ୍ମଥବାବୁ ବାଲେଶ୍ୱର କଲେଜରୁ ଉଚ୍ଚଶିକ୍ଷା ପାଇଁ ବିଲାତ ଗଲେ ଓ ପରେ ଫେରିଆସି ରେଭେନ୍‌ସା କଲେଜରେ ପୁଣି ନରେନ୍ଦ୍ରଙ୍କ

ଅଧ୍ୟାପକ ହେଲେ । ଶ୍ୟାମବାବୁ କଂଗ୍ରେସରେ ଯୋଗଦେଇ ବିଶିଷ୍ଟ ରାଜନୀତିଜ୍ଞ ଓ ସାଂସଦ ହୋଇଥିଲେ ।

୧୯୫୦ରେ ସ୍ନାତକ ସମ୍ମାନ ଶ୍ରେଣୀ ପରୀକ୍ଷା ଦେଇ ଗ୍ରୀଷ୍ମଛୁଟିରେ ଘରକୁ ଫେରିବା ପରେ ନରେନ୍ଦ୍ରନାଥଙ୍କ ଜୀବନରେ ନୂତନ ଅଧ୍ୟାୟ ଆରମ୍ଭ ହେଲା । ସେଇବର୍ଷ ଜୁନ୍‌ମାସରେ ପଣ୍ଡାଶୁଣିର ଲକ୍ଷ୍ମୀଧର ପଣ୍ଡାଙ୍କ କନ୍ୟା ରତ୍ନମାଳାଙ୍କ ପାଣିଗ୍ରହଣ କଲେ ନରେନ୍ଦ୍ର । ଦାମ୍ପତ୍ୟ ଜୀବନର ତିକ୍ତମଧୁର ଅନୁଭୂତି ତଥାପି ଆରମ୍ଭ ହୋଇନଥିଲା । ବାଲ୍ୟବିବାହ ପରଂପରାରେ ସେଥିପାଇଁ ଅପେକ୍ଷା ଥାଏ । କିନ୍ତୁ ଅଧ୍ୟୟନରେ ପୂର୍ଣ୍ଣଚ୍ଛେଦ ନପକାଇ ଜୁଲାଇ ମାସରେ ପୁଣି କଟକ ଯାଇ ରେଭେନ୍‌ସା କଲେଜରେ ଇତିହାସ ସ୍ନାତକୋତ୍ତର ଶ୍ରେଣୀରେ ଯୋଗଦେଲେ । ତା'ସହିତ ଆଇନ୍ ପଢ଼ା ମଧ୍ୟ ଚାଲିଯାଏ । କିନ୍ତୁ ମାତ୍ର କେଇମାସ ପରେ ୧୯୫୦ ନଭେମ୍ବର ମାସରେ କଟକର ଏସବୁ ମୋହବନ୍ଧନ ତୁଟାଇ ସେ ସୁଦୂର ଶାନ୍ତିନିକେତନର ନିବିଡ଼ ଆକର୍ଷଣ ଓ କବି କୁଞ୍ଜବିହାରୀଙ୍କ ଆତ୍ମିକ ଆହ୍ୱାନରେ ସେଠାକୁ ଗଲେ । ଆରମ୍ଭ ହେଲା ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ । ବୃତ୍ତିରେ ଓ ପ୍ରବୃତ୍ତିରେ ସୃଷ୍ଟିଶୀଳ ନୂତନତା ।

ନରେନ୍ଦ୍ରନାଥଙ୍କ ଜୀବନ ଇତିହାସରେ ଶାନ୍ତିନିକେତନ ପର୍ଯ୍ୟାୟ ସବୁଠାରୁ ଦୀର୍ଘ, ମହତ୍ତ୍ୱପୂର୍ଣ୍ଣ ଓ ଅବିସ୍ମରଣୀୟ । ୧୯୫୦ରୁ ୧୯୯୪ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳଖଣ୍ଡ ଭିତରୁ ମାତ୍ର ୧୯୫୭ରୁ ୧୯୬୦ ପର୍ଯ୍ୟନ୍ତ ତିନିବର୍ଷକୁ ବାଦଦେଲେ ବାକି ଚାଳିଶବର୍ଷ କଟିଛି ନରେନ୍ଦ୍ର ନାଥଙ୍କର କବିକଳ୍ପିତ ସେଇ ସାଧନାପୀଠରେ । ଆଜିର ଐତିହ୍ୟ ଉଜୁଡ଼ା ଶାନ୍ତିନିକେତନ ଓ ଅବକ୍ଷୟିତ ବିଶ୍ୱଭାରତୀକୁ ଦେଖିଲେ ସେଦିନର ଅନୁପମ ମହନୀୟତାର କଥା ଭାବି ହେବନି । ସେତେବେଳେ ଶାନ୍ତିନିକେତନ କେବଳ କୁପାଇଧାରର ସାରିବଦ୍ଧ ତାଳବୃକ୍ଷ ଘେରା ଦିଗଦୃଶ୍ୟର ପ୍ରାକୃତିକ ପରିବେଶ ନଥିଲା, ଥିଲା ସମଗ୍ର ବିଶ୍ୱକୁ ଗୋଟିଏ ନୀଡ଼ରେ ପରିଣତ କରିଥିବା ସାଧନାର ତପୋଭୂମି । ପ୍ରାଚ୍ୟର ଆଧ୍ୟାତ୍ମିକତା ଓ ପାଶ୍ଚାତ୍ୟର ବୈଜ୍ଞାନିକ କର୍ମମୁଖୀନତାକୁ ଏକସୂତ୍ରରେ ମିଳିତ କରାଇ ପାରିଥିବା ଏକ ଆନ୍ତର୍ଜାତୀୟ ବିଶ୍ୱ ବିଦ୍ୟାଳୟ । ଗୁରୁଦେବ ରବୀନ୍ଦ୍ର ନାଥ ସେତେବେଳେ ସ୍ୱଦେହରେ ନଥିଲେ । ୧୯୪୧ରେ ତାଙ୍କର ପରଲୋକ ହୋଇଯାଇଥିଲା । କିନ୍ତୁ ସର୍ବଦା ସର୍ବତ୍ର ସେଇ ମହାନ୍ ଆତ୍ମାର ଅଲୌକିକ ଉପସ୍ଥିତି ଆଶ୍ରମିକମାନଙ୍କ ମଧ୍ୟରେ ଅନ୍ୟତମ । ତାହାହିଁ ଥିଲା ତାଙ୍କ ଜୀବନର ଶ୍ରେଷ୍ଠ ପରିଚୟ ଓ ଚରମ ସାର୍ଥକତା । ସେକଥା ସେ ସ୍ୱୀକାର କରି ଲେଖିଛନ୍ତି, ମୋ ଜୀବନର ପ୍ରଥମ

ବିନ୍ଧାଣୀ କୁଞ୍ଜବିହାରୀଙ୍କ ସାନ୍ନିଧ, ଭାରତ ଆତ୍ମାର ଜୀବନ୍ତ ପୀଠ ବିଶ୍ୱକବିଙ୍କ ସ୍ୱପ୍ନର ତୀର୍ଥରେ ଯୌବନ, ପ୍ରୌଢ଼ ଆଉ ବାର୍ଦ୍ଧ୍ୟକର ଏକାଂଶ ବିତାଇବା ହିଁ ଥିଲା ମୋ ଜୀବନର ସାର୍ଥକତା ।

ଅନ୍ୟ ଯେକୌଣସି ଅଧ୍ୟାପକଙ୍କ ପରି ନରେନ୍ଦ୍ର ନାଥ ବିଶ୍ୱଭାରତୀର କେବଳ ମାତ୍ର ଜଣେ ବୃତ୍ତିଧାରୀ ଅଧ୍ୟାପକ ନଥିଲେ । ଶାନ୍ତିନିକେତନର ବ୍ରାହ୍ମ ଜୀବନଚର୍ଯ୍ୟା ସହିତ ଏକାତ୍ମ ହୋଇ ରହିଥିଲେ । ତାଙ୍କର ଶାନ୍ତ, ସମାହିତ, ବିଜ୍ଞାପନ ରହିତ ଆତ୍ମନିଷ୍ଠ ବ୍ୟକ୍ତିତ୍ୱକୁ ଲକ୍ଷ୍ୟକଲେ ତାହା ବାରି ହୋଇ ପଡୁଥିଲା । ସାଧନା ପୁଷ୍ଟ ବୈଦଗ୍ଧ୍ୟ ଥିଲା ସେଇ ବ୍ୟକ୍ତିତ୍ୱର ମହତ୍ତ୍ୱ । ଛାତ୍ର ଅବସ୍ଥାରୁ ଆରମ୍ଭ କରି ଶାନ୍ତିନିକେତନରୁ ବିଦାୟ ନେବା ପର୍ଯ୍ୟନ୍ତ-ଶାନ୍ତିନେକତନର ବହୁ ବିଶିଷ୍ଟ ସ୍ରଷ୍ଟା, ଶିଳ୍ପୀ ଓ ଦାର୍ଶନିକଙ୍କ ସାନ୍ନିଧ ଲାଭ କରିବା ଥିଲା ତାଙ୍କ ଜୀବନର ଦୁର୍ଲଭ ଅନୁଭୂତି । ସେମାନଙ୍କ ମଧ୍ୟରେ କେତେକଙ୍କ କଥା ଅବିସ୍ମରଣୀୟ । ପ୍ରଥମେ ସେ ଛାତ୍ର ଓ ଗବେଷକ ଥିଲାବେଳେ ଅଧ୍ୟାପକଙ୍କ ଭାବରେ ଯେଉଁମାନଙ୍କୁ ପାଇଥିଲେ ସେମାନଙ୍କ ମଧ୍ୟରେ ସ୍ମରଣୀୟ ପଣ୍ଡିତ କ୍ଷିତିମୋହନ ସେନ, ଐତିହାସିକ ପ୍ରବୋଧ ଚନ୍ଦ୍ର ବାଗ୍‌ଚୀ, ହୀନ୍ଦି ସାହିତ୍ୟିକ ହଜାରି ପ୍ରସାଦ ଦ୍ୱିବେଦୀ, ବଂଗଳା ଛନ୍ଦଗୁରୁ ପ୍ରବୋଧଚନ୍ଦ୍ର ସେନ ପ୍ରଭୃତି । ସହାଧ୍ୟାୟୀ ଥିଲେ ଅମର୍ତ୍ତ୍ୟ ସେନ ଓ ଅମିତାଭ ଚୌଧୁରୀ ପ୍ରଭୃତି କୃତବିଦ୍ୟ ଛାତ୍ର । ଶିଳ୍ପଗୁରୁ ନନ୍ଦଲାଲ ବୋଷ ଓ ସ୍ଥପତି ରାମକିଙ୍କର ବେଜ୍‌ଙ୍କ ସହିତ ତାଙ୍କର ଖୁବ୍ ଆନ୍ତରିକ ସଂପର୍କ ଥିଲା । ରାମକିଙ୍କରଙ୍କ ସହିତ ଲୋକ ସଂସ୍କୃତିର ଉପାଦାନ ସଂଗ୍ରହରେ ଯିବାକଥା ପତ୍ରାଳାପରୁ ସୂଚନା ମିଳେ । ବିଦ୍ୟାଭବନର ବିଶିଷ୍ଟ ଅଧ୍ୟାପକମାନଙ୍କ ମଧ୍ୟରେ ଦାର୍ଶନିକ କଳୀଦାସ ଭଟ୍ଟାଚାର୍ଯ୍ୟ, ଐତିହାସିକ ସୁଧାକର ଚଟ୍ଟୋପାଧ୍ୟାୟ, ସୁଖ୍ୟାତ ଇଂରାଜୀ ଅଧ୍ୟାପକ ଶିଶିର କୁମାର ଘୋଷ, ବଂଗଳା ଅଧ୍ୟାପକ ସତ୍ୟେନ୍ଦ୍ର ନାଥ ରାୟ, ଭବତୋଷ ଦତ୍ତ, ପ୍ରାଚୀନ ଇତିହାସ ବିଭାଗର ଦିଲ୍ଲୀପ କୁମାର ଗାଂଗୁଲି ଓ ସଂସ୍କୃତ ଅଧ୍ୟାପକ ବିଶ୍ୱନାଥ ବାନାର୍ଜୀଙ୍କ ସହିତ ତାଙ୍କର ବୌଦ୍ଧିକ ଓ ବ୍ୟକ୍ତିଗତ ସଂପର୍କ ଥିଲା । ସେଇ ସମୟରେ ଏଇ ବିଦ୍ୱାନ ମଣ୍ଡଳୀ ସହିତ ମିଳିତ ହୋଇ ବିଶ୍ୱଭାରତୀର ପ୍ରାଣସତ୍ତାକୁ ସଦାଜାଗ୍ରତ ରଖିବାକୁ ଚେଷ୍ଟିତ ଥିଲେ ନରେନ୍ଦ୍ର ନାଥ । ସୃଷ୍ଟିଶୀଳତା ଓ ବିଦ୍ୟାଚର୍ଚ୍ଚା ଭିତରେ-ସମସ୍ତେ ହୋଇ ପାରିଥିଲେ ବିନୟ ସଂପନ୍ନ । ତାହାହିଁ ସେ କାଳରେ ଥିଲା ବିଶ୍ୱ ଭାରତୀର ବୈଶିଷ୍ଟ୍ୟ ।

ନରେନ୍ଦ୍ର ନାଥ ରେଭେନ୍ସା କଲେଜରେ ଇତିହାସରେ ଏମ୍.ଏ. ପଢୁଥାନ୍ତି । କୁଞ୍ଜବିହାରୀ ଦାଶଙ୍କ ଠାରୁ ଚିଠି ପାଇଲେ ବିଶ୍ୱଭାରତୀରେ ଗବେଷଣା କର୍ମୀ ପଦଟିଏ

ଖାଲି ଅଛି । ସେହି ପଦରେ ଯୋଗଦେଇ ଚାକିରି ସହିତ ଅଧ୍ୟୟନ ମଧ୍ୟ ହୋଇ ପାରିବ । ପୂର୍ବରୁ ସେହି ପଦରେ ଗବେଷକ ଚିତ୍ତରଂଜନ ଦାସ ଥିଲେ । କୁଞ୍ଜବିହାରୀଙ୍କର ଏଇ ଆହ୍ୱାନ ନରେନ୍ଦ୍ରଙ୍କ ପକ୍ଷେ ଅପରିତ୍ୟଯ୍ୟ ଥିଲା । ସେ ରେଭେନ୍ସା ଛାଡ଼ି ୧୯୫୦ ନଭେମ୍ବର ମାସରେ ବିଶ୍ୱଭାରତୀରେ ଯୋଗଦେଲେ । ୧୯୫୧ରେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରୂପେ ମାନ୍ୟତା ପାଇଲା ପରେ ବିଭିନ୍ନ ବିଷୟ ସହିତ ଓଡ଼ିଆରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିଲା । ନରେନ୍ଦ୍ର ହେଲେ ପ୍ରଥମ ବ୍ୟାଚର ଛାତ୍ର । ତାଙ୍କ ସହିତ ଆଉ ଦୁଇଜଣ ଛାତ୍ର ଥିଲେ । ଦୁର୍ଗାଚରଣ ପରିଡ଼ା ଓ ନରେନ୍ଦ୍ର ମୋହନ ବେହେରା । ସେତେବେଳେ ଏମ୍.ଏ. ପାଠ୍ୟକ୍ରମର ଅଂଶରୂପେ ଗୋଟିଏ ବିଷୟରେ ଚର୍ଚ୍ଚା ନିବନ୍ଧ ଲେଖିବାର ବ୍ୟବସ୍ଥା ଥିଲା । ଏଥିପାଇଁ ନରେନ୍ଦ୍ର ନାଥ ଓଡ଼ିଆ ରାମାୟଣର ମୂଳପାଠ ଅଧ୍ୟୟନ କରି ରଚନା କରିଥିଲେ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' । ପ୍ରକଳ୍ପ ନିବନ୍ଧଟିର ପରୀକ୍ଷକ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ମୌଖିକ ସାକ୍ଷାତ୍କାର ପରୀକ୍ଷା ନେବାପାଇଁ ପଣ୍ଡିତ ନୀଳକଣ୍ଠ ଶାନ୍ତିନିକେତନ ଯାଇଥିଲେ । ତାଙ୍କୁ ସେଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଶ୍ୱଭାରତୀ ପକ୍ଷରୁ ଆୟୋଜିତ ସଭାରେ ପଣ୍ଡିତ ନୀଳଣ୍ଠ ଜଗନ୍ନାଥ ଧର୍ମ ଓ ଦର୍ଶନ ବିଷୟକ ବକ୍ତୃତା ପ୍ରଦାନ କରିଥିଲେ । ସଭାରେ ନୀଳକଣ୍ଠଙ୍କ ପରିଚୟ ଦେବାକୁ ଯାଇ କବି ଅନ୍ନଦାଶଙ୍କର ରାୟ କହିଥିଲେ - ଯେଉଁ ଜାତି ମାନବ ସମାଜକୁ କୋଣାର୍କର ସ୍ଥାପତ୍ୟ ଦାନ କରିଛି ସେଇ ଜାତିର ପ୍ରଜ୍ଞାର ପ୍ରତିଭୂ ରୂପେ ପଣ୍ଡିତ ନୀଳକଣ୍ଠ ଆମ ପାଖରେ ଉପସ୍ଥିତ । ପରୀକ୍ଷା ସମ୍ବନ୍ଧୀୟ ଔପଚାରିକତା ଶେଷହେବା ପରେ ପଣ୍ଡିତ ନୀଳକଣ୍ଠ ବିଦ୍ୟାଭବନର ତତ୍କାଳୀନ ଅଧ୍ୟକ୍ଷ ବିଖ୍ୟାତ ଐତିହାସିକ ପ୍ରବୋଧ ଚନ୍ଦ୍ର ବାଗ୍‌ଚୀଙ୍କୁ କହିଲେ, ଆପଣ ମୋ ସହିତ ନରେନ୍ଦ୍ରଙ୍କୁ କିଛିଦିନ ପାଇଁ କଟକ ଯିବାକୁ ଅନୁମତି ଦିଅନ୍ତୁ । ବଳରାମ ଦାସ ଓ ଓଡ଼ିଆ ରାମାଣ ବହିଟି ନବଭାରତ ପ୍ରେସରେ ଛପାଯିବ । ତାହାହିଁ ହେଲା । ନରେନ୍ଦ୍ର ନାଥ ଆସି ନୀଳକଣ୍ଠଙ୍କ ପାଖରେ ନବଭାରତ ପ୍ରେସ୍‌ରେ ରହିଲେ । ବଳରାମ ଦାସ ଓ ଓଡ଼ିଆ ରାମାୟଣ ଗ୍ରନ୍ଥ ଛପାଯାଇ ବିଶ୍ୱଭାରତୀ ଗବେଷଣା ଗ୍ରନ୍ଥମାଳା ଭାବେ ପ୍ରକାଶ ପାଇଲା । ପଣ୍ଡିତ ନୀଳକଣ୍ଠ ଏହାର ମୁଖବନ୍ଧ ଲେଖିଥିଲେ । ନୀଳକଣ୍ଠଙ୍କ ମନସ୍ୱୀତା ଓ ଗଦ୍ୟଶୈଳୀ ନରେନ୍ଦ୍ର ନାଥଙ୍କୁ ଗଭୀରଭାବେ ପ୍ରଭାବିତ କରିଥିଲା । ନିଜର ପ୍ରିୟ ଲେଖକ ଭାବରେ ସେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ ଘେନି ବିଚାରରେ ପ୍ରବନ୍ଧ ରଚନା କରିଥିଲେ । ନବଭାରତ ପ୍ରେସରେ ରହୁଥିବାବେଳେ ଦୁଇଟି ଘଟଣା

ତାଙ୍କର ସ୍ମରଣୀୟ ହୋଇ ରହିଥିଲା । ତାହାହେଲା ଭାରତବର୍ଷର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ନୀଳକଣ୍ଠଙ୍କୁ ସାକ୍ଷାତ କରିବାକୁ ଯାଇ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିବା ଓ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ପତ୍ର ଦ୍ୱାରା ନୀଳକଣ୍ଠଙ୍କୁ ପୁନଶ୍ଚ ତାଙ୍କ ପ୍ରେସରେ ଯୋଗଦାନ ପାଇଁ ଅନୁରୋଧ ।

୧୯୫୪ ମସିହାରେ ଓଡ଼ିଆ ଏମ୍.ଏରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ କରିବା ପରେ ନରେନ୍ଦ୍ର ନାଥ କୁଞ୍ଜବିହାରୀଙ୍କ ତତ୍ତ୍ୱାବଧାନରେ 'ଆଧୁନିକ ଓଡ଼ିଆ କାବ୍ୟଧାରା' ବିଷୟରେ ଗବେଷଣା କାର୍ଯ୍ୟ ଆରମ୍ଭ କଲେ । ଏମ.ଏ. ପାସ କରିବାପରେ ଗବେଷଣା କର୍ମୀ ଭାବରେ ବୃତ୍ତିର ପରିମାଣ ବଢ଼ିଗଲା । ଗବେଷକ ଭାବରେ ଆବାସିକ ହୋଇ ଅନ୍ୟୁନ ଦୁଇବର୍ଷ ରହିବାର ନିୟମ ଥିବାରୁ ନରେନ୍ଦ୍ରନାଥ ସପତ୍ନୀ ଶାନ୍ତିନିକେତନରେ ରହୁଥିଲେ । ଏହି ସମୟରେ କୁଞ୍ଜବିହାରୀଙ୍କ ସହିତ ଲୋକ ସାହିତ୍ୟ ସଂଗ୍ରହ କାର୍ଯ୍ୟରେ ବହୁ ସ୍ଥାନ ବୁଲି ଦୁର୍ଲଭ ଅନୁଭୂତି ମିଳିଥିଲା । ପ୍ରଥମେ ଉଡ଼ାଜାହାଜ ଚଢ଼ି କାଶ୍ମୀର ଭ୍ରମଣରେ ଯିବାଥିଲା ଏହି ସମୟର ଅନ୍ୟ ଏକ ସ୍ମରଣୀୟ ଅନୁଭୂତି । ସେତେବେଳେ ବିଶ୍ୱଭାରତୀ ଓଡ଼ିଆ ବିଭାଗରେ ଦ୍ୱିତୀୟ ଅଧ୍ୟାପକ ଭାବରେ କବି ସମୀକ୍ଷକ ଚିନ୍ତାମଣି ବେହେରା ଅଳ୍ପ କିଛିଦିନ ପାଇଁ ଯୋଗଦେଇ ଓଡ଼ିଶା ଫେରି ଆସିଥିଲେ । ସେହି ସ୍ଥାନରେ ଦେବୀପ୍ରସନ୍ନ ପଟ୍ଟନାୟକ ସ୍ଥାୟୀ ଭାବରେ ଯୋଗଦେଲେ । ନରେନ୍ଦ୍ର ନାଥ ଓଡ଼ିଶା ଫେରିଆସି ୧୯୫୭ରେ କେନ୍ଦୁଝର ବିଜ୍ଞାନ କଲେଜରେ ଅଧ୍ୟାପକ ଭାବରେ ଯୋଗଦେଲେ । ନୂତନ ଅଧ୍ୟାପକ ଭାବରେ ନୂତନ ଅନୁଷ୍ଠାନ ଗଢ଼ିବାର ଉତ୍ସାହ ତାଙ୍କୁ ପୁଲକିତ କରିଥାଏ । କଲେଜର ପାଠାଗାର ଦାୟିତ୍ୱରେ ରହି ପ୍ରଚୁର ନୂଆ ବହି କିଣିବା ଓ ପଢ଼ିବା ସମ୍ଭବ ହେଲା । ସମୟର ସଦୁପଯୋଗ କରି ଏଠି ନରେନ୍ଦ୍ର ନାଥ ଶାନ୍ତିନିକେତନର ଅଧ୍ୟୟନ ଓ ସଂଗୃହୀତ ଉପାଦାନ ନେଇ ଗବେଷଣା ନିବନ୍ଧଟି ପ୍ରସ୍ତୁତ କରିଥିଲେ । ଓଡ଼ିଆ ଟାଇପ୍ ମେସିନ୍‌ଟିଏ କିଣି ତାର ଉପଯୋଗ କରିବାରୁ ଏ କାର୍ଯ୍ୟ ସୁଗମ ହୋଇଥିଲା । କେନ୍ଦୁଝରରେ ଅଧ୍ୟାପନା ସମୟରେ ତାଙ୍କର ଛାତ୍ରମାନଙ୍କ ମଧ୍ୟରେ ଥିଲେ ଓଡ଼ିଶାର ବିଶିଷ୍ଟ କଂଗ୍ରେସ ନେତା ଓ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ । କେନ୍ଦୁଝରରେ ପ୍ରାୟ ଦୁଇବର୍ଷ ଅତିବାହିତ କରିବାପରେ ୧୯୫୯ ଜୁଲାଇ ମାସରେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ମନୋନିତ ହୋଇ ନରେନ୍ଦ୍ର ନାଥ ବାଲେଶ୍ୱର ଫକୀରମୋହନ କଲେଜରେ ସ୍ଥାୟୀ ଅଧ୍ୟାପକ ଭାବରେ ଯୋଗଦେଲେ । ଏଠି ଥିଲାବେଳେ ସେ ପି.ଏଚ.ଡି. ଡିଗ୍ରୀ

ପାଇଁ ଥିସିସ ଜମା ଦେଇଥିଲେ । ଇତିମଧ୍ୟରେ ବିଶ୍ୱଭାରତୀ ଓଡ଼ିଆ ବିଭାଗରେ ତୃତୀୟ ଅଧ୍ୟାପକ ପଦ ପାଇଁ ସାକ୍ଷାତ୍‌କାର ହେଲା ଓ ସେଥିରେ ମନୋନିତ ହୋଇ ନରେନ୍ଦ୍ର ନାଥ ଓଡ଼ିଶା ସରକାରଙ୍କ ଚାକିରି ଛାଡ଼ି ୧୯୬୦ ଏପ୍ରିଲ୍ ମାସରେ ବିଶ୍ୱ ଭାରତୀର ସ୍ଥାୟୀ ଅଧ୍ୟାପକ ରୂପେ ଯୋଗଦେଲେ । ଶାନ୍ତିନିକେତନରେ ପୂର୍ବପଲ୍ଲୀରେ ଘର ନେଇ ସପରିବାର ବାସକଲେ । ସେତେବେଳକୁ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନ ଥାଆନ୍ତି । ବିଶ୍ୱଭାରତୀରେ ଯୋଗଦେବାର ଚାରିମାସ ପରେ ତୃତୀୟ କନ୍ୟାସନ୍ତାନ ମୃଦୁଳା ଜନ୍ମନିଏ ୧୯୬୦ ଅଗଷ୍ଟ ମାସରେ । ସେଇବର୍ଷ ସେ ପି.ଏଚ.ଡି. ଉପାଧି ପ୍ରାପ୍ତ ହେଲେ । ସମାବର୍ତ୍ତନ ଉତ୍ସବରେ ପ୍ରଧାନମନ୍ତ୍ରୀ ନେହେରୁଙ୍କଠାରୁ ସପ୍ତପର୍ଣ୍ଣୀ ସହ ଡିଗ୍ରୀ ପାଇଲେ ।

ବିଶ୍ୱଭାରତୀରେ ଅଧ୍ୟାପକ ଭାବରେ ଯୋଗଦେବାଠାରୁ ନରେନ୍ଦ୍ର ନାଥଙ୍କର ଏକ ନୂତନ ବୌଦ୍ଧିକ ଓ ସୃଷ୍ଟିଶୀଳ ଜୀବନ ଆରମ୍ଭ ହେଲା । କିନ୍ତୁ ଯାହାଙ୍କର ବ୍ୟକ୍ତିଗତ ଆକର୍ଷଣରେ ସେ ଶାନ୍ତି ନିକେତନ ଯାଇଥିଲେ ବିଶ୍ୱଭାରତୀ ଓଡ଼ିଆ ବିଭାଗର ସେଇ ପ୍ରାଣପୁରୁଷ କୁଞ୍ଜବିହାରୀ ଦାଶ ମାତ୍ର ବର୍ଷଟିଏ ନପୂରୁଣୁ ଫେବୃଆରୀ ୧୯୬୧ରେ ବିଶ୍ୱଭାରତୀରୁ ବିଦାୟ ଘେନି ରେଭେନ୍ସା କଲେଜକୁ ଫେରି ଆସିଲେ । ଏବେ ବିଭାଗରେ ନରେନ୍ଦ୍ର ନାଥ ସଂପୂର୍ଣ୍ଣ ନିସଂଗ । ସେଇବର୍ଷ ଏପ୍ରିଲ ମାସରେ ସେ ସପରିବାର ଓଡ଼ିଶାର ସରକାରଙ୍କ ଅର୍ଥାନୁକୂଲ୍ୟରେ ନିର୍ମିତ ରତନପଲ୍ଲୀର ୧୮ ନମ୍ବର ଘରଟିରେ ଆସି ରହିଲେ । ପୂର୍ବରୁ ଏଠି ରହୁଥିଲେ କୁଞ୍ଜବିହାରୀ ଦାଶ । ଏଇ ଘର ସହିତ ତାଙ୍କ ପରିବାରର ଦୀର୍ଘକାଳର ସ୍ମୃତି ଜଡ଼ିତ । ସେ କଥା ଏବେ ମନେ ରଖିଥିବେ ସେଇ ଘରର ହତାରେ ଥିବା କାମିନୀ ଫୁଲ ଗଛ ଅଥବା ଏକଦା ଅଜସ୍ର ଫଳଦାନ କରି ସମସ୍ତଙ୍କୁ ଋଣୀ କରିଥିବା ଆମ୍ବ, ଲେମ୍ବୁ ଓ ବେଲ ଗଛ ସବୁ । ଘରବାହାରେ ଥିବା ସେଇ କ୍ଷୁଦ୍ର ବୈଠକୀ ବାରନ୍ଦାଟିରେ କେତେ ଯେ ସ୍ମରଣୀୟ ସଂଧ୍ୟା କଟିଛି ବନ୍ଧୁ ଓ ଛାତ୍ରମାନଙ୍କ ସହିତ । ବ୍ୟକ୍ତିଗତ ଓ ପାରିବାରିକ ଜୀବନର କେତେ ହର୍ଷ ଓ ବିଷାଦର ଦିନ ଅତିବାହିତ ହୋଇଛି ଏଇ ଘରଟିରେ । ୧୯୬୧ରୁ ୧୯୯୭- ଦୀର୍ଘ ୩୭ବର୍ଷର ସୁଦୀର୍ଘ ଇତିହାସର ମୂକସାକ୍ଷୀ ଏଇ ୧୮ ରତନପଲ୍ଲୀ ଘରଟି ।

୧୯୬୧ ବର୍ଷଟି ବିଶ୍ୱଭାରତୀ ପାଇଁ ଥିଲା ଘଟଣାବହୁଳ । ରବୀନ୍ଦ୍ର ଶତବାର୍ଷିକୀ ପାଳିତ ହୋଇଥିଲା । ଭାରତବର୍ଷର ବହୁ ବିଶିଷ୍ଟ ବିଦ୍ୱାନ, ଚିତ୍ରଶିଳ୍ପୀ, ସଂଗୀତଜ୍ଞ ଯୋଗଦେଇଥିଲେ । ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଠାରୁ ଆରମ୍ଭ କରି ଓଡ଼ିଶାରୁ କାଳିନ୍ଦୀ

ଚରଣ ପାଣିଗ୍ରାହୀ ଓ ଗୋପୀନାଥ ମହାନ୍ତିଙ୍କ ସହିତ ମିଳିତ ହୋଇ ରବୀନ୍ଦ୍ର ଚର୍ଚ୍ଚାରେ ମନୋନିବେଶ କରିଥିଲେ ନରେନ୍ଦ୍ର ନାଥ । ୧୯୬୧ ଜୁଲାଇ ମାସରେ ଦେବୀପ୍ରସନ୍ନ ପଟ୍ଟନାୟକ ଆମେରିକାରୁ ଫେରି ବିଭାଗରେ ଯୋଗଦେଲେ । ୧୯୬୨ରେ ନବନିଯୁକ୍ତ ଅଧ୍ୟାପକ ଭାବେ ଆସିଲେ ଖଗେଶ୍ୱର ମହାପାତ୍ର । ୧୯୬୩ରେ ନରେନ୍ଦ୍ର ନାଥ ଗୋଟିଏ ବର୍ଷପାଇଁ ୟୁ.ଜି.ସି.ର ସିନିୟର ଫେଲୋସିପ୍ ନେଇ ଆଧୁନିକ ଓଡ଼ିଆ କାବ୍ୟଧାରାର ଦ୍ୱିତୀୟ ଭାଗ ନବଜାଗରଣ ଯୁଗ ରଚନାରେ ନିଜକୁ ନିୟୋଜିତ କଲେ । ଇତିମଧ୍ୟରେ ଶ୍ରୀନିବାସ ମିଶ୍ର ଆସି ବିଭାଗରେ ଯୋଗଦେଇଥିଲେ ଓ ଦେବୀ ପ୍ରସନ୍ନ ପଟ୍ଟନାୟକ ୧୯୬୪ରେ ବିଶ୍ୱଭାରତୀରୁ ବିଦାୟ ନେଇଥିଲେ । କୃଷ୍ଣ ଚରଣ ସାହୁ ମଧ୍ୟ କିଛିଦିନ ପାଇଁ ରାଞ୍ଚିରୁ ଆସି ପୁଣି ଫେରିଗଲେ । ୧୯୭୦ରେ ନରେନ୍ଦ୍ର ନାଥ ରିଡର ଭାବେ ମନୋନୀତ ହୋଇ ବିଭାଗର ମୁଖ୍ୟଭାବେ ଦାୟିତ୍ୱ ନେଲେ । ୧୯୭୦ରୁ ୭୮ ବିଭାଗର ମୁଖ୍ୟ ଥିଲାବେଳେ ବିଭିନ୍ନ ଦିଗରୁ ସେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି କଳ୍ପେ ଯଥାଶକ୍ତି କାର୍ଯ୍ୟ କରିଥିଲେ । ବିଶ୍ୱଭାରତୀ କେନ୍ଦ୍ରୀୟ ଗ୍ରନ୍ଥାଗାରରେ ଓଡ଼ିଆ ବହି ସଂଗ୍ରହ ଅଭିବୃଦ୍ଧି, ଓଡ଼ିଶା ପ୍ରଫେସର ପଦସୃଷ୍ଟି ଓ ବିଶ୍ୱଭାରତୀ ଗବେଷଣା ପ୍ରକାଶନ ପକ୍ଷରୁ ଓଡ଼ିଆ ଗ୍ରନ୍ଥ ଓ ଇଂରାଜୀରେ ରଚିତରେ ଓଡ଼ିଆ ଭାଷା ବିଷୟକ ଗ୍ରନ୍ଥ ପ୍ରକାଶନ ପ୍ରଭୃତି ତାଙ୍କ ଏକାନ୍ତ ଉଦ୍ୟମର ଫଳ । ସେ ବିଭାଗ ମୁଖ୍ୟ ଥିବାବେଳେ ଓଡ଼ିଆ ବିଭାଗର ଛାତ୍ର ଓ ଅଧ୍ୟାପକ ତଥା ଗବେଷକ ସଂଖ୍ୟା ଆଶାନୁରୂପ ବୃଦ୍ଧି ପାଇଥିଲା । ବିଶ୍ୱଭାରତୀ ଓଡ଼ିଆ ବିଭାଗର ଶ୍ରେଷ୍ଠ ଗୌରବ ଭାବେ ଗବେଷଣାଗ୍ରନ୍ଥମାଳା ପ୍ରକାଶିତ ହୋଇଥିଲା । ପୂର୍ବରୁ ପ୍ରକାଶିତ ପୁସ୍ତକଗୁଡ଼ିକ ସହିତ ସେ ନିଜର ଛାତ୍ର ଓ ସହକର୍ମୀ ଗଗନେନ୍ଦ୍ର ନାଥ ଦାଶଙ୍କର ଗବେଷଣା ନିବନ୍ଧ ଓ ନିଜ ତତ୍ତ୍ୱାବଧାନରେ ପ୍ରସ୍ତୁତ ହୋଇଥିବା ସହକର୍ମୀ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଓଡ଼ିଆ ବାଲାଡ ଉପରେ ରଚିତ ନିବନ୍ଧକୁ ପ୍ରକାଶ କରାଇଥିଲେ । ପରବର୍ତ୍ତୀ ସମୟରେ ଏଇ ପରମ୍ପରାରେ ଉଦ୍ୟମର ଅଭାବରୁ ଆଉ କୌଣସି ଗବେଷଣା ଗ୍ରନ୍ଥ ପ୍ରକାଶ ପାଇ ନଥିଲା । ଏହି ସମୟ ମଧ୍ୟରେ ନରେନ୍ଦ୍ର ନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ୧୦ଜଣ ଗବେଷକ ନିଜନିଜର ଗବେଷଣା ନିବନ୍ଧ ପ୍ରସ୍ତୁତ କରି ପି.ଏଚ.ଡି ଡିଗ୍ରୀ ପ୍ରାପ୍ତ ହୋଇଥିଲେ । କାବ୍ୟ ସମାଲୋଚକ ଭାବରେ ନରେନ୍ଦ୍ର ନାଥଙ୍କର ସ୍ୱକୀୟକତା ଆଧୁନିକ ଓଡ଼ିଆ ସାହିତ୍ୟରେ ସର୍ବୋଦୌ ସ୍ୱୀକୃତ ହୋଇଥିଲା । ତେଣୁ ତାଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ନିବନ୍ଧଗୁଡ଼ିକର ଗୁଣାତ୍ମକମାନ ଥିଲା ସ୍ୱତନ୍ତ୍ର ଓ ଉଚ୍ଚକୋଟିର । ଏଥିମଧ୍ୟରୁ

ଆଧୁନିକ ଓଡ଼ିଆ କବିତାରେ ପ୍ରକୃତି ଚର୍ଚ୍ଚା ନିବନ୍ଧଟି 'ନିସର୍ଗ ନୀରାଜନା' ନାମରେ ଓ 'ରବୀନ୍ଦ୍ର ସମକାଳୀ ଓଡ଼ିଆ କବିତା' ନିବନ୍ଧଟି ପ୍ରକାଶିତ ହୋଇ ସାହିତ୍ୟ ପାଠକମାନଙ୍କର ଶ୍ରଦ୍ଧାଲାଭ କରିଛି ।

ବିଶ୍ୱଭାରତୀରେ ଅଧ୍ୟାପନା ସମୟରେ ନରେନ୍ଦ୍ର ନାଥ ବିଭିନ୍ନ ଜାତୀୟ ଅନୁଷ୍ଠାନ ସହିତ ବହୁ କାର୍ଯ୍ୟାନୁରୋଧରେ ସମ୍ବନ୍ଧିତ ହୋଇଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରଥମ ସଂପାଦକ କୃଷ୍ଣ କୃପାଳିନୀ ଓ ଆଞ୍ଚଳିକ ସଂପାଦକ କ୍ଷିତିଶ ରାୟଙ୍କୁ ସେ ଓଡ଼ିଆ ସାହିତ୍ୟ ବିଷୟରେ ବହୁଭାବରେ ସହାୟତା କରିଥିଲେ । ମାୟାଧର ମାନସିଂହଙ୍କ ରଚିତ 'History of Oriya literature' ଓ Maker of Indian Literature ଗ୍ରନ୍ଥମାଳାରେ ରଚିତ 'FakirMohan Senapati ଗ୍ରନ୍ଥ ଦୁଇଟିର ସେ ସମୀକ୍ଷା କରି ମୂଲ୍ୟବାନ ମତ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ୨୦୦୫ରେ ମାନସିଂଙ୍କ ଶତବାର୍ଷିକୀ ଅବସରରେ ଆୟୋଜିତ ଜାତୀୟ ପାଠଚକ୍ରରେ ତାଙ୍କରି ଦ୍ୱାରା ହିଁ 'History of Oriya Literature' ର ପୁନଃମୁଦ୍ରଣ ଉନ୍ମୋଚିତ ହୋଇଥିଲା । ଏଥିସହିତ ବିଭିନ୍ନ ସମୟରେ ପୁରସ୍କାର ଚୟନ ପାଇଁ ବିଚାରକ ଭାବରେ ସେ ନିଜର ନିରପେକ୍ଷ ମତପ୍ରଦାନ କରି ଏକାଡେମୀର କାର୍ଯ୍ୟକୁ ସମୁଚିତ ମର୍ଯ୍ୟାଦା ପ୍ରଦାନ କରିଥିଲେ । କେବଳ ସେତିକି ନୁହେଁ ନିଜେ Makers of Indian Literature ଗ୍ରନ୍ଥମାଳାରେ 'Nilakantha Das ଓ Kunjabihari Das ମନୋଗ୍ରାଫ ଦୁଇଟି ରଚନା କରି ନିଜ ଜୀବନରେ ସର୍ବାଧିକ ଶ୍ରଦ୍ଧା ଓ ଭକ୍ତି କରୁଥିବା ଓଡ଼ିଆ ସାହିତ୍ୟର ଦୁଇ ମହାନ୍ ବ୍ୟକ୍ତିତ୍ୱଙ୍କୁ ସର୍ବଭାରତୀୟ ଗୌରବ ଦେବାପାଇଁ ପ୍ରୟାସ କରିଥିଲେ । ନ୍ୟାସନାଲ ବୁକ୍ ଟ୍ରଷ୍ଟ ସହିତ ମଧ୍ୟ ତାଙ୍କର ସୁଦୀର୍ଘ ସଂପର୍କ ଥିଲା । ଆଶୁତୋଷ ଭଟ୍ଟାଚାର୍ଯ୍ୟ ଲିଖିତ 'Folklore of Bengal' ବହିଟିକୁ ସେ ଓଡ଼ିଆରେ ଅନୁବାଦ କରିଥିଲେ । ୧୯୭୨ରୁ ୭୮ ପର୍ଯ୍ୟନ୍ତ ଦୁଇଟି ଟର୍ମ ସେ ଭାରତୀୟ ଜ୍ଞାନପୀଠର ଓଡ଼ିଆ ଉପଦେଷ୍ଟା ସମିତିର ଆବାହକ ଥିଲେ । ତାଙ୍କ ସହିତ ଅନ୍ୟ ସଭ୍ୟମାନେ ଥିଲେ ସୀତାକାନ୍ତ ମହାପାତ୍ର ଓ କୃଷ୍ଣଚରଣ ସାହୁ । ଏହି ସମୟରେ ଉଲ୍ଲେଖଯୋଗ୍ୟ ଘଟଣା ହେଲା - ତାଙ୍କରି ସୁପାରିସ୍ ଓ ଉଚ୍ଚକୋଟିର ସମୀକ୍ଷା ଉପରେ ଭିତ୍ତିକରି ଗୋପୀନାଥ ମହାନ୍ତିଙ୍କର 'ମାଟି ମଟାଳ' ଉପନ୍ୟାସର ଜ୍ଞାନପୀଠ ପୁରସ୍କାର ପ୍ରାପ୍ତି । ଲେନିନ୍ ଶତବାର୍ଷିକୀ ସମେତ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ସଂପାଦନରେ ନରେନ୍ଦ୍ର ନାଥ ନିଜର ମୂଲ୍ୟବାନ ପ୍ରବନ୍ଧ ଉପସ୍ଥାପନ କରି ପ୍ରଶଂସାଭାଜନ ହୋଇଥିଲେ ।

୧୯୮୦ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ଆଲୋଚିତ ରାମାୟଣ ଉପରେ ମର୍ଯ୍ୟାଦାପୂର୍ଣ୍ଣ ଜାତୀୟ ସଂପାଦନରେ ନରେନ୍ଦ୍ର ନାଥଙ୍କର ପ୍ରବନ୍ଧ 'Frik elements in Oriya Ramayana' ଅଧିବେଶନର ସଭାପତି ବିଶିଷ୍ଟ ବିଦ୍ୱାନ ସୁକୁମାର ସେନ୍‌ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ । ଏସବୁ ସାହିତ୍ୟିକ ଓ ବୌଦ୍ଧିକ କାର୍ଯ୍ୟ ବ୍ୟତୀତ ସେ ୟୁ.ଜି.ସି. ଓ ୟୁ.ଜି.ଏସ.ସିର ଓଡ଼ିଆ ଭାଷା ସମିତିର ସମ୍ମାନିତ ସଭ୍ୟଭାବରେ ଦୀର୍ଘକାଳ ବିଭିନ୍ନ କାର୍ଯ୍ୟରେ ଜଡ଼ିତ ଥିଲେ । ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଚୟନ କମିଟିରେ ବିଶେଷଜ୍ଞ ଭାବେ ଯୋଗ ଦେଉଥିଲେ । ଏଥିରେ କେବେହେଲେ ତାଙ୍କର ଅଯାଚିତ ଉଦାରତା ଓ ସରଳତାର ସୁଯୋଗ ନେଉଥିଲେ ନ୍ୟସ୍ତ ସ୍ୱାର୍ଥଗୋଷ୍ଠୀ ।

ବିଶ୍ୱ ଭାରତୀର ଅଧ୍ୟାପକ ଓ ପ୍ରାଧ୍ୟାପକ ଭାବରେ ବିଭିନ୍ନ ଶିକ୍ଷାଗତ ଓ ସାହିତ୍ୟିକ କାର୍ଯ୍ୟ ସହିତ ନିଜର ରଚନା କର୍ମକୁ କେବେବି ସେ ଅବହେଳା କରି ନଥିଲେ । ତେବେ ଗ୍ରନ୍ଥ ଆକାରରେ ପ୍ରକାଶନ ଦିଗରେ ତାଙ୍କର ଉଦାସୀନତା ଯୋଗୁଁ ବହୁ ମୂଲ୍ୟବାନ ପ୍ରବନ୍ଧ ଓ ସମାଲୋଚନା ବିଭିନ୍ନ ପତ୍ରପତ୍ରିକାରେ ହଜିଯାଇଛି । ସେସବୁର ସଠିକ ସଂଗ୍ରହ ଓ ସଂକଳନ ହେଲେ ଉଭୟେ ଓଡ଼ିଆ ଓ ଇଂରାଜୀରେ ତାଙ୍କ ରଚନା ଗୁଡ଼ିକର ମୌଳିକତା ଓ ମହତ୍ତ୍ୱ ପ୍ରତିଷ୍ଠିତ ହୋଇପାରନ୍ତା । ତଥାପି ବାଲେଶ୍ୱର କଲେଜରେ ଅଧ୍ୟାପନା ସମୟରେ ପ୍ରକାଶ ପାଇଥିବା ତାଙ୍କର ପ୍ରଥମ ଆଲୋଚନା ବହି 'ଶୈଳ ଓ ସୀମାନ୍ତ' (୧୯୫୮)ରେ ତାଙ୍କ ଅନନ୍ୟ ଗଦ୍ୟଶୈଳୀର ଯେଉଁ ସୂଚନା ମିଳିଥିଲା ପରବର୍ତ୍ତୀ ଗ୍ରନ୍ଥ ଆଧୁନିକତା ଓ ଆଧୁନିକ ସାହିତ୍ୟ (୧୯୭୨) ଓ ଓଡ଼ିଆ ଭାଷା ଓ ସାହିତ୍ୟ ଏକ ଅଧ୍ୟୟନ (୧୯୬୮)ରେ ସଂକଳିତ ପ୍ରବନ୍ଧ ଗୁଡ଼ିକରେ ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟ ବିଷୟରେ ତାଙ୍କ ଗଭୀର ଅଧ୍ୟୟନ, ଆଲୋଚନାରେ ସୂକ୍ଷ୍ମଦର୍ଶିତା ଓ ଋଜୁ ଗଦ୍ୟଶୈଳୀର ସୁସ୍ପଷ୍ଟ ପରିଚୟ ମିଳିଥିଲା । ଏଥି ସହିତ ତାଙ୍କର ଦୁଇଟି ନିବନ୍ଧ ଗ୍ରନ୍ଥ ଆଧୁନିକ ଓଡ଼ିଆ କାବ୍ୟଧାରା ଓ ଆଦିଯୁଗ ଓ ନବଜାଗରଣ ଯୁଗରେ ଓଡ଼ିଆ କାବ୍ୟ ସମାଲୋଚନାର ତାତ୍ତ୍ୱିକ ଓ ନାନ୍ଦନିକ ଦିଗପାଇଁ ପଥ ଉନ୍ମୁକ୍ତ ହୋଇଥିଲା । ତାଙ୍କ ପିଏଚ.ଡି ନିବନ୍ଧ, ଆଧୁନିକ ଓଡ଼ିଆ କାବ୍ୟଧାରା (ଆଦିଯୁଗ) ଥିଲା ଆଧୁନିକ ଓଡ଼ିଆ ସାହିତ୍ୟ ବିଷୟକ ପ୍ରଥମ ନିବନ୍ଧ । ତାପରେ ନଟବର ସାମନ୍ତରାୟଙ୍କର ନିବନ୍ଧ ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦) ପ୍ରସ୍ତୁତ ହୋଇଥିଲା । ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟ ଏକାଡେମୀର ଅନୁରୋଧ ରକ୍ଷାକରି ସେ ଆଧୁନିକ ଓଡ଼ିଆ କଥା ସାହିତ୍ୟ ଉପନ୍ୟାସ (୧୯୮୨) ରଚନା କରିଥିଲେ ।

ସାହିତ୍ୟ ଏକାଡେମୀର ରୌପ୍ୟଜୟନ୍ତୀ ଅବସରରେ ଏହା ପ୍ରକାଶ ପାଇଥିଲା । ଏଇବର୍ଷ ତାଙ୍କର ଗୋଟିଏ ଭ୍ରମଣ କାହାଣୀ ମଧ୍ୟ ପ୍ରକାଶ ପାଇଥିଲା । ତାହାଥିଲା ଆଣ୍ଡାମାନ ଭ୍ରମଣର ସଂକ୍ଷିପ୍ତ ଅନୁଭୂତି ସହିତ ଆଣ୍ଡାମାନ ନିକୋବର ଦ୍ୱୀପର ଇତିହାସ, ଭୂଗୋଳ, ଜନଜାତି ଓ ସର୍ବୋପରି ସେଲୁଲାର ଜେଲରେ ପୁରୀ ଗଜପତି ମହାରାଜାଙ୍କ ବନ୍ଦୀ ଘଟଣାର ଇତିବୃତ୍ତ । କ୍ଷୁଦ୍ର ପୁସ୍ତକଟିର ନାଁ 'କଳାପାଣି' । ଅନେକ ପୂର୍ବରୁ ଅନ୍ନଦାଶଙ୍କର ରାୟଙ୍କ ଲିଖିତ 'ସାହିତ୍ୟରେ ସଂକଟ' ଧାରାବାହିକ ରଚନାକୁ ସେ ଅନୁବାଦ କରି ଉତ୍କଳ ସାହିତ୍ୟ (ନୂତନପ୍ରସ୍ଥ)ରେ ଧାରାବାହିକ ଭାବେ ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ସେଇ ପତ୍ରିକା ଅଂଶଗୁଡ଼ିକ ସଂକଳିତ ହୋଇ ପ୍ରକାଶିତ ହେଲା । ଅନ୍ନଦାଶଙ୍କର ନୂତନ ଭାବେ ଓଡ଼ିଆ ବହିଟି ପାଇଁ ମୁଖବନ୍ଧଟିଏ ଲେଖିଦେଇଥିଲେ ।

ଶିକ୍ଷା ଓ ସାହିତ୍ୟ ଦିଗରେ ନରେନ୍ଦ୍ର ନାଥଙ୍କର କର୍ମବହୁଳ ଜୀବନ ଓ ସଫଳତାର କାହାଣୀ ସହିତ ସମାନ୍ତରାଳ ଭାବରେ ଗତି କରୁଥିଲା ତାଙ୍କର ବ୍ୟକ୍ତିଗତ ଓ ପାରିବାରିକ ଜୀବନର ଝଡ଼ଝଞ୍ଜା । ଆଉସବୁ ବାଧାବିଘ୍ନକୁ ଅତିକ୍ରମ କରି ନିଜର କର୍ତ୍ତବ୍ୟପଥରେ ସେ ଅବିଚଳିତ ଭାବେ ଅଗ୍ରସର । ବେଳେବେଳେ ତାଙ୍କ ବିଷୟରେ ଭାବିଲେ ଓ ତାଙ୍କୁ ଦେଖିଲେ ମନେ ହେବ ସବୁ ଦୁଃଖ ଓ ପରାଜୟକୁ ପଛରେ ପକାଇ ଜଣେ ସ୍ଥିତପ୍ରଜ୍ଞ ଋଷିପରି ସେ କେମିତି ନିୟତ ସାଧନାରେ ନିୟୋଜିତ ? ବିଶ୍ୱଭାରତୀରେ ଯୋଗଦେବାର ପରବର୍ଷ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଓ ୧୯୬୩ରେ ଶେଷ କନ୍ୟାଟି ଜନ୍ମଲାଭ କରିଥିଲେ । ପୁତ୍ରର ନାମ ଦେଇଥିଲେ ବୀତଶୋକ (ଡାକ ନାଁ ବାବୁଲା) ଆଉ କନ୍ୟାଟିର ନାଁ କୁଞ୍ଜବିହାରୀଙ୍କ କାବ୍ୟଗ୍ରନ୍ଥର ନାମାନୁସାରେ ଦିଆଯାଇଥିଲା ପ୍ରଭାତୀ (ଡାକ ନାଁ ଲକ୍ଷ୍ମୀ) । ଦୁଇପୁଅ, ତିନିଝିଅଙ୍କ ସମେତ ପତ୍ନୀଙ୍କୁ ଘେନି ଭରପୂର ସଂସାର ତାଙ୍କର । ଘରକୁ ଅତ୍ୟାଧୁନିକ ସରଞ୍ଜାମ ଆଣିବାରେ ସେ ଅଗ୍ରଣୀ ଥିଲେ । ପ୍ରକୃତରେ ଉଦାର ମାନବବାଦିତା, ଧର୍ମନିରପେକ୍ଷତା ଓ କ୍ରିୟାଚାରହୀନ ଶୁଦ୍ଧ କର୍ମଯୋଗ ହିଁ ତାଙ୍କ ବ୍ୟକ୍ତିଗତ ଜୀବନର ବୈଶିଷ୍ଟ୍ୟ । ସେ ସର୍ବାରମ୍ଭ ପରିତ୍ୟାଗୀ । ସର୍ବଦା ବିଜ୍ଞାନମନସ୍କ । ଧର୍ମାନ୍ଧତା ଓ କୁସଂସ୍କାରର ଘୋର ବିରୋଧୀ । କିନ୍ତୁ ନିଜର ବିଶ୍ୱାସ ଓ ଜୀବନଦର୍ଶନକୁ ଅନ୍ୟ ଉପରେ ଚପାଇଦେବା ତାଙ୍କର ସ୍ୱଭାବ ବିରୁଦ୍ଧ ।

ସବୁ ପିଲାମାନେ ଶାନ୍ତିନିକେତନର ମୁକ୍ତାକାଶ ବିଦ୍ୟାଳୟ ପାଠଭବନର ଛାତ୍ରଛାତ୍ରୀଥିଲେ । ପମାରେ ସମସ୍ତେ ଉଣାଅଧିକେ ଭଲ । ୧୯୭୦ରେ ନିଜ ଗାଁରେ ବଡ଼ପୁଅ ଅଶୋକର (ଡାକ ନାଁ କୁନା) ଉପନୟନ କାର୍ଯ୍ୟ ଶେଷକରି ସପରିବାର

ଫେରିଲେ ଶାନ୍ତିନିକେତନ । ୧୯୭୨ରେ ଅଶୋକ ସ୍କୁଲର ଶେଷ ପରୀକ୍ଷା ଦେଇ ଗାଁକୁ ବୁଲି ଯାଇଥିଲେ । ଫେରିବାପରେ ଜାଣିଲେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କିଛିଦିନ ପରେ ହଠାତ୍ ଆରମ୍ଭ ହେଲା ତାର ମାନସିକ ଅସୁସ୍ଥତା । କ୍ରମଶଃ ତାହା ବଢ଼ିଲା । ସେଥିପାଇଁ ନରେନ୍ଦ୍ର ନାଥଙ୍କୁ ବହୁ କଷ୍ଟ ଭୋଗିବାକୁ ପଡ଼ିଛି । ତାର ଚିକିତ୍ସା ସହିତ ପାଠପଢ଼ା ଉଭୟକୁ ଚଳାଇବା ପାଇଁ ସେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି । ଅଶୋକ ପାଠପଢ଼ି ଇତିହାସ ସମ୍ମାନ ନେଇ ବି.ଏ. ଓଡ଼ିଆ ସାହିତ୍ୟରେ ଏମ୍.ଏ ଓ ପିଏଚ.ଡି. ଡିଗ୍ରୀ ପାଇଲେ । ବଡ଼ ଝିଅ ମଂଜୁଳା (ଡାକ ନାଁ କଟି) ଇଂରାଜୀ ସାହିତ୍ୟରେ ସମ୍ମାନ ସହିତ ବି.ଏ. ପାସ କରି ୧୯୮୦ରେ ଖଣ୍ଡପଡ଼ା ନିବାସୀ ଅଧ୍ୟାପକ ଫକୀରମୋହନ ଆଚାର୍ଯ୍ୟଙ୍କୁ ବିବାହ କଲେ । ଏହି ପରିଣୟ ସଂପନ୍ନ ହେବାପରେ ନରେନ୍ଦ୍ର ନାଥ ସାମାନ୍ୟ ଶାନ୍ତି ଓ ସନ୍ତୋଷ ପାଇଲେ । ଦୁଇବର୍ଷ ପୂର୍ବରୁ ଚାକିରି କ୍ଷେତ୍ରରେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ କର୍ମକ୍ଷେତ୍ରରେ ସେ ସମ୍ମୁଖୀନ ହୋଇଥିବା ଅସୁବିଧାକୁ ଅତିକ୍ରମ କରି ସୃଷ୍ଟଶୀଳ ହେବାପାଇଁ ପ୍ରୟାସ କଲେ । ପ୍ରଫେସର ହୋଇ ନପାରିବାର ଦୁଃଖ ଅପେକ୍ଷା ନିଜର ପ୍ରିୟ ବିଭାଗଟିରେ ପ୍ରଫେସର ପଦ ସୃଷ୍ଟିକରିପାରିଥିବାର ସନ୍ତୋଷ ତାଙ୍କୁ ସର୍ବଦା ଅବିଚଳିତ ରଖିଥିଲା । ସେଇ ସମୟରେ ସେ 'ଆଧୁନିକ ଓଡ଼ିଆ କଥା ସାହିତ୍ୟ - ଉପନ୍ୟାସ' ଭ୍ରମଣ କାହାଣୀ 'କଳାପାଣି' ଓ 'ନୀଳକଣ୍ଠ : ଜୀବନୀ ଓ କୃତି' ନାମରେ ତିନୋଟି ଗ୍ରନ୍ଥ ରଚନା କଲେ । ମୁଁ ଗବେଷକ ଭାବରେ ଏଇ କାର୍ଯ୍ୟରେ ତାଙ୍କୁ ସହାୟତା କରିଥିଲି ।

୧୯୮୩ରେ ନରେନ୍ଦ୍ର ନାଥ ବ୍ୟକ୍ତିଗତ ପଦୋନ୍ନତି ପାଇ ପ୍ରଫେସର ପଦକୁ ଉନ୍ନୀତ ହେଲେ । ୧୯୮୬ରୁ ୧୯୮୯ ପର୍ଯ୍ୟନ୍ତ ପୁଣି ବିଭାଗର ମୁଖ୍ୟ ଭାବରେ ଦାୟିତ୍ୱରେ ରହି ୧୯୮୯ ମସିହା ଅକ୍ଟୋବର ମାସରେ ନିୟମିତ ଚାକିରିରୁ ଅବସର ନେଇ ବିଶ୍ୱବିଦ୍ୟାଳୟ ପ୍ରଦତ୍ତ ଏକ୍ସଟେନ୍ସନ୍‌ରେ ୧୯୯୪ ପର୍ଯ୍ୟନ୍ତ ରହିଥିଲେ । ଏଇ ସମୟ ମଧ୍ୟରେ ତାଙ୍କ ଜୀବନର ଓ ତାଙ୍କ ପରିବାର ସବୁଠାରୁ ଦାରୁଣ ଦୁଃଖଦାୟକ ଘଟଣାଟିଏ ଘଟିଗଲା । ସାନପୁଅ ବୀତଶୋକ ଥିଲା ସୁନ୍ଦର ବପୁବନ୍ତ, ମେଧାବୀ ଛାତ୍ର, ରସାୟନ ବିଜ୍ଞାନର ଉଚ୍ଚକୋଟିର ଗବେଷକ । ହଠାତ୍ କାଳର କଟାକ୍ଷରେ ସେ ରକ୍ତକର୍କଟରେ ପୀଡ଼ିତ ହୋଇ ୧୯୮୮ ଫେବୃଆରୀ ୧୩ତାରିଖରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଏ ସଂସାରରୁ ବିଦାୟ ନେଲା । ମା ଓ ଭାଇ ଭଉଣୀମାନେ ମ୍ରିୟମାଣ ହୋଇ ରହିଲେ । ଏପରି ଏକ ଅବର୍ଣ୍ଣନୀୟ ଶୋକାବହ ଅବସ୍ଥାକୁ କି

ଧୈର୍ଯ୍ୟ ଓ ନିଷ୍ଠାର ସହିତ ଅତିକ୍ରମ କରି ପରିବାର ଓ ନିଜର ଜୀବନକୁ ଗତିଶୀଳ କରାଇଥିଲେ ନରେନ୍ଦ୍ର ନାଥ, ତାହା କେବଳ ଅନୁଭବ୍ୟ, କଥନୀୟ ନୁହେଁ । ସମଗ୍ର ପରିବାରକୁ ଏ ଦାରୁଣ ଦୁଃଖରୁ ଉଦ୍ଧାର କରି ପୁଣି ନୂଆ ଭାବରେ ଜୀବନ ଅତିବାହିତ କରିବାପାଇଁ ନରେନ୍ଦ୍ର ନାଥ ନିଜ ଘର ବାଲେଶ୍ୱରଠାରେ ପୂର୍ବରୁ ଥିବା ଜମିଟିରେ ଗୋଟିଏ ଅଟ୍ଟାଳିକା ନିର୍ମାଣ କଲେ । ପତ୍ନୀଙ୍କ ମନର ପରିବର୍ତ୍ତନ ପାଇଁ ତାଙ୍କୁ ସେଇ କାର୍ଯ୍ୟର ତତ୍ତ୍ୱାବଧାନରେ ମନୋନିବେଶ କରିବାକୁ କହିଲେ । ୧୯୮୮ରେ ବଡ଼ପୁଅ ଅଶୋକର ପରିଣୟ ସଂପାଦନ କଲେ ବାଲେଶ୍ୱରରେ । ବୋହୂ ହୋଇ ଆସିଲେ ଗୀତା । ଏହାର ପର ଦୁଇବର୍ଷରେ ମଧ୍ୟମା କନ୍ୟା ମୃଦୁଳାର ବିବାହ ବସନ୍ତ କୁମାର ପଣ୍ଡାଙ୍କ ସହିତ ୧୯୮୯ ଜାନୁଆରୀରେ ଓ କନିଷ୍ଠା କନ୍ୟା ପ୍ରଭାତୀର ପରିଣୟ ଶ୍ରୀକାନ୍ତ କୁମାର ନାଥଙ୍କ ସହିତ ୧୯୯୦ ମାର୍ଚ୍ଚରେ ସଂପନ୍ନ କଲେ । ସାନପୁଅ ସ୍ୱର୍ଗତ ବୀତଶୋକର ସ୍ମୃତିରକ୍ଷାପାଇଁ ପ୍ରତିଷ୍ଠା କରିଥିଲେ ବୀତଶୋକ ଗ୍ରନ୍ଥାଳୟ । କିନ୍ତୁ ପରବର୍ତ୍ତୀ ସମୟରେ ଯତ୍ନ ଓ ଦାୟିତ୍ୱର ଅଭାବରୁ ତାହା ରହିପାରିଲା ନାହିଁ ।

ବାଲେଶ୍ୱର ଘରଟି ବଜାର ଉପରେ ରହିଥିବାରୁ ତାହା ଜଣେ ଜ୍ଞାନତପସ୍ୱୀଙ୍କ ପାଇଁ ସର୍ବଦା ବାସପୋଯୋଗୀ ହେବନାହିଁ ଭାବି ପୂର୍ବରୁ କଟକ ମହାନଦୀ ବିହାରରେ ଥିବା କ୍ଷୁଦ୍ର ଗୃହଟିର ସାମାନ୍ୟ ସଂସ୍କାର ଓ ପରିବର୍ଦ୍ଧନ କରାଇଲେ ନରେନ୍ଦ୍ର ନାଥ । ଉଦ୍ଦେଶ୍ୟ ଥିଲା କଟକ ଆସିଲେ ପ୍ରିୟଗୁରୁ କୁଞ୍ଜବିହାରୀଙ୍କ ସାନ୍ନିଧ୍ୟ ମିଳିବ ଓ ପୁସ୍ତକ ପ୍ରକାଶ ପାଇଁ ସୁଯୋଗ ମିଳିବ । କିନ୍ତୁ କଥାରେ ଅଛି 'Man proposes, God disposes'. ୧୯୯୪ରେ ବିଶ୍ୱଭାରତୀରୁ ସଂପୂର୍ଣ୍ଣ ଅବସର ନେବାପରେ ମଧ୍ୟ ଆହୁରି ତିନିବର୍ଷ ଲାଗିଗଲା ତାଙ୍କୁ ଶାନ୍ତିନିକେତନ ତ୍ୟାଗକରି ଆସିବାପାଇଁ । ଶାନ୍ତି ନିକେତନର ମୋହ ଏଡ଼େ ତୀବ୍ର । ୧୯୯୪ ମାର୍ଚ୍ଚମାସରେ ଲୋକରତ୍ନ କୁଞ୍ଜବିହାରୀଙ୍କ ଦେହାନ୍ତ ହୋଇଗଲା । ତଥାପି ତାଙ୍କର ସ୍ମୃତି ସହିତ ଏକାତ୍ମ ହେବାପାଇଁ ନରେନ୍ଦ୍ରନାଥ କଟକରେ ଆସି ରହିବାପାଇଁ ସ୍ଥିର କଲେ । ବାଲେଶ୍ୱର ଘରଟି ପୁଅବୋହୂଙ୍କୁ ସ୍ୱାଧୀନଭାବେ ଛାଡ଼ିଦେଇ ପତ୍ନୀଙ୍କ ସହିତ ଆସି କଟକରେ ଅବସ୍ଥାନ କଲେ । କିଛିଦିନ ପାଇଁ କର୍ମଚଂଚଳ ରହିବାପାଇଁ ମହାନଦୀ ବିହାର ମହିଳା କଲେଜର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ । କଟକରେ ବିଭିନ୍ନ ସାହିତ୍ୟାନୁଷ୍ଠାନ ଓ ପତ୍ରପତ୍ରିକା ତାଙ୍କଠାରୁ ବିଭିନ୍ନ ଭାବେ ସାହାଯ୍ୟ ନେଉଥିଲେ । ମହାନଦୀ ବିହାରରେ ସାହିତ୍ୟିକ ବନ୍ଧୁଥିଲେ ସୁରେନ୍ଦ୍ର ନାଥ ଶତପଥୀ । ବହୁ ସମୟରେ ଦୁଇଜଣଙ୍କ ଭିତରେ ସାହିତ୍ୟ ଚର୍ଚ୍ଚା ଖୁବ୍ ଆମୋଦ

ଦାୟକ ହେଉଥିଲା । ପାଖରେ ଥିଲେ ପରାମର୍ଶ ପାଇଁ ଡାକ୍ତର ରବିସାହୁ । କିଛିବର୍ଷପରେ ୨୦୦୧ ମସିହାରେ କଟକ ଘରର ଦ୍ୱିତଳ ମହଲାଟି ନିର୍ମାଣ କରାଇଲେ । ନିଜର ଗ୍ରନ୍ଥାଗାର ଓ ଅଧ୍ୟୟନ ପାଇଁ ବେଶ୍ ବଡ଼ ପ୍ରକୋଷ୍ଠଟିଏ ହୋଇପାରିବାରୁ ତାହା ତାଙ୍କୁ ଆତ୍ମସନ୍ତୋଷ ଦେଇଥିଲା । ରଚନାକାର୍ଯ୍ୟରେ ମନୋନିବେଶ କରୁଥିଲେ । ଇତିମଧ୍ୟରେ ଆସାମର ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟର ନିମନ୍ତ୍ରଣ କ୍ରମେ ପରିଦର୍ଶୀ ଅଧ୍ୟାପକ ଭାବରେ ଯାଇ ସେଠାରେ ଓଡ଼ିଆ ରାମାୟଣ ଓ ପୂର୍ବଭାରତରେ ରାମାୟଣ ପରମ୍ପରା ବିଷୟରେ ଅଧ୍ୟାପନା ଓ ବକ୍ତୃତାମାଳା ପ୍ରଦାନ କରିଥିଲେ । ବଳରାମ ଦାସ ଓ ଓଡ଼ିଆ ରାମାୟଣ ଗ୍ରନ୍ଥରଚନା ସମଗ୍ର ପୂର୍ବ ଭାରତରେ ରାମାୟଣ ଗବେଷଣାର ଯେଉଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା ଆସାମ ସାହିତ୍ୟର ଇତିହାସକାର ବିରଞ୍ଚିକୁମାର ବଡୁଆ ଓ ମୈଥିଳୀ ସାହିତ୍ୟରୁ ଇତିହାସକାର ଜୟକାନ୍ତ ମିଶ୍ର ଏଥିରେ ପ୍ରଭାବିତ ହୋଇ ଆଲୋଚନା କରିଥିଲେ । ଏବେ ଡିବ୍ରୁଗଡ଼ରେ ତାହା ଅଧିକତର ଫଳପ୍ରସୂ ହେଲା ।

ମନୁଷ୍ୟ ଜୀବନରେ ଦୁଃଖ ଖୁବ୍ ନିଜର । ସୁଖକୁ ଯେପରି ବାଣ୍ଟିପାରେ ସେ, ଦୁଃଖକୁ କାହା ସହିତ ବାଣ୍ଟିପାରେ ନାହିଁ । ଦୁଃଖକୁ ସେ ନିଜେ ଭୋଗକରେ, ସହିଯାଏ । ନରେନ୍ଦ୍ର ନାଥଙ୍କ ଜୀବନରେ ଦୁଃଖର ପରିମାଣ ଯେପରି ବିସ୍ତୃତ, ଗଭୀରତା ସେହିପରି ଅତଳ । ଆଉଜଣେ ଦୁଃଖୀ ନହେଲେ ତାହା ବୁଝିପାରିବ ନାହିଁ । କଟକ ଘରର ନବନିର୍ମିତ ଉପର ମହଲାକୁ ଯାଇ ରହିବାର ଅଳ୍ପ କିଛିଦିନରେ ବାଟରେ ପାଦଖସି ପଡ଼ିଯାଇ ନରେନ୍ଦ୍ର ନାଥଙ୍କର ଅଣ୍ଟାତଳ ଖଞ୍ଜା ହାଡ଼ ଭାଂଗିଗଲା । ତିନିମାସ ଶଯ୍ୟାଶାୟୀ ହୋଇ ରହିଲେ । ଭଲହେଲାପରେ ବି ବାମଗୋଡ଼ଟି ସାମାନ୍ୟ ଛୋଟ ହୋଇଯିବାରୁ ଚାଲିବାରେ ଅସୁବିଧା ହେଲା । ଆଶ୍ରାବାଡ଼ିଟିଏ ଧରିବାକୁ ପଡ଼ିଲା । ଘରୁ ବେଶି ବାହାରିବା ସହଜ ହେଲାନି । ତେଣୁ ଘରର ସବୁକାର୍ଯ୍ୟ ପଡ଼ିଲା ପତ୍ନୀଙ୍କ ଉପରେ । ପତ୍ନୀ ରତ୍ନମାଳା ଥିଲେ ଏକାନ୍ତ ଭାବେ ଅନୁରାଗିଣୀ । ମଝିରେ ମଝିରେ କଥାରେ ବିରକ୍ତି ପ୍ରକାଶ କରୁଥିଲେ ବି ତାଙ୍କର ସେବାରେ ସେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କରିଥିଲେ । କିନ୍ତୁ କାଳ ଯମ ଯେ ବଡ଼ ଦୁର୍ଦ୍ଦଣ୍ଡ ଏକଥା ତ ଜଣାଅଛି । ୨୦୦୬ ଅକ୍ଟୋବର ମାସରେ ରତ୍ନମାଳା ହଠାତ୍ ଅସୁସ୍ଥ ହୋଇ ନର୍ସିଂହୋମ୍‌ରେ ଭର୍ତ୍ତିହେଲେ ଦଶବର୍ଷ ପୂର୍ବରୁ ଥରେ ଉଚ୍ଚରକ୍ତଚାପ ଜନିତ ଷ୍ଟ୍ରୋକ୍ ହେବାପରେ ସେ ନିୟମିତ ଔଷଧ ସେବନ କରୁଥିଲେ ଓ ଚିକିତ୍ସାରେ ଥିଲେ । କିନ୍ତୁ ବୃକକ୍ ଯେ କ୍ଷତିଗ୍ରସ୍ତ ହୋଇଯାଇଛି ଏକଥାର ସୂଚନା ଡାକ୍ତର ମଧ୍ୟ ଦେଇନଥିଲେ । କଟକ ଓ ଭୁବନେଶ୍ୱରର ନର୍ସିଂହୋମ୍‌ରେ

ଡାଏଲେସିସ୍‌ରେ ରହି ଭେଣ୍ଟିଲେଟରରେ ମୃତ୍ୟୁସହିତ ସଂଗ୍ରାମ କରି ୨୦୦୬ ନଭେମ୍ବର ୧୩ ତାରିଖ ଦିନ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ନରେନ୍ଦ୍ର ନାଥ ହୋଇଗଲେ ସଂପୂର୍ଣ୍ଣ ରୂପେ ନିଃସଂଗ । କିଛିଦିନ ଭୁବନେଶ୍ୱରରେ ରହିବାପରେ ଏବେ ବାଲେଶ୍ୱରରେ ଅବସ୍ଥାନ କରୁଛନ୍ତି । ଜୀବନର ସକଳ ଶୃଙ୍ଖଳା ଏବେ ବିଶୃଙ୍ଖଳିତ । ବହୁଶାସ୍ତ୍ରାଧ୍ୟାୟୀ ଗଭୀର ଚିନ୍ତାଶୀଳ ମସ୍ତିଷ୍କ ଏବେ ବିସ୍ମରଣ ରୋଗଗ୍ରସ୍ତ । ଶ୍ରବଣ ଶକ୍ତି ହୀନତା କଥାକୁ ଅସଂଲଗ୍ନ କରି ପକାଉଛି । ଏହିପରି ଭାବରେ ଏବେ ସେ ଅଛନ୍ତି । ତଥାପି ତାଙ୍କର ଉପସ୍ଥିତି ଯେ ଆମ ପାଇଁ ଆଶା ଓ ସାହସର ଶକ୍ତି ଏକଥା ପ୍ରତିମୁହୂର୍ତ୍ତରେ ପ୍ରାଣରେ ଅନୁଭବ କରି ତାଙ୍କୁ ଶତାୟୁ କରିବାପାଇଁ ଜଗନ୍ନାଥ ପାଖରେ ପ୍ରାର୍ଥନା କରୁଛି ।

ଗବେଷକ ଓ ସାହିତ୍ୟ ସମାଲୋଚକ ଭାବରେ ନରେନ୍ଦ୍ର ନାଥ ମିଶ୍ରଙ୍କ ସ୍ୱକୀୟତା ଓଡ଼ିଆ ସାହିତ୍ୟର ଇତିହାସରେ ଲିପିବଦ୍ଧ ହୋଇ ରହିବ । ଡକ୍ଟର ମାୟାଧର ମାନସିଂହ ଓ ସୁରେନ୍ଦ୍ର ମହାନ୍ତିଙ୍କ ଭଳି ସାହିତ୍ୟର ଐତିହାସିକମାନେ ଅକୁଣ୍ଠ ଭାବରେ ଏକଥା ସ୍ୱୀକାର କରିଛନ୍ତି । ନିଜର ବହୁଶାସ୍ତ୍ରଦର୍ଶିତା, ବିଷୟ ବିନ୍ୟାସରେ ଶୃଙ୍ଖଳା, ନାନ୍ଦନିକ ଅବବୋଧ, ଅନନ୍ୟ ଗଦ୍ୟଶୈଳୀ ଓ ସଂକ୍ଷିପ୍ତତା ତାଙ୍କ ରଚନାକୁ ବଳିଷ୍ଠ ଆତ୍ମଶକ୍ତି ପ୍ରଦାନ କରିଥିଲା । ଅପରାପର ବିଦ୍ୟାର ବିନିଯୋଗ ତାଙ୍କ ଆଲୋଚନା ଗୁଡ଼ିକୁ କରିଥିଲା ଅନନ୍ୟ । ତାଙ୍କ ନିବନ୍ଧ ଗ୍ରନ୍ଥ ଗୁଡ଼ିକ ଯେପରି ବିଷୟ ପରିସରର ବିପୁଳତା, ଐତିହାସିକ ବିକାଶ ଓ ବିବର୍ତ୍ତନର ବିନ୍ୟାସ, ଗଭୀର ପର୍ଯ୍ୟବେକ୍ଷଣ, ସୂକ୍ଷ୍ମ ବିଶ୍ଳେଷଣ, ନାନ୍ଦିନିକ ଅବବୋଧ ଓ ଯଥାଯଥା ମୂଲ୍ୟାୟନ ଆଦି ସକଳ ବୈଶିଷ୍ଟ୍ୟକୁ ଘେନି ଓଡ଼ିଆ ସମାଲୋଚନା ସାହିତ୍ୟର ପରମ୍ପରାରେ ସ୍ୱତନ୍ତ୍ର ମର୍ଯ୍ୟାଦା ଦାବିକରେ ତାଙ୍କ ପ୍ରବନ୍ଧଗୁଡ଼ିକ ସେହିପରି ନିର୍ଦ୍ଦିଷ୍ଟ ବିଷୟବିନ୍ଦୁ, ପରିମିତିବୋଧ, କଳନା ଓ ତୁଳନାରେ ବିଶ୍ୱବୀକ୍ଷା ସର୍ବୋପରି ସଂକ୍ଷିପ୍ତତା ଭିତରେ ପ୍ରଜ୍ଞାର ଆତ୍ମାକୁ ଆବିଷ୍କାର କରିବାର ସତତ ପ୍ରୟାସ ଭିତରେ ଅନୁପମ ଓ ଅନୁକରଣୀୟ ହୋଇ ରହିଥାଏ ।

ଛାତ୍ର ଜୀବନରେ ଲିଖିତ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' ଗ୍ରନ୍ଥରୁ ହିଁ ନରେନ୍ଦ୍ରନାଥଙ୍କର ମୌଳିକତା ଓ ଅନନ୍ୟତାର ପରିଚୟ ମିଳିଥିଲା । 'ଗ୍ରନ୍ଥ ପ୍ରବେଶର ସୂଚନା'ରେ ପଣ୍ଡିତ ନୀଳକଣ୍ଠ ଲେଖିଥିଲେ, "ପାଠପଢ଼ା ତଦାନୁଷଙ୍ଗିକ ଆଲୋଚନାରେ ମଧ୍ୟ ତାଙ୍କର ଯଥେଷ୍ଟ ପଟୁତା ପ୍ରକାଶ ପାଇଛି । ଭାଷା ଅତି ସୁନ୍ଦର । ସେଥିରେ ଇଂରାଜୀ ବଂଗଳାର ଅନୁବାଦ ଓ ଅନୁକରଣ ଯଦି କୁତ୍ରାପି ଥାଏ – ତାହା ଆହରଣର ପରିପାଟୀରେ ସ୍ୱାଦ୍ୟ । ଓଡ଼ିଆ ଭାଷାରେ ଏ ଖଣ୍ଡିଆ ବଡ଼ ଉପାଦେୟ ଗ୍ରନ୍ଥ ।

ଲେଖକଙ୍କର ଏହା ପ୍ରଥମ ଲେଖା ପୁସ୍ତକ । ଏଭଳି ପୁସ୍ତକକୁ ଦେଶରେ ପଢ଼ିବା, ଆଦର କରିବାର ବାୟୁମଣ୍ଡଳ ହୁଏତ ସୃଷ୍ଟି ହୋଇନାହିଁ । କ୍ରମେ ତା ହେଉ ଓ ଓଡ଼ିଆ ସାହିତ୍ୟ ନୂତନ ଆଲୋଚନାର ଶୈଳୀ ଘେନି ଉତ୍ତରୋତ୍ତର ଶ୍ରୀବୃଦ୍ଧି ଲାଭ କରୁ । ଶ୍ରୀମାନ୍ ନରେନ୍ଦ୍ର ଏହି ଉତ୍ତରୋତ୍ତର ଶ୍ରୀବୃଦ୍ଧିରେ ନିଜର ସାହିତ୍ୟ ପ୍ରକାଶ କରି କୃତିତ୍ୱ ଅର୍ଜନ କରନ୍ତୁ ।"

ଗବେଷକ ଭାବରେ ଆଧୁନିକ ଓଡ଼ିଆ କାବ୍ୟଧାରାର ପର୍ଯ୍ୟାୟ କ୍ରମିକ ତାତ୍ତ୍ୱିକ ଆଲୋଚନା କରିବାପାଇଁ ଏକ ଜୀବନବ୍ୟାପୀ ଯୋଜନା ଆରମ୍ଭ କରିଥିଲେ ନରେନ୍ଦ୍ର ନାଥ । ଆଧୁନିକ ଓଡ଼ିଆ କାବ୍ୟରେ ନବନବ ଆଭିମୁଖ୍ୟ ଆବିଷ୍କାରରେ ତତ୍ପର ହୋଇଥିଲେ । ଏହି ତତ୍‌ପରତାର ପ୍ରଥମ ସଫଳ ରୂପାୟନ ଥିଲା 'ଆଧୁନିକ ଓଡ଼ିଆ କାବ୍ୟଧାରା' (ଆଦିଯୁଗ) । ୧୯୬୦ ମସିହାରେ ବିଶ୍ୱଭାରତୀରୁ ପିଏଚ.ଡି ଡିଗ୍ରୀ ପାଇଥିଲେ ସେ ଏଇ ନିବନ୍ଧ ପାଇଁ । ୧୯୬୪ଏହାର ପ୍ରକାଶକାଳରେ ଗବେଷଣାର ପଥପ୍ରଦର୍ଶକ କୁଞ୍ଜବିହାରୀ ଦାଶ ଏହାର ମୁଖବନ୍ଧରେ ଲେଖିଥିଲେ, ଆଧୁନିକ ଓଡ଼ିଆ କାବ୍ୟଧାରା ବହୁ ପ୍ରବନ୍ଧର ଏକ ସୂଚୀପତ୍ର ନୁହେଁ, ସାର ସଂଗ୍ରହ ନୁହେଁ, ଏହା ବହୁଧାରାରେ ଆତ୍ମଧାରାର ଏକ ବିପୁଳ ଯୋଗ । ଗ୍ରନ୍ଥରେ ଆମୂଳଚୂଳ କଳାତ୍ମକ ଆନୁପାତିକ ସୌଷବ ସଂରକ୍ଷିତ ହୋଇଅଛି । ତଥ୍ୟ ଆହରଣ ସଂଗେସଂଗେ ପରିବେଷଣରେ ସେ ଅଧିକ କୌଶଳ ପ୍ରଦର୍ଶନ କରିଛନ୍ତି । ଭାଷାର ସ୍ତର ଓ ଆଲୋଚନାର ଭାରସାମ୍ୟ ସୁରକ୍ଷିତ । ମନନର ମୁଦ୍ରା ପ୍ରାୟ ପ୍ରତ୍ୟେକ ପୃଷ୍ଠାରେ ଅଙ୍କିତ । ଏହିଗ୍ରନ୍ଥ ପାଠକରି ଲଣ୍ଡନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଜନ୍‌ବୋଲଟନ୍ ମତ ଦେଇଥିଲେ - ବୋଧ ହେଉଛି ଯେ ଏ ପ୍ରକାର ଗବେଷଣାମୂଳକ ବହି ଓଡ଼ିଆରେ ଆଉ ନାହିଁ । କଲିକତା ବିଶ୍ୱବିଦ୍ୟାଳୟର ବଂଗଳା ପ୍ରଫେସର ବିଜନ ବିହାରୀ ଭଟ୍ଟାଚାର୍ଯ୍ୟ ଲେଖିଥିଲେ, "I am going through the book with keen interest and great pleasure. The first five chapters give an excellent background both social and political to the history of the modern Oriya poetry. You have a mass of materials at your disposal and I must congratulate you on the manner in which you have utilized the same." ବିଶିଷ୍ଟ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ସଂପାଦିତ 'ଦିଗନ୍ତ' ପତ୍ରିକାର ଗ୍ରନ୍ଥ ବିଚାରରେ ଏହି ବହି ସଂପର୍କରେ ଉଚ୍ଚ ଅଭିମତ ପ୍ରକାଶ

ପାଇଥିଲା । "ଡକ୍ଟର ନରେନ୍ଦ୍ର ନାଥ ମିଶ୍ରଙ୍କ 'ଆଧୁନିକ ଓଡ଼ିଆ କାବ୍ୟଧାରା - ଆଦିଯୁଗ' ଆଧୁନିକ ଓଡ଼ିଆ ସାହିତ୍ୟ ଉପରେ ପ୍ରଥମ ଥିସିସ୍ । ଯାହା ପ୍ରଥମ ଓ ଅନନ୍ୟ ତୁଳନାରେ ତାହାର ମୂଲ୍ୟ କଳନାର ଅବକାଶ ନଥାଏ । ସୁନିର୍ବାଚିତ ଉଦ୍ଧୃତି, ସୁଚିନ୍ତିତ ମନ୍ତବ୍ୟ, ସୁବିନ୍ୟସ୍ତ ଓ ଭାଷାର ଉପାଦାନରେ ବିଷାଦ ବିଧୁର, ଆନନ୍ଦ ଉଜ୍ଜ୍ୱଳ, ଆହରଣପୁଷ୍ଟ, ଆବେଦନରେ ଚିରନ୍ତନ, ଆକର୍ଷଣରେ ନିତ୍ୟନୂତନ, ଆଧୁନିକ ଉତ୍କଳର କାବ୍ୟ ଆତ୍ମା ଗ୍ରନ୍ଥଟିରେ ଜୀବନ୍ତ ବିଗ୍ରହ ଲାଭ କରିଛି ।"

ପ୍ରଥମ ଗ୍ରନ୍ଥଟିର ଏହି ପ୍ରକାର ସ୍ୱୀକୃତି ଓ ଗ୍ରାହକତାରୁ ଉତ୍ସାହିତ ହୋଇ ନରେନ୍ଦ୍ର ନାଥ ଆଧୁନିକ ଓଡ଼ିଆ କାବ୍ୟଧାରାର ଦ୍ୱିତୀୟ ଭାଗ (ନବଜାଗରଣ ଯୁଗ) ରଚନା କରିଥିଲେ । ଏଥିରେ ନବ ମାନବତାବାଦ ଓ ନବ ଜାଗରଣର ସାମଗ୍ରିକ ପୃଷ୍ଠଭୂମି ଉପରେ ବିଶିଷ୍ଟ କବି ପ୍ରତିଭାର ମୂଲ୍ୟାଙ୍କନ କରାଯାଇଥିଲା । ୧୯୭୮ରେ ବିଶ୍ୱଭାରତୀ ଗବେଷଣା ପ୍ରକାଶନ ସମିତି ପକ୍ଷରୁ ପ୍ରକାଶିତ ଏଇ ଗ୍ରନ୍ଥଟି ପ୍ରଥମଭାଗ ପରି ପ୍ରସିଦ୍ଧି ଓ ବୌଦ୍ଧିକ ଜନପ୍ରିୟତା ନ ପାଇଥିଲେ ମଧ୍ୟ ଆଲୋଚନାର ବିଶିଷ୍ଟତା ଦିଗରୁ ବୈଶିଷ୍ଟ୍ୟପୂର୍ଣ୍ଣ ।

ନିବନ୍ଧ ଗ୍ରନ୍ଥଗୁଡ଼ିକ ବ୍ୟତୀତ 'ଆଧୁନିକତା ଓ ଆଧୁନିକ ସାହିତ୍ୟ' ଓ 'ଓଡ଼ିଆ ସାହିତ୍ୟ ଓ ଭାଷା : ଏକ ଅଧ୍ୟୟନ' ସଂକଳ ଦୁଇଟିରେ ତାଙ୍କର ମୌଳିକ ସମାଲୋଚନାର ପରିଚୟ ସ୍ପଷ୍ଟ । ଏହା ବ୍ୟତୀତ ଅସଂଙ୍କଳିତ ବହୁ ପ୍ରବନ୍ଧ ରଚନା କରିଛନ୍ତି । ସେଥିମଧ୍ୟରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସୁଖ୍ୟାତ ଅଧ୍ୟାପକ ଡ. ନଗେନ୍ଦ୍ରଙ୍କ ସଂପାଦିତ ଗ୍ରନ୍ଥରେ ସଂକଳିତ ତାଙ୍କର ପ୍ରବନ୍ଧ 'Criticisam in Oriya' ସେ ସମୟରେ ସର୍ବ ଭାରତୀୟ ପ୍ରେକ୍ଷାପଟରେ ଓଡ଼ିଆ ସମାଲୋଚନା ସାହିତ୍ୟକୁ ପରିଚୟ ଓ ପ୍ରସିଦ୍ଧି ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ବିଶ୍ୱ ଓଡ଼ିଆ ସମ୍ମିଳନୀ ଅବସରରେ ପ୍ରଫେସର ବିଧୁଭୂଷଣ ଦାସଙ୍କ ସଂପାଦିତ ପୁସ୍ତକରେ ତାଙ୍କର 'Oriya folk literature' ପ୍ରବନ୍ଧଟି ଓଡ଼ିଆ ଲୋକସାହିତ୍ୟର ସାମଗ୍ରିକ ରୂପ ନିଦାନରେ ସାର୍ଥକ ହୋଇଥିଲା । ବହୁ ପୂର୍ବରୁ କଲିକତାରୁ ପ୍ରକାଶିତ folk lore ପତ୍ରିକାରେ ପ୍ରକାଶିତ ତାଙ୍କ ପ୍ରବନ୍ଧ ତାଙ୍କ ଛାତ୍ର ଭାବଗ୍ରାହୀ ମିଶ୍ରଙ୍କୁ ଲୋକସାହିତ୍ୟ ଅଧ୍ୟୟନ ଓ ଗବେଷଣା ଦିଗରେ ଅନୁପ୍ରେରିତ କରିଥିଲା । ସେଇ ସମୟରେ ନରେନ୍ଦ୍ର ନାଥଙ୍କ ଲିଖିତ ବହୁ ପ୍ରବନ୍ଧ ପରବର୍ତ୍ତୀ ସମୟରେ ବହୁ ଗବେଷକଙ୍କୁ ସନ୍ଦର୍ଭ ରଚନା ପାଇଁ କୋରକ ଯୋଗାଇଛି ।

ମାୟାଧର ମାନସିଂହ ନିଜର ଇଂରାଜୀରେ ଲିଖିତ ଓଡ଼ିଆ ସାହିତ୍ୟର ଇତିହାସରେ ସମାଲୋଚକମାନଙ୍କ ତାଲିକାରେ ନରେନ୍ଦ୍ର ନାଥଙ୍କ ନାମୋଲ୍ଲେଖ କରିଥିଲେ । ପରବର୍ତ୍ତୀ ସମୟରେ ସୁରେନ୍ଦ୍ର ମହାନ୍ତି ନିଜର 'ଓଡ଼ିଆ ସାହିତ୍ୟରେ କ୍ରମବିକାଶ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି 'ବଳରାମ ଦାସ ଓ ଓଡ଼ିଆ ରାମାୟଣ, ଶୈଳ ଓ ସୀମାନ୍ତ, ଆଧୁନିକତା ଓ ଆଧୁନିକ ସାହିତ୍ୟ ପ୍ରଭୃତି ପୁସ୍ତକରେ ଡ. ମିଶ୍ରଙ୍କର ଅଧ୍ୟୟନ ଓ ଅଧ୍ୟବସାୟର ସ୍ୱାକ୍ଷର ସହିତ, ଗଭୀର ମନନ ଓ ଚିନ୍ତନ ପୁଣି ବଳିଷ୍ଠ ଗଦ୍ୟଶୈଳୀର ପରିଚୟ ମିଳିଥାଏ । ଆଧୁନିକ ଓଡ଼ିଆ କାବ୍ୟଧାର ଉପରେ ତାଙ୍କର ସନ୍ଦର୍ଭ, ବିଶ୍ୱଭାରତୀ ଦ୍ୱାରା ସମ୍ମାନିତ ହୋଇଛି । ଅଧ୍ୟାପକ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ନିଜର ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟରେ ଆଲୋଚନା କରି ଲେଖିଛନ୍ତି, ଜଣେ ସଫଳ ଗଦ୍ୟ ଲେଖକ ଓ ଚିନ୍ତାଶୀଳ ସମାଲୋଚକ ରୂପେ ଡ. ନରେନ୍ଦ୍ର ନାଥ ମିଶ୍ର ସୁପରିଚିତ । 'ବଳରାମ ଦାସ ଓ ଓଡ଼ିଆ ରାମାୟଣ', 'ଶୈଳ ଓ ସୀମାନ୍ତ', 'ଆଧୁନିକତା ଓ ଆଧୁନିକ ସାହିତ୍ୟ' ପ୍ରଭୃତି ଗ୍ରନ୍ଥରୁ ତାଙ୍କର ମନନଧର୍ମୀ ଆଲୋଚନା ରୀତିର ଆଭାସ ମିଳେ । ଆଧୁନିକ ଓଡ଼ିଆ କାବ୍ୟଧାରାର ଅନୁଶୀଳନ କରି ସେ ବିଶ୍ୱଭାରତୀରୁ ଉପାଧିପ୍ରାପ୍ତ ହୋଇଛନ୍ତି । ଆଧୁନିକ ସାହିତ୍ୟ ବିଶ୍ଳେଷଣରେ ତାଙ୍କର ପ୍ରବଣତା ପ୍ରକଟିତ । ଜଣେ ବିଶିଷ୍ଟ ଗଦ୍ୟଲେଖକ ଓ ସାହିତ୍ୟ ସମୀକ୍ଷକ ରୂପେ ସେ ଆପଣାର ଯଥାଯଥ ପରିଚୟ ଦେଇଛନ୍ତି । 'ଓଡ଼ିଆ ସାହିତ୍ୟ ଓ ଭାଷା: ଏକ ଅଧ୍ୟୟନ' ତାଙ୍କର ଅନ୍ୟ ଏକ ସମାଲୋଚନା ମୂଳକ ପ୍ରବନ୍ଧ ସଂକଳନ ପାଠକଙ୍କ ନିକଟରେ ସମାଦର ଲାଭ କରିଥାଏ ।"

ନରେନ୍ଦ୍ରନାଥଙ୍କ ସାହିତ୍ୟକୃତିର ସ୍ୱୀକୃତି ସ୍ୱରୂପ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କୁ ୨୦୦୧ରେ 'ବରିଷ୍ଠ ସାହିତ୍ୟିକ ସମ୍ମାନ' ପ୍ରଦାନ କରିଛି । ୨୦୦୬ରେ ଉତ୍କଳ ପାଠକ ସଂସଦ ଦେଇଛି 'ବ୍ରଜମୋହନ ସ୍ମୃତି ସମ୍ମାନ' । ଉତ୍କଳ ସାହିତ୍ୟ ସମାଜ ୨୦୦୨ରେ 'ଗୋପୀନାଥ ନନ୍ଦ ପ୍ରବନ୍ଧ ଓ ସମାଲୋଚନା ସମ୍ମାନ ପ୍ରଦାନ କରିଛି । ପୂର୍ବରୁ ଓଡ଼ିଆ ଗବେଷଣା ପରିଷଦ 'କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର ପ୍ରଦାନ କରିଥିଲା । ସର୍ବ ଭାରତୀୟ ଓଡ଼ିଆ ଅଧ୍ୟାପକ ସମ୍ମିଳନୀରେ ତାଙ୍କୁ ମାନପତ୍ର ସହିତ ସମ୍ମାନିତ କରାଯାଇଥିଲା । ବିଶ୍ୱ ଭାରତୀ ଓଡ଼ିଆ ବିଭାଗର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସେ ସମ୍ମାନିତ ହୋଇଥିଲେ ନିଜର ଅଧ୍ୟାପକ ଜୀବନର ଅବିସ୍ମରଣୀୟ ଅବଦାନ ପାଇଁ । ନିକଟ ଅତୀତରେ ଫକୀରମୋହନ ସାହିତ୍ୟ ପରିଷଦ ତାଙ୍କୁ

ସମ୍ମାନିତ କରିଛି । କିନ୍ତୁ ଏ ସବୁ ତାଙ୍କ ଜୀବନ ବ୍ୟାପୀ ସାହିତ୍ୟ ସାଧନାର ସାମାନ୍ୟ ସ୍ୱୀକୃତି ମାତ୍ର । ତାଙ୍କ ପ୍ରଭୂତ ସାହିତ୍ୟ କର୍ମ ଓ ନିଷ୍ଠାପର ଅଧ୍ୟବସାୟର ସମୁଚିତ ମୂଲ୍ୟାୟନ ହୋଇପାରି ନାହିଁ । ତାଙ୍କୁ ଯଥାଯୋଗ୍ୟ ଗୌରବ ଦିଆଯାଇ ନାହିଁ । ସେଥିପାଇଁ ଆମେ ହିଁ ଦାୟୀ । ଆଜି ଏଇ ଶୁଭ ଅବସରରେ ଭବିଷ୍ୟତରେ ତାଙ୍କ ଜୀବନ ବ୍ୟାପୀ ସାହିତ୍ୟ ତପସ୍ୟାର ଉତ୍ତରାଧିକାରୀ ହୋଇ ତାଙ୍କ ସତ୍ୟ ସଂକଳ୍ପକୁ ସଂପୂର୍ଣ୍ଣ କରିବାର ଅଭିଳାଷ ନେଇ ଅପେକ୍ଷା କରୁଛି । ତାଙ୍କ ନିରାମୟ ଉପସ୍ଥିତି ଏ ଦିଗରେ ଆମକୁ ଅନୁପ୍ରେରିତ କରୁଥାଉ । ତାଙ୍କ ଜୀବନ ଓ ସାହିତ୍ୟ ଆମପାଇଁ ଆଦର୍ଶ ହୋଇ ରହିଥାଉ ।

ରିଜିଓନାଲ କଲେଜ, ଭୁବନେଶ୍ୱର

ମୋ ଦୃଷ୍ଟିରେ ଗବେଷକ ଡ.ନରେନ୍ଦ୍ର ନାଥ ମିଶ୍ର

ଡ. ଦୁର୍ଗାପ୍ରସନ୍ନ ପଣ୍ଡା

ପ୍ରଫେସର ଡ.ନରେନ୍ଦ୍ର ନାଥ ମିଶ୍ରଙ୍କ ପ୍ରଥମ ଗବେଷଣାତ୍ମକ ପ୍ରବନ୍ଧ "ଆଧୁନିକ ଓଡ଼ିଆ ସାହିତ୍ୟର ଆଧୁନିକତା" ୧୯୫୪ରେ 'ପ୍ରଭାତୀ' ପତ୍ରିକାରେ ପ୍ରକାଶ ପାଇଥିଲା । (ଏହି ପ୍ରବନ୍ଧ ଡ.ମିଶ୍ରଙ୍କ "ଶୈଳ ଓ ସୀମାନ୍ତ"ରେ ସଂକଳିତ) ପ୍ରବନ୍ଧର ଗୋଟିଏ ଅଂଶ ଏହିପରି-

"ଐତିହାସିକ ତାତ୍ପର୍ଯ୍ୟ ଦୃଷ୍ଟିରୁ ସମାଲୋଚକମାନେ ବ୍ୟକ୍ତି ବା ଗୋଷ୍ଠୀକୁ କେନ୍ଦ୍ର କରି 'ରାଧାନାଥ ଯୁଗ', 'ସତ୍ୟବାଦୀ ଯୁଗ', 'ସବୁଜ ଯୁଗ' ଆଦି ଯୁଗ ବିନ୍ୟାସ କରିଛନ୍ତି । କିନ୍ତୁ ସମଗ୍ର ରୂପେ ଆଧୁନିକ ସାହିତ୍ୟର ସ୍ୱରୂପ ବିନ୍ୟାସ ପାଇଁ ଏହି ନାମଗୁଡ଼ିକ ଯଥେଷ୍ଟ ଇଙ୍ଗିତପୂର୍ଣ୍ଣ ନୁହେଁ । ଏଥିପାଇଁ ଆଧୁନିକ ସାହିତ୍ୟକୁ ଅଭ୍ୟୁଦୟ ବା ପୁନର୍ଜାଗୃତି, ଜାତୀୟ ଯୁଗ ଓ ଆନ୍ତର୍ଜାତୀୟ ଯୁଗ ରୂପେ ବିଭକ୍ତ କରାଯାଇ ପାରେ । ଏହି ଯୁଗଗୁଡ଼ିକ ଭିତରେ ଯଥାକ୍ରମେ ଆଧୁନିକ ସାହିତ୍ୟର ଆରମ୍ଭ, ବିକାଶ ଓ ପରିଣତି ନିହିତ । (ଆଧୁନିକ ଓଡ଼ିଆ କାବ୍ୟଧାରା-ନିଜକଥା)" "ଆଧୁନିକତା" ସାହିତ୍ୟର ସକଳ ବିଭାବରେ ବିଳସିତ ହୋଇଥିଲେ ମଧ୍ୟ ଡ.ମିଶ୍ର ତାଙ୍କ ଗବେଷଣାକୁ କେବଳ କାବ୍ୟ-ସାହିତ୍ୟ ମଧ୍ୟରୁ ଖୋଜିବାକୁ ଉଦ୍ୟମ କରିଛନ୍ତି । ଡ.ମିଶ୍ର ହେଉଛନ୍ତି ଉତ୍ତମ ଗୁରୁଙ୍କର ଉତ୍ତମ ଛାତ୍ର । ଏଇ ଗୁରୁ ଜଣକ ହେଉଛନ୍ତି ଲୋକରତ୍ନ କୁଞ୍ଜବିହାରୀ ଦାଶ । ଡ.ମିଶ୍ର ବାଲେଶ୍ୱରର ଫକୀରମୋହନ କଲେଜ ଏବଂ ଶାନ୍ତିନିକେତନରେ ଡ. କୁଞ୍ଜବିହାରୀ ଦାଶଙ୍କ ଶିଷ୍ୟ ଥିଲେ । ସେଇ ମହାନ୍ ଗୁରୁଙ୍କ ଦିବ୍ୟଜ୍ୟୋତିର ସ୍ପର୍ଶ ପାଇ ଡ.ନରେନ୍ଦ୍ରନାଥ ମିଶ୍ର ଗବେଷଣା କାର୍ଯ୍ୟର ପ୍ରବିଧି ସମ୍ପର୍କରେ ପ୍ରଭୂତ ଜ୍ଞାନାର୍ଜନ କରିଥିଲେ । ଏଇ ପ୍ରଖ୍ୟାତ ଗୁରୁଶିଷ୍ୟଙ୍କ ମଧ୍ୟରେ ସମ୍ପର୍କ କେଡ଼େ ଘନିଷ୍ଠ ଥିଲା ତାହା କୁଞ୍ଜବିହାରୀ ଗ୍ରନ୍ଥାବଳୀର ଷଷ୍ଠଭାଗରେ ସଙ୍କଳିତ ପତ୍ରାବଳୀରୁ ଜଣାପଡ଼େ । ଡ. ଦାଶ ଲେଖିଛନ୍ତି -

"ଶ୍ରୀ ମିଶ୍ର ଶିକ୍ଷିତ, ଶୈଶବରୁ ପିଏଚ୍.ଡି. ଶେଷ ପର୍ଯ୍ୟନ୍ତ ମୁଁ ତାଙ୍କ ପତ୍ରରୁ କିଛି ବାଛି ଗ୍ରନ୍ଥାବଳୀ ଷଷ୍ଠଭାଗରେ ଦେଇଅଛି । ସେ ପତ୍ର ମୋ ଲେଖାଲେଖି ସମ୍ପର୍କୀୟ- ୧୯୫୭ରୁ ଅଦ୍ୟାବଧି । ବିଶ୍ୱଭାରତୀର"କୁଞ୍ଜବିହାରୀ ସଞ୍ଚୟନ" ତିନିଗୋଟି ନରେନ୍ଦ୍ର କରିଛନ୍ତି । ନରେନ୍ଦ୍ର ଲୋକସାହିତ୍ୟ ସଂଗ୍ରାହକ, ଉଚ୍ଚସ୍ତରର ସମାଲୋଚକ, ଏକାନ୍ତ ଜ୍ଞାନୀ । ସମସାମୟିକ ଲେଖା, ପତ୍ର ସଂଗ୍ରହ କରିଛନ୍ତି- ଏକାନ୍ତ ଅପୂର୍ବ । ନରେନ୍ଦ୍ର ପ୍ରକୃତ ଶିଷ୍ୟ । ନରେନ୍ଦ୍ର ମୋର ସାହିତ୍ୟଧର୍ମୀ । ସେ ମୋର ଏକାନ୍ତ ନିଜର । ମୋ ସାହିତ୍ୟ ଜୀବନରୁ ତାଙ୍କୁ ଅଲଗା ରଖିପାରେ ନାହିଁ ।"

(କୁ.ବି.ଗ୍ରନ୍ଥାବଳୀ-୬ଷ୍ଠ-ପୃ.:୫୧୩)

୧୯୪୮ରେ ଡ. କୁଞ୍ଜବିହାରୀ ଦାଶ ଫକୀରମୋହନ କଲେଜରେ ଯୋଗ ଦେବାଠାରୁ ଡ.ଦାଶ ଓ ଓ ଡ.ମିଶ୍ରଙ୍କ ଗୁରୁଶିଷ୍ୟ ସମ୍ପର୍କର ସେତୁ ପ୍ରସାରିତ । ଲୋକରତ୍ନ ଡ.କୁଞ୍ଜବିହାରୀ ଦାଶଙ୍କୁ ଶ୍ରଦ୍ଧାସୁମନ ନିବେଦନ କରି ଡ.ମିଶ୍ର ଲେଖିଛନ୍ତି, "ଆଧୁନିକ କାଳର ଅନ୍ୟତମ ବିଦଗ୍ଧ କବି ଓ ସମାଲୋଚକ ଅଧ୍ୟାପକ ଡ.କୁଞ୍ଜବିହାରୀ ଦାଶ ମୋର ଏଇ ଗବେଷଣାର ପ୍ରଧାନ ପଥପ୍ରଦର୍ଶକ ଓ ସହାୟକ । ତାଙ୍କରି ନିର୍ଦ୍ଦେଶରେ ଗ୍ରନ୍ଥଟି ରଚିତ ।"

(ଆଧୁନିକ ଓଡ଼ିଆ କାବ୍ୟଧାରା-ନିଜକଥା)

ନରେନ୍ଦ୍ରନାଥ ଯଥାର୍ଥରେ ଜଣେ ଗବେଷକ । ପଞ୍ଚସଖା ଯୁଗର ଅଗ୍ରଜ କବି ଭକ୍ତକବି ବଳରାମ ଦାସଙ୍କ ଦାଣ୍ଡୀ ରାମାୟଣ ସମ୍ପର୍କରେ ସେ ଏକ ପୂର୍ଣ୍ଣାଙ୍ଗ ଗ୍ରନ୍ଥ ରଚନା କରିଛନ୍ତି । ତାଙ୍କ ପୂର୍ବରୁ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଅଳ୍ପ କେତୋଟି ପ୍ରବନ୍ଧ ଏ ସମ୍ପର୍କରେ ପ୍ରକାଶ ପାଇଥିଲା । ଡ.ମିଶ୍ରଙ୍କ ପ୍ରବନ୍ଧାବଳୀ ତାଙ୍କ ଗବେଷକ ମନୀଷାର ପରିଚୟ ବହନ କରିଛନ୍ତି । ୧୯୬୪ ଜାନୁଆରୀରେ ଡ.ମିଶ୍ରଙ୍କ "ଆଧୁନିକ ଓଡ଼ିଆ କାବ୍ୟଧାରା" ପ୍ରକାଶ ପାଇଲା । ଓଡ଼ିଆରେ ରଚିତ ଦ୍ୱିତୀୟ ଗବେଷଣା ଗ୍ରନ୍ଥ ହେଲା, 'ଆଧୁନିକ ଓଡ଼ିଆ କାବ୍ୟଧାରା' । ଅନ୍ୟ ଗବେଷକମାନେ ଓଡ଼ିଆରେ ତାଙ୍କ ପୂର୍ବରୁ ନିବନ୍ଧ ଲେଖିଥିଲେ ହେଁ ଡ.କୁଞ୍ଜବିହାରୀ ଦାଶଙ୍କ "ଓଡ଼ିଆ ଲୋକଗୀତ ଓ କାହାଣୀ" ପରେ ନରେନ୍ଦ୍ରନାଥଙ୍କ ଗବେଷଣା ଗ୍ରନ୍ଥ ପ୍ରକାଶ ପାଇଛି । ଏହି ଗ୍ରନ୍ଥ ପ୍ରକାଶ ପାଇବାର କିଛି ମାସ ପରେ ଡ.ନଟବର ସାମନ୍ତରାୟଙ୍କ "ଓଡ଼ିଆ ସାହିତ୍ୟର ଇତିହାସ-୧୮୦୩-୧୯୨୦" ପ୍ରକାଶିତ ହେଲା ।

ଏହି ପ୍ରବନ୍ଧରେ ନରେନ୍ଦ୍ରନାଥଙ୍କ "ଆଧୁନିକ ଓଡ଼ିଆ କାବ୍ୟଧାରା" ଶୀର୍ଷକ ଗବେଷଣା ନିବନ୍ଧକୁ ଆଲୋଚନାର ପରିସର ମଧ୍ୟକୁ ନିଆଯାଇଛି ।

ସମାଲୋଚନା କଣ ?

'ଉତ୍କଳ ପ୍ରଭା' (୧୮୯୨) ପ୍ରକାଶ ପାଇଲା ବେଳକୁ ସମାଲୋଚନା କହିଲେ କେବଳ କୁତ୍ସିତ ନିନ୍ଦାଗାନ କରିବାକୁ ହିଁ ବୁଝାଉଥିଲା । ସମାଲୋଚକମାନେ ମନେ କରୁଥିଲେ, ଦୋଷଦର୍ଶନ କରିବା ସେମାନଙ୍କର ଏକମାତ୍ର ଧ୍ୟେୟବସ୍ତୁ । ଡ.ନରେନ୍ଦ୍ରନାଥ ମିଶ୍ର ତାଙ୍କ ଗବେଷଣା ଗ୍ରନ୍ଥରେ ରଚନାର କଳାପକ୍ଷ ପ୍ରତି ଗବେଷକମାନେ କିପରି ଅନ୍ଧ ଥିଲେ ତାର ଦୃଷ୍ଟାନ୍ତ ଦେଖାଇଛନ୍ତି । ଲେଖକଙ୍କ 'ସୃଷ୍ଟିଚେତନା' ମଧ୍ୟରେ କାବ୍ୟର 'କଳାପକ୍ଷ' ପ୍ରତି ଧ୍ୟାନ ଦିଆଯାଇଥାଏ । କୌଣସି ରଚନାରେ 'ଭାବ ଚେତନା' କିପରି ପ୍ରକାଶ ପାଇଛି ତାହାକୁ ଦର୍ଶାଇବା ସମାଲୋଚକର କାର୍ଯ୍ୟ । ସାରଳାଙ୍କଠାରୁ ରାଧାନାଥଙ୍କ ପର୍ଯ୍ୟନ୍ତ କବିମାନେ 'କଳାପକ୍ଷ' ପ୍ରତି ସଚେତନ ହୋଇ କଲମ ଧରିଛନ୍ତି । ସେହି କବିମାନଙ୍କ ରଚନାରେ 'ଭାବପକ୍ଷ'କୁ ସମାଲୋଚକ ନିଜେ ବୁଝି ଅନ୍ୟକୁ ବୁଝାଇବା ଆବଶ୍ୟକ । ଯଦି ସମାଲୋଚକ "କବିତାର ଭାବକୁ ସ୍ୱଚ୍ଛ ରୂପେ" ଗ୍ରହଣ କରି ନ ପାରିବେ, ତେବେ ତାଙ୍କ ସମାଲୋଚନା ଦୂଷିତ ହେବାକୁ ବାଧ୍ୟ । ଏହାହିଁ ନରେନ୍ଦ୍ରନାଥଙ୍କ ମତ । କବିତାର ଭାବ ସମସ୍ତଙ୍କ ଦ୍ୱାରା ସମାନ ଭାବେ ଗୃହୀତ ହୁଏ ନାହିଁ । ତେଣୁ ସମସ୍ତେ ଗୋଟିଏ ପ୍ରକାରେ ସମାଲୋଚନା କରନ୍ତି ନାହିଁ । ଡ.ମିଶ୍ର "Preface to world literature" (Albert Guerard) ଗ୍ରନ୍ଥରୁ ଏ ପ୍ରସଙ୍ଗରେ ନିମ୍ନ ଉଦ୍ଧୃତିଟି ପ୍ରଦାନ କରିଛନ୍ତି ।

"Art is awareness in creation, criticism is awareness in cotemplation."

ଏକ ନିର୍ଦ୍ଦିଷ୍ଟ ଯୁଗରେ ରକ୍ଷଣଶୀଳ ମନୋଭାବ ନେଇ ସମାଲୋଚକମାନେ କାବ୍ୟ ଅଧ୍ୟୟନ କରନ୍ତି । ସାରଳା ଦାସଙ୍କ ସମୟରେ ସମାଲୋଚକ ନଥିଲେ । ଲେଖକ ହେଲେ ଦାତା, ପାଠକ ଓ ସମାଲୋଚକ ହେଲେ ଗ୍ରହୀତା । ଗ୍ରହୀତା ନଥିଲେ ଲେଖକଙ୍କ ବିପୁଳ ସୃଷ୍ଟି ସମ୍ଭବ ହୋଇ ପାରିବ ନାହିଁ । ତେଣୁ ସାରଳା ଦାସ ନିଜେ ଥିଲେ ଲେଖକ ଓ ସମାଲୋଚକ । ସେ ସାରୋଳା ଦେବୀଙ୍କ ପୀଠରେ ଅକ୍ଷର ଶିକ୍ଷା କରି ନଥିବା ଅନେକ ବିମୁଗ୍ଧ ଶ୍ରୋତାଙ୍କ ଗହଣରେ ନିଜ ରଚନା ପାଠକରି ତାର

ମର୍ମ ବୁଝାଉଥିଲେ । ଶ୍ରୋତାମାନେ ସାରଳାଦାସଙ୍କ ମହାଭାରତ ଆଦି ରଚନାର ଭାବକୁ ଅନ୍ୟମାନଙ୍କୁ ଶୁଣାଉଥିଲେ । ଭକ୍ତକବି ବଳରାମ ଦାସଙ୍କ କ୍ଷେତ୍ରରେ ଏଇ ଆଦର୍ଶ ରୂପାୟିତ ହୋଇଛି । ଭକ୍ତକବି ଜଗନ୍ନାଥ ଦାସ ଶ୍ରୀମନ୍ଦିରରେ ଅନେକ ଶ୍ରୋତାଙ୍କୁ ଭାଗବତ ବୁଝାଉଥିଲେ । କଳାର ସର୍ଜନାପକ୍ଷ ଓ ଭାବପକ୍ଷ ଏହିପରି ଭାବେ ଅତୀତରେ ଚର୍ଚ୍ଚିତ ହୋଇଛି । ମୁଦ୍ରିତଗ୍ରନ୍ଥ ନଥିଲେ ମଧ୍ୟ ଲୋକେ ସ୍ରଷ୍ଟାଙ୍କ ସୃଷ୍ଟିର ମହତ୍ତ୍ୱକୁ ହୃଦ୍‌ବୋଧ କରିଛନ୍ତି । ଓଡ଼ିଶାର ପୁରପଲ୍ଲୀରେ ନିରକ୍ଷରମାନେ ମଧ୍ୟ ଭଞ୍ଜଙ୍କ କାବ୍ୟକୁ ପାଲାମାଧ୍ୟମରେ ଗ୍ରହଣ କରି ପାରିଛନ୍ତି । ନିରକ୍ଷର ହେଲେ ବି ଅତୀବ ରସଗ୍ରାହୀ ଶ୍ରୋତାମାନେ ଭଞ୍ଜଙ୍କୁ ଅନର୍ଗଳ ଗାଇଛନ୍ତି । କ୍ରମେ ଇଂରାଜୀ ଶିକ୍ଷାପ୍ରାପ୍ତ ପାଠକଗୋଷ୍ଠୀ ଏକ ରକ୍ଷଣଶୀଳ ମନୋଭାବ ନେଇ ସମୀକ୍ଷା କର୍ମରେ ପ୍ରବୃତ୍ତ ହୋଇଥିବା କଥା ଡ.ମିଶ୍ର ସୂଚାଇ ଅଛନ୍ତି । ସେ କହିଛନ୍ତି, ଥରେ ରକ୍ଷଣଶୀଳତାର ଶିକାର ହେଲେ, ସମୀକ୍ଷକ ସ୍ରଷ୍ଟାଙ୍କ ସର୍ଜନା ମଧ୍ୟରେ ଥିବା ନୂତନ ଆଭିମୁଖ୍ୟକୁ ଆଉ ଗ୍ରହଣ କରି ପାରନ୍ତି ନାହିଁ । ଭଞ୍ଜ ଯେଉଁ ଆଭିମୁଖ୍ୟ ନେଇ କଳାସୃଷ୍ଟି କରିଛନ୍ତି, ରାଧାନାଥ ସେଇ ଆଭିମୁଖ୍ୟକୁ ଗ୍ରହଣ କରିନାହାନ୍ତି । ତେଣୁ ନୂତନ ସାହିତ୍ୟର ସମୀକ୍ଷକମାନେ ବକ୍ରବାଣୀ ପ୍ରୟୋଗ କରି ରାଧାନାଥଙ୍କୁ ସମୀକ୍ଷା କରିଛନ୍ତି । ଯୁଗେଯୁଗେ ପ୍ରାଚୀନ ଏବଂ ନବୀନ ମଧ୍ୟରେ ଆଦର୍ଶଗତ ସଂକଟ ଛିଡ଼ା ହୁଏ । "ବିଜୁଳି-ଇନ୍ଦ୍ରଧନୁ" ମସୀଯୁଦ୍ଧକୁ ଡ.ମିଶ୍ର ଉପଯୁକ୍ତ ସତ୍ୟ ଆଧାରରେ ବିଚାର କରିଛନ୍ତି । "ବିଜୁଳି-ଇନ୍ଦ୍ରଧନୁ" ବିବାଦର ବହୁ ଅଜ୍ଞାତ ଦିଗକୁ ପ୍ରଫେସର ଡ.ମିଶ୍ର ତାଙ୍କ ସନ୍ଦର୍ଭରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଏଥିପାଇଁ ତାଙ୍କ ସମୟରେ ପ୍ରକାଶିତ ଗ୍ରନ୍ଥ ଓ ପତ୍ରପତ୍ରିକାର ସେ ଯଥାର୍ଥ ଉପଯୋଗ କରିଛନ୍ତି ।

ସମାଲୋଚନା କ୍ଷେତ୍ରରେ ରକ୍ଷଣଶୀଳ ମନୋଭାବ ହେତୁ ମୂଳ ପୁସ୍ତକ ଅଧ୍ୟୟନ ନକରି କିମ୍ବା ପ୍ରାଚୀନ ଓ ଆଧୁନିକ ସାହିତ୍ୟକୁ ତୁଳନାତ୍ମକ ଭାବେ ବିଚାର ନ କରି ସମାଲୋଚକ କେବଳ କୁତ୍ସା ହିଁ ରଚନା କରିଚାଲନ୍ତି । ଡ.ମିଶ୍ରଙ୍କ ଏହି ମତ ସର୍ବାଂଶରେ ପ୍ରଣିଧାନ ଯୋଗ୍ୟ । 'ଉତ୍କଳ ପ୍ରଭା' ପ୍ରକାଶ ପାଇଲା ବେଳକୁ ଓଡ଼ିଆ ସାହିତ୍ୟର ସମୀକ୍ଷା ପଦ୍ଧତି କାହିଁକି କଳୁଷିତ ହୋଇଥିଲା ତାହାର କାରଣ ବୁଝିବା କଷ୍ଟକର ମନେହୁଏ ନାହିଁ । ପ୍ରାଚୀନ ଓ ନୂତନ ମଧ୍ୟରେ ଦ୍ୱନ୍ଦ୍ୱ ଏହାର କାରଣ ।

ଡ.ମିଶ୍ର 'ଉତ୍କଳ ପ୍ରଭା'ରୁ 'ପ୍ରଭା' ପ୍ରକାଶ ପାଇବାର ଉଦ୍ଦେଶ୍ୟମାନ ଅବଗତ ହୋଇ ତାଙ୍କ ସନ୍ଦର୍ଭରେ ତାହା ସୂଚାଇ ଅଛନ୍ତି । 'ପ୍ରଭା' ତାଙ୍କ ଆତ୍ମପକ୍ଷ ବିବୃତିରେ

ଘୋଷଣା କରିଥିଲେ ଯେ ସାହିତ୍ୟ ପାଠକରି 'ସମୁଚିତ କର୍ତ୍ତବ୍ୟବୋଧ', 'ନୀତିଶିକ୍ଷା', 'ଚରିତ୍ର ଗଠନ', 'ସାମାଜିକ ଶିକ୍ଷା' ଆଦିର ତାତ୍ତ୍ୱିକ ଆଦର୍ଶ ହୃଦ୍‌ବୋଧ କରିବାର ମାର୍ଗ ପାଠକ ଶିକ୍ଷା କରନ୍ତି । ଯଦି ସାହିତ୍ୟ ଆଦର୍ଶର ଅନୁବର୍ତ୍ତୀ ନହେଲା, ତେବେ ତାହା ସାହିତ୍ୟ ପଦବାଚ୍ୟ ନୁହେଁ । 'ପ୍ରଭା' ପ୍ରାଚୀନ ସାହିତ୍ୟକୁ ଅପାଠ୍ୟ ବୋଲି ନିଜର ମାନଦଣ୍ଡ ପ୍ରୟୋଗ କରି ଘୋଷଣା କଲେ । ପ୍ରତିପକ୍ଷମାନେ ଆଧୁନିକ ସାହିତ୍ୟରେ ଥିବା ଗର୍ହିତ ବିଷୟମାନ ଦେଖାଇବା ପାଇଁ ଧୀକୁ ବିନିଯୋଗ କଲେ । ଦୀର୍ଘ ଦେଢ଼ବର୍ଷ କାଳର ଅଶୋଭନୀୟ ମସୀଯୁଦ୍ଧର ବିବରଣୀ ଡ.ମିଶ୍ର, ଡ.ବଂଶୀଧର ମହାନ୍ତିଙ୍କ 'ସାହିତ୍ୟ ଓ ସଂସ୍କୃତି' ଏବଂ ଦୁର୍ଗାଚରଣ ରାୟଙ୍କ 'ରାଧାନାଥ ଜୀବନୀ'ରୁ ସଂଗ୍ରହ କରିଛନ୍ତି । ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ସମାଲୋଚନାର ଆଦର୍ଶକୁ ସୂଚାଇବା ପାଇଁ ଡ.ମିଶ୍ର ଭକ୍ତକବି ମଧୁସୂଦନ ରାଓଙ୍କ 'ଭଣ୍ଡରସାୟନ କାବ୍ୟ'ର ବକ୍ତବ୍ୟକୁ ବିଶ୍ଳେଷଣ କରିଛନ୍ତି । ମଧୁସୂଦନଙ୍କ ସେଇ ସବୁ ବହୁଚର୍ଚ୍ଚିତ ପଙ୍‌କ୍ତିମାନ ଏହିପରି-

ରେରେକାର ଶବ୍ଦେ ଧନ୍ଦା ବୋଇଲେ ସକୋପେ
ସୂଚ୍ୟଗ୍ର ପ୍ରମାଣ ଦୋଷ ଭଞ୍ଜେ ଯେ ଆରୋପେ,
ସେ ଉତ୍‌କଳ କୁଳାଙ୍ଗାର ମୂଢ଼ ଅବିବେକ
ନ ଜାଣଇ ନିଷ୍କଳଙ୍କ ଭଞ୍ଜକବି ଟେକ ।
ତୁ କି ଜାଣିବୁରେ ଲାଲା ଉପେନ୍ଦ୍ର ଗୌରବ
ପୁଂସ-ପୁଂସୀ ମଣିଙ୍କର ପୀରତି ସୌରଭ ?
ଆରେ ଲାଲା, ରାୟ-ଚେ଼ଲା ହୁଅ ସାବଧାନ
ନୋହିଲେ ହୋଇବ ଲଙ୍କା-କାଣ୍ଡର ବିଧାନ ।

ଏହି ଅଂଶଟିରେ 'ବିଜୁଳି' ପ୍ରତି 'ଇନ୍ଦ୍ରଧନୁ'ଙ୍କର ଆକ୍ଷେପୋକ୍ତି ପ୍ରକାଶ ପାଇଛି । "ଧନ୍ଦା"ର ଅର୍ଥ "ଗୋଲକ ଧନ୍ଦା" । ଏହି ଛଦ୍ମନାମରେ ଗୋପାଳବଲ୍ଲଭ ଦାସ 'ଇନ୍ଦ୍ରଧନୁ'ର ସେନାପତିତ୍ୱ କରିଥିଲେ । 'ଲାଲା ରାୟ'ର ଅର୍ଥ ହେଲା ଲାଲା ରାମ ନାରାୟଣ ରାୟ । 'ପ୍ରଭା'ରେ ତାଙ୍କ ପ୍ରବନ୍ଧ ପ୍ରକାଶ ପାଇବା ପରେ ମସୀଯୁଦ୍ଧ ପାଇଁ ରଣଭେରୀ ବାଜି ଉଠିଲା ।

'ଲାଲା' 'ଇନ୍ଦ୍ରଧନୁ'ଙ୍କୁ ନିମ୍ନମତେ ଭର୍ତ୍ସନା କଲେ -

ଥାଇ ବୋଇଲେ ଲାଲାଜୀ ଆରେ ଧନ୍ଦାସୁର
ଅଲାଜୁକ ମାର-ଶିଷ୍ୟ ବିଷ-ବୀଜାଙ୍କୁର ।
ରେ ଅନ୍ଧ ଗୋଲକ ଧନ୍ଦା ଦେଖୁଛୁ କି ଫେଡ଼ି
ରୌରବ ପୂରିତ ଭଞ୍ଜ ଗୌରବର ପେଡ଼ି ?
ଦେଖିଥିଲି ଥରେ ବସ୍ତ୍ର ନାସିକାରେ ଗୁଞ୍ଜି
ପୁଂସ-ପୁଂସୀ ଭିଡ଼ାଭିଡ଼ି ଭଞ୍ଜକାବ୍ୟ ପୁଞ୍ଜି ।

ମଧୁସୂଦନଙ୍କ ମନ୍ତବ୍ୟ-

ଏ ବୀଭତ୍ସ ବ୍ୟାପାରର କ୍ଳେଦମୟ ଗନ୍ଧ
ଅସୁର ନିକଟେ ସିନା ଅଟଇ ସୁଗନ୍ଧ ।

ଉଦ୍ଧୃତ ପଦାବଳୀରେ ଭକ୍ତକବି ମଧୁସୂଦନ ରାଓ ସୂଚାଇ ଅଛନ୍ତି ଯେ ସମାଲୋଚକ କାବ୍ୟର ଶିଳ୍ପସୌନ୍ଦର୍ଯ୍ୟ ପ୍ରତି ଆଦୌ ସଚେତନ ନ ହୋଇ ପୁଚ୍ଛଗ୍ରାହିତା-ନିୟମ ଅନୁସାରେ ମୁଣ୍ଡିଆଳ ଯାହା କହିଲେ ସେଇ କଥାକୁ ହିଁ ବୋଲାଉଥିଲେ ।

ଜଣେ ଗବେଷକ ତାଙ୍କ ଗବେଷଣାର କ୍ଷେତ୍ର ବା ପରିସର ମଧ୍ୟରୁ ଯେତିକି ତଥ୍ୟ ଆଣିବାର କଥା ତାହା ଅବଶ୍ୟ ଆଣିବେ । ଏଥିପାଇଁ ପ୍ରଥମେ ପୂର୍ବସୂରୀମାନେ କଣ ଲେଖିଛନ୍ତି ତାର ଏକ ପୂର୍ଣ୍ଣାଙ୍ଗ ଆକଳନ ଆବଶ୍ୟକ । ଡ.ନରେନ୍ଦ୍ରନାଥ ମିଶ୍ରଙ୍କ ପୂର୍ବରୁ ରାଧାନାଥ, ଫକୀରମୋହନ ଏବଂ ମଧୁସୂଦନଙ୍କ ସଂପର୍କରେ ରଚିତ ପ୍ରାୟ ପ୍ରତ୍ୟେକ ଗ୍ରନ୍ଥ / ପ୍ରବନ୍ଧ ଆଦିକୁ ପାଠକରି ସେଥିରୁ ସଂଗୃହୀତ ତଥ୍ୟର ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି । କବିବର ରାଧାନାଥଙ୍କ ସମ୍ପର୍କରେ ସେ କିଛି ଗବେଷଣାତ୍ମକ ସମୀକ୍ଷା-କର୍ମ କଲାବେଳେ ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ତାରିଣୀ ଚରଣ ରଥ, କାଳିନ୍ଦୀ ଚରଣ ପାଣିଗ୍ରାହୀ ଆଦିଙ୍କ ମନ୍ତବ୍ୟକୁ "ରାଧାନାଥ ଜୀବନୀ" ଗ୍ରନ୍ଥରୁ ସଂଗ୍ରହ କରିଛନ୍ତି । ତାରିଣୀ ଚରଣ ରଥଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ', ଡ.ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ 'କବିଲିପି', ଡ.କୁଞ୍ଜବିହାରୀ ଦାସଙ୍କ 'ସମାଲୋଚନା' ଆଦି ଗ୍ରନ୍ଥର ଉପଯୋଗ କରି ଡ. ମିଶ୍ର ତାଙ୍କ ଯୁକ୍ତିର ସାରବତ୍ତା ପ୍ରତିପାଦନ କରିଛନ୍ତି । ଭକ୍ତକବି ମଧୁସୂଦନ ରାଓ, ଶରତ୍ ମୁଖାର୍ଜୀ, ଜଗଦାନନ୍ଦ ମହାନ୍ତି, ପଲ୍ଲୀକବି ନନ୍ଦକିଶୋର ବଳ, ଡ.ମାୟାଧର ମାନସିଂହ, ଅଧ୍ୟାପକ ସର୍ବେଶ୍ୱର ଦାସ ଆଦିଙ୍କୁ ତାଙ୍କ ସନ୍ଦର୍ଭରେ ନରେନ୍ଦ୍ରନାଥ ସ୍ମରଣ

କରି ପୂର୍ବସୂରୀଙ୍କ ଦୃଷ୍ଟିର ଅନ୍ତରାଳରେ ରହିଯାଇଥିବା ତଥ୍ୟମାନ ପ୍ରଦାନ କରିଛନ୍ତି । ତାରିଣୀ ଚରଣ ରଥଙ୍କ ଯେଉଁ ମନ୍ତବ୍ୟ ଏଯାବତ୍ ସମାଲୋଚକମାନେ ଆତ୍ମଲିଖିତ ବୋଲି କହିଛନ୍ତି, ଡ.ମିଶ୍ର ତାହାକୁ ରଥ ମହାଶୟ ଗ୍ରନ୍ଥର କେତେ ପୃଷ୍ଠାରେ ଅଛି ତାହା ଉଲ୍ଲେଖ କରିଛନ୍ତି । ତାରିଣୀ ଚରଣ ଲେଖିଛନ୍ତି-

"ରାଧାନାଥ ଉତ୍କଳର ଜାତୀୟ କବି । ସେ ଉତ୍କଳକୁ ଗୌରବମୟ ଭାଷାର ନବ ପରିଚ୍ଛଦ ପିନ୍ଧାଇ ଦେଇ ଅଛନ୍ତି; ଉତ୍କଳର ଗୌରବମୟ ଚିତ୍ର ଉଜ୍ଜ୍ୱଳ ବର୍ଣ୍ଣରେ ଅଙ୍କିତ କରି ଯାଇଅଛନ୍ତି; ଉତ୍କଳର ନଦ ନଦୀ, ପର୍ବତ ସାଗର, ଅରଣ୍ୟ ପ୍ରାନ୍ତର, ଗ୍ରାମ ନଗର, ତରୁଲତା, ଫଳପୁଷ୍ପ, ପଶୁପକ୍ଷୀ, ନରନାରୀ, ରାଜା ପ୍ରଜା- ସମସ୍ତଙ୍କ ପାଇଁ ଗୋଟିଏ ଗୌରବମୟ ଆସନ ରଚନା କରିବା ପାଇଁ ଚେଷ୍ଟା କରି ଆସିଛନ୍ତି ।"

(ଆଧୁନିକ ଓଡ଼ିଆ କାବ୍ୟଧାରା-ପୃ.:୧୬)

ପଲ୍ଲୀକବି ନନ୍ଦକିଶୋର ସର୍ବ ପ୍ରଥମେ ରାଧାନାଥଙ୍କ କାବ୍ୟରେ, "ଆଦର୍ଶ ଚରିତ୍ର ଖୋଜିଲେ, ସ୍ୱର୍ଗୀୟ ପ୍ରେମର ଅଭାବ ଅନୁଭବ କଲେ ।" ପଲ୍ଲୀକବି କହିଛନ୍ତି, "ରାଧାନାଥ ଉତ୍କଳକୁ ମାର୍ଜିତ କବିତାମୟୀ ଭାଷା ଦେଇଛନ୍ତି, କିନ୍ତୁ ହାୟ, ରାଧାନାଥଙ୍କ ବିଷୟ ନିର୍ବାଚନ ଅଧିକାଂଶ ସ୍ଥାନରେ ସମୁଚିତ ହୋଇନାହିଁ ।"

(ତତ୍ରୈବ- ପୃ.:୧୭)

ପଣ୍ଡିତ ନୀଳକଣ୍ଠ ତାଙ୍କର ପ୍ରଥମ ସମୀକ୍ଷାରେ ରାଧାନାଥଙ୍କ କାବ୍ୟରେ ଥିବା ନୂତନତ୍ୱର ସୂଚନା ଦେଲେ, କିନ୍ତୁ ପରବର୍ତ୍ତୀ ସମୀକ୍ଷାରେ ରାଧାନାଥ ଗ୍ରୀକ୍ ପୁରାଣକାର ଓଭିଡ୍‌ଙ୍କୁ ବ୍ୟାପକ ଭାବେ ଅନୁସରଣ କରିଛନ୍ତି ବୋଲି ସୂଚାଇଲେ । ସେ ତାଙ୍କ 'କୋଣାର୍କେ' କାବ୍ୟରେ ରାଧାନାଥଙ୍କ ଚରିତ୍ର ସୃଷ୍ଟିରେ ଥିବା ଗର୍ହିତ ରୁଚିର ପ୍ରସ୍ତାବନା କରି କେତେକ ପଙ୍କ୍ତି ଲେଖିଲେ । ଡ.ମିଶ୍ର ପଣ୍ଡିତ ନୀଳକଣ୍ଠଙ୍କୁ ସ୍ମରଣ କରି ଆଧୁନିକ କାବ୍ୟଧାରାର ସେ ଜଣେ ବିଦ୍ୱାନ ସମୀକ୍ଷକ ବୋଲି ଘୋଷଣା କରିଛନ୍ତି ।

ଡ.ମିଶ୍ରଙ୍କ ଅନୁସାରେ ଡ.ମାୟାଧର ମାନସିଂହ ହିଁ ରାଧାନାଥଙ୍କ କବିପୁରୁଷର ଶାଶ୍ୱତ ମୂଲ୍ୟବୋଧ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଡ.ମିଶ୍ର ମାନସିଂହଙ୍କୁ ଉଦ୍ଧାର କରି କହିଛନ୍ତି, "ରାଧାନାଥ ମନୁଷ୍ୟ ଜୀବନକୁ ଅବହେଳା କରିଛନ୍ତି । ଜୀବନ ହିଁ ସାହିତ୍ୟ ଜାହ୍ନବୀର ଗଙ୍ଗୋତ୍ରୀ । ଏହି ଅବହେଳା ଯୋଗୁଁ ରାଧାନାଥ ମହାକବି ନହୋଇ କବି ହୋଇ ରହିଗଲେ ।" (ଆ.ଓ.କା.ଧା-ପୃ.:୧୯)

ଡ.ମିଶ୍ର ତାଙ୍କର ଏହି ମୂଲ୍ୟବାନ ସନ୍ଦର୍ଭ ପ୍ରସ୍ତୁତ କଲାବେଳେ ଡ.କୁଞ୍ଜବିହାରୀ ଦାଶ ତାଙ୍କୁ କି କି ପୁସ୍ତକ ପାଠକରିବାକୁ ହେବ ତାର ସୂଚନା ଦେଇ ତାଙ୍କୁ ଶୀଘ୍ର ଆଗେଇ ନେବାକୁ ଉଦ୍ୟମ କରିଛନ୍ତି ।

ତୁଳନାତ୍ମକ ବିବକ୍ଷା

ଡ. ନରେନ୍ଦ୍ରନାଥ ମିଶ୍ରଙ୍କ ସନ୍ଦର୍ଭରେ ତୁଳନାତ୍ମକ ବିବକ୍ଷା ଏକ ବିଶେଷ ସ୍ଥାନ ଦଖଲ କରିଛି । ରାଧାନାଥଙ୍କ ପୂର୍ବରୁ ମହାକବି ସାରଳା ଦାସ, ଭକ୍ତକବି ବଳରାମ ଦାସ ଓ ଜଗନ୍ନାଥ ଦାସ ଏବଂ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଆଦିଙ୍କୁ ପାଠକମାନେ ଅଧ୍ୟୟନ କରିଥିଲେ । ରାଧାନାଥଙ୍କ "ନୂତନ ସାହିତ୍ୟ"କୁ ଅବଲୋକନ କରି ବିଜ୍ଞ ପାଠକମାନେ ଅନୁଭବ କଲେ ରାଧାନାଥ ସାହିତ୍ୟରୁ ଅତି ଆକର୍ଷଣୀୟ "ଭୋଜ ବିଦ୍ୟା"କୁ ବିଦାୟ କରି ଦେଇଛନ୍ତି । ଡ.ମିଶ୍ର ସାହିତ୍ୟରେ "ଭୋଜବିଦ୍ୟା" ବୋଲି ଯାହା କହିଛନ୍ତି ତାର ମର୍ମକଥା ଏଇଆ ଯେ ପୁରାଣରେ ବହୁ ଅତିମାନୁଷ ଚିତ୍ର ପାଠକଙ୍କୁ ଦୀର୍ଘକାଳ ରୋଚକ ଭୋଜ୍ୟ ପରିବେଷଣ କରିଛି । ଭଞ୍ଜଯୁଗର କବିମାନେ ମଧ୍ୟ ଭୋଜବାଜି ଦେଖାଇଛନ୍ତି କାବ୍ୟର ଶରୀର ସଜ୍ଜା ଓ ଆତ୍ମାରେ । ପୁନଶ୍ଚ ମଧ୍ୟଯୁଗର କବିମାନେ 'କାମ-ବ୍ରହ୍ମ'ଙ୍କ ଉପସନାରେ ଆପଣା ଆପଣାର ଧୀବୃତ୍ତିକୁ ବିନିଯୋଗ କରିଛନ୍ତି । ଆଧୁନିକ କାବ୍ୟରେ କବି ମଣିଷକୁ ଏବଂ ତାର ପରିବେଶକୁ ସମୁଚିତ ଭାବେ ବିଶ୍ଳେଷଣ କରିଛନ୍ତି । ପୁନଶ୍ଚ ନୂତନ ସାହିତ୍ୟ ପାଠକକୁ ପୁରୋଦୃଷ୍ଟିର ଅଞ୍ଜନ ଦାନରେ କାର୍ଯ୍ୟ କରିଛି । ପ୍ରାଚୀନ ସାହିତ୍ୟର ଭୋଜବାଜିକୁ ରାଧାନାଥ କିପରି ପରିହାର କଲେ ଡ.ମିଶ୍ର ତାହାକୁ ତୁଳନାତ୍ମକ ଭାବେ ଦର୍ଶାଇଛନ୍ତି ।

ମଧୁସୂଦନ ଓ ରାଧାନାଥଙ୍କ ସୃଷ୍ଟିସମ୍ପଦକୁ ଗବେଷକ ଡ.ମିଶ୍ର ତୁଳନାତ୍ମକ ଭାବେ ବିଶ୍ଳେଷଣ କରିଛନ୍ତି । ରାଧାନାଥ କାବ୍ୟର କବି, ମଧୁସୂଦନ କ୍ଷୁଦ୍ର କବିତାର କବି । ଉଭୟଙ୍କ କାବ୍ୟକୃତି ମଧ୍ୟରେ ଥିବା ଉଲ୍ଲେଖଯୋଗ୍ୟ ପ୍ରଧାନ ପାର୍ଥକ୍ୟଟି ହେଲା ରାଧାନାଥ 'କଳାପ୍ରେମୀ' ମାତ୍ର ମଧୁସୂଦନ 'ନୀତିପ୍ରେମୀ' । ଡ.ମିଶ୍ର ଏହି ଦୁଇଟି ଆଧାରରେ ରାଧାନାଥ ଓ ମଧୁସୂଦନଙ୍କ ସୃଷ୍ଟିକୁ ଥୋଇ ତାଙ୍କର ନିର୍ଣ୍ଣୟ ଦେଇଛନ୍ତି । ରାଧାନାଥ ଓ ମଧୁସୂଦନ ଡ.ମିଶ୍ରଙ୍କ ମତରେ ପ୍ରଥମେ ନନ୍ଦକିଶୋର ବଳଙ୍କ ଦ୍ୱାରା ତୁଳନାତ୍ମକ ଭାବେ ସମୀକ୍ଷିତ ହୋଇଥିଲେ । ଏ ପ୍ରସଙ୍ଗରେ ଡ.ମିଶ୍ରଙ୍କ ନିମ୍ନ ଉଦ୍ଧୃତି ଉପାଦେୟ ମନେହୁଏ ।

"ରାଧାନାଥ ବାବୁଙ୍କ ଭାରତୀ ଗୃହିଣୀ ଦୋଷ-ଗୁଣ, ରୂଢ଼ତା-କୋମଳତା ସାଙ୍ଗରେ ଘେନି ଘରକରଣା କରନ୍ତି ଓ କବିଙ୍କ ନିକଟରେ କେତେବେଳେ ଅଟ୍ଟହାସ୍ୟ, କେତେବେଳେ ବିଳାପ କରନ୍ତି । ପକ୍ଷାନ୍ତରେ ମଧୁସୂଦନଙ୍କ ଭାରତୀ ସଂକୁଚିତା, ଈଷତ୍ ଲଜ୍ଜିତା ଓ ମୃଦୁ ଭାବ ସମ୍ପନ୍ନା । ସେ ସମ୍ମୁଖରେ ଈଷତ୍ ମୃଦୁ ହାସ୍ୟ ଏବଂ ଦୁଃଖ ତାପରେ ବିଷଣ୍ଣ ମୁଖଭଙ୍ଗୀରେ ସଂଯତ ଭାବରେ ସ୍ୱୀୟ ମନୋଭାବ ପ୍ରକାଶ କରନ୍ତି । (ଆ.ଓ.କା.ଧା.- ପୃ.:୨୯)

ପ୍ରଫେସର ଡ.ମିଶ୍ର ଡ.ମାନସିଂହଙ୍କ ସହିତ ଏକମତ ହୋଇ କହିଛନ୍ତି ଯେ ରାଧାନାଥ ହେଉଛନ୍ତି କବି, ମାତ୍ର ମଧୁସୂଦନ ଶିକ୍ଷକ । "ତାଙ୍କ (ମଧୁସୂଦନଙ୍କ) କବିତାରେ ପ୍ରଧାନ ଅଭାବ ଅନୁଭୂତି ।" ଡ.ମାନସିଂହଙ୍କ ଏହି ମତ ପୋଷକତା କରି ନରେନ୍ଦ୍ରନାଥ କହନ୍ତି, ମଧୁସୂଦନ ତାଙ୍କ କାବ୍ୟର ଗାମ୍ଭୀର୍ଯ୍ୟ ରକ୍ଷା ପାଇଁ ଶବ୍ଦମାନ ଖୋଜିଛନ୍ତି; ଶବ୍ଦମାନେ ମଧୁସୂଦନଙ୍କର ରଚନା ନର୍ତ୍ତକୀ ନୁହନ୍ତି । ରାଧାନାଥଙ୍କୁ ଶବ୍ଦମାନେ ବ୍ୟତିବ୍ୟସ୍ତ କରନ୍ତି । କାରଣ ସେ ସର୍ବାଂଶରେ ଜଣେ କବି ।

ଆହୃତିରେ ମୌଳିକତା ପ୍ରତିପାଦନ

ରାଧାନାଥଙ୍କ ସୃଷ୍ଟିସମ୍ପଦ ଏକାବେଳକେ ମୌଳିକ ନୁହେଁ- ଏହା ପଣ୍ଡିତ ନୀଳକଣ୍ଠ କହିବା ପରେ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ପ୍ରଥମେ ରାଧାନାଥଙ୍କ କାବ୍ୟରେ ବିଦେଶୀ ସାହିତ୍ୟର ପ୍ରଭାବ ଦର୍ଶାଇଲେ । (ଦ୍ରଷ୍ଟବ୍ୟ - ରାଧାନାଥ ଜୀବନୀ - ୧୯୪୧, ପାର୍ବତୀ କାବ୍ୟର ସମାଲୋଚନା-ଦ୍ୱାଦଶ ଅଧ୍ୟାୟ ।) ଡ.ମିଶ୍ର ଏହି ଦିଗଟିକୁ ତାଙ୍କ ନିବନ୍ଧରେ ବିଶେଷ ଭାବେ ଆଲୋକିତ କଲେ । ଡ. ମିଶ୍ର ଇଂଲଣ୍ଡର କବି ଓ କଥାକାର ସ୍କଟ୍‌ଙ୍କ ମତକୁ ଉଦ୍ଧାର କରି କହିଛନ୍ତି, କୌଣସି ଋଞ୍ଚଲ୍ୟକର ଘଟଣା (ହତ୍ୟା, ରାହାଜାନି ଭଳି) ଶୁଣିଲେ ଲୋକେ ଏତେ ମନୋଯୋଗୀ ହୁଅନ୍ତି ନାହିଁ, ମାତ୍ର ସେମାନଙ୍କୁ ଘଟଣାର ସ୍ଥାନ କାଳ ପାତ୍ର ଆଦିକୁ ଦେଖାଇଦେଲେ ସେମାନେ ତାହାକୁ ମନୋଯୋଗ ସହକାରେ ଶୁଣନ୍ତି । ରାଧାନାଥ ତାଙ୍କ କାବ୍ୟର କାହାଣୀକୁ ଓଡ଼ିଶାର ପରିଚିତ ସ୍ଥାନରେ ଏପରି ଭାବେ ସମ୍ବନ୍ଧାନ୍ୱିତ କଲେ ଯେ ଲୋକେ ତାହାକୁ ସତ୍ୟ ବୋଲି ଧରିନେଲେ । ଦୃଷ୍ଟାନ୍ତ ସ୍ୱରୂପ 'କେଦାର ଗୌରୀ' କାବ୍ୟକୁ କେଦାରେଶ୍ୱର ମନ୍ଦିର ସହିତ ଯୋଡ଼ିଦେବା ପରେ ଲୋକେ ସେହି ମନ୍ଦିରକୁ 'କେଦାରେଶ୍ୱର' ନ କହି କହିଲେ "କେଦାର ଗୌରୀ" । ଏହିଠାରେ ହିଁ ଓଭିଡ୍‌ଙ୍କ ପିରାମସ୍ ଓ ଥିସ୍‌ବେଙ୍କ ପୁନର୍ଜନ୍ମ ହେବାରୁ

ସେମାନେ ହେଲେ କେଦାର ଓ ଗୌରୀ । 'ମେଟାମୋରଫୋସିସ୍' ଗ୍ରନ୍ଥରୁ ଆସିଥିବା କାହାଣୀର କଙ୍କାଳ ଉପରେ ନୂତନ ମେଦ-ରକ୍ତ ସଞ୍ଚାରକଲେ ରାଧାନାଥ । ଡ.ମିଶ୍ର ଓଭିଡ୍‌ଙ୍କ ରଚିତ କାହାଣୀ ଏବଂ ରାଧାନାଥଙ୍କ କାହାଣୀରେ ପ୍ରତିସ୍ଥାପନ ଦିଗକୁ ବ୍ୟାପକ ଭାବେ ଚର୍ଚ୍ଚା କରିଛନ୍ତି । (ଓଭିଡ୍ ଥିଲେ ଜଣେ ଉତ୍କଟ ପ୍ରେମ-କବି । ପ୍ରେମ ଓ ପ୍ରେମର କଳାକୌଶଳ ଥିଲା ତାଙ୍କ କାବ୍ୟର ନିୟାମକ । ଗ୍ରୀକ୍ ସମ୍ରାଟ୍ ଅଗଷ୍ଟସ୍ ବିଶ୍ୱାସ କଲେ ଯେ ଓଭିଡ୍‌ଙ୍କ ଇନ୍ଦ୍ରିୟଗ୍ରାହ୍ୟ ପ୍ରେମ-କାବ୍ୟ ପଢ଼ି ତାଙ୍କ ଦେଶର ଯୁବକ ଯୁବତୀମାନଙ୍କର ଚରିତ୍ର ସ୍ଖଳିତ ହୋଇଯିବ । ଦୁର୍ଯୋଗକୁ ସମ୍ରାଟଙ୍କ କନ୍ୟା ଓ ନାତୁଣୀଙ୍କ ନାମରେ କୁତ୍ସା ବ୍ୟାପିଲା । ସମ୍ରାଟ ତେଣୁ ଓଭିଡ୍‌ଙ୍କୁ କୃଷ୍ଣ ସାଗରର ଏକ ନିକାଞ୍ଚନ ଦ୍ୱୀପକୁ ବହିଷ୍କାର କଲେ । ଓଭିଡ୍‌ଙ୍କ ସ୍ତାବକମାନେ ଲୋକପ୍ରିୟ କବିଙ୍କର କାବ୍ୟରାଜି ନିଜନିଜ ଆୟତ୍ତରେ ପ୍ରଚାର ଉଦ୍ଦେଶ୍ୟରେ ସାଇତି ରଖିଥିଲେ । ଓଭିଡ୍ ରାଜାଙ୍କ ଆଦେଶରେ ନଗର ଛାଡ଼ିବା ପୂର୍ବରୁ ନିଜର ସମସ୍ତ ରଚନାକୁ ଜାଳି ଦେଇଥିଲେ । ମେଟାମୋରଫୋସିସ୍ ସାରା ଇଉରୋପ ଜୟ କଲା । ଏହା ଏକ ବିଶ୍ୱବିଜୟୀ କାବ୍ୟ ।)

ଡ. ମିଶ୍ର ରାଧାନାଥଙ୍କ 'କେଦାର ଗୌରୀ', 'ଚନ୍ଦ୍ରଭାଗା' ଓ 'ଉଷା' କାବ୍ୟତ୍ରୟରେ ଓଭିଡ୍‌ଙ୍କ ପ୍ରଭାବ ନିରୂପଣ କରିଛନ୍ତି । 'କେଦାର ଗୌରୀ' ଲଲାଟେନ୍ଦୁ କେଶରୀଙ୍କ କାଳ, 'ଚ଼ନ୍ଦ୍ରଭାଗା' ଲାଙ୍ଗୁଳା ନରସିଂହଦେବଙ୍କ କାଳ ସହିତ ସମନ୍ୱିତ ହେଲେ ମଧ୍ୟ ମୂଳକାହାଣୀ (ଯଥା-ପିରାମସ୍ ଓ ଥିସବେ ଏବଂ ଆପୋଲୋ ଓ ଡାଫ୍‌ନେ) ଖ୍ରୀଷ୍ଟପୂର୍ବାବ୍ଦର ସମୟ-ସମ୍ବନ୍ଧାନ୍ୱିତ । ଏ ଉଭୟ କାବ୍ୟରେ ଉତ୍କଳର ମହିମାଗାନ କରାଯାଇଥିବାରୁ ଜାତୀୟତାକୁ ବହ୍ନିମାନ କରିବା ଲକ୍ଷ୍ୟରେ ଏ କାବ୍ୟ ପରିକଳ୍ପିତ । ଡ.ମିଶ୍ର ରାଧାନାଥଙ୍କ ମୁଖ୍ୟତଃ ପାଞ୍ଚଗୋଟି କାବ୍ୟରେ 'ଆହରଣ' ପ୍ରସଙ୍ଗର ବ୍ୟାପକ ଚର୍ଚ୍ଚା କରିଛନ୍ତି । 'ନନ୍ଦୀକେଶ୍ୱରୀ' କାବ୍ୟର 'ଆହରଣ' ବିଭାଗକୁ ରାଧାନାଥ କିପରି ସ୍ୱତନ୍ତ୍ରଭାବେ ଥୋଇଛନ୍ତି ତାହା ଡ.ମିଶ୍ର ଦର୍ଶାଇଛନ୍ତି ।

ରାଧାନାଥଙ୍କ ସକଳ ସୃଷ୍ଟି ମଧ୍ୟରେ 'ପାର୍ବତୀ' କାବ୍ୟ ଯେ ଶ୍ରେଷ୍ଠ ଏହା ଡ.ମିଶ୍ର ପ୍ରତିପାଦନ କରି ଲେଖିଛନ୍ତି-

"ରାଧାନାଥଙ୍କ ସମସ୍ତ କାବ୍ୟ ସୃଷ୍ଟିରେ ପାର୍ବତୀ ଅନନ୍ୟ ସାଧାରଣ । କାବ୍ୟର ପରିକଳ୍ପନା ଓ ବିଷୟବିନ୍ୟାସରେ କବିଙ୍କ ରୋମାଣ୍ଟିକ ପ୍ରାଣର ଭାବାବେଗ ସ୍ୱଚ୍ଛଧାରାରେ

ପ୍ରବାହିତ ହୋଇଅଛି । ଅନୁରୂପ ଭାବେ ବର୍ଣ୍ଣନା, କାବ୍ୟାଦର୍ଶ, ସୌନ୍ଦର୍ଯ୍ୟ ସୃଷ୍ଟି ଓ ଭାବ ସନ୍ନିବେଶରେ କବିଙ୍କର ଧ୍ୟାନଗମ୍ଭୀର କ୍ଲାସିକ୍ ଶିଳ୍ପଦୃଷ୍ଟି ଉଦ୍‌ଭିନ୍ନ ହୋଇଅଛି । ଏକାଧାରରେ ରୋମାଣ୍ଟିକ ମନର କ୍ଷୁବ୍‌ଧତା, ଚଞ୍ଚଳତା, ଅଧୀରତା, ତନ୍ମୟଭାବ ବିଲୀନତା ଓ କ୍ଲାସିକ୍ ଆଦର୍ଶର ସ୍ୱଚ୍ଛତା, ସ୍ନିଗ୍ଧତା ଓ ସ୍ଥିରତାର ସ୍ୱାଦ୍ୟ ଓ ସୁନ୍ଦର ସମନ୍ୱୟ ଏଥିରେ ଘଟିଅଛି । ପୁରୀ ବଡ଼ଦାଣ୍ଡର ଯାତ୍ରୀ, ବାହୁସ୍ଫୋଟକାରୀ ମାଲ, ଟିପାକାଠିପୃଷ୍ଠ ନୋଳିଆ, ବାଲୁପ୍ରାନ୍ତରେ ଗୋପବାଳକର ବର୍ଣ୍ଣନା, ମେଘାସନ, ଗନ୍ଧମାର୍ଦ୍ଦନ, ଗୋନାସା ପର୍ବତ ଶିଖେ ବିଜୟଅଗ୍ନିର ଗତିପଥ ବର୍ଣ୍ଣନାରେ କବି ଲେଖନୀରୁ ଚିରନ୍ତନ ସାହିତ୍ୟର ସ୍ଥିରରୂପ ଦେଖିବାକୁ ମିଳେ । ସମଗରା ଦହର ରଜତ ଆସ୍ତରଣ ପୃଷ୍ଠପଟରେ ଦୂରଦିଗ୍‌ବଳୟର ରେଖାକୃତି ତରୁଶ୍ରେଣୀ, ତାରକାଗୁମ୍ଫିତ ଆକାଶ, ତରଳ ଜ୍ୟୋସ୍ନାର ଉଦାର ପରିବେଶ ଭିତରେ ଗୋଟିଏ ଟେଣ୍ଟୋଇର କଳ ସଂଗୀତ ଶୁଣାଇବା ଅଥବା ଶ୍ରୀଖଣ୍ଡ ଶୈଳର ପାରାବାରବାହୀ ମୃଦୁ ସମୀରଣରେ ଶ୍ରୀକ୍ଷେତ୍ର ଲଳନାର କପୋଳ ଅଳକର ମୃଦୁ ଦୋଳ ଦେଖେଇବା, ଅଥବା ଗାଢ଼ ଅନ୍ଧକାର ଭିତରେ ପ୍ରକୃତି ଦେହରୁ ଜୀବନାଟି ଛାଡ଼ିଯିବାର ଅନୁଭୂତି ବର୍ଣ୍ଣନା ଜଣେ ଶ୍ରେଷ୍ଠ ରୋମାଣ୍ଟିକ୍ କବିଙ୍କ ବିନା ଆଉ କାହା ପକ୍ଷରେ ସମ୍ଭବ ନୁହେଁ ।”

(ଆ.ଓ.କା.ଧା.-ପୃ.: ୧୬୯)

କଳାର ଶ୍ରେଷ୍ଠ ବିଚାରକ ହେଉଛି କାଳ । ଓଭିଡ୍‌ଙ୍କ ସମସ୍ତ ସୃଷ୍ଟିକୁ ସେ ନିଜ ହାତରେ ପୋଡ଼ି ପାଉଁଶ କରି ଦେଇଥିଲେ । ରାଧାନାଥ ମଧ୍ୟ ମହାଯାତ୍ରାର ୨୩ଟି ସର୍ଗ ନିଜ ହାତରେ ପୋଡ଼ି ପାଉଁଶ କରିଦେଇଥିଲେ । ଏ ଦୁଇ ମହାକବିଙ୍କୁ ମହାକାଳ ଜାଳି ଦେଇ ପାରିଲା ନାହିଁ । ଉଭୟେ ଓଭିଡ୍ ଏବଂ ରାଧାନାଥ କହିଛନ୍ତି, ପ୍ରଣୟାନୁପ୍ରେରିତ ନାରୀ, ତ୍ୟାଗର ଅପୂର୍ବ ଦୃଷ୍ଟାନ୍ତ ଦେଖାଏ । “Love made her bold”- Ovid.

ରାଧାନାଥ ଲେଖିଛନ୍ତି-

“ଧନ୍ୟ ସେ ପ୍ରୀତିକି ମରଣ ଭୀତିକି ପ୍ରୀତି ଯେ ପାରଇ ଜିଣି,
ଶିରୀଶ ମୃଦୁଳା ଲବଣୀ ପିତୁଳା ପ୍ରୀତି କଲା ସାହସିନୀ ।”

(କେଦାରଗୌରୀ)

ପ୍ରେମିକା ବିଶ୍ୱାସ କରେ, ଇହଲୋକରେ ତାର ପ୍ରେମ ଯଦି ବ୍ୟର୍ଥ ହୋଇଯାଏ ପରଲୋକରେ ଅବଶ୍ୟ ପ୍ରେମର ସଫଳତା ଉପଲବ୍ଧ ହେବ ।

(Death) Shall never so deceive us, but we will meet again. ଓଭିଡ୍‌ଙ୍କ ଏହି ବାକ୍ୟରେ ନାରୀର ବିଶ୍ୱାସ ପ୍ରତିଫଳିତ । ଗୌରୀ ମନେକରିଛି-

"ପରଲୋକ ପଥେ କାନ୍ତ ପାଦଚିହ୍ନ ଯିବି ମୁହିଁ ଅନୁସରି

ମୃତ୍ୟୁ ଘଟାଇଲା ଏ ବିରହ, ମୃତ୍ୟୁ କରିଦେବ ସହଚରୀ ।"

(କେଦାରଗୌରୀ)

'କେଦାର ଗୌରୀ' କାବ୍ୟରେ ମନ୍ଦିରମାଳିନୀ ଭୁବନେଶ୍ୱରକୁ ଦେଖିହୁଏ, ମାତ୍ର ଓଭିଡ୍‌ଙ୍କୁ ଦେଖିବାର ସାମାନ୍ୟତମ ଅବକାଶ ମିଳେନାହିଁ ।

ଡ. ମିଶ୍ରଙ୍କ ଦୃଷ୍ଟିରେ ଫକୀରମୋହନ

ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କ ମତରେ ଫକୀରମୋହନ ତାଙ୍କ ସମୟର ଜଣେ ମୌଳିକ କବି । ତାଙ୍କ ପ୍ରିୟ ସବୁ କବିତାରେ ମଣିଷ ପ୍ରକୃତିର ବିବିଧ ଦିଗ ପ୍ରତିଫଳିତ ହୋଇଛି । ଡ.ମିଶ୍ର କବିଙ୍କ କାବ୍ୟିକ ବ୍ୟକ୍ତିତ୍ୱର ଆକଳନ କରିବାକୁ ଯାଇ ଲେଖିଛନ୍ତି, "କବିଙ୍କ ଭିତରେ ଦୁଇଟି ବ୍ୟକ୍ତିତ୍ୱ ଥାଏ, ଗୋଟିଏ ନିଜେ ରଚୟିତା, ଅନ୍ୟଟି ପାଠକ ବା ସମାଲୋଚକ । ପ୍ରଥମ ବ୍ୟକ୍ତିତ୍ୱ ଦ୍ୱାରା ଚାଳିତ ହୋଇ କବି ସୃଷ୍ଟି କରନ୍ତି । ଦ୍ୱିତୀୟ ବ୍ୟକ୍ତିତ୍ୱ ଘେନି ଏହି ସୃଷ୍ଟିକୁ ସୁନ୍ଦର କରନ୍ତି । ଫକୀରମୋହନଙ୍କଠାରେ ଏହି ଦ୍ୱିତୀୟ ବ୍ୟକ୍ତିତ୍ୱର ଏକାନ୍ତ ଅଭାବ ଥିଲା । ତେଣୁ ସେ ଯେଉଁସ୍ତରରେ କବିତାରେ ପ୍ରଥମେ ଆତ୍ମପ୍ରକାଶ କରିଥିଲେ, ସେହି ସ୍ତରରୁ ଉପରକୁ ଉଠିପାରି ନଥିଲେ । ଏପରିକି ଶେଷ ପର୍ଯ୍ୟନ୍ତ ନିଜ ରଚନାର ଶୈଳୀ ବିଷୟରେ ତାଙ୍କର ଏକ ସ୍ୱଷ୍ଟ ଧାରଣା ଜନ୍ମି ନଥିଲା । ଯାହା ଲେଖୁଥିଲେ,ସେଥିରେ ତାଙ୍କର ଏକ ଦୃଢ଼ ଆତ୍ମବିଶ୍ୱାସ ଆସୁ ନଥିଲା ।"

(ଆ.ଓ.କା.ଧା.-ପୃ.: ୨୧୬)

ଜଣେ ବିଶିଷ୍ଟ ଗବେଷକ ଭାବରେ ପ୍ରଫେସର ମିଶ୍ରଙ୍କ ଏହି ମନ୍ତବ୍ୟ ତାଙ୍କର ଏକାନ୍ତ ନିଜସ୍ୱ । କିନ୍ତୁ ପ୍ରଗାଢ଼ ଆତ୍ମବିଶ୍ୱାସ ହେତୁ ଫକୀରମୋହନ ନିଜ ସୃଷ୍ଟିକୁ ମୃତ୍ୟୁଞ୍ଜୟୀ ବୋଲି ଘୋଷଣା କରିଛନ୍ତି ।

ନିମ୍ନ କେତୋଟି ଦୃଷ୍ଟାନ୍ତ ଏ ପ୍ରସଙ୍ଗରେ ବିଚାର୍ଯ୍ୟ :

୧)	କୁଚିନ୍ତା ସ୍ୱରୂପା କାଳୀ ନାଚନ୍ତି ହୃଦୟେ
ତଥାପି ମୁଁ ମୃତ୍ୟୁଞ୍ଜୟ ରହିଛି ପ୍ରତ୍ୟୟେ ।
(ମହାଦେବଙ୍କ ତାଣ୍ଡବ ନୃତ୍ୟ)

୨)	ଅମୃତରୁ ଆସିଅଛି ଯିବି ଅମୃତକୁ
ଏହା ଭାବି ଦେଉଛି ତ ସାନ୍ତ୍ୱନା ମନକୁ ।
ସେ ଅମୃତଧାମେ ପୁଣି ହେବି ଉପଗତ ।
(ନବଜୀବନ)

୩)	ଜନ୍ମି କେବା ଛନ୍ତି କୋଟି ଭ୍ରାତା ମଧ୍ୟେ ଜଣେ
କେବେହେଲେ କେହି ମୋତେ ପକାଇବେ ମନେ ।
ରଚିତ କବିତାଗୁଡ଼ି କନ୍ୟା ସ୍ୱରୂପିଣୀ
ଅନୁସରିଥାନ୍ତି ପଛେ ଚିତ୍ତ ବିନୋଦିନୀ ।
ଉତ୍କଳ ଜଗତେ ମୁହିଁ ତେଜିବି ଜୀବନ
କରିବେ ଏ କନ୍ୟାଗୁଡ଼ି ପିତୃତରପଣ । (କବିର ସାନ୍ତ୍ୱନା)

ନିଜକୁ 'ମୃତ୍ୟୁଞ୍ଜୟ', 'ଅମୃତସନ୍ତାନ', 'କେହି ମୋତେ ପକାଇବେ ମନେ' ବା 'ସ୍ମୃତିର ସାମଗ୍ରୀ' ଭାବେ ଆତ୍ମପ୍ରତ୍ୟୟ ନଥିବା ଲୋକ କଣ କହିପାରିବ ? ବହୁବର୍ଷ ପରେ ମଧ୍ୟ ଫକୀରମୋହନଙ୍କ କବିତା ଦ୍ୱାରା ଫକୀରମୋହନଙ୍କ ତର୍ପଣ କରାଯାଉଥିବ । ଅର୍ଥାତ୍ କାଳାଗ୍ନି ତାଙ୍କ କବିତାକୁ ଜାଳିଦେଇ ପାରିବ ନାହିଁ । କବିଙ୍କ ଉଦାର ଧାର୍ମିକ ଦୃଷ୍ଟିଭଙ୍ଗୀ ହେତୁ ଯେଉଁ ମୌଳବାଦ ବିରୋଧରେ ଅଧୁନା ଅନେକ କଥା କୁହାଯାଉଛି, ସେହି ମୌଳବାଦକୁ ସେ ବହୁବର୍ଷ ପୂର୍ବରୁ ତୀବ୍ର ନିନ୍ଦା କରିଛନ୍ତି 'ମାନବାତ୍ମାର ସ୍ୱର୍ଗଯାତ୍ରା' କବିତାରେ । ଜାତୀୟ ସାହିତ୍ୟକୁ ପବିତ୍ର କରିବା କବିକର୍ମର ଅନ୍ୟତମ ଲକ୍ଷ୍ୟ- ଏହା ସେ 'ଯମରାଜାର ଦରବାର' କବିତାର ବକ୍ର ସ୍ୱରରେ କହିଛନ୍ତି । ଏ ପ୍ରକାର ବହୁ ଉଚ୍ଚମାନର କବିତାକୁ

ଗବେଷକ ଡ.ମିଶ୍ର ଆଲୋଚନାର ପରିସର ମଧ୍ୟକୁ ନନେଇ କହିଛନ୍ତି- "ତାଙ୍କ (ଫକୀରମୋହନଙ୍କ) ଦାନରେ ଓଡ଼ିଆ କାବ୍ୟଧାରା ହୁଏତ କଳାଦିଗରୁ ସମୃଦ୍ଧ ହୋଇନାହିଁ ।" (ପୃ.୨୧୮) ଓଡ଼ିଆ କାବ୍ୟଧାରାକୁ ଯେଉଁ କବି ପାଞ୍ଚଶହରୁ ଅଧିକ କବିତା ଲେଖି, ଶିଶୁଗୀତିଠାରୁ ବାଲାଡ୍, ଲିରିକ୍, ସଂଗୀତ, ସନେଟ୍, ସାଟାୟାର, ହ୍ୟୁମର, ଲଘୁକବିତା ଏବଂ କାବ୍ୟ ପର୍ଯ୍ୟନ୍ତ ସକଳ ବିଭାବକୁ ଆଲୋକିତ କଲେ, ତାଙ୍କଦ୍ୱାରା ଓଡ଼ିଆ କାବ୍ୟ ସାହିତ୍ୟ ସମୃଦ୍ଧ ହୋଇନାହିଁ ବୋଲି କହିବା ଯଥାର୍ଥ କି ? ଫକୀରମୋହନ ରାମାୟଣ, ମହାଭାରତ, ହରିବଂଶ, ଉପନିଷଦ ଆଦିକୁ ସଂସ୍କୃତରୁ ଓଡ଼ିଆରେ ଅନୁବାଦ କରି ଆମ ସାହିତ୍ୟ ଭଣ୍ଡାରକୁ ପୂର୍ଣ୍ଣ କରିଛନ୍ତି । ସେହିଁ ଏ ଜାତିର ବ୍ୟାସକବି ।

ଡ.ମିଶ୍ରଙ୍କ ବିବକ୍ଷାରେ ମଧୁସୂଦନ ରାଓ

ଡ.ମିଶ୍ର ମଧୁସୂଦନ ରାଓଙ୍କୁ କବି-ଋଷିର ମାନ୍ୟତା ଦେଇଛନ୍ତି । ମଧୁସୂଦନଙ୍କ କବିତାରେ ପ୍ରତିଫଳିତ ଧର୍ମ ବିଶ୍ୱାସ, ଜାତୀୟତା, ଆଦର୍ଶ, ନୀତିନିଷ୍ଠତା ଶ୍ରେୟପ୍ରତି ଆସକ୍ତି ଆଦି ସମ୍ପର୍କରେ ବ୍ୟାପକ ଆଲୋଚନା କରିଛନ୍ତି । ମଧୁସୂଦନଙ୍କ ଗୀତି କବିତା ଏବଂ ସନେଟ୍ ତାଙ୍କ ସ୍ୱାତନ୍ତ୍ର୍ୟର ପରିଚାୟକ ବୋଲି ଡ.ମିଶ୍ର କହିଛନ୍ତି । ମଧୁସୂଦନଙ୍କ ଶିଶୁ-କିଶୋର କବିତା ସୃଷ୍ଟିର ନିୟାମକ ହୋଇଛି ନିମ୍ନ ପଦଟି ବୋଲି ନରେନ୍ଦ୍ରନାଥ କହିଛନ୍ତି ।

'ବାଳକେ ମୋର ବୋଲକର
ସତ୍ୟ ପାଳିବ ନିରନ୍ତର ।'

ମଧୁସୂଦନ ଭକ୍ତିରସର କବି, ତାଙ୍କ ସାହିତ୍ୟରେ ବାତ୍ସଲ୍ୟରସର ଅଭାବ ଥିବା କଥା ଡ.ମିଶ୍ର କହିଛନ୍ତି । ବାତ୍ସଲ୍ୟରସ ନଥିଲେ ଶିଶୁ କବିତା ସୌକୁମାର୍ଯ୍ୟ ହରାଏ ବୋଲି ଡ.ମିଶ୍ରଙ୍କ ମତ । ମଧୁ-ସାହିତ୍ୟରେ ଶିଶୁ ଗୌଣ, ଶିକ୍ଷକ ମୁଖ୍ୟସ୍ଥାନ ପାଇଛନ୍ତି ।

ମଧୁସୂଦନଙ୍କ ଫର୍ମ ବା ଆଙ୍ଗିକ ସମ୍ପର୍କରେ ଡ.ମିଶ୍ର ବ୍ୟାପକ ଭାବେ ଆଲୋଚନା କରିଛନ୍ତି । ଡ.ମିଶ୍ର କହିଛନ୍ତି, 'ନବଯୁଗର ଛନ୍ଦରେ ଏହି ପାଶ୍ଚାତ୍ୟ ଆହରଣର ଅନ୍ୟ ଏକ ଦିଗ ମଧୁସୂଦନଙ୍କ ସନେଟ୍ ଓ ସ୍ପେନ୍‌ସରୀୟ ଷ୍ଟାଞ୍ଜା

ପ୍ରୟୋଗରେ ଦେଖିବାକୁ ମିଳେ । ଏଥିରେ ମଧ୍ୟ ଆମ ପ୍ରାଚୀନ ଛନ୍ଦର ପରମ୍ପରା ସହିତ ନୂତନ ଓ ପାଶ୍ଚାତ୍ୟ ଧାରାର ଏକ ସମନ୍ୱୟ ସାଧନର ପ୍ରୟାସ ହୋଇଛି ।" (ଆ.ଓ.କା.ଧା.-ପୃ.:୩୧୯)

ଡ.ମିଶ୍ର 'ପେଣ୍ଟାମିଟର ଚତୁଷ୍ପଦୀ', 'ପେଣ୍ଟାମିଟର ଷଟ୍‌ପଦୀ', 'ରୟାଲ ରାଇମ୍‌ର ସପ୍ତପଦୀ', 'ଅକ୍ଟାଭରାଇମ୍' ଆଦି ସମ୍ପର୍କରେ ଶାସ୍ତ୍ରୀୟ ଆଲୋଚନାରେ ପ୍ରବୃତ୍ତ ହୋଇ ସେ ସବୁକୁ ମଧୁସୂଦନ କିପରି ଯୋଗ କରିଛନ୍ତି ତାହା ସୂଚାଇ ଅଛନ୍ତି । ମଧୁସୂଦନଙ୍କର ସନେଟ୍‌ଗୁଡ଼ିକୁ ଆଲୋଚନା କରିବା ବେଳେ ଡ.ମିଶ୍ର ଚତୁର୍ଦ୍ଦଶ ଶତକର ଇତାଲୀୟ କବି ପେତ୍ରାର୍କଙ୍କୁ ଚତୁର୍ଦ୍ଦଶ ପଙ୍‌କ୍ତି ବିଶିଷ୍ଟ ସନେଟ୍‌ର ଜନକ ଭାବେ ଅଭିହିତ କରି ସନେଟ୍ ସାହିତ୍ୟର ଏକ ପୂର୍ଣ୍ଣାଙ୍ଗ ବିବକ୍ଷା ପ୍ରଦାନ କରିଛନ୍ତି । ମଧୁସୂଦନ ଇଟାଲୀୟ ରୀତି, ଇଂରାଜୀ ସନେଟ୍ ରଚନାରୀତି ସହିତ ଉତ୍କଳୀୟ ଛନ୍ଦରେ କିପରି ଭାବେ ସନେଟ୍ ପ୍ରସ୍ତୁତ କରିଛନ୍ତି ତାହା ଡ.ମିଶ୍ର ସଦୃଷ୍ଟାନ୍ତ ବିଚାର ଆଲୋଚନା କରିଛନ୍ତି ।

ଉପସଂହାର-

ରାଧାନାଥ-ମଧୁସୂଦନ-ଫକୀରମୋହନଙ୍କୁ ଡ.ମିଶ୍ର ଆଧୁନିକ କାବ୍ୟଧାରାର ଦିଗବାରେଣି ଭାବେ ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ସାଫଲ୍ୟ କେବଳ ସେମାନଙ୍କ ସୃଷ୍ଟିରେ ସୀମିତ ନହୋଇ କିପରି ପୁରୋଦୃଷ୍ଟି ବଳରେ ଏକ ପରବର୍ତ୍ତୀ ନୂତନ କାବ୍ୟଜଗତର ନିର୍ମାଣ ପାଇଁ ବାଟ ଫିଟାଇଛି ତାହା ଆଲୋଚନା କରିଛନ୍ତି । ଏଇ ତିନି କବିଙ୍କ ପାଇଁ ପାଶ୍ଚାତ୍ୟ କାବ୍ୟାଲୋକ ଯେତିକି ସହାୟକ ହୋଇଛି, ପ୍ରାଚ୍ୟର ସଂସ୍କୃତ ସାହିତ୍ୟ ମଧ୍ୟ ସେତିକି ଆଲୋକ ଯୋଗାଇଛି ବୋଲି ଡ.ମିଶ୍ର ନାନା ଦୃଷ୍ଟାନ୍ତ ଦ୍ୱାରା ପ୍ରତିପାଦନ କରିଛନ୍ତି । ଡ. ବୋଲଟନ୍ ଡ.ମିଶ୍ରଙ୍କ ସହିତ ଦୀର୍ଘଦିନ ରହି ଶାନ୍ତିନିକେତନ ପାଠାଗାରର ଉପଯୋଗ କଲାବେଳେ ନରେନ୍ଦ୍ରନାଥଙ୍କ ନିର୍ଦ୍ଦେଶ ଗ୍ରହଣ କରି ଏବଂ ଡ.ମିଶ୍ରଙ୍କ ଗବେଷଣା ଗ୍ରନ୍ଥ ପଢ଼ି କିଛି ମାର୍ଗଦର୍ଶନ କରିଛନ୍ତି । ଡ. ମିଶ୍ରଙ୍କ ଆଧୁନିକ ଓଡ଼ିଆ କାବ୍ୟଧାରା ଏକ ଉଚ୍ଚମାନର ଗବେଷଣା ଗ୍ରନ୍ଥ- ଏଇ ମତ ବୋଲଟନ୍ ତାଙ୍କ ପ୍ରବନ୍ଧାବଳୀରେ ଉଲ୍ଲେଖ କରିଛନ୍ତି ।

ଟୋଲଙ୍କସାହି, ବାଲେଶ୍ୱର

ଅବଜ୍ଞା ଓ ଅବହେଳାର ଶିକାର

ସମାଲୋଚକ ନରେନ୍ଦ୍ର ନାଥ ମିଶ୍ର

ଡ. ନିତ୍ୟାନନ୍ଦ ଶତପଥୀ

ବହୁ ଉନ୍ନତମାନର ସମାଲୋଚକ ପ୍ରଫେସର ନରେନ୍ଦ୍ରନାଥ ମିଶ୍ର ତାଙ୍କ ଜୀବନବ୍ୟାପୀ ସାଧନା ପାଇଁ କୌଣସି ଆନୁଷ୍ଠାନିକ ସ୍ୱୀକୃତି ଏ ଯାବତ୍ ପାଇ ନଥିବା ବିସ୍ମୟର ବିଷୟ । ସମ୍ଭବତଃ ସାହିତ୍ୟର ପ୍ରାଣକେନ୍ଦ୍ର ଦୁଇ ମହାନଗରଠାରୁ ଦୂରରେ ଶାନ୍ତିନିକେତନରେ ଦୀର୍ଘକାଳ ଅଧ୍ୟାପନାରେ ଅନୁବ୍ରତୀ ଏହି ପ୍ରଚଣ୍ଡ ଶକ୍ତିଧର ଆଲୋଚକଙ୍କୁ ତଥାକଥିତ ଏକାଡେମୀ ପରିଚାଳକ ଓ ବିଷୟବିତ୍‌ମାନେ ସ୍ମୃତିକୋଷରୁ ପୋଛି ଦେଇଛନ୍ତି, ସେମାନଙ୍କ ନିଜନିଜର ମତଲବୀ ବିଚାର ଦୃଷ୍ଟିକୋଣରୁ । ଏହାବି ହୋଇପାରେ ପୁରସ୍କାର ପାଇଁ ଆଜି ଯେଉଁପରି ଜଘନ୍ୟ ଧରାଧରି ଓ ପରିତୋଷଣ ଚାଲିଛି, ଶ୍ରୀ ମିଶ୍ର ସେଥିରୁ ଥିଲେ ଯୋଜନ ଯୋଜନ ଦୂରରେ । ଜ୍ଞାନପୀଠ ଓ କେନ୍ଦ୍ରସାହିତ୍ୟ ଅକାଦେମୀ ପରି ସମ୍ମାନଜନକ ପୁରସ୍କାରର ସେ ଥିଲେ ଅନ୍ୟତମ ବିଚାରକ-ଥରେ ନୁହେଁ ଅନେକ ଥର । ଅଥଚ ନିଜ ପାଇଁ ପାଟି ଖୋଲି କାହାକୁ କହିବାର ଦୂଷିତ ପରଂପରାରୁ ସେ ଥିଲେ ସଚେତନ ଭାବେ ଦୂରବର୍ତ୍ତୀ । ତେଣୁ ଆଧୁନିକ ଓଡ଼ିଆ କବିତାର ଆଦ୍ୟ ସମାଲୋଚକ ଭାବେ ତାଙ୍କର ଅନନ୍ୟ ସୃଷ୍ଟି 'ଆଧୁନିକ ଓଡ଼ିଆ କାବ୍ୟଧାରା' (ଆଦିଯୁଗ)(୧୯୬୪) ଓ 'ଆଧୁନିକ ଓଡ଼ିଆ କାବ୍ୟଧାରା' (ନବଜାଗରଣଯୁଗ) (୧୯୭୮) ପରି ଦୁଇଟି ବିଶିଷ୍ଟ ସମାଲୋଚନା ଗ୍ରନ୍ଥ ପାଠକ-ବିଚାରକମାନଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି । ଆମେମାନେ ଏମ୍.ଏ.(ଓଡ଼ିଆ) ପରୀକ୍ଷା ଦେଲାବେଳେ (୧୯୬୨) ଏ ବହି ଦୁଇଟି ତଥାପି ପ୍ରକାଶିତ ହୋଇ ନଥିବାରୁ ସ୍ୱାଭାବିକ ଭାବେ ଆମେ ଆମର ଅଧ୍ୟୟନ କାଳରେ ଏପରି ଏକ ଚମତ୍କାର ବିଶ୍ଳେଷଣଧର୍ମୀ ସମାଲୋଚନା ପୁସ୍ତକ (ଆଦିଯୁଗ) ପଢ଼ିବାର ସୁଯୋଗରୁ ବଞ୍ଚିତ ହୋଇଥିଲୁ । କିନ୍ତୁ ପରବର୍ତ୍ତୀ କାଳରେ ବିଶ୍ୱବିଦ୍ୟାଳୟମାନେ ଏହି ଗ୍ରନ୍ଥକୁ ପାଠ୍ୟଖସଡ଼ା

ଅନ୍ତର୍ଭୁକ୍ତ କରିବାରେ କୌଣସି ଅନ୍ତରାୟ ନଥିଲା । ଆମେ ପରବର୍ତ୍ତୀ କାଳର ଅଧ୍ୟାପକମାନେ ଯେ ଏ ଗ୍ରନ୍ଥ ପ୍ରତି ଛାତ୍ର, ଗବେଷକ ଓ ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରି ପାରିନାହୁଁ- ଏହା ଆମମାନଙ୍କ ଅଯୋଗ୍ୟତାର ନଜିର ବହନ କରିବ । ଅବଶ୍ୟ ୧୯୬୫-୬୬ ବେଳକୁ ପ୍ରତିସ୍ପର୍ଦ୍ଧୀ ଭାବେ ଡକ୍ଟର ନଟବର ସାମନ୍ତରାୟଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' (୧୮୦୩ ରୁ ୧୯୨୦) ଉପଲବ୍ଧ ହେବାକୁ ଲାଗିଲା । ଏହା ସହିତ ଡକ୍ଟର ସାମନ୍ତରାୟଙ୍କ ଆଧୁନିକ କବିତାର ଆଦିଯୁଗର ଅନେକ କବିଙ୍କ ସୃଷ୍ଟି ସଂପର୍କରେ ଏକକ ପୁସ୍ତକମାନ ପ୍ରକାଶିତ ହେଲା । ରାଧାନାଥ ଯୁଗର ବଳିଷ୍ଠ କବି ରାଧାନାଥ ରାୟ, ଗଙ୍ଗାଧର ମେହେର, ନନ୍ଦକିଶୋର ବଳଙ୍କ କାବ୍ୟ କବିତା ସଂପର୍କରେ ଡକ୍ଟର ସାମନ୍ତରାୟଙ୍କ ଦୀର୍ଘ ତୁଳନାତ୍ମକ ରଚନାବଳୀ ଗବେଷକ ଓ ଅଧ୍ୟାପକମାନଙ୍କ ପିପଠିଷା ପାଇଁ ଅଧିକ ଉପାଦାନ ଯୋଗାଇବାରେ ସମର୍ଥ ହୋଇଥିଲା- ଏହା ସର୍ବବାଦୀ ସମ୍ମତ ନିଶ୍ଚୟ । ଏପରିକି ସୁରେନ୍ଦ୍ର ମହାନ୍ତିଙ୍କ 'ଫକୀର ମୋହନ' ଓ 'ଫକୀରମୋହନ ସମୀକ୍ଷା' ପରି ଦୁଇଟି ପୁସ୍ତକ ସମାଲୋଚନାର ଅନନ୍ୟ ମାନଦଣ୍ଡ ଭାବେ ବିବେଚିତ ହେଉଥିଲା । ଫଳରେ ଶାନ୍ତିନିକେତନରୁ ପ୍ରକାଶିତ ଓ ପ୍ରଚ୍ଛଦ ଦୃଷ୍ଟିରୁ ଦୁର୍ବଳ 'ଆଧୁନିକ ଓଡ଼ିଆ କାବ୍ୟଧାରା' (ଆଦିଯୁଗ) ଓ (ନବଜାଗରଣଯୁଗ) ପୁସ୍ତକ ଦୁଇଟି ଏହାର ବିପୁଳ କଳେବର ସତ୍ତ୍ୱେ ପ୍ରତିଯୋଗିତାର ସମ୍ମୁଖୀନ ହୋଇ ପାରୁନଥିଲା । ମୋ ବିଚାରରେ ଏ ପୁସ୍ତକ ଦୁଇଟି ଯଦି ବାଲୁବଜାରର କୌଣସି ବଳିଷ୍ଠ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ହୋଇଥାନ୍ତା ତେବେ ଏହାର ଆଦର ଓ କାଟ୍‌ତି ତତ୍‌କାଳୀନ ପରିସ୍ଥିତିରେ ସର୍ବାଗ୍ରେ ଅଧିଷ୍ଠିତ ହୋଇପାରିଥାନ୍ତା । କିନ୍ତୁ ଦୁର୍ଭାଗ୍ୟ, ବିଶ୍ୱଭାରତୀ ଗବେଷଣା ପ୍ରକାଶନୀ କର୍ତ୍ତୃକ ପ୍ରକାଶିତ ଏ ବହି ଦୁଇଖଣ୍ଡ ସେପରି ଭାବେ ପାଠକୀୟ ଦୃଷ୍ଟି ଆକର୍ଷଣ କରି ପାରିଲା ନାହିଁ । ଅବଶ୍ୟ 'ଆଦିଯୁଗ'ର ଦ୍ୱିତୀୟ ସଂସ୍କରଣ ବହୁ ବିଳମ୍ବରେ ଜୁନ୍, ୧୯୭୮ ମସିହାରେ ପ୍ରକାଶ ପାଇଲା ବେଳକୁ ଗ୍ରନ୍ଥକାର ନିଜକଥା ପ୍ରସଙ୍ଗରେ କହି ରଖିଛନ୍ତି ଯେ "ଆଧୁନିକ ଓଡ଼ିଆ କାବ୍ୟଧାରା (ଆଦିଯୁଗ)" ଗ୍ରନ୍ଥଟି ଛାତ୍ର, ଅଧ୍ୟାପକ ଓ ସୁଧୀ ମହଲରେ ଆଦୃତ ହେବା ସଙ୍ଗେସଙ୍ଗେ ବିଶ୍ୱଭାରତୀ, ଉତ୍କଳ, ବ୍ରହ୍ମପୁର ଓ ସମ୍ବଲପୁର ଆଦି ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ କର୍ତ୍ତୃକ ସ୍ନାତକୋତ୍ତର ଶ୍ରେଣୀର ସୂଚନା ପାଠ୍ୟରୂପେ (reference book) ସ୍ୱୀକୃତ । କିନ୍ତୁ ପୁସ୍ତକଟି ବଜାରରେ ସହଜେ ଉପଲବ୍ଧ ହେଉ ନଥିବାରୁ ଛାତ୍ରମାନଙ୍କର ସମସ୍ତ ଧ୍ୟାନ ଡକ୍ଟର ସାମନ୍ତରାୟ ଓ ଅଧ୍ୟାପକ ଚିନ୍ତାମଣି ବେହେରାଙ୍କ ସମସାମୟିକ କାବ୍ୟ ଆଲୋଚନା ଉପରେ

ନିବଦ୍ଧ ହୋଇଥିଲା । ଓଡ଼ିଆ କବିତାର ଏଇ ଆଦିଯୁଗ ଉପରେ ଆହୁରି ଅନେକ ଅଧ୍ୟାପକ-ଗବେଷକ ଏକକ ପୁସ୍ତକମାନ ପ୍ରକାଶ କରି ସାରିଥିଲେ । ତେଣୁ ନରେନ୍ଦ୍ରବାବୁଙ୍କ ଏହି ଆଲୋଚନା ପୁସ୍ତକଟି ଯେଉଁ ତିମିରେକୁ ସେଇ ତିମିରେ ରହିଗଲା । ଆଧୁନିକ ଓଡ଼ିଆ ସାହିତ୍ୟ ଘେନି ଲିଖିତ ଏହି ଚର୍ଚ୍ଚା ନିବନ୍ଧଟି ଓଡ଼ିଆ ସାହିତ୍ୟରେ ପ୍ରଥମ ହେଲେବି ଦୀର୍ଘ ପନ୍ଦରବର୍ଷ ପରେ ପୁନର୍ମୁଦ୍ରିତ ହେବା ପଛରେ କି କାରଣ ବା ଥାଇପାରେ ? ଅବଶ୍ୟ ନରେନ୍ଦ୍ରବାବୁଙ୍କ କ୍ଷୋଭ ଅନେକ ପରିମାଣରେ ସତ୍ୟ ଯେ ୧୯୭୮ ମସିହା ସୁଦ୍ଧା ଓଡ଼ିଆରେ ଉଚ୍ଚ ଗବେଷଣା ପାଇଁ ଅନୁକୂଳ ଆଧୁନିକ ଯୁଗୋପଯୋଗୀ କ୍ଷେତ୍ର ପ୍ରସ୍ତୁତ ହୋଇ ନଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟ ପରି ଅଗ୍ରଗାମୀ ବିଶ୍ୱବିଦ୍ୟାଳୟରେ ଆଧୁନିକ ଓଡ଼ିଆ କବିତା ପଢ଼ିବା ପାଇଁ ତଥାପି ଛାତ୍ରମାନେ ଆଗ୍ରହୀ ନଥିଲେ । ସେମାନଙ୍କ ତତ୍‌କାଳୀନ ବିଭାଗ ମୁଖ୍ୟଙ୍କ ସମେତ କେତେକ ପ୍ରାଚୀନପନ୍ଥୀ ଅଧ୍ୟାପକ ବୈଷ୍ଣବଧର୍ମକୁ ବିଶେଷପତ୍ର ପାଠ୍ୟକ୍ରମ ଭାବେ ନେବାପାଇଁ ବାଧ୍ୟ କରୁଥିଲେ । ପିଲାମାନଙ୍କୁ ଏମ୍.ଏ. ପରୀକ୍ଷାରେ ଏହି 'ବୈଷ୍ଣବଧର୍ମ' ବିଶେଷପତ୍ରରେ ୮୦ ଶତକଡ଼ାରୁ ଅଧିକ ମାର୍କ ଦିଆଯାଉ ଥିଲାବେଳେ ଆଧୁନିକ କବିତାର ପରୀକ୍ଷକମାନେ (ସେମାନେ ଡକ୍ଟର ନଟବର ସାମନ୍ତରାୟ, ବେଣୁଧର ରାଉତ, ଚିନ୍ତାମଣି ବେହେରା, ଡକ୍ଟର ଦାଶରଥି ଦାସ, ଡକ୍ଟର ନିତ୍ୟାନନ୍ଦ ଶତପଥୀ ହୁଅନ୍ତୁ) କେବେକେହି ୭୦ ଶତକଡ଼ାରୁ ଅଧିକ ନମ୍ବର ଦେଉ ନଥିଲେ । ଏହାକୁ ପ୍ରଚାର କରି ଛାତ୍ରମାନଙ୍କୁ ସ୍ୱତଃ ଆଧୁନିକ କବିତା ପ୍ରତି ବିମୁଖ କରି ଦିଆଯାଉଥିଲା । କୋମଳମତି ଯୁବକ ଯୁବତୀମାନେ ପ୍ରଥମ ଶ୍ରେଣୀ ପାଇବା ଲକ୍ଷ୍ୟରେ 'ବୈଷ୍ଣବଧର୍ମ' ବିଶେଷପତ୍ର ପ୍ରତି ସ୍ୱତଃ ଆକୃଷ୍ଟ ହୋଇ ପଡୁଥିଲେ । ଶୁଣା ଯାଉଥିଲା ମାତ୍ର ଦଶ ପନ୍ଦରଟି ପ୍ରଶ୍ନର ଉତ୍ତର ଘୋଷିଦେଲେ 'ବୈଷ୍ଣବଧର୍ମ' ବିଶେଷପତ୍ରରେ ଶତକଡ଼ା ୮୫ ନମ୍ବର ରଖିବା ଆଦୌ କଷ୍ଟକର ହେବନାହିଁ । ତେଣୁ ଅଗ୍ରଗାମୀ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ପ୍ରାୟ ଶତକଡ଼ା ୮୦ରୁ ନବେଭାଗ ଛାତ୍ର ଏଇ ବିଶେଷ ପାଠ୍ୟକ୍ରମ ପ୍ରତି ସ୍ୱତଃ ଆକୃଷ୍ଟ ହୋଇ ପଡୁଥିଲେ । ଫଳରେ ଆଧୁନିକ ଓଡ଼ିଆ କବିତାକୁ ବିଶେଷ ପତ୍ର ହିସାବରେ ନେବା ପାଇଁ ସେମାନଙ୍କର ଆକର୍ଷଣ ନଥିଲା; କାରଣ, ଏହାର ପାଠ୍ୟଖସଡ଼ା ରାଧାନାଥଙ୍କଠାରୁ ୧୯୮୦ ମସିହା ପର୍ଯ୍ୟନ୍ତ ପ୍ରାୟ ଶହେବର୍ଷ ଧରି ସଂପ୍ରସାରିତ ଥିଲା । ୧୯୭୫ ମସିହାରେ ଏହି ବିଶେଷ ପତ୍ର ନେଇଥିଲେ ମାତ୍ର ଜଣେ ଛାତ୍ର । ଉତ୍କଳ ବିଶ୍ୱବିଦ୍ୟାଳୟରେ ଯେଉଁ ପରିସ୍ଥିତି ଥିଲା, ଉଣା ଅଧିକେ ଅନ୍ୟ

ବିଶ୍ୱବିଦ୍ୟାଳୟରେ ମଧ୍ୟ ପରିସ୍ଥିତି ସେହିପରି ଥିଲା । ତେଣୁ ଡକ୍ଟର ନରେନ୍ଦ୍ର ନାଥ ମିଶ୍ରଙ୍କ 'ଆଧୁନିକ ଓଡ଼ିଆ କାବ୍ୟଧାରା' (ଆଦିଯୁଗ) ପ୍ରତି ପାଠକୀୟ ଦୃଷ୍ଟି ପ୍ରାୟ ଯାଉ ନଥିଲା ।

ଅନ୍ୟ ଯେଉଁ କାରଣ ଯୋଗୁଁ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଆଧୁନିକ ଓଡ଼ିଆ କବିତା ପ୍ରତି ବିମୁଖ ଥିଲେ ତାର କାରଣ ଥିଲା ପ୍ରୟୋଗବାଦୀ କବିତାର ଜଟିଳତା । ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ ଓଡ଼ିଆ କବିତା ପ୍ରତି ପାଠକମାନେ ଅମନୋଯୋଗୀ ନଥିଲେ । କିନ୍ତୁ ନୂଆ ନୂଆ ପରୀକ୍ଷା ନାମରେ ୧୯୫୦ ମସିହାପରେ ଯେଉଁ କବିତା ଲେଖାହେଲା ତାହାକୁ ବୁଝିବାପାଇଁ ସେମାନେ ପ୍ରୟାସୀ ନଥିଲେ । କବିତା ଅଧ୍ୟୟନ ଓ ଅବବୋଧ ପାଇଁ ପରିଶ୍ରମ ଦରକାର- ଏହା ସହିତ ସେମାନେ ଏକମତ ନଥିଲେ । ଆଧୁନିକ କବିତା ଦୁର୍ବୋଧ ଓ ବେଳେବେଳେ ଅବୋଧ ବୋଲି ୧୯୭୦ ବେଳକୁ ଖୁବ୍ ବେଶି ପ୍ରଚାର ହୋଇଯାଇଥିଲା । ତେଣୁ ପାଠକମାନଙ୍କର ଏ କବିତା ପ୍ରତି ଆସ୍ଥା ଆସିବା ପରିବର୍ତ୍ତେ ଏକ ପ୍ରକାର ହତାଶା ଭାବ ଓ ଏହାକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ମାନସିକତା ବଳବତ୍ତର ହୋଇ ଉଠୁଥିଲା । ବିଶ୍ୱବିଦ୍ୟାଳୟର କୋମଳମତି ଛାତ୍ରଛାତ୍ରୀମାନେ ସ୍ୱାଭାବିକ ଭାବେ ଏହି ସମୟର କବିତାକୁ ଆଦର କରିବା ପରିବର୍ତ୍ତେ ଭୟ କରିବାକୁ ଆରମ୍ଭ କରିଥିଲେ । ବିଶ୍ୱବିଦ୍ୟାଳୟ ବାହାରେ ମଧ୍ୟ ଏ କବିତା ସଂପର୍କରେ ଯେଉଁ ଚର୍ଚ୍ଚା ଓ ବିଚାରବିମର୍ଶ ହେଉଥିଲା, ତାହା ଏପରି ଦୁର୍ବୋଧ ଓ ମସ୍ତିଷ୍କଚାଳିତ ବୌଦ୍ଧିକ କବିତାକୁ ଘୋର ବିରୋଧ କରୁଥିଲା । ଏଇ ପରିସ୍ଥିତିର ମୁକାବିଲା ପାଇଁ ଆଧୁନିକ ଓଡ଼ିଆ କବିତା ପଢ଼ାଉଥିବା କାଳରେ ମୁଁ 'ଇସ୍ତାହାର' ନାମକ ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରୁ ପ୍ରକାଶ କରି (୧୯୭୮) ଏଥିରେ କେବଳ ଆଧୁନିକ କବିତା ଓ ତତ୍ ସଂପର୍କୀୟ ଆଲୋଚନାକୁ ବିଶେଷ ଗୁରୁତ୍ୱ ଦେଲି । ପାଠ୍ୟକ୍ରମରେ ଥିବା ବହୁ ଦୁର୍ବୋଧ କବିତାକୁ ଏହି ପତ୍ରିକା ମାଧ୍ୟମରେ ବୁଝାଇବାକୁ ପ୍ରଯତ୍ନ କରିଥିଲି । ପରେପରେ ମୋର ନିବନ୍ଧଗ୍ରନ୍ଥ 'ସବୁଜରୁ ସାଂପ୍ରତିକ' ନାମରେ ୧୯୭୯ରେ ଆତ୍ମପ୍ରକାଶ କଲା । ଛାତ୍ରମାନେ ବର୍ତ୍ତମାନ କିଛି ପରିମାଣରେ ଦିଶା ପାଇବାରୁ ଅଧିକ ସଂଖ୍ୟାରେ ଓଡ଼ିଆ କବିତା ବିଶେଷପତ୍ର ପାଇଁ ଆଗ୍ରହୀ ହେଲେ । ମନେହୁଏ ୧୯୭୮-୭୯ ମସିହାରେ ସର୍ବମୋଟ ଦଶଜଣ ଛାତ୍ରଛାତ୍ରୀ ଏହି ବିଶେଷ ପତ୍ରପାଇଁ ଆକୃଷ୍ଟ ହୋଇ ଆସିଥିଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଆଜି ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି କିମ୍ବା ସମାଲୋଚକ ଭାବେ

ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି । ସେମାନେ ପ୍ରାୟ ସମସ୍ତେ ଓଡ଼ିଆ ଅଧ୍ୟାପକ, ତେଣୁ ଆଧୁନିକ ଓଡ଼ିଆ କବିତାର ପ୍ରବକ୍ତା ମଧ୍ୟ ।

ଡକ୍ଟର ନଟବର ସାମନ୍ତରାୟଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' (୧୮୦୩-୧୯୨୦) ସତ୍ୟବାଦୀକାଳ ପର୍ଯ୍ୟନ୍ତ ସଂପ୍ରସାରିତ ହୋଇଥିଲେ ବି ସାହିତ୍ୟ ଦୃଷ୍ଟିରୁ ଏହାର ଆଲୋଚନା ଏକାନ୍ତ ଖଣ୍ଡିତ । ତେଣୁ ଇତିହାସ ଓ ସାହିତ୍ୟ ଦୃଷ୍ଟିରୁ ଆମେ ନରେନ୍ଦ୍ର ନାଥଙ୍କ 'ନବଜାଗରଣଯୁଗ' ପର୍ଯ୍ୟନ୍ତ ଦୃଷ୍ଟିପାତ କରିବାକୁ ବାଧ୍ୟ । ତାଙ୍କର ଆଦିଯୁଗ ଇତିହାସକୁ ଅନେକ ସ୍ଥାନରେ ଅବରୋପ୍ୟ କରି ସାହିତ୍ୟିକ ସୃଷ୍ଟିକୁ ପ୍ରତିଭାତ କରିଚି । ତେଣୁ ନଟବାବୁଙ୍କ ପୁସ୍ତକପରି ଏ ପୁସ୍ତକ ଐତିହାସିକ ମର୍ଯ୍ୟାଦା ଦାବି କରି ପାରିବ ନାହିଁ ନିଶ୍ଚୟ, କିନ୍ତୁ ରାଧାନାଥ, ଫକୀରମୋହନ ଓ ମଧୁସୂଦନଙ୍କ କବିତାର ଆଦ୍ୟ ସମୀକ୍ଷକ ଭାବେ ତାଙ୍କ କୃତିତ୍ୱକୁ କେହି ଅସ୍ୱୀକାର କରିପାରିବେକି ?

ନରେନ୍ଦ୍ରନାଥ ଲେଖିଛନ୍ତି ଯୁଗର ଇତିହାସ, ଜୀବନଧାରା, ସମାଜଚିତ୍ର ଧାରଣାରେ ନଥିଲେ କାବ୍ୟର ମର୍ମ ସଂପୂର୍ଣ୍ଣ ରୂପେ ଗ୍ରହଣ କରିବା ସମ୍ଭବ ନୁହେଁ । କାରଣ ବୃହତ୍ତର ଦୃଷ୍ଟିରେ କାବ୍ୟହିଁ ଜୀବନର ବ୍ୟାଖ୍ୟା । ତେଣୁ ଏହି ଆଦିପର୍ବରେ ସମାଜଚିତ୍ର, ଦେଶପ୍ରେମ ବା ଜାତୀୟତା ଓ ଯୁଗର ରୁଚି ବା ଧର୍ମଦର୍ଶନ ନେଇ ତିନୋଟି ଅଧ୍ୟାୟ ସଂଯୋଜିତ ହୋଇଅଛି । ତାଙ୍କ ଚିନ୍ତାଧାରାକୁ ଯେଉଁ ମନୀଷୀମାନେ ଉପାଦାନ ଯୋଗେଇ ପରିପୁଷ୍ଟ କରିଛନ୍ତି ସେମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଦାସ, ଡକ୍ଟର କୁଞ୍ଜବିହାରୀ ଦାଶ ସର୍ବାଗ୍ରେ ଅଧିଷ୍ଠିତ । ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ କବିତାରେ ପ୍ରବର୍ତ୍ତିତ ରୁଚି, ଭାବ, ବ୍ୟକ୍ତି ଓ ବ୍ୟକ୍ତିତ୍ୱକୁ ଗଭୀର ନିରୀକ୍ଷାର ସହିତ ଅନୁସନ୍ଧାନ କରି ନୈର୍ବ୍ୟକ୍ତିକ ନିରପେକ୍ଷ ତନ୍ମୟ ବିଶ୍ଳେଷଣକୁ ସବତ୍ର ଗୁରୁତ୍ୱ ପ୍ରଦାନ କରାଯାଇଛି । ତେଣୁ ତାଙ୍କ ଆଲୋଚନାର ପୃଷ୍ଠଭୂମି ଭାବେ ଊନବିଂଶ ଶତାବ୍ଦୀ ଓଡ଼ିଶାର ସମାଜଜୀବନ, ଗ୍ରାମ୍ୟ ଅର୍ଥନୀତି, ନଅଙ୍କ ଦୁର୍ଭିକ୍ଷରେ ଛିନ୍ନଛତ୍ର ଆର୍ଥନୀତିକ ସ୍ଥିତି ଓ ଇଂରେଜ ଶାସନର ଶୋଷଣ ବିଷୟରେ ଅନେକ ବ୍ୟାଖ୍ୟା ପ୍ରଦାନ କରାଯାଇଛି । ୧୮୬୫-୬୬ ମସିହାର କରାଳ ଦୁର୍ଭିକ୍ଷ ଗ୍ରାସରେ ଓଡ଼ିଶାର ଋରିଭାଗରୁ ଏକଭାଗ ଓଡ଼ିଆ ଖାଦ୍ୟବିନା ପ୍ରାଣ ହରାଇଥିଲେ । କେବଳ ବାଲେଶ୍ୱର ଜିଲାର ମୋଟ ସାତଲକ୍ଷ ବତିଶ ହଜାର ଲୋକଙ୍କ ମଧ୍ୟରୁ ଦୁଇଲକ୍ଷ ସତଋଳିଶ ହଜାର ଏହି କରାଳ ଦୁର୍ଭିକ୍ଷରେ ମରିଥିଲେ ବୋଲି ଉଲ୍ଲେଖ କରିଛନ୍ତି । ଏପରି ସ୍ଥିତିରେ ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ ସାହିତ୍ୟ ବିପନ୍ନ ହେବାକୁ ବାଧ୍ୟ । ଜାତୀୟ

ଜୀବନ ଘୋର ଅଭାବ ଓ ଅନ୍ଧକାର ମଧ୍ୟରେ ଗତି କରୁଥିଲାବେଳେ ନୂତନ ଶିକ୍ଷାର ଆଲୋକ ଅତି ମନ୍ଥର ଗତିରେ ଓଡ଼ିଶାରେ ପ୍ରବେଶ କରୁଥିଲା । ଊନବିଂଶ ଶତାବ୍ଦୀର ଏ ଚିତ୍ର ବିଷୟରେ ଡକ୍ଟର ନଟବର ସାମନ୍ତରାୟ ଯେଉଁପରି ଆୟାସଲବ୍ଧ ପରିସଂଖ୍ୟାନ ଉପସ୍ଥାପନ କରିଛନ୍ତି, ନରେନ୍ଦ୍ରନାଥ ତାଙ୍କର ଏଇ ପ୍ରଥମ ଶୋଧାନିବନ୍ଧ (Thesis)ରେ ତାହା କରି ପାରିନଥିଲେ ମଧ୍ୟ ମୋଟାମୋଟି କିଛିଟା ଚିତ୍ର ପ୍ରଦାନ କରିଛନ୍ତି । ଓଡ଼ିଆ ଜାତି ଇଂରେଜମାନଙ୍କୁ ବିରୋଧ କରୁଥିବାରୁ କଲିକତା, ମାଡ୍ରାସ ଓ ବମ୍ବେର ପ୍ରାୟ ଶହେବର୍ଷ ପରେ ଏଠାରେ ଆଧୁନିକତାର ଆଲୋକ ପ୍ରବେଶ କରି ଥିଲା ବୋଲି ତାଙ୍କର ବିଶ୍ୱାସ । ଅପରନ୍ତୁ ଏହା ଭାରତବାସୀଙ୍କ ମନରୁ ଚିନ୍ତାର ସ୍ୱାଧୀନତା ହରଣ କରି ନେଇଥିଲା ବୋଲି ଫରାସୀ ଲେଖକ ଓ ଚିନ୍ତାନାୟକ ରୋମାଁରୋଲାଁ ଉଲ୍ଲେଖ କରିଛନ୍ତି । ଏହା ଭାରତୀୟ ତରୁଣ ଚିନ୍ତାଧାରାକୁ ପରିବେଶଠାରୁ ବିଚ୍ଛିନ୍ନ କରି ନେଇଥିଲା ଓ ଜାତୀୟ ପ୍ରତିଭାକୁ ଘୃଣା କରିବା ଶିଖାଇଥିଲା ('On Gandhi, Tagore and Ramkrishna') । ନରେନ୍ଦ୍ରନାଥଙ୍କ ମତରେ "ଆଧୁନିକ ଭାବଧାରା" ୟୁରୋପୀୟ ଜନସମାଜ ପରି ଭାରତୀୟ ଜନମସାଜରେ ପ୍ରବଳ ପ୍ରଭାବ ପକାଇ ପାରିନଥିଲା । ଦେଶର ଅନେକ ତ ଅନ୍ଧକାର ମଧ୍ୟରେ ରହିଲେ, (ସେମାନେ ଗ୍ରାମବାସୀ) ଯେଉଁମାନେ ଆଲୋକିତ ବୋଲି ପରିଗଣିତ ହେଉଥିଲେ, ସେମାନେ ଏକପ୍ରକାର ଛାୟାଲୋକ ବା ଆଲୋକ ଅନ୍ଧାରର ଚପଳ ତରଙ୍ଗିତ ବେଳାଭୂମିରେ ହିଁ ରହିବାକୁ ବାଧ୍ୟ ହୋଇଥିଲେ । (ସେମାନେ ସହରବାସୀ) । ଆଧୁନିକ ଚିନ୍ତାର କେନ୍ଦ୍ରଥିଲା ନଗର, ମାତ୍ର ଦେଶରେ ଗ୍ରାମ ତୁଳନାରେ ଏହାର ସଂଖ୍ୟା ଥିଲା ମୁଷ୍ଟିମେୟ । xxxଏହି ଅସଂଗତି ଆମ ଜାତୀୟ ଜୀବନରୁ ଏବେବି ଲୋପ ପାଇନାହିଁ ।" (ପୃ.୬୬) । ତଥାପି ଊନବିଂଶ ଶତାବ୍ଦୀର ଓଡ଼ିଆ କବିମାନେ ପ୍ରାଚୀନ ଭାରତର ଭାବସଂପଦ ଓ ଆଦର୍ଶବାଦ ସହିତ ଆଧୁନିକ ୟୁରୋପର କର୍ମପ୍ରେରଣା ଓ ବାସ୍ତବ ଦୃଷ୍ଟିର ସମନ୍ୱୟ ଘଟାଇ ନବଯୁଗର ଅଭ୍ୟୁଦୟ ମାର୍ଗ ଦେଖାଇ ଯାଇଛନ୍ତି ।

ଏ ପୁସ୍ତକର ତୃତୀୟ ଅଧ୍ୟାୟରେ ଊନବିଂଶ ଶତାବ୍ଦୀର ସମାଜ ସଂପର୍କରେ ଆଲୋକପାତ କରାଯାଇଛି । ଏ ସମୟର ଓଡ଼ିଆ ସମାଜ ବହୁ ବୈଷମ୍ୟରେ ପ୍ରପୀଡ଼ିତ ଥିଲା । କବିମାନେ ଏକ ପ୍ରକାର ଧ୍ୟାନସ୍ତିମିତ କରୁଣ ନେତ୍ରରେ ସମାଜ ଓ ପରିବେଶକୁ ଲକ୍ଷ୍ୟ କରୁଥିଲେ । ଏମାନଙ୍କର ସମାଜର ଦୁଃଖୀଦରିଦ୍ର ମଣିଷପ୍ରତି ସମବେଦନା ହୁଏତ ଥିଲା, କିନ୍ତୁ ସେ ସମବେଦନା ଭାବୁକର, ସମଦୁଃଖୀର ନୁହେଁ । "ଭାବପ୍ରବାହରେ

ସତେ ଯେପରି କବି ଓ ଜନସାଧାରଣଙ୍କ ସ୍ୱତନ୍ତ୍ର ସତ୍ତା ହଜିଯାଏ । ଜନସାଧାରଣଙ୍କ ମଧ୍ୟରେ କବି ନିଜକୁ ଦେଖନ୍ତି । କବିଙ୍କ ଅନ୍ତର୍ଲୋକରେ ଜନସାଧାରଣଙ୍କ ରୂପ ଭାସି ଉଠେ । ଏହି ତନ୍ମୟ-ମଧୁର ଭାବ କବିତାକୁ କରୁଣ ଓ ମଧୁର କରେ । ଆମ ହୃଦୟକୁ ବିଚଳିତ ଓ ମାନସଲୋକକୁ ବିହ୍ୱଳିତ କରିଦିଏ । ମନୁଷ୍ୟର ଦୁର୍ଭାଗ୍ୟ ଓ ଅପକର୍ମ ଜଡ଼ିତ ଆତ୍ମାର ଅଧୋଗତିରେ ସମପ୍ରାଣତା ଓ ଗଭୀର ସମବେଦନାର କରୁଣ ସ୍ୱରରେ ରାଧାନାଥଙ୍କ 'ଦରବାର'ର ପ୍ରତ୍ୟେକ ପଙ୍‌କ୍ତି ଝଙ୍କୃତ" (ପୃ.୭୩) । ରାଧାନାଥଙ୍କ ମତରେ ଯେଉଁମାନେ ଧନ ଓ କ୍ଷମତାର ଅପବ୍ୟବହାର କରନ୍ତି, ସେମାନେ ପ୍ରକୃତରେ ଅମନୁଷ୍ୟ । ଏଇମାନେହିଁ ଜନସାଧାରଣଙ୍କ ଦୁର୍ଦ୍ଦଶାର ମୂଳହେତୁ । ରାଜାମାନଙ୍କୁ (କେତେକଙ୍କୁ ବାଦଦେଇ) ସେ ମୂର୍ଖ ଓ ଦୂରଦୃଷ୍ଟିହୀନ ବୋଲି କହିଛନ୍ତି । କାରଣ ଶାସନର ଗୁରୁଦାୟିତ୍ୱ ନ ବୁଝି ଏମାନେ ବିଳାସରେ ଆକଣ୍ଠ ମଗ୍ନ ଥାନ୍ତି । ତୋଷାମଦକାରୀ ଖଳ ଓ ଖଣ୍ଟ ଲୋକଙ୍କ କଥାରେ ପରିଚାଳିତ ହୁଅନ୍ତି । ସେହିପରି ଅମଲା ବା ସରକାରୀ କର୍ମଚାରୀମାନେ ଥିଲେ ପରମୁଖାପେକ୍ଷୀ, ଅନୁକରଣ ପ୍ରିୟ, ଦାସଭାବାପନ୍ନ ଓ ଅହଂକାରୀ । ଇଂରେଜ ପ୍ରଭୁଙ୍କ ମନସ୍ତୁଷ୍ଟି ପାଇଁ ଏମାନେ ଯେକୌଣସି ଅପକର୍ମ କରିବାକୁ ପଛାଉ ନଥିଲେ । 'ଦରବାର'ରେ ରାଧାନାଥ ସେମାନଙ୍କୁ କମ୍ ବିଦ୍ରୂପ କରିନାହାନ୍ତି । ପୁଣି ନବ୍ୟଶିକ୍ଷିତମାନେ ନିଜ ମାତୃଭାଷାକୁ ଅବହେଳା କରି ଇଂରେଜୀ ଭାଷାର ମାନସିକ ଦାସତ୍ୱ ବରଣ କରି ନେଉଥିଲେ । ଇଂରାଜୀ ଓ ଓଡ଼ିଆ ମିଶା ଏକ ଖେଚୁଡ଼ି ଭାଷାରେ ସେମାନେ କଥାବାର୍ତ୍ତା କରୁଥିଲେ । ନିଜ ଦେଶ ଓ ଜଳବାୟୁ ଉପଯୋଗୀ ପୋଷାକ ନପିନ୍ଧି ବିଦେଶୀ ପୋଷାକ ପିନ୍ଧିବାକୁ ଶ୍ଳାଘ୍ୟ ମଣୁଥିଲେ ।

ସେତେବେଳେ ଓଡ଼ିଶାର ପଲ୍ଲୀଜୀବନ ଏକଦିଗରେ ପୁରୋହିତୀ ଧର୍ମର ବନ୍ଧନ, କୁସଂସ୍କାର ଓ ବ୍ୟଭିଚାର, ଅନ୍ୟଦିଗରେ ଇଂରେଜମାନଙ୍କ ଆର୍ଥିକ ସାମ୍ରାଜ୍ୟବାଦର ଶୋଷଣ ଭିତରେ ହନ୍ତସନ୍ତ ହେଉଥିଲା । ଲୋକେ ଅଭାବରେ ପଡ଼ି ମହାଜନମାନଙ୍କ ପାଖରୁ ଧାନ ଓ ଟଙ୍କା କରଜ ଆଣି ଶୋଷଣ ଯନ୍ତାରେ ଛଟପଟ ହେଉଥିଲେ । ଡକ୍ଟର ମିଶ୍ର ଓଡ଼ିଶାର ତତ୍‌କାଳୀନ ସାମାଜିକ ସ୍ଥିତି ପାଇଁ W.W.Hunterଙ୍କ 'Orissa' ପୁସ୍ତକକୁ ବହୁସ୍ଥାନରେ ଉଦ୍ଧାର କରିଛନ୍ତି ଓ ତା ସହିତ ତିନିମୁଖ୍ୟ କବିଙ୍କ କାବ୍ୟ ପ୍ରତିକ୍ରିୟାର ସ୍ୱର ମଧ୍ୟ ମିଶି ଯାଇଛି । ଫକୀରମୋହନ ଲେଖିଛନ୍ତି "କୃଷକ କଂକାଳସାର, ମଳିନବସନ; ଜୀର୍ଣ୍ଣ ଦରବା ଖଣ୍ଡିକରେ ତାର ଆଣ୍ଠୁ

ଲୁଚେନାହିଁ । ଘରଣୀ ତାର କଙ୍କାଳିନୀ, ଅର୍ଦ୍ଧ ଅନଶନରେ ହୃତଯୌବନା । ଦିନଯାକ ଖରାବର୍ଷା କାଦୁଅ ଚକଟି କାମରେ ଲାଗିଥାଏ ।" ଆମର ଜରାଗ୍ରସ୍ତ ସମାଜ କିପରି ଧର୍ମ ଓ ସମାଜ ନାମରେ ନାରୀମାନଙ୍କୁ ନିର୍ଯାତନା ଦେଉଥିଲେ ତାର ଚମତ୍କାର ଚିତ୍ର ଫକୀରମୋହନଙ୍କ 'ରାମରଥ କଥା' ଓ 'ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ' କବିତାରୁ ମିଳିଥାଏ । ସମାଜର ଶାସ୍ତ୍ରକାରମାନେ ବୁଢ଼ାବରର ବିବାହ ପାଇଁ ଅନୁମୋଦନ ଦେଉଥିଲାବେଳେ ଚନ୍ଦ୍ରପ୍ରଭା ପରି ବାଲ୍ୟବିଧବାକୁ କଠିଣ କଟକଣା ଓ ନିର୍ଯାତନା ମଧ୍ୟରେ ନିର୍ଜଳା ଏକାଦଶୀ ବ୍ରତ ପାଳିବାକୁ ବାଧ କରୁଥିଲେ । ତା'ପାଇଁ ପୁନର୍ବିବାହ ଥିଲା ସେତେବେଳେ ଅପରିକଳ୍ପନୀୟ । କେହିକେହି ବାଲ୍ୟବିଧବା ବାଧହୋଇ ଭ୍ରୂଣହତ୍ୟା କରୁଥିଲେ କିମ୍ବା ବେଶ୍ୟାବୃତ୍ତିକୁ ସମ୍ବଳ ଭାବେ ଅବଲମ୍ବନ କରୁଥିଲେ । ଡକ୍ଟର ମିଶ୍ର ଏସବୁ ପରିସ୍ଥିତି ଓ ତାର ସାହିତ୍ୟିକ ପ୍ରତିକ୍ରିୟାର ଚମତ୍କାର ବ୍ୟାଖ୍ୟା ତାଙ୍କ 'ଆଦିଯୁଗ' ପର୍ଯ୍ୟାୟରେ କରିଛନ୍ତି ଓ ବହୁ ଆବଶ୍ୟକ ପଙ୍କ୍ତି ଓ ସମାଜ ସଂସ୍କାରକଙ୍କ ମତାମତ ଉଲ୍ଲେଖ କରିଛନ୍ତି । ବିଶେଷତଃ ପତିତା ପ୍ରତି ସହାନୁଭୂତି ଜଣାଇ ମଧୁସୂଦନ ରାଓ ତାଙ୍କ 'ପତିତା ରମଣୀ', 'ନରନାରୀ' କବିତାରେ ଯାହା ଲେଖିଛନ୍ତି ସେସବୁ ଉଦ୍ଧାର କରି ନିଜ ମତକୁ ପରିପୁଷ୍ଟ କରିଛନ୍ତି । ସେ ଲେଖିଛନ୍ତି- "ସମାଜରେ ନାରୀ ନିର୍ଯାତନାର ଏହି ବାସ୍ତବଚିତ୍ର ସହିତ ମଧୁସୂଦନଙ୍କ 'ପତିତା ରମଣୀ' କିମ୍ବା ଫକୀରମୋହନଙ୍କ 'ନାରୀ' ପ୍ରଭୃତି କବିତା ପଢ଼ିଲେ ଗଭୀର ବେଦନାବୋଧ ସହିତ ଏଯୁଗର କବିପ୍ରାଣର ନାରୀର ବ୍ୟକ୍ତିତ୍ୱ, ସାମାଜିକ ମର୍ଯ୍ୟାଦା ଲାଗି ସମ୍ମାନବୋଧକୁ ସହଜରେ କଳନା କରିହୁଏ । ପତିତା ରମଣୀର ଦୁଃଖରେ ମଧୁସୂଦନଙ୍କ ହୃଦୟ କାନ୍ଦିବା ସଙ୍ଗେସଙ୍ଗେ ସେ ନାରୀର ଲଲାଟରେ ଦେବୀତ୍ୱ ଓ ସତୀତ୍ୱର ଲାଞ୍ଛନା ଦେଖିଛନ୍ତି (ପୃ.୮୧)" ।

ପୁଣି ଅନ୍ୟାୟ, ଅପମାନ, କନ୍ୟାପ୍ରତି ପାଶବିକତା ବିରୋଧରେ ନାରୀ କେତେ ହିଂସ୍ର ଓ ଭୟଂକର ହୋଇପାରେ ରାଧାନାଥଙ୍କ 'ପାର୍ବତୀ' କାବ୍ୟକୁ ଚର୍ଚ୍ଚାକୁ ନେଇ ଓ ତାଙ୍କ 'ସତୀପ୍ରତି ସତୀଦ୍ରୋହୀ ପତିର ଉକ୍ତି' କବିତାକୁ ଉପଲକ୍ଷ୍ୟ ଦେଇ ସେ ଗୋଟିଏ ଚମତ୍କାର ନାରୀବାଦୀ ଆଭିମୁଖ୍ୟ ଗଠନ କରିଛନ୍ତି ଯାହା ସମକାଳୀନ ସମାଜକୁ ଗଢ଼ିବାପାଇଁ ଏକ ପଦକ୍ଷେପ ହୋଇପାରେ । ନାରୀର ଜୀବନବୃତ୍ତ ସାମାଜିକ ପ୍ରପୀଡ଼ନ ମଧ୍ୟରୁ କିପରି ଉଦ୍ଧାର ପାଇ ନିଜସ୍ୱ ବ୍ୟକ୍ତିତ୍ୱ-ଆଲୋକରେ ହାଲୋଳ ହୋଇ ଉଠିବ ସେଥିପାଇଁ ତିନି ମହାନ କବି ନିଜନିଜ ଚିନ୍ତା ଓ ଚେତନାରେ ମହତ୍ତ୍ୱପୂର୍ଣ୍ଣ

ଉଦ୍ୟମ କରିଛନ୍ତି । (ସେମାନଙ୍କ ଏହି ଦୃଷ୍ଟିଭଙ୍ଗୀକୁ ନରେନ୍ଦ୍ରନାଥ ଏକ ରୂପକ ଦୃଷ୍ଟିରେ ଚମତ୍କାର ଭାବେ ଉପସ୍ଥାପନ କରିଛନ୍ତି । ତାଙ୍କ ମତରେ "ଯଦି ସମୁଦାୟ ଓଡ଼ିଆ ସମାଜକୁ ଏକ ଉଦ୍ୟାନ ଓ ଏହି ତ୍ରୟୀଙ୍କୁ ଏହାର ମାଳାକାର ରୂପେ କଳ୍ପନା କରାଯିବ, ତା'ହେଲେ ଦେଖିବା ସମସ୍ତେ ପରସ୍ପରର ପରିପୂରକ ହୋଇ ଏହି ଉଦ୍ୟାନଟିକୁ ଶୁଦ୍ଧ ଓ ଶୋଭନ ରୂପେ ଗଢ଼ିବାକୁ ଉଦ୍ୟମ କରିଛନ୍ତି । ଫକୀରମୋହନଙ୍କ ଦରଦୀ ରସଦୃଷ୍ଟି କେବଳ ମହୀରୁହରେ ଆବଦ୍ଧ ନାହିଁ । ତାହା ଉଦ୍ୟାନର ସମସ୍ତ ଗୁଳ୍ମଲତାର ସୁଖଦୁଃଖ ବୁଝେ । ଉପଯୁକ୍ତ ସାର ଓ ଆଲୋକ ନପାଇଁ ତାହା ଯଦି ଝାଉଁଳି ପଡ଼େ, ସେଥିରେ ସେ ଅଧୀର ହୁଅନ୍ତି, ତାହାର ଟିକିନିଖି ଖବର ବୁଝନ୍ତି, ଆରୋଗ୍ୟର ଉପାୟ ବତେଇ ଦିଅନ୍ତି । ମଧୁସୂଦନ ସବୁକଥା ଆଧ୍ୟାତ୍ମିକ ଦୃଷ୍ଟିରେ ବିଚାର କରୁଥିଲେ । ଦିବ୍ୟ ଦୃଷ୍ଟିରେ ସେ କେବଳ ଉଦ୍ୟାନର ଶୁଚି ଓ ପବିତ୍ରତା ପାଇଁ ସଦା ଚିନ୍ତିତ ଥିଲେ । ରାଧାନାଥ କିନ୍ତୁ ବଡ଼ବଡ଼ ମହୀରୁଅ ପ୍ରତି ଦୃଷ୍ଟି ରଖିଥିଲେ । ତେଣୁ ଧନୀ ଓ କ୍ଷମତାଶୀଳ ବ୍ୟକ୍ତିମାନଙ୍କ ସାମାଜିକ-ଅସାମଞ୍ଜସ୍ୟ ପ୍ରତି ସେ ବ୍ୟଙ୍ଗ କରିଥଲେ (ଆଗରୁ ସେ ବିଷୟ କୁହାଯାଇଛି) । ଏହି ତିନି ମାଳାକାରଙ୍କ ଯତ୍ନରେ ଓଡ଼ିଆ ସମାଜକୁ ଶୁଦ୍ଧ ଓ ଶୋଭନ କରି ଗଢ଼ିବାକୁ ଦେଶୀୟ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିଲା । ଏମାନେ ଥିଲେ ଯୁଗର ଆଦର୍ଶ, ସମାଜ ସଂସ୍କାରକ ନେତା (ପୃ.୮୪) ଏପରି ଏକ ସୁନ୍ଦର ଅଭିବ୍ୟକ୍ତି ଆଗରୁ କେଉଁ ସମାଲୋଚକ ପ୍ରକାଶ କରିଥିଲେ ବା ପରେ କରିଛନ୍ତି ବୋଲି ମୋ ଦୃଷ୍ଟିକୁ ଆସିନାହିଁ । ଏଥିପାଇଁ ସମାଲୋଚକ ଡକ୍ଟର ମିଶ୍ର ଶ୍ଳାଘ୍ୟ ବିବେଚିତ ହେବେ ।)

ଊନବିଂଶ ଶତାବ୍ଦୀର ଆଧୁନିକ କବିତାରେ ଜାତୀୟତା ଓ ସ୍ୱଦେଶପ୍ରେମ ଖୋଜିବାକୁ ଚେଷ୍ଟାକରି ଡକ୍ଟର ମିଶ୍ର ପାଞ୍ଚଶହବର୍ଷର ପୁରାତନ ଓଡ଼ିଆ କବିତାରେ ତାର ଯେଉଁ ଆଦ୍ୟ ସଂଚାର ହୋଇଥିଲା ନୀଳକଣ୍ଠ ଦାସଙ୍କ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ରୁ ଏକ ଉଦ୍ଧୃତି ପ୍ରଦାନ କରିଛନ୍ତି । "ସାରଳାଦାସଙ୍କ ରାଷ୍ଟ୍ରପ୍ରୀତି ଓ ଦେଶାତ୍ମବୋଧ ମଧ୍ୟ ଦେଖିବାର କଥା । ଓଡ଼ରାଷ୍ଟ୍ରହିଁ ତାଙ୍କର ଉପାସ୍ୟ, ତାଙ୍କର ସବୁ । ଏଇ ଭୂମିରେ ପୁଣି ସବୁ ଦେବତା; ଏଇ ଭୂମିରେ ସବୁ ତୀର୍ଥ । ଏଇଭୂମିରେ ଗ୍ରାମ, ବଣ, ଏପରିକି ମାଟି ବାଲି ପର୍ଯ୍ୟନ୍ତ ତାଙ୍କ ପାଖେ ପବିତ୍ର ଓ ସ୍ମରଣୀୟ । ଏହି ଯୁଗରେ କ୍ଷେତ୍ର ମହିମା ବର୍ଣ୍ଣନା ହିଁ ଜାତି ଓ ଦେଶପ୍ରେମର ଶ୍ରେଷ୍ଠ ସଂକେତ ଥିଲା । କାରଣ ଏଇ ଦେଶପ୍ରୀତିରେ ଦେବଦେବୀ, ପ୍ରାଚୀନ ଧର୍ମଧାରଣାର ପ୍ରଭାବ ଅପ୍ରତିହତ

ଥିଲା । ସଂସାରରେ ମନୁଷ୍ୟର ପ୍ରାଣ ଧାରଣ ଲାଗି ଏହାଫଳରେ ଏକ ବିଶ୍ୱାସସମ୍ଭୂତ ବିଶ୍ୱ ରଚନା ସମ୍ଭବ ହୋଇଥିଲା । ସାହିତ୍ୟରେ ଏହି ଭାବର ପ୍ରଭାବ ଏକ ଭାଷାଭାଷୀ ଜନଗୋଷ୍ଠୀଙ୍କୁ ଏକ ନିର୍ଦ୍ଦିଷ୍ଟ ଭୂମିଖଣ୍ଡ ପ୍ରତି ଆକୃଷ୍ଟ କରି ରଖୁଥିଲା । ଅଷ୍ଟାଦଶ ଶତାବ୍ଦୀର କବି ବ୍ରଜନାଥ ବଡ଼ଯେନାଙ୍କ ବର୍ଣ୍ଣନାରେ ମିଳେ ଓଡ଼ିଆ ସେନାଙ୍କ କୃତିତ୍ୱରେ ଅତୁଳନୀୟ ଗୌରବବୋଧ । ତଥାପି ପାଶ୍ଚାତ୍ୟ ସଂପର୍କ ପୂର୍ବରୁ ଏହି ଜାତୀୟତା ଓ ଦେଶପ୍ରୀତି ଏତେ ଗଭୀର ଭାବେ ପ୍ରକଟିତ ହୋଇ ନଥିଲା ବୋଲି ଡକ୍ଟର ମିଶ୍ର ମତବ୍ୟକ୍ତ କରିଛନ୍ତି । "କାରଣ ଆଧୁନିକ ଯୁଗର ଯେଉଁ ଜାତୀୟତା, ଭୂଗୋଳ ଓ ଇତିହାସ ଚେତନା ତଥା ଆର୍ଥିକ ସଂଘର୍ଷମୟ ଜୀବନ ଉପରେ ପ୍ରତିଷ୍ଠିତ ତାହାର ଚରିତ୍ର ଭାଗ୍ୟ ଓ ଭଗବାନ ବିଶ୍ୱାସୀ ଆଧୁନିକ ଜ୍ଞାନ ବିଜ୍ଞାନ ପରଂପରାରୁ ବହୁଦୂରରେ ଥିବା ମଧ୍ୟଯୁଗୀୟ ସମାଜଠାରୁ ଆଶା କରିବା ଅସମ୍ଭବ ।" (ପୃ.୮୯) ତଥାପି ସିପାହୀ ବିଦ୍ରୋହ (୧୮୫୭) ପରେ ଭାରତରେ ଇଂରେଜ ସାମ୍ରାଜ୍ୟ ପ୍ରତିଷ୍ଠା ଦୃଢ଼ମୂଳ ହେବା ଦେଖି ଏକ ହିନ୍ଦୁଧର୍ମଭିତ୍ତିକ ଜାତୀୟ ଜାଗରଣ ପାଇଁ ଉନବିଂଶ ଶତାବ୍ଦୀର ଉତ୍ତର ଭାଗରେ ଦେଶବ୍ୟାପୀ ଉଦ୍ୟମ ହୋଇଥିଲା । ଏହି ଉଦ୍ୟମର ନେତୃତ୍ୱ ନେଇଥିଲେ ରାଜା ରାମମୋହନରାୟ, ଆର୍ଯ୍ୟ ସମାଜ ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଓ ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ ସ୍ୱାମୀ ବିବେକାନନ୍ଦ । ଏଇମାନଙ୍କ ଚିନ୍ତାଧାରା ହିଁ ଭାରତୀୟ ଜାତୀୟତା ଓ ସଂସ୍କୃତିକୁ ଏକ ବୈଦିକ ଭିତ୍ତିଭୂମିରେ ନୂତନ ଭାବେ ପ୍ରତିଷ୍ଠା କରି ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସଂପନ୍ନତାକୁ ଆବୋରି ନେଇଥିଲା । ଦୀର୍ଘଦିନ ଧରି ମୋଗଲମାନେ ଶାସନ କାଳରେ ଭାରତରେ ପ୍ରଚଳିତ କରିଥିବା ଇସ୍‌ଲାମ୍ ଧର୍ମ ନିଜର ରକ୍ଷଣଶୀଳତା ଯୋଗୁ ହିନ୍ଦୁଧର୍ମର ଏଇ ସାଂସ୍କୃତିକ ପୁନର୍ଜାଗରଣ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ପାରିନଥିଲା । ହିନ୍ଦୁଭାବ ପ୍ରଭାବିତ ଜାତୀୟତା କିପରି ଓଡ଼ିଆ କବିତାରେ ପ୍ରତିଫଳିତ ହୋଇଥିଲା ତାହା ରାଧାନାଥଙ୍କ 'ଶିବାଜୀଙ୍କ ଉତ୍ସାହବାଣୀ' ଓ 'ମହାଯାତ୍ରା' ପାଠକଲେ ଜଣାଯାଏ । ଫକୀରମୋହନ ଓ ମଧୁସୂଦନ ଅତୀତର ଗୌରବ ଗାନକରି ଯେଉଁ ଉଦ୍‌ବୋଧନଶୀଳ କବିତା ସବୁ ଲେଖିଛନ୍ତି, ତାହା ଏହି ଦୃଷ୍ଟିରୁ ହିନ୍ଦୁଭାବ ଭାବିତ ବୋଲି ଡକ୍ଟର ମିଶ୍ର ମତ ପ୍ରଦାନ କରିଛନ୍ତି (ପୃ.୯୧) । ସେତିବେଳେ ହିନ୍ଦୁମାନଙ୍କ ମଧ୍ୟରେ ଏକତା ଓ ଆତ୍ମଶକ୍ତିରେ ଭରସା ଜାଗ୍ରତ ହୋଇନଥିବାରୁ ପ୍ରଥମେ ମୋଗଲମାନେ ଓ ପରେ ଇଂରେଜମାନେ ଏ ଜାତିର ସାଂସ୍କୃତିକ ବିପର୍ଯ୍ୟୟ ପାଇଁ ନାନା କ୍ଷେତ୍ର ପ୍ରସ୍ତୁତ କରି ବସିଥିଲେ । "ଏଇ ମୃତକଳ୍ପ

ଜାତି ନିଜ ଦେଶର ବିଭବ ଭୋଗ କରିବାକୁ ସମର୍ଥ ହୋଇ ନଥିଲା । ଫୁଲର ମହୁ କୀଟ ଭୋଗ ନ କରି ଦୂରାଗତ ଭ୍ରମର ଭୋଗ କଲାପରି ଭାରତବର୍ଷର ସାର ସଂପଦ ବିଜେତା ମୁସଲମାନଙ୍କ ଭୋଗରେ ଓ ପରେ ଇଂରେଜମାନଙ୍କ ଭୋଗରେ ଆସିଲା । ତେଣୁ ରାଧାନାଥ ଅନନୁକରଣୀୟ ଭାଷାରେ ଲେଖିଥିଲେ-

ତରୁରେ କୁସୁମ ସାର, କୁସୁମେ ତା ମଧୁ
ସେ ମଧୁ ନ ଲଭେ ଯଥା ସେ ପୁଷ୍ପର କୀଟ
ସେହି ରୂପେ ଆର୍ଯ୍ୟେ ହେଲେ ବଞ୍ଚିତ ସ୍ୱଦେଶେ
ଦୂରୁ ଆସି ମଧୁଲିଟେ ଲୁଣ୍ଠନ୍ତି ଆହ୍ଲାଦେ
ସେ ମଧୁ ଯେସନେ, ଏହି ଧାରା ସାରଭୂତ
ଭାରତର ସାର ଯାହା ଆସିବ ସେ ସବୁ
ଯବନର ଉପଭୋଗେ ଆର୍ଯ୍ୟ କର୍ମ ଫଳେ ।"

(ମହାଯାତ୍ରା)

✓ ଡକ୍ଟର ମିଶ୍ର ଏହି ସ୍ଥିତିକୁ ଉପଲକ୍ଷ୍ୟ କରି ତାଙ୍କ 'ଆଧୁନିକ ଓଡ଼ିଆ କାବ୍ୟଧାରାର ଆଦିଯୁଗ' ଗ୍ରନ୍ଥରେ ଯଥାର୍ଥରେ ସମୀକ୍ଷାତ୍ମକ ଦୃଷ୍ଟିଭଙ୍ଗୀ ପ୍ରକାଶ କରିଛନ୍ତି ଓ ଲେଖିଛନ୍ତି- "ଆଧୁନିକ କବିତାରେ ଇତିହାସ ପ୍ରୀତି ଏକପ୍ରକାର ସ୍ୱୈରଚାରୀ ଭାବକଳ୍ପର ପ୍ରତୀକ । ଅତୀତକୁ ବହୁମାନ ଦେବାର ପ୍ରବଣତା ଏହାର ପ୍ରତିଛତ୍ରରେ ଫୁଟି ପଡୁଥିଲେ ବି କୌଣସି ଏକ ଜାତୀୟ ଅତୀତ ପରଂପରାକୁ ଫେରିଯିବା ଏହାର ଲକ୍ଷ୍ୟ ନୁହେଁ । କାରଣ କାଳଚେତନା ଓ ପରିବର୍ତ୍ତିତ ଯୁଗରୁଚି ସବୁବେଳେ ଏପରି ପଛକୁ ଫେରିବା ମନୋବୃତ୍ତିରେ ବାଧାଦିଏ । ମାତ୍ର ଯେତେବେଳେ କବି ଅତୀତକୁ ଜୀବନ୍ୟାସ ଦେବାକୁ ସ୍ୱପ୍ନ ଦେଖନ୍ତି ସେତେବେଳେ କେବଳ ଅତୀତରେ ନିହିତ ଜାତୀୟ ଚରିତ୍ର ବା ଗୁଣାବଳୀ ତାଙ୍କ ମନରେ ନଥାଏ, ଅତୀତର ଆଦର୍ଶ, ନୈତିକ ମହତ୍ତ୍ୱହିଁ ତାଙ୍କୁ ଅତୀତ ପ୍ରତି ଆକୃଷ୍ଟ କରିଥାଏ । ପ୍ରାଣର ଯାହା ଶ୍ରେୟ ଓ ସ୍ୱାଦ୍ୟ ତାକୁ ଫେରି ପାଇବାପାଇଁ ବର୍ତ୍ତମାନର ବିଷଣ୍ଣ କବି ଅତୀତକୁ ନିଜର ମୁକ୍ତକଳ୍ପନାରେ ଆବିଷ୍କାର କରନ୍ତି । ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ଏଇ ଆବିଷ୍କାର ଏକାନ୍ତ ଦରଦୀ ଜାତୀୟବାଦୀ ଦୃଷ୍ଟିରେ ହୋଇଅଛି, ଅତୀତର କଳଙ୍କ କାଳିମା ନୁହେଁ, ଗୌରବ ଗାରିମାହିଁ ଏମାନଙ୍କ ଦୃଷ୍ଟିରେ ଅଧିକ ବିଶଦ ଭାବରେ ଧରାଦେଇଅଛି । ବର୍ତ୍ତମାନର ଜାତୀୟ ଚରିତ୍ରରେ ଥିବା କଳଙ୍କ, ଅସାରତା ଓ ଦୁର୍ଗତିର ଚିତ୍ର ତୁଳନାରେ ଏମାନେ ଅତୀତକୁ ଭବିଷ୍ୟତର ପ୍ରତୀତି ରୂପେ ଦେଖିଛନ୍ତି । ରାଧାନାଥଙ୍କ ବର୍ଣ୍ଣନାରେ

ଗରୀୟାନ ଅତୀତ ଯେପରିକି ପ୍ରତି ମୁହୂର୍ତ୍ତରେ ଦୁଃସ୍ଥ ବର୍ତ୍ତମାନକୁ ଉପହାସ କରୁଛି । 'ଦରବାର' ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ (ପୃ.୯୩) । ରାଧାନାଥଙ୍କ 'ଉଷା', 'ନନ୍ଦକେଶ୍ୱରୀ' ଭଳି କାବ୍ୟ ପାଠକଲେ ମନେହୁଏ କବି ସମଗ୍ର ଉତ୍କଳକୁ ଅସଂଖ୍ୟ ନଗର, କ୍ଷାତ୍ରଧର୍ମରେ ପ୍ରମତ୍ତ ରାଜା, ଯୋଦ୍ଧା ଓ ଧର୍ମବୀରଙ୍କ ରଙ୍ଗସ୍ଥଳୀ ଭାବେ କଳ୍ପନା କରିଅଛନ୍ତି । ଏ କଳ୍ପନା ସତ୍ୟାଶ୍ରୟୀ ନହେଲେବି ଶୋଭନ । ସମସାମୟିକ ସମାଜର ଦୁଃସ୍ଥ ଚିତ୍ର ସହିତ ଅତୀତର ଏଇ ଚିତ୍ରକୁ ତୁଳନା କରି ଦେଖିଲେ ଜାତୀୟ ଅଧଃପତନରେ ବିଚଳିତ ବିକ୍ଷୁବ୍ଧ ଚିତ୍ତକୁ ଯଥେଷ୍ଟ ସାନ୍ତ୍ୱନା ଓ ସନ୍ତୋଷ ମିଳିଥାଏ । ତ୍ୟାଗ, ବୀରତ୍ୱ ଓ ପ୍ରବଳ ଜୀବଧର୍ମରେ ଯେଉଁ ଜାତିର ଅତୀତ ଏଡ଼େ ମହାନ ଓ ଉଦାର ତା'ର ଭବିଷ୍ୟତ ଯେ ଉଜ୍ଜ୍ୱଳ ହେବ-ଏ ବିଶ୍ୱାସ ମନରେ ଦୃଢ଼ ହୁଏ । ଏଇ ଅତୀତ-ପ୍ରୀତି ଓ ଅତୀତ-ଦୃଷ୍ଟି ରାଧାନାଥଙ୍କ ଭାବନାର ନିତ୍ୟ ସହଚର ଥିଲା । 'ମହେନ୍ଦ୍ରଗିରି' କବିତାରେ କବି ଲେଖିଥିଲେ-

ଅତୀତର ଲୀଳା-ଖେଳା ଦେଖି ରଙ୍ଗେ
ଏକୀଭୂତ ହୋଇଯାଏ ତହିଁ ସଙ୍ଗେ,
ବୀର, ଯୋଗୀ, ଋଷି ଆଦି ମହାଜନ
ସଙ୍ଗେ କଳ୍ପନାରେ କରେ ସମ୍ଭାଷଣ,
ଅତୀତର ଧ୍ୟାନେ ହୋଇ ଏକତାନ
ଅତୀତକୁ ମଣେ ଯେହ୍ନେ ବର୍ତ୍ତମାନ ।

ଡକ୍ଟର ମିଶ୍ରଙ୍କ ଚୟନ ଓ ଆନାଲିସିସ୍ ଏ ଗ୍ରନ୍ଥରେ ଚମତ୍କାର ରୂପ ପରିଗ୍ରହ କରିଛି- ଏକଥା କହିବାରେ ମୋର ଦ୍ୱିଧା ନାହିଁ ।

ମଧୁସୂଦନଙ୍କ 'ଭାରତ ଭାବନା' କବିତାରେ ଏହି ଅତୀତ ଆମୁଖ ଶ୍ଳାଘ୍ୟ ଦୃଷ୍ଟିଭଙ୍ଗୀର ସୂଚନା ମିଳେ । ଭାରତର ଅତୀତକୁ ଆବିଷ୍କାର କରିବାକୁ ଏକ ଚକିତ କୌତୂହଳ ଦୃଷ୍ଟି ଘେନି ସେ ଅଗ୍ରସର ହୋଇଛନ୍ତି । କିନ୍ତୁ ବର୍ତ୍ତମାନର ଦୈନ୍ୟ ଦୁଃସ୍ଥିତିର ସତ୍ୟତା ତୁଳନାରେ ଅତୀତକୁ ଏତେ ଗୌରବାନ୍ୱିତ କରି ନାହାନ୍ତି । ବରଂ ତାଙ୍କ ଦୃଷ୍ଟିକୋଣରେ ସଂଶୟ ଠୁଳୀଭୂତ ହୋଇଥିବା ଦେଖିବାକୁ ମିଳେ ।

"ଏହିକି ସେ ପୁଣ୍ୟଭୂମି ଭୁବନବିଦିତ
ସୁବିସ୍ତୀର୍ଣ୍ଣ ରଙ୍ଗଭୂମି ଆର୍ଯ୍ୟ ଗୌରବର
xxx ଏହିକି ସେ ବସୁଧାର ସମୁଜ୍ଜ୍ୱଳ ମଣି
ଏହିକି ଅମୃତମୟ ସନ୍ତାନ ଜନନୀ ?

ତଥାପି ରାଧାନାଥଙ୍କ ପରି ମଧୁସୂଦନ ମଧ୍ୟ ମୁନିଋଷି ଅଧ୍ୟୁଷିତ ପ୍ରାଚୀନ ଭାରତର ଯଶଗାନ କରି ଋଷିକୁମାରୀମାନଙ୍କ ପୁଣ୍ୟମୟ ପବିତ୍ର ଦୟାଶୀଳ ସରଳତାର ଚିତ୍ର ପ୍ରଦାନ କରିଛନ୍ତି । କିନ୍ତୁ ତାଙ୍କ 'ଉତ୍କଳଗାଥା' ଉତ୍କଳୀୟ ଜାତୀୟତାର ପ୍ରତୀକତା କରେ । ସମଗ୍ର ଭାରତବର୍ଷରେ ଉତ୍କଳର ସଂସ୍କୃତି ଓ ଇତିହାସ ଯେଉଁ ସ୍ୱତନ୍ତ୍ର ଗୌରବମୟ ଆସନ ଦାବିକରେ ତାରି ଶଙ୍ଖ ଏ କବିତାଗୁଡ଼ିକ ପ୍ରକଟ କରନ୍ତି । ତେଣୁ ଅଶୋକ, ଶଙ୍କର ଓ ଚୈତନ୍ୟ ସମସ୍ତେ ଏ ଭୂମିକୁ ଆରାଧନା କରିଛନ୍ତି । ଏଠାରେ ସେମାନଙ୍କ ପ୍ରଚାରିତ ଶଙ୍ଖ ପ୍ରତିଷ୍ଠା କରିଛନ୍ତି । ଡକ୍ଟର ମିଶ୍ର କହନ୍ତି- "ମଧୁସୂଦନ ଅତୀତର ସ୍ତବ କରିଛନ୍ତି ସତ, ମାତ୍ର ଅହେତୁକ ମୋହରେ ତାଙ୍କର ଦୃଷ୍ଟି ଆଚ୍ଛନ୍ନ ହୋଇନାହିଁ । କାଳଚେତନା ତାଙ୍କୁ ପରିପ୍ରେକ୍ଷାରେ ପୁରୋଦୃଷ୍ଟିର ଅଧିକାରୀ କରେଇଛି । ନୂତନ ଭବିଷ୍ୟତ ଗଠନ ପାଇଁ ପୁରାତନର ଯାହା ଗଠନାତ୍ମକ ଭୂମିକା ତାହା ତାଙ୍କ ଦୃଷ୍ଟିରେ ସୁନ୍ଦର ଧରା ଦେଇଛି । xxx ଦୁଃସ୍ଥ ଜାତି ଆତ୍ମଚୈତନ୍ୟରେ ଭାଙ୍ଗି ପଡ଼ିଲାବେଳେ ଏହା ଆତ୍ମପ୍ରତିଷ୍ଠ ହେବାକୁ ଶକ୍ତି ଦିଏ ।" ମଧୁସୂଦନଙ୍କ 'ନବଯୁଗର ଆହ୍ୱାନ', 'ଏକାମ୍ର କାନନ' କବିତା ଦୁଇଟିରୁ ସେ କିଛି ଉଦାହରଣ ଦେଇ ତାଙ୍କ ଯୁକ୍ତିକୁ ସାବ୍ୟସ୍ତ କରିଛନ୍ତି ।

ସେହିପରି ଫକୀରମୋହନଙ୍କ କବିତାରେ ଜନ୍ମଭୂମି ପ୍ରତି ଗଢ଼ି ଉଠିଥିବା ଆକର୍ଷଣକୁ ସେ ଅନୁସନ୍ଧାନ କରିଛନ୍ତି । ଓଡ଼ିଶାର ଭୌଗୋଳିକ ଓ ରାଜନୀତିକ ଏକତ୍ୱ ନଥିବାରୁ ଫକୀରମୋହନ ଯେଉଁ କ୍ଷୋଭ ପ୍ରକାଶ କରିଥିଲେ, ତାହା ନିମ୍ନ ପଙ୍କ୍ତିମାନଙ୍କରେ ଚମତ୍କାର ଭାବେ ଆତ୍ମପ୍ରକାଶ କରିଛି ।

"ମାତ୍ର ଆହା ଏହି ଦେଶ ହୋଇ ଖଣ୍ଡଖଣ୍ଡ
ସକଳ ସୌନ୍ଦର୍ଯ୍ୟ ହୋଇଅଛି ଲଣ୍ଡଭଣ୍ଡ ।
ଦକ୍ଷିଣଟା କମାମାନେ ବସିଛନ୍ତି ମାଡ଼ି
ଉତ୍ତରଟା ହେଲାଣିତ ବଙ୍ଗାଳୀଙ୍କ ବାଡ଼ି ।
ପଶ୍ଚିମଦିଗର କଥା କହିଲେ ନ ସରେ
ପଡ଼ିଲାଣି ସେଟା ମରହଟ୍ଟାଙ୍କ ଭାଗରେ ।"

ଏହାହିଁ ସେତେବେଳର ଓଡ଼ିଶାର ପ୍ରକୃତ ଅବସ୍ଥା । ତେଣୁ ଜାତିପ୍ରେମୀମାନେ ଉତ୍କଳଗୌରବ ମଧୁସୂଦନଙ୍କ ନେତୃତ୍ୱରେ ପରେପରେ ଏଇ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସଂଗ୍ରାମ କରିଥିଲେ । ନିଜେ ମଧୁସୂଦନଙ୍କ ସମେତ

ଊନବିଂଶ ଶତାବ୍ଦୀର ଏଇ ତିନି ମହାକବି ରାଧାନାଥ, ଫକୀରମୋହନ ଓ ମଧୁସୂଦନ ଯୋଗାଇଥିଲେ ଭାଷା ପାଇଁ ଆବେଗିକ ଉପାଦାନ, ଯାହା କବିତା ଆକାରରେ ଓଡ଼ିଆ ଚିତ୍ତ ମାନସରେ ହେଉଥିଲା ନିନାଦିଦ । ଫକୀରମୋହନ ଲେଖିଥିଲେ-

"ପୁରୁଷଶ୍ରୀ ଅଟେ ବୀର୍ଯ୍ୟ, ଜାତିଶିରୀ ଭାଷା
ଯାହା ଘେନି ଜାତି କରେ ଉନ୍ନତି ପିପାସା ।
ଭାଷାହିଁ ଜୀବନୀ, ଶକ୍ତି ଜାତି ମାନଙ୍କର
ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର ।"

ତେଣୁ ଓଡ଼ିଶାରେ ଜାତୀୟତାର ଉନ୍‌ମେଷ ଏଇ ଭାଷାର ଆତ୍ମରକ୍ଷା ଉଦ୍ୟମରୁହିଁ ଆରମ୍ଭ ହୋଇଥିଲା । ଏହାହିଁ ପରେପରେ ଜାତୀୟ ଜାଗରଣ ପାଇଁ ପଥ ପରିଷ୍କାର କରି ଦେଇଥିଲା । ଗୋଟିଏ ଚିଠିରେ ରାଧାନାଥ ଗଙ୍ଗାଧରଙ୍କୁ ଲେଖିଥିଲେ- "ରାଜନୈତିକ କାରଣରୁ ରାଜପୁରୁଷମାନେ ଦେଶୀୟ ସାହିତ୍ୟ ଉନ୍ନତିର ଅନୁକୂଳ ନୁହନ୍ତି । ସାହିତ୍ୟୋନ୍ନତି ଜାତୀୟତା ଓ ସ୍ୱଦେଶ ହିତୈଷିତାର ପରିପୋଷକ, ରାଜପୁରୁଷ ମାନଙ୍କ ପକ୍ଷରେ ଏହା ନିରାପଦ ନୁହେଁ ।" (କବିଲିପି- ପୃ.୮୮) । ନିଜ ଯୁକ୍ତିକୁ ପରିପୁଷ୍ଟ କରିବାପାଇଁ ଡକ୍ଟର ମିଶ୍ର ଯେଉଁ ଯେଉଁ ଉଦ୍ଧୃତି ଓ ଉପାଦାନ ପ୍ରଦାନ କରିଛନ୍ତି, ତାହା ତାଙ୍କ ଗବେଷଣା ମାନସିକତାର ମହତ୍ତ୍ୱପୂର୍ଣ୍ଣ ପରିଚୟ ବହନ କରେ ।

ଯେଉଁମାନେ ଇଂରେଜୀ ଭାଷା ଉପରେ ନିର୍ଭର କରି ଜାତୀୟ ଜୀବନ ଗଢ଼ିବାର ପ୍ରୟାସ କରୁଥିଲେ ସେମାନଙ୍କୁ ଫକୀରମୋହନ ତାଙ୍କର ଗୋଟିଏ ଭାଷଣରେ କହିଥିଲେ- "ପୃଥିବୀର ଇତିହାସ ଆଲୋଚନା କରି ଦେଖନ୍ତୁ, କେହି ଜାତି ପରକୀୟ ଭାଷା ବଳରେ ପ୍ରକୃତ ଉନ୍ନତି ଲାଭ କରିବାକୁ ସକ୍ଷମ ହୋଇନାହିଁ । ଜାତି ମଧ୍ୟରେ ପରକୀୟ ଭାଷାର ପ୍ରଭାବ କିପରି ଜାଣନ୍ତି ? ନଦୀରେ ବଢ଼ିପାଣି ପ୍ରବେଶ ପରି । ବଢ଼ିପାଣି ନଦୀର ଗର୍ଭ, କୂଳ ଓ ନଦୀର ନିଜ ଜଳକୁ ଆନ୍ଦୋଳିତ କରି ଉନ୍ନତଭାବେ ଧାବିତ ହେଉଥାଏ । ମୂଳସ୍ରୋତ ରହିତ ହେଲେ ବଢ଼ିର ଚିହ୍ନ ମାତ୍ର ସ୍ଥାନେସ୍ଥାନେ ସ୍ଥାପନ କରି ନବାଗତ ପାଣି ବହିଯାଏ ।" ଏକଥାର ସତ୍ୟତା ପ୍ରମାଣ କରିବାକୁ ଫକୀରମୋହନ ନିଜ ଜୀବନକାଳରେ ପାର୍ଶିଭାଷାର କିପରି ବିଲୟ ଘଟିଲା ତାହା ଦୃଷ୍ଟାନ୍ତ ଦେଇଥିଲେ । ସେହିପରି ଯେତେବେଳେ ରାଜଭାଷା ଭାବେ ଇଂରେଜୀ ଭାଷାର ପ୍ରଭାବ ଖଣ୍ଡିତ ହେବ, ସ୍ୱଦେଶ ଭାଷା ପରିପୁଷ୍ଟ ନ ହୋଇଥିଲେ କିଏ ତାର ସ୍ଥାନ ପୂରଣ କରିବ ? ତେଣୁ ଜନସାଧାରଣଙ୍କ କଥିତ ଭାଷାରେ ଯଥେଷ୍ଟ ଉନ୍ନତି

ନଘଟିଲେ ସେମାନଙ୍କର ମାନସିକ ବିକାଶ ଘଟିବ ନାହିଁ । ଫକୀରମୋହନ ନିଜର ଗୋଟିଏ କବିତାରେ କହିଥିଲେ- "ଆକାଶର ସୂର୍ଯ୍ୟ ପ୍ରକୃତି ଦେହରେ ଜୀବନୀ ଓ ସର୍ଜନ ଶକ୍ତି ସଂଚାର କଲାଭଳି ଜାତିର ମାନସରେ ଜାତୀୟ ଭାଷା ସର୍ଜନଶକ୍ତି ସଂଚାର କରେ । ଏହାହିଁ ଜାତୀୟ ଉନ୍ନତିର ମୂଳ ଉପାଦାନ ।"

ତଥାପି ଊନବିଂଶ ଶତାବ୍ଦୀର ସାନବଡ଼ ଅନେକ କବି ବ୍ରିଟିଶ୍ ଶାସନ ପ୍ରତିଷ୍ଠା ଦ୍ୱାରା ଭାରତରେ ଏକ ନବଯୁଗର ଆବିର୍ଭାବ ଘଟିଛି ବୋଲି ଭାବୁଥିଲେ । ସେମାନେ ନବୀନ ସଭ୍ୟତାର ବାର୍ତ୍ତାବହ ବା ବୈତାଳିକ ବୋଲି ସେମାନେ ଭାବୁଥିଲେ । ଜ୍ଞାନ ବିଜ୍ଞାନ ଚର୍ଚ୍ଚାରେ ଇଂରେଜୀ ଶାସନ ଜାତୀୟ ମାନସକୁ ପରିପୁଷ୍ଟ କରୁଛି ବୋଲି ଶ୍ଳାଘ୍ୟ ମଣୁଥିଲେ । ଜାତୀୟ ଜୀବନରେ ଏହି ଶାସନ ଏକ ନୂତନ ଶକ୍ତିର ପ୍ରତୀକ ଭାବେ ବିବେଚିତ ହେଉଥିଲା । ନିଜେ ରବୀନ୍ଦ୍ରନାଥ ତାଙ୍କ ପରିଣତ ବୟସରେ ଲେଖିଥିଲେ- "ଆମେ ସ୍ୱଜାତିର ସ୍ୱାଧୀନତା ସାଧନା ଆରମ୍ଭ କରିଥିଲୁ, କିନ୍ତୁ ପ୍ରତି ହୃଦୟରେ ଥିଲା ଇଂରେଜ ଜାତିର ଉଦାରତା ପ୍ରତି ବିଶ୍ୱାସ । xxx ଯେଉଁମାନେ ନିଜ ଜାତିର ଆତ୍ମସମ୍ମାନ ପାଇଁ ପ୍ରାଣପଣ କରି ଲଢୁଥିଲେ, ସେମାନଙ୍କ ପାଇଁ ଅକୁଣ୍ଠିତ ଶାସନ ଥିଲା ଇଂଲଣ୍ଡରେ । ମାନବ ମୈତ୍ରୀର ବିଶୁଦ୍ଧ ପରିଚୟ ଇଂରେଜଙ୍କ ଚରିତ୍ରରେ ଦେଖିଥିଲୁ । ସେଥିପାଇଁ ଆନ୍ତରିକ ଶ୍ରଦ୍ଧା ଘେନି ସେମାନଙ୍କୁ ହୃଦୟର ଉଚ୍ଚ ଆସନରେ ବସାଇଥିଲୁ । ସେତେବେଳେ ସାମ୍ରାଜ୍ୟ-ମଦମତ୍ତତାରେ ସେମାନଙ୍କ ସ୍ୱଭାବର ଦାକ୍ଷିଣ୍ୟ କଳୁଷିତ ହୋଇ ନଥିଲା ('କାଲାନ୍ତର'-ପୃ.୩୮୨) । ଏହିପରି ଭାରତୀୟ ବିଜ୍ଞ ମତ ଦୁଇଭାଗରେ ପ୍ରାୟ ବିଭକ୍ତ ହୋଇ ପଡ଼ିଥିଲା । ବୈଜ୍ଞାନିକ ଓ ବୈଷୟିକ ପ୍ରଗତି ଦେଖି ଅନେକେ ଇଂରେଜ ଶାସନକୁ ଶ୍ରଦ୍ଧା ଦୃଷ୍ଟିରେ ଦେଖୁଥିଲେ । କିନ୍ତୁ ୧୯୦୪-୦୫ରେ ଗୋଟିଏ ଛୋଟ ଦେଶ ଜାପାନ ଏସିଆ ମହାଦେଶର ବିରାଟ ଦେଶ ରୁଷିଆ ବିରୋଧରେ ନିଜ ବୈଷୟିକ ଜ୍ଞାନ କୌଶଳରେ ଲଢ଼ି ତାକୁ ନିଜଶକ୍ତିରେ ପରାସ୍ତ କରିଥିବାରୁ ଭାରତୀୟ ବୁଦ୍ଧିଜୀବୀ ଓ ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀ ଏହାଦ୍ୱାରା ଖୁବ୍ ପ୍ରଭାବିତ ହୋଇଥିଲେ । ସେମାନଙ୍କ ମନରେ ଆତ୍ମବିଶ୍ୱାସ ଜନ୍ମ ନେଲା । ଜାପାନର ଏହି ବିଜୟ ଏସିଆକୁ ଜାଗ୍ରତ କଲା । ଭାରତୀୟମାନଙ୍କ ମଧ୍ୟରେ ଥିବା ଗୌଣଭାବ କମି ଜାତୀୟତାବାଦୀ ଭାବନାର ପ୍ରସାର ହେବାରେ ଲାଗିଲା- ଏକଥା ନିଜ ରଚିତ ବିଶ୍ୱ ଇତିହାସରେ ପଣ୍ଡିତ ଜବାହରଲାଲ ନେହେରୁ ସ୍ୱୀକାର କରିଛନ୍ତି ବୋଲି ଡକ୍ଟର ମିଶ୍ର ଉଦ୍ଧୃତି ପ୍ରଦାନ କରିଛନ୍ତି । ଏ ଆଲୋଚନା ନିଶ୍ଚୟ ଖୁବ୍ ଉପଯୋଗୀ ଓ ଆନୁପାତିକ-

ଏଥିରେ ସନ୍ଦେହ ନାହିଁ । ଫକୀରମୋହନଙ୍କ ପରି ଦେଶପ୍ରେମୀଙ୍କୁ ଏ ଭାବନା ଗଭୀରଭାବେ ସ୍ପର୍ଶ କରିଥିଲା । ତେଣୁ ରୁଷ-ଜାପାନ ଯୁଦ୍ଧ ପାଇଁ ଫକୀରମୋହନ ରୁଷକୁ ଦୋଷୀ ସାବ୍ୟସ୍ତ କରି କବିତାଟିଏ ଲେଖିଛନ୍ତି ଓ ଜାପାନକୁ 'ପୂର୍ବ ଅଞ୍ଚଳର ଇଂଲଣ୍ଡ' ବୋଲି ବନ୍ଦନା କରିଛନ୍ତି । ଜାପାନ ଦେଶବାସୀଙ୍କ ଶକ୍ତି, ସାହସ, ଦେଶାନୁରାଗ ଓ ଜାତୀୟତାବୋଧକୁ ଶତମୁଖରେ ପ୍ରଶଂସା କରିଛନ୍ତି । ତେଣୁ ଭାରତକୁ ଗୁରୁ ଭାବେ ଦେଶପ୍ରେମ ଶିକ୍ଷା ଦେବାକୁ ସେ ଜାପାନଠାରେ ନିବେଦନ ବାଢ଼ିଛନ୍ତି-

"ହେ ଜାପାନ; ଦେଶପ୍ରେମ ଦିଅ ଶିକ୍ଷା ଦାନ
ନଭୁଲ ଭାରତବର୍ଷ ବୁଦ୍ଧ ଜନ୍ମସ୍ଥାନ ।"

ଡକ୍ଟର ମିଶ୍ର ତାଙ୍କ ନିଜସ୍ୱ ପରିମିତ ଆକଳନ ପ୍ରଦାନ କରି କହିଛନ୍ତି- "ରାଧାନାଥ, ଫକୀରମୋହନ ଓ ମଧୁସୂଦନଙ୍କ କାବ୍ୟ ଜଗତରେ ଆମେ ଯେଉଁ ଜାତୀୟ ଜାଗରଣ ଚେତନା ଦେଖୁ ତାହା ସମକାଳୀନ ଶାସନ ବା ପାରଂପାରିକ ସାମାଜିକ ବିଧି ବ୍ୟବସ୍ଥା ବିରୁଦ୍ଧରେ ଏକ ବୈପ୍ଳବିକ ଭୂମିକା ଉପରେ ପ୍ରତିଷ୍ଠିତ ନୁହେଁ, ଏକ ପୁନରୁତ୍‌ଥାନବାଦୀ ଭୂମିକା ଉପରେ ପ୍ରତିଷ୍ଠିତ । ବିପ୍ଳବୀ ଓ ପୁନରୁତ୍‌ଥାନବାଦୀ ଉଭୟେ ବର୍ତ୍ତମାନରେ ଗଭୀର ଅସନ୍ତୋଷ ପ୍ରକାଶ କରନ୍ତି, ସେଥି ସଙ୍ଗେ ସଙ୍ଗେ ଏକ ଉଜ୍ଜ୍ୱଳ ଭବିଷ୍ୟତରେ ବିଶ୍ୱାସ ରଖନ୍ତି । ଏମାନଙ୍କ ଦୃଷ୍ଟି ସଂଶୟାଚ୍ଛନ୍ନ ନୁହେଁ, ନେତିବାଚକ ନୁହେଁ । ଏମାନଙ୍କ ଦୃଷ୍ଟି ସିଧା ସମ୍ମୁଖ, ସେମାନେ ବାରମ୍ବାର ପଛକୁ ଫେରି ଚାହାନ୍ତି ନାହିଁ । ବର୍ତ୍ତମାନ ଶକ୍ତିକୁ ସମ୍ବଳ କରି ପରଂପରାକୁ ମାଡ଼ିଚକଟି ଆଗକୁ ଲମ୍ଫ ଦିଅନ୍ତି । ମାତ୍ର ପୁନରୁତ୍‌ଥାନବାଦୀ କଳ୍ପନାରେ ଗୌରବାବହ ଅତୀତର ଜାଗ୍ରତ ସ୍ୱପ୍ନ ଦେଖନ୍ତି । ଅତୀତ ଉପାସନା ଆସକ୍ତି ଏମାନଙ୍କ ଉପରେ ପ୍ରବଳ ପ୍ରଭାବ ବିସ୍ତାର କରେ । ଅତୀତର କୌଣସି କଳଙ୍କ କଲୁଷକୁ ଏମାନେ ସ୍ୱୀକାର କରନ୍ତି ନାହିଁ । ଇତିହାସର ସତ୍ୟପ୍ରତି ଏମାନଙ୍କର ଦୃଷ୍ଟି ନଥାଏ । ଇତିହାସର ଏକ କଙ୍କାଳ ଦେହରେ କଳ୍ପନା ପ୍ରଲେପ ବୋଳି ସେଥିରେ ପୁରାଣ ଗୌରବ ଆରୋପ କରିବା ଏମାନଙ୍କର ଲକ୍ଷ୍ୟ । ପୂରାଣ ପରଂପରାକୁ ପରିବର୍ତ୍ତିତ କାଳ ସହିତ ଖାପ ଖୁଆଇବା ପ୍ରୟାସରେ ଏମାନଙ୍କର ବଡ଼ ଦୁର୍ବଳତା । ମାତ୍ର ଏଇ ପ୍ରୟାସ ମଧ୍ୟରେ ଏକ ମୃତକଳ୍ପ ଜାତିର ଶିରାରେ ଏମାନେ ପ୍ରଥମେ ପ୍ରାଣ ସଂଚାରର ଉଦ୍ୟମ କରନ୍ତି" (ପୃ.୧୧୦) । ସମ୍ଭବତଃ କବିତ୍ରୟଙ୍କୁ ଡକ୍ଟର ମିଶ୍ର ପୁନରୁତ୍‌ଥାନବାଦୀ ଭାବେ ଚିହ୍ନଟ କରିଛନ୍ତି ଓ କହିଛନ୍ତି ଜାତୀୟ ଜାଗରଣ ଓ ନବଚେତନାର ଆଦିଯୁଗ ଏହି କବିତ୍ରୟଙ୍କ ସମୂହ

ଦାନରେ ହିଁ ସମୃଦ୍ଧ ହୋଇଛି (ଓଡ଼ିଆ କାବ୍ୟରେ ଜାତୀୟତାର ଆଦ୍ୟ ପ୍ରକାଶକୁ ଯଦି କେବଳ ଶିବରୂପେ ପାଇବା କାମ୍ୟ ହୋଇଥାନ୍ତା- ତା'ହେଲେ ଭକ୍ତକବି ମଧୁସୂଦନଙ୍କ କାବ୍ୟହିଁ ଯଥେଷ୍ଟ ହୋଇ ଥାନ୍ତା । ମାତ୍ର ସ୍ୱାଦ୍ୟର ଅଭାବ ରହିଥାନ୍ତା । ଏ ଅଭାବ ରାଧାନାଥ ପୂରଣ କରିଦେଇଛନ୍ତି । ଜାତୀୟ ଜାଗୃତିର ବରଣୀୟ ଓ ରମଣୀୟ- ଉଭୟ ଦିଗର ମଧୁର ସମନ୍ୱୟ ରାଧାନାଥ ଓ ମଧୁସୂଦନଙ୍କ କାବ୍ୟରେ ଘଟିଛି, ତଥାପି ଏଇ ନବ ଜାଗ୍ରତ ଜାତୀୟତାକୁ ଏକ ସ୍ୱାଭାବିକ ପରିଣତି ଆଡ଼କୁ ଏମାନେ ଘେନିଯାଇ ପାରିନାହାନ୍ତି; କିନ୍ତୁ ପାରିଛନ୍ତି ଫକୀରମୋହନ । ସେ ଜାତୀୟତା ସଂଘର୍ଷମୟ ଆର୍ଥିକ ଭୂମିକା ଆଡ଼କୁ ପ୍ରଥମେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏଇ ସାମ୍ମୁଖ୍ୟରେ ବିଜୟୀ ହେବାକୁ କଠୋର କର୍ମଧାରା ପ୍ରତି ଇଙ୍ଗିତ ଦେଇଛନ୍ତି । ଏ ଦିଗରେ ଫକୀରମୋହନଙ୍କ କଣ୍ଠ ବଡ଼ ଆହ୍ୱାନୀ । ଅନେକ ସମୟରେ କେବଳ ସଙ୍କେତ ଓ ଇଙ୍ଗିତରେ କହିବାରେ ସନ୍ତୁଷ୍ଟ ନହୋଇ ସ୍ପଷ୍ଟ ବର୍ଣ୍ଣନାର ଆଶ୍ରୟ ନେଇଛନ୍ତି । ଏଥିରେ କବିତାର କଳା ବହୁ ପରିମାଣରେ ଖଣ୍ଡିତ ହୋଇଛି ସତ, ତଥାପି ସେଥିପ୍ରତି ତାଙ୍କର ଦୃକ୍‌ପାତ ନାହିଁ । ଜାତୀୟ ଜାଗରଣରେ ଜାତୀୟ ଭାଷା ଓ ସାହିତ୍ୟର ମହତ୍ତ୍ୱ ଯେପରି ଫକୀରମୋହନ ଅନୁଭବ କରିଛନ୍ତି ତାହା ଆଜି ଆଦର୍ଶ ସ୍ଥାନୀୟ । ସାମନ୍ତ ମଧ୍ୟବିତ୍ତ ବୁଦ୍ଧିଜୀବୀଙ୍କ ସମେତ ନାରୀ ଓ କୃଷକ- ସମସ୍ତଙ୍କୁ ଘେନି ସମାଜକୁ ଆଖି ଆଗରେ ରଖି ଜାତୀୟ ଭାବର ଉଦ୍‌ବୋଧନ ଲାଗି ସେ କାବ୍ୟ ସାଧନା କରିଛନ୍ତି । ଏଇ ଭାବରେ ଦେଖିଲେ, ଫକୀରମୋହନ ହିଁ ଜାତୀୟତାର ଆଦ୍ୟ ଅଭ୍ୟୁଦୟ ଯୁଗର ଶ୍ରେଷ୍ଠ ପ୍ରତିନିଧି ଓ ଜାତୀୟତାର ବିକାଶଯୁଗର ଆଦ୍ୟ ପ୍ରବର୍ତ୍ତକ ।"(ପୃ.୧୧୧)) ଡକ୍ଟର ମିଶ୍ରଙ୍କ ଏ ଯୁକ୍ତି ସହିତ ଭିନ୍ନମତ ହେବାର କୌଣସି କାରଣ ନାହିଁ । ଏ ତିନିକବିଙ୍କ ବିଷୟରେ ସେ ଯେଉଁ ପରିପୃକ୍ତ ଓ ଆନୁପାତିକ ମନ୍ତବ୍ୟ ଏ ଅଧ୍ୟାୟର ଶେଷରେ ପ୍ରଦାନ କରିଛନ୍ତି ତାହା ତାଙ୍କ ବିଦ୍‌ବତ୍ତା ଓ ତାତ୍ତ୍ୱିକ ଅନୁସନ୍ଧିତ୍ସାର ଶଙ୍କୁ ବହନ କରେ ।

ଏହି ପୁସ୍ତକର ପଞ୍ଚମ ଅଧ୍ୟାୟରେ ଊନବିଂଶ ଶତାବ୍ଦୀରେ ଓଡ଼ିଶାର ଧର୍ମ ଓ ଦର୍ଶନ ଉପରେ ଆଲୋକପାତ କରାଯାଇଛି । ଅର୍ଥାତ୍ ଏଇ ପ୍ରମୁଖ କବିମାନଙ୍କ ଚେତନାରେ ଧର୍ମ ଓ ଦର୍ଶନ ପରି ଦୁଇଟି ସାର୍ବଜନୀନ ଉପଲବ୍ଧି କିପରି ଉତ୍‌କୀର୍ଣ୍ଣ ହୋଇଛି, ତାହା ଦେଖାଇବାକୁ ଆଲୋଚକ ପର୍ଯ୍ୟାପ୍ତ ପ୍ରୟାସ କରିଛନ୍ତି । ପ୍ରଥମେ ସେ T.S. Eliot ଙ୍କର ଦାର୍ଶନିକ ଆରିଷ୍ଟଟଲ୍‌ଙ୍କ ସଂପର୍କୀୟ ଉକ୍ତିଟିକୁ ଉଦ୍ଧାର କରିଛନ୍ତି- "ଆରିଷ୍ଟଟଲ କହିଥିବାର ଶୁଣିଛି, ସବୁ ଲେଖା ଭିତରେ କବିତା ଅଧିକ ଦାର୍ଶନିକ

ଭାବପୂର୍ଣ୍ଣ ରଚନା । ଏକଥା ସତ, ସତ୍ୟହିଁ କବିତାର ଆଦର୍ଶ । ଏ ସତ୍ୟ ବ୍ୟକ୍ତିଗତ କିମ୍ୱା ଆଞ୍ଚଳିକ ନୁହେଁ, ଏହା ସାର୍ବଜନୀନ ଓ ଜୀବନରେ ଅନୁସରଣଯୋଗ୍ୟ, କିନ୍ତୁ କବି, ଦାର୍ଶନିକ ଓ ଧର୍ମନାୟକ ଆପାତ ଦୃଷ୍ଟିରେ ଏମାନଙ୍କ କର୍ମକ୍ଷେତ୍ର ସଂପୂର୍ଣ୍ଣ* ଭିନ୍ନ । କିନ୍ତୁ ଏମାନଙ୍କ ଭାବାଦର୍ଶ ଏକ ଓ ଅଭିନ୍ନ । A.Richardsଙ୍କୁ ଉଦ୍ଧାର କରି ଡକ୍ଟର ମିଶ୍ର କହନ୍ତି ଗ୍ରୀକ୍‌ମାନଙ୍କ ଧାରଣାରେ ଦର୍ଶନ ଅର୍ଥ ନିର୍ମଳ ଚିନ୍ତା; ଆମ ଧାରଣାରେ ଜୀବନକୁ ବା ଜୀବନରେ ପ୍ରତିଷ୍ଠିତ ସତ୍ୟକୁ ଦେଖିବାକୁ ବଳିଷ୍ଠ ଭଙ୍ଗୀ । ଏ ଭାବରେ ଦେଖିଲେ କବିତା ଦର୍ଶନର ନିକଟବର୍ତ୍ତୀ ହୋଇପାରେ । ଏକଦିଗରେ ଏହା ଯେପରି ନିର୍ମଳ ଚିନ୍ତାର ବାହକ, ଅନ୍ୟଦିଗରେ ସେହିପରି ଏହା ଜୀବନ-ଚିତ୍ରରେ ସମୃଦ୍ଧ । ଜୀବନକୁ ଶୃଙ୍ଖଳିତ କରି ପୂର୍ଣ୍ଣତା ଦାନ କରିବା କବିତାର ଚିରନ୍ତନ ଧର୍ମ ।

ପ୍ରାଚୀନ ଓ ମଧ୍ୟଯୁଗରେ ଧର୍ମ କବିତାକୁ ଉପାଦାନ ଯୋଗାଉଥିଲା । ସବୁଦେଶରେ ପ୍ରାଚୀନ କବିତା ଧର୍ମମୂଳକ । ମାନବ ଓ ଈଶ୍ୱର, ମାନବ ଓ ମାନବ ସମାଜ, ମାନବ ଓ ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟରେ ଚିରନ୍ତନ ସମ୍ବନ୍ଧ କବିତାର ବିଷୟବସ୍ତୁ ଥିଲା । ଏହା ମହାନ୍ ଓ ସାର୍ବଜନୀନ । ଆମ ଦେଶର ପ୍ରାଚୀନ ଓ ମଧ୍ୟଯୁଗୀୟ କବିତା ଉପରେ ଧର୍ମ ଓ ପୁରାଣ ଗ୍ରନ୍ଥର ପ୍ରଭାବ କିଛି କମ୍ ନୁହେଁ । ଡକ୍ଟର ମିଶ୍ର କହନ୍ତି- "ନିରାଲମ୍ବ ଦୃଷ୍ଟିରେ ଦେଖିଲେ ମନେହୁଏ ପୁରାଣଯୁଗର ସାରଳା, ବଳରାମ ଓ ଜଗନ୍ନାଥ ଦାସ ଆଦିଙ୍କ କୃତିର ଉଦାର ମାନବଧର୍ମ ଯେପରି ଆଧୁନିକ ଯୁଗ ପ୍ରବର୍ତ୍ତକ କବିମାନଙ୍କ କୃତିରେ ନବ କଳେବର ଧାରଣ କରିଛି । ସେଇ ଈଶ୍ୱର ଭକ୍ତି ପରମେଶ୍ୱରଙ୍କ ସର୍ବବ୍ୟାପୀ ସତ୍ତା ନିକଟରେ ଆତ୍ମସମର୍ପଣ ଭାବ, ସେଇ ଅସାମ୍ପ୍ରଦାୟିକ ମାନବିକ ଐକ୍ୟ ପ୍ରତି ଆକୁଳ ଆଗ୍ରହ, ସେଇ ସମାଜ ଶୃଙ୍ଖଳା ପ୍ରକାଶର ପାବନ ପ୍ରେରଣା କେଉଁଥିରେ ଯେପରିକି କୌଣସି ନୂତନତା ନାହିଁ । ମାତ୍ର ପ୍ରାଚୀନଯୁଗମାନସ ଆଧୁନିକ ଯୁଗ ଭଳି ଯୁକ୍ତିପ୍ରବଣ ନଥିଲା । ଏହାର ଚଉପାଶରେ ଥିଲା ପରମ୍ପରାର ଦୃଢ଼ ଶୃଙ୍ଖଳ ଓ ପ୍ରାଚୀନ ଯୁଗ ଥିଲା ପୌରୋହିତ୍ୟ, ରାଜତନ୍ତ୍ର ଓ ଅଖଣ୍ଡ ଧର୍ମବିଶ୍ୱାସର

---

*Aristotle, I have been told, has said that poetry is the most philosophy of all writings. It is so : Its object is truth, not individual and local, but general and operative- The use of Poetry and use of Criticism. ***T.S. Eliot, Page-75***

ଯୁଗ । ଅନ୍ୟପକ୍ଷରେ ଆଧୁନିକ ଯୁଗ ବ୍ୟକ୍ତିସ୍ୱାତନ୍ତ୍ର୍ୟ, ଗଣତନ୍ତ୍ର ଓ ଖଣ୍ଡିତ ଆଦର୍ଶ ସଂଘର୍ଷର ଯୁଗ । ବୈଜ୍ଞାନିକ ହେତୁ ଜିଜ୍ଞାସାହିଁ ଏହାର ମୂଳଭିତ୍ତି ।" (ପୃ.୧୧୩)

ଆଧୁନିକ ଓଡ଼ିଆ କାବ୍ୟଧାରାର ଏଇ 'ଆଦିପର୍ବ'ରେ ତିନି ବଳିଷ୍ଠ କବିଙ୍କ ଧର୍ମ ଦର୍ଶନ ବିଷୟରେ ଡକ୍ଟର ମିଶ୍ର ଆଲୋକପାତ କରିଛନ୍ତି-ଏହା ଏକାନ୍ତ ସୂକ୍ଷ୍ମ ଓ ତୀକ୍ଷ୍ଣ ଅନୁସନ୍ଧାନ ସାପେକ୍ଷ । ଫକୀରମୋହନ 'ଧର୍ମରାଜ୍ୟ' ପ୍ରବର୍ତ୍ତକ ମନସ୍ୱୀ ବୀରମାନଙ୍କ ମହତ୍ତ୍ୱ ପ୍ରଖ୍ୟାପନ କରି କହିଛନ୍ତି ଇତିହାସରେ ଆଲେକ୍‌ଜାଣ୍ଡର, ହାନିବାଲ୍, ତିମୁର ବା ନେପୋଲିଅନ୍‌ଙ୍କ ଠାରୁ ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ ଆଦିଙ୍କ ସ୍ଥାନ ନିତ୍ୟନୂତନ ଓ ବିଶ୍ୱମାନବ ହୃଦୟରେ ଚିରପୂଜିତ ହୋଇ ରହିବ । ସେ ତାଙ୍କର 'ଧର୍ମବୀର' କବିତାରେ ଲେଖିଛନ୍ତି-

ମାତ୍ର ଯୁଦ୍ଧବୀର ନୁହେଁ ଧର୍ମବୀର
କରକା ନୁହଇ କେବେ ମଣିହାର ।"

ରାଧାନାଥଙ୍କ କବିତାରେ ଏହି ଧର୍ମଚେତନା ଏକ କାବ୍ୟିକ ରୂପକଳ୍ପ ମଧ୍ୟରେ ପ୍ରତିପାଦିତ ହୋଇଛି ।

("ଧର୍ମ ଏକା ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର-ବାରିଧି ।"

ଏ ଧର୍ମ ପାରଂପରିକ ପୌରୋହିତ୍ୟ ଧର୍ମ ନୁହେଁ ବୋଲି ଡକ୍ଟର ମିଶ୍ର କହନ୍ତି । ଦିଅଁଦେବତା ପୂଜା ଏ ଧର୍ମର ଆଦର୍ଶ ନୁହେଁ । ଏହା ମାନବଧର୍ମ ବା ଜୀବନଧର୍ମ ଉପରେ ପ୍ରତିଷ୍ଠିତ ଏକ ଦାର୍ଶନିକ ସତ୍ୟବାଣୀ । କିନ୍ତୁ "ସାମାଜିକଧର୍ମ" କଥା ଉଲ୍ଲେଖ କରି ଡକ୍ଟର ମିଶ୍ର କଣ କହିବାକୁ ଚାହିଁଛନ୍ତି ଏଠାରେ ବୁଝିବା ସହଜ ନୁହେଁ । ନବଯୁଗର ଆଧ୍ୟାତ୍ମିକ ମାନବତାବାଦୀ ଧର୍ମର ଚିତ୍ର ମଧୁସୂଦନଙ୍କ କବିତାରେ ଅଧିକ ଉପଲବ୍ଧି ବୋଲି ସେ କହନ୍ତି- ଯାହା ତାଙ୍କର 'ନବ ଯୁଗର ଅଭିଷେକ' କବିତାରେ ପ୍ରକାଶ ପାଇଛି । ଅନ୍ଧବିଶ୍ୱାସ ଠାରୁ ଜିଜ୍ଞାସୁ ସଂଶୟବାଦୀ ବହୁଗୁଣରେ ଶ୍ରେଷ୍ଠ ପଦବାଚ୍ୟ ହେବାର ଯୋଗ୍ୟ ବୋଲି ଫକୀରମୋହନ କହିଛନ୍ତି । ସଂଶୟବାଦୀ କାହାରି ପାଖରେ ସହଜରେ ଆତ୍ମସମର୍ପଣ କରେନାହିଁ । କର୍ମ ଓ ଗୁଣଭେଦରେ ସମସ୍ୟାବହୁଳ ବାସ୍ତବଜୀବନର ସମୀକ୍ଷା ଭିତ୍ତିରେ ସେ ଈଶ୍ୱରଙ୍କ ଅସ୍ତିତ୍ୱ, ମହିମା, ସ୍ୱରୂପ ଓ ଶକ୍ତିର ବିଚାର କରେ । ତେଣୁ ସାମାଜିକ ବୈଷମ୍ୟ ଓ ପ୍ରପୀଡ଼ନ ଦେଖିଲେ ମଣିଷ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ସଂଦେହ କରିବା ସ୍ୱାଭାବିକ । ତଥାପି ରାଧାନାଥ ଲେଖିଛନ୍ତି-

"ବିସୋରି ତୁମ୍ଭର କର୍ତ୍ତୃପକ୍ଷ ତହିଁ / ମଣିଲି ନିଜକୁ ନିଜବଳେ ଜୟୀ
ବିସୋରି ଥିବାରୁ ତୁମ୍ଭ ନେତୃପଣ / ଘଟିଲା ମୋର ଏ ଦାରୁଣ ସ୍ଖଳନ ।"

ଆଉ ଫକୀରମୋହନ ଲେଖିଛନ୍ତି-

"ତୁମ୍ଭକୁ ଯଦ୍ୟପି କରେ କେଭେ ଅପ୍ରତ୍ୟୟ
ନିଖିଳ ବ୍ରହ୍ମାଣ୍ଡ ମୋତେ ଦିଶେ ଶୂନ୍ୟମୟ ।
ଉଡ଼ିବୁଲେ ଶୂନ୍ୟେ ତୁମ୍ଭେ ନଥିଲେ ମୋ ମନେ
ଲକ୍ଷ୍ୟହୀନ, ଆଶାହୀନ ବ୍ୟାକୁଳ ଜୀବନେ ।"

ମଧୁସୂଦନ ଈଶ୍ୱରଙ୍କୁ ସବୁବେଳେ ପରମାତ୍ମା ଭାବେ ଏବଂ ମଣିଷକୁ ଜୀବାତ୍ମା ଭାବେ ଗ୍ରହଣ କରିଛନ୍ତି । ତାଙ୍କ ମତରେ ସିନ୍ଧୁ ସହିତ ଉର୍ମି, ଆକାଶ ସହିତ ପକ୍ଷୀ, ଜନନୀ ସହିତ ଶିଶୁର ସଂପର୍କ ଯେପରି ନିବିଡ଼, ସେହିପରି ପରମାତ୍ମା ସହିତ ଜୀବାତ୍ମାର ସଂପର୍କ । ସମଗ୍ର ସୃଷ୍ଟିକୁ ସେ ଅମୃତମୟ ବୋଲି ପରିକଳ୍ପନା କରିଛନ୍ତି ଓ ପ୍ରକୃତିକୁ ଚିନ୍ମୟ ପରମେଶ୍ୱରଙ୍କ ପ୍ରାଣପ୍ରକାଶ ଭାବେ ଦେଖିଛନ୍ତି । ସେ ପ୍ରକୃତି ସହିତ ନିଜ ପ୍ରାଣର ଅଭେଦ ପରିକଳ୍ପନା କରିଛନ୍ତି 'ଏ ସୃଷ୍ଟି ଅମୃତମୟ' କବିତାରେ -

"ମୋ ପ୍ରାଣ ବିଲୀନ ହେଲା ପ୍ରକୃତିର ପ୍ରାଣେ
ପ୍ରକୃତିର ପ୍ରାଣ ଉଚ୍ଛ୍ୱସିତ ମୋ ପରାଣେ ।
ଦୁହେଁ ମିଶି କି ଅଦ୍ଭୁତେ ଦିବ୍ୟ ପରିଣୟେ
ପରିଣତ ସ୍ୱୟଂବରା କୁମାରୀ ପରାୟେ ।"

ମଧୁସୂଦନଙ୍କ ଏ ପ୍ରଣୟ ପରିକଳ୍ପନା ଏକ ଆଧିଭୌତିକ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ସେ ଊନବିଂଶ ଶତାବ୍ଦୀର ସମସ୍ତ କବିଙ୍କ ମଧ୍ୟରେ ଥିଲେ ଅଧିକ ଦାର୍ଶନିକ ଜିଜ୍ଞାସା ସଂପନ୍ନ । ତାଙ୍କ ଆଧିଭୌତିକ ବିଶ୍ୱାସ 'ଋଷିପ୍ରାଣେ ଦେବାବତରଣ' ବା 'ହିମାଚଳେ ଉଦୟୋତ୍ସବ' କବିତାକୁ ଶିଖରସ୍ପର୍ଶୀ କରି ପାରିଛି ଓ ତାଙ୍କୁ ଜଣେ ରହସ୍ୟବାଦୀ କବି ଭାବେ ପରିଚିତ କରାଇଛି । ସେହି ମର୍ମରେ ଫକୀରମୋହନ କିମ୍ବା ରାଧାନାଥଙ୍କ ଈଶ୍ୱର ବିଶ୍ୱାସ ରହସ୍ୟବାଦୀ ସ୍ତରକୁ ଉନ୍ନୀତ ହୋଇନାହିଁ । ସେମାନଙ୍କ ଜିଜ୍ଞାସା କେବଳ ବିଭୁଙ୍କୁ ସ୍ୱୀକାର କରିବାରେ ସୀମିତ ରହିଛି ।

ଏହି ପୁସ୍ତକର ଦ୍ୱିତୀୟ ଭାଗରେ ସମାଲୋଚକ ଡକ୍ଟର ମିଶ୍ର ଏଯୁଗର ମୁଖ୍ୟ କବିତ୍ରୟ ଓ କେତେକ ଗୌଣକବିଙ୍କ କବିତା ସଂପର୍କରେ ଚମତ୍କାର ବ୍ୟାଖ୍ୟା ଓ ଆକଳନ ପ୍ରଦାନ କରିଛନ୍ତି । ଏହି ପର୍ଯ୍ୟାୟରେ ସମାଲୋଚକଙ୍କ ଅନ୍ତର୍ଦୃଷ୍ଟି ଓ ପ୍ରଜ୍ଞା

ଉଭୟ ପ୍ରତିଷ୍ଠିତ ହୋଇଥିବା ଲକ୍ଷ୍ୟ କରାଯିବ । ରାଧାନାଥଙ୍କ ପ୍ରଥମ କବିତା ସଂକଳନ ବଙ୍ଗଳାରେ ଲିଖିତ । ତା'ପରେ ପରେ ସେ ଓଡ଼ିଆରେ କିଛି କବିତା ଲେଖିଛନ୍ତି ଯାହା ୧୮୭୦ରୁ ୧୮୮୦ ମଧ୍ୟରେ ତତ୍‌କାଳୀନ ପତ୍ର ପତ୍ରିକାରେ ପ୍ରକାଶିତ । ଡକ୍ଟର ମିଶ୍ର ସେ କବିତା ସଂପର୍କରେ ମନ୍ତବ୍ୟ ଦେଇଛନ୍ତି- "ଏହିସବୁ କବିତାରେ କୃତ୍ରିମ କଳ୍ପନା ନାହିଁ, ଭାଷାଶିଳ୍ପର ବର୍ଣ୍ଣୋଜ୍ୱଳ ଚାତୁରୀ ନାହିଁ; ଅଛି ଏକ ତରଳ ଅନୁରାଗ ରଞ୍ଜିତ ହୃଦୟର ଗଭୀର ପ୍ରକାଶ । ସୁନ୍ଦର, ଅସୁନ୍ଦର, ଉଦାର, ଉନ୍ମତ୍ତ ସମସ୍ତ ଏହି ଅନୁଭବର ଅନ୍ତର୍ଗତ । ସୁନ୍ଦର ଓ ଉଦାର ମଧ୍ୟରେ କବି ଜୀବନର ଅନୁପମ ଆଦର୍ଶର ସତ୍ତା ଖୋଜି ପାଇଛନ୍ତି । ଅସୁନ୍ଦର ଓ କୁତ୍ସିତର ପରିବର୍ତ୍ତନ ପାଇଁ ସେ ସ୍ୱପ୍ନ ଦେଇଛନ୍ତି ।" ଏଇ ଧାରାରେ କବିତା ଲେଖିଲେ ରାଧାନାଥ ଜଣେ ଶ୍ରେଷ୍ଠ ଗୀତିକବିର ସମ୍ମାନ (ପୃ ୧୩୯) ପାଇ ପାରିଥା'ନ୍ତେ । ମାତ୍ର ତାହା ହେବାର ନଥିଲା । ବରଂ ବର୍ଣ୍ଣନାତ୍ମକ କାବ୍ୟରଚନାରେ ତାଙ୍କର ସମସ୍ତ ସାଧନା ଓ ପ୍ରତିଭା ବିନିଯୁକ୍ତ ହୋଇଥିଲା । ପୁରାଣର ଚରିତ୍ରମାନଙ୍କୁ ନେଇ ଏଇ ଯୁଗରେ ବଙ୍ଗୀୟ କବି ମାଇକେଲ ମଧୁସୂଦନ ଦତ୍ତ ନବନବ ପରୀକ୍ଷା ଚଳେଇ ଥିଲେ । ରାଧାନାଥ କିନ୍ତୁ ମାଇକେଲ ଦତ୍ତଙ୍କ ପୁରାଣ ଚେତନା ଆଡ଼କୁ ଦୃଷ୍ଟି ନଦେଇ ଓଡ଼ିଶାର ଇତିହାସ ଆଡ଼କୁ ଦୃଷ୍ଟି ନିକ୍ଷେପ କରିଥିଲେ । ଚାହିଁଥିଲେ ରାଧାନାଥ ଫକୀରମୋହନଙ୍କ ପରି ସାମାଜିକ ଜୀବନରୁ ଉପାଦାନ ସଂଗ୍ରହ କରି କାହାଣୀଧର୍ମୀ କବିତା ରଚନା କରିପାରିଥାନ୍ତେ । ମାତ୍ର ଏହା କବିଙ୍କ ରୋମାଣ୍ଟିକ ଦୃଷ୍ଟିଭଙ୍ଗୀର ପରିପୋଷକତା କରି ନଥାନ୍ତା । ସେ ଜାତୀୟ ଜୀବନରେ ଯେଉଁ ଶୌର୍ଯ୍ୟ ଓ ସୌନ୍ଦର୍ଯ୍ୟର ଚିତ୍ର ଦେଖିବାକୁ ଚାହୁଁଥିଲେ ତାହା ସମକାଳୀନ ସମାଜରେଏକାନ୍ତ ଦୁର୍ଲଭ ଥିଲା । ତେଣୁ ତାଙ୍କୁ କଳ୍ପନା ଚକ୍ଷୁରେ ଗୌରବମୟ ଅତୀତରୁ ଉପାଦାନ ସଂଗ୍ରହ କରିବାକୁ ହୋଇଥିଲା । ବିଶେଷତଃ ଆମ ଇତିହାସ ଓ କିମ୍ବଦନ୍ତୀରେ ବିୟୋଗାନ୍ତ କାହାଣୀ ସମାବେଶ ଲାଗି ନାନା ପାଶ୍ଚତ୍ୟ ଦୃଷ୍ଟାନ୍ତ ସେ ଅକୁଣ୍ଠ ଭାବରେ ଗ୍ରହଣ କରିଥିଲେ । ତେଣୁ ଏସବୁ କାହାଣୀରେ ମୌଳିକତା ଅପେକ୍ଷା ଆହରଣର ମାତ୍ରା ଥିଲା ଅଧିକ ।" (ପୃ.୧୪୧) ଆଗରୁ କହିଛି ଡକ୍ଟର ମିଶ୍ର ଜଣେ ବହୁପାଠୀ ବ୍ୟକ୍ତିତ୍ୱ । ସେ Gilbert Murrayଙ୍କ The Classical Tradition in Poetry ଏବଂ Henry Beersଙ୍କ 'History of English Romanticism in Nineteenth Century ପୁସ୍ତକକୁ ମଡେଲ ଭାବେ ଗ୍ରହଣ କରି ଏ ପୁସ୍ତକରୁ ବହୁ ଉଦ୍ଧୃତି ଆହରଣ କରିଛନ୍ତି, ଯାହା ତାଙ୍କ ଦୃଷ୍ଟିକୋଣ ଓ ଆକଳନ ପାଇଁ ଯଥେଷ୍ଟ ଉପାଦାନ ଯୋଗାଇଛି ।

ତାହାର ଯଥାର୍ଥ ଓ ଆନୁପାତିକ ପ୍ରୟୋଗହିଁ ଡକ୍ଟର ମିଶ୍ରଙ୍କ କୃତିତ୍ୱ ଭାବେ ସାବ୍ୟସ୍ତ ହେବ ।

ରାଧାନାଥଙ୍କ ବିଭିନ୍ନ କାବ୍ୟର ଆକଳନ ଓ ଆହରଣ କାଳରେ ଡକ୍ଟର ମିଶ୍ର ମଝିରେ ମଝିରେ ଯେଉଁ ନିଜସ୍ୱ ମନ୍ତବ୍ୟ ସବୁ ଦେଇଛନ୍ତି ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେହେବ । 'ନନ୍ଦିକେଶ୍ୱରୀ' କାବ୍ୟ ସଂପର୍କରେ ତାଙ୍କର ଶେଷ ମନ୍ତବ୍ୟ ହେଲା- "ପ୍ରାଚୀନ ଗ୍ରୀକ୍ ପୁରାଣକଥାରେ ପ୍ରେମ ଓ ଆତ୍ମୋତ୍ସର୍ଗର ଆଦର୍ଶ, ଊନବିଂଶ ଶତକର ପାଶ୍ଚାତ୍ୟ ଜାତୀୟତାବୋଧ ଓ ଦେଶପ୍ରେମର ବିଚିତ୍ର ସମନ୍ୱୟରେ କଳ୍ପିତ ଏକ କାହାଣୀ କବି ସ୍ୱଦେଶର ଇତିହାସ ଭୂଗୋଳ ପରଂପରା ଓ ପରିପ୍ରେକ୍ଷାର ଭିତ୍ତିଭୂମିରେ ପରିବେଷଣ କରିଛନ୍ତି । ଏହି କାବ୍ୟର ବୈଦେଶିକ ଆହରଣ ସ୍ୱଦେଶୀୟ ଭାବମାଧୁରୀରେ ରଞ୍ଜିତ । ସର୍ଜନଶ୍ରୀ ସାହିତ୍ୟର ସମସ୍ତ ସୌନ୍ଦର୍ଯ୍ୟ ଓ ସୌରଭ ଘେନି 'ନନ୍ଦିକେଶ୍ୱରୀ' ଆତ୍ମପ୍ରକାଶ କରିଅଛି ।" (ପୃ.୧୬୧) ।

ରାଧାନାଥଙ୍କ କାବ୍ୟ ସୃଷ୍ଟି ମଧ୍ୟରେ 'ପାର୍ବତୀ' ଯେ ଅନନ୍ୟ- ଏ କଥା ଯେ କେହି ପାଠକ ନିଶ୍ଚୟ ସ୍ୱୀକାର କରିବ । ଡକ୍ଟର ମିଶ୍ର ଏ କାବ୍ୟ ସଂପର୍କରେ ବହୁ ତୁଳନାତ୍ମକ ଅଧ୍ୟୟନ ଓ ରାଧାନାଥଙ୍କ ଆହରଣ ପ୍ରକ୍ରିୟାର ବୈଚିତ୍ର୍ୟ ସଂପର୍କରେ ବିଶଦ ଆଲୋଚନା କରିବା ପରେ କହନ୍ତି- "ଅନୁରୂପ ଭାବରେ ବର୍ଣ୍ଣନା, କାବ୍ୟାଦର୍ଶ, ସୌନ୍ଦର୍ଯ୍ୟଦୃଷ୍ଟି ଓ ଭାବ ସନ୍ନିବେଶରେ କବିଙ୍କର ଧ୍ୟାନଗମ୍ଭୀର କ୍ଲାସିକ୍ ଶିଳ୍ପଦୃଷ୍ଟି ଉଦ୍‌ଭିନ୍ନ ହୋଇଅଛି । ଏକାଧାରରେ ରୋମାଣ୍ଟିକ ମନର କ୍ଷୁବ୍ଧତା, ଚଞ୍ଚଳତା, ଅଧୀରତା, ତନ୍ମୟଭାବ ବିଲୀନତା ଓ କ୍ଲାସିକ୍ ଆଦର୍ଶର ସ୍ୱଚ୍ଛତା, ସ୍ନିଗ୍ଧତା ଓ ସ୍ଥିରତାର ସ୍ୱାଦ୍ୟ ଓ ସୁନ୍ଦର ସମନ୍ୱୟ ଏଥିରେ ଘଟିଅଛି । xxx ମାତ୍ର ସମଗରା ଦହର ରଜତ ଆସ୍ତରଣ ପୃଷ୍ଠପଟରେ ଦୂର ଦିଗ୍‌ବଳୟର ରେଖାକୃତି ତରୁଶ୍ରେଣୀ, ତାରକାଗୁମ୍ଫିତ ଆକାଶ, ତରଳ ଜ୍ୟୋତ୍ସ୍ନାର ଉଦାର ପରିବେଶ ଭିତରେ ଗୋଟିଏ ଟେଣ୍ଟୋଇ କଳସଙ୍ଗୀତ ଶୁଣାଇବା ଅଥବା ଶ୍ରୀଖଣ୍ଡ କୋଳର ପାରାବାରବାହୀ ମୃଦୁ ସମୀରଣରେ ଶ୍ରୀକ୍ଷେତ୍ର ଲଳନାର କପୋଳ ଅଳକର ମୃଦୁଦୋଳନ ଦେଖେଇବା, ଅଥବା ଗାଢ଼ ଅନ୍ଧକାର ଭିତରେ ପ୍ରକୃତି ଦେହରୁ ଜୀବନନାଟି ଛାଡ଼ିଯିବାର ଅନୁଭୂତି ବର୍ଣ୍ଣନା ଜଣେ ଶ୍ରେଷ୍ଠ ରୋମାଣ୍ଟିକ୍ କବିଙ୍କ ବିନା ଆଉ କାହା ପକ୍ଷରେ ସମ୍ଭବ ନୁହେଁ ।"(ପୃ.୧୬୯) । ରାଧାନାଥଙ୍କ ସୌନ୍ଦର୍ଯ୍ୟ ଦୃଷ୍ଟିକୁ ଯେ ତତୋଽଧିକ ସୁନ୍ଦର ରୁଚିପୂର୍ଣ୍ଣ ଶବ୍ଦାବଳୀରେ ଡକ୍ଟର ମିଶ୍ର ଉପସ୍ଥାପନ କରିଛନ୍ତି- ଏଥିରେ ଭିନ୍ନମତ ହେବାର କାରଣ ନାହିଁ ।

କୌଶଲ୍ୟା ସଂପର୍କରେ ନରେନ୍ଦ୍ରୀୟ ମନ୍ତବ୍ୟ କେତେ ପରିମିତ ଦେଖନ୍ତୁ । "ବାହାର ଜୀବନରେ କୌଶଲ୍ୟା ଅଳୀଅଳ ରାଜକନ୍ୟା, କଳଙ୍କିନୀ ନାରୀ । କିନ୍ତୁ ଅନ୍ତର୍ଜୀବନରେ ସେ ଜୀବନର ଦୀପ୍ତିମନ୍ତ ସତ୍ୟ, ବଞ୍ଚିବାର ଦୁରନ୍ତ ଆକାଙ୍‌କ୍ଷାର ପ୍ରତୀକ । ମଣିଷ ଜୀବନର ନୈର୍ବ୍ୟକ୍ତିକ ଦ୍ୱନ୍ଦ୍ୱର କରୁଣ ମଧୁର ଭାବ ମୂର୍ଚ୍ଛନା ଏଥିରେ ଯେପରି ପ୍ରକାଶ ପାଇଛି ତାହା ଯେକୌଣସି ସାହିତ୍ୟରେ ଓ କଳା ସୃଷ୍ଟିରେ ବରଣୀୟ ବିବେଚିତ ହେବ ।" ପୁଣି ସେ କହି ରଖିଛନ୍ତି- "'ପାର୍ବତୀ' ରାଧାନାଥଙ୍କର ଏକମାତ୍ର କାବ୍ୟ ଯେଉଁଥିରେ ଅଛି ଗଭୀର ମାନବିକ ସ୍ପର୍ଶ, ଶାଣିତ ସତ୍ୟୋପଲବ୍ଧି ଓ ଲଳିତ ସୌନ୍ଦର୍ଯ୍ୟ ଦୃଷ୍ଟି । xxx ମାତ୍ର ତାଙ୍କ ଆଦର୍ଶ ଓ ଉଦ୍ଦେଶ୍ୟ ବୁଝିବାକୁ ପ୍ରୟାସ ନକରି 'ପାର୍ବତୀ କାବ୍ୟର ଉପସଂହାର'ର ଲେଖକ ସମସ୍ତ ଚିତ୍ରକୁ ଅପ୍ରାକୃତିକ ଓ ଦୈବ ଶକ୍ତିର ପ୍ରଭାବରେ ଆଚ୍ଛନ୍ନ କରି ଦେଇଛନ୍ତି । ସେଥିଲାଗି ଏହା ରାଧାନାଥଙ୍କ କାବ୍ୟର କୌଣସି ଦିଗକୁ ପୁଷ୍ଟ କରିପାରିନାହିଁ ।" (ପୃ ୧୭୦) ଏ ମନ୍ତବ୍ୟ ବୋଧହୁଏ ଓଡ଼ିଆ ସମାଲୋଚନା ସାହିତ୍ୟରେ ସର୍ବପ୍ରଥମେ ଡକ୍ଟର ମିଶ୍ରଙ୍କ ମୁହଁରୁ ଶୁଣିବାକୁ ମିଳିଲା । ଏହା ଯେତିକି ଆନୁପାତିକ ସେତିକି ସତ୍ୟନିଷ୍ଠ ମଧ୍ୟ ।

'ଚିଲିକା' ଓ 'ଦରବାର' ଖଣ୍ଡକାବ୍ୟ ଦୁଇଟିରେ ରାଧାନାଥଙ୍କ କବିମାନସର ଦୁଇ ବିଶିଷ୍ଟ ଦିଗର ପରିଣତି ଦେଖିବାକୁ ମିଳେ ବୋଲି ଡକ୍ଟର ମିଶ୍ର ମଧ୍ୟ କହିଛନ୍ତି । "ଏକଦିଗରେ ସେ ବୈରାଗ୍ୟ ଧର୍ମୀ । ନୈତିକ ଶୃଙ୍ଖଳା ଓ ଆଧାତ୍ମିକ ଶୁଚିନିଷ୍ଠା ତାଙ୍କ ଭାବନା ଓ ଚିନ୍ତାକୁ ନିୟନ୍ତ୍ରଣ କରିଛି । ସଂସାରର ସମସ୍ତ ଅଳୀକତା, ମୋହ, ଗର୍ବ ଓ ଆତ୍ମଶ୍ଳରିତାକୁ କାଳର ସର୍ବଗ୍ରାସୀ କଷଟୀରେ କଷି ଏଇ ବୈରାଗୀ ମନ ମାନବ ପ୍ରବୃତ୍ତିର ସମସ୍ତ ସହଜାତ ସହଜସ୍ୱାଦ୍ୟ କାମନା ବର୍ଜନ କରିଛି । ଏଇ ମନରୁ ଝରିଚି ଯେଉଁ ଅଗ୍ନି, ତାହାରି ଦାହ-ଦୀପ୍ତିହିଁ 'ଦରବାର' ।" ଡକ୍ଟର ମିଶ୍ର 'ଚିଲିକା'କୁ ଆସକ୍ତି ଓ 'ଦରବାର'କୁ ଅନାସକ୍ତିର ଖଣ୍ଡକାବ୍ୟ ଭାବେ ପ୍ରତିପାଦନ କରିଛନ୍ତି । 'ଚିଲିକା' କାବ୍ୟରୁ କବିମନର ରସିକତାକୁ ସନ୍ଧାନ କରିବାକୁ ଯାଇ ସେ କହିଛନ୍ତି- ("ଚିଲିକା ଭାବପ୍ରବଣ ହୃଦୟର ତନ୍ମୟ ଅନୁଭୂତି ରସରେ ଉଚ୍ଛଳ । ମାନବ ପ୍ରାଣର ଜୈବୀବୃତ୍ତିର ସମାହିତ ସମୁନ୍ନତ ସ୍ତରରେ ଥାଇ ପ୍ରକୃତିରେ ବା ନାରୀ ଦେହରେ ରୂପରସର ଯେଉଁ ସ୍ୱାଦ ପାଇଛନ୍ତି, ତାହା ନିବିଡ଼ ଭାବରେ ଏକାନ୍ତରେ ଭୋଗ କରିବାକୁ କବି ଆଶାୟୀ । ନିବିଡ଼ ଅନୁଭୂତିରେ ପାଇ ପ୍ରତିକୂଳ ପରିସ୍ଥିତିରେ ଯାହା ହଜାଇଛନ୍ତି, ସେଥିଲାଗି କବିଙ୍କ ହୃଦୟରୁ ଝରିଛି ଅଶ୍ରୁ । ଏହି ଅଶ୍ରୁର ଉଷ୍ଣତା 'ଚିଲିକା'ର ପ୍ରତି ପଙ୍‌କ୍ତିକୁ

କରୁଣ ଓ ରସାଳ କରିଛି । ଚିଲିକା ନିର୍ଜୀବ ପ୍ରକୃତି ମାତ୍ର ନୁହେଁ, କବିଙ୍କ ପ୍ରାଣର ଅନ୍ତରଙ୍ଗ ସହଚରୀ ।"(ପୃ.୧୭୪)) ଡକ୍ଟର ମାନସିଂ ଏହି 'ଚିଲିକା' କାବ୍ୟ ସଂପର୍କରେ ଲେଖିଥିଲେ- "ଚିଲିକା'ରେ ରାଧାନାଥଙ୍କ ଅନୁଭୂତି ଭକ୍ତର ଭଗବାନ ପ୍ରତି ଅନୁଭୂତି ପରି ପବିତ୍ର ଓ ଗଭୀର; ନାରୀର ପ୍ରଣୟୀ ପ୍ରତି ଅନୁଭୂତି ପରି ନିବିଡ଼ ଓ ନିକଟତର । xxx ଚିଲିକା ପ୍ରତି ତାଙ୍କର ଯେଉଁ ଆକର୍ଷଣ, ତାହା ଅନ୍ୟ କୌଣସି ପାର୍ଥିବ ସମ୍ବନ୍ଧରେ ପାଇ ନାହାନ୍ତି । ଏଠାରେ ପ୍ରକୃତି ତାଙ୍କର ପ୍ରେୟସୀ; ପ୍ରେମିକାର ପଦତଳେ ପ୍ରେମିକ ଯେପରି ଅର୍ଘ୍ୟ ଦାନ କରେ, କବି ସେଇପରି ପ୍ରକୃତି ପଦତଳେ ଅର୍ଘ୍ୟଦାନ କରିଅଛନ୍ତି ।" ଡକ୍ଟର ମାନସିଂହ ଓ ଡକ୍ଟର ନରେନ୍ଦ୍ରନାଥଙ୍କ ଆକଳନ କେତେ ପାଖାପାଖି ତାହା ଉଭୟ ଉଦ୍ଧୃତିରୁ ପାଠକେ ଅନୁଭବ କରି ପାରିବେ ।

କିନ୍ତୁ ଡକ୍ଟର ମିଶ୍ରଙ୍କ ମତରେ ହୃଦୟ ସହିତ ମନର, ଅନୁଭୂତି ସହିତ ମନନର ସ୍ୱାଦ୍ୟ ସମନ୍ୱୟ 'ମହାଯାତ୍ରା'ରେ ଯେପରି ଘଟିଛି, ତାହାର ତୁଳନା ଅନ୍ୟତ୍ର ମିଳିବା ଦୁର୍ଲଭ । ଏ କାବ୍ୟକୁ ନେଇ ନରେନ୍ଦ୍ରୀୟ ସୃଜନଶୀଳତା କିପରି ଗତିଶୀଳ ହୋଇ ଉଠିଛି ଉଦ୍ଧୃତ ପଙ୍‌କ୍ତିମାନଙ୍କରୁ ଲକ୍ଷ୍ୟ କରନ୍ତୁ ପାଠକେ ! "ଏପର୍ଯ୍ୟନ୍ତ ରାଧାନାଥଙ୍କ ରଚନାବଳୀର ଯେଉଁ ପରିକ୍ରମା ହୋଇଛି ସେଥିରେ ସର୍ବତ୍ର ତାହାଙ୍କୁ ରୋମାଣ୍ଟିକ୍ ସ୍ୱୈରବାଦୀ କବି ରୂପେ ଦେଖିବାକୁ ପାଇଅଛୁଁ । ସର୍ବତ୍ର କାହାଣୀରେ ସ୍ୱଚ୍ଛନ୍ଦ ଗତିଧାରା, ବର୍ଣ୍ଣନାରେ ପ୍ରଗୀତର କ୍ଷୁଦ୍ରତା ଲକ୍ଷ୍ୟ କରିଅଛୁଁ ।(ମାତ୍ର 'ମହାଯାତ୍ରା' ଏକ ବ୍ୟତିରେକ । ଏହାର ସ୍ୱରରେ ନିର୍ଝରର କଳସଂଗୀତ ନାହିଁ; ଅଛି ପ୍ରପାତର ମନ୍ଦ୍ର ନିର୍ଘୋଷ । ଏହାର ଭାଷା, ଭାବ, ଛନ୍ଦ, ବିଷୟବିନ୍ୟାସ ସର୍ବତ୍ର ଏକ ଗାମ୍ଭୀର୍ଯ୍ୟ, ମନନଶୀଳତା, ବୋଧିଋଜୁତା ଅସପନ୍ ଆଧିପତ୍ୟ ବିସ୍ତାର କରିଅଛି । ସ୍ୱୈର ଅସ୍ଥିରତା ନୁହେଁ, ଶୃଙ୍ଖଳିତ ଶାଶ୍ୱତ ବାଣୀମୂର୍ତ୍ତି ଏଥିରେ ବିଧୃତ ହୋଇଛି । ତେବେ ଏହାଯେ ଏକାନ୍ତ ଲିରିକ୍ ବର୍ଜିତ, ତାହା ନୁହେଁ । "ଝରୁଚି ମୁଁ ନିରାଶାର ଅତଳ କୁହରେ" ଭଳି ପଙ୍‌କ୍ତିରେ କ୍ୱଚିତ୍ ପ୍ରକୀର୍ଣ୍ଣ ଗୀତିଝଙ୍କାର କୃଷ୍ଣ ଘନମେଘ କୋଳରେ କ୍ୱଚିତ୍ ଦୀପ୍ତ ବିଦ୍ୟୁତ୍ ଶିଖା ଭଳି ଆମର ଦୃଷ୍ଟି ଝଲସାଇ ଦିଏ ।")(ପୃ୧୮୦) ଏ ଭାଷା ଓ ତତ୍ ସନ୍ନିହିତ ରୂପକଳ୍ପ କେତେ ସୃଜନଧର୍ମୀ (creative) ତା ନିରପେକ୍ଷ କାବ୍ୟାମୋଦୀ ଆଲୋଚକମାନେ ନିଶ୍ଚୟ ଉପଲବ୍ଧି କରିବେ । ଏପରି ଆକଳନକୁ ନରେନ୍ଦ୍ରୀୟ ସୃଜନଶୀଳତା ବ୍ୟତୀତ ଆଉବା କେଉଁ ଭାବରେ ନାମିତ କରାଯାଇପାରିବ ? ପୁଣି ଆକଳନ ପରି ବିଚାରରେ ଡକ୍ଟର ନରେନ୍ଦ୍ରନାଥ କେତେ ସତ୍ୟାଶ୍ରୟୀ ନିରପେକ୍ଷ ଓ

ସାହସିକ ରାଧାନାଥଙ୍କ ସଂପର୍କରେ ତାଙ୍କ ଦୀର୍ଘ ତର୍ଜମା ପରେ କେତୋଟି ଶେଷବାକ୍ୟକୁ ଆଧାର କରି ବୁଝିହୁଏ । ଏହି ପ୍ରତିଭାବାନ୍ କବିଙ୍କ କାବ୍ୟାବଳୀକୁ ବିଚାର କରି ସେ ଅନେକ ସ୍ଥାନରେ ନିଜର ମତାମତ ପ୍ରକାଶ କରିଛନ୍ତି ଅତି ନିରପେକ୍ଷ ଭାବେ । ସେ ଲେଖିଛନ୍ତି-("ମହାନ୍ ପ୍ରତିଭା, ନିରବଚ୍ଛିନ୍ନ ସାଧନା, ଅସାଧାରଣ ଧୀଶକ୍ତି, ସୁଦୂରପ୍ରସାରୀ ଆହରଣକ୍ଷମ ମନ, ଭାବପ୍ରବଣ ହୃଦୟ, ଆଦର୍ଶ ମନୁଷ୍ୟତାର ଯୋଗ୍ୟତମ ଅଧିକାରୀ ରାଧାନାଥ ବିପୁଳ ସମ୍ଭାବନା ଘେନି ଓଡ଼ିଆ ସାହିତ୍ୟରେ ଆବିର୍ଭୂତ ହୋଇଥିଲେ । ସେ ଯୁଗର ଦିଗ୍‌ବଳୟକୁ ଆଲୋକିତ, ମାନସଭୂମିକୁ ମୁଗ୍ଧ କରି ଯାଇଥିଲେ ବି ଯୁଗାତୀତ ଓ କାଳାତୀତ ନିମନ୍ତେ କିଛି ଦେଇଯାଇ ପାରିଲେ ନାହିଁ । ରାଧାନାଥ, ଆମ ସାହିତ୍ୟରେ ବିରାଟ ସମ୍ଭାବନା ଓ ବିପୁଳ ବ୍ୟର୍ଥତାର ମୂର୍ତ୍ତ ପ୍ରତିନିଧି ।" (ପୃ.୨୦୦))

ସେହିପରି ଫକୀରମୋହନଙ୍କ ସଂପର୍କରେ ନାତିଦୀର୍ଘ ଆକଳନ ଶେଷରେ ଚନ୍ଦ୍ରର ମିଶ୍ର ତାଙ୍କର ସମାଲୋଚକୀୟ ମନ୍ତବ୍ୟ ଦେଇ କହିଛନ୍ତି- "ଫରାସୀ କବି ବଦଲେୟାର ମନେ କରୁଥିଲେ, ଯେଉଁ କବିମାନେ ନିଶ୍ଚିତ ଭାବରେ ଜନସାଧାରଣଙ୍କ ସ୍ତରକୁ ଓହ୍ଲାଇଯା'ନ୍ତି, ସେମାନେ କବିଭାବରେ ଆତ୍ମହତ୍ୟା କରନ୍ତି । ଏହି ରୂପେ ଦେଖିଲେ ଫକୀରମୋହନ କବି ହିସାବରେ ଅପମୃତ୍ୟୁ ଭୋଗ କରି ପାରିଥାନ୍ତି । ତାଙ୍କ ଦାନରେ ଓଡ଼ିଆ କବିତା ହୁଏତ କଳାଦିଗରୁ ସମୃଦ୍ଧ ହୋଇନାହିଁ । ମାତ୍ର କବିତା ଅପେକ୍ଷା ଜୀବନ ଅଧିକ ମୂଲ୍ୟବାନ । ଜୀବନର ଭାସ୍କର ରୂପେ ଫକୀରମୋହନ ମହନୀୟ ।" (ପୃ ୨୧୮)

ଭକ୍ତକବି ମଧୁସୂଦନଙ୍କ ସଂପର୍କରେ ତାଙ୍କର ଶେଷ ମନ୍ତବ୍ୟ ହେଲା "ସମାଜର କଳୁଷିତ ପରିବେଶ, ମନୁଷ୍ୟର କଳଙ୍କିତ ଜୀବନର ଅନ୍ଧକାର ମଧ୍ୟରେ ସେ ସୌନ୍ଦର୍ଯ୍ୟ ଶକ୍ତି ଓ ପବିତ୍ରତାର ଆଲୋକ ପରିସ୍ଫୁଟ କରିବା ଲାଗି ଆତ୍ମାରେ ଅଭିଳାଷର ଚିରଦୀପ୍ତ ଅଗ୍ନି ଜାଳି ରଖିଥିଲେ । ପଦେପଦେ ବାଧା ପ୍ରତିବନ୍ଧକ, ପାପ ଓ ବିଚ୍ୟୁତିର ଶଙ୍କା ତାଙ୍କ ଚେତନାକୁ ଚିର ଜାଗ୍ରତ, ଆତ୍ମାକୁ ଚିର ବିକ୍ଷୁବ୍ଧ କରି ରଖିଥିଲା । ଏଥିଲାଗି ଆନନ୍ଦ ଓ ବିଷାଦ, ଆଶା ଓ ଆଶଙ୍କାର ଦ୍ୱୈତଭୂମିରେ ସେ ସଦା ବିଚରଣ କରୁଥିଲେ । xxxତଥାପି ତାଙ୍କ ସୃଷ୍ଟି ପ୍ରଣାଳୀବଦ୍ଧ । ସେଥିରେ ଶବ୍ଦଶିଳ୍ପୀର ଚାତୁରୀ ନାହିଁ, ଭାରାକ୍ରାନ୍ତ ଅଳଙ୍କାରର ମଣ୍ଡନ ନାହିଁ, ବ୍ୟଞ୍ଜନାର ଆଧିପତ୍ୟ ନାହିଁ । କେବଳ ଭାବର ଉଚ୍ଛ୍ୱାସରେ ଭାସିଯାଇ ସେ କୌଣସିଠାରେ ଭାଷାର ଶୁଦ୍ଧତା ଲଙ୍ଘନ କରିନାହାନ୍ତି, କବିତାର ଆକୃତି ଓ ଭାବସଂହତି କ୍ଷୁଣ୍ଣ କରିନାହାନ୍ତି; ବରଂ ମାର୍ଜିତ ରୁଚି, ସଂସ୍କୃତ ଶବ୍ଦାବଳୀ ଓ

କଳା ପରିପାଟୀରେ ତାଙ୍କ କାବ୍ୟଜଗତକୁ ନୂତନ ରୁଚି ପ୍ରଦାନ କରିଯାଇଛନ୍ତି ।" ଅଥଚ ପ୍ରାଚୀନପନ୍ଥୀ ସଂସ୍କୃତିଆ ପ୍ରଫେସରମାନେ ଏପରି ଜଣେ ସମାଲୋଚକଙ୍କୁ ବାରମ୍ବାର ଅବଜ୍ଞା ଓ ଅବହେଳାର ଗହ୍ୱର ଭିତରକୁ ତାଙ୍କ ପ୍ରଜ୍ଞା ଓ ଯୋଗ୍ୟତାକୁ ଯେ ଠେଲି ଦେଇଛନ୍ତି- ଏହା ଗଭୀର ଶୋଚନାର ବିଷୟ ନୁହେଁ କି ? ଗୁଣ ଚିହ୍ନେ ଗୁଣିଆ ପରି ଶେଷ ପର୍ଯ୍ୟନ୍ତ ଡକ୍ଟର କୁଞ୍ଜ ବିହାରୀ ଦାଶହିଁ କେବଳ ନରେନ୍ଦ୍ରନାଥଙ୍କ ପ୍ରାଜ୍ଞିକତାକୁ ବୁଝିଥିଲେ ଓ ତେଣୁ ଆଦର କରିଥିଲେ । ମୁଁ ଯେତେବେଳେ ସବୁଜ କବିମାନଙ୍କଠାରୁ ୧୯୬୦ ମସିହା କବିତା ପର୍ଯ୍ୟନ୍ତ ନିବନ୍ଧ ରଚନା କରିବାକୁ ସ୍ଥିର କଲି ସେହିଁ ମୋତେ ଡକ୍ଟର ନରେନ୍ଦ୍ରନାଥ ମିଶ୍ରଙ୍କ 'ଆଧୁନିକ ଓଡ଼ିଆ କାବ୍ୟଧାରା- ଆଦିଯୁଗ'କୁ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ । ସେତେବେଳକୁ ଡକ୍ଟର ନଟବର ସାମନ୍ତରାୟଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ- ୧୮୦୩-୦୯୨୦' ଖୁବ୍ ବେଶି ଚର୍ଚ୍ଚାର ପରିସର ଭିତରକୁ ଆସିଥାଏ । ସମ୍ଭବତଃ ଏ ଉଭୟ ନିବନ୍ଧ ଗ୍ରନ୍ଥ ଅଧ୍ୟୟନ କଲାପରେ ତତ୍‌ପରବର୍ତ୍ତୀ ଓଡ଼ିଆ କବିତା ଉପରେ ନିବନ୍ଧ ରଚନା କରିବାକୁ ମୁଁ ମନସ୍ଥିର କରି ସାରିଥିଲି । ତେଣୁ ଏ ଉଭୟ କୃତିର ଐତିହାସିକତା ଓ କାବ୍ୟିକ ସୃଜନଶୀଳତା ମୋ ରଚିତ 'ସବୁଜରୁ ସାଂପ୍ରତିକ'ରେ ପ୍ରତିଫଳିତ ହୋଇଛି- ଏକଥା କହିବାରେ ମୋର କୁଣ୍ଠା ନାହିଁ ।

ଅଥଚ ଏପରି ଜଣେ ସମାଲୋଚକ ଆମମାନଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ଆମ ବିବେକ ଓ ବିଚାରଧାରାକୁ ଉପହସିତ କରିବ । ସେ ଯେ ଓଡ଼ିଆ ସାହିତ୍ୟରେ ତାଙ୍କ ଯଥାର୍ଥ ସ୍ଥାନ ପାଇନାହାନ୍ତି, ସାହିତ୍ୟ ଏକାଡେମୀ ପୁରସ୍କାରଟିଏବି ପାଇନାହାନ୍ତି, ଏହା ଏକ ଶୋଚନାର ବିଷୟ ଥିଲାବେଳେ ସେ କେବେବି ସେଥିପାଇଁ କ୍ଷୋଭ ପ୍ରକାଶ କରିନାହାନ୍ତି । ସେ ଜଣେ ନୀରବ ସାଧକ ଓ ଏକାନ୍ତ ବିଜ୍ଞାପନହୀନ । ନିଜପାଇଁ ଲବି କରିବା ବା ଗୋଷ୍ଠୀଗଠନ କରିବା ପରି ବ୍ୟକ୍ତି ସେ ନୁହନ୍ତି । ତାଙ୍କ କଥା କେହି ନଶୁଣିଲେ ବରଂ ସେ ଚୁପ୍ ହୋଇ ରହିଯାଉଥିଲେ, ସେଥିପାଇଁ ପ୍ରୟାସ ଜାରି କରୁନଥିଲେ । ଅନେକ ସମୟରେ ଅନ୍ୟାୟ ବିରୋଧରେ ପାଟି ନଖୋଲିବା ତାଙ୍କର ଦୁର୍ବଳତା ହୋଇପାରେ, କିନ୍ତୁ କାହାକୁ ଆଘାତ ଦେବାର ସେ ପକ୍ଷପାତୀ ନୁହନ୍ତି । ଆଜି ଜୀବନର ଶେଷଭାଗରେ ଆମେ ତାଙ୍କୁ ସ୍ମରଣ କରୁଛେ, ଓ ତାଙ୍କ ପାଇଁ ଅଭିନନ୍ଦନ ଗ୍ରନ୍ଥଟିଏ ପ୍ରକାଶ କରିବାକୁ ଉଦ୍ୟମ କରୁଛେ- ଯାହା ଅନେକ ଆଗରୁ ହେବାର ଥିଲା । ବର୍ତ୍ତମାନ ସେ ଆଉ ଏସବୁ ବୁଝିପାରିବା ଅବସ୍ଥାରେ ନାହାନ୍ତି ।

ତାଙ୍କର ସ୍ମୃତିଶକ୍ତି ଏବକୁ ପ୍ରାୟ ଲୋପ ପାଇ ବସିଛି । ଅନେକ ସମୟରେ ତାଙ୍କର ସନ୍ତାନ ଓ ପ୍ରିୟ ମଣିଷମାନଙ୍କୁ ବି ସେ ଆଉ ଚିହ୍ନି ପାରୁନାହାନ୍ତି, ଏହା ଏକାନ୍ତ ଦୁଃଖଦାୟକ ନିଶ୍ଚୟ। ଓଡ଼ିଆ ସାହିତ୍ୟର ଏଇ ସମର୍ଥ ସମାଲୋଚକଙ୍କୁ ଜରା ଓ ବ୍ୟାଧି ଗ୍ରାସ କରିବା ପୂର୍ବରୁ ଆମେମାନେ ତାଙ୍କୁ ମନେ ପକେଇବା ଉଚିତ ଥିଲା । ତାଙ୍କର କର୍ମକ୍ଷେତ୍ର ଶାନ୍ତିନିକେତନ ପାଇଁ ଏବେ ସେ ବୋଧହୁଏ ପରଦେଶୀ ହୋଇଯାଇଛନ୍ତି, ଆଉ ଓଡ଼ିଆ ସାହିତ୍ୟର ମୁଖ୍ୟସ୍ରୋତରୁ ମଧ୍ୟ ବିଚ୍ଛିନ୍ନ ହୋଇଯାଇଛନ୍ତି । ତେବେ ତାଙ୍କ 'ଆଧୁନିକ ଓଡ଼ିଆ କାବ୍ୟଧାରା'ର ସମାଲୋଚନା ଦୃଷ୍ଟିଭଙ୍ଗୀ ପ୍ରତି ଏଣିକି ବିଦଗ୍ଧମଣ୍ଡଳୀର ଦୃଷ୍ଟି ଆକୃଷ୍ଟ ହେବ ବୋଲି ଆମେ ଆଶା କରିବା କଥା । ମୋ ମତରେ ଓଡ଼ିଆ ସମାଲୋଚନା ସାହିତ୍ୟର ଏ ପୁସ୍ତକ ଗୋଟିଏ ଅତି ମୂଲ୍ୟବାନ ସାଇତା ସଂପତ୍ତି ହୋଇ ରହିବ । ନିରବଧି କାଳ ଓ ବିପୁଳା ଏ ପୃଥ୍ୱୀରେ କେହିହେଲେ କେବେ ଜଣେ ଅନୁରାଗୀ ଗବେଷକ ଆସିବେ ଯେ ଏହାର ପୃଷ୍ଠା ପରେ ପୃଷ୍ଠା ଧ୍ୟାନର ସହିତ ପଢ଼ି ରତ୍ନ ଆହରଣ କରିବେ ଓ "ଓଡ଼ିଆ ସମାଲୋଚନା ସାହିତ୍ୟ ପୁଷ୍କଳ ନୁହେଁ"ର ଇଂରାଜୀ-ଅଭିଯୋଗକୁ ମୁକାବିଲା କରିବେ । ଡକ୍ଟର ନରେନ୍ଦ୍ରନାଥ ମିଶ୍ରଙ୍କ ଏହି ସମାଲୋଚନା ଗ୍ରନ୍ଥ ଦୁଇଟିକୁ କୌଣସି ଇଂରେଜୀ ଅଧ୍ୟାପକ ପଢ଼ିଛନ୍ତି ବୋଲି ମୋର ବିଶ୍ୱାସ ହେଉନାହିଁ । ନଚେତ୍ "ଓଡ଼ିଆ ସମାଲୋଚନା ନିମ୍ନସ୍ତରର" ବୋଲି ସେମାନେ କୁତ୍ସାରଟନା କରନ୍ତେ ନାହିଁ । ଏପରି ଦୁଇଖଣ୍ଡି ପୁସ୍ତକ (ସର୍ବମୋଟ ୩୪୪+୩୬୯) ପୃଷ୍ଠା) ଯେ ଊନବିଂଶ ଶତାବ୍ଦୀ ଓ ଆଦ୍ୟ ବିଂଶ ଶତାବ୍ଦୀର ସାହିତ୍ୟିକ ପାଣିପାଗକୁ ପ୍ରତିପନ୍ନ କରାଇବାରେ ଅଗ୍ରଗାମୀ ଭୂମିକା ବହନ କରେ, ଏକଥା ଏ ପୁସ୍ତକ ଯୁଗ୍ମକୁ ନପଢ଼ିଲେ କେହି ବିଶ୍ୱାସ କରିପାରିବେ ନାହିଁ । ଡକ୍ଟର ନରେନ୍ଦ୍ରନାଥ ମିଶ୍ରଙ୍କ ପରି ଜଣେ ସରଳ, ନିରାଡ଼ମ୍ବର, ଉଦାର, ବହୁପାଠୀ, ଗୁଣୀ ବ୍ୟକ୍ତିଙ୍କୁ ତାଙ୍କର ଚାକିରୀ କ୍ଷେତ୍ରରେ ଘୋର ଷଡ଼ଯନ୍ତ୍ରର ସମ୍ମୁଖୀନ ହେବାକୁ ପଡ଼ିଛି । ଶାନ୍ତିନିକେତନର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଅନ୍ୟତମ ଅଧ୍ୟାପକ ଭାବେ ପରବର୍ତ୍ତୀ ସମୟରେ ସେଠାରେ ତାଙ୍କର ପଦୋନ୍ନତି ହେବା କଥା । କିନ୍ତୁ ଏଥିପାଇଁ ସେ ଥିଲେ ନିର୍ବିକାର ଓ ଉଦ୍ୟମ ରହିତ । ତାଙ୍କ ଯୋଗ୍ୟତା, ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଠାରୁ କ୍ୟାରିଅର ଓ ପୁସ୍ତକ ପ୍ରକାଶନ ଦୃଷ୍ଟିରୁ ଢ଼େର ଊର୍ଦ୍ଧ୍ୱରେ ଥିଲେ ବି ସେ ଦୀର୍ଘକାଳ ଅଧ୍ୟାପନା ପରେ ବିଶ୍ୱଭାରତୀରେ ଠିକ୍ ସମୟରେ ରିଡର ଓ ପ୍ରଫେସର ହୋଇପାରି ନଥିଲେ । ବରଂ ବାହାରୁ ଆସିଥିବା ଅଧ୍ୟାପକଙ୍କ ଯୋଗ୍ୟତା (Career) ଓ ପ୍ରକାଶନ

(Publication) ତାଙ୍କଠାରୁ ଊଣାଥିଲେ ବି ସେମାନେ ସେଠାରେ ରିଡର ଓ ପ୍ରଫେସର ପୋଷ୍ଟ ନିଜନିଜର ଚତୁରତା ଓ ପ୍ରଭାବ ବଳରେ ଅଧିକାର କରିଛନ୍ତି- ଏହା ଦିବାଲୋକ ପରି ସତ୍ୟ । ତଥାପି ମର୍ମନ୍ତୁଦପରେ ସେ ବିଶ୍ୱଭାରତୀ ଛାଡ଼ି ଅନ୍ୟତ୍ର ଯିବାକୁ ଚାହିଁ ନାହାନ୍ତି । କାରଣ ସେ ବିଶ୍ୱଭାରତୀ ଓଡ଼ିଆ ବିଭାଗକୁ ପ୍ରାଣ ଦେଇ ଭଲ ପାଉଥିଲେ । ତାଙ୍କର ପଦୋନ୍ନତି ପାଇଁ ଅଭିଳାଷ ନଥିଲା । ନିରାଡ଼ମ୍ବର ଜୀବନଧାରା ଓ ସରଳ ଜୀବନଯାପନ ପଦ୍ଧତି ତାଙ୍କୁ ଅଳ୍ପରେ ତୁଷ୍ଟ କରି ଦେଉଥିଲା । ମୁଁ ତ ଆଶ୍ଚର୍ଯ୍ୟ ହେଉଛି 'ଆଧୁନିକ ଓଡ଼ିଆ କାବ୍ୟଧାରା' (ଆଦିଯୁଗ) ଏବଂ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ' ଭଳି ଉଚ୍ଚକୋଟୀର ଦୁଇଟି ସମାଲୋଚନା ଗ୍ରନ୍ଥ ଲେଖିଥିବା ଜଣେ ଅଧ୍ୟାପକ ବିଶ୍ୱଭାରତୀ ପରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ତାଙ୍କ ପ୍ରାପ୍ୟ ଓ ସ୍ୱୀକୃତି ଯଥା ସମୟରେ କାହିଁକି ପାଇପାରି ନଥିଲେ ! ଓଡ଼ିଶାରେ ଚାଲିଥିବା ଗୋଷ୍ଠୀଗତ କାରସାଦୀ ପାଇଁ ସେ ସର୍ବନିମ୍ନ ପ୍ରାପ୍ୟରୁ ଯେ ବଞ୍ଚିତ ହୋଇଥିଲେ ଇତିହାସ ନିଶ୍ଚୟ ଏଥିପାଇଁ ଉତ୍ତରଦାୟୀ ହୋଇ ରହିବ ।

ସଂପାଦକ 'ଇସ୍ତାହାର', ଶୈଳଶ୍ରୀ ବିହାର, ଭୁବନେଶ୍ୱର

ଗୁରୁ ପ୍ରଫେସର ମନ୍ମଥ ନାଥ ଦାସଙ୍କ ସହିତ



ସୃଷ୍ଟିଶୀଳ ମୁହୂର୍ତ୍ତରେ ନରେନ୍ଦ୍ରନାଥ

ପତ୍ନୀଙ୍କ ସହିତ ଭ୍ରମଣବିଳାସୀ ନରେନ୍ଦ୍ରନାଥ



କନିଷ୍ଠ ପୁତ୍ର ବୀତଶୋକ

ତିନି କନ୍ୟା: ମଞ୍ଜୁଳା, ମୃଦୁଳା ଓ ପ୍ରଭାତୀ

ତିନି ଜାମାତା: ଫକୀରମୋହନ, ବସନ୍ତ, ଶ୍ରୀକାନ୍ତ ଓ ନାତି ନାତୁଣୀଙ୍କ ସହିତ

ବଡ଼ପୁଅ ଅଶୋକ, ବୋହୂ ଗୀତା ଓ ନାତିନାତୁଣୀଙ୍କ ସହିତ

ନାତି ଆଶିଷର ବ୍ରତପୋନୟନ ଅବସରରେ

ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କ ଗବେଷଣା କୌଶଳ

ଡ. କୃଷ୍ଣଚନ୍ଦ୍ର ପ୍ରଧାନ

ଗବେଷଣା ଏକ ନିରବଚ୍ଛିନ୍ନ ସାଧନା; ତଥ୍ୟ, ତତ୍ତ୍ୱ, ବିନ୍ୟାସ ଓ ବିଶ୍ଳେଷଣର ଏକ ବୈଜ୍ଞାନିକ ସଂଶ୍ଳେଷଣ । ଗବେଷକଟିଏ ନିରୋଳା ସାଧକ । ଅନ୍ୟ ଅର୍ଥରେ ଗୃହୀ ସନ୍ନ୍ୟାସୀ । ସର୍ଜନଶୀଳ ସ୍ରଷ୍ଟା ନ ହେଲେବି ସର୍ଜନଶୀଳତାର ସମସ୍ତ ଗୁଣର ଅଧିକାରୀ । ଏହି ଗୁଣ ଯୋଗୁଁ ତା' ସୃଷ୍ଟି ଅନ୍ୟ ସୃଷ୍ଟିର ବିଚାର-ବିଶ୍ଳେଷଣ ହୋଇଥିଲେ ହେଁ, ତାହା ଅନ୍ୟ ଏକ ନୂତନ ସୃଷ୍ଟିର ପ୍ରତୀତି ଜନ୍ମାଏ । ସ୍ରଷ୍ଟା, ସୃଷ୍ଟି, ପରିବେଶ ଓ ସାମସମୟିକ କାଳର ଆଧାରରେ ସଚ୍ଚା ଗବେଷକଟିଏ ନିଜର ସହଜ ଓ ଆହାର୍ଯ୍ୟା ପ୍ରତିଭା ମାଧ୍ୟମରେ ଯେଉଁ ବିଚାର-କଳାଟିକୁ ନିର୍ଦ୍ଦିଷ୍ଟ କାଳରେ ଜନ୍ମ ଦେଇଥାଏ, ସେହି କଳା ନିଜର ସୃଷ୍ଟି ସୌନ୍ଦର୍ଯ୍ୟ ପାଇଁ କାଳାତୀତ ହେବାର ଆସ୍ପର୍ଦ୍ଧା ରଖେ । ସେଠି କଳା ଓ କଳାକାର ଅପେକ୍ଷା ଅଧିକ ଶ୍ରେୟ ପାଇଥାଏ କଳା-ବିଶ୍ଳେଷକ । ଗୋଟିଏ ଉଚ୍ଚମାନର ଗବେଷଣା ମଧ୍ୟରେ ଜୀବନ ଓ ଜଗତର ଯେଉଁ ବ୍ୟାପକ ପରିଚୟ ଲୁକ୍କାୟିତ ରହିଥାଏ, ତାହା ଅନ୍ୟତ୍ର ବିରଳ ।

ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ବନ୍ଧରେ ଶତାଧିକ ଗବେଷଣା ନିବନ୍ଧ ସୃଷ୍ଟି ହୋଇଛି, ହେଉଛି ମଧ୍ୟ । ମାତ୍ର ତନ୍ମଧ୍ୟରୁ କେତୋଟି ଯଥାର୍ଥ ଗବେଷଣାତ୍ମକ ନିବନ୍ଧ ରହିଛି ? ହଁ, ସେଗୁଡ଼ିକୁ କିଛି ପରିମାଣରେ ପିଏଚ୍.ଡ଼ି. ଥେସିସ୍ କୁହାଯାଇପାରେ । ଏହି ଦୃଷ୍ଟିରୁ ଓଡ଼ିଶାରେ ନିଛକ ଗବେଷକଙ୍କ ସଂଖ୍ୟା ଅତ୍ୟନ୍ତ ନିଶ୍ଚୟ । ଯେଉଁ ମୁଷ୍ଟିମେୟ କେତେଜଣ ଗବେଷକଙ୍କ ଦ୍ୱାରା ଓଡ଼ିଆ ସାହିତ୍ୟ ଗୌରବାନ୍ୱିତ ତନ୍ମଧ୍ୟରେ ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କ ସ୍ଥାନ ସ୍ୱତନ୍ତ୍ର । ତାଙ୍କର ଗବେଷଣା ଓ ସମାଲୋଚନାରୁ ପ୍ରଫେସର ମିଶ୍ରଙ୍କ ସ୍ୱତନ୍ତ୍ର ବିଚାରଧାରା ବାରିହୋଇପଡ଼େ । 'ବଳରାମ ଦାସ ଓ ଓଡ଼ିଆ ରାମାୟଣ', 'ଶୈଳ ଓ ସୀମାନ୍ତ', 'ଓଡ଼ିଆ ସାହିତ୍ୟ ଓ ଭାଷା : ଏକ ଅଧ୍ୟୟନ', 'ଆଧୁନିକତା ଓ ଆଧୁନିକ ସାହିତ୍ୟ', 'ଆଧୁନିକ ଓଡ଼ିଆ କଥା ସାହିତ୍ୟ' ଆଦି ଗ୍ରନ୍ଥରେ ତାଙ୍କର ବୌଦ୍ଧିକ ବିଶ୍ଳେଷଣ ଓ ମୌଳିକ ବିଚାରଧାରା ବେଶ୍ ସ୍ପଷ୍ଟ ହୋଇ ଉଠିଥାଏ ।

'ଆଧୁନିକ ଓଡ଼ିଆ କାବ୍ୟଧାରା' ପ୍ରଫେସର ମିଶ୍ରଙ୍କ ଦୀର୍ଘଦିନ ଗବେଷଣାର ଅମୃତମୟ ଫଳ । ଊନବିଂଶ ଶତକରେ ରଚିତ ଓଡ଼ିଆ କବିତାକୁ ଏଥିରେ ପ୍ରଥମକରି ବୈଜ୍ଞାନିକ ବିଶ୍ଳେଷଣ କରାଯାଇଛି । ଜଣେ ସହୃଦୟ ପାଠକ ରୂପେ ସେ କବିତା ଗୁଡ଼ିକୁ ପାଠକରିଛନ୍ତି; ମାତ୍ର ବିଚାର ବେଳେ ଆଦୌ ମୋହାଚ୍ଛନ୍ନ ହୋଇ ପଡ଼ିନାହାନ୍ତି । ଆବେଗ ଅପେକ୍ଷା ସୃଷ୍ଟିର ମହତ୍ତ୍ୱ ଆକଳନ ସମୟରେ ଯୁକ୍ତି ଓ ପ୍ରାସଙ୍ଗିକତାକୁ ଗୁରୁତ୍ୱ ଦେଇଛନ୍ତି । ଜଣେ ଗବେଷକର ଦୃଷ୍ଟି ନେଇ ସ୍ରଷ୍ଟା ସମୂହର ପର୍ଯ୍ୟାଲୋଚନା କରିଛନ୍ତି, ଆବଶ୍ୟକ ସ୍ଥଳେ ଅପ୍ରିୟ ସତ୍ୟ ମନ୍ତବ୍ୟ ପ୍ରଦାନରେ କୁଣ୍ଠ ହୋଇନାହାନ୍ତି । 'ଓଡ଼ିଆ କାବ୍ୟଧାରା'ର ମୁଖବନ୍ଧରେ ତେଣୁ ପ୍ରଫେସର ମିଶ୍ରଙ୍କ ଦିଗ୍‌ଦର୍ଶକ ତଥା ବିଶିଷ୍ଟ ଆଲୋଚକ ଡ.କୁଞ୍ଜବିହାରୀ ଦାଶ କହିଛନ୍ତି- "ଗବେଷଣା ଡକ୍ଟର ନରେନ୍ଦ୍ର ନାଥ ମିଶ୍ରଙ୍କର ଏକ ଜୀବନବ୍ୟାପୀ ଯୋଜନା । ତେଣୁ ଡିଗ୍ରୀ ଲାଭ ତାଙ୍କୁ ବିକ୍ଷତ କରିନାହିଁ xxx ହୃଦୟର ଆବେଗରେ ଚାଳିତ ନ ହୋଇ ସେ ତଥ୍ୟଗତ ହେତୁବାଦ ଉପରେ ନିର୍ଭରଶୀଳ ହୋଇଅଛନ୍ତି । ତେଣୁ ତାଙ୍କର ବିଶ୍ଳେଷଣ ମନ୍ମୟ ନହୋଇ ହୋଇଛି ତନ୍ମୟ । ବୈଜ୍ଞାନିକ ପ୍ରଣାଳୀର ସେ କାବ୍ୟ ନିର୍ମାଣ ପ୍ରୟାସ ଓ କୌଶଳ, କବିକୀର୍ତ୍ତିର ମହତ୍ତ୍ୱ ମହିମା ପ୍ରଦର୍ଶନ କରିଛନ୍ତି ।"

ଊନବିଂଶ ଶତକରେ ସମଗ୍ର ବିଶ୍ୱରେ ଯେଉଁ ସାଂସ୍କୃତିକ ପରିବର୍ତ୍ତନ ସୂତ୍ରପାତ ହୋଇଥିଲା, ତାରି ଆଧାରରେ ସେ ଓଡ଼ିଆ କବିତାର ବିଚାରରେ ଅଗ୍ରସର ହୋଇଛନ୍ତି । ବିଷୟ ସଜ୍ଞୀକରଣ, ତଥ୍ୟାନୁସନ୍ଧାନ, ତଥ୍ୟ ବର୍ଗୀକରଣ ଓ ବିଶ୍ଳେଷଣ, ସର୍ବୋପରି ସୃଷ୍ଟି ବିଚାର କ୍ଷେତ୍ରରେ ସେ ନିଜର ମୌଳିକ ଚିନ୍ତାଧାରାର ପରିଚୟ ପ୍ରଦାନ କରିଛନ୍ତି । ତେଣୁ ଏହି ନିବନ୍ଧରେ ପାରଂପରିକ ବିଚାରଧାରା ଅପେକ୍ଷା ସର୍ବତ୍ର ବୈଜ୍ଞାନିକ ବିଚାରବୁଦ୍ଧିର ପରିପ୍ରକାଶ ଘଟିଛି । ଚର୍ବିତଚର୍ବଣ ନାହିଁ, ବସ୍ତୁନିଷ୍ଠତା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଊନବିଂଶ ଶତକରେ ରଚିତ କାବ୍ୟ-ନିର୍ମାଣ-କୌଶଳକୁ ବୈଜ୍ଞାନିକ ରୀତିରେ ବିଶ୍ଳେଷଣ କରାଯାଇଛି । କଳାତ୍ମକ ସୌଷ୍ଠବ ପ୍ରକାଶନରେ କୁଣ୍ଠିତ ହୋଇନାହାନ୍ତି । ଏହି ଶତକର ତିନିଜଣ ବିଶିଷ୍ଟ କବି ରାଧାନାଥ, ଫକୀରମୋହନ ଓ ମଧୁସୂଦନଙ୍କ ସୃଷ୍ଟି ସମୂହର ନିରପେକ୍ଷ ବିଚାର ଉପସ୍ଥାପନ ନିମିତ୍ତ ପ୍ରୟାସ କରିଛନ୍ତି । ତାଙ୍କ ଗବେଷଣା ନିବନ୍ଧର ବିଷୟ ସଜ୍ଞୀକରଣରୁ ଓଡ଼ିଆ ତଥା ସମସାମୟିକ ଏକଶତ ବର୍ଷ ବିଶ୍ୱର ଚିନ୍ତାଜଗତରେ ଦେଖା ଦେଇଥିବା ପରିବର୍ତ୍ତନକୁ ଅକ୍ଳେଶରେ ଅବଧାରଣା କରାଯାଇପାରେ । ଗବେଷକଙ୍କ ତଥ୍ୟଗ୍ରାହିତା, ବସ୍ତୁନିଷ୍ଠତା, ତଥା କଳାତ୍ମକ ଦୃଷ୍ଟିଭଙ୍ଗୀ ନିବନ୍ଧର ପ୍ରତ୍ୟେକ ସ୍ଥଳରେ ସୁପ୍ରତିପାଦିତ ।

ପ୍ରଫେସର ମିଶ୍ରଙ୍କ ଗବେଷଣା ନିବନ୍ଧର ବିଭାଗୀକରଣ ବୈଜ୍ଞାନିକ ଢ଼ଙ୍ଗରେ ସଂପାଦିତ । ସମୁଦାୟ ନିବନ୍ଧଟି ତିନୋଟି ଭାଗରେ ବିଭକ୍ତ । ପ୍ରଥମ ଭାଗ ପାଞ୍ଚ ଅଧ୍ୟାୟ ବିଶିଷ୍ଟ । ଏହି ଅଧ୍ୟାୟଗୁଡ଼ିକ ଊନବିଂଶ ଶତକର କବିତାଲୋଚନା କ୍ଷେତ୍ରରେ ହୋଇଛି ମୁଖଶାଳା ସ୍ୱରୂପ । ଅନ୍ୟଭାଗରେ କହିଲେ ପ୍ରଥମ ଭାଗର ପଞ୍ଜରା ଉପରେ ହିଁ ନିର୍ମିତ ହୋଇଛି ପରବର୍ତ୍ତୀ ଗବେଷଣାର ସୁନ୍ଦରହର୍ମ୍ୟ । ଊନବିଂଶ ଶତକର ଓଡ଼ିଆ କବିତା ସଂପୂର୍ଣ୍ଣତଃ ଇଂରାଜୀ ପ୍ରଭାବ ପରିପୁଷ୍ଟ ନୁହେଁ । ଦୀର୍ଘ ଦିନ ଧରି ଏହାପୂର୍ବରୁ ଓଡ଼ିଆ କବିତାରେ କବିତା ରଚନାର ଏକ ଆଭିଜାତ୍ୟ ସଂପନ୍ନ ପରଂପରା ରହିଥିଲା । ସେଥିପାଇଁ ପ୍ରାଚୀନତା ଓ ଆଧୁନିକତାର ସୁମଧୁର ସମନ୍ୱୟ ଊନବିଂଶ ଶତକର ଓଡ଼ିଆ କବିତାର ଲକ୍ଷଣୀୟ ବୈଶିଷ୍ଟ୍ୟ । ନିବନ୍ଧର ପ୍ରଥମ ଭାଗରେ ପ୍ରଥମ ଅଧ୍ୟାୟରେ ତେଣୁ ଗବେଷକ କବିତାର ଅଭ୍ୟୁଦୟ ସହିତ ଆଧୁନିକ ଓଡ଼ିଆ କବିତାର ଅଧ୍ୟୟନର ପରିସରକୁ ବୈଜ୍ଞାନିକ ଢ଼ଙ୍ଗରେ ବିଶ୍ଳେଷଣ କରି ପ୍ରାଚୀନ ଓ ଆଧୁନିକ ଧାରାର କ୍ରମବିବର୍ତ୍ତିତ ରୂପ ସମ୍ବନ୍ଧରେ ସୂଚନା ଦେଇଛନ୍ତି । ଏତଦ୍‌ବ୍ୟତୀତ ଆଧୁନିକ କାବ୍ୟ ଓ ଆଧୁନିକ ଜଗତର ବୈଶିଷ୍ଟ୍ୟ ସଂପର୍କରେ ମଧ୍ୟ ଏଥିରେ ଆଲୋଚନା ରହିଛି ।

ଯେକୌଣସି ସୃଷ୍ଟିର ପର୍ଯ୍ୟାଲୋଚନା ସମୟରେ ସେହି ସୃଷ୍ଟି ଯେଉଁ ପରିବେଶ ଓ ସମୟରେ ପରିବର୍ଦ୍ଧିତ ତଥା ପରିପୁଷ୍ଟ, ତାର ଐତିହାସିକ ବିଶ୍ଳେଷଣ ଏକାନ୍ତ ଜରୁରୀ । ଏଥିପାଇଁ ଗବେଷକ ନିବନ୍ଧର ପ୍ରଥମ ଭାଗର ଦ୍ୱିତୀୟ ପରିଚ୍ଛେଦରେ ଊନବିଂଶ ଶତକ ଓଡ଼ିଶାର ଶିକ୍ଷା, ସଂସ୍କୃତି, ସାହିତ୍ୟ ପରମ୍ପରା ସଂପର୍କରେ ବିହଙ୍ଗାବଲୋକନ କରି ନୂତନ ଶିକ୍ଷା ପ୍ରସାର ଦ୍ୱାରା ଓଡ଼ିଶାର ଜନମାନସରେ ଯେଉଁ ନୂତନ ସାଂସ୍କୃତିକ ଚେତନା ସୃଷ୍ଟି ହୋଇଥିଲା, ସେ ସମ୍ବନ୍ଧରେ ଅନୁଶୀଳନ କରିଛନ୍ତି । ଏହି ସମୟର ଐତିହାସିକ ଭୂମିକା ଓଡ଼ିଆ କବିତାକୁ ଦେଇଛି ନବୀନ ଦୃଷ୍ଟିଭଙ୍ଗୀ । ପାଶ୍ଚତ୍ୟ ଶିକ୍ଷା-ଦୀକ୍ଷା ସଂସ୍ପର୍ଶରେ ଆସିବା ଦ୍ୱାରା ଯେଉଁ ନବୀନ ଭାବାଦର୍ଶ, ଚିନ୍ତା ଓ ଚେତନା ଓଡ଼ିଶାରେ ସୃଷ୍ଟି ହୋଇଥିଲା ଓ ସେହି କାରଣରୁ ଯେଉଁ ଗୁଣାତ୍ମକ ପରିବର୍ତ୍ତନ ସାଧିତ ହୋଇଥିଲା, ଏହି ପରିଚ୍ଛେଦରେ ତାର ସଯୌକ୍ତିକ ଆକଳନ ପ୍ରସ୍ତୁତ କରାଯାଇଛି । ତୃତୀୟ ଅଧ୍ୟାୟରେ ଊନବିଂଶ ଶତକ ଓଡ଼ିଶାର ସାମାଜିକ ଜୀବନର ପରିଚୟ ତଥ୍ୟାତ୍ମକ ରୀତିରେ ପ୍ରତିପାଦିତ । ପ୍ରାସଙ୍ଗିକ ଭାବେ ଓଡ଼ିଶାର ସମାଜ ସଂପର୍କରେ ହଣ୍ଟର, ଷ୍ଟାର୍ଲିଂ ଆଦି ପାଶ୍ଚାତ୍ୟ ଐତିହାସିକମାନଙ୍କର ଦୃଷ୍ଟିକୋଣର ବିଶ୍ଳେଷଣ କରାଯାଇ ସମସାମୟିକ ଓଡ଼ିଶାର ସମାଜ ଓ ସାମାଜିକ କ୍ରିୟାକଳାପ ରାଧାନାଥ, ଫକୀରମୋହନ,

ମଧୁସୂଦନଙ୍କ କୃତିମାନଙ୍କରେ କିପରି ପ୍ରତିଫଳିତ, ତାହା ସୋଦାହରଣ ଆଲୋଚିତ ହୋଇଛି । ଏହି ପ୍ରେକ୍ଷାପଟରେ ବିଭିନ୍ନ ବର୍ଗଙ୍କ ପରିଚୟ, ସେମାନଙ୍କ ଦୃଷ୍ଟିଭଙ୍ଗୀ, ଦୀନଦରିଦ୍ରଙ୍କ ପ୍ରତି କବିଙ୍କ ଅନ୍ତରର ସମ୍ବେଦନଶୀଳତା, ଦେଶୀୟ ରାଜାମାନଙ୍କ ସଂକୀର୍ଣ୍ଣ ବିଚାରଧାରା, ଅମଲା ଓ ସରକାରୀ କର୍ମଚାରୀଙ୍କ କ୍ରିୟା-କଳାପ, କୃଷକ ଓ ନାରୀମାନଙ୍କର ସମାଜରେ ଅସହାୟତା, ଧାର୍ମିକ ଶଠତା, ତଥାକଥିତ ପୁରୋହିତ-ମହନ୍ତ-ପଣ୍ଡା-ସନ୍ନ୍ୟାସୀମାନଙ୍କର ଅଶୋଭନୀୟ କାର୍ଯ୍ୟକଳାପ କିପରି କବି ତ୍ରୟଙ୍କ ସୃଷ୍ଟିରେ ପ୍ରତିଫଳିତ ତାର ସୂକ୍ଷ୍ମ ବିଶ୍ଳେଷଣ ଏହି ପର୍ଯ୍ୟାୟରେ ରହିଛି । ଚତୁର୍ଥ ପରିଚ୍ଛେଦର ଆଲୋଚ୍ୟ ପ୍ରସଙ୍ଗ ହେଉଛି ଜାତୀୟତା ଓ ସ୍ୱଦେଶପ୍ରେମ । ଊନବିଂଶ ଶତକର ଓଡ଼ିଶାରେ ଜାତୀୟତା ତଥା ସ୍ୱଦେଶ ପ୍ରେମର ଯେଉଁ ନୂତନ ସଂଜ୍ଞା ସୃଷ୍ଟି ହୋଇଥିଲା, ତା' ମୂଳରେ ରହିଥିଲା ଉପନିବେଶବାଦୀ ଏ ସଂପର୍କରେ ନୂତନ ବ୍ୟାଖ୍ୟା । ଏହି ସମୟରେ ଇଉରୋପର ଜାତୀୟ ଜୀବନ ବିକାଶର ସୂତ୍ର ଖୋଜାଯାଇଛି ଭାଷା, ଧର୍ମ, ସାହିତ୍ୟ, ଦର୍ଶନ, କଳା ଓ ବିଜ୍ଞାନର କ୍ରମବିକଶିତ ସୋପାନରେ । ଏଥିନିମିତ୍ତ ନୃତତ୍ତ୍ୱ, ସମାଜତତ୍ତ୍ୱ ଓ ବିଶେଷକରି ଜାତିର ସାଂସ୍କୃତିକ ଇତିହାସ ଉପରେ ଗୁରୁତ୍ୱପ୍ରଦାନ କରାଯାଇଛି । ବିଜ୍ଞାନର ଅଭୂତପୂର୍ବ ବିକାଶ ଜାତୀୟତାର ସଂଜ୍ଞାକୁ କରିଛି ଅଧିକ ବିସ୍ତାରିତ ଓ ପ୍ରସାରିତ । ଊନବିଂଶ ଶତକର ଓଡ଼ିଶା ତଥା ଭାରତର ଜାତୀୟତାର ସୂତ୍ର ଖୋଜିବା ପାଇଁ ଗବେଷକ ପ୍ରାଚୀନ ଭାରତୀୟ ଆଦର୍ଶ ତଥା ଆଧୁନିକ ଇଉରୋପୀୟ ଚିନ୍ତାଧାରାର ସୂକ୍ଷ୍ମ ବିଶ୍ଳେଷଣ କରିଛନ୍ତି । ଯନ୍ତ୍ରଶକ୍ତିର ଅଭ୍ୟୁଦୟ, ବୈଜ୍ଞାନିକ ଉଦ୍ଭାବନ, ଯୋଗାଯୋଗର ଉନ୍ନତି, ଆଧୁନିକ ଶିକ୍ଷାର ପ୍ରସାର, ଶିଳ୍ପବିପ୍ଳବ ଆଦି ମାଧ୍ୟମରେ ଏହି ଜାତୀୟତା କିପରି ଭିନ୍ନ ରୂପ ଧାରଣ କରିଛି, ତାର ଯୁକ୍ତିପୂର୍ଣ୍ଣ ବିଚାର ସହିତ ଦେଶୀୟ ଜାତୀୟତା ଓ ଦେଶପ୍ରୀତିର ସ୍ଥୂଳ ପରିଚୟ ପ୍ରଦାନ କରାଯାଇଛି । ଆଧୁନିକ ଶିକ୍ଷା-ଦୀକ୍ଷା ଦ୍ୱାରା କେବଳ ହିନ୍ଦୁଜାତୀୟତା ବିକାଶ ସାଧିତ ହୋଇନାହିଁ, ତାହା ସହିତ ପ୍ରାଚୀନ ଇତିହାସର ଗୌରବବୋଧ, ସ୍ୱଦେଶଭୂମି ପ୍ରତି ଆକର୍ଷଣ, ଉତ୍କଳୀୟ ଏକତା, ଭାଷା ଓ ସାହିତ୍ୟର ଉନ୍ନତି, ଆର୍ଥିକଚେତନା, ରାଜନୈତିକ ଆଦର୍ଶର ପରିବର୍ତ୍ତନ, ଜାପାନର ଅଭ୍ୟୁଦୟ ଆଦି ଘଟଣା ଆମ କବିମାନଙ୍କ ସୃଷ୍ଟିକୁ ଯେଉଁ ନୂତନ ଦିଗ୍‌ଦର୍ଶନ ଦେଇଛି, ତାର ଏକ ଚମତ୍କାର ବିଶ୍ଳେଷଣ ଏହି ପର୍ଯ୍ୟାୟରେ ପରିଲକ୍ଷିତ ହୋଇଥାଏ । ଏହି ଭାଗର ପଞ୍ଚମ ଅଧ୍ୟାୟରେ ଧର୍ମ ଓ ଦର୍ଶନର ତାତ୍ତ୍ୱିକ ବ୍ୟାଖ୍ୟା ସହିତ କବିତା ସହ ତା'ର ନିଗୂଢ଼ ସଂପର୍କକୁ ବିଚାର କରିଛନ୍ତି । ଧର୍ମ ଓ ଦର୍ଶନକୁ ଗବେଷକ କବିତାର

ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗ୍ରହଣ କରିବା ସହିତ ପ୍ରାଚୀନ ଭାରତୀୟ ସାହିତ୍ୟଠାରୁ ଆରମ୍ଭକରି ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ କିପରି ଏହା ଦ୍ୱାରା ପ୍ରଭାବିତ, ତାର ଏକ ସ୍ଥୁଳ ବିବରଣୀ ପ୍ରଦାନ କରିଛନ୍ତି । ଇଉରୋପୀୟ ସାହିତ୍ୟ ମଧ୍ୟ ଏଥିରୁ ମୁକ୍ତ ନୁହେଁ ବୋଲି ବାଇବେଲର କେତେକାଂଶ ଉଦାହରଣରୁ ତାହା ପ୍ରତିପାଦନ କରିଛନ୍ତି । ବୈଜ୍ଞାନିକ ବୁଦ୍ଧିବାଦ ଯୋଗୁଁ ପ୍ରାଚୀନ ଆଦର୍ଶବାଦର ରୂପପରିବର୍ତ୍ତନ ଦ୍ୱାରା ଭାରତୀୟ ଆଦର୍ଶବାଦ ସହିତ ପାଶ୍ଚାତ୍ୟ ଦର୍ଶନର ସମ୍ମିଳନ ସଂଘଟିତ ହେଲା । ଫଳସ୍ୱରୂପ ସାର୍ବଜନୀନ ବିଶ୍ୱଦର୍ଶନର ଭୂମିକା ପ୍ରସ୍ତୁତ ହୋଇ ଭାରତୀୟମାନଙ୍କର ଚିନ୍ତାଜଗତରେ ଆସିଲା ବିପୁଳ ପରିବର୍ତ୍ତନ । ଆତ୍ମା-ପରମାତ୍ମା, ଈଶ୍ୱରଙ୍କ ସ୍ଥିତି ତଥା ଧର୍ମ ସଂପ୍ରଦାୟମାନଙ୍କ ପ୍ରତି ଲୋକମାନଙ୍କ ମତରେ ନୂତନ ବିଚାର ସୃଷ୍ଟି ହେଲା । ଆଶାବାଦର ବିଚାର କରାଗଲା ବିଭିନ୍ନ ଦୃଷ୍ଟିରୁ । ଏକ ପ୍ରସାରିତ ଦୃଷ୍ଟିଭଙ୍ଗୀରୁ ଇଉରୋପୀୟ ଓ ଭାରତୀୟ ଧର୍ମଦର୍ଶନର ବିଚାର କରି ରାଧାନାଥ, ଫକୀରମୋହନ ଓ ମଧୁସୂଦନଙ୍କ ଧାର୍ମିକ ଜୀବନକୁ ଗବେଷକ ଆଲୋଚନା କରିଛନ୍ତି । ଗବେଷଣା ନିବନ୍ଧର ପ୍ରଥମ ଭାଗରେ ଊନବିଂଶ ଶତକର ଇଉରୋପ ଓ ଭାରତୀୟ ସମାଜର ବିଭିନ୍ନ ଦିଗକୁ ଆଲୋଚନା ପରିସରଭୁକ୍ତ କରାଯାଇ ତାର ଆଧାର ଉପରେ ଗବେଷଣାର ଦ୍ୱିତୀୟ ଭାଗକୁ ପ୍ରସ୍ତୁତ କରାଯାଇଛି ।

'ଆଧୁନିକ ଓଡ଼ିଆ କାବ୍ୟଧାରା'(ଆଦିଯୁଗ)ର ଦ୍ୱିତୀୟଭାଗରେ ମୁଖ୍ୟତଃ ଊନବିଂଶ ଶତକର ତିନିଜଣ ବିଶିଷ୍ଟ କବି ରାଧାନାଥ ରାୟ, ଫକୀରମୋହନ ସେନାପତି ଓ ମଧୁସୂଦନ ରାଓଙ୍କ କୃତି ଓ କୀର୍ତ୍ତି ସଂପର୍କରେ ଆଲୋଚନା କରାଯାଇଥିଲେ ହେଁ ପ୍ରାସଙ୍ଗିକ ଭାବେ ଏହି ନାମକରଣ ହୋଇଛି 'କବି ଓ କୃତି' । ପ୍ରଥମ ଭାଗରେ ଯେଉଁ ତାତ୍ତ୍ୱିକ ଆଲୋଚନା ବିଭିନ୍ନ ଦୃଷ୍ଟିରୁ କରାଯାଇଛି ତାର ପ୍ରତିଫଳନ କିପରି କବିମାନଙ୍କ ସୃଷ୍ଟିରେ ପରିଲକ୍ଷିତ ହୋଇଛି ତା'ର କ୍ରମାନ୍ୱୟ ବିଶ୍ଳେଷଣ ଏଥିରେ ରହିଛି । ପୁନରାୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚେତନା ପରିପୁଷ୍ଟ ଏହି କବିମାନଙ୍କର ପ୍ରତିଭା ଏବଂ ମୌଳିକ ଚିନ୍ତାଧାରାର ଏକ ନିରପେକ୍ଷ ବିଚାର ଉପସ୍ଥାପିତ ହୋଇଛି ଏହି ପର୍ଯ୍ୟାୟରେ । ଦ୍ୱିତୀୟ ଭାଗରେ ରହିଛି ଚାରୋଟି ଅଧ୍ୟାୟ । ଷଷ୍ଠ, ସପ୍ତମ ଓ ଅଷ୍ଟମ ଅଧ୍ୟାୟ ଯଥାକ୍ରମେ ରାଧାନାଥ, ଫକୀରମୋହନ, ମଧୁସୂଦନଙ୍କ କୃତି ଉପରେ ଆଧାରିତ ହୋଇଥିବା ସମୟରେ ନବମ ଅଧ୍ୟାୟଟି ଉଦ୍ଦିଷ୍ଟ ଗୌଣ କବିମାନଙ୍କ ସଂପର୍କରେ ।

ଷଷ୍ଠ ଅଧ୍ୟାୟରେ ରାଧାନାଥଙ୍କ ସୃଷ୍ଟି ଆକଳନ ସମୟରେ କାବ୍ୟରଚନାର ପ୍ରାଥମିକ ପ୍ରସ୍ତୁତିଠାରୁ ତାଙ୍କ ସୃଷ୍ଟିର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ତଥ୍ୟାତ୍ମକ ବିଶ୍ଳେଷଣ କରାଯାଇଛି । ରାଧାନାଥଙ୍କ ଆହରଣ ଓ ସମୀକରଣ ପଦ୍ଧତି, ଆହରଣର ମୂଳ ଉତ୍ସ ସନ୍ଧାନ, ରାଧାନାଥଙ୍କ ମୌଳିକତା ଇତ୍ୟାଦିର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ମାଧ୍ୟମରେ ରାଧାନାଥଙ୍କ ସୃଷ୍ଟି ସୌନ୍ଦର୍ଯ୍ୟର ସାମଗ୍ରିକ ଆକଳନ ନିମିତ୍ତ ପ୍ରଚେଷ୍ଟା କରାଯାଇଛି । ରାଧାନାଥ ଚିଲିକା, ମହାଯାତ୍ରା, ଦରବାର ଇତ୍ୟାଦି କାବ୍ୟରେ ଯେଉଁ ନୂତନ ପରୀକ୍ଷା କରିଛନ୍ତି, ସେହି ପରୀକ୍ଷାର ସୂତ୍ରଟିକୁ ଗବେଷକ ବିଶ୍ଳେଷଣ କରି ରାଧାନାଥୀ ପ୍ରତିଭାର ନୂତନ ଆକଳନ ପ୍ରସ୍ତୁତ କରିଛନ୍ତି । ପୁଣି ରାଧାନାଥଙ୍କ ସୃଷ୍ଟିର ବିଭିନ୍ନ ଦିଗ ଆଲୋଚନା ସମୟରେ ସେ କିପରି ପାଶ୍ଚାତ୍ୟ ଆହରଣରେ ବ୍ୟର୍ଥ ହୋଇଛନ୍ତି, ତାର ସୂଚନା ଦେଇଛନ୍ତି । ରାଧାନାଥଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସେ କୌଣସି ନୂତନ ଧାରା ସୃଷ୍ଟି କରି ପାରିନାହାନ୍ତି ବୋଲି ଗବେଷକ ସ୍ପଷ୍ଟୋକ୍ତି କରିଛନ୍ତି ।

ଡ. ନଟବର ସାମନ୍ତରାୟଙ୍କ ପରେ ପ୍ରଫେସର ମିଶ୍ର ଫକୀରମୋହନଙ୍କ କବିତା ସଂପର୍କରେ ବିସ୍ତାରିତ ଆଲୋଚନା କରିଛନ୍ତି ତାଙ୍କର ଏହି ଗବେଷଣା ଗ୍ରନ୍ଥରେ । ସେନାପତିଙ୍କ କାବ୍ୟଜଗତର ସ୍ଥୁଳ ପରିଚୟ ଦେବା ସହିତ 'ଉତ୍କଳ ଭ୍ରମଣଂ'ର ସ୍ୱତନ୍ତ୍ର ଆଲୋଚନା ସହିତ ତାଙ୍କ ଦ୍ୱାରା ରଚିତ ପ୍ରେମ ଓ ଶୋକଗୀତି ମୂଳକ କବିତା, ରୂପକ କବିତା, ଗାଥା କବିତା, ପ୍ରକୃତି ଚିତ୍ରମୂଳକ କବିତା, ଶିଶୁକବିତା ଆଦି ସଂପର୍କରେ ଭିନ୍ନ ଦୃଷ୍ଟିରୁ ଆଲୋଚନା ପ୍ରସ୍ତୁତ କରିଛନ୍ତି । ଫକୀରମୋହନଙ୍କ କବିତାର ଧର୍ମ ସଂପର୍କରେ ଗବେଷକ କହନ୍ତି "କବିଙ୍କ ଭିତରେ ଦୁଇଟି ବ୍ୟକ୍ତିତ୍ୱ ଥାଏ । ଗୋଟିଏ ରଚୟିତା ଓ ଅନ୍ୟଟି ପାଠକ ବା ସମାଲୋଚକ । ପ୍ରଥମ ବ୍ୟକ୍ତିତ୍ୱ ଦ୍ୱାରା ପରିଚାଳିତ ହୋଇ କବି ସୃଷ୍ଟି କରନ୍ତି । ଦ୍ୱିତୀୟ ବ୍ୟକ୍ତିତ୍ୱ ଘେନି ଏହି ସୃଷ୍ଟିକୁ ସୁନ୍ଦର କରନ୍ତି । କୌଣସି ଗୋଟିଏ ଦିଗ ଅଭାବ ଥିଲେ କେହି କବି ହୋଇପାରନ୍ତି ନାହିଁ । ମାତ୍ର ସେ ଅତି ସାଧାରଣ ସ୍ତରରେ ରହିଯାନ୍ତି । ଫକୀରମୋହନଙ୍କ ଠାରେ ଏହି ଦ୍ୱିତୀୟ ବ୍ୟକ୍ତିତ୍ୱର ଏକାନ୍ତ ଅଭାବ ଥିଲା । ତେଣୁ ସେ ଯେଉଁ ସ୍ତରରେ କବିତାରେ ପ୍ରଥମେ ଆତ୍ମପ୍ରକାଶ କରିଥିଲେ, ସେହି ସ୍ତରରୁ ଉପରକୁ ଉଠି ପାରିନଥିଲେ ।" ମନ୍ତବ୍ୟଟି ହୁଏତ ଅପ୍ରିୟ ସତ୍ୟ । ମାତ୍ର ଫକୀରମୋହନ ତାଙ୍କ ସମକାଳୀନ କବିତାରେ ଯେପରି ପରୀକ୍ଷା ନିରୀକ୍ଷା କରିଛନ୍ତି, ବୋଧହୁଏ ସେ ସମୟର ଅନ୍ୟ କୌଣସି କବି ତାହା କରିପାରିଛନ୍ତି ବୋଲି ମନେ

ହୁଏନା । ଏହା ସତ୍ତ୍ୱେ ବ୍ୟକ୍ତି ଫକୀରମୋହନଙ୍କୁ ଆକଳନ କରିବା କ୍ଷେତ୍ରରେ ପ୍ରଫେସର ମିଶ୍ରଙ୍କ ଆଲୋଚନା ଅତ୍ୟନ୍ତ ଉପଯୋଗୀ ।

ଅଷ୍ଟମ ଅଧ୍ୟାୟଟି ଉଦ୍ଦିଷ୍ଟ ମଧୁସୂଦନ ରାଓଙ୍କ ସୃଷ୍ଟି ସଂପର୍କରେ । ମଧୁସୂଦନଙ୍କ ଧର୍ମବିଶ୍ୱାସ, ଚରିତ୍ରାଦି ଆଲୋଚନାପରେ ତାଙ୍କ ଦ୍ୱାରା ରଚିତ ଶିଶୁ ଓ କିଶୋର କବିତା, ଋତୁବର୍ଣ୍ଣନା ମୂଳକ କବିତା, ଗ୍ରାମ୍ୟଚିତ୍ର ସଂପର୍କୀୟ କବିତା, ଭାବ ଉଦ୍‌ବୋଧକ କବିତା, ଚତୁର୍ଦ୍ଦଶପଦୀ କବିତା, ଶୋକ ଗୀତିକା ଆଦି ବିଷୟରେ ବିଶଦ ଆଲୋଚନା କରିଛନ୍ତି । ସନେଟ୍ ସଂପର୍କରେ ଆଲୋଚନା ବେଳେ ସେ ଏହାର ପରଂପରା ଖୋଜିଛନ୍ତି ଇଟାଲୀୟ କବି ପେତାର୍କ, ସେକ୍‌ସପିୟର, ଶେଲୀ, ବୋଦ୍‌ଲେୟାର ଆଦିଙ୍କ ନିକଟରୁ । ମଧୁସୂଦନଙ୍କ କବିତା ସଂପର୍କରେ ଗବେଷକ ମିଶ୍ର କହନ୍ତି- "କଳ୍ପନାର ଉନ୍ମୁକ୍ତ କ୍ରୀଡ଼ା ପାଇଁ ମଧୁସୂଦନଙ୍କ କବିତାରେ ପ୍ରୟାସ ହୋଇନାହିଁ । ଆଦର୍ଶର ପୁରୋଦୃଷ୍ଟିରେ ଚାଳିତ ହୋଇ ଧର୍ମ ଓ ଆଧ୍ୟାତ୍ମିକ ଭାବନା ଆବେଶରେ ଶୁଦ୍ଧନୀତି ଓ ମାର୍ଜିତ ରୁଚି କବି ନିଜର ସମସ୍ତ ରଚନାରେ ପ୍ରଚାର କରିଛନ୍ତି । ଏହି ମହତ୍ ଭାବର ପ୍ରକାଶ ଲାଗି କବି ଅନୁରୂପ ପବିତ୍ର, ସ୍ୱଚ୍ଛ ଓ ଗମ୍ଭୀର ଭାଷା ସୃଷ୍ଟି କରିଛନ୍ତି । ଏହା ପ୍ରଣାଳୀବଦ୍ଧ । ଏଥିରେ ଶବ୍ଦଶିଳ୍ପର ଚାତୁରୀ ନାହିଁ, ଭାରାକ୍ରାନ୍ତ ଅଳଙ୍କାରର ମଣ୍ଡନ ନାହିଁ, ବ୍ୟଞ୍ଜନାରେ ଆଧିପତ୍ୟ ରହିଛି ।" ନବମ ଅଧ୍ୟାୟରେ ଗୋବିନ୍ଦ ରଥ, ରାଜା ସାର୍ ବାସୁଦେବ ସୁଢ଼ଳଦେବ, ମଣିଚରଣ ମହାପାତ୍ର, ରାମଶଙ୍କର ରାୟ, ସାଧୁଚରଣ ରାୟ, ଚତୁର୍ଭୁଜ ପଟ୍ଟନାୟକ, ଡାକ୍ତର ରାମକୃଷ୍ଣ ସାହୁ, ଦାମୋଦର ମିଶ୍ର, ଗୋପାଳ ବଲ୍ଲଭ ଦାସ, ସୁଲକ୍ଷଣା ଦେବୀ ଓ ଶ୍ରୀମତୀ ରେବାରାୟ ଆଦି ଗୌଣ କବିଙ୍କ ସଂପର୍କରେ ଆଲୋଚନା ରହିଛି । ଅବଶ୍ୟ ଏହି ପର୍ଯ୍ୟାୟ ଆଲୋଚନାରେ ଗବେଷକ ବିଶେଷ ଗୁରୁତ୍ୱ ଦେଇନାହାନ୍ତି ।

ଗବେଷଣା ନିବନ୍ଧର ତୃତୀୟ ଭାଗ 'ପରିଶିଷ୍ଟ'ରେ ରହିଛି ଦୁଇଟି ପ୍ରକରଣ । ପ୍ରଥମଟି ସଂସ୍କୃତର ପ୍ରଭାବ ଓ ଦ୍ୱିତୀୟଟି ନବଯୁଗର ଛନ୍ଦ ବିଚାର । ପ୍ରଥମ ପ୍ରକରଣରେ ଭବଭୂତି, କାଳିଦାସଙ୍କ ଠାରୁ ରାଧାନାଥଙ୍କ ଆହରଣ; ଶ୍ରୀହର୍ଷଙ୍କ ବର୍ଣନା ସହିତ ରାଧାନାଥଙ୍କ ବର୍ଣ୍ଣନାର ସାମ୍ୟ; ମଧୁସୂଦନଙ୍କ ଅଯୋଧ୍ୟା ପ୍ରତ୍ୟାଗମନ, ସୀତା ବନବାସ, ଉତ୍ତର ରାମଚରିତ ଅନୁବାଦରେ' କବିଦ୍ୱୟଙ୍କ ଆହରଣ ଓ ଅନୁବାଦ ଶୈଳୀ ଓ ଫକୀରମୋହନଙ୍କ ଅନୁବାଦର ବିଶେଷତ୍ୱ ପ୍ରତିପାଦିତ । ଊନବିଂଶ ଶତକର ନୂତନ ଛନ୍ଦ କିପରି କବିମାନଙ୍କ ସୃଷ୍ଟିର ଆଙ୍ଗିକ ସୌନ୍ଦର୍ଯ୍ୟ ବିଧାନରେ ସହାୟକ ହୋଇଛି

'ନବଯୁଗର ଛନ୍ଦ ବିଚାର'ରେ ତାର ବିଶଦ ଆଲୋଚନା ରହିଛି । ଗତ ଶତକର ଷଷ୍ଠ ଦଶକରେ ପ୍ରଫେସର ମିଶ୍ରଙ୍କର ଏହି ଗବେଷଣା ନିବନ୍ଧଟି ବହୁ ଦୃଷ୍ଟିରୁ ଥିଲା ନୂତନ ଓ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀର ପରିଚାୟକ ।

ପରବର୍ତ୍ତୀ ସମୟରେ ଅର୍ଥାତ ୧୯୬୮ ମସିହାରେ ସେ ପ୍ରକାଶ କରନ୍ତି ଏହି ନିବନ୍ଧର ଦ୍ୱିତୀୟ ଭାଗ 'ଆଧୁନିକ ଓଡ଼ିଆ କାବ୍ୟଧାରା- ନବ ଜାଗରଣ ଯୁଗ' । ଇଉରୋପୀୟ ନବଜାଗରଣ ବିଂଶଶତକରେ ଭାରତରେ ଯେଉଁ ନବୀନ ଚେତନାର ସୂତ୍ରପାତ କରିଥିଲା, ତାର ବିସ୍ତୃତ ଆଲୋଚନା କରି ଗବେଷକ ଗଙ୍ଗାଧର, ଚିନ୍ତାମଣି, ନନ୍ଦ କିଶୋର, ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ମିଶ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ଆଦି ମୁଖ୍ୟ କବି ତଥା ମଧୁସୂଦନ ଦାସ, ଚନ୍ଦ୍ରମୋହନ ମହାରଣା, ବ୍ରଜସୁନ୍ଦର ଦାସ, ମୃତ୍ୟୁଞ୍ଜୟ ରଥ, ପଦ୍ମଚରଣ ପଟ୍ଟନାୟକ, କୃଷ୍ଣମୋହନ ପଟ୍ଟନାୟକ, ଗୋବିନ୍ଦ ଶୂରଦେଓ, ଦୀନବନ୍ଧୁ ମହାନ୍ତି, ଗୋପାଳ ପ୍ରସାଦ ସିଂ, ମଦନମୋହନ ପଟ୍ଟନାୟକ ଆଦିଙ୍କ ସୃଷ୍ଟିର ତଥ୍ୟାତ୍ମକ ତଥା ବିଶ୍ଳେଷଣାତ୍ମକ ଆଲୋଚନା କରିଛନ୍ତି । ଉଭୟ ଆଧୁନିକ ଓଡ଼ିଆ କାବ୍ୟଧାରାର ପ୍ରଥମ ଓ ଦ୍ୱିତୀୟ ଭାଗରୁ ଗବେଷକଙ୍କ ସୂକ୍ଷ୍ମ ବିଚାରବୁଦ୍ଧି, ମୌଳିକ ଚିନ୍ତାଧାରା, ବହୁପାଠିତା, ବୈଜ୍ଞାନିକ ବିଶ୍ଳେଷଣ ଓ ମୁକ୍ତ ବିଚାରଧାରାର ଯଥାର୍ଥ ପରିଚୟ ମିଳେ । ଏହି କାରଣରୁ ନିବନ୍ଧଟି ଏଯାବତ୍ ତାର ମହତ୍ତ୍ୱ ପ୍ରତିପାଦିତ କରି ଆସିପାରିଛି ।

ପ୍ରଫେସର ଓ ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର-୭୬୮୦୧୯

ଅସ୍ତାଚଳର ସୂର୍ଯ୍ୟ : ଏକ ପର୍ଯ୍ୟାଲୋଚନା

ବାଞ୍ଛାନିଧି ଦାସ

"ସବୁଜ ଘାସ ଓ ଅସ୍ତାଚଳ ସୂର୍ଯ୍ୟ" ହେଉଛି ପ୍ରଫେସର ଡକ୍ଟର ନରେନ୍ଦ୍ର ମିଶ୍ରଙ୍କ ଏକ କବିତା ସଂକଳନ । ୧୯୫୧ରୁ ଏଯାବତ୍ ଲିଖିତ କବିତାରେ ଏ ସଂକଳନ ପୁଷ୍ଟ । ଏ ବହିରେ ମୁଖ୍ୟତଃ ଦୁଇ ପ୍ରକାରର କବିତା ରହିଛି । କେତେକ ରୋମାଣ୍ଟିକ୍ ଭାବର କବିତା, ଆଉ କେତେକ ବିଷାଦବାଦୀ କବିତା । ବିଷାଦବାଦୀ କବିତାର ଅନ୍ତର୍ନିହିତ ମର୍ମ କବିତା ସଂକଳନର 'ଅସ୍ତାଚଳ ସୂର୍ଯ୍ୟ' ଶୀର୍ଷକର ଏକ ପ୍ରତୀକାତ୍ମକ ପ୍ରକାଶ। ସ୍ଥୂଳ ଅର୍ଥରେ ଏହା କବିଙ୍କ ଜୀବନର ଦିବାବସାନର କଥାକୁ ବୁଝାଏ । ବିଷାଦବାଦୀ କବିତାର ସ୍ଫୁରଣରେ କବିଙ୍କ ଜୀବନଦର୍ଶନ, ଐହିକ ଯାତ୍ରାର ତୀବ୍ର ଅନୁଭବ ଓ କିଛି ଦାର୍ଶନିକ ସଂଦେଶ ରହିଛି ।

ବିଷାଦବାଦୀ କବିତା ଯଦି ଦାର୍ଶନିକତାପୂର୍ଣ୍ଣ ଭାବ ପ୍ରକାଶକୁ ଆଶ୍ରୟ କଲା, ତେବେ ଆଧ୍ୟାତ୍ମବାଦକୁ ବୟାନ କରୁକରୁ ତାହା ଆନନ୍ଦବାଦ ଓ ତୀବ୍ର ଆଶାବାଦରେ ପହଞ୍ଚିଯିବାର ଦେଖାଯାଏ । ଯେମିତି କୁନ୍ତଳା କୁମାରୀ 'ଶେଫାଳି ପ୍ରତି'ରେ ଲେଖିଛନ୍ତି- 'ଝରିବାକୁ ଫୁଟିନାହିଁ ଭବ-ତରୁ-ଡାଳରେ ।' କୁନ୍ତଳାକୁମାରୀ ବିଧାତାଙ୍କ ରମ୍ୟ କୁଞ୍ଜବନରେ ଚିରଦିନ ଫୁଲ ହୋଇ ଫୁଟିବାର ଆଶା ବ୍ୟକ୍ତ କରିଛନ୍ତି । Spiritualism breeds optimism, ଯାହା ଏ.ସି.ବ୍ରାଡ୍‌ଲେ ତାଙ୍କ Shakesperian Tragedy ବକ୍ତୃତାରେ କହିଥିଲେ, ତାହାହିଁ ଶେଷତଃ ସତ୍ୟ ହୋଇଥାଏ । ଶାନ୍ତି ନିକେତନରେ ସାହିତ୍ୟରେ ଅଧ୍ୟାପନା କରିଥିବା ନରେନ୍ଦ୍ର ବାବୁଙ୍କୁ ଏସବୁ ତତ୍ତ୍ୱ ଭଲ ଭାବେ ମାଲୁମ୍ ଥିଲା, ମାତ୍ର କବିତା ତ ସର୍ବୋପରି ଅବଚେତନର ବ୍ୟାପାର ଓ କବି ଜୀବନାନନ୍ଦ ଦାଶଙ୍କ ଭାଷାରେ କହିଲେ ଏକ ଉଚ୍ଚ ଚେତନାର ଇତିବୃତ୍ତି । ଅବଚେତନରେ ଯେଉଁ ବିଶ୍ୱାସ, ଧାରଣା, ପ୍ରତ୍ୟୟାଦି ଦ୍ରବୀଭୂତ, ସେଇ ତତ୍ତ୍ୱହିଁ କବିତା ଲେଖିବାବେଳେ ଭାବସ୍ରୋତରେ ବାହାରିଯାଏ । ତା'ଛଡ଼ା ଶ୍ରେଣୀକକ୍ଷରେ ବିଭିନ୍ନ କବିଙ୍କ କବିତା ପଢ଼ାଇଲା ବେଳେ ସେମାନଙ୍କ ଭାବ, ଛନ୍ଦ,

ଏପରିକି ଶବ୍ଦାବଳୀ ପ୍ରଫେସର ମିଶ୍ରଙ୍କୁ ସଂକ୍ରମଣ କରିଛି । ସବୁଜ ଘାସ ଉପଧାର କବିତା ମିଶ୍ର ଶ୍ରେଣୀୟ କବିତା ହୋଇଥିଲା ବେଳେ ବିଷାଦବାଦୀ କବିତାରେ କବିଙ୍କ ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ଗୂଢ଼ ମନୋଭାବର ବିଶେଷ ଉଦ୍‌ଗୀରଣ ହୋଇଛି ।

କବି ନିଜ ଘରିପାଖରେ ବସ୍ତୁତାନ୍ତ୍ରିକ ପୃଥିବୀ ପ୍ରତି ଶ୍ରଦ୍ଧାଶୀଳ, ମାତ୍ର ବସ୍ତୁତାନ୍ତ୍ରିକ ଜୀବନ ପ୍ରତି ବିଜଡ଼ିତ ନୁହଁନ୍ତି। ନିଜର ଜନ୍ମଗତ ସଂସ୍କାର ତାଙ୍କୁ ସଂସାରବିମୁଖ କରିଥାଏ । ସେ ଚାହାନ୍ତି ନାହିଁ ବଟବୃକ୍ଷ ପରି ସୁଦୀର୍ଘ ଜୀବନ- ଯେଉଁ ଜୀବନ କେବଳ ବିଷୟାଗତ ମନୋଜଗତରେ ନିଆଁ ପରି କୁହୁଳୁଥାଏ ଶତ ବର୍ଷ । କବି ଲେଖିଛନ୍ତି -

‘ବଟବୃକ୍ଷ ପରି ଦୀର୍ଘ ଜୀବନ କରେ ଅନ୍ତରୁ ମନା
ପଦ ସ୍ଖଳିତ
ଚର୍ମ ଲୋଳିତ
କେଶ ପଳିତ
ଜରା ଜର୍ଜରିତ
ଶୁଷ୍କ ମଳିନ ଲୁଣ୍ଠିତ ତରୁ
ଗଣ୍ଡିଟିଏ ସେ- ଶତମନା ।’

(କବିତା-ବର ଜୀବନ କାମନା, ସ.ଘା.ଅ.ସୂ.ସୃଜନୀ, ଭୂ.ପୃ.୧୦୧)

ସଂକ୍ଷିପ୍ତ କର୍ମମୟ ଜୀବନକୁ ସେ ସଫଳ ଜୀବନ ବୋଲି ଆଖ୍ୟାୟିତ କରିଛନ୍ତି । “ମୃତ୍ୟୁ ଆବାହନ” କବିତାରେ ଗୋପବନ୍ଧୁଙ୍କ ପରି କ୍ଷୁଦ୍ର ଅଥଚ ଜନସେବୀ ଜୀବନର ଜୟକାର କରିଛନ୍ତି କବି ନରେନ୍ଦ୍ର ମିଶ୍ର । କବି ଏ କବିତାରେ ପ୍ରାରମ୍ଭିକ ପାଦମାନଙ୍କରେ ଲେଖିଛନ୍ତି-

‘ଅମୃତ ଧାରାଧାରୀ
ଅମୃତ ଢାଳିଢାଳି
ଚାଲିଆସ ମୃତ୍ୟୁ
ଆଗମନେ ତବ ମନସୁଖେ ଦିଏ ତାଳି ।’

“Death be not proud” କବିତାରେ କବି ଡ଼ନ୍ ଯେପରି ମୃତ୍ୟୁକୁ ନିର୍ଭୟ ଚିତ୍ତରେ ସ୍ୱାଗତ କରିଛନ୍ତି, ସେମିତିକା ସ୍ୱାଗତିକା ବାଢ଼ିଛନ୍ତି କବି ଶ୍ରୀ ମିଶ୍ର । ମୃତ୍ୟୁ ହେଉଛି ଦୁଇଟି ଜୀବନ କାଳ ମଧ୍ୟରେ ସାମାନ୍ୟ ଏକ ସଂକ୍ଷିପ୍ତ ନିଦ୍ରା । କବି

ନରେନ୍ଦ୍ର ମିଶ୍ର ମୃତ୍ୟୁକୁ ମଧ୍ୟ ସୁଧାବଣ୍ଟନକାରୀ ବୋଲି ଆଖ୍ୟା ଦେଇ ତାକୁ ଆବାହନ କରିଛନ୍ତି-

'ତୁହି ତ ସତ୍ୟ ସୁନ୍ଦର ମୋକ୍ଷକାରୀ ଶଙ୍କର
ଚାଲି ଆସ ମୃତ୍ୟୁ
ଶୂନ୍ୟ ପ୍ରଦେଶୁ, (ତୁମ) ପଦେ କୋଟି ନମସ୍କାର ।'
(ମୃତ୍ୟୁ ଆବାହନା, ପୃ.-୧୦୦)

କବି ବିଷାଦବାଦୀ ପରି ଜଣା ଯାଉଥିଲେ ବି ଆତ୍ମିକ ଭାବେ ଆଧ୍ୟାତ୍ମ୍ୟବାଦୀ ହେତୁ ଆଶାବାଦୀ । "ଉଦ୍‌ବୋଧନ" କବିତାରେ ସେ ଲେଖିଛନ୍ତି-

'ଶୂନ୍ୟରେ ଅଛନ୍ତି ରୂପହୀନ ଭଗବାନ
ସମସ୍ତଙ୍କ ସୁଖ-ଦୁଃଖେ ଦେଇଥାନ୍ତି କାନ ।'

(ଉଦ୍‌ବୋଧନ-ପୃ.-୮୮)

ଭାରତୀୟ ଆଧ୍ୟାତ୍ମ୍ୟବାଦରେ କୋଟିଏ ଯୋନି ପରିକ୍ରମା କରିଥାଏ 'ଜୀବ' ଚରମ ମୁକ୍ତି ପାଇବା ଯାଏ । କର୍ମଯୋଗୀକୁ ହିଁ ମୁଖ୍ୟତଃ ଏ ପରାଭବ ମିଳିଥାଏ । ଦୀର୍ଘ ଚଉଷଠିଟି ଜନ୍ମ ଜନ୍ମାନ୍ତର ପରେ ଗୌତମ ବୁଦ୍ଧ ମହାନିର୍ବାଣ ପାଇଥିଲେ ବୋଲି ଜାତକ ଗଳ୍ପରେ ସୂଚନା ଦେଇଛନ୍ତି । କବି ନରେନ୍ଦ୍ର ମିଶ୍ରଙ୍କ କେବଳ ଗୋଟିଏ ଦୁଃଖ ହେଉଛି ପ୍ରାଣୀର ଯୋନିଶ୍ଚକ୍ର ପରିକ୍ରମା । ପୁନର୍ଜନ୍ମ ଇହଜନ୍ମର କର୍ମଫଳ ଅନୁସାରୀ ହୋଇ ମୃତ୍ୟୁ ପରେପରେ ଆସିବାକୁ ବାଧ୍ୟ । ମାତ୍ର ପ୍ରତି ଜୀବନକାଳରେ ସାଂସାରିକ ଯନ୍ତ୍ରଣା ପ୍ରତି କବି ଭୟଭୀତ । ସେ ଯନ୍ତ୍ରଣାକୁ କବି 'ବଇଶାଖର ଦାବଦାହ' ଆଖ୍ୟା ଦେଇଛନ୍ତି ।

'ଝରିଯାଏ ଯଦି ଜୀବନ କୁସୁମ ବଇଶାଖ ଦାବଦାହେ
ଫୁଟିବ ନାହିଁକି ନୂଆ ରୂପେ ତାହା ଆଷାଢ଼ର ବାରିବାହେ ?'

(ଆଶାୟୀ-ପୃ.-୧୪୯)

ପୁଣି "ବିଶ୍ୱ ପଥେ" କବିତାରେ ପୁନର୍ଜନ୍ମବାଦରେ ବିଶ୍ୱାସକୁ କବି ଦୋହରାଇ ତାଙ୍କ ବକ୍ତବ୍ୟକୁ ଦୃଢ଼ୀକରଣ କରିଛନ୍ତି-

'ମାଟିର ସଂସାର ମୋହ ବରଜି ମୁଁ
ଛାଡ଼ି ମାଟି ବିଶ୍ୱପଥ
ନୂଆ ଦୁନିଆରେ ବାନ୍ଧିବି ବାସ ମୁଁ
ଏ ଆଶା ଅଛି ଜାଗ୍ରତ ।'

(ବିଶ୍ୱପଥେ- ପୃ.୧୪୦)

କବି ମୃତ୍ୟୁକୁ ମଧ୍ୟ ଦାର୍ଶନିକ ଠାଣିରେ ସଂଖ୍ୟାୟିତ କରିଛନ୍ତି । 'ଶୂନ୍ୟବେଳା' କବିତାରେ କବି ମୃତ୍ୟୁକୁ ଦୁଇଟି ଜୀବନ କାଳ (ଅର୍ଥାତ୍-ଇହଜଗତର ବର୍ତ୍ତମାନର ଜୀବନ ଓ ଭାବୀ ଜୀବନ) ମଧ୍ୟରେ ଏକ 'ଜିରୋ ଆୱାର' ବା 'ଶୂନ୍ୟବେଳା' ରୂପେ ଦେଖିଛନ୍ତି । ଏଇ ଜୀବନର ଅବଧାରିତ ପରିସମାପ୍ତି ହୁଏ ମୃତ୍ୟରେ । ସଂସାରର ସଂଗୀତ କଦାପି ସରିଯାଏନା । ଜନ୍ମ ମୃତ୍ୟୁର ଲୀଳା ରହସ୍ୟ ଲାଗି ରହିଥିବା ବେଳେ ମୃତ୍ୟୁ-ମୃତ୍ତିକାରେ ଜୀବନ ଶସ୍ୟ ପରି ବଢ଼ିଥାଏ ବୋଲି ଭକ୍ତକବି ମଧୁସୂଦନ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ମୃତ୍ୟୁ ଉପରେ ଲିଖିତ 'ଶୋକୋଚ୍ଛ୍ୱାସ' କବିତାରେ କହିଛନ୍ତି । ପାଚିଲା ପତ୍ର ଝଡ଼ି ପଡ଼େ- ନୂତନ ପତ୍ର ଗଜୁରି ଉଠେ । ଏ ସୃଷ୍ଟିରେ ଶାଶ୍ୱତ ଜୀବନଯାତ୍ରାର ସଂପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼େନା । 'ଶୂନ୍ୟବେଳା'ରେ କବି ଏଇ ମର୍ମକୁ ତୋଳି ଧରିଛନ୍ତି-

'ରବି ଉଠେ
ପଥେପଥେ ପୁଣି ଜାଗେ
ଜୀବନ ଚଞ୍ଚଳ ।
ଦିନ ଫେରେ, ଫେରେନାହିଁ ପଥିକ କେବଳ ।'

(ଶୂନ୍ୟବେଳା- ପୃ.୧୦)

ଭାରତୀୟ ଦର୍ଶନର ଛଅଟି ସ୍କୁଲ ମଧ୍ୟରୁ ବେଦାନ୍ତବାଦୀମାନେ ପରିଷ୍କାର ଭାବେ ପୁନର୍ଜନ୍ମବାଦ୍ କଥା କହିଛନ୍ତି । ବିଶେଷତଃ ରାମାନୁଜଙ୍କ ଦ୍ୱୈତବାଦ- ଗୌଡ଼ୀୟ ବୈଷ୍ଣବଙ୍କ ଦ୍ୱୈତାଦ୍ୱୈତବାଦରେ କର୍ମଫଳକୁ ସ୍ପଷ୍ଟଭାବେ ସ୍ୱୀକାର କରାଯାଇଛି । କେବଳ ହ୍ଲାଦିନୀ ପଥାଶ୍ରୟୀ ଭକ୍ତିମାର୍ଗ ହିଁ ମୋକ୍ଷର ଏକମାତ୍ର 'ମାର୍ଗ' ବୋଲି ଶ୍ରୀଚୈତନ୍ୟ କହିଛନ୍ତି । ବେଦାନ୍ତ ସ୍କୁଲର ଶାଖା ଚିନ୍ତନର ପ୍ରବକ୍ତା- ନିମ୍ବାର୍କ, ରାମାନୁଜ, ଶ୍ରୀ ଚୈତନ୍ୟ ଓ ଏବର ସାଇ ଓ ଶ୍ରୀ ଅରବିନ୍ଦ ପନ୍ଥୀମାନେ କର୍ମଫଳ ସହିତ ପୁନର୍ଜନ୍ମବାଦକୁ ଯୋଡ଼ି ଗୋଟିଏ ବିନା ଅନ୍ୟଟିର ସତ୍ତା ନାହିଁ ବୋଲି ପ୍ରଚ୍ଚର କରିଛନ୍ତି । କବି

ଆଧ୍ୟାତ୍ମବାଦୀ ହେତୁ ଏ ଚଳନ୍ତି ଦାର୍ଶନିକ ତତ୍ତ୍ୱକୁ ନିଜ ଅବଚେତନ ମଧ୍ୟରେ କର୍ଷଣ କରିଛନ୍ତି । କବିତାରେ ତାହା ଅତ୍ର-ତତ୍ର-ସର୍ବତ୍ର ରୂପ ପରିଗ୍ରହ କରିଛି ।

'ସବୁଜ ଘାସ ' ଅଭିଧାର କବିତା ରଚନା ବେଳେ କବି ପ୍ରାୟ ସର୍ବତ୍ର ଖୋଲାମେଲା ଏବଂ ରୋମାଣ୍ଟିକ୍ ବର୍ଣ୍ଣନାର ଭାବାବେଗରେ ଶତତ ତାଡ଼ିତ । ପୁଣି ସଂସାରକୁ ନାନା ପ୍ରକାର ବର୍ଣ୍ଣନାର ପଲ୍ଲବରେ ଭୂଷିତ କଲା ବେଳେ ସେ ଅନ୍ୟମନସ୍କ । ତେଣୁ 'ସବୁଜ ଘାସ' ପ୍ରକରଣର କବିତାଗୁଡ଼ିକ ମଧ୍ୟରେ କବିଙ୍କ ଚିନ୍ତନର ଦ୍ୱନ୍ଦ୍ୱ ଥିବାର ବାରି ହୋଇପଡ଼େ । ମାତ୍ର 'ଅସ୍ତାଚଳ ସୂର୍ଯ୍ୟ' ପ୍ରକରଣର କବିତା ଗୁଡ଼ିକରେ କବି ଦର୍ଶନମନସ୍କ । ତାଙ୍କ ଜନ୍ମ ଜନ୍ମାନ୍ତର ବ୍ୟାପି ସଂସ୍କାର ଓ ରେସିଆଲ୍ ମେମୋରି ଏ କବିତାଗୁଡ଼ିକରେ ଜାଗ୍ରତ । ସୋଚ୍ଚାରତା ଓ ସ୍ୱତଃସ୍ଫୂର୍ତ୍ତତା ଗୁଣରେ କବିତାଗୁଡ଼ିକ ଭରପୂର । ତେଣୁ ସେଗୁଡ଼ିକ ଉତ୍ତୀର୍ଣ୍ଣ ଓ ହୃଦୟଜୟୀ ।

ଅଙ୍ଗାରଗଡ଼ିଆ, ବାଲେଶ୍ୱର-୭୫୬୦୦୧

ରାଧାନାଥଙ୍କ ଜାତୀୟତାବାଦର ସ୍ୱରୂପ କଳନା ଓ ନରେନ୍ଦ୍ରନାଥ

ଡ. ଗଗନେନ୍ଦ୍ର ନାଥ ଦାଶ

୧

କବିବର ରାଧାନାଥ ଜାତୀୟତାବାଦୀ ଥିଲେ । କିନ୍ତୁ କଣ ଥିଲା ତାଙ୍କ ଜାତୀୟତାବାଦର ସ୍ୱରୂପ ? ସେ କ'ଣ ଜଣେ ବ୍ରିଟିଶ-ବିରୋଧୀ ଜାତୀୟତାବାଦୀ ଥିଲେ ଓ ଯଦି ଥିଲେ ତାର କୌଣସି ପ୍ରମାଣ ଅଛି କି ? ତାଙ୍କ ଜାତୀୟତାବାଦର ମୂଳ ଉତ୍ସ ବିଶେଷ ଭାବରେ ସାହିତ୍ୟ କ୍ଷେତ୍ରରେ କେଉଁଠି ଥିଲା ? ସେ ସମ୍ପର୍କରେ ସମାଲୋଚକ ଓ ଗବେଷକମାନେ କ'ଣ କହନ୍ତି ? ନିମ୍ନରେ ଏଇ ପ୍ରଶ୍ନଗୁଡ଼ିକୁ କେନ୍ଦ୍ର କରି ଆଲୋଚନା ପ୍ରସଙ୍ଗରେ ଦେଖାଇଦେବାକୁ ଚେଷ୍ଟା କରାଯିବ, କିପରି ସାହିତ୍ୟ ସମାଲୋଚକ / ଗବେଷକମାନେ ନିଜ ନିଜର ବିଶ୍ୱାସ, ମୂଲ୍ୟବୋଧ ଓ ଆଦର୍ଶକୁ ସାହିତ୍ୟ କୃତି ଉପରେ ଆରୋପ କରି ତାହାକୁ ସେଇ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରନ୍ତି । ତା'ସହ ଦେଖାଇ ଦିଆହେବ ସେ ପ୍ରସଙ୍ଗରେ ସମାଲୋଚକ ନରେନ୍ଦ୍ରନାଥ ମିଶ୍ରଙ୍କ ଦୃଷ୍ଟିକୋଣର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ । ଅବଶ୍ୟ ଜାତି ଯେ ଏକ ପରିକଳ୍ପିତ ଗୋଷ୍ଠୀ ତା' ଏ ଆଲୋଚନା ପ୍ରସଙ୍ଗରେ ସ୍ମରଣ ରଖିବାପାଇଁ ହେବ ।

୨

ରାଧାନାଥ ଜଣେ ବ୍ରିଟିଶ-ବିରୋଧୀ ଜାତୀୟତାବାଦୀ ଥିଲେ ବୋଲି ଓଡ଼ିଶାର ସାହିତ୍ୟ ସମାଲୋଚକ ଓ ଗବେଷକମାନଙ୍କ ମନରେ ଏକ ବଦ୍ଧମୂଳ ବିଶ୍ୱାସ ରହିଛି ଓ ସେହି ବିଶ୍ୱାସକୁ କେନ୍ଦ୍ରକରି ଏକ ବଳିଷ୍ଠ ବୌଦ୍ଧିକ ପରମ୍ପରା ସୃଷ୍ଟି ହୋଇଛି । ପ୍ରଥମେ ତା'ର ସାମାନ୍ୟ ପରିଚୟ ଦେବା ଉଚିତ ହେବ ।

କବି ରାଧାନାଥଙ୍କ ଜାତୀୟତାବାଦ ସମ୍ପର୍କରେ ଏଇ ସେଦିନ ବିସ୍ତାରିତ ଆଲୋଚନା ବିଶିଷ୍ଟ ସାହିତ୍ୟ ସମାଲୋଚକ ଦାଶରଥି ଦାସ (ଦାସ, ଦାଶରଥି, ୨୦୦୦,

ପୃ.୨୪-୨୬ ଓ ୨୦୦୨, ପୃ.୧୪୦-୬୯) । ସେ ପ୍ରସଙ୍ଗରେ ସେ କହନ୍ତି, "...

'ଭାରତଈଶ୍ୱରୀ (ଭିକ୍ଟୋରିୟା)' ଓ 'ମହାରାଣୀ ଭିକ୍ଟୋରିୟାଙ୍କ ପଞ୍ଚାଶତ୍ ବର୍ଷର ଜୁବୁଲି ସଙ୍ଗୀତ' ଇତ୍ୟାଦି ପାଇଁ କବି ରାଧାନାଥଙ୍କ ଜାତୀୟତାବାଦରେ ସନ୍ଦେହ କରିବାର କିଛି ନାହିଁ । ଜାତୀୟତାବାଦ, ଦେଶାତ୍ମବୋଧ ଓ ସ୍ୱାଧୀନତାକାଙ୍କ୍ଷା ସହିତ ରାଜଭକ୍ତିର ହାସ୍ୟକର ଅସଂଗତି ସେ ଦିନ ସ୍ପଷ୍ଟବୋଧ ହୋଇନାହିଁ । ... ... ସେ ବରଂ ରାଜଭକ୍ତି ଅପେକ୍ଷା ପ୍ରତିବାଦ ଓ ପ୍ରତିରୋଧକୁ ବେଶି ପ୍ରଶ୍ରୟ ଦେଇଛନ୍ତି । ପ୍ରକାରନ୍ତରେ ବିଦେଶୀ ଶାସନ ବିରୋଧରେ ବିଦ୍ରୋହ କରିଛନ୍ତି । ... ... ସମକାଳୀନ୍ ବିଦେଶୀ ଶାସନ ବିରୁଦ୍ଧରେ ପ୍ରତିବାଦ କି ପ୍ରତିରୋଧ କରିବା ନିରାପଦ ନୁହେଁ, ଏଇ ଉପଲବ୍ଧିରୁ ବ୍ରିଟିଶ୍ ପ୍ରଭୁଙ୍କ ବିରକ୍ତି କି ବିଦ୍ୱେଷ ଉତ୍ପାଦନ ନ କରି ସବୁ କବି ଓ ସାହିତ୍ୟିକ ଦେଶପାଇଁ ଆତ୍ମତ୍ୟାଗର ମହିମା ଗାଇବାକୁ ଯାଇ ଦେଶର ଇତିହାସରେ ଯାହାର ଅସ୍ତିତ୍ୱ କେବେ ନଥିଲା ସେହି ଜାତୀୟତାବାଦ ଓ ଦେଶପ୍ରେମର ଧାରାକୁ ମୋଗଲ ଓ ମୁସଲମାନମାନଙ୍କ ସାମ୍ରାଜ୍ୟବାଦ ବିରୋଧରେ ରାଜପୁତ ଓ ମରହଟ୍ଟାଙ୍କ ପ୍ରତିରୋଧ ମଧ୍ୟରେ ଖୋଜିପାଇଛନ୍ତି । ଯବନମାନେ ଶରବ୍ୟ । ରାଧାନାଥ ତାହାହିଁ କରିଛନ୍ତି । ଲକ୍ଷ୍ୟ ବ୍ରିଟିଶ ସମ୍ରାଟ୍, କିନ୍ତୁ ଉପଲକ୍ଷ୍ୟ ଯବନ । ଆହୁରି ମଧ୍ୟ, "ଅନ୍ୟତ୍ର ସେ ଦେଶପାଇଁ, ଜାତିପାଇଁ ଆତ୍ମୋତ୍ସର୍ଗର କାହାଣୀ ଶୁଣାଇଛନ୍ତି ଯବନଙ୍କ ବିରୋଧରେ ମଧ୍ୟଯୁଗୀୟ ବୀରଙ୍କର ପ୍ରତିରୋଧକୁ ଉପଲକ୍ଷ୍ୟ କରି । ସେଗୁଡ଼ିକରେ ବ୍ରିଟିଶ ଶାସନ ପ୍ରତି ବିଦ୍ରୋହୀ ମନୋଭାବର ପ୍ରତିଫଳନ ଅଛପା ନୁହେଁ ।" (ଦାସ, ଦାଶରଥି, ୨୦୦୦, ପୃ. ୨୫ ଓ ୨୦୦୨, ପୃ. ୧୬୩-୬୪) । ମୋଟ ଉପରେ ଦାଶରଥି ଦାସ ରାଧାନାଥଙ୍କ ଜାତୀୟତାବାଦକୁ ବ୍ରିଟିଶ-ବିରୋଧୀ ବୋଲି ଗ୍ରହଣ କରିଛନ୍ତି, ଯଦିଚ ସେ ପ୍ରସଙ୍ଗରେ ଥିବା ରାଧାନାଥଙ୍କ ବ୍ରିଟିଶ ରାଜ-ଭକ୍ତିଜନିତ କିଛି ଅସଙ୍ଗତିକୁ ସେ ମଧ୍ୟ ଲକ୍ଷ୍ୟ କରି ପାରିଛନ୍ତି ବା ତା' ତାଙ୍କ ଦୃଷ୍ଟିରେ ପଡ଼ିଛି । କିନ୍ତୁ ସେପରି ଅସଙ୍ଗତିକୁ ବ୍ୟାଖ୍ୟା ଭିତର ଦେଇ ଦୂର କରିବାର ପ୍ରଚେଷ୍ଟା ହିଁ ସେ କରିଛନ୍ତି ତଥା ରାଧାନାଥଙ୍କ ଜାତୀୟତାବାଦ ମୂଳତଃ ବ୍ରିଟିଶ-ବିରୋଧୀ ବୋଲି ଗ୍ରହଣ କରିନେଇଛନ୍ତି । ତା ପୂର୍ବରୁ ୧୯୯୬ରେ ମଧ୍ୟ ସେ ଅନୁରୂପ ଭାବରେ କହିଥିଲେ, "... ... ଗତ ଶତାବ୍ଦୀର ଶେଷ ଭାଗରେ ଉଭୟ ବଙ୍ଗାଳୀ ଓ ଓଡ଼ିଆ କବି ଦେଶପ୍ରେମକୁ ଇତିହାସର ନିରାପଦ ଅତୀତ-ଲୋକକୁ ଘେନି ଯାଇଛନ୍ତି, ଇଂରେଜମାନଙ୍କ ସହିତ ପ୍ରତ୍ୟକ୍ଷ

ସଂଗ୍ରାମର ଅପ୍ରିୟ ପ୍ରସଙ୍ଗକୁ ଏଡାଇ ଚଳିଛନ୍ତି ଯଥସମ୍ଭବ । ରାଧାନାଥ ବ୍ୟତିକ୍ରମ ନୁହଁନ୍ତି, ଶିବାଜୀ ଓ ଅମର୍ଷୀଙ୍କ ମୁଖରେ ସେ ସ୍ୱଦେଶକୁ ଘେନି ପ୍ରକାରାନ୍ତରେ ଇଂରେଜଙ୍କ ବିରୋଧରେ ରିଭ୍ୟୁଲସନର କଥା କହି ପାରନ୍ତି, କିନ୍ତୁ ନିଜ ମୁଖରେ କେବେ ନୁହେଁ ।" (ଦାସ, ଦାଶରଥି, ୧୯୯୬, ପୃ.୨୪୩-୨୪୪)

ଏ ପ୍ରସଙ୍ଗରେ ସୂଚାଇଦେବା ଉଚିତ ଯେ ବ୍ୟକ୍ତି ରାଧାନାଥଙ୍କ ସମ୍ପର୍କରେ ଦାଶରଥି ଦାସଙ୍କ ଧାରଣା ଆଦୌ ଅନୁକୂଳାତ୍ମକ ନୁହେଁ । ତାଙ୍କ ମତରେ "... ରାଧାନାଥ ଅସରଳ ନିଶ୍ଚୟ..." (ତତ୍ରୈବ ପୃ.୧୭୪, ଆହୁରି ମଧ୍ୟ ଦ୍ରଷ୍ଟବ୍ୟ ପୃ.୧୬୧) ଓ ରାଧାନାଥ "... ନିଜ ବାଟରେ କ୍ୟାରିଅରିଷ୍ଟ ... ନିଜର ଭାବମୂର୍ତ୍ତି ଗଢ଼ିଛନ୍ତି, ଜାତିଚିତ୍ତରେ ପ୍ରତିଷ୍ଠା ପାଇବାକୁ କେତେ ମିଥ୍ ସୃଷ୍ଟି କରିଛନ୍ତି ।" (ତତ୍ରୈବ ପୃ.୧୬୦) । ତେଣୁ ସେ ରାଧାନାଥଙ୍କ ପ୍ରତି ସହାନୁଭୂତିସମ୍ପନ୍ନ ହୋଇଛନ୍ତି, ତାଙ୍କୁ ପ୍ରତିକୂଳ ସମାଲୋଚନାରୁ ରକ୍ଷା କରିବା ଉଦ୍ଦେଶ୍ୟରେ ବା ଜାତିଚିତ୍ତରେ ତାଙ୍କୁ ପ୍ରତିଷ୍ଠା ଦେବାକୁ ସେ ରାଧାନାଥଙ୍କର ବ୍ରିଟିଶ-ବିରୋଧୀ ଜାତୀୟତାବାଦକୁ ଆବିଷ୍କାର କରିନାହାନ୍ତି ବୋଲି ଧରି ନିଆଯାଇପାରେ । ଏହା ତାଙ୍କର ସୁଚିନ୍ତିତ ସିଦ୍ଧାନ୍ତ ମାତ୍ର । ପୁଣି ରାଧାନାଥଙ୍କୁ ବ୍ରିଟିଶ-ବିରୋଧୀ ଜାତୀୟତାବାଦୀ ବୋଲି ଗ୍ରହଣ କରିବାଦ୍ୱାରା ରାଧାନାଥ ଯେ ଏକ ବିଭକ୍ତ-ବ୍ୟକ୍ତିତ୍ୱସମ୍ପନ୍ନ ମଣିଷ ଥିଲେ ବା ତାଙ୍କ ବ୍ୟକ୍ତିତ୍ୱରେ ସ୍ୱବିରୋଧିତା ଥିଲା, ତାଙ୍କର ଏଇ ସିଦ୍ଧାନ୍ତ ପାଇଁ ତାଙ୍କୁ ମିଳିଯାଇଛି ଆଉ ଏକ ଅଧିକ ପ୍ରମାଣ । କାରଣ ସେ ରାଧାନାଥଙ୍କ "ଜୀବନ ଓ କବିତାରେ ଆବେଗ ଓ ମନନର ଅସ୍ଥିରତା ଓ ବିପର୍ଯ୍ୟୟବୋଧ- ଦ୍ୱନ୍ଦ୍ୱ ବା ଟେନ୍‌ସନର କ୍ରୀଡା" ଲକ୍ଷ୍ୟ କରିପାରିଛନ୍ତି । ତାଙ୍କ ମତରେ ଜୀବନର ସେଇ ଦ୍ୱନ୍ଦ୍ୱ ବା ଟେନ୍‌ସନର କ୍ରୀଡାରୁ ହିଁ ଜନ୍ମ ନେଇଛି ରାଧାନାଥଙ୍କ କାବ୍ୟକବିତା ରଚନାର ଅନ୍ତଃପ୍ରେରଣା; "ମାନସଦ୍ୱନ୍ଦ୍ୱ ହିଁ ତାଙ୍କ କବିତାର ବୀଜ" (ଦାସ, ଦାଶରଥି, ୨୦୦୦, ପୃ.୧୩-୧୫ ଓ ୨୦୦୨, ପୃ.୧୪୦-୧୪୨)

କେବଳ ଦାଶରଥି ଦାସ ନୁହଁନ୍ତି, ତାଙ୍କ ପୂର୍ବରୁ ଜଗନ୍ନାଥ ପ୍ରସାଦ ଦାସ ମଧ୍ୟ ତାଙ୍କ 'ଦେଶ କାଳ ପାତ୍ର' ପୁସ୍ତକରେ ରାଧାନାଥଙ୍କ ଜାତୀୟତାବାଦର ସ୍ୱରୂପ ସମ୍ପର୍କରେ ଅନୁରୂପ ବିଶ୍ୱାସର ବଶବର୍ତ୍ତୀ ହୋଇ କହିଛନ୍ତି, "... ... ରାଧାନାଥ ଆହୁରି ଏକ ସମସ୍ୟାର ସମ୍ମୁଖୀନ ହେଲେ ତିନିବର୍ଷ ତଳେ ପ୍ରକାଶିତ 'ମହାଯାତ୍ରା'

କାବ୍ୟକୁ ନେଇ । ... ... ବର୍ତ୍ତମାନ ଭବିଷ୍ୟତବାଣୀ ଅଂଶରେ ଥିବା କେତେକ ପଦ ଇଂରେଜବିରୋଧୀ, ଯଥା :

"ବହୁ ଦୂରୁ ଆସି
ଶୋଷିବେ ଭାରତ ଦେହୁ ଶୋଣିତ ନିରତେ
ଯବନ ଜଳୌକାପୁଞ୍ଜ ଶୋଷଣ କୌଶଳେ ।" ଇତ୍ୟାଦି ।

ଏତଦ୍‌ବ୍ୟତୀତ, ସେହି ଶତ୍ରୁମାନଙ୍କ ମତରେ, ଯବନ ନାଁରେ ଇଂରେଜମାନଙ୍କୁ ସମାଲୋଚନା କରାଯାଇଥିଲା ରାଧାନାଥଙ୍କ 'କବିତାବଳୀ' ବହିରେ ଥିବା 'ଶିବାଜୀଙ୍କ ଉତ୍ସାହ ବାକ୍ୟ' କବିତାରେ :

"ଦୁରନ୍ତ ଯବନ ହେଲା ଏକେଶ୍ୱର
        କ୍ଷତ୍ରିୟ ପ୍ରଭାବ ହେଲା ଅଳୀକ
ଆମ୍ଭର ସ୍ୱଦେଶ ନୁହେଁ ଏ ଆମ୍ଭର
        ଧିକ ଧିକ ଆମ୍ଭ ବାହୁକୁ ଧିକ ।"

୧୮୯୯ ଜୁଲାଇରେ ରାଧାନାଥ ସରକାରଙ୍କଠାରୁ ଗୋପନୀୟ ପତ୍ର ପାଇଲେ ଯେ ସେ 'ମହାଯାତ୍ରା'ରୁ ଆପତ୍ତିଜନକ ଅଂଶ ସବୁ ବାହାର କରିଦେଇ ଦ୍ୱିତୀୟ ସଂସ୍କରଣ ପ୍ରକାଶ କରନ୍ତୁ । ରାଧାନାଥ ଏହା କରିବାକୁ ରାଜି ହେଲେ ଏବଂ ସରକାରଙ୍କୁ କ୍ଷମା ମାଗି ଚିଠି ଲେଖିଲେ । ଶିବାଜୀ କବିତା ବିଷୟରେ ଯଦିଓ ସରକାର କିଛି କହି ନଥିଲେ ରାଧାନାଥ ଏହି କବିତାକୁ ବାଦ ଦେଇ କବିତାବଳୀର ଦ୍ୱିତୀୟ ସଂସ୍କରଣ ପ୍ରକାଶ କଲେ ।" (ଦାସ, ଜଗନ୍ନାଥ ପ୍ରସାଦ, ୧୯୯୨, ପୃ. ୫୭୨-୭୩) । 'ଦେଶ କାଳ ପାତ୍ର' ଠିକ ଏକ ଆକର ଗ୍ରନ୍ଥ ହୋଇନଥିଲେ ବି ଓ ଏଥିରେ କଳ୍ପନାର ସ୍ପର୍ଶ ଲାଗିଥିଲେ ବି ଏଥିରେ ଲେଖକଙ୍କ ବିଶ୍ୱାସ ଯେ ପ୍ରତିଫଳିତ ହୋଇଛି, ତାହାକୁ ଅସ୍ୱୀକାର କରାଯାଇ ପାରେନାହିଁ ।

ଏହାପୂର୍ବରୁ ଏଇ ସିଦ୍ଧାନ୍ତ ଓ ମତବାଦକୁ ଆବେଗାତ୍ମକ ଭାବରେ ଶକ୍ତିଶାଳୀ ବ୍ୟାଖ୍ୟା ଉପରେ ପ୍ରତିଷ୍ଠା କରିବାର ପ୍ରଚେଷ୍ଟା କରିଥିଲେ ଗୋପୀନାଥ ମହାନ୍ତି । ସେ କହିଥିଲେ, "At places, he preached nationalism, though he did

not often jeopardise his safety by doing so openly... ... He denounced alien conquerors of India in a hooded manner in his peom 'Mahajatra'. 57lines occuring at the end of Canto V of that poem were later challanged as being seditious. In these lines the words and expressions that he has used had a double meaning. The word 'Yavana' meant a 'Muslim' as well as a 'foreigner'. 'Sindhu', which the Yavanas had to cross in order to invade India meant 'the river Indus' in its application to Muslims and the 'Ocean' in its application to British. ... There was a glowing fire in his nationalism but being a ractical, worldly wise and cautious man, he kept in camouflaged." (Mohanty, Gopinath 1983, pp.45-46; ଏଠାରେ ସୂଚାଇ ଦେବା ଆବଶ୍ୟକ ଯେ 'ମହାଯାତ୍ରା' ପଞ୍ଚମ ସର୍ଗର ୫୭ ଧାଡ଼ି ନୁହେଁ, ୫୩ ଧାଡ଼ିକୁ ପରବର୍ତ୍ତୀ ସଂସ୍କରଣରେ ବାଦ ଦିଆଯାଇଥିବାରୁ ତାହାକୁ ହିଁ ଏଠାରେ ରାଜଦ୍ରୋହମୂଳକ ବୋଲି ମନେ କରାଯାଇପାରିଥାଏ ।)

ତାଙ୍କ ପୂର୍ବରୁ ୧୯୬୭ରେ ମାୟାଧର ମାନସିଂହ ମଧ୍ୟ ଅନୁରୂପ ଧାରଣାର ବଶବର୍ତ୍ତୀ ହୋଇ 'ମହାଯାତ୍ରା' ସମ୍ପର୍କରେ ମନ୍ତବ୍ୟ ଦେଇ କହିଥିଲେ, "ଜନଶ୍ରୁତି ଏହି ଯେ, କବି ୩୦ରୁ ୨୧ ସର୍ଗ ସମ୍ପୂର୍ଣ୍ଣ କରିପକାଇଥିଲେ, କିନ୍ତୁ କବି ସରକାରୀ ଚାକିରିଆ ଥିବା ସତ୍ତ୍ୱେ, ଶେଷ କେତୋଟି ସର୍ଗରେ ସେତେବେଳର ଶାସକ ଇଂରେଜମାନଙ୍କ ବିରୁଦ୍ଧରେ ଏତେ କଥା ରହିଥିଲେ ଯେ, ସେ କଥା ଭେଦିଆମାନେ ସରକାରଙ୍କ କାନରେ ପହଞ୍ଚେଇ ଦେବାର ଯେମିତି ଜଣାପଡ଼ିଛି, କବି ୧୪ ସର୍ଗ ଲେଖା ନଷ୍ଟ କରିଦେଇ, ଏବର ସାତ-ସର୍ଗ-ବିଶିଷ୍ଟ ଅସମାପ୍ତ ଗ୍ରନ୍ଥଟି ହିଁ ପ୍ରକାଶ କରିଦେଲେ ।" (ମାନସିଂହ, ମାୟାଧର, ୧୯୬୭, ପୃ.୨୭୮-୭୯) । ତାଙ୍କ ଉକ୍ତିର 'ଜନଶ୍ରୁତି' ଶବ୍ଦଟି ତାତ୍ପର୍ଯ୍ୟପୂର୍ଣ୍ଣ । ତା ପୂର୍ବରୁ ୧୯୬୨ରେ ସେ ମଧ୍ୟ ଅନୁରୂପ ଭାବରେ କହିଥିଲେ Rumour has it that the poet had actually finished twenty-one cantos, but (inspite of his being a Government servant) there was so much anti-British sentiment in the last few cantos, that

the matter somehow came to the ear of the British authorities. The poet thereupon burnt the suspected portions and published the present incomeplete version. ... ... The deterioration of the Aryans as a race under the spell of Kali, leading to the occupation of India by Moslem invaders, is the main theme of the epic in its incomplete form. (Mansinha 1962, pp. 188-189) । ଉଭୟ ଉକ୍ତି ମଧ୍ୟରେ ନିବିଡ଼ ସାମଞ୍ଜସ୍ୟ ଥିବା ଲକ୍ଷ୍ୟ କରାଯାଇପାରେ।

ତାଙ୍କ ପୂର୍ବରୁ ୧୯୬୦ରେ ଯତୀନ୍ଦ୍ର ମୋହନ ମହାନ୍ତି, ରାଧାନାଥଙ୍କ ସାହିତ୍ୟର ବିସ୍ତାରିତ ଆଲୋଚନା ଅବସରରେ ଓ ସେଥିରେ ପ୍ରତିଫଳିତ ନୂତନ ଦୃଷ୍ଟିକୋଣର ସୂଚନା ଦେବା ପ୍ରସଙ୍ଗରେ, ବି ସିଦ୍ଧାନ୍ତ କରିଛନ୍ତି, "... ... ରାଧାନାଥଙ୍କ ଦେଶ - ପ୍ରାଣତା ତାଙ୍କର କାବ୍ୟଠାରୁ ବିଚ୍ଛିନ୍ନ ନୁହେଁ । ଏହା କାବ୍ୟର ଅନ୍ତର୍ନିହିତ ଏକ ବିଶିଷ୍ଟ ଆବେଗ । ଏହି ଆବେଗର ପରିଚ୍ଛନ୍ନ ପ୍ରକାଶ ହେଉଛି 'ଶିବାଜୀଙ୍କ ଉତ୍ସାହ ବାକ୍ୟ' । ସାଧାରଣ ଭାବରେ କବିତାରେ ଗୋଟିଏ ଜାତି ଓ ସମୟର ସୂଚନା ରହିଛି । କିନ୍ତୁ କବିତାଟି ରୂପକ-ଧର୍ମୀ । ଏ ଯେପରି କବିଙ୍କ ସମକାଳୀନ ବିଦେଶୀ ଶାସନ ବିରୁଦ୍ଧରେ ଏକ ତୀବ୍ର ବିରକ୍ତି ଓ ଅସନ୍ତୋଷର ବହିଃପ୍ରକାଶ :

ଦୁରନ୍ତ ଯବନ ହେଲା ଏକେଶ୍ୱର
 କ୍ଷତ୍ରିୟ ପ୍ରଭାବ ହେଲା ଅଳୀକ
ଆମ୍ଭର ସ୍ୱଦେଶ ନୁହେଁ ଏ ଆମ୍ଭର
ଧିକ ଧିକ ଆମ୍ଭ ବାହୁକୁ ଧିକ ।

ପୁଣି

' ଏ ଭାରତଭୂମି ଆମ୍ଭର ଜନନୀ
ପୁଣ୍ୟଭୂମି ନାହିଁ ସରି ଏହାର" ଇତ୍ୟାଦି

(ମହାନ୍ତି, ଯତୀନ୍ଦ୍ର ମୋହନ ୧୯୯୯, ପୃ. ୫୦-୫୧)

ତା ପୂର୍ବେ ୧୯୫୭ରେ ହରେକୃଷ୍ଣ ମହତାବ ମଧ୍ୟ କହିଛନ୍ତି, "ଶୁଣାଯାଏ 'ମହାଯାତ୍ରା'ର କେତେ ଅଂଶ ପ୍ରକାଶିତ ହେବାକୁ ଦିଆଯାଇ ନଥିଲା" (ମହତାବ

୧୯୫୬, ପୃ.୨୩) ଓ ୧୯୫୨ରେ ଲକ୍ଷ୍ମୀନାରାୟଣ ସାହୁ ମଧ୍ୟ କହିଥିଲେ, "କେହି କେହି କହନ୍ତି, 'ମହାଯାତ୍ରା'ର କେତେକ ଅଂଶ ବାହାରିଲା ପରେ ସରକାର ସନ୍ଦେହ କରିବାକୁ ଲାଗିଲେ । ସେଥିପାଇଁ ବାକି ଅଂଶ ପୋଡ଼ି ଦିଆଗଲା ।"

(ଦେବୀପ୍ରସନ୍ନ ପଟ୍ଟନାୟକଙ୍କ 'କବିଲିପି' ପୃ.୧୧୪ରୁ ଉଦ୍ଧୃତ) ।

ମୋଟ ଉପରେ ରାଧାନାଥଙ୍କ ଜାତୀୟତାବାଦ ବ୍ରିଟିଶ-ବିରୋଧୀ ଥିଲା ବୋଲି ଓଡ଼ିଶା ସାହିତ୍ୟ ସମାଲୋଚକ ଓ ଗବେଷକମାନଙ୍କ ମନରେ ଯେ ଏକ ବଦ୍ଧମୂଳ ଧାରଣା ରହିଛି ଓ ତାହାକୁ କେନ୍ଦ୍ରକରି ଯେ ଏକ ବଳିଷ୍ଠ ବୌଦ୍ଧିକ ପରମ୍ପରା ସୃଷ୍ଟି ହୋଇଛି, ଉକ୍ତ ଉଦାହରଣ ଓ ଉଦ୍ଧୃତିଗୁଡ଼ିକରୁ ତାର ପ୍ରମାଣ ମିଳେ । (୧୯୫୫-୫୭ରେ ମୁଁ ଯେତେବେଳେ ରାଭେନ୍‌ଶ କଲେଜର ଛାତ୍ର ଥିଲି ସେତେବେଳେ 'ଶିବାଜୀଙ୍କ ଉତ୍ସାହବାକ୍ୟ' ଆମର ପାଠ୍ୟ ଥିଲା ଓ ଅଧ୍ୟାପକମାନେ ମଧ୍ୟ ଏହାକୁ ପ୍ରଚ୍ଛନ୍ନ ବ୍ରିଟିଶ-ବିରୋଧୀ ବୋଲି ବ୍ୟାଖ୍ୟା କରୁଥିଲେ ।)

ଫଳରେ ଅନ୍ୟଥା ରାଧାନାଥଙ୍କ ବ୍ରିଟିଶ-ପ୍ରୀତି ଓ ବ୍ରିଟିଶ-ରାଜଭକ୍ତିକୁ ତୀବ୍ର କଟାକ୍ଷ କରିଥିବା ବିଶିଷ୍ଟ ଚିନ୍ତାନାୟକ ଚିତ୍ତରଞ୍ଜନ ଦାସ (ଦାସ, ଚିତ୍ତରଞ୍ଜନ ୧୯୮୧, ପୃ.୨୨୫) ମଧ୍ୟ ଏପରି ବଦ୍ଧମୂଳ ଧାରଣା-ଭିତ୍ତିକ ପରମ୍ପରାର ପ୍ରଭାବକୁ ସମ୍ପୂର୍ଣ୍ଣ ଭାବରେ ଏଡାଇବାରେ ଅସମର୍ଥ ହୋଇ କହନ୍ତି, "ମହାପାତ୍ର'ର ପ୍ରଥମ ସାତୋଟି ସର୍ଗକୁ ନେଇ ଏହାର ପ୍ରଥମ ଖଣ୍ଡଟି ପ୍ରକାଶିତ ହେବା ପରେ ତାହା ବିରୁଦ୍ଧରେ ନାନା କଟୁ ସମାଲୋଚନା ହୋଇଥିଲା । ସେତେବେଳେ ଯେଉଁମାନେ ବ୍ରିଟିଶ ଶାସନକୁ ପରୋକ୍ଷରେ କିଛି କହିଦେଲେ ଜୀବନ ବିପନ୍ନ ହୋଇଯିବ ବୋଲି ଭୟ କରୁଥିଲେ, ପ୍ରଧାନତଃ ସେହିମାନେ ସନ୍ଦେହଭୁକ୍ତ ନ ହେବାକୁ ହୁଏତ ସେହି ଆନ୍ଦୋଳନ କରିଥିଲେ । ରାଧାନାଥ ମଧ୍ୟ ସେହି ଭୟରୁ ଆଦୌ ମୁକ୍ତ ନଥିଲେ ଏବଂ ରାଜରୋଷରୁ ରକ୍ଷା ପାଇବାଲାଗି ସିଏ କାବ୍ୟଟିରେ ଆବଶ୍ୟକ ପରିବର୍ତ୍ତନ କରାଇ ଓ କେତେକାଂଶ ବାଦ ଦେଇ ତାହାର ଦ୍ୱିତୀୟ ସଂସ୍କରଣ ଛାପିବାକୁ ବାଧ ହୋଇଥିଲେ ଏବଂ ତା' ପରେ ଅତ୍ୟନ୍ତ କ୍ଷୁବ୍ଧ ଓ ବ୍ୟଥିତ ଚିତ୍ତରେ ସେ ଅବଶିଷ୍ଟ ପାଞ୍ଚ ସର୍ଗର ପାଣ୍ଡୁଲିପି ଏବଂ ପରବର୍ତ୍ତୀ ଛଅ ସର୍ଗର ଚିଠାକୁ ନିଆଁରେ ପକାଇ ନଷ୍ଟକରି ଦେଇଥିଲେ ।" (ଦାସ, ଚିତ୍ତରଞ୍ଜନ ୧୯୮୧, ପୃ.୨୨୪) । ଅବଶ୍ୟ ଏଇ ସବୁ ଓଡ଼ିଆ ସମାଲୋଚକମାନଙ୍କ ମଧ୍ୟରେ ଏକ ବ୍ୟତିକ୍ରମ ହେଉଛନ୍ତି ନରେନ୍ଦ୍ରନାଥ ମିଶ୍ର, ଯାହାଙ୍କ ଅଭିମତ ଓ ଦୃଷ୍ଟିକୋଣର ପରିଚୟ ପରେ ଦିଆଯିବ ।

ଏଇ ଓଡ଼ିଆ ସାହିତ୍ୟ ସମାଲୋଚକ ଓ ଗବେଷକମାନଙ୍କ ଦ୍ୱାରା ରାଧାନାଥଙ୍କ ବ୍ରିଟିଶ ସାମ୍ରାଜ୍ୟବାଦୀ-ବିରୋଧୀ ମନୋଭାବ ଆବିଷ୍କାରର ଭିତ୍ତିଭୂମି (୧) ରାଧାନାଥଙ୍କ ଗୋଟିଏ କବିତା (୨) ତାଙ୍କ ରଚିତ ସପ୍ତସର୍ଗବିଶିଷ୍ଟ କିନ୍ତୁ ଅସମ୍ପୂର୍ଣ୍ଣ ମହାକାବ୍ୟ 'ମହାଯାତ୍ରା'ର ପଞ୍ଚମ ଓ ସପ୍ତମ ସର୍ଗ ଅନ୍ତର୍ଗତ କେତେକ ଅଂଶ ତଥା (୩) ରାଧାନାଥଙ୍କ ଜୀବନୀକାର ଦୁର୍ଗାଚରଣ ରାୟଙ୍କ କେତେକ ବକ୍ତବ୍ୟରେ ରହିଛି ବୋଲି ଆପାତତଃ ମନେହୋଇପାରେ ।

ରାଧାନାଥଙ୍କ ମୃତ୍ୟୁର ବହୁ ପରେ ଦିଆଯାଇଥିବା ତାଙ୍କ ଜୀବନୀକାର ଦୁର୍ଗାଚରଣ ରାୟଙ୍କ ବକ୍ତବ୍ୟ ସମ୍ପର୍କିତ ଆଲୋଚନାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖି ପ୍ରଥମେ ରାଧାନାଥଙ୍କ ବ୍ରିଟିଶ ସାମ୍ରାଜ୍ୟବାଦ-ବିରୋଧୀ ମନୋଭାବର ଅନ୍ୟ ଦୁଇଟି ଭିତ୍ତିଭୂମିକୁ କେନ୍ଦ୍ରକରି ଆଲୋଚନା ଆରମ୍ଭ କରାଯାଉ । କବିତାଟି ଲେଖାଯାଇଥିଲା ଊନବିଂଶ ଶତକର ଅଷ୍ଟମ ଦଶକରେ 'ନିଜ ସୈନ୍ୟପ୍ରତି ଶିବାଜୀ' ଶୀର୍ଷକ ତଳେ (ଦ୍ରଷ୍ଟବ୍ୟ: କବିବର ରାଧାନାଥ ଗ୍ରନ୍ଥାବଳୀ, ୧୯୯୮, ପୃ.୪୭୦) । ଏହି କବିତାଟି ପରବର୍ତ୍ତୀ କାଳରେ 'ଶିବାଜୀଙ୍କ ଉତ୍ସାହ ବାକ୍ୟ' (ବା ଏପରି କି 'ଶିବାଜୀଙ୍କ ଉତ୍ସାହବାଣୀ') ନାମରେ ମଧ୍ୟ ପରିଚିତ । ଆକ୍ରମଣକାରୀ ମୁସଲମାନ ସୈନ୍ୟଙ୍କ ସହ ଯୁଦ୍ଧ କରିବା ପାଇଁ ମରହଟ୍ଟା ବୀର ଶିବାଜୀ ନିଜ ସୈନ୍ୟମାନଙ୍କୁ ଦେଇଥିବା ଉଦ୍‌ବୋଧନ ହିଁ ଏଇ କବିତାର ବିଷୟବସ୍ତୁ । ଯେତେଦୂର ଜଣାଯାଏ ଓଡ଼ିଆ ଭାଷାରେ ଜାତୀୟଚେତନାର ଆଦ୍ୟସ୍ଫୁରଣ ଘଟିଥିଲା ରାଧାନାଥଙ୍କ ଏହି କବିତାରେ । 'ମହାଯାତ୍ରା' ପଞ୍ଚମ ସର୍ଗର ନିର୍ଦ୍ଦିଷ୍ଟ ଅଂଶ ହେଉଛି "ହିମାଦ୍ରିନିଷ୍ୟନ୍ଦ ନୀରେ ପୁଷ୍ଟ ଯାର ବପୁ" ଠାରୁ "ଗ୍ରହିବେ ଯବନଦୀକ୍ଷା ଆର୍ଯ୍ୟଧର୍ମ ତେଜି" ପର୍ଯ୍ୟନ୍ତ ୨୫ ଧାଡ଼ି ଓ "ସଂହତିରେ ଜଳାଞ୍ଜଳି ଦେଇ ଏହି ଜାତି" ଠାରୁ "ଯବନ-ଜଳୌକାପୁଞ୍ଜ ଶୋଷଣ-କୌଶଳୀ", ପର୍ଯ୍ୟନ୍ତ ୨୮ ଧାଡ଼ି ଏହିପରି ମୋଟରେ ୫୩ ଧାଡ଼ି । (ଦ୍ର: କବିବର ରାଧାନାଥ ଗ୍ରନ୍ଥାବଳୀ, ୧୯୯୮) । ୧୮୯୬ରେ 'ମହାଯାତ୍ରା'ର ପ୍ରଥମ ସଂସ୍କରଣରେ ଏ ୫୩ଧାଡ଼ି ଥିଲେ ମଧ୍ୟ ପରବର୍ତ୍ତୀ ସଂସ୍କରଣରେ, ଯଥା ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣରେ ଏ ୫୩ ଧାଡ଼ି ବାଦ୍ ପଡ଼ିଥିଲା । ଏଇ ୫୩ ଧାଡ଼ିରେ କଳି ଆଗମନ ପରେ ଆର୍ଯ୍ୟମାନଙ୍କର କିପରି ନୈତିକ ଅଧୋପତନ ହେବ ଓ କିପରି ମୁସଲମାନମାନେ ଭାରତବର୍ଷ ଅଧିକାର

କରି ସେମାନଙ୍କ ଉପରେ ଅତ୍ୟାଚାର କରିବେ ତାର ବିବରଣୀ ରହିଛି । ଏହି ପାଣ୍ଡବରାଜ ଯୁଧିଷ୍ଠିରଙ୍କ ନିକଟରେ ହବ୍ୟବାହ ଅଗ୍ନି ପ୍ରକାଶ କରିଥିଲେ । ସେହିପରି 'ମହାଯାତ୍ରା'ର ସପ୍ତମ ସର୍ଗର ନିର୍ଦ୍ଦିଷ୍ଟ ଅଂଶରେ ରହିଛି, ମୁସଲମାନମାନଙ୍କ ଭାରତ ଆକ୍ରମଣର ପ୍ରତିରୋଧ ପାଇଁ ଦିଲ୍ଲୀ ସମ୍ମୁଖରେ ସମବେତ ରାଜନ୍ୟବର୍ଗ ଓ କ୍ଷତ୍ରିୟମାନଙ୍କ କୁଣ୍ଠା ନିରୁତ୍ସାହ ଦେଖି ସେମାନଙ୍କୁ ଦିଲ୍ଲୀରାଜା ପୃଥୁଙ୍କ ଭଗିନୀପତି ଅମର୍ଷୀ ଦେଇଥିବା ଉଦ୍‌ବୋଧନ । ସେ ପ୍ରସଙ୍ଗରେ କହି ରଖିବା ଉଚିତ ଯେ ରାଧାନାଥ ସୂଚିତ ପ୍ରସଙ୍ଗଗୁଡ଼ିକରେ ମୁସଲମାନମାନଙ୍କୁ ପ୍ରାୟ 'ଯବନ' ଅଭିଧାରେ ହିଁ ଅଭିହିତ କରିଛନ୍ତି ।

କିନ୍ତୁ 'ଶିବାଜୀଙ୍କ ଉତ୍ସାହ ବାକ୍ୟ' ବା 'ମହାଯାତ୍ରା'ର ପଞ୍ଚମ ଓ ସପ୍ତମ ସର୍ଗରେ ଏପରି କିଛି ନାହିଁ ଯାହାକୁ ବ୍ରିଟିଶ-ବିରୋଧୀ ବୋଲି ଦାବି କରାଯାଇପାରିବ । କିନ୍ତୁ ସେଥିରେ ବ୍ୟବହୃତ 'ଯବନ' ଶବ୍ଦକୁ ମୁସଲମାନ ପରିବର୍ତ୍ତେ ଇଂରେଜ ବା ବ୍ରିଟିଶ ଅର୍ଥରେ ରାଧାନାଥ ବ୍ୟବହାର କରିଛନ୍ତି ବୋଲି ଧରିନେଇ ଓ ବ୍ୟାଖ୍ୟା କରି ହିଁ ଉକ୍ତ ଗବେଷକ ଓ ସମାଲୋଚକମାନେ ରାଧାନାଥଙ୍କ ଜାତୀୟତାବାଦକୁ ବ୍ରିଟିଶ ସାମ୍ରାଜ୍ୟବାଦ-ବିରୋଧୀ ବା ଇଂରେଜ-ବିରୋଧୀ ବୋଲି ଆବିଷ୍କାର କରନ୍ତି ବା ମନେ କରନ୍ତି । ପ୍ରକୃତପକ୍ଷେ ରାଧାନାଥଙ୍କ ବ୍ୟବହୃତ 'ଯବନ' ଶବ୍ଦଟିକୁ ଇଂରେଜ ଅର୍ଥରେ ବା ବ୍ରିଟିଶ ବୋଲି ଗ୍ରହଣ କରିବାର କୌଣସି ଯଥାର୍ଥ କାରଣ ନାହିଁ । ପ୍ରଥମତଃ ଯେଉଁ ରାଧାନାଥ ବ୍ରିଟିଶ ପ୍ରଭୁଙ୍କ ତଥା ମହାରାଣୀ ଭିକ୍ଟୋରିଆଙ୍କ ସ୍ତବ ଉଦାତ୍ତ କଣ୍ଠରେ ଗାନ କରିପାରନ୍ତି, ଯେ ଶ୍ୱେତଦ୍ୱୀପବାସୀଙ୍କୁ ଶମନ ସମାନ ନିରପେକ୍ଷ, ରୋଷେ ବୈଶ୍ୱାନର, ନ୍ୟାୟେ ବୃହସ୍ପତି, ପାଳନେ ଶ୍ରୀପତି ଓ ଦୟାର ଆଧାର ବୋଲି ଭାବିପାରନ୍ତି, ଯାହାଙ୍କ ଦୃଷ୍ଟିରେ ବ୍ରିଟେନର ଅନୁଗତ ହେବା ଭାରତର ମଙ୍ଗଳନିଦାନ, ଯାହାଙ୍କ ବିଶ୍ୱାସରେ ଅଜେୟ ଜଗତେ ବ୍ରିଟିଶ-କେଶରୀ ଓ ଯାହାଙ୍କ ବିବେଚନାରେ ନ୍ୟାୟ, ଦୟା, କ୍ଷମା, ପ୍ରୀତି ଭିକ୍ଟୋରିଆଙ୍କ ସିଂହାସନର ଭିତ୍ତିଭୂମି ଇତ୍ୟାଦି ଇତ୍ୟାଦି ସେଇ ରାଧାନାଥ ଯେ ବ୍ରିଟିଶ-ବିରୋଧୀ ହୋଇପାରନ୍ତି ତା ସହଜରେ ବିଶ୍ୱାସ କରାଯାଇପାରେନାହିଁ; କଳ୍ପନା ମଧ୍ୟ କରାଯାଇ ପାରେନାହିଁ । କେବଳ ସେତିକି ନୁହେଁ, ଉଭୟ 'ନିଜ ସୈନ୍ୟପ୍ରତି ଶିବାଜୀ' ଓ 'ମହାଯାତ୍ରା'ର ପ୍ରଥମ ସଂସ୍କରଣ ପ୍ରକାଶ ପାଇବା ପରେ ବି ୧୮୯୭ରେ ବ୍ରିଟିଶ ସରକାର ତାଙ୍କୁ

ରାୟ ବାହାଦୁର ଉପାଧି ପ୍ରଦାନ କରିଥିଲେ । ରାଧାନାଥଙ୍କ ରାଜଭକ୍ତିର ଆଉ ଅଧିକ କି ପ୍ରମାଣ ଦିଆଯାଇପାରେ ?

୪

ତେବେ ରାଧାନାଥଙ୍କ ରଚନାରେ ବ୍ରିଟିଶ ସାମ୍ରାଜ୍ୟବାଦ-ବିରୋଧିତାର ସ୍ପର୍ଶ ନଥିଲେ ମଧ୍ୟ ଜାତୀୟତାବାଦର ସ୍ପଷ୍ଟ ମୁଦ୍ରାଙ୍କନ ସେଥିରେ ରହିଛି । ତେଣୁ ସେ ବ୍ରିଟିଶ-ବିରୋଧୀ ନଥିଲେ ମଧ୍ୟ ଜାତୀୟତାବାଦୀ ଥିଲେ ଓ ସେ ସମ୍ପର୍କରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ମୋଟ ଉପରେ ଊନବିଂଶ ଶତକରେ ଭାରତୀୟ ଜାତୀୟତାବାଦ ଓ ଇଂରେଜ-ପ୍ରୀତି ମଧ୍ୟରେ କୌଣସି ନିଶ୍ଚିତ-ବିରୋଧ ନଥିଲା । ଭାରତୀୟ ଜାତୀୟତାବାଦୀମାନଙ୍କ ମଧ୍ୟରୁ ଅଧିକାଂଶ-ବିଶେଷ ଭାବରେ ହିନ୍ଦୁମାନେ ସେତେବେଳେ ଇଂରେଜ/ବ୍ରିଟ୍ରିଶ-ବିରୋଧୀ ନଥିଲେ, ବରଂ ଥିଲେ ବ୍ରିଟିଶ-ପ୍ରୀତିସମ୍ପନ୍ନ । ଭାରତୀୟ ହିନ୍ଦୁମାନଙ୍କ ପକ୍ଷରେ ଜାତିପ୍ରୀତି ସହ ଇଂରେଜ-ପ୍ରୀତିର ସହାବସ୍ଥାନ ମଧ୍ୟରେ ସେଦିନ କୌଣସି ନିଶ୍ଚିତ ବିରୋଧ ନଥିଲା, ବରଂ ତାହା ହିଁ ଥିଲା ଅତ୍ୟନ୍ତ ପ୍ରତ୍ୟାଶିତ । ତେଣୁ ରାଧାନାଥଙ୍କ କେବଳ କୈଶୋର ଓ ଆଦ୍ୟ-ଯୌବନ କାହିଁକି ତାଙ୍କ ଜୀବନର ତିନି-ଚତୁର୍ଥାଂଶ କାଳ ମୁଖ୍ୟତଃ ଥିଲା ବିଶେଷ ଭାବରେ ନୂତନ ସୃଷ୍ଟ ନବ୍ୟ-ଶିକ୍ଷିତ ହିନ୍ଦୁ ମଧ୍ୟବିତ୍ତ ଶ୍ରେଣୀ ପକ୍ଷରେ ବ୍ରିଟିଶମାନଙ୍କ ଗୁଣଗାନ କରିବାର, ବ୍ରିଟିଶ ପ୍ରଭୁଙ୍କ ନିକଟରେ କୃତଜ୍ଞତା ପ୍ରକାଶର, ସେମାନଙ୍କ ସୁଶାସନର ବନ୍ଦନା ଗାଇବାର କାଳ । ତେଣୁ ୧୮୫୭ର ସିପାହୀ ବିଦ୍ରୋହର ପ୍ରଳୟଙ୍କରୀ ବନ୍ୟାରେ ଯେତେବେଳେ ଉତ୍ତର ଭାରତର ବହୁ ଅଞ୍ଚଳ ପରିପ୍ଲାବିତ, ସେତେବେଳେ ନବ୍ୟଶିକ୍ଷାର ଆଲୋକରେ ଉଦ୍ଭାସିତ ଓ ଇଉରୋପୀୟ ଜ୍ଞାନବିଜ୍ଞାନ ତଥା ପାଶ୍ଚାତ୍ୟ ଜଗତର ସ୍ୱାଧୀନତା, ସାମ୍ୟ ଓ ଭ୍ରାତୃତ୍ୱ ମନ୍ତ୍ର ସହ ଅଳ୍ପବହୁତ ପରିଚିତ ନବ୍ୟଶିକ୍ଷିତ ଓ ହିନ୍ଦୁ ମଧ୍ୟବିତ୍ତ ଶ୍ରେଣୀଙ୍କ କେନ୍ଦ୍ର କଲିକତା ମହାନଗରୀରେ ତାହା ସାମାନ୍ୟ ତରଙ୍ଗ ସୃଷ୍ଟିରେ ମଧ୍ୟ ଅସମର୍ଥ ହୋଇପଡ଼ିଥିଲା; କଲିକତା ରହିଥିଲା ସମ୍ପୂର୍ଣ୍ଣ ଭାବରେ ନିସ୍ତରଙ୍ଗ । ସେଥିପାଇଁ ରଣଜିତ୍ ଗୁହ କହନ୍ତି, "... some of the most noted features of the uprising:defiance, bloodshed and retribution. But during the actual uprising, when all the three elements, magnified many times over, become visible every day across the Gangetic and neighbouring

Calcutta, the capital of the Raj, utterly loyal." (quoted in Mukherjee 2005, p.56) । ସେତେବେଳର ଅଧିକାଂଶ ଜାତୀୟତାବାଦୀ- ଯଦିଓ ସମସ୍ତେ ନୁହଁନ୍ତି (ଉଦାହରଣ ସ୍ୱରୂପ ଏକ ବ୍ୟତିକ୍ରମ ଥିଲେ ଫକୀରମୋହନ)- ଥିଲେ ଇଂରେଜ-ପ୍ରୀତିସମ୍ପନ୍ନ । ଉଦାହରଣ ସ୍ୱରୂପ ପ୍ରିନ୍‌ସ ଅଫ ୱେଲସ୍‌ଙ୍କୁ ସ୍ୱାଗତ ଜଣାଇ ୧୮୫୭ରେ ଲେଖିଥିବା ଏକ କବିତାରେ ପ୍ରଖ୍ୟାତ ହିନ୍ଦୀ ସାହିତ୍ୟିକ ଭାରତେନ୍ଦୁ ହରିଶ୍ଚନ୍ଦ୍ର, "... ...hailed the supplanting of Muslim rule by British as a termination of centuries of oppression." (Chandra, Sudhir, 1994, p.199) । ଅନ୍ୟ ଜଣେ ହିନ୍ଦୀ ସାହିତ୍ୟିକ ରାଧାଚରଣ ଗୋସ୍ୱାମୀଙ୍କ ୧୮୭୯ରେ ଲିଖିତ 'ଭାରତମେଁ ଯବନ ରାଜ୍' ନାଟିକାରେ ବାମଦେବ ନାମକ ଚରିତ୍ର ମୁସଲମାନମାନଙ୍କ କବଳରୁ ଆର୍ଯ୍ୟମାନଙ୍କୁ ରକ୍ଷା କରିଥିବାରୁ ବ୍ରିଟିଶଙ୍କୁ ଧନ୍ୟବାଦ ଜଣାଇ କହିଛି, "Victory of *Huzoor ! Huzoor* has saved us Hindustanis from the jaws of death. These Mussalmans have for centuries given us no respite. Today, the uprooting of their *raj* has given us great happiness. May God perpetuate your *raj*.(ତତ୍ରୈବ, ପ.୧୨୩) ।

ପକ୍ଷାନ୍ତରରେ ଏହି ସବୁ ଜାତୀୟତାବାଦୀ ହିନ୍ଦୁମାନଙ୍କୁ ବା ହିନ୍ଦୁ-ଜାତୀୟତାବାଦୀମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ମୁସଲମାନଙ୍କ ପ୍ରତି ଅନୁଦାର, ଅନ୍ତତଃ ଭାବ-ରାଜ୍ୟରେ । ସେମାନଙ୍କ ଧାରଣା ହୋଇଥିଲା ଭାରତ କେବଳ ହିନ୍ଦୁମାନଙ୍କର ଦେଶ ଓ ମୁସଲମାନମାନେ ଆକ୍ରମଣକାରୀ ଓ ଆଗନ୍ତୁକ । ତେଣୁ ଜାତିର ପରିକଳ୍ପନାରେ ବ୍ରିଟିଶ ନୁହେଁ, ମୁସଲମାନ ହୋଇଥିଲେ 'ପର' (other) । ଏହା ଅପ୍ରିୟ ହେଲେ ମଧ୍ୟ ସତ୍ୟ । ଜ୍ଞାନେନ୍ଦ୍ର ପାଣ୍ଡେଙ୍କ ଭାଷା, "... ...communalism and nationalism, as we understand them today, arose together; the age of communalism was concurrent with the age of nationalism; they were part of the same discourse." (Pandey, 1997, p.236) ଓ ଆହୁରି ମଧ୍ୟ, "Thus for Bankimchandra Chhattopadhyaya, and even for Rabindranath Tagore until we

come to *Gora,* Indian nationalism could quite unproblematically be a Hindu nationalist." (ତତ୍ରୈବ, pp.ix-x) । ତେଣୁ ଭାରତୀୟ ସାହିତ୍ୟରେ ଏତେବେଳେ ପ୍ରକାଶ ପାଇଥିଲା ହିନ୍ଦୁ-ଜାତୀୟତାବାଦର ସ୍ୱର । ଏହାର ଏକାଧିକ ଐତିହାସିକ କାରଣ ମଧ୍ୟ ଥିଲା । (ଅଷ୍ଟାଦଶ ଶତାବ୍ଦୀ ଓ ଊନବିଂଶ ଶତାବ୍ଦୀରେ କେତେକ ପାଶ୍ଚାତ୍ୟ ପ୍ରାଚ୍ୟତତ୍ତ୍ୱବିଦ୍ ପ୍ରାଚୀନ ଭାରତୀୟ ସଭ୍ୟତା, ସାହିତ୍ୟ ଓ ସଂସ୍କୃତିର- ଅର୍ଥାତ୍ ମୁସଲମାନମାନେ ଭାରତ ଅଧିକାର କରିବା ପୂର୍ବରୁ- ଏକ ସୁବର୍ଣ୍ଣଯୁଗର ସଂରଚନା କରୁଥିଲେ । ତାହା ହିନ୍ଦୁ-ଜାତୀୟତାବାଦର ଅଭ୍ୟୁତ୍ଥାନପାଇଁ ଅନ୍ୟତମ ପ୍ରେରଣାର ଉତ୍ସ ହୋଇଥିଲା ବୋଲି ଐତିହାସିକମାନେ ଦାବି କରନ୍ତି । କିନ୍ତୁ ବର୍ତ୍ତମାନ ପ୍ରସଙ୍ଗରେ ତା ଅବାନ୍ତର ମାତ୍ର ।) ବଙ୍ଗର ପରିପ୍ରେକ୍ଷୀରେ ଅନୁରାଧା ରାୟ କହନ୍ତି, "The nineteenth century nationalism of India was a search of self-identity in order to ensure self-respect in relation to the colonial masters. The nationlist could not yet dream of being masters themselves. Sovereignty, at least politcal sovereignty, was not on the agenda of this nationalism. The national triad of ancient Hindu glory, decline caused by the Muslim invasion and deliverance provided by the British suited the nationalism very well. It is true that the triad was originally a product of British scholars. But they were only too eager to be brainwashed, because it suited them eminently."(Roy, Anuradha 2003, p.45) । ଅନୁରାଧା ରାୟଙ୍କ ଏ ମନ୍ତବ୍ୟ ଅନେକ ପରିମାଣରେ ସତ୍ୟର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଅନୁରୂପ କାରଣରୁ ଭାରତେନ୍ଦୁ ହରିଶ୍ଚନ୍ଦ୍ର ବି ଲେଖିଥିଲେ, "ଯିନ୍ ଯବନନ୍ ତୁମ୍ ଧରମ୍ ନାରୀ, ଧନ ତିନହୁଁ ଲିନୋ" (ଦ୍ର: Chandra, Sudhir 1994, p.179, f.n. No.13) । ପୁଣି ସୁଧୀର ଚନ୍ଦ୍ରଙ୍କ ଭାଷାରେ ରାଧାଚରଣ ଗୋସ୍ୱାମୀ ତାଙ୍କ 'ଭାରତମେଁ ଯବନ ରାଜ' ନାଟିକାରେ, "... presented Muslim rule in India as a chronicle of the rape and abduction of women, the slaughter of sacred cows, the defilement of temples, the killing of children, and the unprecendented robbing of people. He called

the Muslims *mlechchha*- a thoroughly derogatory term- and employed the kind of unrestrained language normal for such writiing." (ତତ୍ରୈବ, ପୃ. ୧୨୨) । ହିନ୍ଦୀ ସାହିତ୍ୟରେ ଏପରି ଆଭିମୁଖ୍ୟର ପ୍ରତିଫଳନ ବହନ କରିଥିବା ଆହୁରି କେତେ ଉଦାହରଣ ମଧ୍ୟ ସୁଧୀର ଚନ୍ଦ୍ର ଦେଇଛନ୍ତି (ତତ୍ରୈବ, ପୃ. ୧୨୨-୧୩୫) । ପୁଣି କେବଳ ହିନ୍ଦୀ ସାହିତ୍ୟିକମାନେ ନୁହଁନ୍ତି, ବିଶେଷ ଭାବରେ ଆମ ପଡ଼ୋଶୀ ବଙ୍ଗୀୟ ସାହିତ୍ୟିକମାନେ ମଧ୍ୟ ଠିକ୍ ଏଇ ସମୟରେ ସେମାନଙ୍କ ସାହିତ୍ୟକୃତିରେ ଅନୁରୂପ ଭାବରେ ସ୍ଥାନ ଦେଇଥିଲେ ହିନ୍ଦୁ-ଜାତୀୟତାବାଦକୁ (ଓ ସମୟ ବିଶେଷରେ ବ୍ରିଟିଶ-ପ୍ରୀତିକୁ) । ବଙ୍ଗସାହିତ୍ୟରେ ଏଇ ହିନ୍ଦୁ ଜାତୀୟତାବାଦର ସ୍ୱର ଅଧିକ ପୁଷ୍କଳ, ଅଧିକ ଉଗ୍ର ଓ ଶାଣିତ ଭାବରେ ପ୍ରକାଶ ପାଇଥିଲା । ଋଷି ବଙ୍କିମଚନ୍ଦ୍ର ସେ ଦିଗରେ ନେତୃସ୍ଥାନୀୟ ଥିଲେ । ରାଜସ୍ଥାନର ପୃଷ୍ଠପଟରେ ରାଜସିଂହ ଚରିତ୍ରକୁ ଉପଜୀବ୍ୟ କରି ଉପନ୍ୟାସ ରଚନା କରିବାର ଯଥାର୍ଥତା ଦର୍ଶାଇବା ପ୍ରସଙ୍ଗରେ ସେ ସେଇ ଉପନ୍ୟାସର ଚତୁର୍ଥ ସଂସ୍କରଣର ଭୂମିକା (୧୮୯୩)ରେ କହିଥିଲେ, "ହିନ୍ଦୁଦିଗେର ବାହୁବଲ ଇ ଆମାର ପ୍ରତିପାଦ୍ୟ । ଉଦାହରଣ ସ୍ୱରୂପ ଆମି ରାଜସିଂହକେ ଲଇୟାଛି ।" (ଯୋଗେଶଚନ୍ଦ୍ର ବାଗଲଙ୍କ 'ଉପନ୍ୟାସ-ପ୍ରସଙ୍ଗ'ରେ ଉଦ୍ଧୃତ, ଦ୍ରଃବଙ୍କିମ ରଚନାବଲୀ, ୧ମ ଖଣ୍ଡ, ୧୩୬୩, ପୃ.୪୦) । ମୋଟ ଉପରେ ଭାରତୀୟ ସାହିତ୍ୟରେ ଏହା ଥିଲା ହିନ୍ଦୁ-ଜାତୀୟତାବାଦର ଯୁଗ । ଆଉ ରାଧାନାଥ ସେଥିରୁ ବାଦ ପଡ଼ନ୍ତେ ବା କିପରି ? ଏପରି କି ମଧୁସୂଦନ ରାଓ ଓ ନନ୍ଦକିଶୋର ବଳ ମଧ୍ୟ ଏହି ହିନ୍ଦୁ-ଜାତୀୟତାବାଦର ପ୍ରଭାବକୁ ସମ୍ପୂର୍ଣ୍ଣ ଭାବରେ ଏଡାଇ ନପାରି ସେଦିନ ଲେଖିଥିଲେ ଯଥାକ୍ରମେ, 'ଭାରତ ବନ୍ଦନା' (୧୮୭୬) ଓ 'କୃଷ୍ଣକୁମାରୀ' (୧୮୯୮) । ଅବଶ୍ୟ ଫକୀରମୋହନ ମଧ୍ୟ ଏଇ ଜାତୀୟତାବାଦୀମାନଙ୍କ ମଧ୍ୟରେ ଥିଲେ ଏକ ବ୍ୟତିକ୍ରମ । ତା କିନ୍ତୁ ଏକ ଭିନ୍ନ ବ୍ୟାପାର ।

ଅବଶ୍ୟ ଯତୀନ୍ଦ୍ର ମୋହନ ମହାନ୍ତି, ହୁଏତ ଇଂରାଜୀ ସାହିତ୍ୟର ଅଧ୍ୟାପକ ହୋଇଥିବାରୁ, ଇଂରାଜୀ ସାହିତ୍ୟ ସହ ଓଡ଼ିଆ ସାହିତ୍ୟର ସମ୍ପର୍କ ପ୍ରତିଷ୍ଠାରେ ପ୍ରବଣତା ଦେଖାଇ କହନ୍ତି, "ସମସାମୟିକ ରାଜନୈତିକ ପରିସ୍ଥିତି, ବିଶେଷ କରି ଊନବିଂଶ ଶତାବ୍ଦୀର ଇଂରାଜୀ ରୋମାଣ୍ଟିକ କାବ୍ୟ-କବିତା ଅଧ୍ୟୟନର ଏହା ଅବଶ୍ୟମ୍ଭାବୀ

ପରିଣତି ।" (ମହାନ୍ତି, ଯତୀନ୍ଦ୍ର ମୋହନ, ୧୯୯୯, ପୃ.୫୨) । ପ୍ରଥମତଃ ଯତୀନ୍ଦ୍ର ମୋହନ ରାଧାନାଥଙ୍କ ଭାରତୀୟ ମାନସିକତା ଅବବୋଧରେ ଆଦୌ ସମର୍ଥ ହୋଇପାରି ନାହାଁନ୍ତି । ଦ୍ୱିତୀୟରେ ସେ ରାଧାନାଥଙ୍କ ଇଂରାଜୀ ରୋମାଣ୍ଟିକ କାବ୍ୟ ଅଧ୍ୟୟନର ଫଳଶ୍ରୁତି ଆବିଷ୍କାରରେ ଯେତିକି ଆଗ୍ରହ ଓ ପ୍ରବଣତା ଦେଖାନ୍ତି, ରାଧାନାଥଙ୍କ ବଙ୍ଗ ସାହିତ୍ୟ ଅଧ୍ୟୟନ ଆବିଷ୍କାର ସମ୍ପର୍କରେ ସେତିକି ଉଦାସୀନ । ତେଣୁ ସେ ରାଧାନାଥଙ୍କ ପ୍ରେରଣାର ଉତ୍ସ ପଡ଼ୋଶୀ ବଙ୍ଗ ସାହିତ୍ୟ ପରିବର୍ତ୍ତେ ଇଂରାଜୀ ସାହିତ୍ୟରେ ଅନ୍ୱେଷଣ କରିବାର ବିସ୍ମୟର କୌଣସି କାରଣ ନାହିଁ । ସେଇ କାରଣରୁ ସେ ସତ୍ୟର ନିକଟବର୍ତ୍ତୀ ହୋଇପାରିଛନ୍ତି ବୋଲି ମନେହୁଏ ନାହିଁ ।

୫

ସେ ପ୍ରସଙ୍ଗରେ ପ୍ରଥମେ ରାଧାନାଥଙ୍କ ପ୍ରେରଣାର ଉତ୍ସକୁ ନିର୍ଦ୍ଦିଷ୍ଟ ଭାବରେ ଚିହ୍ନିତ କରିବା ଆବଶ୍ୟକ । କାରଣ, ତା ହୋଇପାରିଲେ ହିଁ ତାଙ୍କ ଜାତୀୟତାବାଦର ସ୍ୱରୂପ ସମ୍ପର୍କରେ ଧାରଣା ଆହୁରି ସ୍ପଷ୍ଟ ହୋଇପାରିବ । ସେ ଦିଗରେ ଏକ ନିର୍ଦ୍ଦିଷ୍ଟ ମାର୍ଗଦର୍ଶକ ବା ଶଙ୍କୁ ହେଉଛି ରାଧାନାଥଙ୍କ 'ନିଜ ସୈନ୍ୟପ୍ରତି ଶିବାଜୀ' ବା 'ଶିବାଜୀଙ୍କ ଉତ୍ସାହ ବାକ୍ୟ' ଏକ 'ଉଦ୍‌ବୋଧନ' ବର୍ଗୀୟ କବିତା । (ଏପରିକି 'ମହାଯାତ୍ରା'ର ସପ୍ତମ ସର୍ଗରେ ଗର୍ଭିତ ପୃଥୁଙ୍କ ଭଗିନୀପତି ଅମର୍ଷୀଙ୍କ ମୁଖରେ ପ୍ରଦତ୍ତ ଉତ୍ସାହବାଣୀ ମଧ୍ୟ ପ୍ରକୃତରେ ଏକ ଉଦ୍‌ବୋଧନ ।) ସେ ଦିଗରେ ଦ୍ୱିତୀୟ ଶଙ୍କୁ ହେଉଛି 'ନିଜ ସୈନ୍ୟପ୍ରତି ଶିବାଜୀ' କବିତାରେ ଭାରତ ମାତୃରୂପର ଆବିଷ୍କାର । ଏଠାରେ ସୂଚାଇଦେବା ଆବଶ୍ୟକ ଯେ ଦେଶପ୍ରେମମୂଳକ ବା ଜାତୀୟତାବାଦୀ ସାହିତ୍ୟ ସୃଷ୍ଟି ଓ ତାର ଅଙ୍ଗ ସ୍ୱରୂପ 'ଉଦ୍‌ବୋଧନ' ରଚନା ତଥା ସେ ସବୁ କ୍ଷେତ୍ରରେ ଭାରତର ମାତୃରୂପର ଆବିଷ୍କାର ତଥା ମାତୃଭୂମି ଅବଧାରଣାର ଆଦ୍ୟ ପ୍ରୟୋଗ ଭିତର ଦେଇ ଓଡ଼ିଆ ସାହିତ୍ୟରେ ପୂର୍ବରୁ ଦେଶପ୍ରେମମୂଳକ ସାହିତ୍ୟ ସୃଷ୍ଟିର, ଉଦ୍‌ବୋଧନୀ ରଚନାର ତଥା ଦେଶକୁ ମାତୃଭୂମି ରୂପେ ପରିକଳ୍ପନାର ପରମ୍ପରା ଆଦୌ ନଥିଲା । ଯେତେଦୂର ଜଣାଯାଏ ସେ ସବୁ କ୍ଷେତ୍ରରେ ରାଧାନାଥଙ୍କ ପ୍ରେରଣାର ପ୍ରଧାନ ଉତ୍ସ ଥିଲେ ଦୁଇଜଣ ବଙ୍ଗୀୟ କବି: ମୁଖ୍ୟତଃ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଓ ଆଂଶିକ ଭାବରେ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ।

୬.୧. ପ୍ରଥମେ ରାଧାନାଥଙ୍କ କାବ୍ୟ/ସାହିତ୍ୟ ସାଧନାରେ ଅନ୍ୟତମ ପ୍ରେରଣାର ଉତ୍ସ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ ସମ୍ପର୍କରେ ଆଲୋଚନା କରାଯାଉ । ରଙ୍ଗଲାଲଙ୍କ ସାହିତ୍ୟରେ ମଧ୍ୟ ଏଇ ହିନ୍ଦୁ-ଜାତୀୟତାବାଦର ସୁସ୍ପଷ୍ଟ ପରିପ୍ରକାଶ ଘଟିଥିଲା । ଉଦାହରଣ ସ୍ୱରୂପ ୧୮୫୮ରେ ପ୍ରକାଶିତ ତାଙ୍କ 'ପଦ୍ମିନୀ ଉପାଖ୍ୟାନ' କାବ୍ୟକୁ ନିଆଯାଇପାରେ । ରାଜସ୍ଥାନର ପ୍ରସିଦ୍ଧ ଆଲ୍ଲାଉଦ୍ଦୀନ-ପଦ୍ମିନୀ କିମ୍ବଦନ୍ତୀକୁ ଅବଲମ୍ବନ କରି ରଚିତ ହୋଇଛି ଏହି କାବ୍ୟ । ଏହି କାବ୍ୟରେ ରାଜା ଭୀମ ସିଂହ ଚିତୋରର କ୍ଷତ୍ରିୟମାନଙ୍କୁ ଆକ୍ରମଣକାରୀ ମୁସଲମାନମାନଙ୍କ ସହ ଯୁଦ୍ଧ କରିବା ପାଇଁ ଦେଇଛନ୍ତି ଏ ଉଦ୍‌ବୋଧନ,

"ସ୍ୱାଧୀନତା-ହୀନତାୟ କେ ବାଁଚିତେ ଚାୟ, ହେ କେ ବାଁଚିତେ ଚାୟ ?

ଦାସତ୍ୱ-ଶୃଙ୍ଖଲ ବଲ କେ ପରିବେ ପାୟ ହେ, କେ ପରିବେ ପାୟ ?"

ଇତ୍ୟାଦି । ରାଜପୁତାନା ବା ରାଜସ୍ଥାନ ପରିପ୍ରେକ୍ଷୀରେ ରାଜପୁତମାନଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଥିଲେ ହେଁ, ଏହି ଉଦ୍‌ବୋଧନ ସଙ୍ଗୀତ ଓ ତାର ଶାଣିତ ପ୍ରକାଶଭଙ୍ଗୀ ସେତେବେଳର ବହୁ ଭାରତୀୟଙ୍କୁ, ବିଶେଷ ଭାବରେ ବଙ୍ଗୀୟମାନଙ୍କୁ ଯେ ଜାତିପ୍ରେମରେ ଉଦ୍ଦୀପିତ, ଉଦ୍‌ବୁଦ୍ଧ କରିଥିଲା ଓ ତା ଯେ ଅତ୍ୟନ୍ତ ପ୍ରସିଦ୍ଧି ଲାଭ କରିଥିଲା ତା କହିବା ବାହୁଲ୍ୟ ମାତ୍ର । ରଙ୍ଗଲାଲଙ୍କ ପୂର୍ବରୁ ସ୍ୱାଧୀନତା ପିପାସାକୁ ପରାଧୀନ ଭାରତୀୟମାନଙ୍କ ନିକଟରେ ଏପରି ଶକ୍ତିଶାଳୀ ଭାଷା ଓ ପ୍ରକାଶଭଙ୍ଗୀ ମାଧ୍ୟମରେ ଆଉ କେହି ଉପସ୍ଥାପିତ କରିପାରିନଥିଲେ ।

ଏହି ଉଦ୍‌ବୋଧନର ଗୋଟିଏ ପଙ୍‌କ୍ତି ହେଉଛି,

"ଆମାଦେର ମାତୃଭୂମି ରାଜପୁତାନାର ହେ, ରାଜପୁତାନାର ।

ସକଲ ଶରୀରେ ଛୁଟେ ରୁଧିରେର ଧାର ହେ, ରୁଧିରେର ଧାର"

ବୋଧହୁଏ ବଙ୍ଗ ସାହିତ୍ୟରେ- ହୁଏତ ଏପରିକି ଭାରତୀୟ ସାହିତ୍ୟରେ- ଏହା ହେଉଛି ସ୍ୱଦେଶର ମାତୃରୂପ ଆବିଷ୍କାରର ଆଦ୍ୟ ଉଦାହରଣ; 'ମାତୃଭୂମି' ଅବଧାରଣା (Concept)ର ଓ ଶବ୍ଦର ଆଦ୍ୟ ପ୍ରୟୋଗ । (ରାମାୟଣର ପ୍ରସିଦ୍ଧ "ଜନନୀ ଜନ୍ମଭୂମିଶ୍ଚ

ସ୍ୱର୍ଗାଦପି ଗରୀୟସୀ" ପଙ୍‌କ୍ତିରେ ଜନ୍ମଭୂମିକୁ ଜନନୀ ସହ ସମାନ ଆସନ ଦିଆଯାଇଥିଲେ ମଧ୍ୟ ଜନନୀ ରୂପରେ ଆବିଷ୍କାର କରାଯାଇ ନ ଥିଲା ।) ପ୍ରଥମ ଜାତୀୟତାବାଦୀ ସାହିତ୍ୟ-ସ୍ରଷ୍ଟାର ସମ୍ମାନ ଅବଶ୍ୟ ଡିରୋଜିଓ (H.L.V.Derozio)ଙ୍କର ପ୍ରାପ୍ୟ । ସେ କିନ୍ତୁ 'ମାତୃଭୂମି' ବା Motherland ଶବ୍ଦର ପ୍ରୟୋଗ ନକରି my native land ଅଭିବ୍ୟକ୍ତିର ପ୍ରୟୋଗ କରିଥିଲେ ତାଙ୍କ ପ୍ରସିଦ୍ଧ To India My Native Land କବିତାର ଶୀର୍ଷକରେ । ଅବଶ୍ୟ ମାଇକେଲ ମଧୁସୂଦନ ୧୮୬୨ରେ ରଚିତ ତାଙ୍କ 'ବଙ୍ଗଭୂମିର୍ ପ୍ରତି' କବିତାରେ 'ମାତୃଭୂମି' ଅଭିଧାର ଆଦ୍ୟ ପ୍ରୟୋଗ କରିପାରିଥାନ୍ତି ବୋଲି ସୂଚନା ଦେଇଛନ୍ତି ସବ୍ୟସାଚୀ ଭଟ୍ଟାଚାର୍ଯ୍ୟ (Bhattacharya, Sabyasachi 2003, pp.77 and 117, f.n. no.14) । ବଙ୍ଗଭୂମିକୁ 'ମା' ବୋଲି ସମ୍ବୋଧନ କରି ବଙ୍ଗର ପରିପ୍ରେକ୍ଷୀରେ ହିଁ 'ମାତୃଭୂମି' ଅବଧାରଣାର ଆଦ୍ୟ ପ୍ରୟୋଗ ମାଇକେଲ ମଧୁସୂଦନ କରିପାରିଥାଆନ୍ତି । କିନ୍ତୁ ତା ପୂର୍ବରୁ ୧୮୫୮ରେ ରଙ୍ଗଲାଲ ବ୍ୟବହାର କରିଥିଲେ ଏଇ ଅବଧାରଣା ଓ ଶବ୍ଦ, ଅବଶ୍ୟ ରାଜପୁତାନାର ପରିପ୍ରେକ୍ଷୀରେ ।

୬.୧.୧ ସେ ରାଜପୁତାନାର ବା ରାଜସ୍ଥାନର ପରିପ୍ରେକ୍ଷୀରେ ମାତୃଭୂମି ଅଭିଧା ପ୍ରୟୋଗର କାରଣ କଣ ହୋଇପାରେ ? ପୁଣି କେବଳ ଏହି ଆଖ୍ୟାୟିକା ସମ୍ବଳିତ କାବ୍ୟଟି ନୁହେଁ, ରଙ୍ଗଲାଲ ରାଜସ୍ଥାନର ଜନଶ୍ରୁତି / କିମ୍ବଦନ୍ତୀକୁ ଅବଲମ୍ବନ କରି 'କର୍ମଦେବୀ' ଓ 'ଶୂରସୁନ୍ଦରୀ' ନାମକ ଆଉ ଦୁଇଟି କାବ୍ୟ ପରବର୍ତ୍ତୀ କାଳରେ ଯଥାକ୍ରମେ ୧୮୬୨ ଓ ୧୮୬୮ରେ (ତଥା ଓଡ଼ିଶାର ଏକ ଜନଶ୍ରୁତି ବା ମିଥ୍‌କୁ ଅବଲମ୍ବନ କରି ଆଉ ଗୋଟିଏ କାବ୍ୟ କାଞ୍ଚୀକାବେରୀ ୧୮୭୯ରେ) ରଚନା ଓ ପ୍ରକାଶ କରିଥିଲେ । ପୁଣି କେବଳ ରଙ୍ଗଲାଲ ନୁହଁନ୍ତି, ପରବର୍ତ୍ତୀ କାଳର ବହୁ ବଙ୍ଗୀୟ ସାହିତ୍ୟ ସ୍ରଷ୍ଟା ଭାରତର ଅନ୍ୟାନ୍ୟ ପ୍ରାନ୍ତର, ବିଶେଷ ଭାବରେ ରାଜସ୍ଥାନ ଓ ମହାରାଷ୍ଟ୍ରର, ଜନଶ୍ରୁତି /କିମ୍ବଦନ୍ତୀକୁ ଅବଲମ୍ବନ କରି ଜାତୀୟ ଭାବୋଦ୍ଦୀପକ ସାହିତ୍ୟକୃତି ରଚନା କରିଥିଲେ । ରବୀନ୍ଦ୍ରନାଥଙ୍କ ଭାଇ ଜ୍ୟୋତିରିନ୍ଦ୍ରନାଥ ଠାକୁର ଆଲେକ୍‌ଜାଣ୍ଡରଙ୍କ ବିଜୟ ଅଭିଯାନର ପ୍ରତିରୋଧ କରିଥିବା ପୁରୁ ରାଜାଙ୍କୁ କେନ୍ଦ୍ରକରି ୧୮୭୪ରେ ଲେଖିଥିଲେ 'ପୁରୁ-ବିକ୍ରମ' ନାଟକ । ପୁଣି ରାଜସ୍ଥାନର ପୃଷ୍ଠଭୂମିରେ ଜାତୀୟଭାବୋଦ୍ଦୀପକ 'ସରୋଜିନୀ' ନାମକ ନାଟକ ମଧ୍ୟ ରଚନା କରିଥିଲେ ସେ ୧୮୭୫ରେ । ସେହିପରି

ରମେଶଚନ୍ଦ୍ର ଦତ୍ତ ବି ୧୮୭୯ରେ 'ମହାରାଷ୍ଟ୍ର ଜୀବନପ୍ରଭାତ' ଓ 'ରାଜପୁତ ଜୀବନସନ୍ଧ୍ୟା' ଉପନ୍ୟାସ ଦୁଇଟି ରଚନା କରିଥିଲେ ଯଥାକ୍ରମେ ମହାରାଷ୍ଟ୍ର ଓ ରାଜସ୍ଥାନ ପୃଷ୍ଠପଟରେ । ଦ୍ୱିଜେନ୍ଦ୍ରଲାଲ ରାୟ ମଧ୍ୟ 'ପ୍ରତାପ ସିଂହ', 'ତାରାବାଈ', 'ଦୁର୍ଗାଦାସ' ଓ 'ମେବାର ପତନ' ନାଟକ ରଚନା କରିଥିଲେ ରାଜସ୍ଥାନର ପୃଷ୍ଠଭୂମିରେ । ବଙ୍କିମଚନ୍ଦ୍ରଙ୍କ ରାଜସ୍ଥାନର ପୃଷ୍ଠପଟରେ ଲିଖିତ 'ରାଜସିଂହ' ମଧ୍ୟ ଏହାର ଆଉ ଏକ ଉଦାହରଣ । ବଙ୍କିମଚନ୍ଦ୍ର ଓ ରମେଶଚନ୍ଦ୍ର ଦତ୍ତଙ୍କ ସାହିତ୍ୟ ଆଲୋଚନା ପ୍ରସଙ୍ଗରେ ଏହିପରି- ଅର୍ଥାତ୍ କାହିଁକି ରାଜସ୍ଥାନର ପୃଷ୍ଠପଟରେ ରଙ୍ଗଲାଲ 'ପଦ୍ମିନୀ ଉପାଖ୍ୟାନ' ରଚନା କରିଥିଲେ ବା ମାତୃଭୂମି ଅବଧାରଣା ଓ ଶବ୍ଦର ପ୍ରୟୋଗ କରିଥିଲେ ? ପରି ପ୍ରଶ୍ନର ଉତ୍ତର ଦେଇ ପ୍ରଖ୍ୟାତ ଗବେଷକ ସୁଦୀପ୍ତ କବିରାଜ କହନ୍ତି, "As, because of accumulating evidence, thinking of glorious history of the Bengali "we" becomes impossible, the boundaries of this "we" are gerrymandered, and the "we" open towards to include those who would have been conclusively regarded as "them" by an earlier mode of thinking." (Kaviraj Sudipta 1995, p.145) ଏହାର ଅର୍ଥ ବଙ୍ଗର ଗୌରବୋଜ୍ଜ୍ୱଳ ଇତିହାସ ନ ଥିବାରୁ ହିଁ ବଙ୍ଗୀୟ ବୁଦ୍ଧିଜୀବୀମାନେ ଆପଣାକୁ ଏହିପରି ଭାବରେ ଯେଉଁମାନଙ୍କୁ ଏକ ଭିନ୍ନ ପରିସ୍ଥିତିରେ ସେମାନେ ପୃଥକ ବା ପର ବୋଲି ଭାବିଥାଆନ୍ତେ ସେହିମାନଙ୍କ ସହ ନିଜକୁ ଚିହ୍ନିତ କରିବା ପାଇଁ ବାଧ ହୋଇଥିଲେ । ଶିଶିର କୁମାର ଦାସଙ୍କ ଭାଷାରେ, "The Bengali writers since the nineteenth century showed greater interest in histories of other regions of India, particularly those of Rajasthan and Maharshtra. Nevertheless the search of Bengali heros was quite conspicuous. Neither Bankim nor Ramesh Chandra could find a memorable hero from the history of Bengal." (Das, Sisir Kumar 1995, p.111) ।

୬.୨ ତେବେ ଏଠାରେ ସୂଚାଇଦେବା ଉଚିତ ହେବ ଯେ ରଙ୍ଗଲାଲଙ୍କ 'ପଦ୍ମିନୀ ଉପାଖ୍ୟାନ'ର ପ୍ରାରମ୍ଭ ଓ ପ୍ରାନ୍ତରେ, ଯଥାକ୍ରମେ 'ସୂଚନା' ଓ 'ଚିତୋରାଧିକାର'

ପ୍ରସଙ୍ଗରେ, କିଛି ପରିମାଣରେ ବା ଅସ୍ପଷ୍ଟ ଭାବରେ ହୋଇଥିଲେ ମଧ୍ୟ, ଏକ ପ୍ରସାରିତ ଦୃଷ୍ଟିକୋଣରୁ ଭାରତକୁ ହିଁ ମାତୃଭୂମି ଭାବରେ ପରିକଳ୍ପନା କରାଯାଇ ତା ମଧ୍ୟରେ ରାଜପୁତାନା ବା ରାଜସ୍ଥାନର ଅବସ୍ଥିତି ସୂଚିତ ହୋଇଛି ଓ ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

୬.୩ ମନେହୁଏ ରଙ୍ଗଲାଲଙ୍କ 'ପଦ୍ମିନୀ ଉପାଖ୍ୟାନ'ରେ ଥିବା ପୂର୍ବୋକ୍ତ ଉଦ୍‌ବୋଧନର ପ୍ରତ୍ୟକ୍ଷ ପ୍ରଭାବରେ ରାଧାନାଥ ସେଦିନ ଲେଖିଥିଲେ ସେହିପରି ଆକ୍ରମଣକାରୀ ମୁସଲମାନଙ୍କ ସହ ଯୁଦ୍ଧ କରିବା ପାଇଁ ମରହଟ୍ଟା ବୀର ଶିବାଜୀ ଦେଇଥିବା ଆଉ ଏକ ଉଦ୍‌ବୋଧନ, 'ନିଜ ସୈନ୍ୟ ପ୍ରତି ଶିବାଜୀ' ଶୀର୍ଷକରେ (୧୮୭୬) । ପୁଣି, ବୋଧହୁଏ ଓଡ଼ିଆ ସାହିତ୍ୟରେ ରାଧାନାଥ ହିଁ 'ମାତୃଭୂମି' ଅବଧାରଣାର ପ୍ରଥମ ପ୍ରୟୋଗ କରିଥିଲେ, ଏହି କବିତାର "ଏ ଭାରତ ଭୂମି ଆମ୍ଭର ଜନନୀ" ଅଭିବ୍ୟକ୍ତି ଭିତର ଦେଇ, ଅବଶ୍ୟ, ସାମାନ୍ୟ ପରିବର୍ତ୍ତିତ ଭାବରେ, ଆଉ ଆବିଷ୍କାର କରିଥିଲେ- ରାଜପୁତାନାର, ବଙ୍ଗର, ଉତ୍କଳର ବା ଏପରି କି ମହାରାଷ୍ଟ୍ରର ବି ନୁହେଁ- ଭାରତବର୍ଷର ମାତୃରୂପକୁ । ମନେହୁଏ ଏହା ରଙ୍ଗଲାଲଙ୍କ ପ୍ରଭାବର ଫଳ । ଏଠାରେ ସ୍ମରଣୀୟ ଯେ ରାଧାନାଥ ୧୮୬୮ରେ ପ୍ରକାଶିତ ଭାଷାରେ ରଚିତ 'କବିତାବଲୀ'ରେ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ ଉପରେ ଏକ କବିତା ଲେଖିଥିଲେ, ତଥା ସେ କବିତାରେ ତାଙ୍କ 'ପଦ୍ମିନୀ ଉପାଖ୍ୟାନ' କାବ୍ୟର ସୂଚନା ମଧ୍ୟ ଦେଇଥିଲେ । ରାଧାନାଥଙ୍କ ଉପରେ ରଙ୍ଗଲାଲଙ୍କ ପ୍ରଭାବ ପ୍ରସଙ୍ଗରେ ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । (ପୁଣି ସେଇ 'କବିତାବଲୀ'ରେ ଥିବା 'ଜନ୍ମଭୂମି' କବିତାରେ ବି ଭାରତର ମାତୃରୂପ ଆବିଷ୍କୃତ ହୋଇଥିଲା ।) ଏପରି କି ରାଧାନାଥଙ୍କ 'ମହାଯାତ୍ରା'ରେ ଗର୍ଭିତ ଅମର୍ଷୀଙ୍କ ଉଦ୍‌ବୋଧନର ମୂଳରେ ମଧ୍ୟ ହୁଏତ ଥିଲା 'ପଦ୍ମିନୀ ଉପାଖ୍ୟାନ'ରେ ଗର୍ଭିତ ଉକ୍ତ ଉଦ୍‌ବୋଧନ । ଉଭୟ କବି କାବ୍ୟ ମଧ୍ୟରେ ଏପରି ଉଦ୍‌ବୋଧନ ଗର୍ଭିତ କରିବାରେ ଏକ ଯୋଗସୂତ୍ର ରହିଥିବାର ସମ୍ଭାବନା ଅଛି । ଅନ୍ୟଥା ମଧ୍ୟ ରାଧାନାଥଙ୍କ ସାହିତ୍ୟ-ସାଧନା ରଙ୍ଗଲାଲଙ୍କ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥିବାର ଯଥେଷ୍ଟ ସମ୍ଭାବନା ରହିଛି (ଦ୍ରଷ୍ଟବ୍ୟ: ଦାଶ ଗଗନେନ୍ଦ୍ର ନାଥ ୧୯୭୯, ପୃ.୭୪-୭୬, ୮୩-୧୦୪) ।

୬.୩.୧. ପୁଣି ଏଠାରେ ସାମାନ୍ୟ ଅବାନ୍ତର ବୋଲି ମନେହେଲେ ହେଁ ସୂଚନା ଦେବା ଆବଶ୍ୟକ ଯେ ବୋଧହୁଏ ରାଧାନାଥ ହିଁ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେ ଅନେକ ପରେ ଓଡ଼ିଶା ବା ଉତ୍କଳର ମାତୃରୂପ ମଧ୍ୟ ଆବିଷ୍କାର କରିଥିଲେ ୧୮୯୧ରେ

ପ୍ରକାଶିତ ତାଙ୍କ 'ଚିଲିକା' କାବ୍ୟରେ 'ତୋ କୃପା ବିହୁନେ ଉତ୍କଳମାତାର, ନାମେ ଖ୍ୟାତିଗ୍ରନ୍ଥେ ପଡ଼ିନାହିଁ ଗାର" ପଙ୍‌କ୍ତିରେ । (ଅବଶ୍ୟ ସମକାଳରେ ଫକୀରମୋହନ ମଧ୍ୟ ତାଙ୍କ 'ଉତ୍କଳଭ୍ରମଣଂ'ରେ ଉତ୍କଳ ବା ଓଡ଼ିଶା ପ୍ରତି 'ଜନନୀ', 'ମାତୃଭୂମି', ଓ Motherland ଅଭିଧାର ପ୍ରଯୋଗ କରିଛନ୍ତି ।) ଏହା ପୂର୍ବରୁ କେବଳ ଯେ ମାଇକେଲ ମଧୁସୂଦନ ତାଙ୍କ 'ବଙ୍ଗଭୂମିର୍ ପ୍ରତି' କବିତାରେ ଅଭିବ୍ୟକ୍ତି ବ୍ୟବହାର କରିଥିଲେ ତାଙ୍କ 'ପଲାଶୀର ଯୁଦ୍ଧ' କାବ୍ୟରେ (୧/୨୮, ୧/୪୮, ୧/୬୬) । ଅନ୍ୟଥା ପୁଣି ରାଧାନାଥଙ୍କ 'ନନ୍ଦିକେଶ୍ୱରୀ', 'ମହାଯାତ୍ରା' ଓ 'ଚିଲିକା'ରେ 'ପଲାଶୀର ଯୁଦ୍ଧ'ର ପ୍ରଭାବକୁ ବି ଆବିଷ୍କାର କରାଯାଇପାରେ । ଉଦାହରଣ ସ୍ୱରୂପ 'ପଲାଶୀର ଯୁଦ୍ଧ' ଦ୍ୱିତୀୟ ସର୍ଗର କାଟୋୟାଠାରେ ଗଙ୍ଗାତୀରରେ ବ୍ରିଟିଶ ଶିବିର ବର୍ଣ୍ଣନା ଓ ଇଂଲଣ୍ଡର ରାଜଲକ୍ଷ୍ମୀଙ୍କର କ୍ଲାଇବଙ୍କ ସମ୍ମୁଖରେ ଆବିର୍ଭାବ ତଥା ତାଙ୍କୁ ଉପଦେଶ ଦେବା, ଭବିଷ୍ୟତବାଣୀ ଶୁଣାଇବା (୧-୩୨-୫୨) ପ୍ରସଙ୍ଗଗୁଡ଼ିକର ପ୍ରଭାବରେ 'ନନ୍ଦିକେଶ୍ୱରୀ'ର କାଠଯୋଡ଼ି ତୀରରେ ଚୋରଗଙ୍ଗଙ୍କ ଶିବିର ବର୍ଣ୍ଣନା ଓ ଚୋରଗଙ୍ଗଙ୍କ ସମ୍ମୁଖରେ ଗଙ୍ଗା ଦେବୀଙ୍କ ଆବିର୍ଭାବ ଓ ଉପଦେଶ ପ୍ରଦାନ ପ୍ରସଙ୍ଗଗୁଡ଼ିକର ପରିକଳ୍ପନା ତଥା ସଂଯୋଜନା କରାଯାଇଛି ବୋଲି ମନେହୁଏ । ସେ ପ୍ରସଙ୍ଗରେ ଇଂଲଣ୍ଡ-ରାଜଲକ୍ଷ୍ମୀଙ୍କ ଉପଦେଶ "ଧର ବତ୍ସ ! ଏଇ ନ୍ୟାୟପରତା ଦର୍ପଣ... .... ସମ୍ମୁଖେ ଭୀଷଣ ବତ୍ସ, ଗଣନାର ସ୍ଥଳ" (୨/୪୮-୫୦) ଆଦି ସହ ଗଙ୍ଗାଙ୍କ ଉପଦେଶର "ଧର୍ମବୀର ବିନା ଧର୍ମ ସଂସ୍ଥାପନ ... ... ଭାଗ୍ୟର ମୀମାଂସା ହେବ ତୋର ଆଜି"ର ବିଶେଷ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଇପାରେ । ସେହିପରି ମନେହୁଏ 'ପଲାଶୀର ଯୁଦ୍ଧ' (୨/୪୩)ରେ ଥିବା "ଅଦ୍ରିର ଉପରେ ଅଦ୍ରି, ଅଦ୍ରି ତଦୁପରେ" ଓ "ଉର୍ମିର ଉପରେ ଉର୍ମି, ଉର୍ମି ତଦୁପରେ"ର ପ୍ରଭାବରେ ରାଧାନାଥ 'ଚିଲିକା'ରେ ଲେଖିଥିଲେ, 'ଶୃଙ୍ଗୋପରି ଶୃଙ୍ଗ, ଶୃଙ୍ଗ ତଦୁପରି' ଓ 'ଉର୍ମିପରେ ଉର୍ମି, ଉର୍ମି ତଦୁପରେ' । ପୁଣି ବୋଧହୁଏ 'ପଲାଶୀର ଯୁଦ୍ଧ'ରେ ଥିବା 'ବଙ୍ଗ ଇତିହାସ, ହାୟ, ପରିପୂର୍ଣ୍ଣ ଖନି ! କବିର କଳ୍ପନାଲୋକେ କିନ୍ତୁ ଆଲୋକିତ ନହେ ଯା, ... "ଇତ୍ୟାଦି (୨/୧୭) ଓ "ଅତଏବ ଦୟାକରି କହ, ଦୟାବତୀ !" (୨/୧୮) ଇତ୍ୟାଦି ମଧ୍ୟରେ ହିଁ ରାଧାନାଥଙ୍କ ଉତ୍କଳ-ଇତିହାସ ସଚେତନତାର ଅନ୍ୟତମ ଉତ୍ସ ତଥା ପରୋକ୍ଷ ପ୍ରେରଣା ଥିଲା ଓ ତାର ପ୍ରଭାବରେ ରାଧାନାଥ "ଇତିହାସ ରଙ୍ଗସ୍ଥଳୀ ତୁ ଚିଲିକା... ଭକ୍ତିଭାବେ

ତାଙ୍କୁ କଲି ଆରାଧନା, ଦିବ୍ୟ ଚକ୍ଷୁ ମୋତେ ଦେଲେ ଚନ୍ଦ୍ରାନାନା" ଇତ୍ୟାଦି ଲେଖିଥିଲେ । ଏପରିକି ରାଧାନାଥଙ୍କ "ଧରନ୍ତି କଳ୍ପନା ନାମ ସେ ସୁନ୍ଦରୀ"ର ପଛରେ ମାଇକେଲ ମଧୁସୂଦନଙ୍କ 'ହେମାଙ୍ଗୀ କଳ୍ପନେ' ଯେପରି ଥିଲା (ଦାସ, ଦାଶରଥି , ୧୯୯୬, ପୃ.୨୧୧) ସେହିପରି ହୁଏତ ଥିଲା 'ପଲାଶୀର ଯୁଦ୍ଧ'ର 'କଳ୍ପନେ' (୧/୭ ଓ ୩/୧) । ତେଣୁ ରାଧାନାଥଙ୍କ 'ଉତ୍କଳମାତା' ଅଭିବ୍ୟକ୍ତି ପରେପରେ ହୁଏତ ଥିଲା ନବୀନଚନ୍ଦ୍ରଙ୍କ ବ୍ୟବହୃତ 'ବଙ୍ଗମାତା' ଅଭିବ୍ୟକ୍ତିର- ଅନ୍ତତଃ ପରୋକ୍ଷ-ପ୍ରେରଣା ଓ ପ୍ରଭାବ । ମାତୃଭାଷା ଅବଧାରଣା ଅବଶ୍ୟ ବହୁ ପୂର୍ବେ ବ୍ୟବହୃତ ହୋଇଥିଲା । ମନେ ରଖିବାକୁ ହେବ ଯେ ରାଧାନାଥଙ୍କ ସାହିତ୍ୟ ଆଧୁନିକ ଯୁଗର ବହୁ ବଙ୍ଗୀୟ କବିଙ୍କର- ମୁଖ୍ୟତଃ ରଙ୍ଗଲାଲ, ମାଇକେଲ ମଧୁସୂଦନ ତଥା ଆଂଶିକ ଭାବରେ ନବୀନଚନ୍ଦ୍ର ସେନ ଓ ହେମଚନ୍ଦ୍ରଙ୍କ (ନିମ୍ନରେ ହେମଚନ୍ଦ୍ରଙ୍କ ସମ୍ପର୍କରେ ସୂଚନା ଦିଆଯିବ) ପ୍ରଭାବ ପରିପୁଷ୍ଟ । ସେ ସବୁ ସମ୍ପର୍କରେ ବିସ୍ତାରିତ ଆଲୋଚନାର ସୁଯୋଗ ଏଠାରେ ନାହିଁ । ତେବେ ପ୍ରସଙ୍ଗକ୍ରମେ ଆଉ କେତେକ ସୂଚନା ଦିଆଯାଇପାରେ । ରାଧାନାଥଙ୍କ 'ଅତୀତ' ଓ ଉତ୍କଳୀୟ ଇତିହାସ-ସଚେତନାର ସ୍ୱରୂପ ଆବିଷ୍କାରର ପ୍ରଚେଷ୍ଟା କରାଯାଇଛି (ମିଶ୍ର, ରବିଶଙ୍କର ୧୯୯୦) । ସେ ସମ୍ପର୍କରେ ମନେ ରଖିବାକୁ ହେବ ଯେ ରାଧାନାଥଙ୍କ ପକ୍ଷରେ ସେପରି ସଚେତନତା ଯେତେ ସ୍ୱତଃ-ପରିକଳ୍ପିତ ନୁହେଁ; ସେତେ ଆହରିତ । ଦାଶରଥି ଦାସ କହନ୍ତି, "ରାଧାନାଥ କେବଳ ଭାରତବାସୀ ନୁହନ୍ତି, ସେ ମଧ୍ୟ ଉତ୍କଳ ସନ୍ତାନ । ମାତୃଭୂମି ଓ ଜନ୍ମଭୂମି ଉଭୟକୁ ସେ ଭଲ ପାଇଛନ୍ତି... ..." (ଦାସ, ଦାଶରଥି, ୨୦୦୦, ପୃ.୨୫ ଓ ୨୦୦୨, ପୃ.୧୬୫) ଇତ୍ୟାଦି । ରାଧାନାଥଙ୍କ ପରିକଳ୍ପନାରେ 'ମାତୃଭୂମି' ଭାରତ ଓ 'ଜନ୍ମଭୂମି' ଉତ୍କଳ ବୋଲି ସୂଚନା ଦେଇ ଦାଶରଥି ଦାସ ଉଭୟ ମଧ୍ୟରେ ପାର୍ଥକ୍ୟର ଯେଉଁ ସୀମାରେଖା ଟାଣିଛନ୍ତି ତା କୃତ୍ରିମ ଓ ରାଧାନାଥଙ୍କ ମାନସ-ଦ୍ୱନ୍ଦ୍ୱ-ଆବିଷ୍କାର-ପ୍ରବଣ ତାଙ୍କ ମନର ଏକ ଭିତ୍ତିହୀନ ପରିକଳ୍ପନା । ରାଧାନାଥ କେବଳ ବଙ୍ଗଳା 'କବିତାବଳୀ'ରେ ନୁହେଁ 'ମହାଯାତ୍ରା' ଷଷ୍ଠ ସର୍ଗର, 'ଜନ୍ମଭୂମି ଲାଗି ଝାସି ଦେବେ ଯଜ୍ଞାନଳେ'ରେ ମଧ୍ୟ ଭାରତକୁ ଜନ୍ମଭୂମି ରୂପରେ ଦେଖିଛନ୍ତି । ସେହିପରି ପୁଣି କେବଳ 'ଚିଲିକା' ନୁହେଁ 'କେତୋଟି ଉପଦେଶ ବାକ୍ୟ'ରେ ମଧ୍ୟ ସେ ଉତ୍କଳକୁ ମାତୃଭୂମି ରୂପରେ ଦେଖିଛନ୍ତି । ତେଣୁ ରାଧାନାଥଙ୍କ 'ଜନ୍ମଭୂମି' ଓ 'ମାତୃଭୂମି' ଏକ

ଓ ଅଭିନ୍ନ ହୋଇପାରେ । ତାଙ୍କ ଦୃଷ୍ଟିରେ ଉଭୟ ଭାରତ ଓ ଉତ୍କଳ ଉଭୟ ଜନ୍ମଭୂମି ଓ ମାତୃଭୂମି ।

୬.୪. ବର୍ତ୍ତମାନ ପୁଣି ଥରେ ରଙ୍ଗଲାଲଙ୍କ ନିକଟକୁ ଫେରି ଆସି ତାଙ୍କ ଜାତୀୟତାର ସ୍ୱରୂପକୁ ଅନୁଧ୍ୟାନ କରାଯାଉ । ରଙ୍ଗଲାଲ ତାଙ୍କ ଉକ୍ତ ଉଦ୍‌ବୋଧନ 'ସ୍ୱାଧୀନତା-ହୀନତାୟ କେ ବାଁଚିତେ ଚାୟ...' ମାଧ୍ୟମରେ ତାଙ୍କ (ହିନ୍ଦୁ) ଜାତିପ୍ରୀତିର ବଳିଷ୍ଠ ପରିଚୟ ଦେବା ସହ ସେହି 'ପଦ୍ମିନୀ ଉପାଖ୍ୟାନ'ରେ ମଧ୍ୟ ଦେଇଥିଲେ ଇଂରେଜ-ପ୍ରୀତିର ପରିଚୟ । ଉଦାହରଣ ସ୍ୱରୂପ କାବ୍ୟଟିର ଶେଷରେ ଲେଖିଥିଲେ :

ଭାରତେର ଭାଗ୍ୟଡୋର,
ଦୁଃଖ-ବିଭାବରୀ ଭୋର,
ଘୁମ୍-ଘୋର ଥାକିବେ କି ଆର୍ ?
ଇଂରାଜେର କୃପାବଲେ,
ମାନସ-ଉଦୟାଚଲେ,
ଜ୍ଞାନଭାନୁ ପ୍ରଭାୟ ପ୍ରଚାର ।
ଶାନ୍ତିର ସରସୀ-ମାଝେ,
ସୁଖ-ସରୋରୁହ ରାଜେ,
ମନୋଭୃଙ୍ଗ ମଜୁକ୍ ହରିଷେ ।
ହେ ବିଭୋ କରୁଣାମୟ
ବିଦ୍ରୋହ ବାରିଦଚୟ,
ଆର ଯେନ ବିଷ ନା ବରିଷେ ।"

ଏଠାରେ 'ବିଦ୍ରୋହ' ଶବ୍ଦ ମାଧ୍ୟମରେ ୧୮୫୭ ସିପାହୀ-ବିଦ୍ରୋହର ସୂଚନା ଦିଆଯାଇ ଆଉ ଯେପରି ସେପରି ବିଦ୍ରୋହ ନହୁଏ ସେଥିପାଇଁ କବି ଈଶ୍ୱରଙ୍କୁ ପ୍ରାର୍ଥନା କରିଛନ୍ତି । ଏଠାରେ ଲକ୍ଷ୍ୟ କରାଯାଇପାରେ ଯେ 'ପଦ୍ମିନୀ ଉପାଖ୍ୟାନ' ପ୍ରକାଶ ପାଇଥିଲା ୧୮୫୮ରେ, ଅର୍ଥାତ୍ ସିପାହୀ-ବିଦ୍ରୋହର ଠିକ୍ ପର ବର୍ଷ । ଜାତୀୟତାବାଦୀ ରଙ୍ଗଲାଲଙ୍କ ଇଂରେଜ /ବ୍ରିଟିଶ-ପ୍ରୀତିର ବା ତାଙ୍କ ରାଜଭକ୍ତିର ଆଉ ଅଧିକ କେଉଁ

ପ୍ରମାଣ ଦିଆଯାଇପାରେ ? ଅର୍ଥାତ୍ ସେ ଏକ ଦିଗରେ ଯେପରି ଥିଲେ ଜାତୀୟତାବାଦୀ, ଅନ୍ୟ ଦିଗରେ ସେହିପରି ଥିଲେ ମଧ୍ୟ ଇଂରେଜ / ବ୍ରିଟିଶ-ପ୍ରୀତିସମ୍ପନ୍ନ । ସ୍ମରଣ କରାଯାଇପାରେ ଯେ ସିପାହୀ ବିଦ୍ରୋହର ଛାୟା ନବ୍ୟଶିକ୍ଷାର କେନ୍ଦ୍ରସ୍ଥଳ କଲିକତାକୁ ବା ନବ୍ୟ-ଶିକ୍ଷିତ ବଙ୍ଗୀୟ ବୁଦ୍ଧିଜୀବୀମାନଙ୍କ ଚିତ୍ତଭୂମିକୁ ପ୍ରାୟ ସ୍ପର୍ଶ କରିପାରିନଥିଲା । ଐତିହାସିକ ନିମାଇଁ ସାଧନ ବୋଷ କହନ୍ତି, "It it generally agreed that the rising did not receive the support or sympathy of the educated community in Bengal, where the mutineers received no help or sympathy of the local people. The Bengali middle-class were on the side of the government, ... Most of the Journals and papers condemned the Mutiny... ..." (Bose, N.S. 1976, p.256) । ଅର୍ଥାତ୍ ରଙ୍ଗଲାଲ ଆଦୌ ସମସାମୟିକ ବଙ୍ଗାଳୀ ବୁଦ୍ଧିଜୀବୀଙ୍କର ବ୍ୟତିକ୍ରମ ନଥିଲେ ।

ପୁଣି ସେଇ 'ପଦ୍ମିନୀ ଉପାଖ୍ୟାନ' କାବ୍ୟରେ ଚିତୋରର ରାଜପୁତ୍ କ୍ଷତ୍ରିୟମାନଙ୍କୁ ହିନ୍ଦୁତ୍ୱ ଓ ହିନ୍ଦୁ ସଂସ୍କୃତି ସହ ସଂଯୁକ୍ତ କରି ରଙ୍ଗଲାଲ କହିଥିଲେ,

"କେ ବଲେ ଶମନ-ସଭା ଭୟେର ନିଧାନ ହେ, ଭୟେର ନିଧାନ ?
କ୍ଷତ୍ରିୟେର ଜ୍ଞାତି ଯମ ବେଦେର ବିଧାନ ହେ ବେଦେର ବିଧାନ ।"

ତେଣୁ (ହିନ୍ଦୁ) ଜାତିପ୍ରୀତି ସହ ଇଂରେଜ-ପ୍ରୀତିର ସହାବସ୍ଥାନ ଘଟିଛି ଏହି କାବ୍ୟରେ । ପୁଣି ଏ କାବ୍ୟର ବିଷୟବସ୍ତୁଗତ ମୁସଲମାନ-ବିରୋଧୀ ଆଭିମୁଖ୍ୟକୁ ବାଦ ଦେଲେ ମଧ୍ୟ ଏଥିରେ ବି ଯବନମାନଙ୍କୁ ସ୍ପଷ୍ଟ ଭାବରେ ମୁସଲମାନ ବୋଲି କୁହାଯାଇଛି । ଯଥା:

"ମହାଘୋର ଯୁଦ୍ଧେ ମୁସଲମାନ ମାତେ ।
ଦିବା-ରାତ୍ର ଭେଦ୍ରେ କ୍ଷମା ନାହି ତାତେ ।"

ତେଣୁ 'ଯବନ' ଶବ୍ଦଟି 'ଇଂରେଜ' ଓ 'ମୁସଲମାନ' ଏହିପରି ଦୁଇଗୋଟି ଅର୍ଥ ବି ଆଦୌ ପ୍ରକାଶ ନ କରି କେବଳ ଗୋଟିଏ ଅର୍ଥ 'ମୁସଲମାନ' ପ୍ରକାଶ କରୁଛି । ଆହୁରି ମଧ୍ୟ ସେଥିରେ ମୁସଲମାନମାନଙ୍କୁ 'ଦନୁଜ' ବୋଲି ଅଭିହିତ କରାଯାଇଛି । ତେଣୁ ଏହି କାବ୍ୟରେ ସୁସ୍ପଷ୍ଟ ପରିପ୍ରକାଶ ଘଟିଛି, ଭାରତୀୟଙ୍କ ଇଂରେଜ-ବିରୋଧୀ

ଭାବଧାରାର ନୁହେଁ, ଭାରତୀୟ ହିନ୍ଦୁଙ୍କ ମୁସଲମାନ-ବିରୋଧୀ ଭାବଧାରାର । ଏହା ଅପ୍ରିୟ ହେଲେ ମଧ୍ୟ ସତ୍ୟ । ତାଙ୍କର ଅନ୍ୟାନ୍ୟ ରଚନା ମଧ୍ୟ ଏହାର ସାକ୍ଷ୍ୟ ବହନ କରେ । ଆଉ ରଙ୍ଗଲାଲ ରାଧାନାଥଙ୍କ ପ୍ରେରଣାର ଉତ୍ସ ଥିବାରୁ ତାଙ୍କ ପ୍ରଭାବରେ ରାଧାନାଥ ମଧ୍ୟ ସେଦିନ ହୋଇପଡ଼ିଥିଲେ ହିନ୍ଦୁ-ଜାତୀୟତାବାଦୀ ତଥା ଇଂରେଜ / ବ୍ରିଟିଶ-ପ୍ରୀତିସମ୍ପନ୍ନ । ଏହି ସତ୍ୟଟିକୁ, ଆମର ସମସ୍ତ କୁଣ୍ଠା ସତ୍ତ୍ୱେ, ଆଜି ଆଉ ଅସ୍ୱୀକାର କରାଯାଇପାରିବ ନାହିଁ ।

୭

୭. ପୁଣି ରଙ୍ଗଲାଲଙ୍କ ସାହିତ୍ୟ କୃତୀ ପଦ୍ମିନୀ ଉପାଖ୍ୟାନ ବ୍ୟତୀତ ମନେହୁଏ ବଙ୍ଗୀୟ କବି ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟଙ୍କ ୧୮୭୦ରେ ରଚିତ 'ଭାରତ ସଙ୍ଗୀତ' ମଧ୍ୟ ଥିଲା ସେ ଦିଗରେ ରାଧାନାଥଙ୍କ ଅନ୍ୟତମ ପ୍ରେରଣାର ଉତ୍ସ ଓ ବିଶେଷଭାବରେ 'ନିଜ ସୈନ୍ୟପ୍ରତି ଶିବାଜୀ' କବିତା ପରିକଳ୍ପନାର ମୂଳରେ । ପୂର୍ବରୁ ୧୮୬୪ରେ ପ୍ରକାଶିତ ତାଙ୍କ 'ବୀରବାହୁ କାବ୍ୟ'ରେ ମଧ୍ୟ ହେମଚନ୍ଦ୍ର ଭାରତର ମାତୃରୂପ ଆବିଷ୍କାର କରି ଲେଖିଥିଲେ, "ମା ଗୋ ଓ ମା ! ଜନ୍ମଭୂମି" । ୧୮୭୦ରେ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟଙ୍କ ଉଗ୍ର ଜାତୀୟତାବାଦୀ ଭାବଧାରା ବହନ କରିଥିବା ପ୍ରସିଦ୍ଧ 'ଭାରତ ସଙ୍ଗୀତ' ପ୍ରକାଶିତ ହୋଇଥିଲା ଭୂଦେବ ମୁଖୋପାଧ୍ୟାୟଙ୍କ ସମ୍ପାଦିତ ଏଜୁକେଶନ ଗେଜେଟ (Education Gazettee)ରେ । ଏହା ସେତେବେଳେ ପ୍ରବଳ ଆଲୋଡ଼ନ ସୃଷ୍ଟି କରିଥିଲା । ବିଦଗ୍ଧ ସମାଜର କଣ୍ଠେ କଣ୍ଠେ ପ୍ରତିଧ୍ୱନିତ ହୋଇଥିଲା ଏହି ସଙ୍ଗୀତର ପଙ୍‌କ୍ତି,

"ବାଜାରେ ଶିଙ୍ଗା ବାଜ ଏଇ ରବେ,
ଶୁନିଆ ଭାରତେ ଜାଗୁଆ ସରବେ, ସବାଇ ସ୍ୱାଧୀନ ଏ ବିପୁଲ ଭବେ,
ସବାଇ ଜାଗ୍ରତ ମାନେର ଗୌରବେ, ଭାରତ କି ସୁଧୁ ଘୁମାୟ ରବେ ?" ।

ଏଜୁକେଶନ ଗେଜେଟ (Education Gazettee) ଥିଲା ସରକାରୀ କାଗଜ । ସେଥିରେ ଏ ଜ୍ୱାଳାମୟୀ ସଙ୍ଗୀତ ପ୍ରକାଶ ପାଇଥିବାରୁ ସରକାର ଭୂଦେବ ମୁଖୋପାଧ୍ୟାୟଙ୍କଠାରୁ କୈଫିୟତ ମଧ୍ୟ ତଲବ କରିଥିଲେ । ଆଉ ଏଇ ସଙ୍ଗୀତରେ ବି ଲାଗିଥିଲା ହିନ୍ଦୁ ଜାତୀୟତାବାଦରର ସ୍ପର୍ଶ । ଯଥା :

"ଧିକ୍ ହିନ୍ଦୁକୁଳେ, ବୀର ଧର୍ମ ଭୁଲେ, ଆତ୍ମ ଅଭିମାନ ଡୁବାୟେ ସଲିଲେ,
ଦିୟାଛେ ସଁପିୟା ଶତ୍ରୁ- କରତଲେ, ସୋନାର ଭାରତ କରିତେ ଛାର ।"

ହେମଚନ୍ଦ୍ରଙ୍କ "ବାଜରେ ଶିଙ୍ଗା ବାଜ..." ଆଦି ସହ ରାଧାନାଥଙ୍କ "ବଜା ରଣଶିଙ୍ଗା..." ଆଦି ତୁଳନୀୟ । କେବଳ ସେତିକି ନୁହେଁ, ଏହି କବିତା ଏଜୁକେଶନ ଗେଜେଟରେ ପ୍ରଥମେ ପ୍ରକାଶିତ ହେବା ସମୟରେ ସେଥିରେ ବର୍ଣ୍ଣିତ ପର୍ବତ ଶିଖରୋପରି ଦଣ୍ଡାୟମାନ ଆୟତଲୋଚନ, ଉନ୍ନତ ଲଲାଟ, ସୁଗୌରାଙ୍ଗତନୁ, ନାମାବଳୀ-ଗାତ୍ର ଶିଙ୍ଗା ମାଧ୍ୟମରେ ଉଦ୍‌ବୋଧନ ଦେଉଥିବା ଯୁବକଙ୍କୁ ମହାରାଷ୍ଟ୍ର ବୀର ଶିବାଜୀ ବୋଲି କୁହାଯାଇଥିଲେ ହେଁ କବିତାଟି ପରେ ପୁସ୍ତକାକାରେ ପ୍ରକାଶିତ ହେବା ସମୟରେ ତାର ପରିବର୍ତ୍ତନ କରାଯାଇ ତାଙ୍କୁ ପରିଚୟହୀନ ମାତ୍ର ଏକ ବୀର ଯୁବକ ବୋଲି ଚିହ୍ନିତ କରାଯାଇଥିଲା (ଦ୍ର:- Chudhuri, Rosinka 2005. pp.223-24) । ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ମନେହୁଏ ରାଧାନାଥ ଏଜୁକେଶନ ଗେଜେଟରେ ପ୍ରକାଶିତ ଏ କବିତାର ପ୍ରଥମ ସଂସ୍କରଣ ହିଁ ପଢ଼ିଥିଲେ; ପଢ଼ି ଅଭିଭୂତ ହୋଇଥିଲେ ଓ ତାହା ତାଙ୍କ ମନରେ ରେଖାପାତ କରିଥିଲା । ତେଣୁ ତାଙ୍କର 'ନିଜ ସୈନ୍ୟପ୍ରତି ଶିବାଜୀ' କବିତା ପରିକଳ୍ପନାର ଅନ୍ତରାଳରେ ହେମଚନ୍ଦ୍ରଙ୍କ 'ଭାରତ ସଙ୍ଗୀତ'କୁ ଆବିଷ୍କାର କରାଯାଇପାରେ । ଉଭୟ କବିତାରେ ରହିଛି ଶିବାଜୀଙ୍କ ପ୍ରଦତ୍ତ ଉଦବୋଧନ । ପୁଣି ସେ କବିତାଟିରେ ରାଧାନାଥ ମାତୃଭୂମିରୂପେ 'ଭାରତ' ଭୂମିକୁ ଗ୍ରହଣ କରିବା ମଧ୍ୟ ବୋଧହୁଏ ହେମଚନ୍ଦ୍ରଙ୍କ ପ୍ରଭାବ ଫଳ । ତେବେ ଏଠାରେ ସ୍ପଷ୍ଟ ଭାବରେ ସୂଚାଇଦେବା ଉଚିତ ଯେ ଏ କବିତା ରଚନା କରିବା ସମୟରେ ହେମଚନ୍ଦ୍ର କେବଳ ହିନ୍ଦୁଜାତୀୟବାଦୀ ନଥିଲେ, ଥିଲେ ମଧ୍ୟ ବ୍ରିଟିଶ-ବିରୋଧୀ । ଅବଶ୍ୟ ଏଜୁକେଶନ ଗେଜେଟର ସମ୍ପାଦକ ଭୂଦେବ ମୁଖୋପାଧ୍ୟାୟଙ୍କ ପ୍ରଭାବ ଓ ପରାମର୍ଶରେ ଏକ ନିର୍ଦ୍ଦିଷ୍ଟ ଐତିହାସିକ ପରିପ୍ରେକ୍ଷୀରେ କବିତାଟିକୁ ସଂସ୍ଥାପିତ କରାଯାଇଥିଲା ଓ ସେଥିରେ ଥିବା ବ୍ରିଟିଶ-ବିରୋଧୀ ସ୍ୱରର ତୀବ୍ରତାକୁ ହ୍ରାସ କରାଯାଇଥିଲା, ଯଥା ଏକ ପଙ୍କ୍ତିରେ ମୂଳ ପାଣ୍ଡୁଲିପିରେ ଥିବା 'ଜନ କତ ଶ୍ୱେତ ପ୍ରହରୀ ପାହାରା', ଅଭିବ୍ୟକ୍ତିକୁ ପରିବର୍ତ୍ତନ କରି 'ଜନ କତ ସୁଧୁ ପ୍ରହରୀ ପାହାରା', କରାଯାଇଥିଲା (ତତ୍ରୈବ.ପୃ. ୨୨୩) । ରାଧାନାଥ ଏ କବିତାରେ ସ୍ପଷ୍ଟତଃ ବ୍ୟକ୍ତ ହିନ୍ଦୁଜାତୀୟତାବାଦୀ ଆଭିମୁଖ୍ୟକୁ ଗ୍ରହଣ କରିଥିଲେ ମଧ୍ୟ ଭୂଦେବ ମୁଖୋପାଧ୍ୟାୟଙ୍କ ପ୍ରଭାବ ଓ ପରାମର୍ଶରେ ସେଥିରେ ପରିବର୍ତ୍ତିତ କିନ୍ତୁ ପ୍ରଚ୍ଛନ୍ନ ଭାବରେ

ଥିବା ବ୍ରିଟିଶ-ବିରୋଧିତାକୁ ହୁଏତ ବୁଝିପାରିନଥିଲେ ଅଥବା ଗ୍ରହଣ କରିନଥିଲେ । ପୁଣି ପରବର୍ତ୍ତୀ କାଳରେ ହେମଚନ୍ଦ୍ରଙ୍କ ସାହିତ୍ୟ ମଧ୍ୟ ବ୍ରିଟିଶ-ପ୍ରୀତିର ପ୍ରତିଫଳନ ବହନ କରିଥିଲା । ତା କିନ୍ତୁ ଭିନ୍ନ କଥା ।

୮

୮.୧. କେବଳ ରଙ୍ଗଲାଲ ଓ ହେମଚନ୍ଦ୍ର ନୁହଁନ୍ତି, ସେ ଦିନର ବହୁ ବଙ୍ଗୀୟ ସାହିତ୍ୟିକ ମଧ୍ୟ ସେହିପରି ହିନ୍ଦୁ-ଜାତୀୟତାବାଦୀ (ତଥା ଇଂରେଜ/ବ୍ରିଟିଶ-ପ୍ରୀତିସମ୍ପନ୍ନ) ହୋଇପଡ଼ିଥିଲେ ବୋଲି ପୂର୍ବେ କୁହାଯାଇଛି । ସେମାନଙ୍କ ମଧ୍ୟରେ ଋଷି ବଙ୍କିମଚନ୍ଦ୍ର ଥିଲେ ଅଗ୍ରଗଣ୍ୟ । ସାମାନ୍ୟ ଅବାନ୍ତର ହେଲେ ମଧ୍ୟ ଚିତ୍ରଟିକୁ ଅଧିକ ସ୍ପଷ୍ଟ କରିବା ପାଇଁ ଏଠାରେ କହିଦେବା ଉଚିତ ହେବ ଯେ ରାଧାନାଥ 'ନିଜ ସୈନ୍ୟପ୍ରତି ଶିବାଜୀ' କବିତାଟି ଲେଖିବା ପୂର୍ବରୁ ପଡ଼ୋଶୀ ବଙ୍ଗ ସାହିତ୍ୟରେ 'ମାତୃଭୂମି' ଅବଧାରଣାର ତଥା ହିନ୍ଦୁ ଜାତୀୟତାବାଦର ବ୍ୟାପକ ପ୍ରସାର ହୋଇସାରିଥିଲା । ୧୮୭୩ରେ ପ୍ରଥମ ଥର ପାଇଁ ଅଭିନୀତ ହୋଇଥିଲା କିରଣ ଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟଙ୍କର ପ୍ରସିଦ୍ଧ 'ଭାରତମାତା' ନାଟକ । ସେ ନାଟକଟିର ପ୍ରଭାବ ଏତେ ସୁଦୂରପ୍ରସାରୀ ହୋଇଥିଲା ଯେ ଏହା "first proclaimed the gospel of the religion of mother-land" ବୋଲି ବିପିନ ଚନ୍ଦ୍ର ପାଲ୍ ମତବ୍ୟକ୍ତ କରିଥିଲେ ଓ ଭାରତେନ୍ଦୁ ହରିଶ୍ଚନ୍ଦ୍ର ଏହାକୁ 'ଭାରତ ଜନନୀ' ନାମ ଦେଇ ହିନ୍ଦୀ ଭାଷାରେ ଅନୁବାଦ କରିଥିଲେ । ଠାକୁର ଭ୍ରାତାତ୍ରୟ, ସତ୍ୟେନ୍ଦ୍ରନାଥ, ଜ୍ୟୋତିରିନ୍ଦ୍ରନାଥ ଓ ରବୀନ୍ଦ୍ରନାଥ ବି ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ଯେଉଁ ସାହିତ୍ୟ ସାଧନାରେ ପ୍ରବୃତ୍ତ ହୋଇଥିଲେ, ସେଥିରେ ମଧ୍ୟ ସ୍ଥାନପାଇଥିଲା 'ମାତୃଭୂମି' ଅବଧାରଣା । ୧୮୭୬ରେ ରଚିତ ଜ୍ୟୋତିରିନ୍ଦ୍ରନାଥଙ୍କ 'ଉଦ୍‌ବୋଧନ' ନାମକ ଦୀର୍ଘ କବିତାରେ ବି ସ୍ପଷ୍ଟ ଭାବରେ ଆବିଷ୍କାର କରାଯାଇଥିଲା- ରାଜପୁତାନାର ନୁହେଁ କି ବଙ୍ଗର ନୁହେଁ- 'ଭାରତ'ର ମାତୃରୂପକୁ । ଯଥା -

"ଜାଗ୍, ଜାଗ୍, ଜାଗ୍ ସର୍ବେ ଭାରତ ସନ୍ତାନ ।
ମା' କେ ଭୁଲେ କତକାଲ୍ ରହିବେ ଶୟାନ୍ ?"
ଓ "ଦେଖ୍ ଦେଖ୍ ଜନନୀର ଦଶା ଏକ ବାର୍
ରୁଗ୍‌ଣ ଶୀର୍ଣ୍ଣ କଲେବର ଅସ୍ଥି ଚର୍ମ ସାର୍;" ଇତ୍ୟାଦି ।

ପୁଣି ୧୮୭୪ ଲିଖିତ ତାଙ୍କ 'ପୁରୁ ବିକ୍ରମ' ନାଟକରେ ମଧ୍ୟ 'ମାତୃଭୂମି' ଶବ୍ଦର ପ୍ରୟୋଗ ସହ ସ୍ୱାଧୀନତା-ପିପାସାର ପ୍ରତିଫଳନ ପରିଲକ୍ଷିତ ହୁଏ । ଯଥା:

"ଜାଗରେ ଜାଗ ବୀରଗଣ

ଦୁର୍ଦ୍ଦାନ୍ତ ଯବନଗଣ

ଗୃହେ କରେଛେ ପ୍ରବେଶ ।

ହଓ ସର୍ବେ ଏକ ପ୍ରାଣ

ମାତୃଭୂମି କର ତ୍ରାଣ

ଶତ୍ରୁ ଦଲେ କର ହେ ବିନାଶ ।"

ପ୍ରଥମ ଭାରତୀୟ I.C.S. ସତ୍ୟେନ୍ଦ୍ରନାଥ, ଉଚ୍ଚ ସରକାରୀ ପଦବିରେ ଥାଇ ମଧ୍ୟ, ୧୮୭୨ରେ ଲେଖିଥିଲେ ଏକ ଜାତୀୟ ସଙ୍ଗୀତ, 'ମିଲେ ସବେ ଭାରତ ସନ୍ତାନ, ଏକତାନ ମନପ୍ରାଣ, ଗାଓ ଭାରତେର ଜୟଗାନ' ଯାହାର ଗୋଟିଏ ପଙ୍‌କ୍ତି, "ବୀରଯୋନି ଏଇ ଭୂମି ବୀରେର ଜନନୀ"ରେ କଳ୍ପିତ ହୋଇଥିଲା ଭାରତର ମାତୃରୂପ । ସ୍ୱୟଂ ବଙ୍କିମଚନ୍ଦ୍ର ଏ ସଙ୍ଗୀତର ଉଚ୍ଛ୍ୱସିତ ପ୍ରଶଂସା କରି କହିଥିଲେ, "ଏହି ମହାଗୀତ ଭାରତେର ସର୍ବତ୍ର ଗୀତ ହଉକ୍; ହିମାଳୟ କନ୍ଦରେ ପ୍ରତିଧ୍ୱନିତ ହଉକ; ଗଙ୍ଗା, ଯମୁନା, ସିନ୍ଧୁ, ନର୍ମଦା, ଗୋଦାବରୀ ତଟେ, ବୃକ୍ଷେ ବୃକ୍ଷେ ମର୍ମରିତ ହଉକ୍; ପୂର୍ବ-ପଶ୍ଚିମ ସାଗରେର ଗମ୍ଭୀର ଗର୍ଜନେ ମନ୍ଦ୍ରୀଭତ ହଉକ୍; ... . ଭାରତବାସୀର ହୃଦୟ ଯନ୍ତ୍ରେ ଏହାର ସଙ୍ଗୀତ ବାଜିତେ ଥାକୁକ୍ ।" ରବୀନ୍ଦ୍ରନାଥ ବି ୧୮୭୪ରେ ରଚିତ ତାଙ୍କର ଏକ ସଙ୍ଗୀତରେ ଆବିଷ୍କାର କରିଥିଲେ ଭାରତର ମାତୃରୂପ (ଦ୍ର.Bhattacharya, Sabyasachi 2003, p.78 ତଥା p.117, ପା.ଟୀ.ନ.୧୭) । ଏଇ ସଙ୍ଗୀତଟିର ପ୍ରଥମ ପଦ ହେଉଛି, "ତୋମାରି ତରେ, ମା, ସଁପିନୁ ଏ ଦେହ । ତୋମାରି ତରେ, ମା, ସଁପିନୁ ପ୍ରାଣ ।" (ଦ୍ର.: ରବୀନ୍ଦ୍ର ରଚନାବଳୀ, ୪ର୍ଥ ଖଣ୍ଡ, ପୃ.୬୩୨) ।

୮.୨ ତେଣୁ ବଙ୍ଗ ସାହିତ୍ୟ ସହ ସୁପରିଚିତ ରାଧାନାଥଙ୍କ ଉପରେ ଏ ସବୁର ପ୍ରଭାବ- ପଡ଼ିଥିବାର ସମ୍ଭାବନାକୁ ଅବଶ୍ୟ ଏଡ଼ାଇ ଦିଆଯାଇପାରେ ନାହିଁ । ବିଶେଷ ଭାବରେ ଭାରତଭୂମିର ମାତୃରୂପ ପରିକଳ୍ପନା କ୍ଷେତ୍ରରେ । ମୋଟ ଉପରେ ଉଭୟ

ଭାରତୀୟ ବା ଉତ୍କଳୀୟ ଜାତୀୟତାବାଦର ପ୍ରସଙ୍ଗରେ ରାଧାନାଥଙ୍କ ପ୍ରେରଣାର ଉତ୍ସ ଥିଲା ବଙ୍ଗ ସାହିତ୍ୟରେ । ସେଥିରେ ପୁଣି ଭାରତୀୟ ଜାତୀୟତାବାଦୀ ଚିନ୍ତନରେ ସେ ମୂଳତଃ ରଙ୍ଗଲାଲଙ୍କ ଦ୍ୱାରା ଓ କିଛି ପରିମାଣରେ ହେମଚନ୍ଦ୍ରଙ୍କ ଦ୍ୱାରା ହିଁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହୋଇଥିଲେ ବୋଲି ମନେହୁଏ ।

ଦାଶରଥି ଦାସ ଅବଶ୍ୟ ରାଧାନାଥଙ୍କ ପ୍ରେରଣାର ଉତ୍ସ ଆବିଷ୍କାର ପ୍ରସଙ୍ଗରେ କହନ୍ତି, "ଆମ କବି ରାଧାନାଥ ଯେବେ ଗାଆନ୍ତି 'ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ' କି 'ଏ ଭାରତଭୂମି ଆମ୍ଭର ଜନନୀ ପୁଣ୍ୟଭୂମି ନାହିଁ ସରି ଏହାର', ସେତେବେଳେ ଡିରୋଜିଓଙ୍କୁ ଭୁଲିଗଲେ ଅକୃତଜ୍ଞ ହେବାକୁ ହେବ' । (ଦାସ, ଦାଶରଥି, ୧୯୯୬, ପୃ.୧୧୬ ଓ ଆହୁରି ମଧ୍ୟ ଦ୍ରଷ୍ଟବ୍ୟ ପୃ.୧୧୯) । ତେବେ ଜାତୀୟତାବାଦ ପ୍ରସଙ୍ଗରେ ରାଧାନାଥଙ୍କ ପ୍ରେରଣାର ଉତ୍ସକୁ ଡିରୋଜିଓଙ୍କଠାରେ ଆବିଷ୍କାର କରିବା ବୋଧହୁଏ ଉଚିତ ହେବନାହିଁ । କାରଣ ଦେଶପ୍ରେମମୂଳକ ବା ଜାତୀୟତାବାଦୀ ସାହିତ୍ୟ ସୃଷ୍ଟିରେ ଡିରୋଜଓଙ୍କ ଅଗ୍ରଗାମୀତ୍ୱକୁ ସ୍ୱୀକାର କରାଗଲେ ମଧ୍ୟ ରାଧାନାଥ ସାହିତ୍ୟ ସାଧନାରେ ପ୍ରବୃତ୍ତ ହେବା ସମୟରେ ଡିରୋଜିଓ ପ୍ରାୟ ବିସ୍ମୃତ ହୋଇପଡ଼ିଥିଲେ; ବିସ୍ମୃତ ମଧ୍ୟ ହୋଇପଡ଼ିଥିଲା ତାଙ୍କ ଅବଦାନ । ତା ବ୍ୟତୀତ ତାଙ୍କ ଅବଦାନ ସହ ରାଧାନାଥ ପରିଚିତ ଥିବାର କୌଣସି ସମ୍ଭାବନା ନଥିଲା; ସେପରି କୌଣସି ପ୍ରମାଣ ମଧ୍ୟ ଏଯାବତ୍ ଅନୁପଲବ୍ଧ । ପୁଣି ଡିରୋଜିଓଙ୍କର ମାତୃଭୂମି ବା ଜନନୀ ଭାରତ ଭାରତ ଅବଧାରଣା ବିଷୟକ ସଚେତନତା ମଧ୍ୟ ନଥିଲା ।

୯

ମୋଟ ଉପରେ ରଙ୍ଗଲାଲ ହିଁ ଥିଲେ ସାହିତ୍ୟ ସାଧନା କ୍ଷେତ୍ରରେ ତଥା ଜାତୀୟତା ଚିନ୍ତନରେ ରାଧାନାଥଙ୍କ ପ୍ରେରଣାର ମୁଖ୍ୟ ଉତ୍ସ । ତାଙ୍କରି ପ୍ରଭାବରେ ସେ ଯେପରି ହୋଇଥିଲେ ହିନ୍ଦୁ-ଜାତୀୟତାବାଦୀ ସେହିପରି ଥିଲେ ମଧ୍ୟ ଇଂରେଜ-ପ୍ରୀତିସମ୍ପନ୍ନ । ସାହିତ୍ୟ ସାଧନାରେ ରାଧାନାଥଙ୍କ 'ଜାତୀୟତାବାଦୀ ପ୍ରେରଣାର ଉତ୍ସ ହିଁ ଯେ ସେ ଦିନ ନିୟନ୍ତ୍ରଣ କରିଥିଲା ରାଧାନାଥଙ୍କ ଜାତୀୟତାବାଦର ସ୍ୱରୂପକୁ ତାହା 'ଉପରୋକ୍ତ ଓଡ଼ିଆ ସାହିତ୍ୟ ସମାଲୋଚକ ଓ ଗବେଷକମାନେ ବୁଝିପାରି ନାହାଁନ୍ତି ।

ତେବେ କେବଳ ଓଡ଼ିଆ ସାହିତ୍ୟର ସମାଲୋଚକ ଓ ଓଡ଼ିଆ ଗବେଷକମାନେ କାହିଁକି ଅନ୍ୟାନ୍ୟ ଭାରତୀୟ ସାହିତ୍ୟର ସମାଲୋଚକମାନେ ମଧ୍ୟ ସାହିତ୍ୟର ଏଇ ପର୍ଯ୍ୟାୟରେ ଥିବା କେବେଳ ଇଂରେଜ/ବ୍ରିଟିଶ-ବୈରର ଅଭାବକୁ ତଥା ଜାତୀୟତାବାଦୀ ସାହିତ୍ୟିକମାନଙ୍କ ଇଂରେଜ/ବ୍ରିଟିଶ-ପ୍ରୀତିକୁ ମାତ୍ର ନୁହେଁ, ସାହିତ୍ୟରେ ହିନ୍ଦୁ-ଜାତୀୟତାବାଦର ପ୍ରତିଫଳନକୁ ମଧ୍ୟ ଗ୍ରହଣ କରିବା ପାଇଁ କୁଣ୍ଠା ପ୍ରକାଶ କରନ୍ତି । ଉଦାହରଣ ସ୍ୱରୂପ ବଙ୍ଗ ସାହିତ୍ୟର ସମାଲୋଚକ ଓ ବଙ୍ଗୀୟ ଗବେଷକମାନଙ୍କ ମତବାଦକୁ ନିଆଯାଇପାରେ । ଶିଶିର କୁମାର ଦାସଙ୍କ ପରି ବିଦ୍ୱାନ ମଧ୍ୟ ବଙ୍ଗ ସାହିତ୍ୟର ଅନୁଶୀଳନ ପ୍ରସଙ୍ଗରେ ରଙ୍ଗଲାଲଙ୍କ ହିନ୍ଦୁ-ଜାତୀୟତାବାଦକୁ (ତଥା ଇଂରେଜ-ପ୍ରୀତିକୁ) ଗ୍ରହଣ କରିବାରେ ଏକାନ୍ତ ଭାବରେ କୁଣ୍ଠିତ ହୋଇପଡ଼ି ଓ ତାହାକୁ ଇଂରେଜ-ବିରୋଧିତା ବୋଲି ବ୍ୟାଖ୍ୟା ମାଧ୍ୟମରେ ପ୍ରତିପାଦନ କରିବା ଉଦ୍ୟମରେ କହନ୍ତି, "As Ghalib could not side with the rebels openly, so could not Rangalal, a government officer. He does not speak against the British rule, but writes a patriotic peom, and deplores the 'subjugation, of the country. He goes back into the past, his patriotism finds and indirect expression through a song, which is a sheer anachronism; and in doing so he presents the Rajput King as the oppressed and the Muslim emperor as the oppressor. It was a new framework through which patriotic literature flourished, ... The reader got the message loud and clear, that the target were the British and not the Muslim, ..." (Das, Sisir Kumar 1991, p.130) ଏପରି ବ୍ୟାଖ୍ୟା କାନକୁ ସ୍ୱାଦ୍ୟ ହୋଇଥିଲେ ହେଁ ଏଥିରେ ସତ୍ୟ ନାହିଁ ।

କେବଳ ସେତିକି ନୁହେଁ, ଶିଶିର କୁମାର ଦାସ ତାଙ୍କର ଏପରି ଦୃଷ୍ଟିକୋଣକୁ ଭାରତର ଅନ୍ୟାନ୍ୟ ସାହିତ୍ୟ କ୍ଷେତ୍ରକୁ ତଥା ବ୍ୟାଖ୍ୟାର ପରିସରକୁ ଆହୁରି ସମ୍ପ୍ରସାରିତ କରି କହନ୍ତି, "Two major streams of patriotic literature can be easily identified in almost all the Indian languages, one, which

was directly against the British without any reference to the Muslim rule, and the other, which was the glorification of the Hindus, and quite often vilification of the Muslims. However, some qualifications are necessary about the nature of the second stream. It was primarily a glorification of one community, the Hindu writers eulogizing their past achievement. ... The Hindu writers created heros from the history of the Muslim India, almost all of them who fought for their kingdom and community against the Muslims. In doing so, they presented the Muslims as the villains. But as already mentioned some of the writers tried to created a framework of the oppressors and the oppressed to project the contemporary Indo-British relation. ... The oppressor or invader could be a Hindu king or Muslim but the intention of the author was always to arouse anti-British feeling. The allegory was transparent enough even for the British to read the message, ..." (ibid, pp.131-132) । ଶିଶିର କୁମାର ଦାସଙ୍କର ଉପରେ ଉଦ୍ଧୃତ ଉକ୍ତିର ପ୍ରତିଧ୍ୱନି ମିଳିବ ରାଧାନାଥଙ୍କ ଜାତୀୟତାବାଦର ସ୍ୱରୂପ ସମ୍ପର୍କରେ ପ୍ରବନ୍ଧଟିର ପ୍ରାରମ୍ଭର ଉଦ୍ଧାର କରାଯାଇଥିବା ଦାଶରଥି ଦାସଙ୍କର ଉକ୍ତି ମଧ୍ୟରେ । ତେବେ ଏପରି ବ୍ୟାଖ୍ୟାର ମୂଳ ଭିତ୍ତି ଯେ ଅତ୍ୟନ୍ତ ଦୁର୍ବଳ ତାର ପ୍ରମାଣ ହେଉଛି ଉପରୋକ୍ତ ଉକ୍ତିର ଅବ୍ୟବହିତ ପରେ ଶିଶିର କୁମାର ଦାସଙ୍କ କୁଣ୍ଠିତ ସ୍ୱୀକାରୋକ୍ତି, "... it did not take the Muslim sensibility into account at all. Either the Hindu writer did not care for the Muslim readership or wrote exclusively for Hindu readership. This is also true of some Muslim writers; at least some of their writings were meant exclusively for Muslim readership." (Ibid, p.132). ତାଙ୍କର ଏଇ ଉକ୍ତିରୁ ସ୍ପଷ୍ଟ ଜଣାଯାଏ ବ୍ରିଟିଶ ଶାସନ ପ୍ରତି ତଥା ପରସ୍ପର ପ୍ରତି ହିନ୍ଦୁ ଓ

ମୁସଲମାନ ସାହିତ୍ୟିକମାନଙ୍କ ଦୃଷ୍ଟିକୋଣଗତ ପାର୍ଥକ୍ୟ କିପରି ଥିଲା । ତେଣୁ ହିନ୍ଦୁ-ଜାତୀୟତାବାଦୀ ସାହିତ୍ୟିକୁ ପ୍ରଚ୍ଛନ୍ନ-ବ୍ରିଟିଶ ବିରୋଧୀ ସାହିତ୍ୟ ବୋଲି ଟାଣି ଓଟାରି ବ୍ୟାଖ୍ୟା କରିବାରେ ଆଦୌ କୌଣସି କାରଣ ବା ଯଥାର୍ଥ୍ୟ ନାହିଁ ।

ଅବଶ୍ୟ ବଙ୍ଗ ଭାଷାରେ ବା ଓଡ଼ିଆରେ ପ୍ରଚ୍ଛନ୍ନ-ବ୍ରିଟିଶବିରୋଧି ସାହିତ୍ୟ ଆଦୌ ରଚିତ ହୋଇନାହିଁ ବୋଲି ମୁଁ କହୁନାହିଁ । ବଙ୍ଗ ସାହିତ୍ୟରେ ହେମଚନ୍ଦ୍ରଙ୍କ ବିଷୟରେ ପୂର୍ବେ ସୂଚନା ଦିଆଯାଇଛି । ଓଡ଼ିଆରେ ସେପରି ସାହିତ୍ୟର ଉଦାହରଣ ହେଉଛି ୧୮୫୭ ସିପାହୀ ବିଦ୍ରୋହର ନେତୃତ୍ୱ ନେଇଥିବା ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଉପରେ ଲିଖିତ ବାସୁଦେବ ସୁଢ଼ଳ ଦେବଙ୍କ ଅସମ୍ପୂର୍ଣ୍ଣ 'ବୀରବାମା' କାବ୍ୟ (୧୮୯୩) । ଏହି କାବ୍ୟରେ ବ୍ରିଟିଶ ସରକାରଙ୍କ ଓ ମହାରାଣୀ ଭିକ୍ଟୋରିୟାଙ୍କ ପ୍ରଶଂସା କରାଯାଇ କୁହାଯାଇଛି,

"ଅଟଳ ନିଷ୍କମ୍ପ ସେନା ବ୍ରିଟିଶ ସିଂହର,
ଶୃଗାଳ ମୁଖରବରେ ହେବ କି କାତର ?"
"ଜୟଲକ୍ଷ୍ମୀଙ୍କି ଆଲିଙ୍ଗି ଭିକ୍ଟୋରିୟା ରାଣୀ,
ସର୍ବତ୍ର ପ୍ରଚ୍ଚର କଲେ ଧର୍ମ ସୁଧାବାଣୀ

X X X

ଭାରତ ପ୍ରବୀରେ ନିଜ ମୁକୁଟ ରତ୍ନରେ,
ନିରାଜନା କଲେ ମହାରାଣୀଙ୍କୁ ଯତ୍ନରେ ।" ଇତ୍ୟାଦି । (ଦ୍ର:ବାସୁଦେବ ଗ୍ରନ୍ଥାବଳୀ, ୨୦୦୩, ପୃ.୨୨୨ ଓ ୨୨୩) । କିନ୍ତୁ ଏହା ବ୍ୟାଜସ୍ତୁତି ମାତ୍ର । କାରଣ କିନ୍ତୁ ଏହି ଆପାତ ବ୍ରିଟିଶପ୍ରୀତି ବା ବ୍ରିଟିଶ ରାଜଭକ୍ତିର ଅନ୍ତରାଳରେ ବ୍ରିଟିଶ-ବିରୋଧିତା ଅନ୍ତଃସଲୀଳା ଫଲ୍‌ଗୁ ପରି ପ୍ରବାହିତ ହେଉଥିଲା, କାବ୍ୟଟିର ବିଷୟବସ୍ତୁ ନିର୍ବାଚନ ଭିତର ଦେଇ । ଅନ୍ୟ କଥାରେ ବ୍ରିଟିଶ-ବିରୋଧୀ ବିଦ୍ରୋହର ନେତୃତ୍ୱ ନେଇଥିବା ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ରଚିତ ଅବଲମ୍ବନରେ'ବୀରବାମା' ନାମକରଣ ପୂର୍ବକ ଏକ କାବ୍ୟ ଲେଖିବା ଦ୍ୱାରା ପରୋକ୍ଷରେ ସେ ଏହି ବ୍ରିଟିଶ-ବିରୋଧିତା ପରିଚୟ ହିଁ ଦେଇଥିଲେ । ସେ ଏକ ଗଡ଼ଜାତ / କରଦ (feudatory) ରାଜ୍ୟର ରାଜା ଥିବାରୁ ପ୍ରକାଶ୍ୟରେ ବ୍ରିଟିଶ ରାଜତ୍ୱର ପ୍ରଶଂସା କରିବା ତାଙ୍କ ପକ୍ଷରେ

ହୁଏତ ଅତ୍ୟାବଶ୍ୟକ ଥିଲା । କିନ୍ତୁ ପ୍ରଚ୍ଛନ୍ନ ଭାବରେ ତାଙ୍କ ମନରେ ଥିବା ବ୍ରିଟିଶ ବିରୋଧୀ ମନୋଭାବକୁ ସେ କାବ୍ୟର ବିଷୟବସ୍ତୁ ନିର୍ବାଚନ ମାଧ୍ୟମରେ ପ୍ରକାଶ କରିଥିଲେ । ରଙ୍ଗଲାଲ ଓ ରାଧାନାଥଙ୍କ ପକ୍ଷରେ ଏପରି ଯୁକ୍ତି କିନ୍ତୁ ଚଳିବ ନାହିଁ । ସେମାନଙ୍କ ସାହିତ୍ୟ କୃତୀରେ ବ୍ରିଟିଶ-ବିରୋଧିତାର ସ୍ପର୍ଶ ମଧ୍ୟ ନାହିଁ ।

୧୦

ବର୍ତ୍ତମାନ ଶିଶିର କୁମାର ଦାସ ଓ (ଓଡ଼ିଆ ସାହିତ୍ୟ ସମାଲୋଚକ ଓ ଗବେଷକମାନେ) ସତ୍ୟକୁ ଗ୍ରହଣ କରିବାରେ କାହିଁକି କୁଣ୍ଠିତ ହୋଇପଡ଼ି ସାହିତ୍ୟ କ୍ଷେତ୍ରରେ ହିନ୍ଦୁ-ଜାତୀୟତାବାଦର ପ୍ରତିଫଳନକୁ କାହିଁକି ସ୍ୱୀକାର କରୁନାହାଁନ୍ତି ତଥା ତାହା ବ୍ରିଟିଶ-ବିରୋଧୀ ବୋଲି ଆଖ୍ୟା, ବିଶ୍ୱାସ ଓ ଗ୍ରହଣ କରିବା ପାଇଁ କାହିଁକି ଏତେ ଉତ୍ସାହୀ ?- ଏପରି ପ୍ରଶ୍ନ ଉଠିପାରେ । ସେମାନଙ୍କର ଏପରି ମନୋଭାବର କାରଣ କଣ ? ପ୍ରକୃତରେ ଏପରି ମନୋଭାବର ପଛରେ ରହିଛି ଏକାଧିକ କାରଣ । ପ୍ରଥମତଃ ବିଂଶ ଶତକରେ, ୧୯୦୫ର ବଙ୍ଗଭଙ୍ଗ ଓ ତଜ୍ଜନିତ ସ୍ୱଦେଶୀ ଆନ୍ଦୋଳନ ପରେ, ବିଶେଷ ଭାବରେ ୧୯୨୦ ପରଠାରୁ, ଭାରତୀୟ ଜାତୀୟତାବାଦ ଓ ଇଂରେଜ/ବ୍ରିଟିଶ-ବିରୋଧିତା ମଧ୍ୟରେ ବିଶେଷ କୌଣସି ପାର୍ଥକ୍ୟ ଥିବା ଅନୁଭୂତ ହେଲା ନାହିଁ । ସେତେବେଳେ 'ଭାରତୀୟ-ଜାତୀୟତାବାଦୀ' ଓ 'ଇଂରେଜ/ବ୍ରିଟିଶ-ବିରୋଧୀ' ଅଭିବ୍ୟକ୍ତି ଦୁଇଟିଯାକ ପ୍ରାୟ ସମାର୍ଥବାଚକ ବା ଏକାର୍ଥବାଚକ ଭାବରେ ବ୍ୟବହୃତ ହେଲା ବୋଲି କୁହାଯାଇପାରେ । କାରଣ ୧୯୦୫ରୁ ୧୯୨୦ ଭିତରେ ଭାରତୀୟ ଜାତୀୟତାବାଦର ଅଭିଧାରେ ଏକ ପରିବର୍ତ୍ତନ ବା paradigmatic change/shift ସଂଘଟିତ ହୋଇଥିଲା ଓ ଏତେବେଳକୁ ପ୍ରାୟ ସମସ୍ତ ଜାତୀୟତାବାଦୀ ଭାରତୀୟମାନେ ହୋଇପଡ଼ିଥିଲେ ବ୍ରିଟିଶ-ବିରୋଧୀ । ଅନୁରାଧା ରାୟଙ୍କ ନିମ୍ନ ଉକ୍ତିରେ ଏହାର ସ୍ୱୀକୃତି ମିଳିଥାଏ, "The latent rebelliousness of the bhadralok came out in open prominently and widely for the first time during the Swadeshi Movement in the first decade of the twentieth century." (Roy, Anuradha, 2003, p.87) । ଏତେବେଳେ ଜାତୀୟତାବାଦ ଓ ଇଂରେଜ-ପ୍ରୀତି ମଧ୍ୟରେ ସହାବସ୍ଥାନର ପରିକଳ୍ପନା

ମଧ୍ୟ ଆଉ କରାଯାଇପାରିଲା ନାହିଁ । ଧରିନିଆଗଲା, ଯେ ଜାତୀୟତାବାଦୀ ସେ ନିଶ୍ଚିତ ଭାବରେ ବ୍ରିଟିଶ-ବିରୋଧୀ । ତେଣୁ ୧୯୨୦ ପରବର୍ତ୍ତୀ କାଳୀନ ଏଇ ସମାଲୋଚକ ଓ ଗବେଷକମାନେ ସେ ସମୟର ସାହିତ୍ୟିକମାନଙ୍କୁ ଭାରତୀୟ-ଜାତୀୟତାବାଦୀ ବୋଲି ଗ୍ରହଣ କରିବା ସହ ବ୍ରିଟିଶ-ବିରୋଧୀ ବୋଲି ମଧ୍ୟ ଗ୍ରହଣ କରିବାରେ ବିଶେଷ କିଛି ଅସ୍ୱାଭାବିକତା ନାହିଁ । କାରଣ ଧରିନିଆଗଲା ଯେ ପ୍ରତ୍ୟେକ ଭାରତୀୟ ଜାତୀୟତାବାଦୀ ନିଶ୍ଚିତ ଭାବରେ ବ୍ରିଟିଶ-ବିରୋଧୀ ।

ଏହି ଉକ୍ତି ଓ ଯୁକ୍ତି ରାଧାନାଥଙ୍କ ସାହିତ୍ୟର ସମାଲୋଚକ ଓ ଗବେଷକମାନଙ୍କ ପ୍ରତି ମଧ୍ୟ ସମାନ ଭାବରେ ପ୍ରଯୁଜ୍ୟ । କାରଣ ସେମାନେ ସମସ୍ତେ ଧରି ନେଲେ ଯେ ରାଧାନାଥ ଯଦି ଭାରତୀୟ ଜାତୀୟତାବାଦୀ ତେବେ ସେ ନିଶ୍ଚୟ ବ୍ରିଟିଶ-ବିରୋଧୀ । ଅନ୍ୟ କଥାରେ ଯେଉଁସବୁ ବିଶ୍ୱାସ, ମୂଲ୍ୟବୋଧ ଓ ଆଦର୍ଶର ବାତାବରଣ ମଧ୍ୟରେ ଏଇସବୁ ସମାଲୋଚକ ଓ ଗବେଷକମାନଙ୍କର ବାଲ୍ୟ, କୈଶୋର ବା ଆଦ୍ୟ-ଯୌବନ- ଯେଉଁ ସମୟରେ ମନ ଉପରେ ପଡୁଥିବା ରେଖା /ଛାପ ଅପେକ୍ଷାକୃତ ଅଧିକ ଗଭୀର ହୁଏ- ଅତିବାହିତ ହୋଇଥିଲା ତାହାରି ଭିତର ଦେଇ ହିଁ ସେମାନେ ଦେଖିଲେ ରାଧାନାଥଙ୍କୁ ଓ ତାଙ୍କ ସାହିତ୍ୟକୁ ।

ଦ୍ୱିତୀୟତଃ ସେମାନଙ୍କ ଏପରି ପ୍ରଶ୍ନର ଆଉ ଏକ ସମ୍ଭାବ୍ୟ ଉତ୍ତର ହେଉଛି:- ହିନ୍ଦୁ ଓ ମୁସଲମାନ ଏ ଦୁଇ ସମ୍ପ୍ରଦାୟ ମଧ୍ୟରେ କେବେ ଯେ ଦ୍ୱନ୍ଦ୍ୱ, ବିଦ୍ୱେଷ ବା ବିବାଦ ଥିଲା ତା ସେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସହାବସ୍ଥାନ, ସଦ୍ଭାବ ଓ ସଂପ୍ରୀତି ପ୍ରତିଷ୍ଠାରେ ଦୃଢ଼ ବିଶ୍ୱାସୀ କେତେକ ବୁଦ୍ଧିଜୀବୀ ଆଦୌ ବିଶ୍ୱାସ କରନ୍ତି ନାହିଁ; ସେମାନଙ୍କ ମତରେ ଇଂରେଜମାନେ ବିଭେଦ ଓ ନିୟନ୍ତ୍ରଣ / ଶାସନ (divide and rule) ନୀତିର ପ୍ରୟୋଗ ମାଧ୍ୟମରେ ସେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସନ୍ଦେହ, ତିକ୍ତତା, ବିଦ୍ୱେଷ ଓ ସଂଘର୍ଷ ସୃଷ୍ଟି କରାଇଥିଲେ; ତେଣୁ ସେମାନେ ହିନ୍ଦୁ ସାହିତ୍ୟିକମାନଙ୍କ କୃତୀରେ ହିନ୍ଦୁ-ଜାତୀୟତାବାଦର ପ୍ରତିଫଳନକୁ ବିଶ୍ୱାସ କରିବାରେ କୁଣ୍ଠିତ ହେବା ଆଦୌ ଅସ୍ୱାଭାବିକ ନୁହେଁ । ସେମାନେ 'ଯବନ' ଶବ୍ଦର ଅର୍ଥ ଇଂରେଜ ବୋଲି ଓ ହିନ୍ଦୁ-ଜାତୀୟତାବାଦକୁ ପ୍ରଚ୍ଛନ୍ନ ବ୍ରିଟିଶ-ବିରୋଧୀ ଜାତୀୟତାବାଦର ବୋଲି ବ୍ୟାଖ୍ୟା କରିବାର ଏହା ହିଁ ସମ୍ଭାବ୍ୟ କାରଣ ।

ଏମାନଙ୍କ ମଧ୍ୟରେ ଅଛନ୍ତି ପୁଣି ଭାରତରେ ହିନ୍ଦୁ ଓ ମୁସଲମାନ ଏଇ ଦୁଇ-ଜାତି-ତତ୍ତ୍ୱ (two nation) କୁ ଅଗ୍ରାହ କରୁଥିବା ବୁଦ୍ଧିଜୀବୀମାନେ । ବିଭିନ୍ନ ଭାରତୀୟ ସାହିତ୍ୟରେ ହିନ୍ଦୁ-ଜାତୀୟତାବାଦର ପ୍ରତିଫଳନକୁ ସେମାନେ ଯେପରି ଅଗ୍ରାହ୍ୟ କରନ୍ତି, ସେହିପରି ହିନ୍ଦୁ ଓ ମୁସଲମାନମାନଙ୍କ ଭିତରେ ମଧ୍ୟ-ଯୁଗରେ ବି କୌଣସି ବିଭେଦ ବା ତିକ୍ତତା ଥିବା ତଥା ତାକୁ କେନ୍ଦ୍ରକରି ସାମ୍ପ୍ରଦାୟିକ ଦାଙ୍ଗା ଆଦି ହୋଇଥିବା ସ୍ୱୀକାର କରନ୍ତି ନାହିଁ । ସେମାନଙ୍କ ମତରେ ଯଦି ବା ସେପରି ବିଭେଦ ବା ବିଦ୍ୱେଷ ଥିଲା ବା ଦଙ୍ଗା ହୋଇଥିଲା ତା କିନ୍ତୁ ମୂଳତଃ ଧର୍ମଗତ ନଥିଲା, ଥିଲା ଆର୍ଥନୀତିକ ବା ରାଜନୀତିକ କାରଣ-ଭିତ୍ତିକ । ପରେ, ବ୍ରିଟିଶ ଶାସନ କାଳରେ, ଧର୍ମଗତ କାରଣରୁ ସେ ସବୁର ସୃଷ୍ଟି କରାଯାଇଥିଲା ବୋଲି ସେମାନେ ଦାବି କରନ୍ତି (ଦ୍ର.Pandey Gyandra, 1997) । ପ୍ରାକ୍-ଔପନିବେଶିକ କାଳରେ ହିନ୍ଦୁ-ମୁସଲମାନ ଦଙ୍ଗା ନହେବା ସମ୍ପର୍କୀୟ ଦାବି ହୁଏତ ମାତ୍ର କିଛି ପରିମାଣରେ ସତ୍ୟ-ଭିତ୍ତିକ । ତେବେ ତାର କାରଣ ବି ଭିନ୍ନ । ସେ ଯାହାହେଉ, ମନେହୁଏ ସ୍ୱାଧୀନତାର ପୂର୍ବ ଓ ପରବର୍ତ୍ତୀ କାଳୀନ ଉତ୍କଟ ସାମ୍ପ୍ରଦାୟିକ ସମସ୍ୟା, ସ୍ୱାଧୀନତା ସମୟରେ ଦେଶର ବିଭାଜନ, କାଶ୍ମୀର ସମସ୍ୟା ଓ ଶେଷରେ ଭୋଟ-ବ୍ୟାଙ୍କ (Vote Bank)-ଭିତ୍ତିକ ରାଜନୀତିକ ବାୟୁମଣ୍ଡଳ ହିଁ ସେଇ ବୁଦ୍ଧିଜୀବୀମାନଙ୍କୁ ଏପରି ମତାବଲମ୍ବୀ ହେବାପାଇଁ ଯୋଗାଇଛି ପ୍ରେରଣା । ତେଣୁ ମୁସଲମାନ ଶାସକ ଯେତେବେଳେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କରିଥିବାର ବା ହିନ୍ଦୁ ମନ୍ଦିର ଭାଙ୍ଗିବାର ଦୃଷ୍ଟାନ୍ତ ଇତିହାସରେ ମିଳେ ତାହାକୁ ବିଭିନ୍ନ ଭାବରେ ବ୍ୟାଖ୍ୟା କରିବାରେ ତଥା ତାର ଗୁରୁତ୍ୱକୁ ଅସ୍ୱୀକାର କରିବାରେ ଏମାନେ ପ୍ରବଣତା ଦେଖାନ୍ତି । ଉଦାହରଣ ସ୍ୱରୂପ ଭାରତୀୟ ଇତିହାସ କଂଗ୍ରେସର ୧୯୬୪ ଅଧିବେଶନର ମଞ୍ଚ ଉପରୁ ସଭାପତି ତାଙ୍କ ଉଦ୍‌ବୋଧନ ସେପରି ଆଭିମୁଖ୍ୟକୁ ସମର୍ଥନ କରି ଘୋଷଣା କରିଥିଲେ, "The historian cannot shrink this responsibility by burying his head in the false dogma of objectivity. History must not call to memory ghastly abberrations of human nature, of dastardly crimes, of divisions and conflicts, of degenration and decay.... ...." (ଦ୍ର. Rajeev Bhargava, 2000, p.195) । ଅର୍ଥାତ୍ ସତ୍ୟ ଯଦି ବେଦନାଦାୟକ ହୁଏ, ତେବେ ତାହାଠାରୁ ଦୂରତ୍ୱ ରକ୍ଷା ସେ କରିବାକୁ

ଐତିହାସିକମାନଙ୍କୁ ଉପଦେଶ ଦେଇଥିଲେ । ଅବଶ୍ୟ ପ୍ରଖ୍ୟାତ ଐତିହାସିକ ରମେଶଚନ୍ଦ୍ର ମଜୁମଦାର ସେପରି ଆଭିମୁଖ୍ୟର ପ୍ରତିବାଦ କରିଥିଲେ । ସେ ପ୍ରତିବାଦକୁ ରାଜୀବ ଭାର୍ଗବ ନିମ୍ନ ଭାବରେ ଓ ଭାଷାରେ ଉପସ୍ଥାପନ କରିଛନ୍ତି, "Historians, he claimed, were asked to repudiate that Muslim rulers ever desecrated temples or to admit that Aurangzeb was intolerant." (ତତ୍ରୈବ) । ତେବେ ତାଙ୍କର ପ୍ରତିବାଦ ସତ୍ତ୍ୱେ ଏହିପରି ଭାବରେ ସେପରି ଆଭିମୁଖ୍ୟ-ସମ୍ପନ୍ନ, ଅର୍ଥାତ୍ ମୁସଲମାନ ଶାସକମାନଙ୍କ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଓ ହିନ୍ଦୁ ମନ୍ଦିରଧ୍ୱଂସ ଆଦିକୁ ଗୁରୁତ୍ୱ ନଦେଇ ଓ ତାକୁ ବିଭିନ୍ନ ଭାବରେ-ବିଶେଷ ଭାବରେ ଆର୍ଥନୀତିକ କାରଣ ଭିତ୍ତିରେ-ବ୍ୟାଖ୍ୟା କରି ନୂତନ ଇତିହାସ ରଚନାର ଆଉ ଏକ ବଳିଷ୍ଠ ଧାରାର ଉଦ୍ଭବ ମଧ୍ୟ ହୋଇଛି । ଅରୁଣ ସୌରୀ ତାଙ୍କ Eminenet Historians ପୁସ୍ତକରେ ସେପରି ଆଭିମୁଖ୍ୟ-ସମ୍ପନ୍ନ ଇତିହାସର ବହୁ ଉଦାହରଣ ଦେଇଛନ୍ତି (ଦ୍ର.Shourie, Arun 1998, pp..63-136) । ସଦ୍ୟ ପ୍ରକାଶିତ Romila Thaparଙ୍କ Somanatha: the Many Voices of History ପୁସ୍ତକ ମଧ୍ୟ ସେପରି ଇତିହାସ ରଚନାର ଏକ ଉଦାହରଣ । ଐତିହାସିକ ରଜତ କାନ୍ତରାୟ The Statesman ଖବର କାଗଜର ୨୦୦୪ ଅଗଷ୍ଟ ୧ ତାରିଖ ରବିବାର ବିଶେଷ (Magazine ପୃଷ୍ଠାରେ ଏହି ପୁସ୍ତକର ସମୀକ୍ଷା ପ୍ରସଙ୍ଗରେ ଲେଖିକାଙ୍କର ଏପରି ଦୃଷ୍ଟିକୋଣ ସୂଚନା ଦେଇଛନ୍ତି ।) ସେହିପରି ଦୃଷ୍ଟିକୋଣ ଓ ଆଭିମୁଖ୍ୟକୁ ନେଇ ଇତିହାସ ଓ ସାହିତ୍ୟର ଅନୁଶୀଳନ କରୁଥିବା ସମସ୍ତଙ୍କର ନ ହେଲେ ମଧ୍ୟ ଏମାନଙ୍କ ମଧ୍ୟରୁ ଅନେକଙ୍କ ଉଦ୍ଦେଶ୍ୟ ଅବଶ୍ୟ ମହତ ଓ ତାହା ପ୍ରଶଂସନୀୟ । ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ଦ୍ୱୟ ମଧ୍ୟରେ ସଦ୍ଭାବ ଓ ସଂପ୍ରୀତି ସ୍ଥାପନ କରି ସାମ୍ପ୍ରଦାୟିକତା- ବ୍ୟାଧିରୁ ଦେଶକୁ ମୁକ୍ତ କରିବା ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । କିନ୍ତୁ ଅପ୍ରିୟ ଓ ଅସ୍ୱାଦ୍ୟ ହେଲେ ମଧ୍ୟ ସ୍ୱୀକାର କରିବା ପାଇଁ ହେବ ଯେ ଉଦ୍ଦେଶ୍ୟ ଯାହା ହେଉ ନା କାହିଁକି ଅଧିକାଂଶ କ୍ଷେତ୍ରରେ ଏମାନଙ୍କ ବ୍ୟାଖ୍ୟା ଓ ବକ୍ତବ୍ୟ ସତ୍ୟ-ଭିତ୍ତିକ ନୁହେଁ ବା ସତ୍ୟର ନିକଟବର୍ତ୍ତୀ ନୁହେଁ । ଆଉ ଶିଶିର କୁମାର ଦାସ ଓ ଦାଶରଥି ଦାସ ତଥା ଉପରେ ସୂଚିତ ଓଡ଼ିଆ ସାହିତ୍ୟ ସମାଲୋଚକ ଓ ଗବେଷକମାନେ ମଧ୍ୟ ଊଣା ଅଧିକେ ଏଇ ଶ୍ରେଣୀଭୁକ୍ତ । ତେଣୁ ଏମାନଙ୍କ ପକ୍ଷରେ ରଙ୍ଗଲାଲ, ରାଧାନାଥ ଓ ଅନ୍ୟାନ୍ୟ ଭାରତୀୟ

ସାହିତ୍ୟିକମାନଙ୍କ ଲେଖାରେ ପ୍ରତିଫଳନ ହିନ୍ଦୁ-ଜାତୀୟତାବାଦକୁ ସ୍ୱୀକାର କରିବାରେ କୁଣ୍ଠା ପ୍ରକାଶ କରିବା ତଥା ତାହାକୁ ବ୍ରିଟିଶ-ବିରୋଧୀ ଜାତୀୟତାବାଦ ବୋଲି ଟାଣି ଓଟାରି ବ୍ୟାଖ୍ୟା କରିବା ଆଦୌ ଅସ୍ୱାଭାବିକ ନୁହେଁ । ମୋଟ ଉପରେ ଏମାନେ ନିଜ ନିଜର ବିଶ୍ୱାସ, ଆଦର୍ଶବାଦ ଓ ମୂଲ୍ୟବୋଧକୁ ନିର୍ଦ୍ଦିଷ୍ଟ ସାହିତ୍ୟ କୃତୀ ଉପରେ ଆରୋପ କରି ତାକୁ ସେଇ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରନ୍ତି ।

୧୧

ତେଣୁ ପୂର୍ବୋକ୍ତ ଦୁଇଟି କାରଣରୁ ଓଡ଼ିଆ ସମାଲୋଚକ ଓ ଗବେଷକମାନେ ରାଧାନାଥଙ୍କ ସାହିତ୍ୟରେ ହିନ୍ଦୁ-ଜାତୀୟତାବାଦର ପ୍ରତିଫଳନକୁ ସ୍ୱୀକାର କରିବାରେ କୁଣ୍ଠା ପ୍ରକାଶ ଓ ତାକୁ ବ୍ରିଟିଶ-ବିରୋଧିତା ବୋଲି ବ୍ୟାଖ୍ୟା କରିଥିବାର ସମ୍ଭାବନା ରହିଛି । ତେବେ କେବଳ ସେତିକି ନୁହେଁ, ଆଉ ଗୋଟିଏ କାରଣରୁ ମଧ୍ୟ ସେମାନେ ରାଧାନାଥଙ୍କ ବ୍ୟବହୃତ 'ଯବନ' ଶବ୍ଦକୁ ଇଂରେଜ ବୋଲି ଅର୍ଥ ଗ୍ରହଣ କରିବା ପାଇଁ ପ୍ରବଣତା ଦେଖାଇଛନ୍ତି ବୋଲି ମନେହୋଇପାରେ । ତା ହେଉଛି ରାଧାନାଥଙ୍କ ଜୀବନୀକାର ଦୁର୍ଗାଚରଣ ରାୟଙ୍କ କେତେକ ବକ୍ତବ୍ୟ । ମନେହୁଏ ତାହାକୁ ଅନ୍ତତଃ କିଛି ପରିମାଣରେ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଆଧାର କରି କେତେ ଗବେଷକ ଓ ସମାଲୋଚକ ରାଧାନାଥଙ୍କୁ ବ୍ରିଟିଶ-ବିରୋଧୀ ଜାତୀୟତାବାଦୀ ଓ 'ଯବନ' ଶବ୍ଦଟିର ଅର୍ଥ ମୁସଲମାନ ପରିବର୍ତ୍ତେ ଇଂରେଜ ବୋଲି ଧରି ନେଇଛନ୍ତି ।

ବର୍ତ୍ତମାନ ଏ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଦୁର୍ଗାଚରଣ ରାୟଙ୍କ ବକ୍ତବ୍ୟର ବିଚାର କରାଯାଉ । ୧୯୪୧ରେ ପ୍ରଥମ ଥରପାଇଁ ପ୍ରକାଶିତ 'ରାଧାନାଥ ଜୀବନୀ'ରେ ସେ କହନ୍ତି "ରାଧାନାଥଙ୍କ ପ୍ରଣୀତ 'ମହାଯାତ୍ରା'ରେ ଥିବା କେତେକ ଅଂଶ ଘେନି ତାହାଙ୍କର ଜଣେ ଅଧସ୍ତନ କର୍ମଚାରି ଆପତ୍ତିକର ବୋଲି ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇ ଦେବାରୁ ଗଭର୍ଣ୍ଣମେଣ୍ଟରେ ମହା ଆନ୍ଦୋଳନ ଲାଗିଥିଲା । ... ... ସେ 'ମହାଯାତ୍ରା' ୫ମ ସର୍ଗରେ ଥିବା କେତେକାଂଶ ଏବଂ କବିତାବଳୀରେ ଥିବା 'ଶିବାଜୀଙ୍କ ଉତ୍ସାହବାକ୍ୟ' ସ୍କୁଲ ପାଠ୍ୟ ହେବା ସକାଶେ ଆପତ୍ତିକର ବୋଲି ଗୋପନରେ ଗର୍ଭର୍ଣ୍ଣମେଣ୍ଟଙ୍କୁ ଜଣାଇଦେଲେ । ଗଭର୍ଣ୍ଣମେଣ୍ଟ ସେହି ଆପତ୍ତିକର ଅଂଶସମୂହ ମହାଯାତ୍ରାରୁ ଉଠାଇ ଦେଇ ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିବା ସକାଶେ ରାଧାନାଥଙ୍କୁ

ଗୋପନୀୟ ପତ୍ର ଲେଖିଲେ, ମାତ୍ର 'ଶିବାଜୀଙ୍କ ଉତ୍ସାହ ବାକ୍ୟ' କବିତାବଳୀରୁ ଉଠାଇ ଦେବା ସକାଶେ ଲେଖି ନାହାଁନ୍ତି, କିନ୍ତୁ ରାଧାନାଥ 'ଶିବାଜୀଙ୍କ ଉତ୍ସାହ ବାକ୍ୟ' ମଧ୍ୟ କବିତାବଳୀରୁ ସ୍ୱଇଚ୍ଛାକ୍ରମେ ଉଠାଇଦେଇ କବିତାବଳୀର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିଥିଲେ । ଜୁଲାଇ ୧୭ ତାରିଖ ୧୮୯୯ ସାଲରୁ ନଭେମ୍ବର ଶେଷ ପର୍ଯ୍ୟନ୍ତ ପ୍ରାୟ ୪, ୧/୨ ମାସ ରାଧାନାଥଙ୍କ ସହିତ ଗଭର୍ଣ୍ଣମେଣ୍ଟଙ୍କର ଯେଉଁ ଗୋପନୀୟ ପତ୍ର ବ୍ୟବହାର ଚାଲିଥିଲା, ତହିଁରେ ରାଧାନାଥ ଅତିରିକ୍ତ ମାତ୍ରରେ ବ୍ୟସ୍ତ, ଚିନ୍ତିତ, ବିବ୍ରତ ଓ ଅସ୍ଥିର ହୋଇପଡ଼ିଥିଲେ । ଗଭର୍ଣ୍ଣମେଣ୍ଟଙ୍କର ସମସ୍ତ ପତ୍ରାଦି ଗୋପନୀୟ (confidential) ଥିଲା; ଏଣୁ ସାଧାରଣଙ୍କର ଅବଗତି ନିମିତ୍ତ ତାହା ଏଠାରେ ପ୍ରଦର୍ଶିତ ହେଲା ନାହିଁ ।" (ରାୟ, ଦୁର୍ଗାଚରଣ, ୧୯୯୮, ପୃ.୩୧୫) ରାୟ ଆହୁରି ମଧ୍ୟ କହନ୍ତି, ଏହି ସମୟରେ ରାଧାନାଥଙ୍କ ମନର ଅବସ୍ଥା ଏଭଳି ଭୟାବହ ହୋଇଥିଲା ଯେ, ସେ ଆଉ ଓଡ଼ିଆ ସାହିତ୍ୟରେ କିଛି ଲେଖିବେ ନାହିଁ କିମ୍ବା ସାହିତ୍ୟ ବିଷୟରେ କିଛି ରଚନା କରିବାକୁ କଲମ ପେନ୍‌ସିଲ ଧରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ । ଏହି ହେତୁରୁ ଅତିରିକ୍ତ ମାନସିକ କ୍ଷୋଭରେ ସେ 'ମହାଯାତ୍ରା'ର ୮ମ ସ୍ୱର୍ଗଠାରୁ ୧୨ଶ ସର୍ଗର ଶେଷ ପର୍ଯ୍ୟନ୍ତ ଲିଖିତ ପାଞ୍ଚୋଟି ସର୍ଗ ଏବଂ ଅବଶିଷ୍ଟ ୧୮ ସର୍ଗର ଖସଡ଼ା ପ୍ରଭୃତି ସମସ୍ତ ଶଶିଭୂଷଣଙ୍କ ସମ୍ମୁଖରେ ଅଗ୍ନିରେ ସମର୍ପଣ କଲେ ।" (ତତ୍ରୈବ, ପୃ.୩୨୦) । ଏପରି ବକ୍ତବ୍ୟ ସହ ସେ ପରବର୍ତ୍ତୀ ସଂସ୍କରଣରେ ବାଦପଡ଼ିଥିବା 'ମହାଯାତ୍ରା'ର ଆପତ୍ତିକର ଅଂଶ ଓ 'ଶିବାଜୀଙ୍କ ଉତ୍ସାହବାକ୍ୟ'କୁ ମଧ୍ୟ ତାଙ୍କ ପୁସ୍ତକରେ ଉପସ୍ଥାପନ କରିଥିଲେ (ତତ୍ରୈବ ପୃ. ୩୧୬-୩୨୦) । 'ମହାଯାତ୍ରା' ପଞ୍ଚମ ସର୍ଗର ଯେଉଁ ୫୩ଟି ଧାଡ଼ି ପରବର୍ତ୍ତୀ ସଂସ୍କରଣମାନଙ୍କରେ ବାଦ୍ ପଡ଼ିଥିଲା ତାର ସୂଚନା ପୂର୍ବେ ଦିଆଯାଇଛି ।

ଏ ପ୍ରବନ୍ଧର ଅନ୍ୟତ୍ର ଉଦ୍ଧାର କରାଯାଇଥିବା ଓଡ଼ିଆ ସାହିତ୍ୟ ସମାଲୋଚକ ଓ ଗବେଷକମାନଙ୍କ ମନ୍ତବ୍ୟରୁ ମନେ ହୁଏ ଯେ ସେମାନଙ୍କ ମଧ୍ୟରୁ କେତେକ ଦୁର୍ଗାଚରଣ ରାୟଙ୍କ ଉପରୋକ୍ତ ବକ୍ତବ୍ୟ ଦ୍ୱାରା ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ, ଊଣା ଅଧିକେ ପ୍ରଭାବିତ ହୋଇଛନ୍ତି ଓ ତାଙ୍କ ବକ୍ତବ୍ୟ ଭିତରେ ସେମାନେ ଧରିନେଇଛନ୍ତି ଯେ ରାଧାନାଥଙ୍କ ସାହିତ୍ୟରେ ଥିଲା ବା ଅଛି ବ୍ରିଟିଶ-ବିରୋଧିତାର ପ୍ରତିଫଳନ ।

ସେଇମାନଙ୍କ ସୂଚନାରୁ ପ୍ରାୟ ସେପରି ମନେ ହେଉଥିଲା ଦୁର୍ଗାଚରଣ ରାୟଙ୍କ ବକ୍ତବ୍ୟରେ ଏପରି କିଛି ନାହିଁ ଯାହାକୁ ଭିତ୍ତି କରି ରାଧାନାଥ ବ୍ରିଟିଶ-ବିରୋଧୀ ଜାତୀୟତାବାଦୀ ଥିଲେ ବୋଲି ଦାବି କରାଯାଇପାରେ । ସେ ପରୋକ୍ଷରେ ବି ସେପରି କୌଣସି ସୂଚନା ଦେଇ ନାହାଁନ୍ତି । ସେ ପ୍ରସଙ୍ଗରେ "ଆପତ୍ତିକର" ଶବ୍ଦଟି ମାତ୍ର ସେ ବ୍ୟବହାର କରିଛନ୍ତି । କିନ୍ତୁ "ଆପତ୍ତିକର" ନିଶ୍ଚିତ ଭାବରେ ବ୍ରିଟିଶ-ବିରୋଧିତା ନ ହୋଇପାରେ । ପୁଣି 'ଶିବାଜୀଙ୍କ ଉତ୍ସାହ ବାକ୍ୟ' ଓ 'ମହାଯାତ୍ରା'ର ନିର୍ଦ୍ଦିଷ୍ଟ ଅଂଶରେ ଆଦୌ ବ୍ରିଟିଶ-ବିରୋଧିତାର ପ୍ରତିଫଳନ ନାହିଁ; ଅଛି ହିନ୍ଦୁ-ଜାତୀୟତାବାଦର ପ୍ରତିଫଳନ । ତେଣୁ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରିବାର ଆଶଙ୍କା କରି ବ୍ରିଟିଶ ସରକାର ଏହାକୁ "ଆପତ୍ତିକର" ବୋଲି ମନେ କରିଥିବାର ବିଶେଷ ସମ୍ଭାବନା ରହିଛି । 'ମହାଯାତ୍ରା' ପଞ୍ଚମସର୍ଗର ନିର୍ଦ୍ଦିଷ୍ଟ ଅଂଶରେ ଭାରତ ଆକ୍ରମଣକାରୀ ଯବନ ବା ମୁସଲମାନମାନଙ୍କ ବର୍ଣ୍ଣ ପ୍ରସଙ୍ଗରେ ସେମାନଙ୍କୁ ଶ୍ୱାପଦ ସହ ତୁଳନା କରି କୁହାହେଇଛି,

"ଶ୍ୱାପଦ ପରାୟେ ସର୍ବେ ମାଂସାଶୀ ନିରତେ
ଶ୍ୱାପଦ ପରାୟେ ତେଣୁ ନୃଶଂସ କ୍ରୋଧନ,
x x x
ଧର୍ମ ବ୍ୟପଦେଶେ ଆସି ଲୁଠିବେ ଭାରତ
ଏଜାତି, ଭାଙ୍ଗିବେ ହଠେ ଦେଉଳ ବିଗ୍ରହ
ଦୂଷିବେ ପବିତ୍ର ତୀର୍ଥ ଅମେଧ୍ୟ ନିକ୍ଷେପି,
x x x
ଶୋଷିବେ ଭାରତ ଦେହୁଁ ଶୋଣିତ ନିରତେ
ଯବନ-ଜଳୀକାପୁଞ୍ଜ ଶୋଷଣକୌଶଳୀ ।"

ଏହା ସପ୍ତମ ସର୍ଗ ଅମର୍ଷୀଙ୍କ ମୁଖରେ ଦିଆଯାଇଥିବା ଉଦ୍‌ବୋଧନ ତୁଳନାରେ ଅଧିକ ଆପତ୍ତିଜନକ, ସନ୍ଦେହ ନାହିଁ । ତେଣୁ ଏପରି ଅଭିବ୍ୟକ୍ତି ସାମ୍ପ୍ରଦାୟିକ ସମ୍ପ୍ରୀତି ବିପନ୍ନ କରିବାର ଆଶଙ୍କା ବ୍ରିଟିଶ ସରକାର କରିପାରିଥାଆନ୍ତି ଓ ସେ କାରଣରୁ ଏହାକୁ ଆପତ୍ତିକର ବୋଲି ମନେ କରିପାରି ଥାଆନ୍ତି । ପୁଣି ଆପତ୍ତିଜନକ 'ଯବନ' ଶବ୍ଦଟିର

ବ୍ୟବହାରରେ ରାଧାନାଥଙ୍କ ପ୍ରବଣତା ନିଜେ ଦାଶରଥି ଦାସ ମଧ୍ୟ ଦର୍ଶାଇଛନ୍ତି (ଦାସ, ଦାଶରଥି ୨୦୦୨, ପୃ.୧୬୪) । ଆଉ ବ୍ରିଟିଶ ସରକାର ସେପରି ଭାବିବାର ଅନ୍ୟ ଯଥାର୍ଥ କାରଣ ମଧ୍ୟ ଥିଲା । କାରଣ ବ୍ରିଟିଶ ଶାସନରେ ଭାରତରେ ସାମ୍ପ୍ରଦାୟିକ ଦଙ୍ଗା ହୋଇ ବାତାରବଣ କିଛି ପରିମାଣରେ ତିକ୍ତ, ଉତପ୍ତ ଓ ବିକ୍ଷୁବ୍ଧ ଥିଲା (ବ୍ରିଟିଶ ଶାସନ କାଳରେ ହୋଇଥିବା ମାତ୍ର କେତେ ସାମ୍ପ୍ରଦାୟିକ ଦଙ୍ଗାଗୁଡ଼ିକ ସମ୍ପର୍କରେ ଅଧିକ ତଥ୍ୟ ପାଇଁ (ଦ୍ର. Pandey, Gyanendra 1990/1997, p. 24-26) । ସେ ସମୟରେ ବ୍ରିଟିଶ ସରକାର ଓଡ଼ିଶାରେ ସେପରି ହେବାର ଆଶଙ୍କା କରିବାର କାରଣ ମଧ୍ୟ ଥିଲା । ୧୮୮୮ର ପ୍ରାରମ୍ଭରେ ଓଡ଼ିଶାରେ ଗୋବଧ-ନିରୋଧ ଆନ୍ଦୋଳନ ମୁଣ୍ଡ ଟେକିଥିବାରୁ ସାମ୍ପ୍ରଦାୟିକ ସମ୍ପ୍ରୀତି ବିପନ୍ନ ହୋଇଥିଲା । ସେହିପରି ପୁଣି ୧୯୯୩ରେ କାଳିଆବୋଦାରେ ଅନୁଷ୍ଠିତ ଏକ କୀର୍ତ୍ତନ ସମାରୋହରେ ଯୋଗଦେବାକୁ ଯାଉଥିବା ଏକ ସଂକୀର୍ତ୍ତନ ଦଳକୁ କଟକର ଏକ କମ୍ପ ମସ୍‌ଜିଦ୍ ନିକଟରେ ବାଧା ଦିଆଯାଇଥିଲା ଓ ତାହା ଏକ ଦଙ୍ଗାରେ ପରିଣତ ହୋଇଥିଲା । ୧୮୯୩ ଜୁନ୍ ୩ ତାରିଖର 'ଉତ୍କଳ ଦୀପିକା' ତାର ସଂକ୍ଷିପ୍ତ ସୂଚନା ଦେଇ କଟକରେ ଏ ପ୍ରକାର ଘଟଣା ପ୍ରଥମ ବୋଲି ମତ ଦେଇଥିଲେ । କିନ୍ତୁ ତା ପୂର୍ବରୁ ପୁଣି ୧୮୯୨ର ହୋରୀ ଉତ୍ସବ ସମୟରେ କନିକା ରାଜାଙ୍କ ଠାକୁର ଯମୁନାସ୍ନାନ ପାଇଁ (ଯେତେଦୂର ସମ୍ଭବ ଝାଞ୍ଜ, ମୃଦଙ୍ଗ ବାଦ୍ୟ ସହଯୋଗରେ ସଙ୍କୀର୍ତ୍ତନ ସହ) କଟକର ବାଲୁବଜାର ବାଟେ ଯିବା ବେଳେ ଜୁମା ମସ୍‌ଜିଦ୍ ନିକଟରେ ରାଜବାଟିର ଚାକର ଓ କର୍ମଚାରୀମାନଙ୍କୁ ନିର୍ଯାତନା ଦେଇ ତାଙ୍କ ଉପରକୁ ଟେକାବୃଷ୍ଟି କରାଯାଇଥିବାରୁ ଏକ ଫୌଜଦାରୀ ମକଦ୍ଦମା ମଧ୍ୟ ହୋଇଥିଲା । ପରେ ଅବଶ୍ୟ ତିନି ଜଣ ମୁସଲମାନ ପତ୍ରପ୍ରେରକ ସେଥିପାଇଁ କନିକା ରାଜମାତାଙ୍କ ନିକଟରେ ତଥା ସେଇ 'ଉତ୍କଳ ଦୀପିକା'ର ୧୮୯୨ର ଏପ୍ରିଲ ୨ ତାରିଖର ସଂଖ୍ୟାରେ କ୍ଷମାପ୍ରାର୍ଥନା କରିଥିଲେ । ପୂର୍ବେ ମସ୍‌ଜିଦ୍ ନିକଟରେ ଗୀତବାଦ୍ୟକୁ କେନ୍ଦ୍ରକରି ଗଣ୍ଡଗୋଳ ହେବାର ଦୃଷ୍ଟାନତ ବିରଳ ଥିଲା । ସେ ବିଷୟ ବିଶେଷ ଅଧ୍ୟୟନ ପ୍ରସଙ୍ଗରେ ସରକାରୀ ସୂତ୍ର ଉଦ୍ଧାର କରି P.K. Dutta କହନ୍ତି, ".... there were no recorded conflicts on this issue from 1893 to 1992. However prior to this period there were tow instances for which records are available. The first occurred in 1863 in front to

Hooghly Emambara and the other in 1883 in Salem, Madras Presidency. (Dutta, P.K.1990, p.40) କିନ୍ତୁ, କଟକରେ ୧୮୯୨ର ପ୍ରଥମାର୍ଦ୍ଧରେ ମସ୍‌ଜିଦ୍ ନିକଟରେ ଦୋଳ ଠାକୁରଙ୍କ (ସଙ୍କୀର୍ତ୍ତନ ସହ) 'ଶୋଭାଯାତ୍ରା' ଓ ୧୮୯୩ର ପ୍ରଥମାର୍ଦ୍ଧରେ ମସ୍‌ଜିଦ୍ ନିକଟରେ ସଂକୀର୍ତ୍ତନ ହେବାକୁ କେନ୍ଦ୍ର କରି ଗଣ୍ଡଗୋଳ ବାୟୁମଣ୍ଡଳକୁ ଉତ୍ତପ୍ତ କରିଥିଲା । ଯେ କୌଣସି କାରଣରୁ ଏହି ଦୁଇଟି ଘଟଣା ହୁଏତ ସରକାରୀ କାଗଜପତ୍ରରେ ସ୍ଥାନ ପାଇନାହିଁ ବା ଥିଲେ ମଧ୍ୟ Duttaଙ୍କ ଆଖିରେ ପଡ଼ିନାହିଁ । କିନ୍ତୁ ଏଥିରୁ ଜଣାଯାଏ ଯେ ସେତେବେଳେ ଓଡ଼ିଶାରେ ସାମ୍ପ୍ରଦାୟିକ ସମସ୍ୟା ମୁଣ୍ଡ ଟେକିବାକୁ ଆରମ୍ଭ କରୁଥିଲା । ସରକାର ସେ ସମ୍ପର୍କରେ କେବଳ ଅବହିତ ନଥିଲେ, ବୋଧହୁଏ ଅତ୍ୟନ୍ତ ସତର୍କ ହୋଇ "ମୂଳୁ ମାଇଲେ ଯିବ ସରି" ନୀତି ଅବଲମ୍ବନ କରୁଥିଲେ । କାରଣ ସିପାହୀ ବିଦ୍ରୋହ ପରେ କୌଣସି ଧର୍ମ-ସମ୍ପ୍ରଦାୟର ମାନସିକତାରେ ଯେପରି ଆଘାତ ନ ଲାଗେ ସେ ସମ୍ପର୍କରେ ବ୍ରିଟିଶ ସରକାର ଅତ୍ୟନ୍ତ ସ୍ପର୍ଶକାତର ହୋଇପଡ଼ିଥିଲେ । ପୁଣି ରାଧାନାଥଙ୍କ ରଚନା ଉପରେ ସେ ସମ୍ପର୍କିତ ଆପତ୍ତି ହେବାକୁ ହିଁ ସରକାର ରାଧାନାଥଙ୍କ ଉପରେ କଟକଣା ଜାରି କରିଥିବା ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସଜନକ । (ରାଧାନାଥଙ୍କ ରଚନା ବିରୁଦ୍ଧରେ ଆପତ୍ତି ଉଠାଇଥିବା ତାଙ୍କର ଅଧସ୍ତନ କର୍ମଚାରୀ ଜଣକ ମୁସଲମାନ୍ ଥିଲେ କି ନାହିଁ ତା ଅବଶ୍ୟ ଅଧିକ ଗବେଷଣାର ଅପେକ୍ଷା ରଖେ ।)

ତେବେ ଏଠାରେ କହିରଖିବା ଉଚିତ ଯେ ରାଧାନାଥଙ୍କ ରଚନା ବ୍ରିଟିଶ-ବିରୋଧୀ ବୋଲି ଏକ ଭ୍ରମ ଧାରଣା ବ୍ରିଟିଶ ସରକାରଙ୍କୁ ଦିଆଯାଇଥିଲା ବା ବ୍ରିଟିଶ୍ ସରକାର ଭ୍ରମ କ୍ରମେ ସେପରି ଧାରଣା ପୋଷଣ କରୁଥିଲେ ବୋଲି ଯୁକ୍ତି ଛଳରେ ସ୍ୱୀକାର କରାଗଲେ ମଧ୍ୟ ତା ସ୍ୱତଃ ବ୍ରିଟିଶ-ବିରୋଧୀ ହୋଇଯିବ ନାହିଁ ବା ବ୍ରିଟିଶ-ବିରୋଧୀ ବୋଲି ଗ୍ରହଣ କରାଯିବ ନାହିଁ । ତାର କାରଣ ପ୍ରକୃତରେ ତାହା ଆଦୌ ବ୍ରିଟିଶ-ବିରୋଧୀ ନଥିଲା, ଯାହା ପୂର୍ବେ ଦର୍ଶାଯାଇଛି ।

୧୨

ବର୍ତ୍ତମାନ ପ୍ରଶ୍ନ ଉଠେ ଦୁର୍ଗାଚରଣ ରାୟ ସେ ସବୁ ରଚନାକୁ ବ୍ରିଟିଶ ବିରୋଧି ବୋଲି କୌଣସି ପରୋକ୍ଷ ସୂଚନା ବି ଦେଇ ନଥିଲେ ହେଁ ପରବର୍ତ୍ତୀ କାଳରେ

ସମାଲୋଚକ ଓ ଗବେଷକମାନେ ସେପରି ଭାବିଲେ କାହିଁକି ବା ତାଙ୍କ ବକ୍ତବ୍ୟର ସେପରି ବ୍ୟାଖ୍ୟା କଲେ କିପରି ? କେବଳ ସେତିକି ନୁହେଁ, ଏ ପ୍ରସଙ୍ଗରେ ସୂଚନା ଦେବା ଆବଶ୍ୟକ ଯେ ଦୁର୍ଗାଚରଣଙ୍କ ବକ୍ତବ୍ୟକୁ ମଧ୍ୟ ସନ୍ଦେହ କରାଯାଇଛି । ୧୯୫୭ରେ ଦେବୀପ୍ରସନ୍ନ ପଟ୍ଟନାୟକ ଦୁର୍ଗାଚରଣଙ୍କ ଏହି ବକ୍ତବ୍ୟ ସହ ସେ ସେଇ ପୁସ୍ତକର ଅନ୍ୟତ୍ର ଦେଇଥିବା ବ୍ୟକ୍ତବ୍ୟ- ପୁତ୍ର ଶଶିଭୂଷଣଙ୍କ ପୀଡ଼ା ହେତୁ 'ମହାଯାତ୍ରା' ଅସମ୍ପୂର୍ଣ୍ଣ ରହିଲା- ମଧ୍ୟରେ ଅସଙ୍ଗତି ଦୃଷ୍ଟେ ତଥା ରାଧାନାଥ ନିଜେ ପୋକତୁଙ୍ଗା ବିଦ୍ୟାଳୟର ଶିକ୍ଷକଙ୍କ ନିକଟକୁ ଲେଖିଥିବା ଚିଠିରେ ଅନବକାଶକୁ 'ମହାଯାତ୍ରା' ଅସମ୍ପୂର୍ଣ୍ଣ ରହିବାର କାରଣ ବୋଲି କହିଥିବାରୁ ଦୁର୍ଗାଚରଣଙ୍କ ପ୍ରଥମ ବକ୍ତବ୍ୟ ସମ୍ପର୍କରେ ସନ୍ଦେହ ପ୍ରକାଶ କରି କହନ୍ତି, "ଏପରି ସ୍ଥଳରେ ପ୍ରମାଣ ଅଭାବରେ ମହାଯାତ୍ରାର ଶେଷାଂଶର ଅଗ୍ନିଦାହ କିମ୍ବା ମହାକାବ୍ୟର ଶେଷାଂଶ ରଚନା ବିରୁଦ୍ଧରେ ସରକାରୀ କଟକଣା ବୃତ୍ତାନ୍ତକୁ ବିଶ୍ୱାସ କରିବାର କୌଣସି କାରଣ ନାହିଁ ।" (ପଟ୍ଟନାୟକ, ଦେବୀପ୍ରସନ୍ନ ୧୯୫୭, ପୃ.୧୧୫) । ତେବେ ମନେହୁଏ, ରାଧାନାଥ 'ମହାଯାତ୍ରା' ରଚନା କରୁଥିବା ସମୟରେ ପ୍ରଥମେ ଶଶିଭୂଷଣଙ୍କ ପୀଡ଼ା ହେତୁ ବିଶେଷ ଅଗ୍ରସର ହୋଇପାରି ନଥିଲେ; ପରେ ତାହାକୁ ସମ୍ପୂର୍ଣ୍ଣ କରିବାର ବାସନା ଥିଲେ ମଧ୍ୟ ତା ଅନବସର ହେତୁ ବିଶେଷ ଅଗ୍ରସର ଓ ସମ୍ପୂର୍ଣ୍ଣ ହୋଇପାରି ନଥିଲା; ତାପରେ ତାକୁ ସମ୍ପୂର୍ଣ୍ଣ କରିବାର ଇଚ୍ଛା ସେ ସରକାରୀ କଟକଣା ଜନିତ କ୍ଷୋଭ ହେତୁ ପରିତ୍ୟାଗ କରିଥିଲେ- ବା ସେହିପରି କିଛି । ତେଣୁ 'ମହାଯାତ୍ରା' ଅସମ୍ପୂର୍ଣ୍ଣ ଥିବା ସମ୍ପର୍କରେ ଦୁର୍ଗାଚରଣ ରାୟଙ୍କ ବିଭିନ୍ନ ବକ୍ତବ୍ୟ ମଧ୍ୟରେ ଥିବା ଅସଂଗତି ଆପାତ ମାତ୍ର, ପ୍ରକୃତ ନୁହେଁ । ସେହିପରି ରାଧାନାଥ ପୋକତୁଙ୍ଗା ବିଦ୍ୟାଳୟର ଶିକ୍ଷକଙ୍କୁ ଲେଖିଥିବା ଚିଠିର ବକ୍ତବ୍ୟ ମଧ୍ୟ ତାକୁ ସମ୍ପୂର୍ଣ୍ଣ ଭାବରେ ବିରୋଧ କରେନାହିଁ ।

ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ପୂର୍ବସୂରୀତ୍ୱ ସ୍ୱୀକାର କରି ନଥିଲେ ମଧ୍ୟ ଦାଶରଥି ଦାସ ବହୁ ପରେ ଅନୁରୂପ ଭାବରେ ଦୁର୍ଗାଚରଣଙ୍କ ପ୍ରଥମ ବକ୍ତବ୍ୟ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି (ଦାସ, ଦାଶରଥି ୧୯୯୬, ପୃ.୨୪୩-୨୪୪) । ସେ ପ୍ରସଙ୍ଗରେ ସେ କହନ୍ତି, "ରାଧାନାଥ ଜୀବନୀ'ରେ ଏମିତି ଅନେକ ମନଗଢ଼ା କଥା ଅଛି । ... କବି ରାଧାନାଥ ଓ ଗଭର୍ଣ୍ଣମେଣ୍ଟଙ୍କ ମଧ୍ୟରେ ବିନିମୟ ହୋଇଥିବା

ପତ୍ରଗୁଡ଼ିକ ଗଲା କୁଆଡ଼େ ? ସ୍ୱାଧୀନତାପ୍ରାପ୍ତି ପରେ ଶଶିଭୂଷଣ ଜୀବିତ ଥିଲେ ୧୯୫୪ ପର୍ଯ୍ୟନ୍ତ । ସେଗୁଡ଼ିକୁ ସେ ଆଲୋକକୁ ନ ଆଣିଲେ କାହିଁକି ?" (ଦାସ, ଦାଶରଥି ୧୯୯୬, ପୃ.୨୪୩) ଓ ଆହୁରି ମଧ୍ୟ "କେହି ଯେବେ ଅବଶ୍ୟ ବ୍ୟାଖ୍ୟା କରି ଇଂରେଜ ସରକାରଙ୍କୁ କଥାଟାକୁ ବୁଝାଇଥାଏ, ତେବେ ସରକାର ତାଙ୍କୁ ଶାସ୍ତିସ୍ୱରୂପ ହୁଗୁଳିକୁ ବଦଳି କରିଥିବେ । ଶେଷ ପର୍ଯ୍ୟନ୍ତ ଏଇ ଯାଏ କଥା ଯାଇଥିବ, ପାଣ୍ଡୁଲେଖ୍ୟ ପୋଡ଼ାପୋଡ଼ି ପର୍ଯ୍ୟନ୍ତ ନୁହେଁ ।" (ତତ୍ରୈବ ପୃ.୨୪୪) । ମୋଟ ଉପରେ 'ମହାଯାତ୍ରା'ର ୫ମ ସର୍ଗର କେତେକାଂଶ ଓ 'ଶିବାଜୀଙ୍କ ଉତ୍ସାହ ବାକ୍ୟ' ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା, ସରକାର ତାହା ଆପତ୍ତିଜନକ ବୋଲି ବିବେଚନା କରି ସେଥିପ୍ରତି ପ୍ରତିକୂଳ ଦୃଷ୍ଟିଭଙ୍ଗୀ ନେଇଥିବା, ସେ ପ୍ରସଙ୍ଗରେ ସରକାରଙ୍କ ତାହା ଆପତ୍ତିଜନକ ବୋଲି ବିବେଚନା କରି ସେଥିପ୍ରତି ପ୍ରତିକୂଳ ଦୃଷ୍ଟିଭଙ୍ଗୀ ନେଇଥିବା, ସେ ପ୍ରସଙ୍ଗରେ ସରକାରଙ୍କ ସହ ତାଙ୍କର ପତ୍ର-ବିନିମୟ ହୋଇଥିବା ଓ ଶେଷରେ ତାହା ତାଙ୍କ ଦାରୁଣ ମାନସିକ ଅଶାନ୍ତିର କାରଣ ହୋଇଥିବା ତଥା ସେ କାରଣରୁ 'ମହାଯାତ୍ରା'ର କେତେକାଂଶ ପୋଡ଼ି ଦିଆଯାଇଥିବା ଆଦି ଦୁର୍ଗାଚରଣଙ୍କ ବକ୍ତବ୍ୟକୁ ଦାଶରଥି ଦାସ ବିଶ୍ୱାସ କରିବାକୁ କୁଣ୍ଠିତ । କେବଳ ସେତିକି ନୁହେଁ, ପୂର୍ବେ ପରମାନନ୍ଦ ଆଚାର୍ଯ୍ୟ ମଧ୍ୟ ଦୁର୍ଗାଚରଣଙ୍କ ଏ ସଂପର୍କୀୟ ବକ୍ତବ୍ୟକୁ ସଂପୂର୍ଣ୍ଣ ଭାବେ ସନ୍ଦେହ କରିନଥିଲେ ମଧ୍ୟ ରାଧାନାଥଙ୍କ ପୁତ୍ର ଶିଶିଭୂଷଣ ପରବର୍ତ୍ତୀ କାଳରେ ଓ ପରିବର୍ତ୍ତିତ ପରିସ୍ଥିତିରେ ସରକାର ଓ ରାଧାନାଥଙ୍କ ମଧ୍ୟରେ ଏ ପ୍ରସଙ୍ଗରେ ବିନିମୟ ହୋଇଥିବା ପତ୍ରଗୁଡ଼ିକୁ କାହିଁକି ପ୍ରକାଶ କଲେ ନାହିଁ ବୋଲି ବିସ୍ମୟ ପ୍ରକାଶ କରି ଦୁର୍ଗାଚରଣଙ୍କ କନ୍ୟା ଓ ଶିଶିଭୂଷଣଙ୍କ ପୁତୁରା ବିଭୂତିଭୂଷଣଙ୍କୁ ସେ ସବୁକୁ ପ୍ରକାଶ କରିବା ପାଇଁ ଅନୁରୋଧ କରିଥିଲେ (ଆଚାର୍ଯ୍ୟ, ପରମାନନ୍ଦ ୧୯୬୦-୬୧, ପୃ.୬୭) । ସେ ପ୍ରସଙ୍ଗରେ ସେ ପୁଣି କହିଥିଲେ, "ଏହିସବୁ ଗୋପନୀୟ ଚିଠିପତ୍ର ଓ ରାଧାନାଥଙ୍କ ଦୈନିକ ଡାଏରୀ ପ୍ରକାଶିତ ନ ହେବାଯାଏ, ଏହି ଗୁରୁ ବିଷୟଟିର ସମ୍ପୂର୍ଣ୍ଣ ତଥ୍ୟ ଐତିହାସିକ ଭିତ୍ତିରେ ପ୍ରତିଷ୍ଠିତ ହୋଇପାରିବ ନାହିଁ ।" (ତତ୍ରୈବ) ।

ତେବେ ଦୁର୍ଗାଚରଣଙ୍କ ବକ୍ତବ୍ୟ ମୋଟାମୋଟି ସତ୍ୟ-ଭିତ୍ତିକ ବୋଲି ମନେହୁଏ । ତାର କାରଣ ଠିକ ଏହି ସମୟରେ, ଅର୍ଥାତ୍ ୧୮୯୯ରେ, ରାଧାନାଥଙ୍କ

କେତେକ ଓଡ଼ିଆ ପୁସ୍ତକକୁ କେନ୍ଦ୍ରକରି ତାଙ୍କର ଆଚରଣ ଓ ଚରିତ୍ର (conduct) ସମ୍ପର୍କରେ ସରକାରଙ୍କ ଶିକ୍ଷା ବିଭାଗ ଆଗ୍ରହ ପ୍ରକାଶ କରିଥିଲେ ଓ କିଛି ଅନୁସନ୍ଧାନ କରୁଥିଲେ । ଏପରି କି ତାହା ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ ତା ବଙ୍ଗ ସରକାର ବା ସ୍ୱୟଂ ଛୋଟଲାଟ୍‌ଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିଥିଲା ଓ ସେ ଏ ସମ୍ପର୍କୀୟ ଶେଷ ସିଦ୍ଧାନ୍ତ ନେଇଥିଲେ ବୋଲି ପ୍ରମାଣ ମଧ୍ୟ ଅଛି । Consolidate Alphabetical Index to the Proceedings of the Government of Bengal, General Department Education Branch 1859-1908 ରେ ସୂଚିତ ଅଛି ଯେ, Conduct of Radhanath Ray in connection with certain books published by him ବିଷୟଟି ନିମ୍ନ ଫାଇଲରେ ଅଛି । Education File 7c-4 Proceedings B.73-77 Nov.1899 । ଅବଶ୍ୟ ସେଇ ନିର୍ଦ୍ଦିଷ୍ଟ Proceedings ରେ ସେଇ ଫାଇଲଟି ମୁଁ ବହୁତ ଖୋଜିଛି କିନ୍ତୁ ଠାବ କରିପାରିନାହିଁ । ତେଣୁ ସେ ସମ୍ପର୍କୀୟ ବିଶଦ ବିବରଣୀ ମିଳୁନାହିଁ । (ମୋର ସମୟ ଅଭାବ ଥିବାରୁ ଓ ମୁଁ ତରତର ହେଉଥିବାରୁ ହୁଏତ ମୋର ଖୋଜିବାରେ ତ୍ରୁଟି ରହିଯାଇ ପାରିଥାଏ । ମୋର ଆଶା ଓ ବିଶ୍ୱାସ ଭବିଷ୍ୟତରେ ସେ ଫାଇଲ୍‌ଟି ମିଳିବ ଓ ସେ ସମ୍ପର୍କୀୟ ବିଶଦ ବିବରଣୀ ଜଣାଯିବ ।) ତେବେ ଗୋଟିଏ କଥା ସ୍ପଷ୍ଟ ଯେ ୧୯୮୮ର ନଭେମ୍ବର ମାସ ୧୧ ତାରିଖରେ ସରକାର ବା ସ୍ୱୟଂ ଛୋଟଲାଟ୍ ରାଧାନାଥଙ୍କ ପୁସ୍ତକ ଭିତ୍ତିରେ ତାଙ୍କ ଆଚରଣ (conduct) ସମ୍ପର୍କରେ ଏକ ସିଦ୍ଧାନ୍ତ ନେଇଥିଲେ । ଦୁର୍ଗାଚରଣଙ୍କ ବକ୍ତବ୍ୟ ସହ ଏ ତଥ୍ୟ ମେଳ ଖାଉଛି । ତା ସହ ଠିକ ଏହି ସମୟରେ (୨୦/୮/୧୮୯୯ରେ) ବାମଣ୍ଡାର ରାଜା ସୁଦ୍ଧଳ ଦେବଙ୍କ ନିକଟକୁ ରାଧାନାଥ ଲେଖିଥିବା ଏକ ପତ୍ରକୁ (ତଥା ସମସାମୟିକ କେତେକ ସମ୍ବାଦ ପତ୍ରର ସୂଚନାକୁ) ମଧ୍ୟ ବିଚାରକୁ ନିଆଯାଇପାରେ । (ଏ ଦୁର୍ଲଭ ପତ୍ରକୁ ଫଣୀନ୍ଦ୍ର ଭୂଷଣ ନନ୍ଦ ଆବିଷ୍କାର କରି ସମ୍ବାଦ ପତ୍ରର ସୂଚନା ସହ ପ୍ରକାଶ କରିଛନ୍ତି । ଦ୍ର:ନନ୍ଦ, ଫଣୀନ୍ଦ୍ର ଭୂଷଣ ୨୦୦୫) । ଏ ସମସ୍ତ ତଥ୍ୟକୁ ବିଚାରକୁ ନେବା ପରେ ମୋର ଅନୁମାନ ଯେ ୧୮୯୯ରୁ ନଭେମ୍ବର ପୂର୍ବରୁ ରାଧାନାଥଙ୍କ 'ମହାଯାତ୍ରା' ଓ 'ଶିବାଜୀଙ୍କ ଉତ୍ସାହ ବାକ୍ୟ'ରେ ମୁସଲମାନମାନଙ୍କ ସମ୍ପର୍କରେ ଥିବା ମନ୍ତବ୍ୟକୁ କେନ୍ଦ୍ରକରି ସରକାର ଗୁରୁତ୍ୱପୂର୍ଣ୍ଣ ଭାବରେ ବିଚାର ଆଲୋଚନା/ ବିମର୍ଷ କରିଥିଲେ

ଓ ପ୍ରସଙ୍ଗାନୁରୋଧରେ ରାଧାନାଥଙ୍କଠାରେ ସ୍ପଷ୍ଟୀକରଣ ଓ କୈଫିୟତ ତଲବ୍ ମଧ୍ୟ କରିଥିଲେ । ଅତ୍ୟନ୍ତ ଭୟାଳୁ ରାଧାନାଥ ଏଥିରେ ଅତ୍ୟନ୍ତ ଓ ବିବ୍ରତ ବ୍ୟସ୍ତ ଓ ବିବ୍ରତ ହୋଇପଡ଼ିଥିବା ସ୍ୱାଭାବିକ କଥା ଥିଲା, ବିଶେଷ ଭାବରେ ତାହା ସ୍ୱୟଂ ଛୋଟଲାଟ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ । ସେ ଏପରି ପରିସ୍ଥିତିରେ ଅତ୍ୟନ୍ତ ମାନସିକ ଅଶାନ୍ତି ଓ ଅସ୍ଥିରତା ଭୋଗ ତ କରୁଥିଲେ ଓ ଏପରି କି ମନେହୁଏ ମାନସିକ ଭାରସାମ୍ୟ ମଧ୍ୟ ହରାଇଥିଲେ, ଯାହାର ପ୍ରତିଫଳନ ପଡ଼ିଛି ସେ ସୁଢ଼ଳ ଦେବଙ୍କ ନିକଟକୁ ଲେଖିଥିବା ଚିଠିରେ । ନଚେତ ଜଣେ କୃପାପ୍ରାର୍ଥୀ ଭାବରେ ରାଧାନାଥ ଆହୁରି ସତର୍କତାର ସହ ଚିଠି ଲେଖି ପାରିଥାଆନ୍ତେ; ସେ ଋହୁଁଥିବା ତିନିହଜାର ଟଙ୍କାରୁ ଦୁଇ ହଜାର ତାଙ୍କ 'ବାମଣ୍ଡା ଗମନର ମଜୁରି' ବାବଦରେ ଓ ବାକି ଏକ ହଜାର ଟଙ୍କା ତାଙ୍କୁ 'ପୁରସ୍କାର ସ୍ୱରୂପ' ଦିଆଯାଉ ବୋଲି ସେ ଅତି ସ୍ପଷ୍ଟ ଭାବରେ ସୂଚାଇ ନଥାନ୍ତେ । କାରଣ ରାଧାନାଥଙ୍କ ଚିଠି ସର୍ବଦା ଅତ୍ୟନ୍ତ ସତର୍କତା ଓ ସଂଯମ ସହ ଲେଖାଯାଉଥିଲା । ମୋଟ ଉପରେ ସେତେବେଳେ ତାଙ୍କ ପୁସ୍ତକକୁ (ଲେଖାକୁ) କେନ୍ଦ୍ରକରି ହେଉଥିବା ସରକାରୀ ଅନୁସନ୍ଧାନ ଓ ହେବାକୁଥିବା କାର୍ଯ୍ୟାନୁଷ୍ଠାନର ଫଳାଫଳ ବିଷୟରେ ରାଧାନାଥ ଚିନ୍ତାଗ୍ରସ୍ତ ଓ ବିବ୍ରତ ହୋଇପଡ଼ିଥିଲେ ଓ ସେ ଋକିରିରୁ ତଡ଼ା ଖାଇବେ ବୋଲି ଆଶଙ୍କା ମଧ୍ୟ ବୋଧହୁଏ କରୁଥିଲେ । ତାର ନିରାକରଣ ପାଇଁ, ଆତ୍ମରକ୍ଷା ପାଇଁ ସେ ଅଗତ୍ୟା ଉତ୍କୋଚ ବା ଲାଞ୍ଚ ଦେବାକୁ ରାଜି ହୋଇଥିଲେ ବୋଲି ମଧ୍ୟ ମନେହୁଏ । ସେଥିପାଇଁ ତାଙ୍କର ଆବଶ୍ୟକ ଥିଲା ଅର୍ଥର, ଯାହାକୁ ଲାଞ୍ଚ ଭାବରେ ଦିଆଯିବ । ତେଣୁ ସେ ଅର୍ଥପ୍ରାର୍ଥନା କରି ସୁଢ଼ଳ ଦେବଙ୍କୁ ଚିଠି ଲେଖିଥିଲେ ମଧ୍ୟ ଠିକ୍ କେଉଁ କାରଣରୁ ତାଙ୍କର ହଠାତ୍ ଏତେ ଟଙ୍କା ଆବଶ୍ୟକ ହେଲା ତା ସେ ତାଙ୍କୁ ଫିଟାଇ କରି କହିନଥିଲେ । କେବଳ ସୂଚନା ଦେଇଥିଲେ ଯେ ତାହା କଲିକତା ପଠାଯିବ ତଥା ସେ ବିପଦଗ୍ରସ୍ତ । ଯେ ଏଇ ସେ ଦିନ 'ଦରବାର'ରେ

"ଦେଇଅଛ ଡାଲା ଭରି ମେବା ନାନା,
କେତେ ଥର ଦେଇଅଛ ନାଚଖାନା,
x x x
ସେଠାରେ ନଥିବେ କାହି ଦେଶୀ ବାବୁ,

ତୋହର ଆସନ ଟେକିଦେବା ପାଇଁ
ଶ୍ୱେତାଙ୍ଗ ଛାମୁରେ ମିଛ ସତ ଗାଇ ।

x x x

କେତେ ଥର ଯାଇ ବିକ୍ରୟ ନିଲାମେ
କିଣିଅଛ ଦ୍ରବ୍ୟ ଚତୁର୍ଗୁଣ ଦାମେ,
ବାଣ ପ୍ରଦର୍ଶନ ତୋରଣ ଗଠନ

"ସ୍ୱର୍ଣ୍ଣାକ୍ଷରେ ଅଭିନନ୍ଦନ ମୁଦ୍ରଣ" ଆଦି ଲେଖିଥିଲେ, ସେଇ ରାଧାନାଥ ବ୍ରିଟିଶ ଭାରତରେ ଲାଞ୍ଚ ଓ ଡାଲା ଆଦି କିପରି ଦିଆନିଆ ହେଉଥିଲା ଓ ଶକ୍ତିଶାଳୀ ଅସ୍ତ୍ର ଭାବରେ ବ୍ୟବହୃତ ହେଉଥିଲା, ଶ୍ୱେତାଙ୍ଗମାନଙ୍କୁ ମିଛସତ କହି କିପରି ପ୍ରଭାବିତ କରାଯାଉଥିଲା ତା ଅବଶ୍ୟ ଜାଣିଥିଲେ ଓ ଆଶଙ୍କାବ୍ୟାକୁଳିତ ହୃଦୟରେ- ବୁଡ଼ିଯିବା ଲୋକ କୁଟାଖିଅକୁ ଆଶ୍ରା କଲାପରି- ତାହାକୁ ପ୍ରୟୋଗ କରିବାକୁ ଚାହିଁଥିଲେ ବିପଦମୁକ୍ତ ହେବାପାଇଁ, ଆତ୍ମରକ୍ଷା କରିବା ପାଇଁ । ସେଥିପାଇଁ ହିଁ ତାଙ୍କର ଆବଶ୍ୟକ ଥିଲା ଅର୍ଥର । ଆଉ ସେଇ ଅର୍ଥ ମଧ ସହଜରେ ମିଳୁ ନଥିଲା ବା ତା ବି ଯେ ନିଶ୍ଚିତ ଭାବରେ କାମ ଦେବ ତା ମଧ ଜଣା ନଥିଲା । ସେଇ ଅସ୍ତ୍ର ସାହାଯ୍ୟରେ ହେଉ ବା ଅନ୍ୟଥା ସେ ଶେଷକୁ ହୋଇଥିଲେ ବିପଦମୁକ୍ତ । ଅବଶ୍ୟ କେବଳ 'ମହାଯାତ୍ରା'ର ପରବର୍ତ୍ତୀ ସଂସ୍କରଣରେ ତାର କେତେକାଂଶ ବାଦ୍ ଦେବାକୁ ତାଙ୍କ ନିର୍ଦ୍ଦେଶ ଦିଆଯାଇଥିଲା ଓ ବର୍ଦ୍ଧମାନ ଶିକ୍ଷା ବିଭାଗକୁ ତାଙ୍କର ବଦଳି ହୋଇଥିଲା । ତେଣୁ ସେଇ ସମୟର ଅତ୍ୟନ୍ତ ଭୟାଳୁ ରାଧାନାଥଙ୍କ ମାନସିକ ଅବସ୍ଥା ବିଷୟକ ତଥା ସେ ସମୟରେ ସରକାରଙ୍କ ସହ ତାଙ୍କର ଗୋପନୀୟ ପତ୍ରବିନିମୟ ହୋଇଥିବା ବିଷୟ ଦୁର୍ଗାଚରଣଙ୍କ ବର୍ଣ୍ଣନା ସତ୍ୟଭିତ୍ତିକ ବୋଲି ବିଶ୍ୱାସ ହୁଏ ।

ତା ପରେ ଦୁର୍ଗାଚରଣଙ୍କ ବକ୍ତବ୍ୟ ଅନ୍ତର୍ଗତ 'ମହାଯାତ୍ରା'ର ଲିଖିତ ହୋଇଥିବା ସପ୍ତମ ସର୍ଗର ପରବର୍ତ୍ତୀ ଆଉ କେତେକ ଅଂଶ ପୋଡ଼ି ଦିଆଯିବା ବିଷୟକୁ ବିଚାରକୁ ନିଆଯାଉ । ରାଧାନାଥଙ୍କ ମାନସିକ ଅବସ୍ଥା ଯେତେବେଳେ ଏତେ ବିପନ୍ନ, ଏତେ ବିକଳ ଥିଲା, ଯେତେବେଳେ ସେ ଚାକିରି ଯିବା- ଅନ୍ତତଃ ସରକାରଙ୍କ ଦ୍ୱାରା ଦଣ୍ଡିତ ହେବା- ଆଶଙ୍କାରେ ମାନସିକ ଭାରସାମ୍ୟ ହରାଇ ବସିଥିଲେ ସେତେବେଳେ

ତାଙ୍କର ହିତାହିତ ଜ୍ଞାନ କିଛି ପରିମାଣରେ ଲୋପ ପାଇଯାଇଥିବା ସ୍ୱାଭାବିକ । ପୁଣି ଆତ୍ମରକ୍ଷା ପାଇଁ ଅଗତ୍ୟା ଲାଞ୍ଚ ଦେଇଥିବା ଜନିତ ଅପରାଧବୋଧ ଓ ଆତ୍ମଗ୍ଲାନି ତାଙ୍କ ମାନସିକ ଶାନ୍ତିକୁ ଆହୁରି ବ୍ୟାହତ କରିଥିବ । ତେଣୁ ସେତିକି ବେଳେ ତାଙ୍କ ବିଋରରେ ଏପରି ଦୁଃଖଦ ପରିସ୍ଥିତି ସୃଷ୍ଟିର ମୂଳରେ ଥିବା 'ମହାଯାତ୍ରା'ର କିଛି ଅଂଶକୁ ସେ ପୋଡ଼ି ପକାଇଥିବା ଆଦୌ ଅସ୍ୱାଭାବିକ ବା ବିସ୍ମୟଜନକ ନଥିଲା ।

କେବଳ ସେତିକି ନୁହେଁ, ସେତେବେଳ ଉପୁଜିଥିବା ପରିସ୍ଥିତି ତଥା 'ମହାଯାତ୍ରା' ସପ୍ତମ ସର୍ଗର ପରବର୍ତ୍ତୀ କେତେକ ଅଂଶର / ସର୍ଗର ସମ୍ଭାବ୍ୟ ବିଷୟବସ୍ତୁ ଦୃଷ୍ଟେ ସେଇ ଅଂଶକୁ ପୋଡ଼ିଦେବାର ଯଥାର୍ଥ କାରଣ ଥିଲା ବୋଲି ମନେହୁଏ । ଅବଶ୍ୟ ସେଇ ଅଂଶର ବିଷୟବସ୍ତୁ କଣ ଥିବା ତା ବର୍ତ୍ତମାନ ମାତ୍ର ଅନୁମାନ କରାଯାଇପାରେ । ତେବେ ମନେହୁଏ ଯେ ସେଇ ଅଂଶରେ ୧୧୯୨ର ଦ୍ୱିତୀୟ ତିରୋରୀ ଯୁଦ୍ଧରେ ମହମ୍ମଦ ଘୋରୀଙ୍କ ହାତରେ 'ପୃଥୁ'ଙ୍କ ପରାଜୟ ପରବର୍ତ୍ତୀ ଘଟଣାବଳୀ ଯଥା - ମୁସଲମାନମାନଙ୍କ ଦ୍ୱାରା ଭାରତ ଅଧିକାର ଓ ହିନ୍ଦୁମାନଙ୍କ ଉପରେ ସେମାନଙ୍କ ଅତ୍ୟାଋରର କରୁଣ କାହାଣୀ ଆହୁରି ବିସ୍ତାରିତ ଭାବରେ, ଅତ୍ୟନ୍ତ ଉତ୍ତେଜକ ଭାବରେ ଓ ଶାଣିତ ଭାଷାରେ ପରିବେଷଣ କରାଯାଇଥିଲା, ଯାହାର ସଂକ୍ଷିପ୍ତ ସୂଚନା ପୂର୍ବେ ପଞ୍ଚମ ସର୍ଗରେ ଦିଆଯାଇ ସାରିଥିଲା । ଏପରି ସିଦ୍ଧାନ୍ତ କରିବାର ଯଥେଷ୍ଟ କାରଣ ମଧ୍ୟ ଅଛି । କାରଣ ହିନ୍ଦୁ ଜାତୀୟତାବାଦୀ ରାଧାନାଥଙ୍କ ପକ୍ଷରେ ତାହା ଥିଲା ଏକାନ୍ତ ସ୍ୱାଭାବିକ ଓ ପ୍ରତ୍ୟାଶିତ । ଆଉ ଭାରତର ଇତିହାସକୁ 'ମହାଯାତ୍ରା'ରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ଓ ଯୋଜନା ବି ରାଧାନାଥଙ୍କର ଥିଲା । ହବ୍ୟବାହଙ୍କ ପ୍ରଦତ୍ତ ଦିବ୍ୟାଞ୍ଜନ ଯୋଗେ ଯୁଧିଷ୍ଠିରଙ୍କ ଚକ୍ଷୁ ସମକ୍ଷରେ ତାହା ଚିତ୍ରରୂପେ ଉଦ୍ଭାସିତ ହେଉଥିବାର ବିବରଣୀ ଥିଲା ସେପରି ଉପସ୍ଥାପନର ମାଧ୍ୟମ । ପଞ୍ଚମ ସର୍ଗରେ ତାରି ସଂକ୍ଷିପ୍ତ ସୂଚନା ଯଦି ସରକାରଙ୍କ ପକ୍ଷରେ ଆପତ୍ତିଜନକ ବୋଲି ବିବେଚିତ ହେଲା ତେବେ ତାରି ବିଶଦ ବିବରଣୀ ସମନ୍ୱିତ ସପ୍ତମ ସର୍ଗର ପରବର୍ତ୍ତୀ ଅଂଶ ଯେ ଆହୁରି ଆପତ୍ତିଜନକ ବୋଲି ବିବେଚିତ ହେବ, ସରକାରଙ୍କ ବିରାଗଭାଜନର ଓ ରାଜରୋଷର କାରଣ ହେବ ଓ ତାଙ୍କୁ ଆହୁରି ବିପଜ୍ଜନକ ପରିସ୍ଥିତିରେ ପକାଇବ- ଅନ୍ତତଃ ଆହୁରି ଆର୍ଥିକ କ୍ଷତିର କାରଣ ହେବ- ଏପରି ଭାବନା ଓ ଆଶଙ୍କା ରାଧାନାଥଙ୍କ ମନରେ ଉଦୟ ହେବା ସ୍ୱାଭାବିକ

ନଥିଲା କି ? ଏ କାରଣରୁ ସେଇସବୁ ଅଂଶକୁ ଅତ୍ୟନ୍ତ ଭୟାଳୁ ରାଧାନାଥ ପୋଡ଼ି ଦେଇଥିବା ବିଷୟକୁ ଦୁର୍ଗାଚରଣଙ୍କ ବକ୍ତବ୍ୟ ବିଶ୍ୱାସଯୋଗ୍ୟ ଓ ତାହାକୁ ସନ୍ଦେହ କରିବାର ସେପରି ବଳିଷ୍ଠ କାରଣ ମଧ୍ୟ ନାହିଁ । ପରବର୍ତ୍ତୀ କାଳରେ ଏହା ହେତୁ ସୃଷ୍ଟ ମାନସିକ କ୍ଷୋଭରେ ସେ 'ମହାଯାତ୍ରା'କୁ ସମ୍ପୂର୍ଣ୍ଣ କରିବା ପାଇଁ ଆଉ ଅନୁପ୍ରେରିତ ହୋଇପାରି ନଥିବା ମଧ୍ୟ ଅନୁରୂପ ଭାବରେ ସ୍ୱାଭାବିକ । ଏପରି ପରିସ୍ଥିତିର ଫଳ ସ୍ୱରୂପ ତାଙ୍କ ମନରେ ସର୍ଜନାତ୍ମକ ସାହିତ୍ୟସୃଷ୍ଟି ବିରୋଧରେ ଯେପରି ଏକ ଅଭିଯୋଗ ମୁଣ୍ଡ ଟେକିଲା । କାରଣ ତାଙ୍କ ବିଚାରରେ ସର୍ଜନଶୀଳ ସାହିତ୍ୟସୃଷ୍ଟି ହିଁ ଥିଲା ତାଙ୍କ ଚାକିରି ଚାଲିଯିବାର ଆଶଙ୍କା, ତଜ୍ଜନିତ ମାନସିକ ଅଶାନ୍ତି, ଅସ୍ଥିରତା, ଆର୍ଥିକ କ୍ଷତି ଓ ଆତ୍ମଗ୍ଲାନି ଆଦିର ମୂଳରେ, ଯାହା ମଧ୍ୟ ସ୍ୱାଭାବିକ । ମୋଟ ଉପରେ ଏହା ହିଁ ରାଧାନାଥଙ୍କ ପରବର୍ତ୍ତୀ କାଳର ମାନସିକତା ବୁଝିବାର ମୂଳସୂତ୍ର ।

ପୂର୍ବେ ରାଧାନାଥଙ୍କ ଉପରେ ନୀବନ ଚନ୍ଦ୍ର ସେନଙ୍କ ପ୍ରଭାବର ସୂଚନା ଦିଆଯାଇଛି । ତେବେ ଅତ୍ୟନ୍ତ କୌତୁହଳର କଥା ହେଉଛି ଯେ ପ୍ରାୟ ସମସମୟରେ ନବୀନ ଚନ୍ଦ୍ର ସେନଙ୍କ 'ପଲାଶୀର ଯୁଦ୍ଧ' କାବ୍ୟକୁ କେନ୍ଦ୍ର କରି କେତେକ ଅନୁରୂପ କିନ୍ତୁ ଭିନ୍ନ ବା କିଛି ପରିମାଣରେ ବିପରୀତଧର୍ମୀ ଘଟଣା ଘଟିଥିଲା । ଏଠାରେ ସାମାନ୍ୟ ଅବାନ୍ତର ବୋଲି ମନେ ହେଲେ ହେଁ ସୂଚାଇ ଦେବା ଉଚିତ ହେବ ଯେ ୧୮୭୫ରେ ପ୍ରଥମଥର ପାଇଁ ପ୍ରକାଶିତ ନୀବନ ଚନ୍ଦ୍ରଙ୍କ 'ପଲାଶୀ ଯୁଦ୍ଧ'ରେ ସେ ଜଣେ ମୁସଲମାନ ସିରାଜଉଦ୍ଦୌଲାଙ୍କୁ ବଙ୍ଗର (ତଥା ଭାରତର) ଶେଷ ସ୍ୱାଧୀନ ରାଜା ରୂପେ ଓ ଦେଶର ସ୍ୱାଧୀନତା ରକ୍ଷା କରିବା ପାଇଁ ସଂଗ୍ରାମ କରିଥିବା ବ୍ୟକ୍ତି ରୂପେ ଚିତ୍ର କରିଥିବାରୁ ବଙ୍ଗୀୟ (ହିନ୍ଦୁ) ବୁଦ୍ଧିଜୀବୀ ମହଲରେ ଏକ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ସେହିପରି ସିରାଜଉଦ୍ଦୌଲାଙ୍କ ଉଚ୍ଛୃଙ୍ଖଳତା ତଥା ସ୍ଖଳନର ସବିଶେଷ ବର୍ଣ୍ଣନା ଥିବାରୁ ମୁସଲମାନମାନେ ମଧ୍ୟ ଏ କାବ୍ୟ ସମ୍ପର୍କରେ ଅନୁକୂଳ ମତ ପୋଷଣ କରୁନଥିଲେ । ଏଇ ସବୁ କାରଣରୁ ଊନବିଂଶ ଶତକର ଶେଷ ଦଶକରେ ବିଦ୍ୟାଳୟ ପାଇଁ ପାଠ୍ୟପୁସ୍ତକ ଚୟନ କରିବା ପ୍ରସଙ୍ଗରେ ପାଠ୍ୟପୁସ୍ତକ ତାଲିକାରୁ ବାଦ ପଡ଼ିଥିଲା । ପୁଣି ଯେତେଦୂର ସମ୍ଭବ ହିନ୍ଦୁ-ଜାତୀୟତାବାଦଙ୍କ ପ୍ରଚ୍ଛନ୍ନ ଉଦ୍ୟମରେ ବ୍ରିଟିଶ ସରକାର ମଧ୍ୟ ଏ ପୁସ୍ତକରେ ରାଜଦ୍ରୋହର ପ୍ରଚ୍ଛନ୍ନ ପ୍ରତିଫଳନ ଆବିଷ୍କାର କରି ଏ ପୁସ୍ତକର କେତେ ଅଂଶ ପରିବର୍ତ୍ତନ କରିଦେବା

ପାଇଁ ନବୀନଚନ୍ଦ୍ରଙ୍କୁ ପରାମର୍ଶ ଦେଲେ ତଥା ତାଙ୍କର ପଦୋନ୍ନତିରେ ବାଧା ସୃଷ୍ଟିକଲେ । ନବୀନ ଚନ୍ଦ୍ର ଏହିପରି ତିନି ଦିଗରୁ ଆକ୍ରାନ୍ତ ନେଇ ଏଥିରେ କ୍ଷୋଭ ଓ ବିରକ୍ତି ପ୍ରକାଶ କରିଥିଲେ ମଧ୍ୟ ପୁସ୍ତକଟିକୁ ପାଠ୍ୟପୁସ୍ତକ ତାଲିକାରେ ରଖିବାପାଇଁ ବଦ୍ଧ ପରିକର ହୋଇ ଓ ପଦୋନ୍ନତିର ପଥକୁ ସୁଗମ କରିବା ପାଇଁ ପୁସ୍ତକର କେତେକ ଅଂଶ ପରିବର୍ତ୍ତନ କରିଦେଇଥିଲେ, 'ଭାରତ' ଶବ୍ଦ ପରିବର୍ତ୍ତେ 'ଯବନ' ଶବ୍ଦର ବ୍ୟବହାର କରିଥିଲେ ଓ ଏପରି କି ସିରାଜଉଦ୍ଦୌଲାଙ୍କ ଚରିତ୍ରଚିତ୍ରଣ ମଧ୍ୟ ତାଙ୍କର ଏପରି ଶଲ୍ୟ-ଚିକିତ୍ସାରୁ ବାଦ ପଡ଼ିନଥିଲା (ଦ୍ରः Chaudhuri, Rosinka 2008)। ସ୍ମରଣ କରାଯାଇପାରେ ଯେ 'ପଲାଶୀର ଯୁଦ୍ଧ' ପ୍ରକାଶ ପାଇବାର ଠିକ୍ ପରବର୍ଷ ଅର୍ଥାତ ୧୮୭୬ରେ ପ୍ରକାଶିତ ହୋଇଥିଲା ରାଧାନାଥଙ୍କ 'ନିଜ ସୈନ୍ୟ ପ୍ରତି ଶିବାଜୀ' କବିତା । ପୂର୍ବେ ହେମଚନ୍ଦ୍ରଙ୍କ ପ୍ରସଙ୍ଗରେ ଦିଆଯାଇଥିବା ସୂଚନାକୁ ମଧ୍ୟ ଏଠାରେ ସ୍ମରଣ କରିବା ଆବଶ୍ୟକ । ଏସବୁରୁ ଜଣାଯାଏ ସାହିତ୍ୟ ସମ୍ପର୍କରେ ମଧ୍ୟେ ମଧ୍ୟେ ସରକାରୀ ଆପତ୍ତି ହେଉଥିଲା ଓ ଲେଖାର ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ମଧ୍ୟ ଆସୁଥିଲା । ପୁଣି ଲେଖକମାନେ ସେପରି ଆପତ୍ତିକୁ ଓ ନିର୍ଦ୍ଦେଶକୁ ଗୁରୁତ୍ୱ ଦେଉଥିଲେ । ତେଣୁ ରାଧାନାଥଙ୍କ କ୍ଷେତ୍ରରେ ସେପରି ହୋଇଥିବାର ସମ୍ଭାବନା ରହିଛି ।

ଅବଶ୍ୟ ଦାଶରଥି ଦାସ 'ମହାଯାତ୍ରା' ଅସମ୍ପୂର୍ଣ୍ଣ ଥିବାର ନୂତନ କାରଣମାନ ଉପସ୍ଥାପନ କରିଛନ୍ତି । ପ୍ରଥମତଃ ତାଙ୍କ ମତରେ ରାଧାନାଥ "ଓଡ଼ିଆ ଭାଷାରେ ଅମିତ୍ରାକ୍ଷର ଛନ୍ଦର ଯେଉଁ ପରୀକ୍ଷାରେ ସେ ହାତ ଦେଇଥିଲେ ସେଥିରେ ଅସାମାନ୍ୟ ଦକ୍ଷତା ଓ ଉତ୍ତୀର୍ଣ୍ଣତା ଦେଖି ସେ ଆତ୍ମତୃପ୍ତି ଲାଭ କରିଛନ୍ତି ଓ କାବ୍ୟଟିର ସମ୍ପୂର୍ଣ୍ଣତା ଘେନି ବିଶେଷ ଉତ୍ସାହ ପ୍ରକାଶ କରିନାହାଁନ୍ତି" (ଦାସ, ଦାଶରଥି ୧୯୯୬, ପୃ.୨୪୭) । କିନ୍ତୁ ତା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ, କାରଣ ଓଡ଼ିଆ ଭାଷାରେ ଅମିତ୍ରାକ୍ଷର ଛନ୍ଦର ପରୀକ୍ଷା ନୀରିକ୍ଷା କରି ସେଥିରେ ନିଜର ଅସାମାନ୍ୟ ଦକ୍ଷତା ଓ ଉତ୍ତୀର୍ଣ୍ଣତା ଦେଖିବା ଓ ଉପଲବ୍ଧି କରିବା, ପୁଣି ସେଥିପାଇଁ ଆତ୍ମତୃପ୍ତି ଲାଭ କରିବା ପରେ ରାଧାନାଥଙ୍କ ପକ୍ଷରେ ସେଇ ଦିଗରେ ଅଧିକରୁ ଅଧିକ ଅଗ୍ରସର ହେବାପାଇଁ ସେ ଅନୁପ୍ରେରିତ ଓ ଉତ୍ସାହିତ ହେବା ଏକାନ୍ତ ସ୍ୱାଭାବିକ କଥା ନଥିଲା କି ? ଯେ କୌଣସି ମନୋବିଜ୍ଞାନୀ ମୋର ଏକ ବକ୍ତବ୍ୟକୁ ସମର୍ଥନ କରିବେ । କିନ୍ତୁ ଦାଶରଥି

ଦାସ ଏହାର ଠିକ୍ ବିପରୀତ ଓ ଅତ୍ୟନ୍ତ ଅସ୍ୱାଭାବିକ ଘଟଣା ଘଟିଥିବାର ଦାବି କରୁଥିବାରୁ ତା ଆଦୌ ଗ୍ରହଣୀୟ ନୁହେଁ । ଦାଶରଥି ଦାସ ଉପସ୍ଥାପନ କରିଥିବା ଆଉ ଏକ କାରଣ ହେଉଛି "ରାଧାନାଥ... ... ମୁଣ୍ଡ ମାରି ପାରିବାର ମଥା ପାଇ ନାହାଁନ୍ତି" (ତତ୍ରୈବ) । କିନ୍ତୁ ଏହାର କୌଣସି ପ୍ରମାଣ ନାହିଁ ଓ ଏହା ଦାଶରଥି ଦାସଙ୍କ ଅତ୍ୟଧିକ କଳ୍ପନାପ୍ରବଣତାକୁ ସୂଚାଇ ଦିଏ ମାତ୍ର ।

ତେବେ ଦୁର୍ଗାଚରଣଙ୍କ ବକ୍ତବ୍ୟ ଉପରେ ଏପରି ସନ୍ଦେହ ପ୍ରକାଶ କରିଥିଲେ ମଧ୍ୟ ସେଇ ବକ୍ତବ୍ୟ ଭିତ୍ତିରେ ସେ ରାଧାନାଥଙ୍କ ବ୍ରିଟିଶ-ବିରୋଧିତାକୁ ବିଶ୍ୱାସ ଓ ଗ୍ରହଣ କରିଥିବା ଯଥାର୍ଥରେ ବିସ୍ମୟକର । ଦୁର୍ଗାଚରଣଙ୍କ ବକ୍ତବ୍ୟର ସୂଚନା ଦେବାକୁ ଯାଇ ସେ ତାକୁ ନିଜ ଭାଷାରେ ଉପସ୍ଥାପନ କରି କହନ୍ତି, "ରାଧାନାଥଙ୍କ ଅଫିସରେ ପଦୋନ୍ନତିବଞ୍ଚିତ କୌଣସି ଅଧସ୍ତନ କର୍ମଚାରୀ 'ମହାଯାତ୍ରା'ର ପଞ୍ଚମ ସର୍ଗର କିଛି ଅଂଶ ରାଜଦ୍ରୋହ ଦୃଷ୍ଟିରୁ ଆପତ୍ତିକର ବୋଲି ତଦାନୀନ୍ତନ ସରକାରକୁ ଜଣାଇ ଦେଲେ ।" (ଦାସ, ଦାଶରଥି, ୧୯୯୬, ପୃ.୨୪୩) । କିନ୍ତୁ ଦୁର୍ଗାଚରଣ ଆଦୌ 'ରାଜଦ୍ରୋହ ଦୃଷ୍ଟିରୁ' ଅଭିବ୍ୟକ୍ତି ବ୍ୟବହାର କରିନାହାଁନ୍ତି, କେବଳ 'ଆପତ୍ତିକର' ଶବ୍ଦଟି ବ୍ୟବହାର କରିଛନ୍ତି । 'ରାଜଦ୍ରୋହ ଦୃଷ୍ଟିରୁ' ଅଭିବ୍ୟକ୍ତି ଦାଶରଥି ଦାସଙ୍କ କଳ୍ପନାପ୍ରସୂତ ଓ ଦୁର୍ଗାଚରଣଙ୍କ ବକ୍ତବ୍ୟରେ ଆରୋପିତ । ଦେବୀପ୍ରସନ୍ନ ପଟ୍ଟନାୟକ ବି ରାଧାନାଥଙ୍କ ବ୍ରିଟିଶ-ବିରୋଧୀ ଜାତୀୟତାବାଦକୁ ସ୍ପଷ୍ଟ ଭାବରେ ଅଗ୍ରାହ୍ୟ ନକରି ସେ ସମ୍ପର୍କରେ ନୀରବ ରହିଛନ୍ତି । ଦୁର୍ଗାଚରଣଙ୍କ ବକ୍ତବ୍ୟର ଅଂଶ ବିଶେଷକୁ ସନ୍ଦେହ ଚକ୍ଷୁରେ ଦେଖି ମଧ୍ୟ ସେଇ ବକ୍ତବ୍ୟର ଅନ୍ୟ ଅଂଶକୁ ଟାଣି ଓଟାରି ଏକ କଷ୍ଟକଳ୍ପିତ ବ୍ୟାଖ୍ୟା ମାଧ୍ୟମରେ ସିଦ୍ଧ କରିବାର ଉଦ୍ୟମ କିପରି କରାଯାଇଛି ତାହା ଏଥିରୁ ଜଣାଯାଏ, କାରଣ ଦୁର୍ଗାଚରଣଙ୍କ ସେଇ ବକ୍ତବ୍ୟରେ ମଧ୍ୟ ରାଧାନାଥଙ୍କ ବ୍ରିଟିଶ-ବିରୋଧିତାର କୌଣସି ସୂଚନା ବି ନାହିଁ । ଏହା ବିସ୍ମୟକର ମନେ ହେଲେ ମଧ୍ୟ ସତ୍ୟ । ଏହାର କାରଣ ରାଧାନାଥ ବ୍ରିଟିଶ-ବିରୋଧୀ ଜାତୀୟତାବାଦୀ ଥିଲେ ବୋଲି ଓଡ଼ିଆ ସମାଲୋଚକ ଓ ଗବେଷକମାନଙ୍କ ମନରେ ଥିବା ଏକ ପୂର୍ବକଳ୍ପିତ ବଦ୍ଧମୂଳ ଧାରଣା । ଆଉ ସେଇଥି ପାଇଁ ତ ଦୁର୍ଗାଚରଣଙ୍କ ବକ୍ତବ୍ୟ ଉପରେ ଆରୋପ କରାଯାଇଛି ଏକ ଭିତ୍ତିଶୂନ୍ୟ ବ୍ୟାଖ୍ୟା ।

ବର୍ତ୍ତମାନ ପ୍ରଶ୍ନ ଉଠେ, ଏପରି ଏକ ବଦ୍ଧମୂଳ ଧାରଣାର ସୃଷ୍ଟି ପ୍ରଥମେ କେବେ ଓ କିପରି ହେଲା ? ମନେହୁଏ ଏପରି ଏକ ବଦ୍ଧମୂଳ ଧାରଣା ସୃଷ୍ଟି ହେବା ପଛରେ ପ୍ରକୃତରେ ରହିଥିଲା ଏକ ଜନଶ୍ରୁତି ବା ଲୋକବିଶ୍ୱାସ । ଯାହା ଜଣାଯାଏ ସେପରି ଗୋଟିଏ ଜନଶ୍ରୁତି ବା ଲୋକବିଶ୍ୱାସ ଅନ୍ତତଃ ରାଧାନାଥଙ୍କ ମୃତ୍ୟୁର ଅବ୍ୟବହିତ ପରଠାରୁ ପ୍ରଚଳିତ ଥିଲା, ଯାହାର ସୂଚନା ଦେଇଛନ୍ତି ପରମାନନ୍ଦ ଆଚାର୍ଯ୍ୟ । ୧୯୬୦ରେ ସେ କହନ୍ତି ଯେ ସେ ୪୮ବର୍ଷ ପୂର୍ବେ (ଅର୍ଥାତ୍ ୧୯୧୨ରେ, ରାଧାନାଥଙ୍କ ମୃତ୍ୟୁର ମାତ୍ର ଚାରିବର୍ଷ ପରେ) ବାରିପଦା ଉଚ୍ଚ-ଇଂରାଜୀ ବିଦ୍ୟାଳୟର ଶିକ୍ଷକ ମଧୁସୂଦନ ଦାଶଙ୍କଠାରୁ ଶୁଣିଥିଲେ ଯେ "ବ୍ରିଟିଶ ସରକାରଙ୍କୁ କବିବର ରାଧାନାଥ ବର୍ଣ୍ଣନା ଛଳରେ ଆକ୍ରମଣ କରିଥିବାରୁ ତାହାର ସରକାରଙ୍କ ଦୃଷ୍ଟିକୁ ଆସିଲା ଓ ସେଥିରେ ରାଧାନାଥ ସରକାରୀ ଚାକିରିରୁ ଯେ ବିତାଡ଼ିତ ହୋଇଥାଆନ୍ତେ, କେବଳ ତାହା ନୁହେଁ, ତାଙ୍କୁ ଅର୍ଥଦଣ୍ଡ ଓ କାରାଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଥାଆନ୍ତା । ଏଂପରି ଅବସ୍ଥାରେ ପ୍ରବଳ ପ୍ରତାପୀ ବ୍ରିଟିଶ ସରକାରଙ୍କ ଆଦେଶ ମାନିବା ତାଙ୍କ ପକ୍ଷରେ ଏକାନ୍ତ ବିଧେୟ ହୋଇଥିଲା । ତାଙ୍କ ଲେଖା ମଧ୍ୟରେ ପ୍ରକାଶିତ 'ମହାଯାତ୍ରା' କାବ୍ୟରେ କେତେକ ସ୍ଥଳରେ ସରକାରୀ ବିରୁଦ୍ଧାତ୍ମକ କଥା ଥିବାର ପ୍ରଦର୍ଶିତ ହୋଇଥିଲା ଓ ତତ୍ ସହିତ 'କବିତାବଳୀ'ରେ ମୁଦ୍ରିତ 'ନିଜ ସୈନ୍ୟପ୍ରତି ଶିବାଜୀ' କବିତାଟି ମଧ୍ୟ ପରିଗଣିତ ହୋଇଥିଲା ।" (ଆଚାର୍ଯ୍ୟ, ପରମାନନ୍ଦନ, ୧୯୬୦-୬୧, ପୃ.୬୫) । ଅର୍ଥାତ୍ ରାଧାନାଥଙ୍କ ମୃତ୍ୟୁର ଅବ୍ୟବହିତ ପରେ ଏପରି ଏକ ଜନଶ୍ରୁତି ସୃଷ୍ଟି ହୋଇ ସାରିଥିଲା । ପରମାନନ୍ଦ ଆଚାର୍ଯ୍ୟ ଅବଶ୍ୟ ଏ ପ୍ରସଙ୍ଗରେ 'କିମ୍ବଦନ୍ତୀ' ଶବ୍ଦ ବ୍ୟବହାର କରିଥିଲେ (ତତ୍ରୈବ) । ସ୍ମରଣ କରାଯାଇପାରେ ଯେ ମାୟାଧର ମାନସିଂହ 'ଜନଶ୍ରୁତି' ଶବ୍ଦଟି ବ୍ୟବହାର କରିଛନ୍ତି ।

ବାସ୍ତବିକ ୧୯୦୫ ବା ତା'ପରେ ଏପରି ଏକ ଜନଶ୍ରୁତି ସୃଷ୍ଟି ହେବାର ସମ୍ଭାବନାଟି ହିଁ ସୃଷ୍ଟି ହୋଇଥିବ, ଯେତେବେଳେ ଜାତୀୟତାବାଦ ଅଭିଧାର ଅର୍ଥ ପରିବର୍ତ୍ତିତ ହେବାକୁ ଆରମ୍ଭ କରିଥିଲା । ୧୯୦୫ରେ ବା ତାପରେ ଜାତୀୟତାବାଦୀମାନେ ପ୍ରାୟ ସମସ୍ତେ ବ୍ରିଟିଶ-ବିରୋଧୀ ହୋଇପଡ଼ିଥିଲେ । ମହାଭାରତୀୟ ଜାତୀୟତାର ପରିକଳ୍ପନାରେ ଆଉ ମୁସଲମାନ ନୁହେଁ, ବ୍ରିଟିଶ

ହେଲେ 'ପର' (other) । ତେଣୁ ଧରି ନିଆଗଲା, ଯିଏ ଜାତୀୟତାବାଦୀ ସେ ନିଶ୍ଚୟ ବ୍ରିଟିଶ-ବିରୋଧୀ ହୋଇଥିବେ । ଏଇ ଫର୍ମୁଲାରେ ପକାଇ ରାଧାନାଥଙ୍କୁ ବି ବ୍ରିଟିଶ-ବିରୋଧୀ କରିଦିଆଗଲା ବା ବିଶ୍ୱାସ କରାଗଲା ଯେ ସେ ବ୍ରିଟିଶ-ବିରୋଧୀ । ମନେହୁଏ ଏକାନ୍ତ ରାଜଭକ୍ତ, ବ୍ରିଟିଶ ସରକାରଙ୍କ ଦ୍ୱାରା ରାୟ ବାହାଦୁର ଉପାଧିରେ ଭୂଷିତ ପୁଣି ଅତ୍ୟନ୍ତ ଭୟାଳୁ ରାଧାନାଥ ଏପରି ଏକ ଧାରଣା ବା ଜନଶ୍ରୁତି ସୃଷ୍ଟିରେ ଦାୟୀ ବା ସହାୟକ ହୋଇ ନଥିବେ । ଏପରି ଧାରଣା ବା ବିଶ୍ୱାସ ପ୍ରଥମେ ରାଧାନାଥଙ୍କ ଭକ୍ତମାନଙ୍କ ମନରେ ହୋଇଥିବ । ତା'ପରେ ରାଧାନାଥଙ୍କ କେତେକ ରଚନା ଉପରେ ସରକାରୀ କଟକଣା ଜାରି ହୋଇଥିବାରୁ ତାର ପ୍ରକୃତ କାରଣ ଜଣା ନଥିଲା ମଧ୍ୟ ତା ବ୍ରିଟିଶବିରୋଧିତା ହେତୁ ହୋଇଥିବ ବୋଲି ଧରିନିଆଗଲା ଓ ସେ ବିଶ୍ୱାସର ଭିତ୍ତିଭୂମି ଦୃଢ଼ ହେଲା ଓ ଜନଶ୍ରୁତିଟିର ଉଦ୍ଭବ ହେଲା । ଏପରି ଧାରଣା, ବିଶ୍ୱାସ ଆହୁରି ଦୃଢ଼ୀଭୂତ ହେବାକୁ ଲାଗିଲା ଓ ଜନଶ୍ରୁତିଟିର ଭିତ୍ତିଭୂମି ସୁଦୃଢ଼ ହେଲା ଯେତେବେଳେ ରାଧାନାଥଙ୍କ ମୃତ୍ୟୁ ପରେ ପ୍ରକାଶିତ ତାଙ୍କ ଗ୍ରନ୍ଥାବଳୀର ଦ୍ୱିତୀୟ ଓ ତୃତୀୟ ସଂସ୍କରଣରେ ଓ ତାପରେ ସପ୍ତମ ସଂସ୍କରଣ ପର୍ଯ୍ୟନ୍ତ ସମସ୍ତ ସଂସ୍କରଣଗୁଡ଼ିକରେ ମଧ୍ୟ ବ୍ରିଟିଶ ସରକାରଙ୍କ ଦ୍ୱାରା ନିଷିଦ୍ଧ 'ମହାଯାତ୍ରା'ର ଅଂଶ ବିଶେଷ (୫୩ଟି ଧାଡ଼ି) ଓ ଏପରିକି 'ଶିବାଜୀଙ୍କ ଉତ୍ସାହ ବାକ୍ୟ' ସ୍ଥାନ ପାଇଲା ନାହିଁ । ପୁଣି ୧୯୪୧ରେ ଦୁର୍ଗାଚରଣ ରାୟଙ୍କ ଉପରେ ଉଦ୍ଧୃତ ବକ୍ତବ୍ୟ ମଧ୍ୟ ଏପରି ଧାରଣା ବା ବିଶ୍ୱାସକୁ ଯୋଗାଇଦେଲା ଅଧିକ ଦୃଢ଼ ଭିତ୍ତିଭୂମି ତଥା ଜନଶ୍ରୁତିଟିକୁ ଅଧିକ ପ୍ରାମାଣିକତା, କାରଣ ସେ ରାଧାନାଥଙ୍କ ବ୍ରିଟିଶ-ବିରୋଧିତା ସମ୍ପର୍କରେ ଆଦୌ କୌଣସି ସୂଚନା ଦେଇ ନଥିଲେ ହେଁ ଓ କେବଳ "ଆପତ୍ତିକର" ଶବ୍ଦଟି ବ୍ୟବହାର କରିଥିଲେ ହେଁ ସରକାରୀ କଟକଟା ଯେ ସାମ୍ପ୍ରଦାୟିକ କାରଣରୁ ଜାରି କରାଯାଇଥିଲା ତା ଫିଟାଇକରି କହି ନଥିଲେ । ତେଣୁ ପୂର୍ବରୁ ଥିବା ଧାରଣା ବା ବିଶ୍ୱାସ ଭିତ୍ତିରେ "ଆପତ୍ତିକର" ଶବ୍ଦଟିକୁ 'ବ୍ରିଟିଶ-ବିରୋଧିତା' ବୋଲି ସହଜରେ ବା ବିଶ୍ୱାସ ବା ବ୍ୟାଖ୍ୟା କରାଯାଇପାରିଲା । ଏହିପରି ଜନଶ୍ରୁତିଟି କ୍ରମେ ପଲ୍ଲବିତ ହେବାକୁ ଲାଗିଲା ।

ଏବେ ପ୍ରସନ୍ନ କୁମାର ମିଶ୍ର ଓ ଦେବେନ୍ଦ୍ର କୁମାର ଦାଶ ସମ୍ପାଦିତ ଓ ୧୯୯୮ ରେ ପ୍ରକାଶିତ 'କବିର ରାଧାନାଥ ଗ୍ରନ୍ଥାବଳୀ'ରେ 'ସଂଯୋଜକର ପ୍ରାକ୍-ସୂଚନା'ରେ

କୁହାଯାଇଛି', 'ରାଧାନାଥ ଗ୍ରନ୍ଥାବଳୀ'ର ତୃତୀୟ ସଂସ୍କରଣରେ ପୂର୍ବରୁ ବାଦ୍ ଦିଆଯାଇଥିବା 'ଶିବାଜୀଙ୍କ ଉତ୍ସାହ ବାକ୍ୟ' ଓ 'ମହାଯାତ୍ରା' ପଞ୍ଚମ ସର୍ଗର ପଙ୍‌କ୍ତିଚୟକୁ ପୁନଃ-ସଂଯୋଜିତ କରାଯାଇଛି । 'ରାଧାନାଥ ଗ୍ରନ୍ଥାବଳୀ'ର ଯେଉଁପାଠ ଓ ରୂପ ଓଡ଼ିଶାର ପାଠକ ମଣ୍ଡଳୀରେ ପରିଚିତ ତାହା ଏହି ତୃତୀୟ ସଂସ୍କରଣର ପୁନଃମୁଦ୍ରଣ ମାତ୍ର ।" (ପୃ.୩୮୦) । ଏହା କିନ୍ତୁ ଠିକ୍ ନୁହେଁ । ୧୯୧୬ରେ ପ୍ରକାଶିତ ତୃତୀୟ ସଂସ୍କରଣରେ ସେ ସବୁ ସ୍ଥାନ ପାଇ ନଥିଲା । ସେ ସବୁ ପ୍ରଥମର ଥର ପାଇଁ ସ୍ଥାନ ପାଇଲା ୧୯୪୮ରେ ପ୍ରକାଶିତ ଅଷ୍ଟମ ସଂସ୍କରଣରେ । ଏହି ଅଷ୍ଟମ ସଂସ୍କରଣରେ ଗ୍ରନ୍ଥାବଳୀର ଆଦ୍ୟରେ ଗୋଟିଏ ସ୍ଲିପ୍ ବା କ୍ଷୁଦ୍ର ଚିଠା ଲଗାଇ ସେଥିରେ ଅଗ୍ନୁତ୍ସବ, ୧୩୫୫ ଅବକାଶରେ ପ୍ରକାଶକ ଲେଖିଥିଲେ, "ସୁଖର କଥା, ନାନା ବିଘ୍ନ ସତ୍ତ୍ୱେ, ପୂର୍ବବର୍ତ୍ତୀ ସଂସ୍କରଣରୁ ଆପତ୍ତିକର କାରଣ ଦର୍ଶାଇ ଉଠାଇ ଦିଆଯାଇଥିବା 'ଶିବାଜୀଙ୍କ ଉତ୍ସାହବାକ୍ୟ' ଓ 'ମହାଯାତ୍ରା'ର କେତେକାଂଶ ଏ ସଂସ୍କରଣରେ ସନ୍ନିବେଶିତ କରାଯାଇଛି ।" ମନେହୁଏ ପୂର୍ବରୁ ସେ ସବୁ ପ୍ରକାଶ କରାଯାଉ ନଥିଲା ରାଜରୋଷ-ଭୟରେ । ସ୍ୱାଧୀନତା ପରେ ଏ ଭୟ ତିରୋହିତ ହୁଏନ୍ତେ ଏସବୁ ପ୍ରକାଶ ପାଇଲା । ପୁଣି ମନେହୁଏ, ଏଇ ଅଷ୍ଟମ ସଂସ୍କରଣ ପ୍ରକାଶ କରିବାର ଯୋଜନା ଓ ଏପରିକି ତାର ମୁଦ୍ରଣର ଆରମ୍ଭ ହୋଇପାରିଥାଏ ୧୯୪୭ରେ ବା ତା ପୂର୍ବେ, ଅର୍ଥାତ ସ୍ୱାଧୀନତା ପୂର୍ବରୁ । କାରଣ ଏ ସଂସ୍କରଣରେ ଗ୍ରନ୍ଥାବଳୀର ଆଦ୍ୟରେ ଲଗାଯାଇଥିବା କ୍ଷୁଦ୍ର ଚିଠାଟିରେ ପ୍ରକାଶକ ଆହୁରି ମଧ୍ୟ କହିଥିଲେ, "ଦ୍ୱିତୀୟ ମହାଯୁଦ୍ଧର ପ୍ରଳୟ ଝଞ୍ଜାରେ ଦେଶରେ ଯାବତୀୟ ଜିନିଷର ଦୁର୍ଭିକ୍ଷ ପଡ଼ିଥିବାରୁ ଏତାଦୃଶ ବିରାଟଗ୍ରନ୍ଥର ପୁନର୍ମୁଦ୍ରଣରେ ଅପ୍ରତ୍ୟାଶିତ ବିଳମ୍ବ ଘଟିଲା ।" କେବଳ ସେତିକି ନୁହେଁ, ଏପରି ଏକ କ୍ଷୁଦ୍ର ଚିଠା ଲଗାଇ 'ଶିବାଜୀଙ୍କ ଉତ୍ସାହ ବାକ୍ୟ' ଓ 'ମହାଯାତ୍ରା'ରୀ କେତେକାଂଶର ପ୍ରକାଶ ସମ୍ପର୍କରେ ଏପରି ପ୍ରକାଶକୀୟ ଘୋଷଣା /ମନ୍ତବ୍ୟରୁ ମନେହୁଏ ଯେ ଏ ସଂସ୍କରଣର ପ୍ରାଥମିକ ଯୋଜନା ସମୟରେ ସେ ସବୁ ପ୍ରକାଶ କରିବାର କୌଣସି ଉଦ୍ଦେଶ୍ୟ ପ୍ରକାଶକଙ୍କର ନଥିଲା । ପୁଣି ସେ ସବୁ ଗ୍ରନ୍ଥାବଳୀରେ ଶେଷ ତିନିପୃଷ୍ଠା (ପୃ.୪୯୩-୯୫)ରେ ସ୍ଥାନ ପାଇଥିବାରୁ ତାହା ହିଁ ପ୍ରମାଣିତ ହୁଏ । (ପରବର୍ତ୍ତୀ ସଂସ୍କରଣଠାରୁ ସେ ସବୁ ଗ୍ରନ୍ଥାବଳୀରେ ଅନ୍ୟତ୍ର ସ୍ଥାନିତ ହେଲା । ଆହୁରି ମଧ୍ୟ ଗ୍ରନ୍ଥାବଳୀର ମୂଳ ସୂଚିପତ୍ରଟି

'ଗଦ୍ୟ ରଚନାବଳୀର' -'୧୧-ସାହିତ୍ୟ ସମ୍ପର୍କରେ ଏଣୁ ତେଣୁ ପାଞ୍ଚକଥା'ରେ ଶେଷ ହୋଇଥିଲା । ତାପରେ ତା ତଳେ ଗୋଟିଏ କ୍ଷୁଦ୍ର କାଗଜରେ '୧୨-ମହାଯାତ୍ରା ପଞ୍ଚମ ସର୍ଗ' ଓ '୧୩-ଶିବାଜୀଙ୍କ ଉତ୍ସାହବାକ୍ୟ' ବୋଲି ଛପାଯାଇ ଅଠା ଲଗାଇ ଦିଆଯାଇଥିଲା । ତେଣୁ ସୂଚିପତ୍ରରେ ଏ ଉଭୟକୁ 'ଗଦ୍ୟ ରଚନାବଳୀ'ର ବିଭାଗରେ ସ୍ଥାନ ଦିଆଯାଇଥିଲେ ମଧ୍ୟ କୌତୂହଳର କଥା ହେଉଛି ସେ ଉଭୟ ଗଦ୍ୟ ରଚନା ନୁହେଁ । ଏଥିରୁ ମଧ୍ୟ ପ୍ରମାଣିତ ହୁଏ ଯେ ଏ ଉଭୟକୁ ପ୍ରକାଶ କରିବାର ଉଦ୍ଦେଶ୍ୟ ପ୍ରଥମେ ପ୍ରକାଶକଙ୍କ ନଥିଲା । କିନ୍ତୁ 'ପୁନର୍ମୁଦ୍ରଣ'ରେ ବିଳମ୍ବ ହେତୁ ଏ ସଂସ୍କରଣ ପ୍ରକାଶ ପାଇବା ପୂର୍ବରୁ ସ୍ୱାଧୀନତା ଆସିଗଲା । ସ୍ୱାଧୀନତା ପରେ ରାଜକୋଷ-ଭୟ ତିରୋହିତ ହେବାରୁ ହିଁ ପ୍ରକାଶକ ସେ ସବୁ ପ୍ରକାଶ କଲେ । ଯଦିଓ ପୂର୍ବରୁ ୧୯୫୧ରେ ଦୁର୍ଗାଚରଣ ରାୟଙ୍କ 'ରାଧାନାଥ ଜୀବନୀ'ରେ ତା ପ୍ରକାଶିତ ହୋଇଥିଲା, ତା ସତ୍ତ୍ୱେ ପ୍ରକାଶକ ତାହାକୁ ଗ୍ରନ୍ଥାବଳୀର ଅନ୍ତର୍ଗତ କରିବା ପାଇଁ କୁଣ୍ଠିତ ଥିଲେ । ସେ ସବୁ ବ୍ରିଟିଶ-ବିରୋଧୀ ବୋଲି ଓଡ଼ିଆ ସାହିତ୍ୟ ସମାଲୋଚକ ଓ ଗବେଷକଙ୍କ ମନରେ ଯେପରି ଭ୍ରମ ଧାରଣା ସୃଷ୍ଟି ହୋଇଥିଲା ସେହିପରି ଧାରଣା ପ୍ରକାଶକଙ୍କର ହୁଏତ ଥିଲା । ତେବେ ଯେଉଁ କାରଣ ପାଇଁ ତାର ପ୍ରକାଶନକୁ ନିଷିଦ୍ଧ କରାଯାଇଥାଉ ନା କାହିଁକି, ଏହିପରି ଭାବରେ ପ୍ରକାଶକଙ୍କ ମନ୍ତବ୍ୟ ସହ ସ୍ୱାଧୀନତାର ଅବ୍ୟବହିତ ପରେହିଁ ପ୍ରକାଶ ପାଇବାରୁ ତାହା ପ୍ରଚ୍ଛନ୍ନ ବ୍ରିଟିଶ-ବିରୋଧୀ ରଚନା ବୋଲି ଧାରଣା ବା ବିଶ୍ୱାସ ଅଧିକ ଦୃଢ଼ୀଭୂତ ହୋଇ ତାହାକୁ ସେପରି ବ୍ୟାଖ୍ୟା କରିବା ପାଇଁ ଆଉ ଏକ କାରଣ ମିଳିଗଲା । ଜନଶ୍ରୁତି ହେଲା ଆହୁରି ପଲ୍ଲବିତ ।

୧୪

ସ୍ୱାଧୀନତା ପରେ ପୁଣି ପ୍ରତ୍ୟେକ ଜାତୀୟତାବାଦୀକୁ ସ୍ୱତଃ ବ୍ରିଟିଶ-ବିରୋଧୀ ବୋଲି ଧରିନେଇଥିବା ତଥା ତା ସହ ହିନ୍ଦୁ ମୁସଲମାନ ଏଇ ଦୁଇଜାତି ତତ୍ତ୍ୱ (two nation theory) କୁ ଅଗ୍ରାହ୍ୟ କରୁଥିବା ସାହିତ୍ୟ ସମାଲୋଚକ ଓ ଗବେଷକମାନଙ୍କ ପାଇଁ ହିନ୍ଦୁ-ଜାତୀୟତାବାଦର ପ୍ରତିଫଳନ ବହନ କରିଥିବା ରାଧାନାଥଙ୍କ ସାହିତ୍ୟର ଅଂଶ ବିଶେଷକୁ ସାମ୍ପ୍ରଦାୟିକତା-ଦୋଷମୁକ୍ତ ବା ଧର୍ମ-ନିରପେକ୍ଷ ତଥା ବ୍ରିଟିଶ-ବିରୋଧୀ ଜାତୀୟତାବାଦୀ ସାହିତ୍ୟ ବୋଲି ବିଶ୍ୱାସ ଓ ବ୍ୟାଖ୍ୟା କରିବା ପାଇଁ ଏ

ଜନଶ୍ରୁତି ଯୋଗାଇ ଦେଲା ଏକ ଅପୂର୍ବ ସୁଯୋଗ । ସେମାନଙ୍କ ମଧ୍ୟରେ ଜଣେ ପ୍ରତିନିଧି ସ୍ଥାନୀୟ ବ୍ୟକ୍ତି ହେଉଛନ୍ତି ଗୋପୀନାଥ ମହାନ୍ତି । ସେ ଏ ଜନଶ୍ରୁତିକୁ ସେ କେବଳ ବିଶ୍ୱାସ କରି ନଥିଲେ, ପୂର୍ବେ ସୂଚିତ ରାଧାନାଥଙ୍କ ସାହିତ୍ୟକୁ ପ୍ରଚ୍ଛନ୍ନ ବ୍ରିଟିଶ-ବିରୋଧୀ ସାହିତ୍ୟ ବୋଲି ହେଉଥିବା ବ୍ୟାଖ୍ୟାକୁ ସମ୍ପ୍ରସାରିତ କରିବାରେ ଗ୍ରହଣ କଲେ ଗୁରୁତ୍ୱପୂର୍ଣ୍ଣ ଭୂମିକା, ଯାହାକୁ ପୂର୍ବେ ଉଦ୍ଧାର କରାଯାଇଛି । 'ଯବନ' ଶବ୍ଦଟିକୁ ଉଭୟ ମୁସଲମାନ ଓ ଇଂରେଜ ଅର୍ଥବାଚୀ ବୋଲି ବ୍ୟାଖ୍ୟା କରାଯାଇ ରାଧାନାଥଙ୍କ ବ୍ରିଟିଶ-ବିରୋଧୀ ଜାତୀୟତାବାଦକୁ ପ୍ରମାଣ କରିବାର ଉଦ୍ୟମ ପୂର୍ବେ କରାଯାଉଥିଲା । ଏବେ ଯବନମାନେ ଯେଉଁ ସିନ୍ଧୁ ପାର ହୋଇ ଆସିଲେ ବୋଲି ରାଧାନାଥ ଉଲ୍ଲେଖ କରିଛନ୍ତି ସେଇ, 'ସିନ୍ଧୁ' ଶବ୍ଦଟିକୁ ଗୋପୀନାଥ ମହାନ୍ତି ସିନ୍ଧୁ ନଦ (ମୁସଲମାନମାନଙ୍କ ପକ୍ଷରେ) ଓ ସମୁଦ୍ର (ଇଂରେଜମାନଙ୍କ ପକ୍ଷରେ) ଏହିପରି ଦୁଇଗୋଟି ଅର୍ଥ କରି ଏହା ପ୍ରଚ୍ଛନ୍ନ ବ୍ରିଟିଶ-ବିରୋଧୀ ସାହିତ୍ୟ ବୋଲି ଆବେଗାତ୍ମକ ଭାବରେ ଦାବି କଲେ । କିନ୍ତୁ ଯେଉଁ ପ୍ରସଙ୍ଗରେ 'ସିନ୍ଧୁ' ଶବ୍ଦଟିର ପ୍ରୟୋଗ କରାଯାଇଛି ସେଇ ପ୍ରସଙ୍ଗ ତଥା ସମଗ୍ର ବିଷୟବସ୍ତୁକୁ ବିଚାରକୁ ନେଲେ ଉଭୟ 'ଯବନ' ଓ 'ସିନ୍ଧୁ' ଶବ୍ଦ ଦୁଇଟିର ଦୁଇଗୋଟି ଲେଖାଏଁ ଅର୍ଥ ଯେ କରାଯାଇ ପାରେନାହିଁ ଓ ସେ ସବୁ ରଚନାକୁ ବ୍ରିଟିଶ-ବିରୋଧୀ ଜାତୀୟତାବାଦୀ ସାହିତ୍ୟ ବୋଲି ବ୍ୟାଖ୍ୟା କରାଯାଇପାରେ ନାହିଁ ତା ଗୋପୀନାଥ ମହାନ୍ତି ତଥା ଏଇ ସମାଲୋଚକ ଓ ଗବେଷକମାନେ ବୁଝି ମଧ୍ୟ ବୁଝନ୍ତି ନାହିଁ । ନିଜର ବିଶ୍ୱାସ, ମୂଲ୍ୟବୋଧ ଓ ଆଦର୍ଶଦ୍ୱାରା ସମ୍ପୂର୍ଣ୍ଣଭାବରେ ପ୍ରଭାବିତ ଓ ପରିଚାଳିତ ହୋଇ ହିଁ ସେମାନେ ଏପରି ଭ୍ରମାତ୍ମକ ଅର୍ଥ ଓ ବ୍ୟାଖ୍ୟା କରନ୍ତି ।

ଗୋପୀନାଥ ମହାନ୍ତି ଅବଶ୍ୟ ରାଜନୀତିକ ଆଦର୍ଶଦ୍ୱାରା ପ୍ରଭାବିତ ହୋଇଛନ୍ତି । କିନ୍ତୁ ତା ପରେ ଆସିଲେ ଦାଶରଥି ଦାସ ତାଙ୍କ ଅନ୍ୟ ଏକ ସାହିତ୍ୟିକ ଆଦର୍ଶ, ବିଶ୍ୱାସ ବା ସିଦ୍ଧାନ୍ତ ନେଇ । ଆଇଭର୍ ରିଚାର୍ଡସ୍ (I.A.Richards)ଙ୍କ ଅନୁସରଣରେ ସେ ବିଶ୍ୱାସ କରନ୍ତି ଯେ କେତେକ କବିଙ୍କ ମନରେ "ଚିରକାଳ ଦ୍ୱନ୍ଦ୍ୱ ବର୍ତ୍ତମାନ... ... ସେହିସବୁ କବିଙ୍କ ମନରେ ଯୁଗପତ ସଞ୍ଚରଣଶୀଳ ଏକାଧିକ ଆବେଗ ଓ ମନନର ଆକର୍ଷଣ ବିକର୍ଷଣ ଯେଉଁ ଏକାଧିକ ବୋଧର ଦ୍ୱନ୍ଦ୍ୱ ଓ ସଂଘର୍ଷ ଉପୁଜେ, ତାହା ପ୍ରଚଣ୍ଡ ଆଲୋଡନ ସୃଷ୍ଟି କରିଥାଏ; ସେହି ଆଲୋଡ଼ନ ହୁଏ

ସେମାନଙ୍କ କବିତାର ସର୍ବଧାତ୍ରୀ ପ୍ରେରଣା । ... ... ଅଶାନ୍ତି ଓ ସ୍ୱବିରୋଧତା ହିଁ କବିତାର ଭୂମିକା ।" ଇତ୍ୟାଦି (ଦାସ, ଦାଶରଥି, ୨୦୦୦, ପୃ.୧୩ ଓ ୨୦୦୨, ପୃ. ୧୪୦-୧୪୧) । ତେଣୁ ତାଙ୍କର ବିଶ୍ୱାସ ଯେ ରାଧାନାଥଙ୍କର ବିଭକ୍ତ-ମାନସ ଥିଲା ବା ସେ ଜଣେ ବିଭକ୍ତ-ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଥିଲେ ।

ମୋଟ ଉପରେ ଏକ ସାହିତ୍ୟିକ ଆଦର୍ଶଦ୍ୱାରା ପରିଚାଳିତ ହୋଇ ରାଧାନାଥଙ୍କର ସେହି ସ୍ୱବିରୋଧିତା ବା ବିଭକ୍ତ ମାନସ ଖୋଜି ବାହାର କରିବାପାଇଁ ସେ କେବଳ ପ୍ରଚେଷ୍ଟା କରିନାହାଁନ୍ତି, ସେ ଦିଗରେ ପ୍ରବଣତା ମଧ୍ୟ ଦେଖାଇଛନ୍ତି । ସେ ପ୍ରଚେଷ୍ଟାର ଫଳରେ ରାଧାନାଥ ଏକାଧାରରେ ବ୍ରିଟିଶ-ପ୍ରୀତିସମ୍ପନ୍ନ ଓ ବ୍ରିଟିଶ-ବିରୋଧୀ ଜାତୀୟତାବଦୀ ଥିଲେ ବୋଲି ସେ ଧରିନେଇଛନ୍ତି, କାରଣ ତାଙ୍କ ପ୍ରତିପାଦ୍ୟ ରାଧାନାଥଙ୍କ ବିଭକ୍ତ ମାନସ ବା ବ୍ୟକ୍ତିତ୍ୱର ଏହା ହେବ ଆଉ ଏକ ପ୍ରମାଣ । ତେଣୁ ଦୁର୍ଗାଚରଣ ରାୟଙ୍କ ବକ୍ତବ୍ୟକୁ ସନ୍ଦେହ ଚକ୍ଷୁରେ ଦେଖି ମଧ୍ୟ ରାଧାନାଥ ବ୍ରିଟିଶ-ବିରୋଧୀ ଜାତୀୟତାବାଦୀ ଥିଲେ ବୋଲି ପ୍ରମାଣ କରିବା ପାଇଁ ସେ ସେଇ ବକ୍ତବ୍ୟର ଅଂଶବିଶେଷକୁ ଗ୍ରହଣ କରି ତା ଉପରେ ଆରୋପ କରିଛନ୍ତି ଏହି ଭିତ୍ତିଶୂନ୍ୟ ବ୍ୟାଖ୍ୟା । ପୁଣି ସେଇ ପ୍ରକ୍ରିୟାର ପ୍ରସଙ୍ଗରେ ରାଧାନାଥଙ୍କ ସମ୍ପର୍କିତ ପୂର୍ବେ ସୂଚିତ ଜନଶ୍ରୁତିଟିକୁ-ଅନ୍ତତଃ ତାର ଅଂଶ ବିଶେଷକୁ- ବିଶ୍ୱାସ୍ୟ ତ କରିଛନ୍ତି, ପୁଣି ପ୍ରକାରାନ୍ତରେ ରାଧାନାଥ ସାହିତ୍ୟର ଭ୍ରମାତ୍ମକ ବ୍ୟାଖ୍ୟାକୁ ଗ୍ରହଣ ବି କରିଛନ୍ତି । ଏଠାରେ ସୂଚନା ଦେବା ଉଚିତ ହେବ ଯେ ସାହିତ୍ୟ ସମାଲୋଚନା ପ୍ରସଙ୍ଗରେ I.A.Richards ଓ ତାଙ୍କ ଅନୁଗାମୀ Willaim Empson ଆଦି ସମାଲୋଚକମାନଙ୍କ ପ୍ରବର୍ତ୍ତିତ Practical Criticism ଓ New Criticism ପରି ସାହିତ୍ୟ ସମାଲୋଚନା ତତ୍ତ୍ୱ ଉପରେ ବା ଅନ୍ୟ କଥାରେ କୃତି-କେନ୍ଦ୍ରିକ ସାହିତ୍ୟ ସମାଲୋଚନାରେ ଢେର ଅଧିକେ ଆସ୍ଥାବାନ ଥିବାରୁ ଦାଶରଥି ଦାସ ସାହିତ୍ୟ କୃତି (text)ର ବାହାରକୁ ଯିବାପାଇଁ ଓ ବିଶେଷ ଭାବରେ ସାହିତ୍ୟକୃତିର ପୃଷ୍ଠଭୂମି ତଥା ପରିପାର୍ଶ୍ୱ (context)କୁ ବିଚାରକୁ ନେବା ପାଇଁ, ସେପରି ଆଗ୍ରହୀ ନୁହଁନ୍ତି । ପକ୍ଷାନ୍ତରରେ ସେ ତାଙ୍କ ସାହିତ୍ୟାଦର୍ଶକୁ ଅଗ୍ରାଧିକାର ଓ ଅତ୍ୟନ୍ତ ଗୁରୁତ୍ୱ ଦିଅନ୍ତି । ସେଇଥିପାଇଁ ତ ଏକ ସାକ୍ଷାତକାର ପ୍ରସଙ୍ଗରେ, "ଗେବଷଣା ବିନା ସମାଲୋଚନା ପଙ୍ଗୁ, ଆଉ ସମାଲୋଚନା ବିନା ଗବେଷଣା ଅନ୍ଧ" ବୋଲି ସ୍ୱୀକାର କରିବାର ଠିକ୍

ପର ମୁହୂର୍ତ୍ତରେ ହିଁ ନିଜର ସେଇ ବକ୍ତବ୍ୟକୁ ବିରୋଧ କରି (ଅର୍ଥାତ୍ 'ସ୍ୱବିରୋଧିତା' କରି) କହିଛନ୍ତି, "ଗବେଷଣା ସ୍ୱଳ୍ପାୟୁ । ଗବେଷଣାରେ ବି ଚଳାଖି ଥାଏ । ସ୍ୱୀକୃତ ସତ୍ୟକୁ ମିଥ୍ୟା ପ୍ରମାଣ କରି ନିଜର ମିଥ୍ୟାଟିକୁ ପ୍ରତିଷ୍ଠିତ କରିଦେଲେ ବି ଗବେଷଣା ଦ୍ୱାରା ରାତାରାତି ବି ଯଶୋଲାଭ କରିହୁଏ । ସମାଲୋଚନା କିନ୍ତୁ ସତ୍ୟଶୀଳ ଓ ସୌନ୍ଦର୍ଯ୍ୟପ୍ରିୟ ।" (ଦ୍ର.: ଆଚାର୍ଯ୍ୟ, ସୁଦର୍ଶନ ୧୯୯୬ ପୃ.୧୦୧) । କିନ୍ତୁ ସେ ଏକଦେଶ ଦର୍ଶୀ ହୋଇପଡ଼ିଥିବାରୁ ଅନୁଭବ କରନ୍ତି ନାହିଁ ଯେ ଉଭୟ ଗବେଷଣା ଓ ସମାଲୋଚନା ଦିଗଭ୍ରଷ୍ଟ ହେଲେ ଦୋଷଦୁଷ୍ଟ ହୋଇପାରନ୍ତି ତଥା ସମାଲୋଚନାରେ ମଧ୍ୟ ଚଳାଖି ଥାଇପାରେ ଓ ଉଦ୍ଦେଶ୍ୟମୂଳକ ସମାଲୋଚନା ଦିଗଭ୍ରଷ୍ଟ ହେଲେ ଦୋଷଦୁଷ୍ଟ ହୋଇପାରନ୍ତି ତଥା ସମାଲୋଚନାରେ ମଧ୍ୟ ଚଳାଖି ଥାଇପାରେ ଓ ଉଦ୍ଦେଶ୍ୟମୂଳକ ସମାଲୋଚନା ମାଧ୍ୟମରେ ଏକ ସାହିତ୍ୟ କୃତି ଉପରେ ଏକ ଭିତ୍ତିହୀନ ଅର୍ଥ ବା ବ୍ୟାଖ୍ୟାକୁ ଆରୋପ କରାଯାଇ ତାହାକୁ ପ୍ରକୃତ ଅର୍ଥର ପ୍ରତୀତି ଦିଆଯାଇପାରେ ଏବଂ ତାହାକୁ ଉଚ୍ଚମାନର ବା ନିମ୍ନମାନର ସାହିତ୍ୟ କୃତି ବୋଲି ପ୍ରତିପାଦନ କରିଦିଆଯାଇପାରେ । ଅନ୍ୟ ପକ୍ଷରେ ପ୍ରକୃତ ଗବେଷଣା ସତ୍ୟଶୀଳ ବୋଲି ମଧ୍ୟ ସେ ବୁଝନ୍ତି ନାହିଁ । ସେହିପରି କୃତି-ଭିତ୍ତିକ ସାହିତ୍ୟ ସମାଲୋଚନାରେ ଆସ୍ଥାବାନ ହୋଇଥିବାରୁ ସେ ଅନୁଭବ କରନ୍ତି ନାହିଁ ଯେ ନିର୍ଦ୍ଦିଷ୍ଟ କୃତିର ବୋଲି ପ୍ରତିପାଦନ କରିଦିଆଯାଇପାରେ । ଅନ୍ୟ ପକ୍ଷରେ ପ୍ରକୃତ ଗବେଷଣା ସତ୍ୟଶୀଳ ବୋଲି ମଧ୍ୟ ସେ ବୁଝନ୍ତି ନାହିଁ । ସେହିପରି କୃତି-ଭିତ୍ତିକ ସାହିତ୍ୟ ସମାଲୋଚନାରେ ଆସ୍ଥାବାନ ହୋଇଥିବାରୁ ସେ ଅନୁଭବ କରନ୍ତି ନାହିଁ ଯେ ନିର୍ଦ୍ଦିଷ୍ଟ କୃତିର ପରିପାର୍ଶ୍ୱକୁ ବିଚାରକୁ ନନେଲେ ତାର ଅବୋଧ ସହଜ ତ ହେବ ନାହିଁ, ହୁଏତ ସମ୍ଭବ ମଧ୍ୟ ନ ହୋଇପାରେ । ଏ କାରଣୁ ଫକୀରମୋହନଙ୍କ ଆତ୍ମଜୀବନୀ-କୈନ୍ଦ୍ରିକ ଆଲୋଚନା ପ୍ରସଙ୍ଗରେ କୃତିଟିର ବାହାରକୁ ଯିବାରେ ତାଙ୍କର କୁଣ୍ଠା ହେତୁ ଉଭୟ ଫକୀରମୋହନ ଓ ବୀମ୍‌ସ (John Beams)ଙ୍କର କେବଳ ବିଷୟବସ୍ତୁ ଉପସ୍ଥାପନ କୌଶଳକୁ ବା ପରିବେଷଣ-ଶୈଳୀକୁ (strategy)କୁ ହିଁ ଅତ୍ୟନ୍ତ ଅଧିକ ଗୁରୁତ୍ୱ ପ୍ରଦାନ କରି ସେ ବିନା ଦ୍ୱିଧାରେ ସିଦ୍ଧାନ୍ତ କରିପକାଇ ଥିଲେ ଯେ ବୀମ୍‌ସ ସତ୍ୟଶୀଳ, କିନ୍ତୁ ଫକୀରମୋହନ ମିଥ୍ୟାବାଦୀ । (ଦ୍ର.:ପ୍ରଧାନ, କୃଷ୍ଣଚନ୍ଦ୍ର ଓ ଦାସ ମହାପାତ୍ର, ଲଳାଟେନ୍ଦୁ ୨୦୦୩, ପୃ.୧୨) । କିନ୍ତୁ ଏ ସିଦ୍ଧାନ୍ତ ତ୍ରୁଟିଯୁକ୍ତ ଓ ଆଦୌ ଗ୍ରହଣୀୟ

ନୁହେଁ (ଦ୍ର.:ତତ୍ରୈବ, ପୃ.୨୭୦-୭୭) । ଅନୁରୂପ ଭାବରେ ରାଧାନାଥଙ୍କ ଜାତୀୟତାବାଦର ସ୍ୱରୂପ ଅନୁଶୀଳ ପ୍ରସଙ୍ଗରେ ମଧ୍ୟ ସେ ତାଙ୍କର ସାହିତ୍ୟାଦର୍ଶ ଦ୍ୱାରା ପରିଚାଳିତ ହୋଇ ସାହିତ୍ୟ କୃତିର ବାହାରକୁ ଯିବାର ଆବଶ୍ୟକତା ଅନୁଭବ କରିପାରିନାହାଁନ୍ତି ବୋଲି ମନେହୁଏ । ସେଇ କାରଣୁ ହିଁ ସେ ଠିକଣା ସିଦ୍ଧାନ୍ତରେ ଉପନୀତ ହୋଇପାରି ନାହାନ୍ତି ।

ଅନୁରୂପ ଭାବରେ ତାଙ୍କ ପୂର୍ବରୁ ଯତୀନ୍ଦ୍ର ମୋହନ ମହାନ୍ତି ମଧ୍ୟ ସେଇ କୃତି-କୈନ୍ଦ୍ରିକ ସାହିତ୍ୟ ସମାଲୋଚନାରେ ଆସ୍ଥାବାନ ଥିବାରୁ ସାହିତ୍ୟ କୃତିର ବାହାରକୁ ଯିବାର କୌଣସି ଆବଶ୍ୟକତା ଅନୁଭବ ନ କରି ସେଥିରେ ଉପଯୋଗ ହୋଇଥିବ ଭାବପ୍ରକାଶର ବିଭିନ୍ନ ମାଧ୍ୟମ, ରୀତି ବା ଶୈଳୀ (style) ଓ କୌଣସି (strategy) ଯଥା: ଚିତ୍ରକଳ୍ପ, ପ୍ରତୀକ, ମିଥ୍, ଉପମା, ରୂପକ ଆଦିର ଆବିଷ୍କାରରେ ପ୍ରବୃତ୍ତ ହେବା ତଥା ପ୍ରବଣତା ଦେଖାଇଥିବା ସ୍ୱାଭାବିକ । ତେଣୁ ପୂର୍ବରୁ ପ୍ରଚଳିତ ଥିବା ଜନଶ୍ରୁତିର ପ୍ରଭାବରେ ପୂର୍ବକଳ୍ପିତ ଧାରଣାର ବଶବର୍ତ୍ତୀ ହିଁ ହୋଇ ରାଧାନାଥ 'ରୂପକ-ଧର୍ମୀ' ଅଭିବ୍ୟକ୍ତି ମାଧ୍ୟମରେ "ସମକାଳୀନ ବିଦେଶୀ ଶାସନ ବିରୁଦ୍ଧରେ ତୀବ୍ର ବିରକ୍ତି ଓ ଅସନ୍ତୋଷ" ପ୍ରକାଶ କରିଛନ୍ତି ବୋଲି ଭ୍ରମକ୍ରମେ କିନ୍ତୁ ବିନା ଦ୍ୱିଧାରେ ଧରି ହିଁ ନେଇଥିଲେ (ମହାନ୍ତି, ଯତୀନ୍ଦ୍ର ମୋହ, ୧୯୯୯, ପୃ.୫୦)

ଏ ପର୍ଯ୍ୟନ୍ତ କରାଯାଇଥିବା ଦୀର୍ଘ ଆଲୋଚନାରୁ ଦେଖାଗଲା ସମାଲୋଚକ ଓ ଗବେଷକମାନେ ରାଧାନାଥ ସାହିତ୍ୟର, ବିଶେଷ ଭାବରେ ତାଙ୍କ ଜାତୀୟତାବାଦର, ବିଶ୍ଳେଷଣ ଓ ବ୍ୟାଖ୍ୟା ପ୍ରସଙ୍ଗରେ କିପରି ଏକ ଭିତ୍ତିହୀନ ଜନଶ୍ରୁତିଦ୍ୱାରା ତଥା ନିଜ ନିଜର ବଦ୍ଧମୂଳ ବିଶ୍ୱାସ, ମୂଲ୍ୟବୋଧ ଓ ଆଦର୍ଶଦ୍ୱାରା ପ୍ରଭାବିତ ଓ ଚାଳିତ ହୋଇଛନ୍ତି । ସମାଲୋଚକମାନଙ୍କ ନିଜ ବିଶ୍ୱାସ, ମୂଲ୍ୟବୋଧ ଓ ଆଦର୍ଶକୁ କିପରି ସାହିତ୍ୟ କୃତି ଉପରେ ଆରୋପ କରାଯାଇ ତାହାକୁ ସେହି ଦୃଷ୍ଟିକୋଣରୁ ବ୍ୟାଖ୍ୟା କରାଯାଏ ଏହା ତାହାର ଏକ ଉଦାହରଣ । (ଆଉ ଜନଶ୍ରୁତି, ଯେତେ ଭିତ୍ତିହୀନ ହେଲେ ମଧ୍ୟ, କିପରି ପରିସ୍ଥିତି ଭେଦରେ ସାଂସ୍କୃତିକ ଓ ରାଜନୀତିକ ବା ଧାର୍ମିକ ଭୂମିକା ନିର୍ବାହ କରିଥାଏ ଏହା ତାହାର ମଧ୍ୟ ଏକ ଉଦାହରଣ ।)

କୁହାଯାଇଛି ଯେ ରାଧାନାଥ-ସାହିତ୍ୟର ଅନୁଶୀଳନ ପ୍ରସଙ୍ଗରେ ସମାଲୋଚକ ଓ ଗବେଷକମାନଙ୍କ ମଧ୍ୟରେ ନରେନ୍ଦ୍ରନାଥ ମିଶ୍ର ଏକ ବ୍ୟତିକ୍ରମ । ସେ ରାଧାନାଥ-ସାହିତ୍ୟର ସମାଲୋଚକମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରନ୍ତି । କାରଣ ରାଧାନାଥଙ୍କ ଜାତୀୟତାବାଦର ଆଲୋଚନାରେ ତାଙ୍କ ଆଭିମୁଖ୍ୟ ତାଙ୍କ ନିଜର ବିଶ୍ୱାସ, ମୂଲ୍ୟବୋଧ ଓ ଆଦର୍ଶ ଦ୍ୱାରା ବା କୌଣସି ପୂର୍ବ-କଳ୍ପିତ ଧାରଣା ଦ୍ୱାରା ଆଦୌ ପ୍ରଭାବିତ ମଧ୍ୟ ହୋଇନାହିଁ ତାଙ୍କ ପୂର୍ବବର୍ତ୍ତୀ ଓ ସମସାମୟିକ ସମାଲୋଚକମାନଙ୍କ ମତବାଦ ଦ୍ୱାରା । ଏକ ସ୍ୱଚ୍ଛ ଓ ପ୍ରସାରିତ ଦୃଷ୍ଟିକୋଣ ନେଇ ହିଁ ସେ ବିଷୟଟିର ଅନୁଧ୍ୟାନ କରିଛନ୍ତି ଓ ଠିକଣା ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି (ଦ୍ର. ମିଶ୍ର, ନରେନ୍ଦ୍ରନାଥ, ୧୯୬୦-୬୧ ଓ ୧୯୬୪ ପୃ.୮୫-୧୧୦) । ରାଧାନାଥଙ୍କ ଜାତୀୟତାବାଦରେ ବ୍ରିଟିଶ-ବିରୋଧିତା ନୁହେଁ, ବ୍ରିଟିଶ-ପ୍ରୀତି ଥିବାର ସମ୍ଭାବନାକୁ ସେ ଯେପରି ଆବିଷ୍କାର କରି ପାରିଛନ୍ତି ଓ ବିଶ୍ୱାସଯୋଗ୍ୟ ଭାବରେ ଦେଖାଇଛନ୍ତି, ସେହିପରି ତାଙ୍କ ହିନ୍ଦୁ-ଜାତୀୟତାବାଦୀ ଆଭିମୁଖ୍ୟକୁ ମଧ୍ୟ ସେ ସ୍ପଷ୍ଟ ଭାବରେ ପ୍ରତିପାଦନ କରିପାରିଛନ୍ତି । ଏପରି ଆଲୋଚନା ସମ୍ବଳିତ ତାଙ୍କ ପ୍ରବନ୍ଧ ପ୍ରଥମେ ୧୯୬୧ରେ 'ଡଗର' ପୃଷ୍ଠାରେ ପ୍ରକାଶିତ ହୋଇଥିଲା । ତାପରେ ସେଇ ବକ୍ତବ୍ୟ ବିସ୍ତାରିତ ଭାବରେ ୧୯୬୪ରେ ପ୍ରକାଶିତ ତାଙ୍କ ପୁସ୍ତକ ମଧ୍ୟରେ ସ୍ଥାନ ପାଇଛି । ଅବଶ୍ୟ ସାହିତ୍ୟ କ୍ଷେତ୍ରରେ ରାଧାନାଥଙ୍କ ପ୍ରେରଣାର ଉତ୍ସ କେଉଁଠି ଥିଲା ଓ ତାହା ତାଙ୍କ ଜାତୀୟତାବାଦର ସ୍ୱରୂପକୁ କିପରି ପ୍ରଭାବିତ କରିଥିଲା ତାର କୌଣସି ସୂଚନା ସେ ଦେଇ ନଥିଲେ । ସେହିପରି ରାଧାନାଥ ଜାତୀୟତାବାଦରେ ବ୍ରିଟିଶ-ବିରୋଧୀ ଦୃଷ୍ଟିକୋଣ ଫୁଟି ନଥିଲା ବୋଲି ନିର୍ଦ୍ଦିଷ୍ଟ ଭାବରେ ସେପରି ଜୋର ଦେଇ ମଧ୍ୟ କହି ନ ଥିଲେ କି ସେ ସମ୍ପର୍କରେ ପୂର୍ବରୁ ପ୍ରଚଳିତ ଜନଶ୍ରୁତିଟିର ଅସାରତା ଦେଖାଇ ନଥିଲେ ଓ ତାଙ୍କ ବିସ୍ତାରିତ ଆଲୋଚନା ଦୃଷ୍ଟେ ତାର କୌଣସି ଆବଶ୍ୟକତା ହୁଏତ ସେ ଅନୁଭବ କରି ନଥିଲେ । ତା ସତ୍ତ୍ୱେ ନରେନ୍ଦ୍ରନାଥଙ୍କ ଆଲୋଚନା ଓ ଅଭିମତ ସ୍ୱାତନ୍ତ୍ର, ବୈଶିଷ୍ଟ୍ୟ ଓ ଗୁରୁତ୍ୱକୁ ଅସ୍ୱୀକାର ବା ଉପେକ୍ଷା କରିବା ଆଦୌ ସମ୍ଭବ ନୁହେଁ । କିନ୍ତୁ ବିସ୍ମୟ ଓ ଦୁଃଖର କଥା ଯେ ତାଙ୍କ ପ୍ରବନ୍ଧ, ଓ ପୁସ୍ତକ ପ୍ରକାଶ ପାଇବା ପରେ ମଧ୍ୟ- ପ୍ରାୟ ଅର୍ଦ୍ଧଶତାବ୍ଦୀ ମଧ୍ୟରେ- ଓଡ଼ିଆ

ସମାଲୋଚକ ଓ ଗବେଷକମାନେ ରାଧାନାଥଙ୍କ ଜାତୀୟତାବାଦ ବିଷୟକ ଆଲୋଚନାରେ ନରେନ୍ଦ୍ରନାଥଙ୍କ ଅଭିମତ ଓ ଦୃଷ୍ଟିକୋଣକୁ ଯେତିକି ଗୁରୁତ୍ୱ ଦେବାର କଥା ତା ଦେଇନାହାଁନ୍ତି ଓ ତାହାକୁ ହୁଏତ ଗ୍ରହଣ ଅଥବା ତଥ୍ୟ ଓ ଯୁକ୍ତିର ସହାୟତାରେ ଅଗ୍ରାହ୍ୟ କରିବା ଦୂରେ ଥାଉ, ସେ ସମ୍ପର୍କରେ ଆଦୌ କୌଣସି ସଚେତନା ବା ଆଗ୍ରହ ମଧ୍ୟ ପ୍ରକାଶ କରିନାହାଁନ୍ତି; ଏଣେ କିନ୍ତୁ ପୂର୍ବରୁ ପ୍ରଚଳିତ ଭିତ୍ତିହୀନ ଜନଶ୍ରୁତି ତଥା କେତେ ବଦ୍ଧମୂଳ, କିନ୍ତୁ ଭ୍ରମାତ୍ମକ ଧାରଣା ଓ ବ୍ୟାଖ୍ୟାର ରୋମନ୍ଥନରେ ଦେଖାଇଛନ୍ତି ପ୍ରବଣତା । ତା ମୂଳରେ ରହିଛି ସେମାନଙ୍କର ନିଜ ନିଜର ଆଦର୍ଶ, ବିଶ୍ୱାସ, ମୂଲ୍ୟବୋଧ ଓ ପୂର୍ବକଳ୍ପିତ ସିଦ୍ଧାନ୍ତ ।

ଉପାଦାନ ପଞ୍ଜିକା

(କ)

୧. କବିବର ରାଧାନାଥ ଗ୍ରନ୍ଥାବଳୀ, ୧୯୯୮, ସଂ.ପ୍ରସନ୍ନ କୁମାର ମିଶ୍ର, ଦେବେନ୍ଦ୍ର କୁମାର ଦାଶ (ଗ୍ରନ୍ଥ ମନ୍ଦିର, କଟକ)

୨. ବଙ୍କିମ ରଚନାବଳୀ, ପ୍ରଥମଖଣ୍ଡ : ସମଗ୍ର ଉପନ୍ୟାସ, ୧୩୬୩, (ସାହିତ୍ୟ ସଂସଦ)

୩. ବାସୁଦେବ ଗ୍ରନ୍ଥାବଳୀ, ୨୦୦୩, ସଂ. ଫଣୀନ୍ଦ୍ର ଭୂଷଣ ନନ୍ଦ (ପ୍ରଗତି ଉତ୍କଳ ସଂଘ, ରାଉରକେଲା),

୪. ରବୀନ୍ଦ୍ର ରଚନାବଳୀ, ଚତୁର୍ଥ ଖଣ୍ଡ, ଜନ୍ମଶତବାର୍ଷିକ ସଂସ୍କରଣ, ୧୩୬୮, ପଶ୍ଚିମବଙ୍ଗ ସରକାର

୫. ରଙ୍ଗଲାଲ ରଚନାବଳୀ ୧୩୮୧, ସଂ. ଶାନ୍ତିକୁମାର ଦାଶଗୁପ୍ତ, ହରିବନ୍ଧୁ ମୁଖଟି (ଦତ୍ତଚୌଧୁରୀ ଆଣ୍ଡ ସନ୍ସ, କଲିକତା)

୬. ରାଧାନାଥ ଗ୍ରନ୍ଥାବଳୀ, ୧୯୧୬, ତୃତୀୟ ସଂସ୍କରଣ, କଟକ ଟ୍ରେଡିଂ କମ୍ପାନୀ, କଟକ

୭. ରାଧାନାଥ ଗ୍ରନ୍ଥାବଳୀ, ୧୯୪୮, ଅଷ୍ଟମ ସଂସ୍କରଣ, କଟକ ଟ୍ରେଡିଂ କମ୍ପାନୀ,

୮. Consolidated alphabetical Index to the Proceedings of the Government of Bengal. General Department, Education Branch 1859-1908 (1917).

(ଖ)

- ଆଗ୍ରହ୍ୟ, ପରମାନନ୍ଦ, ୧୯୬୦-୬୧ ବ୍ରିଟିଶ ରାଜତ୍ୱକାଳରେ ନିଷିଦ୍ଧ ହୋଇଥିବା ରାଧାନାଥ ରଚନାବଳୀ । (ଡଗର ୨୪/୬-୭, ରାଧାନାଥ ବିଶେଷାଙ୍କ)
- ଆଗ୍ରହ୍ୟ, ସୁଦର୍ଶନ ଓ ଅନ୍ୟମାନେ ୧୯୯୬ (?), ପ୍ରଫେସର ଦାଶରଥି ଦାସ ଅଭିନନ୍ଦନ ଗ୍ରନ୍ଥ । (ବ୍ରହ୍ମପୁର, ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
- ଦାସ, ଜଗନ୍ନାଥ ପ୍ରସାଦ ୧୯୯୨ 'ଦେଶ କାଳପାତ୍ର' ।
- ଦାସ, ଚିତ୍ତରଞ୍ଜନ ୧୯୮୧, 'ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା' । (ଓଡ଼ିଆ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର)
- ଦାସ, ଦାଶରଥି ୧୯୬୦-୬୧ ମହାଯାତ୍ରା କାବ୍ୟାଲୋଚନାର ଭୂମିକା । (ଡଗର ୨୪/୬-୭)
- ଦାସ, ଦାଶରଥି ୧୯୯୬ ସାହିତ୍ୟ ବିବେକ । (ଅଗ୍ରଦୂତ, କଟକ)
- ଦାସ, ଦାଶରଥି ୨୦୦୦ କବି ରାଧାନାଥ ରାୟ: ଦ୍ୱନ୍ଦ୍ୱ ଓ ମୂଲ୍ୟାୟନ । (ଝଙ୍କାର, ୫୨/୧)
- ଦାସ, ଦାଶରଥି ୨୦୦୨ କବି ରାଧାନାଥ ରାୟ: ଦ୍ୱନ୍ଦ୍ୱ ଓ ମୂଲ୍ୟାୟନ । (ବିଦଗ୍ଧ ମାନସ, ଦାଶରଥି ଦାସ, କଟକ, ମିତା ବୁକ୍ସ)
- ନନ୍ଦ, ଫଣୀନ୍ଦ୍ର ଭୂଷଣ ୨୦୦୫ ରାଧାନାଥଙ୍କ ଏକ ଦୁର୍ଲଭ ପତ୍ର । (ଝଙ୍କାର, ୫୭/୫)
- ପଟ୍ଟନାୟକ, ଦେବୀପ୍ରସନ୍ନ ୧୯୫୭ କବିଲିପି । (ବିଶ୍ୱଭାରତୀ, ଶାନ୍ତିନିକେତନ)
- ପ୍ରଧାନ, କୃଷ୍ଣଚନ୍ଦ୍ର ଓ ଦାସ ମହାପାତ୍ର, ଲଲାଟେନ୍ଦୁ ୨୦୦୩, ଫକୀରମୋହନ ତର୍କବିତର୍କ । (ବିଦ୍ୟାପୁରୀ, କଟକ)

◆ ବନ୍ଦ୍ୟୋପାଧ୍ୟାୟ, ବ୍ରଜେନ୍ଦ୍ରନାଥ, ୧୩୭୨ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ (ସାହିତ୍ୟ ସାଧକ ଚରିତମାଳା ।)

◆ ମହତାବ, ହରେକୃଷ୍ଣ, ୧୯୫୬ ସାହିତ୍ୟିକର ସମସ୍ୟା । (ଝଙ୍କାର ୮/୧)

◆ ମହାନ୍ତି, ଯତୀନ୍ଦ୍ର ମୋହନ ୧୯୯୯ ସୂର୍ଯ୍ୟାସ୍ନାତ ଓଡ଼ିଆ କବିତାର ଆଲୋଚନା । (ସୁବର୍ଣ୍ଣରେଖା, ଭୁବନେଶ୍ୱର)

◆ ମାନସିଂହ, ମାୟାଧର ୧୯୬୭ ଓଡ଼ିଆ ସାହିତ୍ୟର ଇତିହାସ । (ଗ୍ରନ୍ଥମନ୍ଦିର, କଟକ)

◆ ମିଶ୍ର, ନରେନ୍ଦ୍ରନାଥ, ୧୯୬୦-୬୧, ଊନବିଂଶ ଶତକର ରାଜନୈତିକ ଆଦର୍ଶ ଓ ରାଧାନାଥଙ୍କ ଜାତୀୟଭାବ ଚେତନା ।

(ଡଗର, ୨୪/୬-୭, ରାଧାନାଥ ବିଶେଷାଙ୍କ)

◆ ମିଶ୍ର, ନରେନ୍ଦ୍ରନାଥ, ୧୯୬୪ ଆଧୁନିକ ଓଡ଼ିଆ କାବ୍ୟଧାରା (ଆଦିଯୁଗ) । (ବିଶ୍ୱଭାରତୀ, ଶାନ୍ତିନିକେତନ)

◆ ମିଶ୍ର, ରବିଶଙ୍କର, ୧୯୯୦, ରାଧାନାଥଙ୍କ ଚିଲିକା ଓ ଓଡ଼ିଆ ବୁଦ୍ଧିଜୀବୀ । (ଝଙ୍କାର, ୪୨/୬, ଶାରଦୀୟ ସଂଖ୍ୟା)

◆ ରାୟ, ଦୁର୍ଗାଚରଣ ୧୯୯୮ ରାଧାନାଥ ଜୀବନୀ । (ପ୍ରଥମ ପ୍ରକାଶ ୧୯୪୧, ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ)

◆ Bhargava, Rajeev 2000, History, Nation and Community, Reflections on Nationalist Historiography of India and Pakistan. (E.P.W., January 22, 2000)

◆ Bhattachacharya, Sabyasachi, 2003 Vandemataram (Penguin)

◆ Bose, Nemai Sadhan 1976, Indian Awakening and Bengal. (Calcutta, Firma K.L.Mukhopadhyay)

- Chandra, Sudhir 1994, The Oppressive Present, Literature and Social Consciousness in Colonial India. (Oxford)
- Chaudhuri, Rosinka 2005, Hemachandra' Bharat Sangeet (1870) and the Politics of Poetry: A pre-history of Hindu Nationalism in Bengal? (Indian Economic and Social History Review, 42/2)
- Chaudhuri, Rosinka 2008, The Politics of Poetry, (Studies in History, Vol.24, No.1)
- Das, Sisir Kumar 1991, A History of Indian Literature, Vol.VIII (1800-1910), Sahitya Akademi, New Delhi,

  1995, A History of Indian Literature 1911-1956. Sahitya Akademi, New Delhi.
- Dutta, P.K. 1990, War over Music : The Riots of 1926 in Bengal (Social Scientist 18/6-7)
- Kaviraj, Sudipta 1995, Unhappy Consciousness. (OUP)
- Mansinha, Mayadhar 1962, History of Oriya Literature (Sahitya Akademi, New Delhi)
- Mohanty, Gopinath 1983, Radhanath Ray (First Published 1978, Sahitya Akademi, New Delhi)
- Mukherjee, Rudrangshu 2005, Mangal Pandey (Penguin)
- Pandey, Gyanendra (1990-1997, The Construction of Communalism in Clonial North India (Oxford)
- Roy, Anuradha 2003, Nationalism As Poetic Discourse

in Nineteenth Century Bengal (Calcutta, Papyrus)

- Shourie, Arun 1998, Eminent Historians.

[ଏହି ପ୍ରବନ୍ଧର ପ୍ରାଥମିକ ରୂପ ପ୍ରଥମେ ୨୦୦୫ ଏପ୍ରିଲ ମାସରେ ବିଷୁବ (୫୭/୧) ସଂଖ୍ୟା 'ଝଙ୍କାର'ରେ ପ୍ରକାଶ ପାଇଥିଲା । ପରେ ତାହାକୁ ସାମାନ୍ୟ ଭିନ୍ନ ଭାବରେ ଓ ପରିବର୍ଦ୍ଧିତ ଆକାରରେ ୨୦୦୫ରେ କଟକର 'ବିଦ୍ୟାପୁରୀ' ପ୍ରକାଶିତ ମୋ 'ନିର୍ବାଚିତ ପ୍ରବନ୍ଧ ସଙ୍କଳନ' ପୁସ୍ତକରେ ଉପସ୍ଥାପନ କରାଯାଇଥିଲା । ଏବେ ନୂତନ ତଥ୍ୟ ସାହାଯ୍ୟରେ ମୋ ମୂଳ ବକ୍ତବ୍ୟର ଆଂଶିକ ପରିବର୍ତ୍ତନ ତଥା ପ୍ରବନ୍ଧର ଆଂଶିକ ପରିବର୍ତ୍ତନ ଓ ପରିବର୍ଦ୍ଧନ ମଧ୍ୟ କରାଯାଇଛି ।]

୩୨୪-ଶ୍ରୀରାମ ନଗର, ଭୁବନେଶ୍ୱର-୭୫୧୦୦୨

ବିଶ୍ୱଭାରତୀ ଓଡ଼ିଆ ବିଭାଗ : ସ୍ମୃତି ଓ ପ୍ରତୀତି

ଡ. ନରେନ୍ଦ୍ର ନାଥ ମିଶ୍ର

ପ୍ରାଥମିକ ବିଦ୍ୟାଳୟର ସାହିତ୍ୟ ବହିରେ ମଧୁସୂଦନ (ଭକ୍ତକବି)ଙ୍କ ମହର୍ଷି ଦେବେନ୍ଦ୍ରନାଥ ଲେଖାରୁ ଶାନ୍ତିନିକେତନ ଓ ରବୀନ୍ଦ୍ରନାଥଙ୍କ ନାଁ ଜାଣିଥିଲି । ସେକାଳେ ବିଦ୍ୟାଳୟରେ ରବୀନ୍ଦ୍ରନାଥଙ୍କ ଗୋଟିଏ ଗୀତ ଆମକୁ ଶିଖାହେଉଥିଲା । ଗୀତଟି ହେଲା ରାଜଭକ୍ତିର ପ୍ରତୀକ । ଶେଷପଦ :-

ରାତ୍ରି ପ୍ରଭାତିଲା ଉଦିଲା ରବିଛବି ପୂର୍ବ ଉଦୟ-ଗିରି-ଭାଲେ
ଗାହେ ବିହଙ୍ଗମ, ପୁଣ୍ୟ ସମୀରଣ ନବ ଜୀବନ ରସ ଢ଼ାଲେ ।
ତବ କରୁଣାରୁଣ ରାଗେ, ନିଦ୍ରିତ ଭାରତ ଜାଗେ
ତବ ଚରଣେ ନତ ମାଥା
ଜୟ ଜୟ ଜୟହେ ଭାରତ ଭାଗ୍ୟ ବିଧାତା
ଜୟ ହେ, ଜୟ ହେ, ଜୟ ହେ, ଜୟ, ଜୟ, ଜୟ, ଜୟ ହେ ॥

ଏଇ ଗୀତର ପ୍ରଥମାଂଶ 'ଜନଗଣମନ ଅଧିନାୟକ' ପରେ ଜାତୀୟ ସଂଗୀତ ହୋଇଥିଲା । ଚରଖା ଓ ତାକୁଡ଼ିରେ ସୂତା କାଟିବା ସଙ୍ଗେ ଗାନ୍ଧିଜୀଙ୍କ ଅଭୟ ମନ୍ତ୍ର 'ଶରୀର ଶ୍ରମ ଆସ୍ୱାଦ ସର୍ବତ୍ର ଭୟ ବର୍ଜନ' ଆମକୁ ଦୁଃସାହସୀ କରିଥିଲା । ଓଡ଼ିଶାର ନୂଆ ରାଜଧାନୀ ଭୁବନେଶ୍ୱରର ଶୁଭଦେବାକୁ ପ୍ରଧାନମନ୍ତ୍ରୀ ନେହରୁ ୧୯୪୮ ମାର୍ଚ୍ଚରେ କଟକ ଆସିଥାନ୍ତି । ଆଇ.ଏ.ପରୀକ୍ଷା ଶେଷ ହୋଇଥାଏ । ମୁଁ କଟକରେ ପ୍ରଧାନମନ୍ତ୍ରୀ ମହତାବ ଓ ପ୍ରଧାନମନ୍ତ୍ରୀ ନେହରୁଙ୍କ ଉଦ୍‌ବୋଧନ ବାରବାଟୀ ଦୁର୍ଗପ୍ରାଚୀରରୁ ଶୁଣିଲି । ସେଇ ବିରାଟ ଜନସଭା ଶେଷରେ ଭୁବନେଶ୍ୱର ଯାଇ ଓଡ଼ିଶାର ମନ୍ଦିର ଓ ଐତିହାସିକ ଭାସ୍କର୍ଯ ଦେଖିବାକୁ ଠିକ୍ କଲି । ଗୋଟିଏ ସାନ ଟିଣ ଘରେ ଭୁବନେଶ୍ୱର ଷ୍ଟେସନ, ପାଖରେ ଥିଲା କେତୋଟି ବଳଦଗାଡ଼ି । ତୀର୍ଥଯାତ୍ରୀ ଗୋଟିଏ ବଙ୍ଗୀୟ ପରିବାର ସଙ୍ଗେ ବଳଦଗାଡ଼ିରେ ଲିଙ୍ଗରାଜ ମନ୍ଦିର ଗଲି । ସେଠି ଗୋଟିଏ ଧର୍ମଶାଳାର ମାନେଜର ମାରୁଆଡ଼ି । ମୁଁ ହିନ୍ଦୀ ଶିଖିଥିବାରୁ ଖୁବ୍ ଖୁସି ହେଲେ ଓ ନିଜ ପାଖରେ

ରଖାଇଲେ । ଭୁବନେଶ୍ୱର ମନ୍ଦିରର ଇତିହାସ କିଛି ଜାଣିଥିଲି । ଯାତ୍ରୀଙ୍କର ଏକପ୍ରକାର ଗାଇଡ୍ ହୋଇଗଲି । ଅପ୍ରେଲ ମାସରେ ଗୋଟିଏ ବଙ୍ଗୀୟ ପରିବାର ସଙ୍ଗରେ କଲିକତା ଆସିଲି ଅଖିଳ ଭାରତୀୟ ଉଦ୍ୟୋଗ ଶିଳ୍ପ ପ୍ରଦର୍ଶନୀ ଦେଖି । ଏଇ ଭଦ୍ରବ୍ୟକ୍ତିଙ୍କ ନାମ ହାରାଧନ ଦାସ । ୧୩୬ ବି, ବଳରାମ ଦେ ଷ୍ଟ୍ରିଟ, କଲିକତାରେ ତାଙ୍କ ବସାରେ ମୋତେ ଗୋଟିଏ ସପ୍ତାହ ରଖି ଶିଳ୍ପ ପ୍ରଦର୍ଶନୀ ସଙ୍ଗେ ବହୁ ଦର୍ଶନୀୟ ସ୍ଥାନ ଦେଖାଇଥିଲେ । ସେମାନେ ନଦୀୟାର ଅଧିବାସୀ, ଉତ୍କଳୀୟ ବ୍ରାହ୍ମଣଙ୍କୁ ବହୁତ ଶ୍ରଦ୍ଧା କରୁଥିଲେ । ତାଙ୍କ ଘରେ ମୁଁ ବଙ୍ଗଳା ପଢ଼ି ଶିଖିଥିଲି ତାଙ୍କ ସାନପିଲାଙ୍କ ପାଖରୁ । ଦିନେ ଶାନ୍ତିନିକେତନ ଆସିବା କଥା ଥିଲା । ଶେଷରେ ହାରାଧନ ଦା' କହିଲେ ମୁଁ ଆଇ.ଏ. ପାସ କଲାପରେ ତାଙ୍କୁ ଜଣାଇଲେ, ସେ ଶାନ୍ତିନିକେତନରେ ପଢ଼ିବା ବ୍ୟବସ୍ଥା କଥା ବୁଝିବେ । ମୁଁ କିନ୍ତୁ ବାଲେଶ୍ୱର କଲେଜରେ ବି.ଏ. ପଢ଼ିଲି ଓ ଏହାର ଠିକ୍ ଛ'ମାସ ପରେ କଲେଜରୁ ଶିକ୍ଷାମୂଳକ ଭ୍ରମଣରେ କଲିକତା ଶାନ୍ତିନିକେତନ ଆସିଥିଲି । ସେତେବେଳେ ଜାଣିଲି ଶାନ୍ତିନିକେତନର ଓଡ଼ିଆ ଚର୍ଚ୍ଚା କଥା । ଏହାର ନିର୍ଦ୍ଦେଶକ ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ ଆଶ୍ରମ ବୁଲାଇ ଦେଖାଇଲେ । ସକାଳେ ଆମ ଗାଡ଼ି ବୋଲପୁରରେ ପହଞ୍ଚିଲା ଓ ସନ୍ଧ୍ୟାରେ ଛାଡ଼ିଲା । ଆମ ଜିନିଷ ପାଇଁ କେବଳ ବଳଦଗାଡ଼ି ବ୍ୟବସ୍ଥା ହୋଇଥିଲା । ଆମେ ଚାଲିଥିଲୁ । ମୁକ୍ତଦ୍ୱାର ପାନ୍ଥଶାଳାରେ ଆଶ୍ରୟ ନେଲୁ । ସେଠି ବତୁରା ବୁଟ ଗୁଡ଼ ଓ ପିଇବା ପାଣି ରଖି ଜଣେ ତତ୍ତ୍ୱାବଧାରକ ଥାନ୍ତି । କୂଅରୁ ପାଣି କାଢ଼ି ଆମେ ସ୍ନାନ ଆଦି ସାରିଲୁ ଓ ବୁଟଗୁଡ଼ ଖାଇ ଆଶ୍ରମ ବୁଲି ବାହାରିଲୁ । ଅଧ୍ୟାପକ ପ୍ରଧାନଙ୍କ ବ୍ୟବସ୍ଥା କ୍ରମେ ଆମାପାଇଁ ଆଶ୍ରମ ରନ୍ଧନଶାଳାରେ ସ୍ୱତନ୍ତ୍ର ଭାବରେ ମଧ୍ୟାହ୍ନ ଭୋଜନ ରନ୍ଧାଯାଇଥିଲା । ସେତେବେଳେ ଶାନ୍ତିନିକେତନର ସେପରି କିଛି ବିଭବ ନଥିଲା । ମାତ୍ର ବହୁସଂଖ୍ୟକ କ୍ଷୁଦ୍ର ଚାଳଛୁଆଣି କୁଟୀରରେ ଚିରନ୍ତନ ଭାରତ ଆତ୍ମାର ବିଭୂତି ଅମ୍ଳାନ ଥିଲା । ଆଶ୍ରମର ପୂର୍ବଦକ୍ଷିଣ କୋଣରେ ଥିବା ଗୋଟିଏ ସାନ ଚାଳଘରେ ଥାଇ ରବୀନ୍ଦ୍ରନାଥ 'ଗୀତାଞ୍ଜଳି' ଲେଖିଥିଲେ । ମନେ ହୋଇଥିଲା ହିଂସାପ୍ରମତ୍ତ ପୃଥିବୀକୁ ଶାନ୍ତିର ଏକ ନୀଡ଼ରେ ଏକାତ୍ମ କରିବା ପାଇଁ ରବୀନ୍ଦ୍ରନାଥ ଥିଲେ ଏ ଯୁଗର ବୁଦ୍ଧ । ସେ ଯୁଗର କପିଳବସ୍ତୁ ଓ ଲୁମ୍ବିନୀ- ଏ ଯୁଗର ଯୋଡ଼ାଶାଂକୋ ଓ ଶାନ୍ତିନିକେତନ । ସମୟର ବ୍ୟବଧାନ ଥିଲା ବି ଆଦର୍ଶ ଥିଲା ଏକ ମହାମାନବର ଉତ୍ତରଣ । ଶୁଣିଲୁ କଲିକତା ବୋଟାନିକାଲ ଗାର୍ଡ଼ନ ଭଳି ଆଶ୍ରମର ଏତ ବଡ଼ ଉଦ୍ୟାନ ଦେଖାଶୁଣା କରିବାକୁ ସେପରି ବେଶି ଲୋକ ନଥିଲେ ।

ଛାତ୍ରଛାତ୍ରୀମାନେ ସାପ୍ତାହିକ ଛୁଟିଦିନ ବଗିଚାରେ କାମ କରୁଥିଲେ । ସେଥିପାଇଁ ଉଦ୍ୟାନ ସୁନ୍ଦର ପରିଚ୍ଛନ୍ନ ହୋଇ ରହିଥିଲା । କେବେ ଜୀବନରେ ଶାନ୍ତିନିକେତନରେ ପାଦ ଦେବି, ତା ଭାବି ନଥିଲି । ଅନ୍ତେବାସୀ ହେବାର ସ୍ୱପ୍ନ ବି ଦେଖି ନଥିଲି । ତେବେ ଶାନ୍ତିନିକେତନରୁ ଫେରି ଗାଁ ମହାଦେବ ବେଢ଼ାରେ ଗାଁ ପିଲାଙ୍କୁ ଧରି ଫୁଲବଗିଚା କରାଇ ଥିଲି । ବି.ଏ.ଶ୍ରେଣୀରେ ପଢ଼ିବା ବେଳେ 'ବିଶ୍ୱଭାରତୀ କ୍ୱାର୍ଟାର୍ଲି' ପଢୁଥିଲି । ଆମମାନଙ୍କର ପରମ ଶ୍ରଦ୍ଧାଭାଜନ ଅଧ୍ୟାପକ କୁଞ୍ଜବିହାରୀ ଦାଶ ବି.ଏ. ଶେଷବର୍ଷ ଆମକୁ ଛାଡ଼ି ଶାନ୍ତିନିକେତନ ଆସିଲେ । ବିଶ୍ୱଭାରତୀରେ ବିଶ୍ୱ ସାହିତ୍ୟ ପରିଷଦ, ସେଥିରେ ତାଙ୍କର ସଂପାଦକ ହେବାର ଖବର ପଢ଼ି ଛୋଟ ଚିଠିଟିଏ ଲେଖିଥିଲି । ସେତେବେଳକୁ ସମ୍ଭବତଃ ଟେଷ୍ଟ ପରୀକ୍ଷା ଶେଷ ହୋଇ କଲେଜ କ୍ଲାସ ବନ୍ଦ ହୋଇଯାଇଥିଲା । ମୁଁ ଗାଁରେ ଥିଲି । ସାର୍‌ଙ୍କ ସେଇଟି ମୋତେ ଲେଖା ପ୍ରଥମ ଚିଠି । ସେଇ ଚିଠିଟି ଏବେ ବି ପଢ଼ି ମୁଁ ପ୍ରେରଣା ପାଏ । ସେଇ ଚିଠିର କେତୋଟି ପଙ୍‌କ୍ତି ବୋଧହୁଏ ଯେକୌଣସି ଆଦର୍ଶବାଦୀକୁ ଏବେବି ପ୍ରେରଣା ଦେବ ।

ତା:୫-୪-୧୯୫୦

ଶାନ୍ତିନିକେତନ

ସ୍ନେହର ନରେନ୍ଦ୍ର,

ମୋର ଶୁଭେଚ୍ଛା ଓ ଆଶୀର୍ବାଦ ଗ୍ରହଣ କରିବ । ତୁମ ପତ୍ର ଖଣ୍ଡିକ ପଢ଼ି ଆନନ୍ଦିତ ହେଲି । ତୁମେ ଭୁଲିନାହଁ ଜାଣି ବିଶେଷ ଖୁସି । ମୁଁ ତୁମମାନଙ୍କୁ ଭୁଲିନାହିଁ କି ଭୁଲିପାରିବି ନାହିଁ । ଭୁଲିବି ସେତିକିବେଳେ, ଯେତେବେଳେ ତୁମେ ଦେଶର ଜଣେ ବଡ଼ଲୋକ ହେବାକୁ ଚେଷ୍ଟା ନକରି ଜନସମୁଦ୍ର ମଧ୍ୟରେ ବୁଡ଼ି ହଜିଯିବ । ଯେକୌଣସି ଅବସ୍ଥାରେ ବି ମଣିଷ ଚେଷ୍ଟା କରି ନିଜକୁ ଉନ୍ନତ ରଖିପାରେ, ନିଜର ବୈଶିଷ୍ଟ୍ୟ ହେତୁରୁ ଦେଶର ଦୃଷ୍ଟି ଆକର୍ଷଣ କରିପାରେ । ତୁମର ଉଦ୍ୟମ ଅଛି, ଉଚ୍ଚାକାଂକ୍ଷା ଅଛି । ନିଶ୍ଚୟ ବିଶିଷ୍ଟତା ରକ୍ଷାକରିବ ।

..... ତୁମେ କେତେଦିନ ପରେ ସଂସାରେ ପଶିବ, ଚାକିରି କରିବ । ଯାହା କର, ଅସଲ ଲକ୍ଷ୍ୟ- ଧ୍ରୁବତାରାଟିକୁ ଭୁଲିଯିବ ନାହିଁ । ଦେହ ବିନାଶିବା ଆତ୍ମହତ୍ୟା ନୁହେଁ, ଏହାକୁ ହିଁ ଯଥାର୍ଥ ଆତ୍ମହତ୍ୟା କହନ୍ତି । ଆମ ବି.ସା (ବିଶ୍ୱସାହିତ୍ୟ) ପରିଷଦ ଭଲଭାବରେ ଚାଲିଛି । ତୁମେ ଗାଁରେ ରହି କିଛି ଉପକାର କର । ଗାଆଁରେ ଅସଲ ସଂସ୍କୃତି ଅଛି । ତାକୁ ଭଲକରି ବୁଝ । ମୁଁ ସେଇ ସଂସ୍କୃତି ବିଷୟରେ ଆଲୋଚନା

କରୁଅଛି । ତୁମେ ଗାଆଁରୁ କେତେକ ଗାଉଁଲି ଗୀତ ଓ ଅପ୍ରକାଶିତ କାହାଣୀ ସଂଗ୍ରହ କରି ମୋ ଲାଗି ପଠାଅ । ମୋର ଆଉ ସବୁ ଭଲ । ଇତି ।

ଶୁଭାକାଂକ୍ଷୀ ସାର୍

To

Sj. Narendranatha Mishra, B.A. Hons.

Vil. Gilida, P.O.Gopalpur, Dt.Balasore, Orissa

ଏଇ ସମୟରେ ମୋ ମା'ଠାରୁ 'ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି', ଗଳ୍ପଟି ଲେଖି ପଠାଇଥିଲି । କେତେବେଳେ କେମିତି ସୁଖ ଦୁଃଖ ଲେଖି ଚିଠି ବି ଦେଉଥିଲି । କୌଣସି ଚିଠିରେ ଯଦି ସାମାନ୍ୟତମ ନିରୁତ୍ସାହ ଓ ଅଧୈର୍ଯ୍ୟ ଭାବ ଥାଏ, ସାର୍ ଉତ୍ସାହ ଓ ଉପଦେଶପୂର୍ଣ୍ଣ ଚିଠି ଲେଖନ୍ତି । ୧୪-୭-୧୯୫୦ରେ ଶାନ୍ତିନିକେତନରୁ ଲେଖା ଗୋଟିଏ ଚିଠିରେ ଥିଲା- 'ମୋର ହୃଦୟଭରା ଆଶୀର୍ବାଦ ଗ୍ରହଣ କରିବ ... ଜୀବନରେ ପରୀକ୍ଷାକୁ ତୁମେ ଯଦି ବଡ଼ ସ୍ଥାନ ଦେଇଛ, ତାହା ଯଥାର୍ଥରେ ତାର ପ୍ରାପ୍ୟ ନୁହେଁ । ... ତୁମ ଦ୍ୱାରା ଭବିଷ୍ୟତରେ ବଡ଼ବଡ଼ କାର୍ଯ୍ୟ ସାଧିତ ହେବ । ଏ ସାମାନ୍ୟ ବିପଦରେ ଧୈର୍ଯ୍ୟ ହରାଇଲେ ବଡ଼ବଡ଼ କାର୍ଯ୍ୟ ସାଧନ କରିବ କିପରି ? ତୁମର ହୃଦୟ ଉଚ୍ଚ, ମନ ନିର୍ମଳ, ଆକାଂକ୍ଷା ବିରାଟ; ସାଧନା ଓ ଅଧ୍ୟବସାୟ ଅଛି । ତୁମେ ଜଣେ ବଡ଼ଲୋକ ହେବ । ମୁଁ ଏହା ବାଣୀର ଉଚ୍ଛ୍ୱାସରେ କହୁନାହିଁ; ଅନ୍ତରେ ଅନ୍ତରେ ଅନୁଭବ କରୁଛି । ... ଭଗବାନ ତୁମର ଅବଶ୍ୟ ମଙ୍ଗଳ କରିବେ । ତୁମର ଚରିତ୍ର ଦୃଢ଼, ସଂକଳ୍ପ ତୀକ୍ଷ୍ଣ ହେବା ଆବଶ୍ୟକ । ... ଯେଉଁ ମସ୍ତିଷ୍କ ଅଗ୍ରଗାମୀ କମାଣ ମୁହଁରେ ଗତିକରେ ମୁଁ ତାର ସାଥୀ । ଗାଉଁଲୀ ଗୀତ ପଠାଇଦେବ । ପତ୍ରଦେବ । ଇତି ।

ଶୁଭାକାଂକ୍ଷୀ ସାର୍

ମୁଁ ନୂଆ ହୋଇ ଖୋଲିଥିବା ରେଭେନ୍ସାର ଇତିହାସ ଏମ୍.ଏ. ଶ୍ରେଣୀରେ ପଢ଼ିଲି । ତା ସଙ୍ଗେ ବି.ଏଲ୍. ବି ପଢୁଥାଏ । ଶାସନ ବିଭାଗ ଚାକିରି ପାଇଁ ମଧ୍ୟ ଆମେ ତିନି ଚାରିଜଣ ବନ୍ଧୁ ଏକାଠି ବସି ପଢ଼ାପଢ଼ି କରୁଥିଲୁ । ଯେଉଁମାନଙ୍କର ଆର୍ଥିକ ଅବସ୍ଥା ଭଲ ନଥାଏ, ସେମାନେ କୌଣସି ଅଫିସରେ କିରାଣୀ କାମ କରୁଥିଲେ, ବା ଟିଉସନ କରୁଥିଲେ । ବାରିପଦା ସ୍କୁଲ ସାଙ୍ଗ ଓ କଲେଜରେ ମୋର ସହାଧ୍ୟାୟୀ ଅଖିଳଚନ୍ଦ୍ର ପଣ୍ଡା ଅର୍ଥନୀତିରେ ଅନର୍ସ ପାଇ କେବଳ ବି.ଏଲ୍. ପଢୁଥିଲେ । ସ୍କୁଲ ଓ

କଲେଜରେ ବକ୍ତା, ଲେଖକ ଭାବରେ ତାଙ୍କର ସୁନାମ ଥିଲା । ତାଙ୍କର ସାରଙ୍କ (କୁଞ୍ଜବାବୁଙ୍କ) ସଙ୍ଗେ ପରିଚୟ ଥିଲା । ସେ ଦିନେ ଗୋଟିଏ ଦରଖାସ୍ତ ଲେଖିଆଣି ମୋତେ କହିଲେ, ତୁମେ ଶାନ୍ତିନିକେତନର ଗବେଷକ ହୋଇ ଯାଅ । ତାଙ୍କୁ ସାର୍ ଯିବାକୁ ଲେଖିଥିଲେ, ସେ କଟକ ଛାଡ଼ିବାକୁ ରାଜି ନଥିଲେ । କିଛି ନଭାବି ତାଙ୍କ କଥାରେ ଦସ୍ତଖତଟିଏ ମାରିଦେଲି । ଓ.ଏ.ଏସ୍.ପରୀକ୍ଷା ପାଇଁ ଲାଗିଥିଲି । ବିଶ୍ୱଭାରତୀ ଅବିଳମ୍ବେ ଯିବାକୁ ହେବ- ଏମିତି ଧାରଣା ନଥିଲା । ମୁଁ ଗାଁରେ ଥାଇ ତଳ ଚିଠିଟି ପାଇ ବିସ୍ମିତ ଓ କିଂକର୍ତ୍ତବ୍ୟବିମୂଢ଼ ହେଲି ।

Visvà-Bharati
Santiniketan,West Bengal
12-10-1950

ସ୍ନେହର ନରେନ୍ଦ୍ର,

୩ ଖଣ୍ଡ ପତ୍ର କଟକ ଠିକଣାରେ ଦେଲିଣି । କୌଣସି ଉତ୍ତର ମିଳୁନାହିଁ । ତୁମେ ଗବେଷକ ହିସାବରେ ବିଶ୍ୱଭାରତୀରେ ନିଯୁକ୍ତ ହେଲ । ନିଯୁକ୍ତି ପତ୍ର କଟକ ଠିକଣାରେ ଯାଇଛି । ତୁମ କଥା ଅନୁସାରେ ସବୁ କାର୍ଯ୍ୟ ହୋଇଛି । ତେଣୁ, ଯେକୌଣସି ମତେ ଆସି ଶୀଘ୍ର ଯୋଗଦିଅ । ...ଯଦି ନିତାନ୍ତ ଅସୁବିଧା ଥାଏ, ପୂଜାପରେ ନଭେମ୍ବର ୧୫ରେ ଏଠାରେ ଯୋଗଦେବ । ତୁମେ ଯୋଗ ନଦେଲେ ଆମ ଇଜ୍ଜତ ପଦାରେ ପଡ଼ିବ । ଏଠାରେ ରହି ଏମ୍.ଏ. ପରୀକ୍ଷା ଦେବାରେ କୌଣସି ଅସୁବିଧା ନାହିଁ । ଶୀଘ୍ର ଆସ ।   ଇତି ।

ଶୁଭକାଂକ୍ଷୀ
କୁଞ୍ଜବିହାରୀ ଦାଶ

ନିଯୁକ୍ତିପତ୍ର ପାଇବାପରେ ମୁଁ ସାର୍‌ଙ୍କୁ କିଛି ନଜଣାଇ ପାରି ଗାଁକୁ ଚାଲି ଯାଇଥିଲି । ଘରେ କେହି କଟକ ପଢ଼ା ଛାଡ଼ିବା ବିଷୟରେ ରାଜି ହେଲେନାହିଁ । ଉଚ୍ଚଶିକ୍ଷା ତଥା ଗୋଟିଏ ଭଲ ସରକାରୀ ଚାକିରି ବା ଓକିଲାତି ପାଇଁ ମୋର ମଧ୍ୟ ମୋହ ଊଣା ନଥିଲା । ମୋ ପ୍ରତିକ୍ରିୟା ଖୋଲାଖୋଲି ଭାବରେ ସାର୍‌ଙ୍କୁ ଜଣାଇ ଦେଇଥିଲି । ତେବେ ଉପର ଚିଠିଟି ପାଇବା ପରେ ଭବିଷ୍ୟତ ଲାଭ କ୍ଷତିର କୌଣସି ବିଚାର ନକରି ଶାନ୍ତିନିକେତନ ଯିବାକୁ ସଂକଳ୍ପ କଲି- ଆମ ଜାତୀୟ ଇଜ୍ଜତ ପଦାରେ ଯେପରି ନପଡ଼େ । ମୋର ପୂର୍ବ ଚିଠିଟି ପାଇ ସାର ୨୪-୧୦-୧୯୫୦ରେ ଲେଖିଥିଲେ-

ସ୍ନେହର ନରେନ୍ଦ୍ର,

ମୋର ସ୍ନେହାଶିଷ ଗ୍ରହଣ କରିବ । ତୁମ ଚିଠିରୁ ବୁଝିଲି ଯେ ତୁମେ ମହା ସଂଶୟରେ ଘାଣ୍ଟିହେଉଛ । ଜୀବନଟା କଅଣ ମଟର ଗୋଡ଼ି ପରି ପିଚ୍ ରୋଡ଼ରେ ଚାଲିଥିବ ? ସଂଘର୍ଷ, ସଂଗ୍ରାମକୁ ଡରିଲେ ଚଳିବ ନା ? ଏଠି ତ ତୁମ ଉଚ୍ଚଶିକ୍ଷାରେ କୌଣସି ଅସୁବିଧା ବାଧା ପଡ଼ିନାହିଁ । ଘରୋଇ ଭାବରେ ଏମ୍.ଏ. ପରୀକ୍ଷା ଦେଇପାରିବ । ବ୍ୟସ୍ତ କାହିଁକି ? ଗବେଷଣା ଓ ଏମ୍.ଏ. ପଢ଼ା ଉଭୟ ଚାଲିଥିବ । ୨/୩ ବର୍ଷ ରହି ଏଠାରୁ ଗଲେ ଅବଶ୍ୟ ତୁମର ଗୌରବ ବଢ଼ିବ । ତୁମେ କଣ ଚାକିରି ଛଡ଼ା ଅନ୍ୟ କୌଣସି କାମକୁ ଯୋଗ୍ୟ ହେବନାହିଁ ? ଗୋଟିଏ ବହିଦୋକାନ ବା ପ୍ରେସ କରିପାରିବ ନାହିଁ ? ଚାକିରି ନହେବ କାହିଁକି ବୁଝୁନାହିଁ । ଜୀବନରେ ବହୁପନ୍ଥା ଉନ୍ମୁକ୍ତ ଥିଲାବେଳେ ଏତେ ଭୟ କରୁଛ କାହିଁକି ? ତୁମେ ଆସିବା ନ ଆସିବା କଥା ସ୍ଥିର ଭାବରେ ଜଣାଅ । ତୁମର ଆସିବାରେ ଯଦି ଇଚ୍ଛା ନଥାଏ, ତେବେ 'ସମାଜ'ରେ ବିଜ୍ଞାପନ ଦିଆଯିବ । ତୁମେ ସ୍ୱଇଚ୍ଛାରେ ଏଠାକୁ ନ ଆସିଲେ କୌଣସି ଫଳ ନାହିଁ । ତୁମ ଜୀବନ ମାର୍ଗ ସ୍ଥିର କରିବାର ପୂର୍ଣ୍ଣ ସ୍ୱାଧୀନତା ତୁମର ଅଛି । ମୋତେ ଖାଲି କଥା ଦେଇଥିଲ ବୋଲି ମୁଁ ଆଦୌ ବାଧ କରିବି ନାହିଁ । ମୋ ମନ କଥା ତ ଜାଣ । ଭଗବାନ ତୁମର ମଙ୍ଗଳ କରନ୍ତୁ, ଏହାହିଁ ମୋର କାମନା । ତୁମେ ଦୁନିଆଁରେ ଯେଉଁଠି ଥାଅ ଏ କାମନାରୁ ବଞ୍ଚିତ ହେବନାହିଁ । ଆସିବା ନଆସିବା ଶୀଘ୍ର ସ୍ଥିର କରି ଲେଖ । ଗାଉଁଲୀ ଗୀତ ବା ପୋଥି କିଛି ସଂଗ୍ରହ କରି ଆଣିବ, ଯଦି ଆସ ।
ଇତି ।

ଶୁଭାକାଂକ୍ଷୀ ସାର୍

ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନଙ୍କ ପରିବାର ରତନପଲ୍ଲୀରେ ଥିଲେ । ପ୍ରଧାନଙ୍କ ସାନଭାଇ ଦେବେନ୍ଦ୍ର ମୋତେ ଆଣିବାକୁ ବୋଲପୁର ଷ୍ଟେସନକୁ ଯାଇଥିଲେ । ୧୪-୧୧-୧୯୫୦ ଦି'ପ୍ରହର ବେଳେ ରତନପଲ୍ଲୀରେ ତାଙ୍କରି ବସାରେ ଉଠିଲି । ଉପରବେଳା 'ଶାନ୍ତିନିକେତନ ଗୃହ' ଅତିଥିଶାଳାକୁ ଗଲି । ୧୫-୧୧-୧୯୫୦ ସକାଳେ ଅଧ୍ୟକ୍ଷ ଆସି ମୋତେ ଅତିଥିଶାଳାକୁ ସଙ୍ଗରେ ଘେନି ଯାଇ କେନ୍ଦ୍ର ଗ୍ରନ୍ଥାଗାର ଉପରେ ଓଡ଼ିଆ ବିଭାଗ, ବିଦ୍ୟାଭବନ ଗ୍ରନ୍ଥାଗାର ଦେଖାଇ ଦେଲେ । ତାଙ୍କ ସଙ୍ଗରେ ଚୀନାଭବନରେ ଥିବା ଅଫିସକୁ ଗଲି । ବିଦ୍ୟା ଭବନର ଏକମାତ୍ର ଅଫିସ-କର୍ମୀ ଭାରତୀ ଦା' ଗେରୁଆ ପିନ୍ଧା ଜଣେ ସନ୍ନ୍ୟାସୀ ଭଳି, ସସ୍ନେହ ବ୍ୟବହାର । ମୋଠାରୁ

କାର୍ଯ୍ୟରେ ଯୋଗଦେବାର ଚିଠି ଲେଖାଇ ନେଲେ । 'ତିନିସଙ୍ଗୀ'ରେ ଚିତ୍ତବାବୁ ପୂର୍ବରୁ ଯେଉଁଘରେ ରହୁଥିଲେ, ସେଇଠି ରହିଲି । ଜୀବନରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା ।

କାଠରେ ପାର୍ଟିସନ ଦିଆ ସାନ ଘରଟିରେ ଓଡ଼ିଆ ବିଭାଗ-ନିର୍ଦ୍ଦେଶକ ଓ ଗବେଷଣା ସହାୟକଙ୍କ ପାଇଁ ସେଇଘରେ ଦୁଇଟି ଟେବୁଲ ଓ ଗୋଟିଏ ପାଖରେ ଦୁଇଟି ଖୋଲା ବଡ଼ବଡ଼ କାଠଭାଡ଼ିରେ ଓଡ଼ିଆ ବହି, ପୋଥି ଓ ପତ୍ରପତ୍ରିକା ସଜା ହୋଇ ରହିଥିଲା । ତଳମହଲାରେ କେନ୍ଦ୍ରୀୟ ଗ୍ରନ୍ଥାଗାରରେ ଗୋଟିଏ ଥାକର ଏକାଂଶରେ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ସାହିତ୍ୟର ଟିପିକାଲ ସିଲେକ୍ସନ, ଓଡ଼ିଆ ଭାଷାକୋଷ ଓ କିଛି ପୁରାଣ ଗ୍ରନ୍ଥ ଅତି ସୁନ୍ଦର ରୂପେ ଚମଡ଼ାରେ ବନ୍ଧାହୋଇ ରହିଥିଲା ।

ଓଡ଼ିଆ ବିଭାଗରେ ବହି ଓ ପତ୍ରପତ୍ରିକାର ଯତ୍ନ ନେବା ଓ ସାମୟିକ ଖର୍ଚ୍ଚ ହିସାବ ରଖିବା ଥିଲା ମୋର ପ୍ରଧାନ କାମ । ଏଇ ସମୟରେ ଚିତ୍ତବାବୁଙ୍କ ଓଡ଼ିଆ ବହିସବୁ ଛପାହେଉଥିଲା । ସାର୍ ମୋତେ ବହିର ପ୍ରୁଫ୍ ଦେଖା ଶିଖାଇଲେ । ମୋର ସେତେବେଳେ ଲକ୍ଷ୍ୟଥିଲା କଲିକତା ବିଶ୍ୱବିଦ୍ୟାଳୟରୁ ଘରୋଇଛାତ୍ର ଭାବରେ ଇତିହାସରେ ଏମ୍.ଏ. କରିବି । ଏଦିଗରେ ଅଧକ୍ଷ ଡଃ.ବାଗ୍‌ଚୀ ମୋତେ ଖୁବ୍ ଉତ୍ସାହିତ କରୁଥିଲେ । ବିଦ୍ୟାଭବନରେ ତାଙ୍କର ବ୍ୟକ୍ତିଗତ ଗ୍ରନ୍ଥାଗାରରେ ଥିବା ବହି ମଧ୍ୟରେ ଅନେକ ଇତିହାସ ବହି ଥିଲା । ସେସବୁ ମୋତେ ସେ ବ୍ୟବହାର କରିବାକୁ ଛାଡ଼ି ଦେଇଥିଲି । କଲିକତା ଶ୍ରୀ ଗୋପାଳ ମଲ୍ଲିକ ଲେନ୍‌ରେ କଲିକତା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ରାବାସ ଥିଲା । ସାର୍‌ଙ୍କ ଗୁରୁଦେବ ଅଧ୍ୟାପକ ମହେଶ୍ୱର ଦାଶ ଥିଲେ ତତ୍ତ୍ୱାବଧାରକ । ସେଠି ବାଲେଶ୍ୱର କଲେଜର ମୋର ସହପାଠୀ ଜଣେ ଇତିହାସରେ ଏମ୍.ଏ. ପଢୁଥିଲେ । ତାଙ୍କଠାରେ ରହି ମୁଁ ମଝିରେ ମଝିରେ ସେଠାରେ କ୍ଲାସ ନୋଟ୍ ଓ ବହିପତ୍ର ଦେଖୁଥିଲି । ମୁଁ ଶାନ୍ତିନିକେତନ ଆସିବା ପରେ ବହୁ ବନ୍ଧୁ ଓ ଶୁଭେଚ୍ଛୁ ବଧେଇ ଜଣାଇ ଚିଠି ଲେଖିଥିଲେ । ଓଡ଼ିଶା କୋପରେଟିଭ ବିଭାଗରେ ଡେପୁଟି ରେଜିଷ୍ଟ୍ରାର, ସ୍ୱନାମଧନ୍ୟ ସାହିତ୍ୟିକ ଓ ମୋର ମାମୁପୁଅ ଭାଇ ଅନନ୍ତ ପ୍ରସାଦ ପଣ୍ଡାଙ୍କ ଚିଠିରୁ ମୋ ଜୀବନର ଗତିପଥର ନିର୍ଦ୍ଦେଶ ପାଇଥିଲି । ତାଙ୍କ ଦୀର୍ଘପତ୍ରଙ୍କ କିଛି ଅଂଶ :

A.P.Panda, B.A.

Deputy Registrar of Co-operative Societies,

Bhubaneswar, Orissa

Date 29.11.1950

ଶ୍ରୀମାନ୍ ନରେନ୍ଦ୍ର,

ତୋର ୨୪ ତାରିଖ ପତ୍ରଟି ଅପ୍ରତ୍ୟାଶିତ ଭାବରେ ଆଜି ଏଠାରେ ପାଇଲି । ତୁ ଏମ.ଏ. ପାସକରି ଶାନ୍ତିନିକେତନରେ ରିସାର୍ଚ୍ଚ କରୁଥିବାର ଶୁଣି ଏତେ ଦୂର ପ୍ରୀତ ହେଲି ଯେ ତାହା ପ୍ରକାଶ କରିବା ଅସମ୍ଭବ । ...ମୋର ଅତି ଆପଣାର ଲୋକ କୁଞ୍ଜବାବୁଙ୍କ ସାହାଯ୍ୟ ଓ ସାହଚର୍ଯ୍ୟ ପାଇ ତୁ ଉପକୃତ ହେବୁ ନିଶ୍ଚୟ । ସେ ଯେପରି ଉଦାରଚେତା, ସୁସାହିତ୍ୟିକ, ତାଙ୍କର ସ୍ତ୍ରୀ ଶ୍ରୀମତୀ ପ୍ରେମଲତା ମଧ୍ୟ ସେହିପରି ଜଣେ ସୁସାହିତ୍ୟିକ, ଲେଖିକା ମଧ୍ୟ ।

x x x x

ଶାନ୍ତିନିକେତନରେ ରହିବା ଅବସ୍ଥାରେ ସାହିତ୍ୟ ସାଧନା ପାଇଁ ତୁ ନିଶ୍ଚୟ ଯଥେଷ୍ଟ ସୁବିଧା ପାଇପାରିବୁ । ବାସ୍ତବିକ ସାହିତ୍ୟ ହିଁ ନୀରସ ପ୍ରାଣକୁ ସରସ କରିଥାଏ । ଚେଷ୍ଟାକଲେ ଓ ମନଦେଲେ ତୁ ନିଶ୍ଚୟ ଖୁବ୍ ସାହିତ୍ୟ ସାଧନା କରିପାରିବୁ ।

x x x x

ତୁ ଇତିହାସରେ ଏମ.ଏ. ପଢ଼ିବାର ଯୋଗାଡ଼ କରୁଥିବାରୁ ଶୁଣି ସୁଖୀ ହେଲି । କାରଣ ତୁ ଏମ.ଏ.ଟା ପାସ କରିପାରିଲେ ଶାନ୍ତିନିକେତନର ରିସାର୍ଚ୍ଚ ସ୍କଲାର ଭାବରେ ଗୋଟାଏ ପ୍ରଫେସର ହୋଇପାରିବୁ । ତେବେ ଯାଇ ଆଜୀବନ ସାହିତ୍ୟ ଓ ସଂସ୍କୃତିର ସାଧନା ପାଇଁ ଅବସର ଓ ସୁଯୋଗ ପାଇ ପାରିବୁ । ... ତୋର definite chief aim ହେବା ଉଚିତ ଗୋଟିଏ ପ୍ରଫେସର ହେବା ..... Go on. May God bless you and keep you in the path of achieving happiness and success. ଆଜି ଏତିକି । ଇତି ।ং

ତୋର ଶୁଭାକାଂକ୍ଷୀ

ନନା

ସେ ସମୟରେ ବିଶ୍ୱଭାରତୀ କୌଣସି ସରକାରୀ ଅନୁଷ୍ଠାନ ନଥିଲା । ଏହା ଥିଲା ଏକ ସ୍ୱାଧୀନ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ-ମୁଖ୍ୟତଃ କଳା, ସଂଗୀତ,

ପଲ୍ଲୀଉନ୍ନୟନ, କୃଷି ଓ ଉଦ୍ୟାନ ବିଦ୍ୟା, ହସ୍ତଶିଳ୍ପ ଆଦି ମଧ୍ୟରେ ଏହାର କାର୍ଯ୍ୟ ସୀମାବଦ୍ଧ ଥିଲା । ରବୀନ୍ଦ୍ରନାଥ ତଥା ତାଙ୍କର ସହକର୍ମୀ ଶିକ୍ଷକମାନେ ଲେଖିଥିବା ବହିରୁ ଆୟ, କୁଟୀର ଶିଳ୍ପଜାତ ଦ୍ରବ୍ୟରୁ ହେଉଥିବା ଆୟରେ ବିଶ୍ୱଭାରତୀ ଚଳାଇବା କଷ୍ଟସାଧ୍ୟ ଥିଲା । ରବୀନ୍ଦ୍ରନାଥଙ୍କ ସମୟରେ ଅନେକ ଦାନ ଆସୁଥିଲା । ଏଇ ପରିସ୍ଥିତି ଉପରେ ବହୁଟଙ୍କା ଋଣ କରିବାକୁ କର୍ତ୍ତୃପକ୍ଷ ବାଧ୍ୟହୋଇଥିଲେ । ତେଣୁ ବିଶ୍ୱଭାରତୀର ପରିଚାଳନା କେନ୍ଦ୍ର ସରକାରଙ୍କୁ ଦେବା କଥା ଚାଲିଥିଲା । ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କାଲାମ ଆଜାଦ୍, ତାଙ୍କ ସଚିବ ହୁମାୟୁନ କବୀର ଦିନେ ବିଦ୍ୟାଭବନ ବିଭାଗ ସବୁ ଦେଖି ଆସିଥିଲେ । ଓଡ଼ିଆ ତାଳପତ୍ର ପୋଥି ଦେଖି ଖୁବ୍ କୌତୁହଳ ପ୍ରକାଶ କରିଥିଲେ । ଆଉ ଥରେ ନେହରୁ ଓ ଶେଖ ଅବଦୁଲ୍ଲା ଆସିଥିଲେ । ବିଦ୍ୟାଭବନ ସମ୍ମୁଖ ବାରଣ୍ଡାରେ ଠିଆହୋଇ ଆମେ ସବୁ କରମର୍ଦ୍ଦନ କରିଥିଲୁ ।

ଶାନ୍ତିନିକେତନରୁ ସାର୍‌ଙ୍କ ସଙ୍ଗରେ ପ୍ରବାସୀ ଉତ୍କଳ ଛାତ୍ର ସମ୍ମିଳନୀରେ ଯୋଗ ଦେବାକୁ ଯାଇ କଲିକତାରେ ନୀଳକଣ୍ଠ, ମାୟାଧର ମାନସିଂହ, ଅନ୍ନଦାଶଙ୍କର ରାୟ ଓ କଲିକତା ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକଙ୍କ ବକ୍ତୃତା ଶୁଣିଥିଲି । ମୋର ବାରିପଦା ଉଚ୍ଚଇଂରାଜୀ ବିଦ୍ୟାଳୟର ସହପାଠୀ ଲକ୍ଷ୍ମଣ ମହାପାତ୍ର (ନୃତତ୍ତ୍ୱ ବିଭାଗର ଛାତ୍ର) ଏଇ ସମ୍ମିଳନୀର ଅନ୍ୟତମ ଉଦ୍ୟୋକ୍ତା ଥିଲେ ।

୧୯୫୧ରେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହେଲା । ସଂସ୍କୃତ, ବଙ୍ଗଳା, ହିନ୍ଦୀ, ଓଡ଼ିଆ, ଇଣ୍ଡୋଲଜି ଆଦିରେ ଏମ୍.ଏ. ଶ୍ରେଣୀ ଖୋଲିଲା । ଗବେଷଣାକର୍ମୀ ଓ ଶିକ୍ଷକମାନଙ୍କୁ ଉଚ୍ଚ ଅଧ୍ୟୟନ ପାଇଁ ସୁଯୋଗ ଦିଆଗଲା । ମୁଁ ଓଡ଼ିଆରେ ଏମ.ଏ. ପଢ଼ିବା ପାଇଁ ସୁଯୋଗ ପାଇଲି । ଇତିହାସ ନପଢ଼ି ଓଡ଼ିଆ ପଢ଼ିବା ଫଳରେ ଓଡ଼ିଆରେ କିଛି ମୌଳିକ ରଚନା ଓ ଆଲୋଚନା ଲେଖିବା ସମ୍ଭବ ହେଲା । ସାପ୍ତାହିକ ପାଠଚକ୍ରରେ ଯେଉଁ ପ୍ରବନ୍ଧ ସବୁ ପଢୁଥିଲି ତାହା ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା । କବିତା, ଗଳ୍ପ, ଭ୍ରମଣାଲେଖ୍ୟ ରଚନାରେ ହାତଦେଇ କିଛି ସାଫଲ୍ୟ ଲାଭ କରିଥିଲି । ତେବେ ଇଂରେଜୀରେ ଓଡ଼ିଆ କବିତା ଅନୁବାଦ ମଧ୍ୟ ପ୍ରକାଶ ପାଇଁ ଚେଷ୍ଟା କରୁଥିଲି । ଇଂରେଜୀ ଆଲୋଚନାତ୍ମକ ପ୍ରବନ୍ଧ ଲେଖି ସାମାନ୍ୟ ଅର୍ଥଲାଭ ହେଉଥିଲା ।

ଓଡ଼ିଆ ବିଭାଗର ପ୍ରାଥମିକ ଇତିହାସ ସଂଗ୍ରହ ପାଇଁ ସାର୍‌ଙ୍କ ନିର୍ଦ୍ଦେଶରେ ବାଲେଶ୍ୱର କଲେଜର ଅଧ୍ୟକ୍ଷ ପ୍ରହ୍ଲାଦ ପ୍ରଧାନଙ୍କୁ ଚିଠି ଲେଖିଥିଲି । ତାଙ୍କର ଚିଠିରୁ

ତାଙ୍କର ମନରେ ଶାନ୍ତିନିକେତନ ଛାଡ଼ି ଓଡ଼ିଶା ଫେରିବାରେ ଯେ କିଛି କ୍ଷୋଭ ଥିଲା ତାହା ଜଣାଯାଏ ।

ବାଲେଶ୍ୱର
୬-୨-୧୯୫୨

ପ୍ରିୟ ନରେନ୍ଦ୍ର ମିଶ୍ରେ

ପ୍ରଣାମ ।

"ମୁଁ ତୁମର ଚିଠି ପାଇଲି । ଓଡ଼ିଆ ସାହିତ୍ୟ ପରିଷଦର ଯେଉଁ ଇତିହାସ ସଂଗ୍ରହର ପ୍ରସ୍ତାବ ଅଛି, ଏହା ଗୋଟିଏ ମହତ୍ ଉଦ୍ଦେଶ୍ୟ । କିନ୍ତୁ ମୋର ସ୍ମୃତିକଥା ଏକାନ୍ତ ନିଷ୍ପ୍ରୟୋଜନ । ମୋର ସମୟତକ ବାଦ ଦେଲେ ମଧ୍ୟ ଇତିହାସର କୌଣସି ତ୍ରୁଟି ଘଟିବ ନାହିଁ । ଧରି ନିଆଯାଉ ଯେ- ସେଇ ବିଭାଗଟି ମୋ ପରେ ଗଢ଼ିଉଠିଲା । ମୁଁ କେବେ ଆପତ୍ତି କରିବି ନାହିଁ । ମୁଁ ସେ ସବୁ ଭୁଲିଯାଇଛି । ମୋତେ ସଂପୂର୍ଣ୍ଣ ବିଚ୍ଛିନ୍ନ କରିଦିଆଯାଇଛି ମଧ୍ୟ । ଅନେକଙ୍କର ଧାରଣା, ମୋର କୌଣସି ଦାନ ନାହିଁ; ମୋ ବେଳେ କିଛି କାମ ହୋଇନାହିଁ ଏବଂ ମୁଁ ଓଡ଼ିଆ ଜାଣେନାହିଁ । ମୋର 'ସ୍ମୃତିକଥା' ଅନ୍ତର୍ଭୁକ୍ତ କଲେ ଅନେକ ସ୍ୱର୍ଗତଃ ଓ ଭୂଗତ ଆତ୍ମାର କଷ୍ଟ ହେବ । ଏଣୁ ଏହି କାମରୁ ମୁଁ କ୍ଷାନ୍ତ ରହିଲି ।"

ପ୍ରହ୍ଲାଦ ସାର୍ ଚୀନରୁ ଶାନ୍ତିନିକେତନ ଫେରିବା ବେଳେ ଆମେମାନେ ତାଙ୍କୁ ସମ୍ବର୍ଦ୍ଧନା କରିଥିଲୁ । ସେ ଚୀନରେ ଥିବା ସମୟରେ ଚୀନରେ କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠା ହେଲା। ତାଙ୍କର ଅନୁଭୂତି ବର୍ଣ୍ଣନା କରି ସେ ଯେଉଁ ଭାଷଣ ଦେଇଥିଲେ, ତାର ବିସ୍ତୃତ ବିବରଣୀ ମୁଁ ସମାଜକୁ ପଠାଇଥିଲି । ତାହା ପ୍ରଥମ ପୃଷ୍ଠାରେ ପ୍ରଧାନ ସମ୍ବାଦ ହୋଇ ପ୍ରକାଶ ପାଇଥିଲା । ଚୀନରୁ ଫେରି ଅଧ୍ୟାପକ ପ୍ରଧାନ ରେଭେନ୍ସାରେ ଯୋଗ ଦେଲେ । ମାତ୍ର ତାଙ୍କ ପରିବାର ଶାନ୍ତିନିକେତନରେ ଥିଲେ । ପିଲାମାନଙ୍କର ପଢ଼ା ଶେଷ ହେବା ପରେ ସେମାନେ ଓଡ଼ିଶା ଫେରିଥିଲେ । ସାର୍ ଶାନ୍ତିନିକେତନ ଆସିଲେ ଆମ ପାଠଚକ୍ର ଓ ପିକ୍‌ନିକ୍ ଆଦିରେ ଯୋଗ ଦେଉଥିଲେ । ତାଙ୍କର ସରସ ବ୍ୟକ୍ତିତ୍ୱ, ସ୍ନେହଶୀଳ ହୃଦୟ ଆମକୁ କିଣି ନେଉଥିଲା । ଶାନ୍ତିନିକେତନରେ ଯେପରି, ଓଡ଼ିଶା ଫେରିବା ପରେ ବି ସେଇପରି ତାଙ୍କର ସ୍ନେହ ଓ ତାଙ୍କ ପରିବାରରେ ପ୍ରବେଶ ମୋ ପାଇଁ ଅବାରିତ ଥିଲା । ଶେଷ ବୟସରେ ସେ ଥରେ ଶାନ୍ତିନିକେତନ ଆସିଥିଲାବେଳେ ତାଙ୍କର ସ୍ମୃତିକଥା ଟେପ କରାଯାଇଥିଲା । ଓଡ଼ିଶା ସାଂସ୍କୃତିକ ସମାଜ,

ସମ୍ବଲପୁର ପ୍ରକାଶିତ 'ଉପେକ୍ଷିତ ବରପୁତ୍ର' ସଂକଳନରେ ମୁଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲି ।

ଓଡ଼ିଆ ଏମ.ଏ.ରେ ଓଡ଼ିଆ ସାହିତ୍ୟ ପାଇଁ ମାତ୍ର ଦୁଇଟି ପତ୍ର ଥିଲା । ଗୋଟିଏ ପ୍ରାଚୀନ ଓ ଅନ୍ୟଟି ଆଧୁନିକ । ଭାଷାତତ୍ତ୍ୱ ଓ ପାଲି-ପ୍ରାକୃତ ଦୁଇଟି ପତ୍ର ଓ ଅନ୍ୟଟି ଭାରତୀୟ ଭାଷା ଓ ସାହିତ୍ୟ ଗୋଟିଏ ପତ୍ର । ମୁଁ ହିନ୍ଦି ଓ ମୋର ସହାଧ୍ୟାୟୀ ଦୁର୍ଗାଚରଣ ପରିଡ଼ା ଓ ନରେନ୍ଦ୍ର ମୋହନ ବେହେରା ବଙ୍ଗଳା ନେଇଥିଲେ । ତିନିଶହ ନମ୍ବର ଥେସିସ୍ ପାଇଁ ଥିଲା । ମୋର 'ବଳରାମ ଦାସ ଓଡ଼ିଆ ରାମାୟଣ'- ଏଇ ପାଠ୍ୟକ୍ରମରେ ଲେଖାହୋଇଥିଲା । ଏହାର ପରୀକ୍ଷକ ପଣ୍ଡିତ ନୀଳକଣ୍ଠଙ୍କ ସୁପାରିଶ କ୍ରମେ ବିଶ୍ୱଭାରତୀ ଗବେଷଣା ଗ୍ରନ୍ଥ ରୂପେ ପ୍ରକାଶିତ ହୋଇଥିଲା । ପଣ୍ଡିତ ନୀଳକଣ୍ଠଙ୍କ ମୁଖବନ୍ଧ ଏହାର ମହତ୍ତ୍ୱ ବଢ଼ାଇ ଦେଇଥିଲା ।

ପିଏଚ୍.ଡି. ପାଇଁ ମୁଁ ଆଧୁନିକ ଓଡ଼ିଆ କାବ୍ୟଧାରା ବାଛିଥିଲି । ଆଧୁନିକ କବିତା ଉପରେ କାମ କରୁଥିବା ବେଳେ ଇଂରେଜୀରେ ବି ଓଡ଼ିଆ କବି ଓ କବିତା ଉପରେ ପ୍ରବନ୍ଧ ଲେଖୁଥିଲି; ଓଡ଼ିଆ କବିତାର ଅନୁବାଦ କରୁଥିଲି । ଗଙ୍ଗାଧର ଶତବାର୍ଷିକୀ ସମୟରେ କେନ୍ଦ୍ର ସାହିତ୍ୟ ଏକାଡେମି ପତ୍ରିକାରେ ଗଙ୍ଗାଧରଙ୍କ କବିତାର ଅନୁବାଦ ଓ ଏକ ଆଲୋଚନା ପ୍ରକାଶ ପାଇଥିଲା । ଗଙ୍ଗାଧରଙ୍କ ଅନୁରାଗୀ କେଶବଚନ୍ଦ୍ର ମେହେର ମୋତେ ଚିଠି ଲେଖିଥିଲେ-

ସମ୍ବଲପୁର
୧୭-୬-୧୯୫୬

ପ୍ରିୟ ନରେନ୍ଦ୍ର ବାବୁ

ମୋର ନମସ୍କାର ଗ୍ରହଣ କରିବେ ।

P.E.N.ପତ୍ରିକାରେ ୧୯୫୬ ଫେବୃଆରୀ ସଂଖ୍ୟାରେ ଆପଣଙ୍କ ପ୍ରଚେଷ୍ଟାରେ କେତୋଟି ଓଡ଼ିଆ କବିତା ଅନୂଦିତ ହୋଇ ପ୍ରକାଶିତ ପାଇବାର ଦେଖିଲି । 'ଅର୍ଘ୍ୟଥାଳି'ର 'ଖଦ୍ୟୋତର ଖେଦ'କୁ ଆପଣ ଅନୁବାଦ କରିଛନ୍ତି ଓ ତାହା ଆଶତୀତ ଭାବରେ ଭଲ ହୋଇଛି । ଗଙ୍ଗାଧରଙ୍କର ଆଉରି କେତୋଟି ମୂଲ୍ୟବାନ କବିତାର ଏ ରୂପ ଅନୁବାଦ ହୋଇପାରିଲେ ଜାତିର ଗୋଟିଏ ବଡ଼ କାମ ହୁଅନ୍ତା । ପ୍ରତିପତ୍ର ଦେଇ ଆନନ୍ଦିତ କରାଇବା ହେବେ ।

ଆପଣଙ୍କର
କେ. ମେହେର

ଗବେଷଣା କର୍ମୀ ଭାବରେ ମୁଁ ଏମ.ଏ. ପାସ କରିବା ପରେ ମୋ ବୃତ୍ତି ଟ.୧୦୦/- ହୋଇଥିଲା । ମୁଁ ମୋ ସ୍ତ୍ରୀଙ୍କୁ ଘେନି ଗୋଟିଏ ଘରଘର ଭଡ଼ାନେଇ ରହିଲି । ସେଠି ବିଜୁଳି ଆଲୁଅ ନଥିଲା । ତେଣୁ ନବ ନିର୍ମିତ ଛାତ୍ରାବାସରେ ପାଇଥିବା ଦୁଇଟି କୋଠରି ଛାଡ଼ି ନଥିଲି। ଗୋଟଏ ଘରେ ମୋ ବହିପତ୍ର ରଖି ଅନ୍ୟଘରେ ପଢ଼ାପଢ଼ି କରୁଥିଲି । ସେ ସମୟରେ ବନ୍ଧୁମାନେ ଆସିଲେ ସେଠାରେ ସେମାନଙ୍କୁ ରଖାଉଥିଲି ।

ସାର୍‌ଙ୍କ ସଙ୍ଗରେ ଲୋକସାହିତ୍ୟ ସଂଗ୍ରହ କାର୍ଯ୍ୟରେ ଓଡ଼ିଶାର ବହୁସ୍ଥାନ ବୁଲି ଦୁର୍ଲଭ ଅନୁଭୂତି ଲାଭ କରିଥିଲି । ମେଘାସନ, ଗନ୍ଧମାର୍ଦ୍ଦନ, ଖଣ୍ଡାଧାର ଆଦିର ଅବିସ୍ମରଣୀୟ ପ୍ରାକୃତିକ ଦୃଶ୍ୟ ଦେଖିଥିଲି । ଦୀର୍ଘ ପନ୍ଦର ଦିନ କାଶ୍ମିର ଭ୍ରମଣରେ ଯାଇ ପ୍ରଥମେ ଉଡ଼ାଜାହାଜ ଚଢ଼ିଥିଲି ।

କଟକରେ 'ନବଭାରତ' ପ୍ରେସରେ ପଣ୍ଡିତ ନୀଳକଣ୍ଠଙ୍କ ସଙ୍ଗରେ ପ୍ରାୟ ଗୋଟିଏ ମାସ ରହିଥିଲି, ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଓ ନୀଳକଣ୍ଠଙ୍କ ସୁବୃହତ୍ ଓ ସୁନିର୍ବାଚିତ ବ୍ୟକ୍ତିଗତ ଗ୍ରନ୍ଥାଗାରରେ ଅତି ଦୁର୍ଲଭ ପୁସ୍ତକ ସବୁ ପାଠ କରିବାର ସୁଯୋଗ ପାଇଥିଲି । ଏହି ସମୟରେ କବି ରାଧାମୋହନ ଗଡ଼ନାୟକ ଓ ଦେବେନ୍ଦ୍ର ଶତପଥୀଙ୍କ ସଙ୍ଗରେ ଦଳେଇ ଘାଇ ବନ୍ୟା ଦେଖିବା ପାଇଁ ସାଇକେଲରେ କଟକରୁ ଦଳେଇ ଘାଇ ପର୍ଯ୍ୟନ୍ତ ଯାଇଥିଲି । ବନ୍ୟାର ଏଭଳି କରାଳ ଦୃଶ୍ୟ, ବନ୍ୟାପୀଡ଼ିତଙ୍କର ମର୍ମାନ୍ତିକ ଦୁଃଖ ଦୁର୍ଦ୍ଦଶା ଜୀବନରେ ଆଉ କେବେ ଦେଖିନାହିଁ ।

ବିଶ୍ୱଭାରତୀରେ ଓଡ଼ିଆ ଏମ.ଏ. କ୍ଲାସ ଖୋଲିବାପରେ ଶ୍ରୀ ଚିନ୍ତାମଣି ବେହେରା ଭଦ୍ରକ କଲେଜ ଛାଡ଼ି ଦ୍ୱିତୀୟ ଅଧ୍ୟାପକ ହୋଇ ଆସିଲେ । ମାତ୍ର କିଛିଦିନ ପରେ ବିଶ୍ୱଭାରତୀ ଛାଡ଼ି ଓଡ଼ିଶା ଶିକ୍ଷାବିଭାଗରେ ଅଧ୍ୟାପକ ହେଲେ । ତାଙ୍କ ସ୍ଥାନରେ ଦେବୀପ୍ରସନ୍ନ ପଟ୍ଟନାୟକ ଅସ୍ଥାୟୀ ଅଧ୍ୟାପକ ଭାବରେ ଆସିଲେ । ସେ ମଧ୍ୟ ସରକାରୀ ଚାକିରି ପାଇ ଚାଲିଗଲେ । ମୁଁ ଗବେଷଣା କର୍ମୀ ଥିଲେ ବି ଅଧ୍ୟାପନା କରୁଥିଲି । ବିଶେଷତଃ ଛାତ୍ରମାନଙ୍କ ଚର୍ଚ୍ଚା ନିବନ୍ଧ କାର୍ଯ୍ୟରେ ବହୁତ ସମୟ ବିତୁଥିଲା । ପିଏଚ.ଡ଼ି. ପାଇଁ ଦୁଇବର୍ଷ ଆବାସିକ ଭାବରେ ରହିବା ବାଧ୍ୟତାମୂଳକ ଥିଲା । ତେଣୁ ମୋତେ ଏଠି ରହିବାକୁ ହେଉଥିଲା । ଖୁବ୍ ସମ୍ଭବ ୧୯୫୭ରେ ଦେବୀବାବୁ ସରକାରୀ ଚାକିରି ଛାଡ଼ି ବିଶ୍ୱଭାରତୀରେ ସ୍ଥାୟୀ ଭାବରେ ଯୋଗଦେଲେ । ମୁଁ କେନ୍ଦୁଝର ବିଜ୍ଞାନ କଲେଜର ଅଧ୍ୟାପକ ହେଲି । ଶ୍ରୀ ଅସିତ କବି ଗବେଷକ ହୋଇ ଆସିଲେ ।

ଦେବୀବାବୁ ଏଠାରୁ ଆମେରିକ ଗବେଷଣା ପାଇଁ ଗଲେ । କେନ୍ଦୁଝରରେ ଗୋଟିଏ ବର୍ଷ ରହିବାପରେ ବିଶ୍ୱଭାରତୀରେ ଅସ୍ଥାୟୀ ଅଧ୍ୟାପକ ନିଯୁକ୍ତି ପାଇଥିଲି । ମାତ୍ର ସେଠି ଦୁଇବର୍ଷ ପାଇଁ ରହିବାକୁ ରାଜି ହୋଇ ମୁଁ ଯୋଗ ଦେଇଥିଲି । ନୂଆ କଲେଜରେ ଯେପରି ଅବ୍ୟବସ୍ଥା ନହୁଏ କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟିଦେଇ ଏପରି ପ୍ରତିଶ୍ରୁତି ଆଦାୟ କରିଥିଲେ । କେନ୍ଦୁଝରରେ ଏକବର୍ଷ ଏଗାର ମାସ ଥିଲି । କେନ୍ଦୁଝରରେ ଛୋଟରାୟ ସାହେବଙ୍କର ଏକ ବୃହତ୍ ଗ୍ରନ୍ଥଗାର ଥିଲା । ମୁଁ କଲେଜ ଗ୍ରନ୍ଥାଗାର ଦାୟିତ୍ୱରେ ଥିଲି । ବହିକିଣାରେ କୋଡ଼ିଏ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟୟର ବ୍ୟବସ୍ଥା ଥିଲା । ସେଠାରେ ଓଡ଼ିଆ ଟାଇପରାଇଟର ଅଳ୍ପ ମୂଲ୍ୟରେ କିଣିବାକୁ ମିଳିଲା । କଲେଜ ଲାଇବ୍ରେରୀରେ ବସି ଲେଖାଲେଖି କରିବାକୁ ବହୁ ସମୟ ମିଳୁଥିଲା । ମୋ ଥେସିସ୍ ପାଇଁ ଶାନ୍ତିନିକେତନରେ ଥିବାବେଳେ ପଢ଼ାପଢ଼ି କରି ଯାହା ନୋଟ କରିଥିଲି, କେନ୍ଦୁଝରରେ ହିଁ ଥେସିସ୍‌ର ପ୍ରଥମ କପି ପ୍ରସ୍ତୁତ କରିଥିଲି । ୧୯୫୯ ଜୁଲାଇରେ ମୁଁ ଫକୀରମୋହନ କଲେଜରେ ସ୍ଥାୟୀ ସରକାରୀ ଚାକିରିରେ ନିଯୁକ୍ତ ହେଲି । ଇତିମଧ୍ୟରେ ବିଶ୍ୱଭାରତୀରେ ସାର୍ ତୃତୀୟ ଅଧ୍ୟାପକ ପଦ ସୃଷ୍ଟି କରାଇଥିଲେ । ମୁଁ ଥରେ ନିଯୁକ୍ତି ପାଇ ଏଠି ଯୋଗ ଦେଇ ନଥିବାରୁ ମୁଁ ପ୍ରାର୍ଥୀ ଥିଲେ ବି ମୋତେ ସାକ୍ଷାତକାର ପାଇଁ ଡକାହୋଇ ନଥିଲା । ସେଥିରେ ମାତ୍ର ଦୁଇଜଣ ପ୍ରାର୍ଥୀଙ୍କୁ ଡକାଯାଇଥିଲା ଓ କାହାରିକୁ ବଛାଯାଇନଥିଲା । ବାଲେଶ୍ୱରରେ ଥାଇ ମୁଁ ପିଏଚ.ଡି. ଥେସିସ୍ ଦେଇ ସାରିଥିଲି । ଦ୍ୱିତୀୟଥର ନିର୍ବାଚନରେ ୭-୮ ଜଣ ପ୍ରାର୍ଥୀଙ୍କୁ ଡକାଯାଇଥିଲା । ମୁଁ ଚାରିଟି ଇନ୍‌କ୍ରିମେଣ୍ଟ ପାଇ ନିର୍ବାଚିତ ହୋଇଥିଲି । ୧୯୬୦ ଏପ୍ରିଲ ଦୁଇ ତାରିଖରେ ଓଡ଼ିଶାର ସରକାରୀ ଚାକିରି ଛାଡ଼ି ବିଶ୍ୱଭାରତୀରେ ଅଧ୍ୟାପକ ଭାବରେ ଯୋଗଦେଲି ।

ଯାହାଙ୍କ ବ୍ୟକ୍ତିଗତ ଆକର୍ଷଣରେ ମୁଁ ବିଶ୍ୱଭାରତୀ ଆସିଥିଲି ବର୍ଷଟିଏ ନ ପୂରୁଣୁ ୨୮ ଫେବୃଆରୀ ୧୯୬୧ରେ ସେ ରେଭେନ୍‌ସା କଲେଜକୁ ଫେରିଗଲେ । ବିଭାଗରେ ଦ୍ୱିତୀୟ କେହି ନଥିଲେ । ଏମ.ଏ.ପାସ କରିବା ସଙ୍ଗେସଙ୍ଗେ ରାଘବାନନ୍ଦ ନାୟକଙ୍କୁ ନିଯୁକ୍ତ କରାଇଲି । ଏପ୍ରିଲରେ ସାର୍ ରହୁଥିବା ଓଡ଼ିଶା ସରକାରଙ୍କ ଦାନରେ ନିର୍ମିତ ରତନପଲ୍ଲୀ କ୍ୱାର୍ଟର୍ସରେ ପୂର୍ବପଲ୍ଲୀ ଘରୁ ଆସି ବସାବାନ୍ଧିଲି । ଜୁଲାଇ ମାସରେ ଦେବୀବାବୁ ଓ ସୁଲକ୍ଷଣା ଦେବୀ ଆମେରିକାରୁ ଫେରି ମୋ ବସାରେ ଉଠିଲେ । ୧୨-୭-୧୯୬୧ରେ ଦେବୀବାବୁଙ୍କୁ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି. ଲାଭ ଲାଗି ଅନ୍ନଦାବାବୁଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଜଣାଇଲୁଁ । ଦେବୀବାବୁ 'ଉତ୍ତରାୟଣ'

ପଶ୍ଚିମପଟରେ ଶ୍ରୀପଲ୍ଲୀ କ୍ୱାଟର୍ସ୍ ପାଇ ରହିଲେ । ଦେବୀବାବୁଙ୍କ ସରସ ବ୍ୟକ୍ତିତ୍ୱ, ପ୍ରସାରିତ ଦୃଷ୍ଟି ନୂତନ ଜୀବନ ସଞ୍ଚାର କଲା । ଅଗଷ୍ଟ ମାସରେ ରବୀନ୍ଦ୍ର ଶତବାର୍ଷିକୀରେ 'ରବୀନ୍ଦ୍ରନାଥ ଓ ଭାରତୀୟ ସାହିତ୍ୟ' ସପ୍ତାହ ବ୍ୟାପୀ ସମ୍ମିଳନୀରେ କାଳିନ୍ଦୀ ବାବୁ, ଗୋପୀବାବୁ ଓ ସାର୍ (କୁଞ୍ଜବାବୁ) ଯୋଗଦେଇଥିଲେ । ସାହିତ୍ୟିକମାନଙ୍କୁ ଓଡ଼ିଆ ସାହିତ୍ୟ ପରିଷଦରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗୋଟିଏ ଅଧିବେଶନରେ ଅନ୍ନଦାବାବୁଙ୍କ ସଭାପତିତ୍ୱରେ କାଳିନ୍ଦୀ ବାବୁ, ଗୋପୀବାବୁ ପ୍ରବନ୍ଧ ପାଠ କଲେ । କୁଞ୍ଜବାବୁ 'ଲୋକସାହିତ୍ୟ' ପ୍ରବନ୍ଧ ପଢ଼ିଲେ । ଏହି ସମସ୍ତ ପ୍ରବନ୍ଧ, ଆଉ କେତୋଟି ଅନ୍ୟ ଲେଖା ଓ ଅନୁବାଦ ଦେଇ 'ରବୀନ୍ଦ୍ର ସ୍ମରଣିକା' ପ୍ରକାଶ ପାଇଥିଲା । ସରକାରୀ ଚାକିରି ଛାଡ଼ି ଆସି ଖଗେଶ୍ୱର ବାବୁ ୧୯୬୨ରେ ଯୋଗଦେଲେ । ୩୧-୬-୧୯୬୨ରେ 'ବକୁଳ ବିଥୀ'ରେ ତାଙ୍କୁ ମୋ' ସଭାପତିତ୍ୱରେ ସମ୍ବର୍ଦ୍ଧନା କରାଯାଇଥିଲା । ଦେବୀବାବୁ ବହୁସମୟରେ ବାହାରକୁ ଯାଉଥିଲେ । ଖଗେଶ୍ୱରବାବୁ ଆସିବା ପରେ ବିଭାଗ କାର୍ଯ୍ୟର ଚାପ ମୋ ଉପରୁ କମିଲା । ମୁଁ ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟସ୍ କମିଶନର ଫେଲୋସିପ୍ ପାଇ ୧୯-୧୨-୧୯୬୩ରେ ବିଭାଗରୁ ଗୋଟିଏ ବର୍ଷ ଛୁଟିରେ ଥାଇ 'ଆଧୁନିକ କାବ୍ୟଧାରା: ନବଜାଗରଣ ଯୁଗ' ରଚନାରେ ଲାଗିଲି । କୁଞ୍ଜବାବୁଙ୍କ ସ୍ଥାନରେ ପ୍ରବୀଣ ଅଧ୍ୟାପକ ଶ୍ରୀନିବାସ ମିଶ୍ର ଆସିଲେ । ଅବଶ୍ୟ ସେ ଲିଅନ ରଖି ଆସିଥିଲେ । ୩-୯-୧୯୬୪ରେ ଦେବୀବାବୁ ବିଭାଗରୁ ବିଦାୟ ଘେନି ପୁନା ଗଲେ । ତାଙ୍କ ସ୍ଥାନରେ କୃଷ୍ଣଚରଣ ସାହୁ ଆସି ଓଡ଼ିଆ ବିଭାଗର ମୁଖ୍ୟଭାବରେ ଯୋଗଦେଲେ । ୧-୮-୧୯୬୬ରେ ଶ୍ରୀନିବାସବାବୁ ରିଡ଼ାର ହେଲେ । କୃଷ୍ଣବାବୁ ପୁଣି ତାଙ୍କର ପୂର୍ବ କର୍ମସ୍ଥଳ ରାଞ୍ଚି ବିଶ୍ୱବିଦ୍ୟାଳୟକୁ ଫେରିଗଲେ । ୧୯୭୦ ଡିସେମ୍ବର ମାସରେ ମୁଁ ରିଡ଼ାର ଓ ବିଭାଗ ମୁଖ୍ୟ ଦାୟିତ୍ୱ ନେଲି ଓ ୧୯୭୮ ଏପ୍ରିଲରେ ଖଗେଶ୍ୱର ବାବୁ ପ୍ରଫେସର ହୋଇ ମୋତେ ବିଭାଗୀୟ ଦାୟିତ୍ୱରୁ ମୁକ୍ତ କଲେ । ଜଣେ ପୁରାତନ ବନ୍ଧୁ, ବିଶ୍ୱଭାରତୀର ସମସ୍ୟା ବିଷୟରେ ସଚେତନ, ଜଣେ ବିଚକ୍ଷଣ ସଂଗଠକ, ବିଦଗ୍ଧ, ସ୍ୱାଭିମାନୀ ଓଡ଼ିଆ ପ୍ରେମୀଙ୍କ ହାତରେ ବିଭାଗର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉଲ୍ଲସିତ ହେଲି ।

ବିଶ୍ୱଭାରତୀରେ ଓଡ଼ିଆ ପ୍ରଫେସର ପଦ ସୃଷ୍ଟି ବହୁଦିନର ସ୍ୱପ୍ନ । କଲିକତା ପରେ ଏଇଠାରେ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମ ଓଡ଼ିଆ ବିଭାଗ କାର୍ଯ୍ୟ କରିଥିଲା । ୯-୬-୧୯୬୪ରେ ମୋ ଦିନଲିପିରେ ଲେଖିଥିଲି- ଗତ ୧୩ବର୍ଷ ଧରି ଏକ କ୍ଷୁଦ୍ର

ବିଶ୍ୱବିଦ୍ୟାଳୟରେ କ୍ଷୁଦ୍ରତମ ବିଭାଗ ରୂପେ ଓଡ଼ିଆ ବିଭାଗ ବଡ଼ ନିଉଛଣାଭାବରେ ରହିଆସିଛି । ବିଭାଗର ମର୍ଯ୍ୟାଦା ଓ ଓଡ଼ିଆର ପ୍ରତିଷ୍ଠା ଲାଗି ଏ ବିଭାଗରେ ଜଣେ ପ୍ରଫେସର ନିଯୁକ୍ତ ହେବା ଦରକାର । ସେଇଦିନ ନେହରୁ ଶ୍ରାଦ୍ଧ ବିଶେଷାଙ୍କ 'ସମାଜ'ରେ ମୋର "ବିଶ୍ୱଭାରତୀ ଓଡ଼ିଆ ବିଭାଗର ବିକାଶ ଯୋଜନା" ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ସେଇବର୍ଷ 'ସମାଜ' ବାର୍ଷିକ ସଂଖ୍ୟାରେ "ଓଡ଼ିଆରେ ଉଚ୍ଚତର ଗବେଷଣା ସଂସ୍ଥା" ପ୍ରସଙ୍ଗରେ ପ୍ରବନ୍ଧ ଲେଖିଥିଲି । ତାକୁ ପଢ଼ି ସାର୍ (କୁଞ୍ଜବାବୁ) ଲେଖିଥିଲେ 'ଗୋପବନ୍ଧୁ ଶ୍ରାଦ୍ଧସଂଖ୍ୟାରେ ତୁମ ପ୍ରବନ୍ଧଟି ପଢ଼ି ଖୁସି ହେଲି । ... ଓଡ଼ିଆଙ୍କୁ ଓଡ଼ିଆ କରିବା ଲାଗି ଏପରି କେତେକ ପ୍ରବନ୍ଧ ଦରକାର । ... ଆତ୍ମଗ୍ଲାନି ମଧ୍ୟରେ ଜାତି ମରିମରି ଯାଉଛି । ସାହିତ୍ୟ ଜରିଆରେ ବିଶ୍ୱଜନୀନ ଭାବ ସଙ୍ଗେ ଜାତି-ପ୍ରୀତି, ସାହିତ୍ୟ ପ୍ରୀତି ଜାଗ୍ରତ କରି ରଖିବାକୁ ହେବ" । କଟକ ୧୭-୭-୧୯୬୪ : ଏଇ ଚିଠିରେ କେବଳ ଗ୍ରାହକତା ନଥିଲା, ଥିଲା ଆନ୍ତରିକ ଭାବେ କାର୍ଯ୍ୟ ସାଧନ ପାଇଁ ଆକୁଳତା । ସେ ୩୦-୮-୧୯୬୪ରେ ଶାନ୍ତିନିକେତନ ଆସିଥିଲେ ବିଶ୍ୱଭାରତୀରେ ଗୋପବନ୍ଧୁ ଚେୟାର ଖୋଲିବା ପାଇଁ 'ସମାଜ'ର ପୃଷ୍ଠପୋଷକତାର ଅଙ୍ଗୀକାର ଘେନି । ଏଇ ପ୍ରସଙ୍ଗରେ ସାର୍ ଗୋଟିଏ ଆବେଦନ ପତ୍ର ଉପାଚାର୍ଯ୍ୟଙ୍କୁ ଦେଇ ବିଶ୍ୱଭାରତୀରେ ଓଡ଼ିଆ ପ୍ରଫେସର ପଦର ଆଶୁ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ । କିନ୍ତୁ କିଛି ଆଗ୍ରହ ବିଶ୍ୱଭାରତୀରୁ ପ୍ରକାଶ ପାଇ ନଥିଲା । ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ 'ସତ୍ୟବାଦୀ ଚେୟାର' ପାଇଁ 'ସମାଜ' ଆଂଶିକ ଆର୍ଥିକ ପୃଷ୍ଠପୋଷକତା କରିଥିଲେ । ଆମେମାନେ କେବେ ଉଦ୍ୟମରୁ ବିରତ ହୋଇନଥିଲୁ, ଦେବୀବାବୁ ବିଶ୍ୱଭାରତୀ ଛାଡ଼ି ଯାଇଥିଲେ ବି ବରାବର ଉତ୍ସାହ ଦେଉଥିଲେ । ୮-୪-୧୯୭୧ରେ ମହୀଶୂରରୁ ସେ ମୋତେ ଲେଖିଥିଲେ- "ଶରତ କର ଓଡ଼ିଶାର ଶିକ୍ଷାମନ୍ତ୍ରୀ- କରଭାଇମାନେ ଓଡ଼ିଆ ସାହିତ୍ୟ ଅନୁରାଗୀ । ଆପଣ ତାଙ୍କୁ ଚିଠି ଲେଖନ୍ତୁ- ବର୍ଷକୁ ୧୫ ହଜାର ଟଙ୍କା ଦେବା ଓଡ଼ିଶା ସରକାର ପକ୍ଷରେ ଏମିତି କିଛି ବଡ଼କଥା ନୁହେଁ- ସେତିକି ଦେଲେ ସେଠି ଗୋଟିଏ ପ୍ରଫେସର ପଦ ଖୋଲାଯାଇ ପାରିବ ।

ଏ ଭିତରେ ଇଉନିୟନ ପବ୍ଲିକ ସର୍ଭିସ କମିଶନ ମୋ ଚାକିରିକୁ ମଞ୍ଜୁରୀ ଦେଇଛନ୍ତି- ଯା ଫଳରେ ନିୟମିତ ଭାବେ (ଅସ୍ଥାୟୀ ହେଲେବି) କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟରେ ମୋ ଚାକିରି ସାମିଲ ହୋଇଗଲା । ସମୟ ହେଲେ ଚିଠି ଲେଖିବେ -

ବିଭାଗର ସମସ୍ତଙ୍କୁ ମୋର ଶୁଭେଚ୍ଛା ଦେବେ । ଆପଣ ସପରିବାର ଆମର ପ୍ରୀତି ନମସ୍କାର ଜାଣିବେ । ଇତି ।

ଆପଣଙ୍କର

ଦେବୀପ୍ରସନ୍ନ

ମୁଁ କିନ୍ତୁ କେନ୍ଦ୍ର ସରକାରଙ୍କ ଅର୍ଥରେ ପ୍ରଫେସର ପଦ ସୃଷ୍ଟି ଚାହୁଁଥିଲି । ଶିକ୍ଷାସମିତିରେ ମୁଁ ସଭ୍ୟ ହେଲି । ଇମାରଜେନ୍‌ସି ସମୟରେ ସ୍ୱଳ୍ପ ସଂଖ୍ୟକ ସଭ୍ୟଙ୍କୁ ଘେନି ଗଢ଼ାଇଯାଇଥିବା ଶିକ୍ଷାସମିତିରେ ମଧ୍ୟ ସଭ୍ୟ ଥିଲି । ମୋ ପ୍ରସ୍ତାବର ବିରୋଧ କରି ଅନ୍ୟ ସବୁ ଭାରତୀୟ ଭାଷାରେ ବିଭାଗ ଖୋଲିବାକୁ ପ୍ରସ୍ତାବ ହେଲା । ଉପାଚାର୍ଯ୍ୟ ପ୍ରତୁଲଗୁପ୍ତ ମୋତେ ସମର୍ଥନ କରି ଯୁକ୍ତିକଲେ- "ଓଡ଼ିଶା ସରକାରଙ୍କ ଭଳି ଯେଉଁ ସରକାର ପ୍ରାଥମିକ ସାହାଯ୍ୟ ଦେବେ, ସେ ଭାଷାରେ ଅଧ୍ୟାପକ ପଦ ସୃଷ୍ଟି କରାଯିବ । ମାତ୍ର ଓଡ଼ିଆ ବିଭାଗ ପୁରୁଣା ବିଭାଗ । ଏଠି ସ୍ନାତକୋତ୍ତର ଚାଲିଛି । ସେଠାରେ ଅଳ୍ପ ସଂଖ୍ୟକ ଅଧ୍ୟାପକ କିପରି ପରିଶ୍ରମ କରି ବିଭାଗ ଚଳାଉଛନ୍ତି ମୁଁ ନିଜେ ପ୍ରତ୍ୟକ୍ଷ କରିଛି । ତେଣୁ ସେଠି ଅଧିକ ଅଧ୍ୟାପକ ନିଯୁକ୍ତ ହେବା ଆବଶ୍ୟକ ।" ଏଇ ଭାବରେ ଓଡ଼ିଆ ବିଭାଗରେ ଗୋଟିଏ ଲେକ୍‌ଚରର ଓ ପ୍ରଫେସର ପଦ ସୃଷ୍ଟି ପାଇଁ ପ୍ରସ୍ତାବ ଗୃହୀତ ହେଲା । ପ୍ରଫେସର ପଦର ବିଜ୍ଞାପନ ଦେଖି ଖଗେଶ୍ୱରବାବୁ ଦିଲ୍ଲୀରୁ ୧୨.୯.୭୭ରେ ଲେଖିଥିଲେ-

ପ୍ରିୟ ନରେନ୍ଦ୍ରବାବୁ,

ବଧାଇ ଆପଣଙ୍କୁ । ଏତେ ଦିନକେ ଆପଣ ଓଡ଼ିଆଙ୍କ ମାନ ସମ୍ମାନ ସେଠି ରକ୍ଷାକଲେ । ମୁଁ ତ Professor of Oriya ବିଜ୍ଞାପନ ଦେଖି ଚମକି ପଡ଼ିଲି । Reader ପଦଟି ଖୋଲିବା ପାଇଁ ସେ ଦିନ କେତେ କଷ୍ଟ ପଡ଼ିନଥିଲା । ସେ ତୁଳନାରେ ପ୍ରଫେସର ପଦ ପାଇଁ କେତେ ଯେ ଅଧିକ କାଠଗଡ଼ ପୋଡ଼ିବାକୁ ପଡ଼ିଥିବ, ସେଇକଥା ବିଚାରି ବଧାଇ ଜଣାଇବାକୁ ବେଗ ପାଇଛି । ଛାତ୍ରସଂଖ୍ୟା ତ କ୍ରମଶଃ ବଢୁଛି । ପ୍ରଫେସର ପଦ ହୋଇଗଲେ ଆଉ କଥା ନାହିଁ- ଯଥାର୍ଥରେ ସେଠି Oriya Studiesର ଏକ Viable centre ପ୍ରତିଷ୍ଠା ପାଇବ । ... ଆପଣଙ୍କୁ ପିଲାଙ୍କ ପାଇଁ ଗୁଡ଼ାଏ ଭୋଗିବାକୁ ପଡ଼ିଲା । ଭଗବାନ ସେମାନଙ୍କୁ ଭଲରେ ରଖନ୍ତୁ । ... ମୋ କଥା କଣ ଲେଖିବି । ଜାଣୁଥିବେତ ଦିଲ୍ଲୀକା ଲଡୁ ଖାଇଛି । ନମସ୍କାର ।

ଖଗେଶ୍ୱର

(47, Tagorpada, New Delhi-9)

ବିଶ୍ୱଭାରତୀ ଓଡ଼ିଆ ବିଭାଗ ଛାଡ଼ିଯାଇଥିବା ଯେଉଁ ସବୁ ତରୁଣ ଅଧ୍ୟାପକଙ୍କ ଶ୍ରମ ଓ ସାଧନା ବଳରେ ସେ ସମୟରେ ବିଶ୍ୱଭାରତୀର ସୁନାମ ବଢ଼ିଥିଲା- ସେମାନଙ୍କ ମଧ୍ୟରେ ଥିଲେ ଗଗନେନ୍ଦ୍ର ନାଥ ଦାଶ ଓ ଡ. ବନମାଳୀ ରଥ । ଗଗନ ବହୁପାଠୀ ଓ ବୌଦ୍ଧିକ ସ୍ତରରେ ଉଚ୍ଚ ସୋପାନକୁ ଉଠିବା ପାଇଁ କଠୋର ପରିଶ୍ରମ କରିଥିଲେ । ସକାଳ ଆଠଟାରେ ବିଭାଗକୁ ଆସି ଦି'ପ୍ରହରେ ସାମାନ୍ୟ ଜଳଯୋଗ କରି ସନ୍ଧ୍ୟା ପାଞ୍ଚଟାରେ ଘରକୁ ଫେରୁଥିଲେ । ଜର୍ମାନ ବିଶ୍ୱବିଦ୍ୟାଳୟ ପ୍ରୋଜେକ୍ଟରେ ତାଙ୍କର କାର୍ଯ୍ୟ ଉଚ୍ଚ ପ୍ରଶଂସିତ ହୋଇଥିଲା । ଛାତ୍ରମାନଙ୍କୁ ବିହିତ ନମ୍ବର ଦେଉଥିଲେ । ଛାତ୍ରଙ୍କ ଅଭିଯୋଗ ମୁଁ ଶୁଣି ଶୁଣୁ ନଥିଲି । ଏଠି ସଳ୍ପକାଳ ରହଣୀ ଭିତରେ ଡ.ରଥ ବିଭାଗର ହିସାବ ରକ୍ଷକ ଓ ଭ୍ରମଣ ବଣଭୋଜି ଆଦିର ସଂଗଠକ ଥିଲେ । ବହୁ ପରିଶ୍ରମ କରି ସେ ଅତି ମନୋଜ୍ଞ ଭାଷାରେ ଓଡ଼ିଆରେ ସଂସ୍କୃତ ଅଳଙ୍କାର ଗ୍ରନ୍ଥ ଲେଖିଥିଲେ ।

ସାମୟିକ ଭାବରେ ଯେଉଁମାନେ ଅଧ୍ୟାପକ ହୋଇ ଆସିଥିଲେ, ସେମାନଙ୍କ ତ୍ୟାଗ ଓ ସେବାରେହିଁ ବିଭାଗ ସମୃଦ୍ଧ ହୋଇଅଛି । କେହି ସ୍ଥାୟୀ ଅଧ୍ୟାପକ ଦୀର୍ଘଦିନ ପାଇଁ ଛୁଟିରେ ଗଲେ, କୌଣସି ପଦ ଖାଲି ରହିଲେ ତାଙ୍କ ସ୍ଥାନରେ ୩ ମାସ ବା ୬ ମାସ ପାଇଁ ନିଯୁକ୍ତି ଦିଆଯାଉଥିଲା । ଫଳରେ ଅଧିକ ଅଧ୍ୟାପକ ପଦ ସୃଷ୍ଟି ପାଇଁ ଦାବି କରି ହେଉଥିଲା । ଏହାର ବ୍ୟତିକ୍ରମ ଦୁଇଥର ଘଟିଥିଲା- ଥରେ ଶ୍ରୀନିବାସ ବାବୁ ଓ ଥରେ ମୁଁ ଶେଷ ଦୁଇବର୍ଷ ବିଭାଗ- ମୁଖ୍ୟ ହେବା ବେଳେ । ଏଥିପାଇଁ ମୁଁ ବଡ଼ ବ୍ୟଥିତ ହୋଇଥିଲି । ବିଭାଗକୁ ମଧ୍ୟ ମୂଲ୍ୟଦେବାକୁ ହୋଇଛି । ସ୍ଥାୟୀ ଅଧ୍ୟାପକ ସ୍ଥାନ ଅନ୍ୟ ବିଭାଗକୁ ସ୍ଥାନାନ୍ତରିତ ହୋଇଛି ଓ ନୂତନ ପଦ ସୃଷ୍ଟି ସମ୍ଭବ ହୋଇନାହିଁ । ଆଜିକାଲି ଉନ୍ନତ ସାହିତ୍ୟ ବିଭାଗର ବହୁ ବିଶେଷ-ପତ୍ର ଅଧ୍ୟୟନର ସୁଯୋଗ ଛାତ୍ରମାନଙ୍କୁ ଦିଆଯାଉଛି । ଏଥିଲାଗି ଅନ୍ତତଃ ଦଶଜଣ ଅଧ୍ୟାପକ ଗୋଟିଏ ସ୍ନାନକୋତ୍ତର ବିଭାଗରେ ରହିବା ବାଞ୍ଛନୀୟ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆୟୋଗଙ୍କ ଏହି ନୀତି ଅନୁସାରେ ଓଡ଼ିଆ ବିଭାଗର ସର୍ବନିମ୍ନ ସଂଖ୍ୟକ ଅଧ୍ୟାପକ ନାହାନ୍ତି । ଅଧ୍ୟାପନା ଓ ଗବେଷଣା ଆୟାସ ଖଣ୍ଡିତ ହେଉଛି ।

ବିଶ୍ୱଭାରତୀରେ ଦୀର୍ଘଦିନ ରହଣୀ ମୋ ଜୀବନରେ ପରମ ସୌଭାଗ୍ୟ । ମାତ୍ର ଏଠି ରହି ଯାହା କରିପାରିଛି ସେଥିରେ ମୁଁ ଆଦୌ ଆତ୍ମସନ୍ତୋଷ ଲାଭ କରିପାରିନାହିଁ । ପ୍ରଥମତଃ ମୋର ଗବେଷଣା ନିବନ୍ଧଟି ମୂଳରେ ଯେଉଁ ପରିକଳ୍ପନା

ଥିଲା- ତାହା ଏବେ ବି ଅପୂର୍ଣ୍ଣ । ସେ କାଳରେ ଗବେଷଣା ଅଧ୍ୟାପକମାନେ ସାମୟିକ ଅବସରରେ କରୁଥିଲେ । ମାତ୍ର ଏକକ ଭାବରେ ମୁଁ କେବଳ ଗବେଷଣା କାର୍ଯ୍ୟ କରିଥିଲି । ସେଥିପାଇଁ ମୋ ଗବେଷଣା ପୁସ୍ତକରେ ହୁଏତ କିଛି ବିଶେଷତା ରକ୍ଷା କରିବା ସମ୍ଭବ ହୋଇଥିଲା । 'ଆଧୁନିକ ଓଡ଼ିଆ କାବ୍ୟଧାରା : ଅଦିଯୁଗ' ପୁସ୍ତକ ପାଠକରି କଲିକତା ବିଶ୍ୱବିଦ୍ୟାଳୟର ବଙ୍ଗଳା ପ୍ରଫେସର ବିଜନ ବିହାରୀ ଭଟ୍ଟାଚାର୍ଯ୍ୟ ଲେଖିଥିଲେ-

"Adhunik Odia Kabyadhara" was sent to me by the Director of press and publicity Visva-Bharati, some time ago. I am going through the book with keen interest and great pleasure... The first five chapters give an excellent background both social and political to the history of the modern Oriya poetry. You have a mass of materials at your disposal and I must congratulate you on the manner in which you have utilized the same.

I have no doubt that your book will have the recognition which it highly deserves and will be considered as a distinct contribution to the history of the Oriya literature in particular and the Indian literature in general. Thanking you again.

Yours sincerely.
Bijanbihari Bhattacharya,
Calcutta
24.8-1965

କବି ସଚ୍ଚି ରାଉତରାୟଙ୍କ ସଂପାଦିତ 'ଦିଗନ୍ତ' ପତ୍ରିକାରେ ବହିଟିକୁ 'ସୁବିନ୍ୟସ୍ତ ଭାଷାର ଉପାଦାନରେ ଗଠିତ ବିଷାଦବିଧୁର, ଆନନ୍ଦଉଜ୍ଜ୍ୱଳ, ଆହରଣପୁଷ୍ଟ, ଆବେଦନରେ ଚିରନ୍ତନ, ଆକର୍ଷଣରେ ନତ୍ୟନୂତନ ଆଧୁନିକ ଉତ୍କଳର କାବ୍ୟ ଆତ୍ମାର ଜୀବନ୍ତ ବିଗ୍ରହ' ରୂପେ ବର୍ଣ୍ଣନା କରାଯାଇଛି । ନିର୍ଦ୍ଦେଶକ କୁଞ୍ଜବିହାରୀ ଦାଶ ଲେଖିଛନ୍ତି- "ଏହର ଉପାଦାନ ମୌଳିକ ବା ପ୍ରତ୍ୟକ୍ଷ ନୁହେଁ, ଅପ୍ରତ୍ୟକ୍ଷ, ପରପ୍ରସାଦ ଗୃହୀତ' ।

ଆଲୋଚକର ଏଇ ସ୍ୱୀକୃତି ଅନୁସନ୍ଧାନକାରୀର ସାହସିକତା ଓ ଉଦାର ଦୃଷ୍ଟିକୋଣର ପ୍ରତୀକ ହେଲେ ହେଁ 'ଆଧୁନିକ ଓଡ଼ିଆ କାବ୍ୟଧାରା' ବହୁ ପ୍ରବନ୍ଧର ଏକ ସୂଚିପତ୍ର ନୁହେଁ, ଏହା ବହୁଧାରାରେ ଆତ୍ମଧାରା ଏକ ବିପୁଳ ଯୋଗ । xx ତଥ୍ୟ ଆହରଣ ସଙ୍ଗେସଙ୍ଗେ ପରିବେଷଣର ସେ ଅଧିକ କୌଶଳ ପ୍ରଦର୍ଶନ କରିଅଛନ୍ତି । xx ଆମୂଳାନ୍ତ ଭାଷାର ସ୍ତର ଓ ଆଲୋଚନାର ଭାରସାମ୍ୟ ସୁରକ୍ଷିତ । ମନନର ମୁଦ୍ରା ପ୍ରାୟ ପ୍ରତ୍ୟେକ ପୃଷ୍ଠାରେ ଅଙ୍କିତ ।"

ମୋର ଦୁଃଖ ମୁଁ ଅଧ୍ୟାପକ ଥିବା ସମୟରେ ମୋର ସମସ୍ତ ଓଡ଼ିଆ, ଇଂରାଜୀ ରଚନାର ସଂକଳିତ ସଂଗ୍ରହ ଗ୍ରନ୍ଥାକାରରେ ପ୍ରକାଶ କରିପାରିନାହିଁ । ମୁଁ ସାମାନ୍ୟ ମନୋଯୋଗୀ ହୋଇଥିଲେ ମୋର ସର୍ଜନାତ୍ମକ ତଥା ରଚନାତ୍ମକ ଲେଖା ସବୁ ବିଶିଷ୍ଟ ଓଡ଼ିଆ ପ୍ରକାଶକମାନଙ୍କ ଦ୍ୱାରା ପ୍ରକାଶ କରାଇ ପାରିଥାନ୍ତି । ଏବେ ଓଡ଼ିଆ ରଚନା ସବୁ ପତ୍ରପତ୍ରିକା ପୃଷ୍ଠାରେ ବିକ୍ଷିପ୍ତ ହୋଇପଡ଼ିଛି । କବିତା, ଗଳ୍ପ ଓ ଭ୍ରମଣାଲେଖ୍ୟ ବିଭିନ୍ନ ସମୟରେ ପତ୍ରିକା ଓ ସଞ୍ଚୟନରେ ସ୍ଥାନିତ ହୋଇଥିବାରୁ ମୋର ଲେଖକୀୟ ସ୍ଥିତି ବୃହତ୍ତର ପାଠକ ସମାଜରେ ଅପରିଚିତ ହୋଇରହିଛି । ଆଧୁନିକ ସାହିତ୍ୟର ଗବେଷଣା ପାଇଁ ବହୁ ବିଶିଷ୍ଟ ଲୋକଙ୍କର ଚିଠିପତ୍ର, ଦିନଲିପି, ପାଣ୍ଡୁଲିପି ଆଦି ମୌଳିକ ଉପାଦାନର ଯଥାର୍ଥ ବିନିଯୋଗ କରାଯାଇ ପାରିନାହିଁ । ଏଇ ଦୃଷ୍ଟିରୁ ସାଂସ୍କୃତିକ ଜଗତକୁ ଦାନ ମୁଁ ଦେଇ ପାରିନାହିଁ ।

ପ୍ରବାସରେ ଏକ ବିଶ୍ୱବିଦ୍ୟାୟତନର କ୍ଷୁଦ୍ର ଗଣ୍ଡି ମଧ୍ୟରେ ନିଜକୁ ବନ୍ଦୀ କରି ରଖିଥିବାରୁ ଲୋକ ଚରିତ୍ର ଅଧ୍ୟୟନ ଓ ବୃହତ୍ତର ସମାଜରେ ନିଜକୁ ଖାପଖୁଆଇ ଚଳିବାର ଯୋଗ୍ୟତା ମୁଁ ହରାଇ ବସିଥିବାରୁ ମୋର ପରିବାର ଅନିଶ୍ଚୟତା ମଧ୍ୟରେ ଦିଶାହରା ହୋଇପଡ଼ିଛନ୍ତି । ସାଧାରଣ ସଂସାରୀ ଦୃଷ୍ଟିରେ ମୁଁ ଏକାନ୍ତ ନିର୍ବୋଧ ଓ ଅପଟୁ ବିବେଚିତ ହୋଇଛି ।

ମୋର ପରମ ସୁଖ ବିଶ୍ୱଭାରତୀରେ ମୋର କର୍ମଜୀବନରେ ମୁଁ ସଂପଦ-ବିପଦ, ଲାଭ-କ୍ଷତି, ନିନ୍ଦା ଓ ଅପମାନକୁ ଭ୍ରୂକ୍ଷେପ ନକରି ଯଥାସମ୍ଭବ ଅନାସକ୍ତ ଓ ନିର୍ଲିପ୍ତ ଭାବରେ ମୋର କର୍ତ୍ତବ୍ୟ ସାଧନ ପାଇଁ ପ୍ରୟାସ କରିଛି । ବ୍ୟକ୍ତିବିଶେଷ ପାଇଁ ଅନୁଷ୍ଠାନର ଆଦର୍ଶ କ୍ଷୁଣ୍ଣ କରିନାହିଁ । ମୋର ଜଣେ ଅତ୍ୟନ୍ତ ଘନିଷ୍ଠ ବନ୍ଧୁ ମୋତେ ଥରେ ପରାମର୍ଶ ଦେଇ ଲେଖିଥିଲେ 'କାହାର ଉପକାର କରିବାକୁ ଯଦି Out of the way କିଛି କରିବାକୁ ପଡ଼େ ତାହା ଦୋଷ ନୁହେଁ ।' ଗୁଢ଼ ଭାବରେ ତାଙ୍କ ପରାମର୍ଶ

ନ ମାନି ଲେଖିଥିଲି- 'ଯେଉଁଠି ନୀତି ଓ କର୍ତ୍ତବ୍ୟର ପ୍ରଶ୍ନ-ସେଠି ମମତାର ସ୍ଥାନ ଗୌଣ; ସବା ଉପରେ ନିର୍ଲିପ୍ତତାର ସ୍ଥାନ ।' ତରୁଣ ଓ ନବୀନଙ୍କ ହାତରେ ଭବିଷ୍ୟତରେ ସ୍ୱର୍ଣ୍ଣକମ୍ପ ମୋର ସ୍ମୃତି ଓ ପ୍ରତୀତି ସେଥିରେ ଯଦି କଣାଟିଏ ସଂପଦ ଭରିଦେଇପାରେ ଓ ଅର୍ଦ୍ଧଶତ ବର୍ଷ ପରେ ବି ଆମର ପ୍ରତିଷ୍ଠାନ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଏ, ତାହା ହିଁ ହେବ ପରମ ସାର୍ଥକତା । ମୋର ଗୁଣମୁଗ୍ଧ ବିଶ୍ୱଭାରତୀ ଓଡ଼ିଆ ବିଭାଗର ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀବୃନ୍ଦ ଷଷ୍ଟିପୂର୍ତ୍ତି ଅଭିନନ୍ଦନ ପତ୍ରରେ ଲେଖିଛନ୍ତି- "ବିଶ୍ୱଭାରତୀ ଓଡ଼ିଆ ବିଭାଗର ଦୀର୍ଘ ଇତିହାସ ସହିତ ଆପଣଙ୍କର ଜୀବନବ୍ୟାପୀ ନିରବଛିନ୍ନ ସାରସ୍ୱତ ସାଧନା, ଅଧ୍ୟୟନ ଓ ଅଧ୍ୟାପନାଗତ ଗଭୀର ନିଷ୍ଠା, ପ୍ରଶାସନଗତ ଦୂରଦୃଷ୍ଟି ଜଡ଼ିତ । ଏହି ବିଭାଗର ବୈଷୟିକ ଓ ଜ୍ଞାନ ଚର୍ଚ୍ଚାଗତ ବିକାଶରେ ଆପଣଙ୍କର ଦାନ ଅବିସ୍ମରଣୀୟ । ସୃଷ୍ଟି ଓ ସମୀକ୍ଷାର ଦ୍ୱୈତ ଧାରାରେ ଆପଣଙ୍କର ପ୍ରତିଭା ଋଦ୍ଧିମନ୍ତ ବ୍ୟକ୍ତିଗତ ଜୀବନରେ ସହସ୍ର ଝଡ଼-ଝଞ୍ଜା ଅତିକ୍ରମ କରି ଆପଣ ଅମ୍ଳାନ ପୁଷ୍ପ ପରି ବିକଶିତ । ନବଯୁଗର ଜଣେ ସୂକ୍ଷ୍ମଦର୍ଶୀ ସୃଜନଶୀଳ ସମାଲୋଚକ ଓ ଭାଷାଶିଳ୍ପୀଭାବେ ଓଡ଼ିଆ ସାହିତ୍ୟରେ ଆପଣଙ୍କର ଅନନ୍ୟ ପ୍ରତିଷ୍ଠା ସୁବିଦିତ ।

ଆପଣଙ୍କର ଅମାୟିକ ବ୍ୟକ୍ତିତ୍ୱ, ଛାତ୍ର ଓ ସହକର୍ମୀବତ୍ସଳତା, ଅଦମ୍ୟ କର୍ମପ୍ରେରଣା, ଗଣତାନ୍ତ୍ରିକ ମନୋଭାବ, ନିଷ୍ପକ୍ଷ ବିଚାର-ଦୃଷ୍ଟି, ଉନ୍ନତ ମାନସିକତା, ପ୍ରସନ୍ନ ଉଦାରତା ଏକ ସର୍ବକାଳୀନ ଆଦର୍ଶ ପ୍ରତିଷ୍ଠା କରିଛି ।" ଏହା କଣ ସତ୍ୟ, ନା ମୁହୂର୍ତ୍ତର ଭାବପ୍ରବଣତା ! ଏଥିରୁ ଯଦି ତିଳାର୍ଦ୍ଧ ସତ୍ୟ ବୋଲି ଭବିଷ୍ୟତ ବିଚାର କରେ, ତାହାହିଁ ହେବ ମୋ ପଥଚଲାର ଓ ପଥଶେଷର ଅମୃତପଥର ଅମୂଲ୍ୟ ପାଥେୟ ।

ଡ. ନରେନ୍ଦ୍ର ନାଥ ମିଶ୍ରଙ୍କ ଉଲ୍ଲେଖନୀୟ ରଚନାବଳୀ

ନିବନ୍ଧ ଓ ସମାଲୋଚନା :

୧. ବଳରାମ ଦାସ ଓ ଓଡ଼ିଆ ରାମାୟଣ (୧୯୫୫)
(ବିଶ୍ୱଭାରତୀ ଗବେଷଣା ପ୍ରକାଶନ)

୨. ଓଡ଼ିଆ ଜ୍ଞାନକୋଷ (୧୯୫୭), (ପ୍ରୌଢ଼ଶିକ୍ଷା ବିଭାଗ, ଓଡ଼ିଶା ସରକାର)

୩. ଶୈଳ ଓ ସୀମାନ୍ତ (୧୯୫୮), (ରାଜହଂସ, କଟକ)

୪. ଆଧୁନିକ ଓଡ଼ିଆ କାବ୍ୟଧାରା-ଆଦିଯୁଗ (୧୯୬୪)
(ବିଶ୍ୱଭାରତୀ ଗବେଷଣା ପ୍ରକାଶନ)

୫. ଆଧୁନିକ ଓଡ଼ିଆ କାବ୍ୟଧାରା-ନବଜାଗରଣ ଯୁଗ (୧୯୭୮)
(ବିଶ୍ୱଭାରତୀ ଗବେଷଣା ପ୍ରକାଶନ)

୬. ଆଧୁନିକତା ଓ ଆଧୁନିକ ସାହିତ୍ୟ (୧୯୭୨), (ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ)

୭. ଓଡ଼ିଆ ଭାଷା ଓ ସାହିତ୍ୟ ଏକ ଅଧ୍ୟୟନ (୧୯୬୮), (ଜଗନ୍ନାଥ ରଥ, କଟକ)

୮. ଆଧୁନିକ ଓଡ଼ିଆ କଥା ସାହିତ୍ୟ-ଉପନ୍ୟାସ (୧୯୮୨)
(ଓଡ଼ିଶା ସାହିତ୍ୟ ଏକାଡେମୀ)

ଭ୍ରମଣ କାହାଣୀ:

କଳାପାଣି (୧୯୮୨), (ପୁସ୍ତକ ଭଣ୍ଡାର, ବ୍ରହ୍ମପୁର)

ଜୀବନୀ :

୧. ପଣ୍ଡିତ ନୀଳକଣ୍ଠ: ଜୀବନୀ ଓ କୃତି (୧୯୮୩), (ନୀଳକଣ୍ଠ ସ୍ମୃତି ସମିତି)

୨. Makers of Indian Literature: Nilakantha Das (1998)
(Sahitya Akademi, New Delhi)

୩. ଲୋକରତ୍ନ କୁଞ୍ଜବିହାରୀ ଦାଶ- (ଓଡ଼ିଶା ସାହିତ୍ୟ ଏକାଡେମି) (୨୦୦୬)

୪. Makers of Indian Literature: Lokratna Kunja Bihari Das
(2009) (Sahitya Akademi)

ଅନୁବାଦ:

୧. ବଙ୍ଗୀୟ ଲୋକ ସଂସ୍କୃତି (୧୯୯୫) (ନ୍ୟାସନାଲ ବୁକ୍‌ଟ୍ରଷ୍ଟ, ନୂଆଦିଲ୍ଲୀ)

୨. ସାହିତ୍ୟର ସଂକଟ (୧୯୯୯), ଆର୍ଯ୍ୟ ପ୍ରକାଶନୀ, କଟକ

ସମାବର୍ତ୍ତନ ଉତ୍ସବ ଅବସରରେ ବିଶ୍ୱଭାରତୀର ଆଚାର୍ଯ୍ୟ ପ୍ରଥମ ପ୍ରଧାନମନ୍ତ୍ରୀ
ଜବାହାରଲାଲ ନେହେରୁଙ୍କ ଗହଣରେ ଅନ୍ୟମାନଙ୍କ ସହିତ ନରେନ୍ଦ୍ରନାଥ

ଫକୀରମୋହନ ସାହିତ୍ୟ ପରିଷଦର ରଜତ ଜୟନ୍ତୀ ସମାରୋହ ତା ୧୪.୦୧.୧୯୭୭ରେ
(ବାମରୁ ଡାହାଣ) ଶ୍ରୀ ଇନ୍ଦୁଭୂଷଣ କର, ଡ. କୁଞ୍ଜବିହାରୀ ଦାଶ (ମୁଖ୍ୟ ଅତିଥି),ଶ୍ରୀ ବ୍ରଜନାଥ ରଥ (ସଭାପତି)
ଡ. ହରେକୃଷ୍ଣ ମହତାବ (ଉଦ୍‌ଘାଟକ), ଡ. ନରେନ୍ଦ୍ର ନାଥ ମିଶ୍ର (ସମ୍ମାନିତ ଅତିଥି)